# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ନଭେମ୍ବର ୨୧/୨୦୧୮ (୨୦ ପୃଷ୍ଠା) Sambalpur, Wednesday, November 21/ 2018 ★★

୧୪ଶ ଭାଗ ୩୩୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





## ଆଲର୍ଜି (Allergy) ନିରୂପଣ ପରୀକ୍ଷା ବଲାଙ୍ଗୀର, ସୋନପୁର, ସୋହେଲା, ଝାରସୁଗୁଡ଼ା, ମୋଦିପଡ଼ା, ବରଗଡ଼, ରାଉରକେଲା, ସମ୍ବଲପୁର, ବୁର୍ଲା, ଦେବଗଡ଼, ସୁନ୍ଦରଗଡ଼ଠାରେ 23 ଓ 24 ନଭେମ୍ବର ଦିନ ଅଧାରୁ ବି କମ୍ ଦରରେ କରାନ୍ତୁ

NABL ACCREDITED

MC-2666
Jerath Path Labs & Allergy Testing Centre, Jalandhar

## ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ

## ଶୀଘ୍ର ଚିହ୍ନଟ ଦ୍ୱାରା ଚିକିତ୍ସା ସମ୍ଭବ

ଜେରଥ ପାଥ୍ ଲାବ୍ ଆଣ୍ଡ ଆଲର୍ଜି ଟେଷ୍ଟିଂ ସେଣ୍ଟରର କଲେକ୍ସନ୍ ସେଣ୍ଟର ବଲାଙ୍ଗୀର, ସୋନପୁର, ସୋହେଲା, ଝାରସୁଗୁଡ଼ା, ମୋଦିପଡ଼ା, ସମ୍ବଲପୁର, ବୁର୍ଲା, ଦେବଗଡ଼, ସୁନ୍ଦରଗଡ଼, ବରଗଡ଼, ରାଉରକେଲାରେ 23 ଓ 24 ନଭେମ୍ବର ଦିନ ସକାଳ ୨ରୁ ଅପରାହ୍ନ 5 ଘଟିକା ପର୍ଯ୍ୟନ୍ତ **(complete Allergy Test - Food, Skin, Inhalant)** ଆଲର୍ଜି ପରୀକ୍ଷା ଅଧାରୁ କମ୍ ରେଟ୍‌ରେ କରାଯିବ। ଆଲର୍ଜି ଏକ ଏପରି ରୋଗ, ଯାହାକୁ ଶୀଘ୍ର ଚିହ୍ନଟ କରାଗଲେ ତାହାର ଚିକିତ୍ସା ସମ୍ଭବ ହୋଇଥାଏ।

ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୫ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି । ସେ ସୂଚନା ଦେଇଛନ୍ତି ଯେ ଏହି ଟେଷ୍ଟ୍ ଏକ ବିଶେଷ ଧରଣର ମେଶିନ୍ ଦ୍ୱାରା ହୋଇଥାଏ ଯାହାକି ତାଙ୍କ ଲ୍ୟାବ୍‌ରେ ସ୍ଥାପିତ ଅଟେ ।

**ଡା.ହରପ୍ରୀତ ଥିଣ୍ଡ (ଏମ୍.ଡି.)** – ଆଲର୍ଜି ରୋଗ ହିଁ ଏମିତି, ଯାହା ରୋଗ ଭଳି ଲାଗେନାହିଁ, କିନ୍ତୁ ଥରେ ଲାଗିଗଲେ ହଇରାଣ କରିଦେଇଥାଏ । ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରର ନିଜସ୍ୱ କ୍ଷମତା ରହିଥାଏ ଏବଂ ସେହି ଅନୁଯାୟୀ ସେ ବାହ୍ୟ ବସ୍ତୁଗୁଡ଼ିକ ପ୍ରତି ତାଳମେଳ ରକ୍ଷା କରିପାରିଥାଏ, କିନ୍ତୁ ଏପରି କେତେକ ତତ୍ତ୍ୱ ଅଛି ଯାହା ସହିତ ଶରୀର ତାଳମେଳ ରକ୍ଷା କରିପାରି ନ ଥାଏ । ଏପରି ତତ୍ତ୍ୱଗୁଡ଼ିକୁ ଆଲର୍ଜେଟ୍ କୁହନ୍ତି, ଯାହା ଆଲର୍ଜିର କାରଣରେ ପରିଣତ ହୋଇଥାଏ । ଯଦି ଆପଣଙ୍କୁ ସୁଗନ୍ଧ ପସନ୍ଦ ନୁହେଁ ତେବେ ଆପଣଙ୍କୁ ଫୁଲରୁ ମଧ୍ୟ ଆଲର୍ଜି ହୋଇପାରେ । ଧୂଳିମାଟି ପସନ୍ଦ ନାହିଁ ତ ଧୂଳିମାଟି ବି ଆପଣଙ୍କ ଆଲର୍ଜିର କାରଣ ହୋଇଯାଇପାରେ। ଏପରିକି ଆପଣଙ୍କ ପୋଷାଜନ୍ତୁ ମଧ୍ୟ ଆପଣଙ୍କୁ ଆଲର୍ଜିର କଷ୍ଟ ଦେଇପାରେ । କିନ୍ତୁ ଠିକ୍ ସମୟରେ ଏହା ଚିହ୍ନଟ ହୋଇଗଲେ ଆପଣ ଏଥିରୁ ଉପଶମ ପାଇପାରିବେ।



ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୫ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି ।

**ଡା.ଅନୁପ କୁମାର ମହାଲିକ (ଏମ୍.ଡି.)** – ଆଲର୍ଜି ଚିହ୍ନଟ ଠିକ୍ ସମୟରେ ହୋଇଗଲେ ଏହାର ଚିକିତ୍ସା ସମ୍ଭବ। ସେ କୁହନ୍ତି ଯେ ଏବେ ତ ଏହାକୁ ଚିହ୍ନଟ କରିବା ବହୁତ ସରଳ ହୋଇଯାଇଛି । କେବଳ ଏକ ବ୍ଲଡ୍ ଟେଷ୍ଟରୁ ଜଣାପଡ଼ିଯାଏ ଯେ ଆଲର୍ଜିରେ ପୀଡ଼ିତ ବ୍ୟକ୍ତିଙ୍କୁ କେଉଁ କାରଣରୁ ଆଲର୍ଜି ରହିଛି । ଏହା ଜଣାପଡ଼ିବା ପରେ ଚିକିତ୍ସା ବହୁତ ସହଜ ହୋଇଯାଇଥାଏ । ଏହି ଚିକିତ୍ସା ଅଧୀନରେ ପୀଡ଼ିତ ବ୍ୟକ୍ତିଙ୍କୁ କିଛି ସମୟ ପାଇଁ ଔଷଧ ଖାଇବାକୁ ପଡ଼ିଥାଏ, ଯାହାଦ୍ୱାରା ତାଙ୍କ ଶରୀରର ରୋଗ ପ୍ରତିରୋଧକ କ୍ଷମତା ସୁଦୃଢ଼ ହୁଏ ଏବଂ ରୋଗୀଙ୍କ ଆଲର୍ଜି ସମସ୍ୟା ମଧ୍ୟ ଠିକ୍ ହୋଇଯାଏ ।

**ଡା.ରାମଚନ୍ଦ୍ର ଅଗ୍ରୱାଲ (ଏମ୍.ଡି.)** – ଆଲର୍ଜି ରୋଗୀ ଆଦୌ ଖାମଖିଆଲ ମନୋଭାବ ପ୍ରଦର୍ଶନ କରିବା ଉଚିତ ନୁହେଁ । ଏହା ଅତିରିକ୍ତ ହେୟାର୍ ଡାଏରୁ ମଧ୍ୟ ଆଲର୍ଜି ହୋଇଥାଏ । ଋତୁକାଳୀନ ଆଲର୍ଜି ମଧ୍ୟ ଅନେକ ବ୍ୟକ୍ତିଙ୍କୁ କୌଣସି ନିର୍ଦ୍ଦିଷ୍ଟ ଋତୁରେ ହଇରାଣ କରିପାରେ । ସେ କହିଛନ୍ତି କି ଯଦି ଆପଣଙ୍କୁ କୌଣସି ଆଲର୍ଜି ରହିଛି ତେବେ ତାହାର କାରଣ ଜାଣିବାର ଚେଷ୍ଟା ନିଶ୍ଚୟ କରନ୍ତୁ ତଥା ଯଥାଶୀଘ୍ର ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ ଯାହାଦ୍ୱାରା ଚିକିତ୍ସା କରାଯାଇ ଏଥିରୁ ମୁକ୍ତିଲାଭ କରାଯାଇପାରିବ।

### ଆଲର୍ଜି କ'ଣ ଆସନ୍ତୁ ଜାଣିବା

ପ୍ରତ୍ୟେକ ମନୁଷ୍ୟଙ୍କ ମଧ୍ୟରେ ସେ ମହିଳା ହୁଅନ୍ତୁ କି ପୁରୁଷ, ପ୍ରକୃତିର ବାହ୍ୟ ତତ୍ତ୍ୱଗୁଡ଼ିକୁ ସହନ କରିବାର ବିଶେଷ କ୍ଷମତା ରହିଥାଏ । ତଥାପି ଅନେକ ଥର ଯେବେ ମନୁଷ୍ୟ ଶରୀର ଉପରେ ଦୁଷ୍ପ୍ରଭାବ ପକାଉଥିବା ଏପରି ତତ୍ତ୍ୱଗୁଡ଼ିକ ଶରୀର ମଧ୍ୟକୁ ପହଞ୍ଚିବା ପାଇଁ ଚେଷ୍ଟା କରନ୍ତି, ସେତେବେଳେ ଶରୀରର ଆଭ୍ୟନ୍ତରୀଣ ତତ୍ତ୍ୱ ଚଳଚଞ୍ଚଳ ହୋଇ ସେହି ପ୍ରତିକୂଳ ତତ୍ତ୍ୱଗୁଡ଼ିକର ଶରୀର ଉପରେ ପ୍ରଭାବ ପକାଇବାର ଚେଷ୍ଟାକୁ ପ୍ରତିରୋଧ କରିଥାନ୍ତି । ଏହି ପ୍ରକ୍ରିୟା ଆଲର୍ଜି ଉତ୍ପତ୍ତିର କାରଣ ହୋଇଥାଏ।

### ଆଲର୍ଜିର ଲକ୍ଷଣ

*ଶରୀରରେ କୁଣ୍ଡିଆ *ଚର୍ମ ନାଲି ପଡ଼ିବା *ନାଲି ଦାନା ଦେଖାଦେବା
*ଶରୀରର ଦାନା ଥିବା ଜାଗା ଫୁଲିଯିବା।
*ଆଲର୍ଜି ହେବା କାରଣରୁ 'ଏକ୍‌ଜିମା' ନାମକ ରୋଗ ମଧ୍ୟ ହୋଇଯାଇଥାଏ, ଯାହା କାରଣରୁ ଜୋର୍‌ରେ କୁଣ୍ଡେଇ ହେବା ତଥା ସେହି ଜାଗାରୁ ପାଣି ବାହାରିବା ସମସ୍ୟା ଦେଖାଦେଇଥାଏ।
*ଆଲର୍ଜି କାରଣରୁ କେତେକ ବ୍ୟକ୍ତିଙ୍କୁ ଆଜ୍‌ମା ନାମକ ରୋଗ ହୋଇଯାଏ । ଏହି ସ୍ଥିତିରେ ରୋଗୀଙ୍କୁ ଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥାଏ, ଫୁସ୍‌ଫୁସ୍ ଫୁଲିଯାଏ ଓ ଜ୍ୱଳନ ହୋଇଥାଏ । *ଛିଙ୍କ ଆସିବା, ନାକ ବନ୍ଦ ହେବା, ଥଣ୍ଡା ଲାଗି ରହିବା ।
*ଗଳାରେ ପ୍ରବଳ ଜ୍ୱଳନ ଏବଂ ପୀଡ଼ା ହେବା *ପେଟ ଯନ୍ତ୍ରଣା ହେବା
*ଚେହେରା, ଓଠ ଓ ଆଖି ଫୁଲିବା। *ବାନ୍ତି ଲାଗିବା ଏବଂ ଡାଇରିଆ
*ଖାଇବା ସମୟରେ କଷ୍ଟ ହେବା





### ଆଲର୍ଜି ହେବାର କାରଣଗୁଡ଼ିକ କ'ଣ

ଆଲର୍ଜି ଆମର ଦୈନିକ ଜୀବନରେ ଭ୍ରମଣ କରିବା ସମୟରେ ଆମର ପାରିପାର୍ଶ୍ୱିକ ପରିବେଶ/ପର୍ଯ୍ୟାବରଣର ଅନେକ କାରଣରୁ ହୋଇପାରେ ଯେପରିକି ଉଦ୍ଭିଦ, ବୃକ୍ଷ, ଧୂଳି, ମାଟି, ପୋଷାଜନ୍ତୁ, ଔଷଧ ଏବଂ ଖାଇବା ପିଇବା ସାମଗ୍ରୀ ଇତ୍ୟାଦି।

1. ଗୋଟିଏ ପରିବାରର ବିଭିନ୍ନ ସଦସ୍ୟ, ମହିଳା, ପୁରୁଷ, ଶିଶୁ କିମ୍ବା ବୃଦ୍ଧଙ୍କୁ ବିଭିନ୍ନ ବସ୍ତୁ କାରଣରୁ ଆଲର୍ଜି ହୋଇପାରେ ।
2. କେତେକ ବ୍ୟକ୍ତି ଫୁଲ ସଂସ୍ପର୍ଶରେ ଆସିଲେ ଆଲର୍ଜିରେ ପୀଡ଼ିତ ହୋଇପାରନ୍ତି।
3. କ୍ଷୀର, ଦହି, ମାଂସ, ମାଛ ସେବନ କଲେ ମଧ୍ୟ ଆଲର୍ଜି ହୋଇପାରେ।
4. ପଲିଥିନ ଏବଂ ନାଇଲନ୍ ସହିତ ମଧ୍ୟ ଆଲର୍ଜି ହୋଇପାରେ ।
5. ସୌନ୍ଦର୍ଯ୍ୟ ପ୍ରସାଧନ ପ୍ରୟୋଗ ଦ୍ୱାରା ମଧ୍ୟ ଆଲର୍ଜି ହୋଇପାରେ।

ଅନେକ ପ୍ରକାରର ଆଲର୍ଜିର ଚିକିତ୍ସା ଔଷଧରୁ ହୋଇପାରେ । ରକ୍ତ ପରୀକ୍ଷା କରିବା ଦ୍ୱାରା ଆଲର୍ଜି କେଉଁ ଧରଣର ଅଟେ, ଏହା ଜଣାପଡ଼ିଯାଏ ଏବଂ ସେହି ଅନୁରୂପ ଔଷଧ ଦିଆଯାଇ ଆଲର୍ଜିର ଚିକିତ୍ସା ସମ୍ଭବ ହୁଏ।

### ରକ୍ତ ପରୀକ୍ଷାରୁ ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ

ଆଲର୍ଜି ଏପରି ଏକ ରୋଗ ଯାହାର କାରଣ ସାଧାରଣତଃ ବୁଝାପଡ଼େ ନାହିଁ କିନ୍ତୁ ଏପରି କେତେକ ଲକ୍ଷଣ ରହିଥାଏ ଯାହା ଏହା ସୂଚାଇଦିଏ କି ଆପଣ ଆଲର୍ଜିଗ୍ରସ୍ତ ଅଟନ୍ତି। କେବଳ ଗୋଟିଏ ରକ୍ତପରୀକ୍ଷା ଆପଣଙ୍କ ସମସ୍ୟାର ସମାଧାନ କରିପାରିବ।

### ଆସନ୍ତୁ ଜାଣିବା କିପରି ପାଇବେ ଆଲର୍ଜିରୁ ଉପଶମ

ଉଦାହରଣସ୍ୱରୂପ, କୌଣସି କର୍ମଜୀବୀ ବ୍ୟକ୍ତି ନିଜ ଘରେ ସମ୍ପୂର୍ଣ୍ଣ ଠିକ୍ ରହିଥାନ୍ତି କିନ୍ତୁ ପ୍ରତିଦିନ ସେ ଯେବେ ନିଜ କାର୍ଯ୍ୟାଳୟରେ ପହଞ୍ଚନ୍ତି ତା'ପରେ ହଠାତ୍ ତାଙ୍କୁ ଛିଙ୍କ ଆରମ୍ଭ ହୋଇଯାଇଥାଏ, ଏପରି ସ୍ଥିତିରେ ସମ୍ପୃକ୍ତ ବ୍ୟକ୍ତି ତ ହଇରାଣ ହୁଅନ୍ତି ହିଁ, କିନ୍ତୁ ଏହି କାରଣରୁ ତାଙ୍କ ସହକର୍ମୀମାନେ ପ୍ରଭାବିତ ହୋଇଥାନ୍ତି । ଏପରି ସ୍ଥିତି ସେହି ବ୍ୟକ୍ତିଙ୍କଠାରେ ହୀନମନ୍ୟତା ସୃଷ୍ଟି କରିଥାଏ । ନିଜର ଏହି ରୋଗକୁ ନେଇ ସେ ଅସହାୟ ଅନୁଭବ କରନ୍ତି, ତା' ସହିତ ସହକର୍ମୀମାନଙ୍କୁ ତାଙ୍କୁ ତାଚ୍ଛଲ୍ୟ କରିବାର ବାହାନା ମଧ୍ୟ ମିଳିଯାଇଥାଏ । ଏପରି ବ୍ୟକ୍ତିଙ୍କୁ ଉକ୍ତ ସ୍ଥିତିରୁ ରକ୍ଷା ପାଇବା ପାଇଁ ଯଥାଶୀଘ୍ର ନିଜର ରକ୍ତ ଯାଞ୍ଚ କରାଇନେବା ଉଚିତ ଯାହାଦ୍ୱାରା ତାଙ୍କ ଆଲର୍ଜିର କାରଣ ଜଣାପଡ଼ିଯିବ ଏବଂ ତାଙ୍କର ଚିକିତ୍ସା ସମ୍ଭବ ହୋଇପାରିବ।

ସେହିଭଳି ଏପରି କୌଣସି ବ୍ୟକ୍ତି ଯିଏ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି ଏବଂ ଅଳ୍ପଟିକେ ଚଲାବୁଲା କଲେ ଅଣନିଃଶ୍ୱାସୀ ହୋଇପଡ଼ନ୍ତି ତେବେ ତାଙ୍କୁ ଅନ୍ୟାନ୍ୟ ପରୀକ୍ଷା ସହିତ ନିଜର ଆଲର୍ଜି ମଧ୍ୟ ଟେଷ୍ଟ କରାଇନେବା ଆବଶ୍ୟକ, ଯାହାକି ନିପୁଣ ଡାକ୍ତରଙ୍କ ଦ୍ୱାରା କେବଳ ଗୋଟିଏ ରକ୍ତପରୀକ୍ଷା ପରେ ହିଁ ସହଜରେ ଜଣାପଡ଼ିଯାଇଥାଏ । କାରଣ ଜଣାପଡ଼ିଗଲେ କେତେକ ଔଷଧ ସହାୟତାରେ ସ୍ୱାସ୍ଥ୍ୟରେ ସୁଧାର ଅଣାଯାଇପାରିବ।



ସ୍ୱାସ୍ଥ୍ୟ ଯନ୍ତ୍ରରେ ଅଗ୍ରଣୀ ପୁରସ୍କାର ଦ୍ୱାରା
ଡା. ପ୍ରଶାନ୍ତ ଜେରଥଙ୍କୁ ସମ୍ମାନିତ କରିବା ଅବସରରେ
**ଶ୍ରୀ ଜେ.ପି. ନଡ୍ଡା**
(କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ)

**EUROBlotOne**



ବିଶ୍ୱପ୍ରସିଦ୍ଧ ଆଧୁନିକ ମେଶିନ୍
(EUROBlotOne) ଦ୍ୱାରା ପରୀକ୍ଷା କରାଯାଇଥାଏ

Jerath Path Labs & Allergy Testing Centre

**HEAD OFFICE : MUMBAI - Akruti Trade Center, A Wing, 5th Floor, MIDC, Andheri East.**
**CORPORATE OFFICE : JALANDHAR - 14, Link Road, Adj. State Bank of India, Jalandhar**

### ପରୀକ୍ଷା କରାଇବା ପାଇଁ ଯୋଗାଯୋଗ କରନ୍ତୁ

| | | | | | | | |
|---|---|---|---|---|---|---|---|
| **SAMBALPUR**<br>98610-06911<br>Patho Lab, Bada Bazar Chowk Opp. Durga Mandir | **SAMBALPUR**<br>70084-87942<br>DAPS Diagnostics, Pani Tanki Chowk Near H.Q Hospital Road | **JHARSUGUDA**<br>94386-41115<br>DAPS Diagnostic, M.B Road Opp. Andhara Bank | **JHARSUGUDA**<br>70770-15150<br>91784-42192<br>Global Diagnostics, Opp. King Palace Adj. Shiva Multiplex | **BALANGIR**<br>98539-17241<br>Sanatan Patho Clinic, Radha Rani Pada, Hospital Chowk | **BALANGIR**<br>78097-15417<br>82497-46824<br>Hanuman Pathology, Radha Rani Pada, Near, Govt Hospital | **ROURKELA**<br>7008380167<br>Sai Poly Clinic, Koelnagar, C/318, Rourkela | **BALANGIR**<br>9437135091<br>7978389886<br>Online Specialty's, Thikadar Pada Chhack |
| **SONEPUR**<br>94386-06671<br>Padhan Patho Lab & Prem Med. Opp. HDFC Bank | **SOHELA**<br>98611-97313<br>63709-00205<br>J.k Pathology, Po. Sohela, Bargah | **BURLA**<br>99379-64978<br>DTS Diagnostics, Dhipapara, Dindayal Nagar, PO. Burla | **DEOGARH**<br>94373-45922<br>New Life Dignostic Centre, Hospital Road Deogarh | **SUNDARGARH**<br>91784-42192<br>70770-15150<br>Global Diagnostics Tushar Market Complex | **ROURKELA**<br>98612-26613<br>79782-60207<br>Tarini Poly Clinic S. T. I Chowk Opp. Rourkela Govt Hospital (R.G.H) J.B. Market | **BARGHRH**<br>9437647100<br>9437534608<br>Satyabhama Diagnostic & Ploy Clinic, Lengu Mishra Chowk | |

**HELPLINE NO. : 62831-99635, 62831-94640, 94656-08041**

# INDIRA IVF
FERTILITY & IVF CENTRE

ONE STEP TOWARDS PARENTHOOD

ପରିବାର ପରିପୂର୍ଣ୍ଣ ନହେବାର,

## ଦୁଃଖ ଆମେ ବୁଝିପାରୁ



## ନିଃସନ୍ତାନ ଦମ୍ପତିଙ୍କ ପାଇଁ
### ମାଗଣା ପରାମର୍ଶ ଏବଂ ଚେକଅପ୍ ଶିବିର

20th to 30th Nov. 2018

କ୍ୟାମ୍ପ ସ୍ଥାନ ଭୁବନେଶ୍ୱର
ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍
ଦ୍ୱିତୀୟ ମହଲା, ତ୍ରିପଲେକ୍ସ ପ୍ଲଟ୍‌ନଂ.12, ଗଜପତି ନଗର, ସଚିବାଳୟ ମାର୍ଗ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ମାଗଣା ଆପଏଣ୍ଟମେଣ୍ଟ
ଆପଣଙ୍କ ଆପଏଣ୍ଟମେଣ୍ଟ ଫିକ୍ସ କରିବା ପାଇଁ ସକାଳ 10ଟାରୁ ସନ୍ଧ୍ୟା 5ଟା ମଧ୍ୟରେ

**7412077811**

### କେଉଁମାନେ ନିଃଶୁଳ୍କ ପରାମର୍ଶ ପାଇଁ ସମ୍ପର୍କ କରିପାରିବେ

| ପୁରୁଷ | ମହିଳା |
|---|---|
| • ସ୍ୱଳ୍ପ ଶୁକ୍ରାଣୁ ଗଣତି | • ଅବରୁଦ୍ଧ ଗର୍ଭ ନଳୀ |
| • ଶୁକ୍ରାଣୁ ହିନତା | • ଅନିୟମିତ ଋତୁଚକ୍ର |
| • ସ୍ୱଳ୍ପ ଶୁକ୍ରାଣୁ ସଜୀବତା | • ଡିମ୍ବାଣୁ ଗଠନରେ ସମସ୍ୟା |
| • ଦୁର୍ବଳ ମାନର ଶୁକ୍ରାଣୁ | • ଅସମୟରେ ଡିମ୍ବାଣୁ ନଷ୍ଟ ହେବା |

### ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍

ଦ୍ୱିତୀୟ ମହଲା, ତ୍ରିପଲେକ୍ସ ପ୍ଲଟ୍‌ନଂ.12, ଗଜପତି ନଗର, ସଚିବାଳୟ ମାର୍ଗ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ହେଲ୍ପଲାଇନ୍: 7412077811 / 812 | ୱେବସାଇଟ୍: www.indiraivf.com | ଇ–ମେଲ : help@indiraivf.in

ନିଜର ପ୍ରଶ୍ନଗୁଡିକୁ ନେଇ ଡାକ୍ତରଙ୍କ ସହିତ ଆଲୋଚନା କରିବାକୁ କଲ୍ କରନ୍ତୁ ✆ **7412077812** (2 PM to 5 PM)

- 52 Centres PAN India
- Treatment protocol as per individual need
- Patient friendly treatment options

ଉପଲବ୍ଧ ସେବାଗୁଡ଼ିକ– ଗର୍ଭଧାରଣ ସମସ୍ୟାର ନିରୂପଣ, ଆଇ.ୟୁ.ଆଇ, ଆଇ.ଭି.ଏଫ୍, ଆଇ.ସି.ଏସ୍.ଆଇ, ଲେଜର ହ୍ୟାଚିଂ ବ୍ଲାଷ୍ଟୋସିଷ୍ଟ, ଲାପାରୋସ୍କୋପି, ହିଷ୍ଟେରୋସ୍କୋପି ଡୋନୋର ସର୍ଭିସ୍

**Prenatal Sex Determination & Sex Selection is illegal and not done here.**

Disclaimer : The models used in the creative is just for illustration purpose only.

# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ନଭେମ୍ବର ୨୧/୨୦୧୮ Sambalpur, Wednesday, November 21/ 2018 | ପୃଷ୍ଠା-୧




**ରାଣୀ ଲକ୍ଷ୍ମୀବାଈ ଥିଲେ ଦିବ୍ୟଦ୍ରଷ୍ଟା: କଙ୍ଗନା**

ଝାନ୍ସୀ ରାଣୀ ଲକ୍ଷ୍ମୀବାଈ ଜଣେ ଦିବ୍ୟଦ୍ରଷ୍ଟା ମହିଳା ଥିଲେ ବୋଲି ଅଭିନେତ୍ରୀ କଙ୍ଗନା ରାଣାୱତ୍ ପ୍ରକାଶ କରିଛନ୍ତି।

୧୧

୧୭

**ମେରିକମ୍ ଶ୍ରେଷ୍ଠ**

ଏମ.ସି. ମେରିକମ୍ ୭ମ ପଦକ ନିଶ୍ଚିତ କରିବା ଦ୍ୱାରା ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍‌ର ଶ୍ରେଷ୍ଠ ବକ୍ସର ମାନ୍ୟତା ଲାଭ କରିଛନ୍ତି ।




DADLS-192




“ଜାଗା ମିଶନ”

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

ଭୂମିହୀନ ବସ୍ତିବାସିନ୍ଦାଙ୍କ ପାଇଁ ଭୂମି ଅଧିକାର

ବିଶ୍ୱର ସର୍ବବୃହତ ଯୋଜନା

ଉପକୃତ ହେବେ ରାଜ୍ୟର ଏନ.ଏ.ସି ଏବଂ ମ୍ୟୁନିସିପାଲିଟିରେ ବସବାସ କରୁଥିବା ୧୮ ଲକ୍ଷ ବସ୍ତିବାସିନ୍ଦା

ବସ୍ତିବାସିନ୍ଦା ବାସୋପଯୋଗୀ ଜାଗା ପାଇବା ସହିତ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରେ ଘର, ପାଇପ୍ ଜଳ, ରାସ୍ତା, ଏଲ୍ ଇ ଡି ଲାଇଟ୍, ପାଇଖାନା, ଜୀବିକା ଆଦି ସୁବିଧା ସୁଯୋଗ ପାଇବେ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ
ଓଡ଼ିଶା ସରକାର

ଆମ ସହର ଆମ ଉନ୍ନତି

୧୫ ନଭେମ୍ବରରେ ରେକର୍ଡ ସଂଖ୍ୟକ ୧୦,୪୫୦ ଭୂମି ଅଧିକାର ପ୍ରମାଣପତ୍ର ବସ୍ତିବାସିନ୍ଦାଙ୍କୁ ପ୍ରଦାନ କଲେ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ।





15001/13/0420/1819

@CMO_Odisha CMO.Odisha @Naveen_Odisha


**ଆଜିର ସମ୍ପାଦକୀୟ**

ନଇଁକରି ଆତ୍ମସମର୍ପଣ

**ଆଜିର ମନ୍ତବ୍ୟ**

“ ଦୁର୍ନୀତି ରୂପୀ ରୋଗର ଚିକିତ୍ସା ପାଇଁ ବିମୁଦ୍ରୀକରଣ ସାଜିଥିଲା କଟୁ ଔଷଧ ।

**– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

**କିଛି ତଥ୍ୟ**

୨୦୧୭–୧୮ରେ ଘରୋଇ ବଜାରରୁ ଆମେରିକାକୁ ୧.୬ ବିଲିୟନ ଡଲାରର ଷ୍ଟିଲ ଏବଂ ଆଲୁମିନିୟମ୍ ସାମଗ୍ରୀ ରପ୍ତାନୀ ହୋଇଛି।

**– ବାଣିଜ୍ୟ ମନ୍ତ୍ରଣାଳୟ**


କେଜରିୱାଲଙ୍କୁ ଲଙ୍କାଗୁଣ୍ଡ
........୧୧........

୨୦୧୯ରେ ଲଢ଼ିବେନି ସୁଷମା ସ୍ୱରାଜ
........୧୧........

ବଢ଼ିବ ଟିଭି, ହୋମ୍ ଆପ୍ଲାଏନ୍ସ ଦାମ୍
........୧୫........



NECC NATIONAL EGG CO-ORDINATION COMMITTEE 20.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 60 | 106 | 116 |
| BDK | 60 | 106 | 116 |
| BLS | 60 | 106 | 116 |
| ANG | 62 | 109 | 119 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


# ମହାନଦୀକୁ ଖସିଲା ବସ୍: ୧୨ ମୃତ

**କଟକ ଅଫିସ, ୨୦।୧୧**

କଟକ–ଜଗତପୁର ମହାନଦୀ ପୋଲ ଉପରେ ମଙ୍ଗଳବାର ସନ୍ଧ୍ୟାରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଜଗନ୍ନାଥ ନାମକ ଏକ ଯାତ୍ରୀବାହୀ ବସ୍ ନଦୀକୁ ଖସି ପଡିବାରୁ ୧୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଦୁର୍ଘଟଣାଗ୍ରସ୍ତ ବସ୍ (ଓଡିଶା୫ଏ–୦୨୧୧)ଟି ତାଳଚେରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ପୋଲ ଉପରେ ଏକ ମଇଁଷିକୁ ଧକ୍କା ଦେବାପରେ ବସ୍‌ଟି ଭାରସାମ୍ୟ ହରାଇ ପୋଲର ବାଡ଼ାକୁ ଭାଙ୍ଗି ମହାନଦୀକୁ ଖସି ପଡ଼ିଥିଲା। ଆହତଙ୍କ ମଧ୍ୟରେ ଜଣେ ଶିଶୁ ଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଗୁରୁତର ଅଛନ୍ତି। ସେମାନଙ୍କୁ ଚିକିତ୍ସା



ବସ୍ ଖସିଥିବା ପୋଲର ଅଂଶ ।



ତଳେ ପଡ଼ିଥିବା ବସ୍ ।

ନିମନ୍ତେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ତୁରନ୍ତ ୩୦ରୁ ଊର୍ଦ୍ଧ୍ୱ ଡାକ୍ତରଙ୍କୁ ନେଇ ଗଠିତ ଏକ ଟିମ୍ ଆହତଙ୍କ ଚିକିତ୍ସା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଥିସହ ଆହତମାନଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଶୀତତାପ ନିୟନ୍ତ୍ରିତ ଏହି ବସ୍‌ଟି ୫୪ ସିଟ୍ ବିଶିଷ୍ଟ। ଦୁର୍ଘଟଣା ସମୟରେ ବସ୍‌ରେ କର୍ମଚାରୀଙ୍କୁ ମିଶାଇ ୫୦ରୁ ଊର୍ଦ୍ଧ୍ୱ ଲୋକ ଥିଲେ। ସେମାନଙ୍କ ମଧ୍ୟରୁ ☞ପୃଷ୍ଠା–୬

- **୪୦ରୁ ଊର୍ଦ୍ଧ୍ୱ ଆହତ**
- **ମଇଁଷିକୁ ଧକ୍କା ଦେଇ ବାଲିରେ ପଡ଼ିଲା ବସ୍**
- **ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା**

# ସରକାରଙ୍କ ସହ ନରସିଂହଙ୍କ ଭିତିରି ସମ୍ପର୍କ : ଭାଜପା

- **ବିଧାନସଭାରେ ହଙ୍ଗାମା**
- **ଗୃହ ମୁଲତବୀ**

**ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)**

ବିରୋଧୀ ଦଳ ନେତା ନରସିଂହ ମିଶ୍ର ଶାସକ ଦଳ ଇଙ୍ଗିତରେ ପରିଚାଳିତ ହେଉଛନ୍ତି। ୨୦୧୪ରେ ପୂର୍ବତନ ବିରୋଧୀ ଦଳ ନେତା ଭୂପିନ୍ଦର ସିଂ ଯେପରି ନିଜର ଫାଇଦା ପାଇଁ ସରକାର ସହିତ ସାମିଲ ହୋଇଥିଲେ ବର୍ତ୍ତମାନ ମଧ ସେହି ଅବସ୍ଥା ସୃଷ୍ଟି ହୋଇଛି। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଅଣଦେଖାକରି ବିରୋଧୀ ଦଳ ନେତା ନିଜର ଫାଇଦା ହାସଲ ଲାଗି ସରକାରଙ୍କ ସହ ଭିତିରି ଯୋଡ଼ି ହୋଇଛନ୍ତି। ଏଥିଯୋଗୁ ବିଧାନସଭାରେ ବିରୋଧୀ ଦଳ ଏକପ୍ରକାର ନିଷ୍କ୍ରିୟ ହୋଇଯାଉଛି। ଭାଜପା ସଦସ୍ୟମାନଙ୍କୁ ରାଜ୍ୟର ସମସ୍ୟା ଉତ୍ଥାପନ କରିବା ପାଇଁ କଂଗ୍ରେସ ଦଳ ସୁଯୋଗ ଦେଉନାହିଁ। ଯେତେବେଳେ କୌଣସି ବିଷୟ ଉତ୍ଥାପନ ପାଇଁ ଭାଜପା ଚାହିଁଛି ସେତେବେଳେ କଂଗ୍ରେସ ସଦସ୍ୟମାନେ ଜାଣିଶୁଣି ☞ପୃଷ୍ଠା–୬

# ଅସ୍ତ୍ରାଗାରରେ ବିସ୍ଫୋରଣ

**ୱାର୍ଦ୍ଧା,୨୦।୧୧(ପି.ଟି./ଆଇଏଏନ୍ଏସ୍)**

**୬ ମୃତ, ୧୮ ଆହତ**

ମହାରାଷ୍ଟ୍ରର ୱାର୍ଦ୍ଧାସ୍ଥିତ ସେନା ଅସ୍ତ୍ର ଗୋଦାମରେ ମଙ୍ଗଳବାର ବିସ୍ଫୋରଣ ଘଟିଛି। ଏଥିରେ ୬ ପ୍ରାଣ ହରାଇଥିବାବେଳେ ୧୮ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଅଛି।

ୱାର୍ଦ୍ଧାର ପୁଲଗାଉଁ କେନ୍ଦ୍ରୀୟ ଅସ୍ତ୍ର ଗୋଦାମ (ସିଏଡି) ନିକଟସ୍ଥ ଏକ ପଡ଼ିଆରେ ମଙ୍ଗଳବାର ସକାଳେ ବିସ୍ଫୋରକ ନିଷ୍କ୍ରିୟ କରିବା ପାଇଁ ଅସ୍ତ୍ରଶସ୍ତ୍ର ଓହ୍ଲାଯାଉଥିଲା। ପ୍ରାୟ ୭ଟା ୧୫ରେ ଏକ ଅସ୍ତ୍ରଶସ୍ତ୍ର ଭର୍ତ୍ତି ବାକ୍ସରେ ହଠାତ୍ ବିସ୍ଫୋରଣ ଘଟିଥିଲା। ଫଳରେ ଘଟଣାସ୍ଥଳରେ ୪ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଆହତମାନଙ୍କୁ ସବାଙ୍ଗି ଗ୍ରାମସ୍ଥିତ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ୨ ଜଣଙ୍କ ପ୍ରାଣହାନି ଘଟିଥିଲା। ମଧ୍ୟପ୍ରଦେଶର ଖମାରିଆସ୍ଥିତ ଗୋଳାବାରୁଦ କାରଖାନାକୁ ସିଏଡି ନିକଟସ୍ଥ ଏହି ପଡ଼ିଆ ବିସ୍ଫୋରକ ନିଷ୍କ୍ରିୟ କରିବା ପାଇଁ ଦିଆଯାଇଛି। ଜଣେ ଅଧିକୃତ ଠିକାଦାରଙ୍କ ସହାୟତାରେ ଉକ୍ତ କାରଖାନାର କର୍ମଚାରୀମାନେ ଖୋଲା ପଡ଼ିଆରେ ମାଟି ଖୋଳି ଖାଲରେ ବିସ୍ଫୋରକ ରଖି ତାକୁ ବାଲିଭର୍ତ୍ତି ବ୍ୟାଗ୍‌ରେ ପୋତିଥାନ୍ତି। ଏହି ପ୍ରକ୍ରିୟା ଚାଲିଥିବାବେଳେ ବିସ୍ଫୋରଣ ଘଟିଥିବା କୁହାଯାଉଛି। ମହାରାଷ୍ଟ୍ରର ଚନ୍ଦରପୁର ଓ ମଧ୍ୟପ୍ରଦେଶର ଖମାରିଆ ଗୋଳାବାରୁଦ କାରଖାନାର ଅଧିକାରୀମାନେ ସେଠାରେ ପହଞ୍ଚି ବିସ୍ଫୋରଣର କାରଣ ଖୋଜୁଛନ୍ତି। ପ୍ରକାଶ ଯେ, ୨୦୧୬ରେ ପୁଲଗାଉଁ ଅସ୍ତ୍ର ଗୋଦାମରେ ବିସ୍ଫୋରଣ ଘଟିଥିଲା। ଏଥିରେ ସେନାର ୨ ଅଧିକାରୀ ଓ ୧୫ ଯବାନଙ୍କ ଜୀବନ ଯାଇଥିଲା।

# ‘ମହିଳାଙ୍କ ପାଇଁ ହେଉ ୩୩% ସ୍ଥାନ ସଂରକ୍ଷଣ’

**ଭୁବନେଶ୍ୱର,୨୦।୧୧(ବ୍ୟୁରୋ)**

- **ବିଧାନସଭାରେ ସର୍ବସମ୍ମତ ସଂକଳ୍ପ ଗୃହୀତ**
- **ମୁଖ୍ୟମନ୍ତ୍ରୀ ଆଣିଥିଲେ ପ୍ରସ୍ତାବ**

ମହିଳାମାନଙ୍କ ପାଇଁ ପାର୍ଲାମେଣ୍ଟ ଏବଂ ବିଧାନସଭାରେ ୩୩% ସ୍ଥାନ ସଂରକ୍ଷଣ ହେଉ। ଏନେଇ ବିଧାନସଭାରେ ମଙ୍ଗଳବାର ସର୍ବସମ୍ମତ ସଂକଳ୍ପ ଗୃହୀତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅପରାହ୍ଣରେ ଏହି ପ୍ରସ୍ତାବ ଆସିଥିଲା। ପ୍ରସ୍ତାବ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହିଳା ସଶକ୍ତୀକରଣ ତାଙ୍କର ସବୁଠୁ ପ୍ରିୟ କାର୍ଯ୍ୟକ୍ରମ। ମହିଳା ସଶକ୍ତୀକରଣ ବିନା କୌଣସି ପରିବାର, ସମାଜ, ରାଜ୍ୟ ଏବଂ ଦେଶ ଆଗକୁ ବଢ଼ିପାରିବ ନାହିଁ। ସେମାନଙ୍କ ସାମାଜିକ, ଅର୍ଥନୈତିକ ସଶକ୍ତୀକରଣ ପାଇଁ ରାଜ୍ୟ ସରକାର ଆନ୍ତରିକତାର ସହ କାର୍ଯ୍ୟ କରୁଛି। ଆମ ସମ୍ବିଧାନରେ ଲିଙ୍ଗଗତ ସମାନତା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟଭାବେ ସ୍ଥାନିତ ହୋଇଛି। ବିଜୁବାବୁ ମହିଳା ସଶକ୍ତୀକରଣର ଅଗ୍ରଦୂତ ଥିଲେ। ୧୯୯୨ରେ ମହିଳାଙ୍କ ପାଇଁ ପଞ୍ଚାୟତ ଏବଂ ପୌରସଂସ୍ଥା ନିର୍ବାଚନରେ ୩୩% ସ୍ଥାନ ସଂରକ୍ଷଣ କରି ରାଜନୈତିକ ପ୍ରକ୍ରିୟାରେ ସେମାନଙ୍କୁ ସାମିଲ କରାଇଥିଲେ। ରାଜ୍ୟ ସରକାର ଏହି ସଂରକ୍ଷଣକୁ ପରବର୍ତ୍ତୀ ସମୟରେ ୫୦% ବୃଦ୍ଧି କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ନିଜ ବକ୍ତବ୍ୟ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ମାଲକାନଗିରିଠାରୁ ସୁନ୍ଦରଗଡ଼ ପର୍ଯ୍ୟନ୍ତ ସବୁଠି ନୂଆ ସମ୍ଭାବନା ଦେଖାଯାଉଛି ବୋଲି କହି ମମତା ପଡିଆମୀ, ଜୟନ୍ତୀ ଏକ୍କାଙ୍କ ଉଦାହରଣ ଦେଇଥିଲେ। ମହିଳାମାନେ ହେଉଛନ୍ତି ପ୍ରକୃତରେ ସଶକ୍ତ। ରାଷ୍ଟ୍ର ନିର୍ମାଣରେ ସେମାନଙ୍କର ଭୂମିକା ସଫଳ ଭାବେ ନିର୍ବାହ କରୁଛି ବୋଲି ଓଡ଼ିଶା ତା’ର ଦୃଢ ସଂକଳ୍ପ ଦ୍ୱାରା ସାରା ଦେଶକୁ ଜଣାଉଛି। ତେଣୁ ଦଳମତ ନିର୍ବିଶେଷରେ ମୁଖ୍ୟମନ୍ତ୍ରୀ ଗୃହରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ କରିବା ନିମନ୍ତେ ଅନୁରୋଧ କରିଥିଲେ। ବାଚସ୍ପତି ପ୍ରଦୀପ ଅମାତ ଏ ସମ୍ପର୍କରେ ଗୃହର ମତ ଲୋଡ଼ିବା ପରେ ସମସ୍ତ ସଦସ୍ୟ ବାଚନିକ ମତ ଜରିଆରେ ସମ୍ମତି ଜଣାଇଥିଲେ।




ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ

**ବାର୍ତ୍ତା**

ଆଜି ମହାପୁରୁଷ ମହମ୍ମଦଙ୍କ ପବିତ୍ର ପୁଣ୍ୟ ତିଥି ଅବସରରେ ମୁଁ ରାଜ୍ୟର ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

(ଗଣେଶୀ ଲାଲ)



**ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ଓଡ଼ିଶାର ବିକାଶରେ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ବାର୍ତ୍ତା**

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ରାଜ୍ୟର ସମସ୍ତ ମୁସଲମାନ୍ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ପ୍ରତାପ ଜେନା)
ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ

DADLS-186
15001/13/0409/1819



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ
ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ଦିବ୍ୟ
ପରିବାରବର୍ଗ



ରେଶନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



ଧରିତ୍ରୀ DHARITRI

## MATRIMONIAL

### BRIDE WANTED

Kayastha boy 1991, 5'8" Software developer, Bangalore Odia/ Bengali girl preferred. 9437195452. D-64914

Gudia/ Kaibarta groom Doctor 31+, Bank 29, Infosys 28+. 8594926181. D-65066

Divorcee groom Bank 38, Railway 42, Engineer 35. 7873374269. D-65067

Divorcee groom OAS 44, Bank 38+, Engineer 33. Samadhan: 8594926181. D-65068

Now Matrimonial ads. only on Wednesday & Sunday Book 1 Get 1 FREE

## classified



real estate

### SALE

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 8093465134. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64378

ଭୁବନେଶ୍ୱର KEC, ଗୁଡିଆ- ପୋଖରୀଠାରେ 30ft road ଥାଇକି ଅଗ୍ରିମ boundary wall electry, gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-9487

Book 3BHK duplex house at Jagamara, Bhubaneswar having land area 1260 sqft. and 1900 sqft. construction area, 77 lakh. 9078151122. D-65177

1200 sqft., 1500 sqft., 1800 sqft. and 2000 sqft. gharabari plot having 30 ft. road near GITA College, Madanpur, Bhubaneswar. Price 570 per sqft. Contact: 7504392698. D-65178

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

GA, industrial 6000, 40000, 16000 sqft. Mancheswar, Patia, Bhubaneswar. 8599059704. D-9524

Booking simplex 2BHK 1200 sqft. land 19,50,000/- near Tankapani road Sai Temple (Bankuala) installment and outright available. 7735738102. D-9555

ପଟିଆ KIIT ପାଖରେ 40/30" road boundary, electric ସହିତ ଗୃହୋପଯୋଗୀ plot sqft. 1050/- କିଣନ୍ତୁ। 8018611122. D-64642



to-let

Centrally located for office at Unit-9, 450 sqft., 700 sqft., 650 sqft., 850 sqft. 7789837712, 9861256148. D-9558

### LEASE

A/C Restaurant with all equipment for longterm lease. Mobile: 7008129226. D-65188

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### LEASE

Available for lease an independent building prominently located on the main road near BMC in Gautam Nagar. 2000 sqft. carpet area with additional space of 1500 sqft. Ample parking space. Suitable for offices and commercial purposes. Only for reputed corporates/ finance companies/ logistic companies/ organizations/ banks/ Govt. Departments/ PSUs etc. Contact: 9437290895. D-9559

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

I corrected spelling mistake of my name from Preetilata Rout to Pritilata Rout by an affidavit sworn before Public Notary, Bhubaneswar on 17.11.2018. D-9570

By an affidavit before the Executive Magistrate, Padampur, I Bharat Harijan @ Tandi, S/o- Lalmohan Harijan @ Tandi, Village- Charpali, PO- Rajborasambar, Dist.- Bargarh declare that in my Pension Book and Bank Passbook my name mentioned as Bharat Harijan. But in Voter I.Card and Aadhaar Card my name mentioned as Bharat Tandi. That both the names is same and one person. D-37356

### ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



**ଦିବ୍ୟ ପ୍ରକାଶ ପ୍ରଧାନ**
ପି-ଦେବରାଜ ପ୍ରଧାନ
ମା-ପୂର୍ଣ୍ଣମାସୀ ପ୍ରଧାନ
ଜନ୍ମଦିନରେ ଅନେକ ଶୁଭେଚ୍ଛା। ଭଗବାନ ତୁମ ଚଲାପଥ କୁସୁମିତ କରନ୍ତୁ ଏବଂ ତୁମକୁ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଆୟୁଷ, ରିଦ୍ଧି, ପ୍ରିୟଙ୍କା, ବନ୍ଧୁ ଓ ପରିବାରବର୍ଗ। ଧ-୯୫୬୮

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



**√ରେବତୀ ସାହୁ**
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ ପରିବାରବର୍ଗ**
ଧ-୬୪୫୩୯

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ବିଷ୍ଣୁପ୍ରିୟା ମହାପାତ୍ର**
(ବିଶ୍ୱେଶ୍ୱରୀ ଲେନ୍, ପୁରୀ)
ଆବିର୍ଭାବ: ୧୯।୦୬।୧୯୬୨
ତିରୋଧାନ: ୦୧।୧୧।୨୦୧୭
ତୁମ ତିରୋଧାନର ଏକ ବର୍ଷ ବିତିଗଲା, ହେଲେ ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ୍ଭମାନଙ୍କ ମନେପଡୁଛି। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ଶୋକସନ୍ତପ୍ତ ସ୍ୱାମୀ- ସୁବାସ ଚନ୍ଦ୍ର ରଥ, ପୁତ୍ର- ଶୁଭାଶିଷ ରଥ, ଶିଭାଶିଷ ରଥ, ବନ୍ଧୁ ଓ ଆତ୍ମୀୟସ୍ୱଜନ। ଧ-୬୫୧୮୭

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ମହାଶ୍ୱେତା ମହାନ୍ତି** (ରିକି)
ଲାବନ୍ୟ ଆପାର୍ଟମେଣ୍ଟ, ବଜରଙ୍ଗ ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୬।୦୫।୧୯୯୮
ତିରୋଧାନ: ୧୨।୧୧।୨୦୧୮
ଏତେ କମ ବୟସରେ ତୁ ଆମମାନଙ୍କୁ ଶୋକସାଗରରେ ଭସାଇ ଇହଲୀଳା ସମ୍ବରଣ କରିବୁ ଇଏ ଥିଲା ଆମ କଳ୍ପନାର ବାହାରେ। ତୋର ସ୍ନେହ, ଶ୍ରଦ୍ଧା, ପରକୁ ଆପଣାର କରିବା, ଭଲପାଇବା ସର୍ବଦା ଚିରସ୍ମରଣୀୟ। ତୋର ଆତ୍ମାର ସଦ୍‌ଗତି ପାଇଁ ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶ୍ରଦ୍ଧାଞ୍ଜଳି ସହ: ବାପା- ଦୀପ୍ତିମାନ ମହାନ୍ତି, ମା- ରଞ୍ଜୁଲା, ଦିଦି- ଇପ୍ସିତା ମହାନ୍ତି, ଦାଦା- ଆଲୋକ ମହାନ୍ତି, ଖୁଡୀ- ଅନ୍ନପୂର୍ଣ୍ଣା ମହାନ୍ତି ଓ ବନ୍ଧୁ ଓ ଆତ୍ମୀୟସ୍ୱଜନ। ଧ-୬୪୭୪୮

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଶ୍ରୀ ଉମାଶଙ୍କର ମିଶ୍ର**
ଆବିର୍ଭାବ: ୨୮।୧୧।୧୯୩୭
ତିରୋଧାନ: ୦୨।୧୧।୨୦୧୭
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଧ-୯୫୪୧

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ପ୍ରସନ୍ନ ଚନ୍ଦ୍ର ଚମ୍ପତି**
ଏନ୍- ୫, ଆଇ. ଆର୍. ସି. ଭିଲେଜ, ଭୁବନେଶ୍ୱର
ଆବିର୍ଭାବ: ୦୨।୦୮।୧୯୫୭
ତିରୋଧାନ: ୦୪।୧୧।୨୦୧୪
(କାର୍ତ୍ତିକ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ)
ଆପଣଙ୍କ ଅମଳିନ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ନାତି- କ୍ରିସ୍, ବାଲା, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୧୦୩୧

### ଶ୍ରଦ୍ଧାଞ୍ଜଳି
### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ରେଣୁ ପଟ୍ଟନାୟକ**
ସ୍ୱାମୀ- ବାବୁଲାଲ ପଟ୍ଟନାୟକ
ଶାସନ ପଡିଆ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୧।୦୨।୧୯୫୫
ତିରୋଧାନ: ୨୦।୧୧।୨୦୧୦
(ବଡ଼ଓଷା)
ଆପଣଙ୍କ ଅମରାତ୍ମାର ସଦ୍‌ଗତି କାମନା କରୁଛୁ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ ଧ-୪୬୫୪୬


# ପାନ୍ ଆବେଦନରେ ପିତାଙ୍କ ନାମ ଉଲ୍ଲେଖ ବାଧ୍ୟତାମୂଳକ ନୁହେଁ

ନୂଆଦିଲ୍ଲୀ,୨୦।୧୧





ପରିବାରରେ କେବଳ ମା' ଏକମାତ୍ର ଅଭିଭାବକ ହୋଇଥିଲେ ପାନ୍ ଆବେଦନ ବେଳେ ପିତାଙ୍କ ନାମ ଉଲ୍ଲେଖ କରିବା ବାଧ୍ୟତାମୂଳକ ନୁହେଁ ବୋଲି ମଙ୍ଗଳବାର ଆୟକର ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ(ସିବିଡିଟି) ପକ୍ଷରୁ ଏକ ନୋଟିଫିକେଶନ ମାଧ୍ୟମରେ ଆୟକର ନିୟମରେ ସଂଶୋଧନ କରିଛନ୍ତି। ଏଥିରେ କୁହାଯାଇଛି ଯେ, ମା' ଯଦି ଏକମାତ୍ର ଅଭିଭାବକ ଏବଂ ତାଙ୍କ ନାମ ଉଲ୍ଲେଖ କରିବାକୁ ଚାହିଁଲେ ଆବେଦନକାରୀ ତାହା କରିପାରିବେ। ପ୍ରଚଳିତ ବ୍ୟବସ୍ଥାରେ ପାନ୍ ଆବେଦନ କଲାବେଳେ ପିତାଙ୍କ ନାମ ଉଲ୍ଲେଖ କରିବା ଜରୁରୀ ରହିଛି। ଡିସେମ୍ବର ୫ରୁ ନୂଆ ନିୟମ ଲାଗୁ ହେବ। ସେହିପରି ଗୋଟିଏ ବର୍ଷରେ ୨.୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟ୍ରାଞ୍ଜାକଶନ କରିଥିଲେ ପାନ୍ ଆବେଦନ କରିବା ବାଧ୍ୟତାମୂଳକ ହେବ ବୋଲି ନୋଟିଫିକେଶନରେ ଉଲ୍ଲେଖ କରାଯାଇଛି।

## ଫରୱାର୍ଡ ବ୍ଲକର ଜନ ସଂକଳ୍ପ ସମାବେଶ
# 'ସୁଭାଷଙ୍କ ଅନ୍ତର୍ଦ୍ଧାନ ରିପୋର୍ଟ ସାର୍ବଜନୀନ କର'

ପୁରୀ ଅଫିସ, ୨୦।୧୧

ଭାରତର ସ୍ୱାଧୀନତା ସଂଗ୍ରାମରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅବଦାନ ଅତୁଳନୀୟ। ତାଙ୍କ ତ୍ୟାଗ, ନିଷ୍ଠା ଓ ଦେଶପ୍ରେମ ଭାବ ଅନନ୍ୟ। ନେତାଜୀଙ୍କ ଅନ୍ତର୍ଦ୍ଧାନ ଏବେବି ରହସ୍ୟ ଘେରରେ ରହିଛି। ଏହି ରିପୋର୍ଟକୁ ସାର୍ବଜନୀନ କରାଯାଉ। ପୁରୀ ସ୍ଥିତ ନେତାଜୀ ସଂଗ୍ରହାଳୟକୁ ଜନତାଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଉ ବୋଲି ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ପକ୍ଷରୁ ଏକମାସ ବ୍ୟାପୀ ଓଡ଼ିଶାରେ ଚାଲିଥିବା ଜନ ସଂକଳ୍ପ ଯାତ୍ରାର ଉଦ୍‌ଯାପନୀ ସମାରୋହରେ ମଙ୍ଗଳବାର ଶରଧାବାଲିରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଫରୱାର୍ଡ ବ୍ଲକର ଜାତୀୟ ସମ୍ପାଦକ ତଥା ପଶ୍ଚିମବଙ୍ଗର ପୂର୍ବତନ ଏମ୍‌ପି ଜୟନ୍ତ ରାୟ କହିଛନ୍ତି। ସୁଭାଷଙ୍କ ଦ୍ୱାରା ଗଠିତ ଆଜାଦ୍ ହିନ୍ଦ୍ ସରକାରର ୭୫ବର୍ଷ ପୂର୍ତ୍ତି ଅବସରରେ ଫରୱାର୍ଡ ବ୍ଲକ ପକ୍ଷରୁ ଆୟୋଜିତ ଏହି ଜନ ସଂକଳ୍ପ ସମାବେଶରେ ପୂର୍ଣ୍ଣଚନ୍ଦ୍ର ପାଢୀ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଜାତୀୟ ଉପସଭାନେତ୍ରୀ ପୂର୍ଣ୍ଣିମା ବିଶ୍ୱାସ, ଜିଲା ସମ୍ପାଦକ ଜିତେନ୍ଦ୍ରିୟ ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶରଧାବାଲିରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଭିଆଇପି ରୋଡ ସ୍ଥିତ ସୁଭାଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ସବୁଜପତ୍ରିକା ମହିଳା ମହାସଂଘ ପକ୍ଷରୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ରାଜ୍ୟ ସବୁଜ ପତ୍ରିକାଧାରୀଙ୍କ ବିଭିନ୍ନ ସମସ୍ୟାର ଅନୁଧ୍ୟାନ ଏବଂ ତାହାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ମାସ ୧୫ରେ ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ସବୁଜ ପତ୍ରିକାଧାରୀଙ୍କ ଦାବି ଓ ସମସ୍ୟାର ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିବ। ଏହିଭଳି ପଦକ୍ଷେପ କାରଣରୁ ମଙ୍ଗଳବାର ଓଡ଼ିଶା ସବୁଜପତ୍ରିକା ମହିଳା ମହାସଂଘ ତରଫରୁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତିଙ୍କୁ ଦଳୀୟ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଦେଇଛନ୍ତି। ମହାସଂଘର ସଭାନେତ୍ରୀ ଲକ୍ଷ୍ମୀ ଦେବୀଙ୍କ ନେତୃତ୍ୱରେ ହଜାର ହଜାର ସବୁଜପତ୍ରିକାଧାରୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ସବୁଜ ପତ୍ରିକାଧାରୀଙ୍କ ସମସ୍ତ ସମସ୍ୟା ଅନୁଧ୍ୟାନ କରାଯିବ। ଏହାପରେ ତାହାର ତ୍ୱରିତ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଆକର୍ଷଣ ସାଜୁଛି 'ଓଡ଼ିଶା ମଣ୍ଡପ'**

# ଆଜି ଓଡ଼ିଶା ଦିବସ ସମାରୋହ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

'ଭାରତର ଗ୍ରାମୀଣ ଉଦ୍ୟୋଗ' ବିଷୟକୁ ନେଇ ଦିଲ୍ଲୀର ପ୍ରଗତି ମଇଦାନଠାରେ ଚାଲିଥିବା ୩୮ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ 'ଓଡ଼ିଶା ମଣ୍ଡପ' ଦେଖଣାହାରୀଙ୍କ ପାଇଁ ଆକର୍ଷଣ ସାଜୁଛି। ମଣ୍ଡପ ମାଧ୍ୟମରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ହକି ବିଶ୍ୱକପ୍ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ସେହିଭଳି ଓଡ଼ିଶା ଗ୍ରାମାଞ୍ଚଳର ଶିଳ୍ପୀ ଏବଂ କାରିଗରମାନଙ୍କ କଳାତ୍ମକ ଉତ୍କର୍ଷ ତଥା ସାମାଜିକ ଓ ଅର୍ଥନୈତିକ ଜୀବନଧାରାକୁ ମଧ୍ୟ ପ୍ରଦର୍ଶିତ କରାଯାଇଛି। ମଙ୍ଗଳବାର ଓଡ଼ିଶା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ପ୍ରତାପ ଜେନା 'ଓଡ଼ିଶା ମଣ୍ଡପ' ସମ୍ପର୍କରେ ସୂଚନା ଦେବା ସହ ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ନଭେମ୍ବର ୨୧ରେ ବାଣିଜ୍ୟ ମେଳା ପରିସରରେ ଓଡ଼ିଶା ଦିବସ କାର୍ଯ୍ୟକ୍ରମ ଆୟୋଜନ ହେବ। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭ୍ୟୁ'ର ସଦ୍ୟତମ ପ୍ରକାଶନ ଏଠାରେ ଲୋକାର୍ପଣ ହେବା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଗଞ୍ଜାମ ଲୋକନୃତ୍ୟ କେନ୍ଦ୍ରର ଶିଳ୍ପୀମାନେ ଯୋଡ଼ିଶଙ୍ଖ ଓ ରଣପ୍ପାରେ ଉଦ୍‌ଘାଟନୀ ଶୋଭାଯାତ୍ରା କରିବେ। ସୁସ୍ମିତା ଦାସ ଓଡ଼ିଶାର ରସଗୋଲାକୁ ନେଇ ସଙ୍ଗୀତ ପରିବେଷଣ କରିବେ ବୋଲି ମନ୍ତ୍ରୀ କହିଛନ୍ତି।

**ପ୍ରସ୍ତାବିତ ବିୟର ବଟ୍‌ଲିଂ ପ୍ଲାଣ୍ଟ ବାତିଲ ଘଟଣା**

# ଆର୍‌ଡିସିଙ୍କ ସରଜମିନ ତଦନ୍ତ

ଓଡ଼ାପଡ଼ା, ୨୦।୧୧(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶପରେ ବାତିଲ ହୋଇଛି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଳରାମପୁରରେ ହେବାକୁ ଥିବା ବିୟର ବଟ୍‌ଲିଂ ପ୍ଲାଣ୍ଟ। ଉତ୍ତରାଞ୍ଚଳ ରାଜସ୍ୱ କମିଶନର(ଆର୍‌ଡିସି) ଡି. ଭି. ସ୍ୱାମୀ ମଙ୍ଗଳବାର ଗଛ କଟାଯାଇଥିବା ଅଞ୍ଚଳରେ ସରଜମିନ ତଦନ୍ତ କରିଛନ୍ତି। ଏଥିପୂର୍ବରୁ ସେ ଓଡ଼ାପଡ଼ା ତହସିଲ କାର୍ଯ୍ୟାଳୟର କର୍ମଚାରୀଙ୍କୁ ପଚରାଉଚୁରା କରିବା ସହ କେତେକ ଫାଇଲ ମଧ୍ୟ ଯାଞ୍ଚ କରିଥିଲେ। କଟାଯାଇଥିବା ଗଛ ଦେଖିବା ପରେ ସେ ବଳରାମପୁର ଗାଁ ମଣ୍ଡପରେ ଉପସ୍ଥିତ ରହି ସମବେତ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିଥିଲେ। ଅଞ୍ଚଳବାସୀଙ୍କ ଦାବିକୁ ସମ୍ମାନ ଦେଇ ମୁଖ୍ୟମନ୍ତ୍ରୀ ବିୟର ବଟ୍‌ଲିଂ ପ୍ଲାଣ୍ଟକୁ ବାତିଲ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀ ଖୁସି ଜାହିର କରିବାସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ହେଲେ ଚକ୍ରାନ୍ତ କରି ଗୋଚର ଏବଂ ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରିଥିବା ତତ୍କାଳୀନ ଜିଲାପାଳ ଏବଂ ତହସିଲଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି ରଖିଥିଲେ। ଏଥିସହ ଅଞ୍ଚଳବାସୀଙ୍କ ଉପରେ ଜୁଲମ୍ କରି ଜଙ୍ଗଲକାଟି ପଦା କରିଦେଇଥିବା ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟପନ୍ଥା ନେବାକୁ ସେମାନେ ଆର୍‌ଡିସିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛନ୍ତି। ଅଭିଯୋଗକୁ ଲିଖିତ ଆକାରରେ ଦେବା ପାଇଁ ଆରଡିସି କହିଥିବାବେଳେ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗସହ ସମସ୍ତ କାଗଜପତ୍ର ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ଆର୍‌ଡିସି କୁହନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେ ତଦନ୍ତ ପାଇଁ ଆସିଛନ୍ତି। ବହୁବର୍ଷ ଧରି ଗ୍ରାମବାସୀ ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଥିଲେ। ସେଥିପ୍ରତି ସେମାନଙ୍କ ଯଥେଷ୍ଟ ଭଲପାଇବା ଅଛି। ସେହି ଭାବାବେଗକୁ ସେ ଅନୁଭବ କରିଛନ୍ତି। ଏ ନେଇ ସରକାରଙ୍କୁ ଅବଗତ କରାଯିବ। ଲୋକଙ୍କ ଦାବି ଅନୁଯାୟୀ ଉକ୍ତ ଅଞ୍ଚଳରେ ଚାରାରୋପଣ କରିବାକୁ ପଦକ୍ଷେପ ନିଆଯିବ। ତଦନ୍ତ ରିପୋର୍ଟ ସରକାରଙ୍କୁ ଦିଆଯିବ। ଏଥିରେ କେଉଁମାନେ ଦୋଷୀ ଅଛନ୍ତି ତାହା ଜଣାପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ତୃତୀୟାଧିପତି ଅଷ୍ଟମସ୍ଥ ହେତୁ ନିକଟ ସମ୍ପର୍କୀୟମାନଙ୍କ ଅନାଦର ଭାବ ମନକୁ ବ୍ୟଥିତ କରିବ। ଆନୁଷ୍ଠାନିକ କାମ, ଶିଳ୍ପ, ନିର୍ମାଣ, ବ୍ୟବସାୟ , ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପରିସ୍ଥିତିବଶତଃ କେତେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବୃଷ**
ଚନ୍ଦ୍ରଙ୍କ ସପ୍ତମ କେନ୍ଦ୍ରରେ ଶୁକ୍ର ହେତୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣାଧୀନ ରହିବ। ଅବଶ୍ୟ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାରର ଘରୋଇ ଝାମେଲା କାରଣରୁ ମନଟା ଭଲ ରହିନପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ହଜିଯିବାର ସମ୍ଭାବନା ରହିଛି। ଦୂରସ୍ଥ ସନ୍ତାନ କିମ୍ବା ଆତ୍ମୀୟମାନଙ୍କ ସକାଶେ ମନ ବିଚଳିତ ରହିବ।

**ମିଥୁନ**
ରାହୁ ଅଧିଷ୍ଠିତ ଧନାଧିପ ଚନ୍ଦ୍ର ଏକାଦଶସ୍ଥ ହେତୁ ସମସ୍ୟା ଓ ବାକ୍‌ବିତଣ୍ଡା ମଧ୍ୟରେ ଅର୍ଥପ୍ରାପ୍ତି ହେବ। ପାପଗ୍ରହ ମଧ୍ୟସ୍ଥ ରାଶ୍ୟାଧିପଜନିତ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆଲୋଚନା କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡି ବନ୍ଧୁମାନଙ୍କ କଥାକୁ ଠିକ୍ ଭାବେ ବୁଝି ପାରିବେ ନାହିଁ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କର୍ମମୁଖର ହେବେ ।

**କର୍କଟ**
ଆଜିର ଚନ୍ଦ୍ର ସମେତ ଗ୍ରହସ୍ଥିତି ଭଲଥିବାରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ କରିବେ। ପୂର୍ବର ବିବାଦୀୟ ପରିସ୍ଥିତିରେ ଯେତେକି ଜଟିଳତା ମନେକରୁଛନ୍ତି, ବାସ୍ତବରେ ସେମିତି କିଛି ହେବନି। ପୂର୍ବ ଶତ୍ରୁତାରୁ ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇ କାମ ବନ୍ଦ ହୋଇଯାଇପାରେ। ସାଧାରଣ କଥାକୁ ନେଇ ଦାମ୍ପତ୍ୟ ଜୀବନରେ ବୁଝାମଣା ଟଣାଓଟରା ମଧ୍ୟରେ ଗଡ଼ିଚାଲିବ।

**ସିଂହ**
ଶନିଙ୍କ ସ୍ଥିତି ଆପଣଙ୍କ ପ୍ରତ୍ୟେକ କ୍ଷେତ୍ରରେ ପଶ୍ଚାତ୍ତାପର କାରଣ ହୋଇପାରେ। ଅବଶ୍ୟ ପାରିବାରିକ ପରିସ୍ଥିତି ବିଶେଷ ଭଲ ନ ହେଲେ ମଧ୍ୟ ମନ୍ଦ ହେବନି। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ, କିନ୍ତୁ କୌଣସି କାମ ଅଟକି ରହିବ ନାହିଁ। କ୍ରୀଡ଼ା, ସାହିତ୍ୟ ଚର୍ଚ୍ଚା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା**
ରବି ଓ ବୁଧଙ୍କ ଏକତ୍ର ସମାବେଶ କାରଣରୁ କାମ ହାସଲ ସକାଶେ ମନ ଧରିବାକୁ ଯାଇ କିଛିଟା ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। କିନ୍ତୁ କୌଣସି ଖଳ ଲୋକମାନଙ୍କ କଥାରେ ପଡ଼ି ଭୁଲ ମାର୍ଗର ଅନୁସରଣ କରି ହଇରାଣ ହେବାକୁ ପଡ଼ିପାରେ। ମାଲି ମକଦ୍ଦମା, ତର୍କବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା**
ଆଜି ମନ ଯେପରି କାମ ମଧ୍ୟ ତଦନୁରୂପ ହେବାରେ କୌଣସି ଅସୁବିଧା ହେବନାହିଁ। କୌଣସି ମୂଲ୍ୟବାନ ଜିନିଷ ନ ପାଇ ବନ୍ଧୁଙ୍କୁ ବିଭିନ୍ନ ପ୍ରକାରର କଥା କହିବା କାରଣରୁ ବିବାଦ ବଢ଼ିପାରେ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା**
ମନ ଚାହୁଁଥିବା ପ୍ରକାରେ କାମ ନ ହେବା କାରଣରୁ ମାନସିକ ଉଦାସୀନତା ଅନୁଭବ କରିପାରନ୍ତି। ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ଉପରେ ଅଭିମାନ କିମ୍ବା ମନୋମାଳିନ୍ୟ ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ରାଜନୀତି, ପ୍ରଶାସନ, କଳା, ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
କର୍ମାଧିପ ଦ୍ୱାଦଶ ସ୍ଥାନସ୍ଥ ହେତୁ କାର୍ଯ୍ୟ ହାସଲ ସମସ୍ୟା ବହୁଳ ହୋଇପାରେ। ପୂର୍ବ କଳହକୁ ଦୋହରାଇ ପାଖ ପଡ଼ୋଶୀମାନେ ଦୂରେଇ ରହିପାରନ୍ତି। ଯାତ୍ରା ସମୟରେ ଅନ୍ୟମନସ୍କତା ପରିହାର ପୂର୍ବକ ଯାନବାହନରେ ସତର୍କତା ରକ୍ଷା କରନ୍ତୁ। ପାରିବାରିକ ଅଥବା ସାମାଜିକ ସ୍ତରରେ ସମସ୍ୟାକୁ ଈର୍ଷାପରାୟଣ ବ୍ୟକ୍ତିମାନେ ବଢ଼ାଇ ଦେଇପାରନ୍ତି।

**ମକର**
ସୁଯୋଗକୁ ହାତଛଡ଼ା କଲେ ପରକ୍ଷଣରେ ମନସ୍ତାପ କରିବା ବ୍ୟତୀତ କିଛି ଲାଭ ହେବନି। ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ବ୍ୟୟ ସଂକୋଚନ କାରଣରୁ ଖୋଜୁଥିବା ଜିନିଷଟି ପାଇବେ ନାହିଁ। ନୂତନ ସମ୍ପର୍କ ମାନସିକ ସ୍ତରରେ କଳ୍ପନା ଓ ଭାବପ୍ରବଣତା ସୃଷ୍ଟି କରିବ। ସାହିତ୍ୟ, ରପ୍ତାନି କାରବାର, ନିର୍ମାଣ, ପରିବହନ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ**
ପାରିବାରିକ କ୍ଷେତ୍ରର ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା ନ କଲେ ପଶ୍ଚାତେ ନେଡ଼ିଗୁଡ଼ କହୁଣିକୁ ବୋହିଗଲା ପରି ପରିସ୍ଥିତି ସୃଷ୍ଟି ହେବ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରା ଅବଶ୍ୟ ସଫଳ ହେବ।

**ମୀନ**
ବହୁତ ଦିନହେଲା ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କାରଣରୁ ଏକପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର, ନିର୍ମାଣ, ପରିବହନ ତଥା ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ଶିବ ଉତ୍‌ଥାପନ ବୈକୁଣ୍ଠ ଚତୁର୍ଦ୍ଦଶୀ ବୁଧବାର, ବଡ଼ଓଷା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ତ୍ରିବିକ୍ରମ ଆଡକିଆ ବେଶ, ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିବସ, ନଭେମ୍ବର ୨୧ ତାରିଖ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା,ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୭।୩୦ମି. ଗତେ ଘ୮।୫୪ମି. ମଧ୍ୟେ ଅମୃତବେଳା। ଘ୧୦।୨୨ମି. ଗତେ ଘ୧୧।୪୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୩୨ମି. ଗତେ ଘ୧୨।୫୫ମି. ମଧ୍ୟେ ରାହୁକାଳ।



ଦକ୍ଷିଣ କଶ୍ମୀରରେ ହୁରିୟତ ନେତା ହଫିଜୁଲ୍ଲା ମୀରଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଅନନ୍ତନାଗର ଆଛାବଲ ଅଞ୍ଚଳରେ ତାଙ୍କୁ କେହି ଅଜଣା ବ୍ୟକ୍ତି ଗୁଳି କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୀରଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।







# ମାଟ୍ରିକ ପରୀକ୍ଷା ଫର୍ମପୂରଣ ୨୬ରୁ

**କଟକ ଅଫିସ,୨୦।୧୧**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ପାଇଁ ଆସନ୍ତା ୨୬ ତାରିଖ ସକାଳ ୮ଟାରୁ ଅନ୍‌ଲାଇନ୍‌ରେ ଫର୍ମ ପୂରଣ ଆରମ୍ଭ ହେବ। ଦେୟ ପୈଠ କରିବାର ଶେଷ ସମୟ ଡିସେମ୍ବର ୧୩ ରାତି ୧୧ଟା ୪୫ ରହିଥିବାବେଳେ ୧୪ ତାରିଖ ମଧ୍ୟରାତି ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଫର୍ମ ଦାଖଲ କରିପାରିବେ। ସେହିପରି ଜରିମାନା ରହିତ ଦେୟ ପୈଠ ନିମନ୍ତେ ଡିସେମ୍ବର ୧୮ ରାତି ୧୧ଟା ୪୫ ଧାର୍ଯ୍ୟ କରାଯାଇଥିବାବେଳେ ଫର୍ମ ଦାଖଲର ଶେଷ ସମୟ ହେଉଛି ୧୯ ତାରିଖ ମଧ୍ୟରାତି। ରେଗୁଲାର, ଏକ୍ସ ରେଗୁଲାର ଓ କ୍ୱାସି ରେଗୁଲାର (ସରକାରୀ ଅନୁମୋଦନ ନ ପାଇ ଅନ୍ୟ ସରକାରୀ ବିଦ୍ୟାଳୟ ଜରିଆରେ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ର) ଛାତ୍ରୀଛାତ୍ରଙ୍କ ପାଇଁ ସମାନ ସମୟ ନିର୍ଦ୍ଧାରଣ କରାଯାଇଛି। ଏଥିପାଇଁ ବୋର୍ଡର ନିଜସ୍ୱ ୱେବ୍‌ସାଇଟ୍ www.bseodisha.ac.inରେ ସମସ୍ତ ସୂଚନା ଓ ବ୍ୟବସ୍ଥା ଉପଲବ୍ଧ ହେବ। ଅନ୍ୟପକ୍ଷରେ ୨୦୧୬, ୨୦୧୭ ଓ ୨୦୧୮ ମାଟ୍ରିକ ପରୀକ୍ଷାରେ ଫେଲ୍, ମାଲପ୍ରାକ୍ଟିସ, ଅନୁପସ୍ଥିତ ଥିବା ଛାତ୍ରୀଛାତ୍ର ମଧ୍ୟ ଆସନ୍ତା ୨୬ ତାରିଖରୁ ଫର୍ମପୂରଣ କରିପାରିବେ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।




■ଭିମସାର ନିର୍ଦ୍ଦେଶକ, କନିଷ୍ଠ ଡାକ୍ତର ବିବାଦ ଘଟଣା

# ଯାଞ୍ଚ ପାଇଁ ରାଜ୍ୟପାଳଙ୍କ ଚିଠି

**ସମ୍ବଲପୁର,୨୦।୧୧(ବ୍ୟୁରୋ)**

- ■୨ଜଣିଆ ଟିମ୍ ଗଠିତ
- ■୧୦ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ
- ■ଜିଲାପାଳଙ୍କ ଆଲୋଚନା ବିଫଳ
- ■ଆନ୍ଦୋଳନ ଜାରି ରଖିବେ ଜୁନିୟର ଡାକ୍ତର

ସମ୍ବଲପୁର ବୁର୍ଲା ଭିମସାରରେ ୨ ଦିନ ହେଲା ସ୍ୱାସ୍ଥ୍ୟସେବା ଅଚଳ ହୋଇପଡ଼ିଛି। ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀଙ୍କ ବଦଳି ସହ ଅନ୍ୟାନ୍ୟ ଦାବି ନେଇ ଜୁନିୟର ଡାକ୍ତର ସଂଘ (ଜେଡିଏ) ଗତ ଶନିବାରଠାରୁ ଆନ୍ଦୋଳନ ଚଳାଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଡାକ୍ତରମାନେ ଓପିଡି ଓ ଆଇପିଡି ସେବାରୁ ଦୂରେଇ ରହିଥିଲେ। ପରେ ପୂର୍ଣ୍ଣମାତ୍ରାରେ ଅସହଯୋଗ କରିଛନ୍ତି। ଫଳରେ ଭିମସାରରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନିର୍ଦ୍ଦେଶକ ପୂଜାହାରୀ ଡାକ୍ତର ଓ ରୋଗୀଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରିବା ସହ ଏକଚ୍ଛତ୍ରବାଦ ଶାସନ ଚଳାଇଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏଥିରେ ନିର୍ଦ୍ଦେଶକ ପୂଜାହାରୀ ତାଙ୍କ ତରଫରୁ ଅଭିଯୋଗର ତଦନ୍ତ କରିବାକୁ ରାଜ୍ୟପାଳଙ୍କୁ ଚିଠି ଲେଖିଥିଲେ। ତଦନୁଯାୟୀ ରାଜ୍ୟପାଳ ଘଟଣାର ଯାଞ୍ଚ ପାଇଁ ଚିଠି କରିଛନ୍ତି। ୧୦ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ସମ୍ବଲପୁର ଆରଡିସି ସଚିବ ବିଭୂତି ଭୂଷଣ ବେହେରା ଓ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ସଚିବ ଶରତ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ, ଜିଲାପାଳ ସମର୍ଥ ବର୍ମା ମଙ୍ଗଳବାର ମେଡିକାଲ କଲେଜ ସମ୍ମିଳନୀ କକ୍ଷରେ ବୈଠକ କରିଥିଲେ। କଲେଜର ଅଧ୍ୟକ୍ଷ ଡାକ୍ତର ବ୍ରଜମୋହନ ମିଶ୍ର, ଅଧୀକ୍ଷକ ପ୍ରଫେସର ଜୟଶ୍ରୀ ଡୋରା, କୋର କମିଟିର ୪ ସଦସ୍ୟଙ୍କ ସମେତ କନିଷ୍ଠ ଡାକ୍ତରଙ୍କ ପ୍ରତିନିଧି ଦଳ ସହ ଆଲୋଚନା କରି ସ୍ଥିତିରେ ସୁଧାର ଆଣିବା ପାଇଁ ପ୍ରୟାସ କରିଥିଲେ। ହେଲେ ତାହା ବିଫଳ ହୋଇଥିଲା। କନିଷ୍ଠ ଡାକ୍ତରମାନେ ଜିଦ୍‌ରେ ଅଟଳ ରହିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରଖିବେ ବୋଲି ସେମାନେ କହିଥିଲେ। ଏହି ଆନ୍ଦୋଳନକୁ କଟକ ଓ ବ୍ରହ୍ମପୁର ମେଡ଼ିକାଲର ଜୁନିୟର ଡାକ୍ତର ସଂଘ ସମର୍ଥନ ଜଣାଇଛନ୍ତି।

■ ମ୍ୟାଲେରିଆ ନିରାକରଣ

# ଓଡ଼ିଶା ରୋଲ୍ ମଡେଲ

## ୨୦୧୮ ବିଶ୍ୱ ମ୍ୟାଲେରିଆ ରିପୋର୍ଟରେ ପ୍ରଶଂସା କଲା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ

**ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)**

ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ଯୋଜନା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)ର ୨୦୧୮ ବିଶ୍ୱ ମ୍ୟାଲେରିଆ ରିପୋର୍ଟରେ ଓଡ଼ିଶାରେ ମ୍ୟାଲେରିଆ ନିରାକରଣ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରାଯାଇଛି। ଭାରତରେ ମ୍ୟାଲେରିଆ ମୁକାବିଲା କ୍ଷେତ୍ରରେ ଓଡ଼ିଶା ରୋଲ୍ ମଡେଲ ବୋଲି ଡବ୍ଲ୍ୟୁଏଚ୍‌ଓର ଗ୍ଲୋବାଲ ମ୍ୟାଲେରିଆ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଡା. ପେଡ୍ରୋ ଆଲନ୍ ସୋ ରିପୋର୍ଟ ଉନ୍ମୋଚନ ଅବସରରେ କହିଛନ୍ତି। ରିପୋର୍ଟରେ କୁହାଯାଇଛି, ୨୦୦୦ ମସିହା ବେଳକୁ ଦେଶର ଏହି ପୂର୍ବାଞ୍ଚଳ ରାଜ୍ୟ ମ୍ୟାଲେରିଆ ପ୍ରବଣ ଥିଲା। ଦେଶର ୪୦% ମ୍ୟାଲେରିଆ ରୋଗୀ ଓଡ଼ିଶାରେ ଥିଲେ, କିନ୍ତୁ ରାଜ୍ୟ ସରକାରଙ୍କ ସଫଳ ପଦକ୍ଷେପ ଯୋଗୁ ମ୍ୟାଲେରିଆ ଏକ ପ୍ରକାର ନିପାତ ସ୍ଥିତିକୁ ଆସିଯାଇଛି।

ସୂଚନାନୁଯାୟୀ, ୨୦୧୪ରେ ରାଜ୍ୟରେ ପ୍ରାୟ ୪ଲକ୍ଷ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବାବେଳେ ୮୯ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୭ରେ ମୃତ୍ୟୁ ସଂଖ୍ୟା କମି ୨୪ରେ ପହଞ୍ଚିଥିଲା। ଚଳିତବର୍ଷ ଅକ୍ଟୋବର ମଧ୍ୟରେ ମାତ୍ର ୩ଜଣ ମ୍ୟାଲେରିଆରେ ପ୍ରାଣ ହରାଇଛନ୍ତି। ମ୍ୟାଲେରିଆ ନିରାକରଣ ଲାଗି ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା 'ଦମନ' ଯୋଜନାରୁ ବେଶ୍ ସୁଫଳ ମିଳିଛି। ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରେ ଏହି ଯୋଜନାରେ ୨୪ ମ୍ୟାଲେରିଆ ପ୍ରବଣ ଜିଲାରେ ୩ ପର୍ଯ୍ୟାୟରେ ପ୍ରାୟ ୪୦୦୦ରୁ ଅଧିକ ଶିବିର ଆୟୋଜନ ହୋଇଛି। ଶିବିରରେ ୧୪ଲକ୍ଷରୁ ଅଧିକ ଲୋକଙ୍କ ରକ୍ତ ପରୀକ୍ଷା କରାଯାଇ ଆକ୍ରାନ୍ତମାନଙ୍କ ଚିକିତ୍ସା କରାଯାଇଛି। ମଶା କବଳରୁ ଲୋକଙ୍କୁ ରକ୍ଷା କରିବା ପାଇଁ ୧୭ ମ୍ୟାଲେରିଆ ପ୍ରବଣ ଜିଲାରେ ୧କୋଟି ୧୩ଲକ୍ଷ ଔଷଧୀୟ ମଶାରି ବଣ୍ଟାଯାଇଛି, ଯାହା ମ୍ୟାଲେରିଆ ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୨୧ ଜିଲାରେ ଘର ଭିତରେ କୀଟନାଶକ ସିଞ୍ଚନ, ମ୍ୟାଲେରିଆ ନିରାକରଣ ସଂକ୍ରାନ୍ତରେ ୪୭ହଜାରରୁ ଊର୍ଦ୍ଧ୍ୱ ଆଶାକର୍ମୀଙ୍କୁ ତାଲିମ, ତୁରନ୍ତ ରୋଗ ଚିହ୍ନଟ ଲାଗି ରାପିଡ୍ କିଟ୍ ଓ ମ୍ୟାଲେରିଆ ଔଷଧ ଯୋଗାଣ ସହିତ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ୨୦୩୦ ସୁଦ୍ଧା ଦେଶକୁ ମ୍ୟାଲେରିଆମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ଓଡ଼ିଶାକୁ ଏ କ୍ଷେତ୍ରରେ ସାବାସି ପ୍ରଦାନ କରାଯାଇଛି।

ଡବ୍ଲ୍ୟୁଏଚ୍‌ଓର ପ୍ରଶଂସା ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ କରି କହିଛନ୍ତି, ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିରନ୍ତର ଉଦ୍ୟମ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି। ସମଗ୍ର ଦେଶପାଇଁ ଏହା ଅତ୍ୟନ୍ତ ଗୌରବର ବିଷୟ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଏହି ସଫଳତା ପାଇଁ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ଧାର୍ଯ୍ୟ ସମୟ ପୂର୍ବରୁ ଓଡ଼ିଶାକୁ ମ୍ୟାଲେରିଆମୁକ୍ତ କରିବା ଲାଗି ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

■ ଧୂସରବାହାଲ ଆଶ୍ରମ ସ୍କୁଲରେ ଝାଡ଼ାବାନ୍ତି

# ୩୪ ଛାତ୍ରୀଛାତ୍ର ଡାକ୍ତରଖାନାରେ ଭର୍ତ୍ତି

**ସୋହେଲା,୨୦।୧୧(ଡି.ଏନ୍.ଏ.)**



ଝାଡାବାନ୍ତିରେ ଆକ୍ରାନ୍ତ ଛାତ୍ରୀଛାତ୍ର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ବରଗଡ଼ ଜିଲା ସୋହେଲା ନିକଟସ୍ଥ ଧୂସରବାହାଲ ଆଶ୍ରମ ସ୍କୁଲରେ ମଙ୍ଗଳବାର ଅପରାହ୍ନରେ ୩୬ଜଣ ଛାତ୍ରୀଛାତ୍ର ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଛାତ୍ରୀଛାତ୍ରମାନେ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ମଙ୍ଗଳବାର ସକାଳେ ଅନ୍ତେବାସୀମାନେ ଭାତ, ଡାଲି ଓ ତରକାରି ଖାଇ ପଢୁ ଥିଲେ। ମଧ୍ୟାହ୍ନ ଭୋଜନରେ ଭାତ ଓ ସୋୟାବିନ ତରକାରି ଦିଆଯାଇଥିଲା। ଅପରାହ୍ନରେ କେତେକ ଛାତ୍ରୀଛାତ୍ରଙ୍କ ପେଟ ଦରଜ ହେଉଥିବା ଅଭିଯୋଗ କରିଥିଲେ। ପରେ ଝାଡ଼ାବାନ୍ତି ହୋଇଥିଲା। ୨୨ଜଣ ଛାତ୍ରୀ ଓ ୧୪ଜଣ ଛାତ୍ରଙ୍କୁ ସୋହେଲା ଗୋଷ୍ଠୀ ଡାକ୍ତରଖାନାକୁ ଆଣି ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା ବୋଲି ପ୍ରଧାନ ଶିକ୍ଷକ ସରୋଜ ମେହେର ପ୍ରକାଶ କରିଛନ୍ତି। ଖବର ପାଇ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅତୀଶ କୁମାର ଭୋଇ, ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ ଡାକ୍ତରଖାନାରେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଚିକିତ୍ସା କରୁଥିବା ଡାକ୍ତର ଚିନ୍ମୟ କୁମାର ପଧାନଙ୍କୁ ପଚାରିବାରୁ ଚିକିତ୍ସା ପରେ ଛାତ୍ରୀଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ନିୟନ୍ତ୍ରଣାଧୀନ ରହିଥିବା କହିଥିଲେ। କେଉଁ କାରଣକୁ ନେଇ ଝାଡାବନ୍ତି ହୋଇଛି ତାହା ଜଣାପଡି ନାହିଁ। ହଷ୍ଟେଲରେ ୧୮୪ଜଣଙ୍କ ମଧ୍ୟରୁ ମଙ୍ଗଳବାର ୧୪୯ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିବା ପ୍ରଧାନଶିକ୍ଷକ ମେହେର ପ୍ରକାଶ କରିଛନ୍ତି।

# ମଧ୍ୟାହ୍ନଭୋଜନ ଖାଇ ୭ ଛାତ୍ରୀଛାତ୍ର ଅସୁସ୍ଥ

ନୟାଗଡ଼ ଅଫିସ,୨୦।୧୧- ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତ ମଦନଗାଡ଼ିଆ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ମଧ୍ୟାହ୍ନ ଭୋଜନ ଖାଇ ୭ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ଏହି ବିଦ୍ୟାଳୟକୁ ମଙ୍ଗଳବାର ୨୭ ଛାତ୍ରୀଛାତ୍ର ଆସିଥିଲେ। ସେଥିରୁ ଜଣକୁ ବାଦ୍ ଦେଲେ ଅନ୍ୟ୨୬ ଜଣ ଅପରାହ୍ନରେ ମଧ୍ୟାହ୍ନ ଭୋଜନ ଖାଇଥିଲେ। ଖାଇବାର କିଛି ସମୟ ପରେ ୭ ଛାତ୍ରୀଛାତ୍ରଙ୍କ ମୁଣ୍ଡ ବୁଲାଇବା ସହ ପେଟ କାଟି ବାନ୍ତି ହୋଇଥିଲା। ଏହା ପରେ ପ୍ରଧାନଶିକ୍ଷକ ବାସୁଦେବ ରଥ ଓ କେତେକ ଅଭିଭାବକ ଛାତ୍ରୀଛାତ୍ରଙ୍କୁ ଶରଣକୁଳ ମେଡ଼ିକାଲ୍‌କୁ ଆଣି ଚିକିତ୍ସା କରିବା ପରେ ସନ୍ଧ୍ୟାରେ ସମସ୍ତେ ଘରକୁ ଫେରିଛନ୍ତି।

LIC
भारतीय जीवन बीमा निगम
LIFE INSURANCE CORPORATION OF INDIA

**SAMBALPUR DIVISIONAL OFFICE, "JEEVAN PRAKASH", AINTHAPALI, SAMBALPUR-768 004**

**Ph-0663-2541093, Email:os.sambalpur@licindia.com**

**Tender for providing office upkeep and house Keeping**

**LIC of India** invites tenders from reputed **Agencies/ Services/ Contractors** in two bid systems for providing office upkeep and house Keeping services to different Branch Offices, Satellite Offices and Divisional Office under Sambalpur Division
Last date for submission of Tender Papers **14/12/2018 upto 3.30 PM.** Tender form and others details are also available in our website: **www.licindia.in/Tenders**
LIC of India reserves the right to accept or reject any or all offers in full / part without assigning any reasons whatsoever.

**20/11/2018** **Sr. Divisional Manager**




# ଟ୍ରେନ୍ ଆଗକୁ ଡେଇଁ ରେଳ କର୍ମଚାରୀଙ୍କ ଆତ୍ମହତ୍ୟା

**ଦେଓଗାଁ,୨୦।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପ୍ରାଣୀଧନ ଚିକିତ୍ସାଳୟ ନିକଟ ରେଳ ଲାଇନରେ ମଙ୍ଗଳବାର ସକାଳେ ଉଡାର ଗ୍ରାମର ଗ୍ରାମର ଜଗନ୍ନାଥ ନନ୍ଦ (୫୦) ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଜଗନ୍ନାଥ ଜଣେ ରେଳବାଇ କର୍ମଚାରୀ ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.- ୪୩/୧୮) ରୁଜୁ ହୋଇଛି। ଅପରାହ୍ନରେ ବଲାଙ୍ଗୀରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜିଆର୍‌ପି ତଦନ୍ତକାରୀ ଅଧିକାରୀ ଭାବ ପ୍ରସାଦ ପଟେଲ କହିଛନ୍ତି। ଜଗନ୍ନାଥ ବରପାଲି ଷ୍ଟେଶନ ଅଧୀନରେ କି ମ୍ୟାନ୍ ଭାବେ ଚାକିରି କରୁଥିଲେ। କୌଣସି କାରଣରୁ ନୂଆଁଖାଇ ପରଠାରୁ ସେ ଆଉ କାମରେ ଯୋଗଦେଇ ନ ଥିଲେ। ଘର ସଦସ୍ୟମାନେ ମାଇକ୍ରୋ ଫାଇନାନ୍ସରୁ ଋଣ ଉଠାଇଥିବାରୁ ସେ ଚିନ୍ତାଗ୍ରସ୍ତ ଥିଲେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଘରୋଇ କଳହ କାରଣକୁ କେନ୍ଦ୍ରକରି ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଜିଆର୍‌ପି ସନ୍ଦେହ କରୁଛି।






ଦୈହିକ ଅମରତ୍ୱ ଲାଭ କରିବାର ଏକ ଉପାୟ ଅଛି। ଯଦିବା ମୃତ୍ୟୁ ହୁଏ– ତେବେ ତାହା ହେବ ମୋର ଇଚ୍ଛାମୃତ୍ୟୁ। ପ୍ରକୃତିର ବାଧ୍ୟତାରେ ନୁହେଁ। କିନ୍ତୁ ଭାବଦେଖ୍ ! କିଏ ଭଲା। ଗୋଟିଏ କୁର୍ତ୍ତା ଶହେବର୍ଷ ଧରି ପିନ୍ଧିଚାଲିଥିବ ? କିମ୍ବା କିଏ ଭଲା ଶହେ ବର୍ଷ ଯାଏ ଗୋଟିଏ ମାତ୍ର ସଂକୀର୍ଣ୍ଣ ପରିବର୍ତ୍ତନହୀନ କୋଠରି ମଧ୍ୟରେ ସୁଦୀର୍ଘ ଶାଶ୍ୱତ କାଳ ଧରି ବସବାସ କରିପାରିବ ?

–ଶ୍ରୀଅରବିନ୍ଦ



# ନଇଁକରି ଆତ୍ମସମର୍ପଣ

ଅକ୍ଟୋବର ୨୬ରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ଏକ କାର୍ଯ୍ୟକ୍ରମରେ ଖୋଲାଖୋଲି କହିଥିଲେ ଯେ, କେନ୍ଦ୍ର ସରକାର କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାୟତ୍ତତାରେ ହସ୍ତକ୍ଷେପ ବନ୍ଦ କରନ୍ତୁ। ତା' ନ କଲେ ଦେଶ ଦୀର୍ଘମିଆଦୀ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବ। ଆଚାର୍ଯ୍ୟ ମତଦେବା ପରେ ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟରେ ବିବାଦ ପଦାକୁ ଆସିଥିଲା। ପରବର୍ତ୍ତୀ ସମୟରେ ଗଭର୍ନର ଉର୍ଜିତ୍ ପଟେଲ ମଧ୍ୟ ଆଚାର୍ଯ୍ୟଙ୍କ କଥାରେ ଏକମତ ହୋଇଥିଲେ। ସରକାର ଚାହୁଁଥିଲେ ଯେ, ବିଭିନ୍ନ ଅର୍ଥନୈତିକ ପ୍ରସଙ୍ଗରେ ଆର୍‌ବିଆଇ ତା' ସହ ସହମତ ହେଉ। କିନ୍ତୁ ପ୍ରାରମ୍ଭିକ ସ୍ତରରେ ଉର୍ଜିତ୍ ଏଥିରେ ରାଜି ନ ଥିଲେ। ସରକାରଙ୍କ ସବୁ ଉଦ୍ୟମ ଫସରଫାଟୁଥିବା ଦେଖି ଆର୍‌ବିଆଇରେ ମନୋନୀତ ସଦସ୍ୟଙ୍କୁ ଉର୍ଜିତ୍‌ଙ୍କ ଉପରେ ଚାପ ପକାଇବା ଲାଗି ପ୍ରୟାସ ଆରମ୍ଭ ହେଲା। ବିବାଦ ଥମିବାର ନାଁ ନ ଧରିବାରୁ ନିଷ୍ପତ୍ତି ନିଆଗଲା ଯେ ବୋର୍ଡ ବୈଠକରେ ଏ ନେଇ ଆଲୋଚନା କରାଯିବ। ନଭେମ୍ବର ୧୯ରେ ଦୀର୍ଘ ୯ ଘଣ୍ଟା ଧରି ଏହି ପ୍ରସଙ୍ଗରେ ଆଲୋଚନା ହେଲା। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପୁଞ୍ଜି ଉପଲବ୍ଧ କରାଇବା, ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି ଋଣ ଯୋଗାଣ ନିୟମକୁ କୋହଳ କରିବା ଭଳି ଏକାଧିକ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ଚାଲିଥିବା ମତଭେଦ ଆପାତତଃ ଦୂର ହୋଇଛି। ସବୁଠାରୁ ବଡ଼ କଥା ହେଲା, ସରକାରଙ୍କ ଚାପ ଆଗରେ ମୁଣ୍ଡ ନୁଆଇଁ କେନ୍ଦ୍ରୀୟ ବ୍ୟାଙ୍କ ଇକୋନମିକ୍ କ୍ୟାପିଟାଲ ଫ୍ରେମ୍‌ୱର୍କ ପାଇଁ ବିଶେଷଜ୍ଞ କମିଟି ଗଠନ ଲାଗି ରାଜି ହୋଇଛି। ଏହାର ଅର୍ଥ ହେଲା, ଆର୍‌ବିଆଇ ନିଜ ପାଖରେ କେତେ ଅର୍ଥ ରଖିପାରିବେ ସେନେଇ ବିଶେଷଜ୍ଞ କମିଟି ସ୍ଥିର କରିବେ। ପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ନିଜେ ଏହା ସ୍ଥିର କରୁଥିଲା। କିନ୍ତୁ ବାସେଲ–୩ ନିୟମ ଅନୁଯାୟୀ ଯେତିକି ଅର୍ଥ ଆର୍‌ବିଆଇ ରଖିବା କଥା, ତା'ଠାରୁ ଅଧିକ ରଖିଛି ବୋଲି କେନ୍ଦ୍ର ସରକାର ଯୁକ୍ତି କରୁଛନ୍ତି। ଏଣୁ ବଳକା ଅର୍ଥ ମଧ୍ୟରୁ କିଛି କେନ୍ଦ୍ରକୁ ଦେବା ପାଇଁ ଚାପ ପକାଯାଇ ଆସୁଥିଲା। ଏଥିରେ ଆର୍‌ବିଆଇ ଅସହମତି ପ୍ରକାଶ କରିଥିଲା। ଉଲ୍ଲେଖଯୋଗ୍ୟ, ବାସେଲ–୩ ହେଉଛି ଏକ ଅନ୍ତର୍ଜାତୀୟ ନିୟାମକ ଏକକ; ଯେଉଁଥିରେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ନିୟନ୍ତ୍ରଣ, ପର୍ଯ୍ୟବେକ୍ଷଣ ଏବଂ ବିପଦ ପରିଚାଳନା ଲାଗି ସଂସ୍କାର ଅଣାଯାଇଥାଏ। ଏହା ଭାରତ ପାଇଁ କେତେଦୂର ପ୍ରାସଙ୍ଗିକତା ରଖୁଛି କହିବା ଅତ୍ୟନ୍ତ କଷ୍ଟକର। ତେବେ ବିଶେଷଜ୍ଞ କମିଟି ଉପରେ ନିଷ୍ପତ୍ତି ଛଡ଼ାଯିବାରୁ ଆର୍‌ବିଆଇର ସ୍ୱାୟତ୍ତତା କ୍ଷୁଣ୍ଣ ହୋଇଛି। ଦେଖିବାକୁ ଗଲେ ସରକାରଙ୍କ ଆଗରେ ଉର୍ଜିତ୍ ସମ୍ପୂର୍ଣ୍ଣ ଭାବେ ଆତ୍ମସମର୍ପଣ କରିଦେଲେ।

ନିଜର ସ୍ୱାର୍ଥ ଚରିତାର୍ଥ କରିବାକୁ ଯାଇ ଜଣେ ସରକାରୀ ଉଚ୍ଚ ଅଧିକାରୀ କିଭଳି ଦେଶର ଆର୍ଥିକ ଭବିଷ୍ୟତକୁ ଜଳାଞ୍ଜଳି ଦେଇପାରନ୍ତି, ତାହାର ନମୁନା ଭାବେ ଉର୍ଜିତ୍ ସବୁବେଳେ ସ୍ମରଣୀୟ ହୋଇ ରହିଯିବେ। ଓଡ଼ିଆରେ ଢଗ ଅଛି 'ମନ୍ଦିର ତୋଳିଲେ ନାମ, ବାଟରେ ହଗିଲେ ନାମ'। ଏହି ଚିନ୍ତାଧାରାରେ ବୋଧହୁଏ ଅନୁପ୍ରାଣିତ ହୋଇ ଉର୍ଜିତ୍ ପଟେଲ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇ ଚାଲିଛନ୍ତି। ପ୍ରଥମେ ଏହି ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଜାଣିବାର ସୁଯୋଗ ଦେଶବାସୀ ଦୁଇବର୍ଷ ପୂର୍ବରୁ ପାଇଲେ। ୮ ନଭେମ୍ବର ୨୦୧୬ ଭାରତ ପାଇଁ ଏକ କଳାଦିବସ ଭାବେ ବିମୁଦ୍ରୀକରଣ ରୂପ ନେଇଥିଲା। ଏହାକୁ ସମର୍ଥନ କରି ପ୍ରଥମେ ଲୋକଲୋଚନକୁ ଆସିଥିଲେ ଉର୍ଜିତ୍। ସେତେବେଳେ ନଗଦ ନିଯୁକ୍ତି ପାଇଥିବା ଉର୍ଜିତ୍ ସରକାରଙ୍କ ନୀତିକୁ ସମର୍ଥନ କରୁଥିବା ହେତୁ ଅନେକ ସାଧାରଣ ନାଗରିକ ତାଙ୍କ ସମ୍ପର୍କରେ ବାସ୍ତବତା ବୁଝିପାରି ନ ଥିଲେ। ସେତେବେଳେ ସମସ୍ତେ ତାଙ୍କୁ ଜଣେ ଭଲ ଅର୍ଥନୈତିକ ବିଶେଷଜ୍ଞ ଭାବେ ଦେଖିବାକୁ ଆରମ୍ଭ କଲେ। ଭାବିଲେ ଯେ, ମୋଦିଙ୍କ ଦ୍ୱାରା ଅଣାଯାଉଥିବା ଆର୍ଥିକ ସଂସ୍କାରରେ ତାଙ୍କର ଅବଦାନ ଅତୁଳନୀୟ। ପରବର୍ତ୍ତୀ ସମୟରେ ସାଧାରଣରେ ଜଣାଗଲା ଯେ, ଗୁଜରାଟର ଏକ ବିରାଟକାୟ କମ୍ପାନୀରେ ଚାକିରି କରୁଥିବା ଉର୍ଜିତ୍‌ଙ୍କୁ ଅଣାଯାଇ ଦେଶର କେନ୍ଦ୍ରୀୟ ବ୍ୟାଙ୍କର ମୁଖ୍ୟ ଭାବେ ବସାଇ ଦିଆଯାଇଛି। ଚାକିରି କରୁଥିବା ଚାକର ଭାବେ ତାଙ୍କର ବ୍ୟବହାର କ୍ରମଶଃ ବୁଝିବା ସମ୍ଭବପର ହୋଇଥିଲା। ସମସ୍ତେ ଭାବିଥିଲେ ଯେ, ବିମୁଦ୍ରୀକରଣ କଷ୍ଟ ସେହି କିଛିମାସରେ ସମାପ୍ତ ହୋଇଯାଇଥିଲା। ଚିନ୍ତା କରାଯାଉଥିଲା, ସମସ୍ୟା କେବଳ ଧାଡ଼ିରେ ଠିଆହୋଇ ନୂତନ ଭାବେ ଛପା ଯାଇଥିବା କାଗଜ ଟଙ୍କା ହାସଲ କରିବାରେ ସୀମିତ ରହିଗଲା। ପରବର୍ତ୍ତୀ ସମୟରେ ୯୯.୩ ପ୍ରତିଶତ ଅଚଳ ଟଙ୍କା ଆର୍‌ବିଆଇକୁ ଫେରି ଆସିଥିଲା। ଏଥିରେ ନେପାଳ, ଶ୍ରୀଲଙ୍କା ଓ ଅନ୍ୟ କେତେକ ଦେଶରେ ରହିଯାଇଥିବା ଭାରତୀୟ ଟଙ୍କା ସାମିଲ ହୋଇନାହିଁ। ଅର୍ଥାତ୍ ଭାରତରେ କୌଣସି କଳାଧନ ନାହିଁ ବୋଲି ଖୋଦ୍ ଆର୍‌ବିଆଇ ଘୋଷଣାରୁ ପ୍ରମାଣିତ ହେଲା। କିନ୍ତୁ ବିମୁଦ୍ରୀକରଣର କୁଫଳ ଏବେ କ୍ରମଶଃ ସମସ୍ତଙ୍କୁ ଅନୁଭୂତ ହେଉଛି। ସେହି କଳଙ୍କିତ ଦୁଇବର୍ଷ ପୁରୁଣା ଇତିହାସ ମନରୁ ଲିଭି ନ ଥିବାବେଳେ ଏବେକାର ଉର୍ଜିତ ପଟେଲ ନେତୃତ୍ୱାଧୀନ ଆର୍‌ବିଆଇ ନିଷ୍ପତ୍ତି ଦେଶର ଶୁଭଚିନ୍ତକମାନଙ୍କୁ ବ୍ୟସ୍ତ କରିବା ସ୍ୱାଭାବିକ। ଇକୋନମିକ୍ କ୍ୟାପିଟାଲ ଫ୍ରେମ୍‌ୱର୍କ ବିଶେଷଜ୍ଞ କମିଟିର ସୁପାରିସ କେଉଁ ଦିଗରେ ଯିବ ତାହା କାହାରିକୁ ଅଛପା ନାହିଁ। ୨୦୧୯ ସାଧାରଣ ନିର୍ବାଚନକୁ ଆଖିରେ ରଖି ସରକାର ଏବେ ଆର୍‌ବିଆଇ ପାଖରେ ଗଚ୍ଛିତ ଥିବା ୯.୬ ଲକ୍ଷ କୋଟି ଟଙ୍କାରୁ ୭.୨୮ ଲକ୍ଷ କୋଟି ଟଙ୍କା ପ୍ରଶ୍ନବାଚୀରେ ରହିଯାଇଛି। କାରଣ ୨.୩୨ ଲକ୍ଷ କୋଟି ଟଙ୍କା ଆର୍‌ବିଆଇ ଜରୁରିକାଳୀନ ପାଣ୍ଠିରେ ରଖିଛି। ତେଣୁ ଆର୍‌ବିଆଇ ନିକଟରେ ବଳକା ଥିବା ୭.୨୮ ଲକ୍ଷ କୋଟି ଟଙ୍କାରୁ କେନ୍ଦ୍ର ସରକାର କେତେ ନେବେ ତାହା ବିଶେଷଜ୍ଞ କମିଟି ସ୍ଥିର କରିବେ। ଆର୍‌ବିଆଇ ନିକଟରୁ ଅର୍ଥନେବାର ଉଦ୍ଦେଶ୍ୟ ହେଉଛି, କ୍ଷଣକ ପାଇଁ ଆଖିଦୃଶିଆ 'ବିକାଶ' କରାଇ ଭୋଟ ହାସଲ କରିବା ଦିଗରେ ଖର୍ଚ୍ଚ କରିବା। କିନ୍ତୁ ଏହି ଅର୍ଥ ଯଦି ଆର୍‌ବିଆଇଠାରୁ ନେଇନିଆଯାଏ, ତେବେ ତାହା ବିମୁଦ୍ରୀକରଣ ଭଳି ଦେଶର ଅର୍ଥନୀତିକୁ ଦୀର୍ଘମିଆଦୀ ଆଘାତ ପହଞ୍ଚାଇବ।

**ତଥାଗତ ସତପଥୀ**

# ଜନସ୍ୱାର୍ଥ ମାମଲା: ସମସ୍ୟା ନା ସମାଧାନ



**ଅରୁଣ କୁମାର ପଣ୍ଡା**

ସାର୍ବଜନିକ ସ୍ୱାର୍ଥ ରକ୍ଷା ପାଇଁ କରାଯାଉଥିବା କୌଣସି ମକଦ୍ଦମାକୁ ଜନସ୍ୱାର୍ଥ ମାମଲା ବା ପିଆଇଏଲ୍ କୁହାଯାଏ। ଏକ ସାଧାରଣ ମାମଲାଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ପୀଡ଼ିତ ପକ୍ଷଙ୍କ ପାଇଁ ଅନ୍ୟମାନେ ଅଦାଲତରେ ଜନସ୍ୱାର୍ଥ ମାମଲା ଦାଏର କରିପାରିବେ। ସ୍ୱୟଂ ନ୍ୟାୟାଳୟ ମଧ୍ୟ କୌଣସି ସୂଚନା କିମ୍ବା ଗଣମାଧ୍ୟମର ଖବର ଆଧାରରେ ଜନସ୍ୱାର୍ଥ ମାମଲା ଆରମ୍ଭ କରିପାରିବେ। ବିଭିନ୍ନ କ୍ଷେତ୍ରରେ ହେଉଥିବା ଅନ୍ୟାୟ ବିରୋଧରେ ଜନସ୍ୱାର୍ଥକୁ ଆଖି ଆଗରେ ରଖି ଜଣେ କିମ୍ବା କେତେଜଣ ମିଶି ସାମୂହିକ ଭାବରେ ଏହି ମାମଲା ଦାଏର କରିପାରିବାର ପ୍ରାବଧାନ ରହିଛି। ନ୍ୟାୟିକ ସକ୍ରିୟତା ଏବଂ ଜନହିତ ଯାଚିକାର ବିସ୍ତାର ସମାନାନ୍ତର ଭାବରେ ହୋଇ ଚାଲିଛି। ବିଶେଷକରି ଦରିଦ୍ର ଏବଂ ମଧ୍ୟମବର୍ଗ ଜନତାଙ୍କୁ ନ୍ୟାୟ ଦେବା ପାଇଁ ଏହି ବ୍ୟବସ୍ଥା ଅତ୍ୟନ୍ତ ଉପଯୋଗୀ ହୋଇଥିବା ବେଳେ କେତେକ କ୍ଷେତ୍ରରେ ଏହାର ଦୁରୁପଯୋଗ ହେଉଥିବା ମଧ୍ୟ ଅଭିଯୋଗ ହୋଇ ଆସୁଛି।

ଭାରତୀୟ ସମ୍ବିଧାନରେ ଜନସ୍ୱାର୍ଥ ମାମଲାର କୌଣସି ଶାବ୍ଦିକ ପରିଭାଷା ନ ଥିଲେ ବି ଉଚ୍ଚତମ ନ୍ୟାୟାଳୟର ସମ୍ବିଧାନିକ ବ୍ୟବସ୍ଥା ଭିତରେ ବା ଅଧିକାର କ୍ଷେତ୍ରରେ ଏହାକୁ ରଖାଯାଇଛି। ଜନହିତ ଯାଚିକା ଦ୍ୱାରା ନାଗରିକଙ୍କୁ ଅନେକ ନୂତନ ଅଧିକାର ପ୍ରାପ୍ତ ହୋଇଛି ଏବଂ ଏହା ହିଁ ହେଉଛି ଏହାର ବିଶେଷତା। ଉଦାହରଣ ସ୍ୱରୂପ, ଏଥିରେ ମାମଲାଗୁଡ଼ିକର ତ୍ୱରିତ ଶୁଣାଣି ଅଧିକାର, ଯୌନ ଉତ୍ପୀଡ଼ନ ବିରୋଧରେ ତୁରନ୍ତ ନ୍ୟାୟ ପାଇଁ ଆବେଦନର ଅଧିକାର, ଦାସତ୍ୱ ବିରୋଧରେ ସଂଗ୍ରାମ ପାଇଁ ଅଧିକାର, ଆଶ୍ରୟ ଏବଂ ଆବାସର ଅଧିକାର, ଗରିମାଯୁକ୍ତ ଜୀବନ ଜିଇବାର ଅଧିକାର, ସ୍ୱଚ୍ଛ ପରିବେଶର ଅଧିକାର, ଶିକ୍ଷା ଓ ସ୍ୱାସ୍ଥ୍ୟ ତଥା ଆଇନ ସହାୟତାର ଅଧିକାର ଆଦି ଅନ୍ତର୍ଭୁକ୍ତ। ଜନସ୍ୱାର୍ଥ ମାମଲାଗୁଡ଼ିକର ସଫଳ ପରିଚାଳନା ଫଳରେ ନ୍ୟାୟପାଳିକାକୁ ଯଥେଷ୍ଟ ସମ୍ମାନ ଓ ପ୍ରତିଷ୍ଠା ମିଳିଛି। କହିବାକୁ ଗଲେ, ନ୍ୟାୟପାଳିକା ଏହି କାରଣରୁ ଜନସ୍ୱାର୍ଥର ସୁରକ୍ଷା କବଚରେ ପରିଣତ ହୋଇଛି।

ଜନସ୍ୱାର୍ଥ ମାମଲାଗୁଡ଼ିକ କାନୁନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି ଏବଂ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଏଥିରେ ସହଯୋଗୀ ହୋଇଛି। ପରନ୍ତୁ କେବଳ ମାମଲା ଦାଏର କରି ନ୍ୟାୟପାଳିକାର ସମୟ ନଷ୍ଟ କରିବା ପାଇଁ କେତେକେ ଏହାର ଦୁରୁପଯୋଗ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଗତ ଦଶନ୍ଧିରେ ଏଭଳି କେତେକ ଜନସ୍ୱାର୍ଥ ମାମଲାର ଶୁଣାଣି କଲାବେଳେ ଏ ସବୁର ସନ୍ଦେହାତ୍ମକ ଅଭିସନ୍ଧି ନେଇ ତୀବ୍ର ସମାଲୋଚନା କରିଥିଲେ। ଗତ କିଛିବର୍ଷ ହେଲା ଦେଶରେ ଜନସ୍ୱାର୍ଥ ମାମଲାଗୁଡ଼ିକର ସଂଖ୍ୟା ବଢ଼ିବାରେ ଲାଗିଛି। ଜନତା ବା ସାଧାରଣ ଲୋକଙ୍କ ସ୍ୱାର୍ଥର ସୁରକ୍ଷା ନାଁରେ ରାଜନୈତିକ କିମ୍ବା ସେହି ଅନୁରୂପ ଅଭିସନ୍ଧି ରଖି ଦାଏର କରାଯାଉଥିବା ପିଆଇଏଲ ନେଇ ସୁପ୍ରିମ୍‌କୋର୍ଟ ବାରମ୍ବାର ସତର୍କବାଣୀ ଶୁଣାଇ ଅଧିକାଂଶ ଖାରଜ କରି ଦେଉଥିବା ଜଣାପଡ଼ିଛି। କାରଣ ଜନସ୍ୱାର୍ଥ ମାମଲା ମଧ୍ୟରୁ କେତେକ ସମସ୍ୟା ସମାଧାନ ପରିବର୍ତ୍ତେ ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗ ହେଉଛି। ସେଗୁଡ଼ିକ ହେଲା– ନ୍ୟାୟାଳୟଗୁଡ଼ିକ ଉପରେ ଅଧିକ ବୋଝ, ଫଳରେ ଅନ୍ୟ ମାମଲାଗୁଡ଼ିକର ଶୁଣାଣି ପାଇଁ ସମୟର ଅଭାବ ସୃଷ୍ଟି ହେଉଛି ଏବଂ ବିଚାର ଅପେକ୍ଷାରେ ପଡ଼ିରହିଥିବା କେସ୍‌ଗୁଡ଼ିକର ସଂଖ୍ୟା ବଢ଼ୁଛି।

ସେହିଭଳି ଜନସ୍ୱାର୍ଥ ମାମଲାର ଗୁରୁତ୍ୱକୁ ଦେଖି ନ୍ୟାୟପାଳିକା ବେଳେବେଳେ ଏଭଳି ନିର୍ଦ୍ଦେଶ ଦେଉଛନ୍ତି, ଯାହାକୁ ପାଳନ କରିବା ପାଇଁ କାର୍ଯ୍ୟପାଳିକାକୁ ନାକେଦମ୍ ହେବାକୁ ପଡୁଛି। ଉଦାହରଣ ସ୍ୱରୂପ ୨୦୧୦ରେ ସର୍ବୋଚ୍ଚ ନ୍ୟାୟାଳୟ ଦିଲ୍ଲୀରେ ବିନା ସିଏନ୍‌ଜିରେ ଚାଲୁଥିବା ବସ୍‌ଗୁଡ଼ିକୁ ପ୍ରତିବନ୍ଧିତ କରିବା ପାଇଁ ଦେଇଥିବା ଆଦେଶକୁ ଦିଲ୍ଲୀ ସରକାର ନିଜେ ପାଳନ କଲେ ନାହିଁ ଏବଂ ପରିସ୍ଥିତି ଦେଖି ବସ୍‌ଗୁଡ଼ିକୁ ଚଳାଚଳ କରିବାକୁ ଅନୁମତି ଦେବା ପାଇଁ ବାଧ୍ୟ ହେଲେ। କେତେକ ବ୍ୟକ୍ତି ଏବଂ ସଙ୍ଗଠନ ଜନସ୍ୱାର୍ଥ ମାମଲା କରି ହଠାତ୍ ଲୋକପ୍ରିୟ ହେବା ପାଇଁ ଉଦ୍ୟମ କରୁଥିବା ମଧ୍ୟ କୁହାଯାଏ। ସେମାନେ ଏହି କାର୍ଯ୍ୟକୁ ନିଜ ନିଜର ବ୍ୟବସାୟରେ ପରିଣତ କରିଥିବା ଅଭିଯୋଗ ହେଉଛି। ତେଣୁ କେତେକେ ଏହାକୁ ପବ୍ଲିକ ନୁହେଁ, ପର୍ସନାଲ ଇଣ୍ଟରେଷ୍ଟ ଲିଟିଗେଶନ ବୋଲି କହୁଛନ୍ତି। ତେଣୁ ପିଆଇଏଲ୍‌କୁ ଠିକ୍ ଢଙ୍ଗରେ ଉପଯୋଗ ବା ନିୟନ୍ତ୍ରିତ କରା ନ ଗଲେ ଏହା ଅନୈତିକ ହାତର ପ୍ରଚାର, ପ୍ରତିରୋଧ ଏବଂ ରାଜନୈତିକ ସ୍ୱାର୍ଥସିଦ୍ଧିର ଅମୃତରେ ପରିଣତ ହେବାର ସମ୍ଭାବନା ରହିଛି। ଜନସ୍ୱାର୍ଥ ନାଁରେ ଆଧାରହୀନ ମାମଲାଗୁଡ଼ିକର ନିରନ୍ତର ବୃଦ୍ଧି ନ୍ୟାୟବ୍ୟବସ୍ଥା ପାଇଁ ଶୁଭଲକ୍ଷଣ ନୁହେଁ।

ସର୍ବୋଚ୍ଚ ନ୍ୟାୟାଳୟର ଦୁଇଜଣ ଜଜ୍ ଜଷ୍ଟିସ୍ ଏ.କେ. ମାଥୁର ଏବଂ ଜଷ୍ଟିସ୍ ମାର୍କଣ୍ଡେୟ କାଟ୍‌ଜୁ ଏକ ମାମଲାର ରାୟ ଶୁଣାଇବା ବେଳେ ବିରକ୍ତି ପ୍ରକାଶ କରି କହିଥିଲେ ଯେ, ଭାରତର ବର୍ତ୍ତମାନର ନ୍ୟାୟିକ ବ୍ୟବସ୍ଥା ନେଇ ଜନତା କ୍ଷୁବ୍ଧ ଅଛନ୍ତି। ମକଦ୍ଦମା ପରିଚାଳନାରେ ଆବଶ୍ୟକତାଠାରୁ ଅଧିକ ବିଳମ୍ବ କାରଣରୁ ନ୍ୟାୟବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥା କମିବାରେ ଲାଗିଛି। ପଡ଼ିରହିଥିବା ମାମଲାଗୁଡ଼ିକର ତ୍ୱରିତ ଫଇସଲା ନ ହେଲେ ଗଣତନ୍ତ୍ରର ଏହି ତୃତୀୟ ସ୍ତମ୍ଭ ପ୍ରତି ଲୋକଙ୍କ ବିଶ୍ୱାସ ତୁଟିଯିବ। କେତେକ ଅନାବଶ୍ୟକ ତଥା ତର୍କହୀନ ଜନସ୍ୱାର୍ଥ ମାମଲାଗୁଡ଼ିକ ପାଇଁ ନ୍ୟାୟାଳୟ ଆବେଦନକାରୀଙ୍କୁ ଦଣ୍ଡିତ କରିବା ସହିତ ସେଗୁଡ଼ିକୁ ଖାରଜ କରିଦେବା ଭଳି ଘଟଣା ମଧ୍ୟ ବଢ଼ିବାରେ ଲାଗିଛି। ଏହି ମାମଲାଗୁଡ଼ିକରେ ବଡ଼ ବଡ଼ ଓକିଲ, ପ୍ରବୁଦ୍ଧ ସମାଜସେବୀ, ଗଣମାଧ୍ୟମର ପ୍ରତିନିଧି ଓ ପତ୍ରକାର, ମହତ୍ତ୍ୱାକାଂକ୍ଷୀ ସମାଜସେବୀ ସଂଗଠନଗୁଡ଼ିକ ସଂପୃକ୍ତ ଥାନ୍ତି। ଇଣ୍ଡିଆର ନାଁ ବଦଳାଇ ହିନ୍ଦୁସ୍ତାନ କରିବା, ଆରବ ସାଗରର ନାଁ ବଦଳାଇ ସିନ୍ଧୁ ସାଗର କରିବା, ରାଷ୍ଟ୍ରୀୟ ସଙ୍ଗୀତକୁ ବଦଳାଯିବା ଭଳି କେତେକ ପ୍ରସଙ୍ଗକୁ ନେଇ ମଧ୍ୟ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା, ଯାହାକୁ ନ୍ୟାୟାଳୟ ଖାରଜ କରିଦେଇଥିଲେ। କେବଳ ସେତିକି ନୁହେଁ, ମଧ୍ୟପ୍ରଦେଶ ହାଇକୋର୍ଟର ଇନ୍ଦୋର ଖଣ୍ଡପୀଠର ଜଣେ ଜଜ୍‌ଙ୍କ ବିରୋଧରେ ଦାଏର ହୋଇଥିବା ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଅର୍ଥଦଣ୍ଡ ସହ ଖାରଜ କରିଥିଲେ।

ଜନସ୍ୱାର୍ଥ ମାମଲା ଏବଂ ନ୍ୟାୟିକ ସକ୍ରିୟତା ସତ୍ତ୍ୱେ ଗରିବ ଲୋକଙ୍କୁ ବିଶେଷ କିଛି ସୁବିଧା ମିଳିଲା ଭଳି ଲାଗୁନାହିଁ। ପରିବେଶ ପ୍ରଦୂଷଣ ନେଇ ଅନେକ ନିର୍ଦ୍ଦେଶ, ହଜାର ହଜାର କଳକାରଖାନା ବନ୍ଦ ପାଇଁ ନିଷ୍ପତ୍ତି, ଝୁଙ୍ଗି ଝୋପଡ଼ି ହଟାଇବା ନିର୍ଣ୍ଣୟ ସମାଜ ଉପଯୋଗୀ ହେବା ପରିବର୍ତ୍ତେ ଜନବିରୋଧୀ ବୋଲି ପ୍ରମାଣିତ ହେଲା। ୧୯୯୯ରେ ନିର୍ଦ୍ଦିଷ୍ଟ ସିଡ୍ୟୁଲ୍‌ଡ ଅଞ୍ଚଳରୁ ଫ୍ୟାକ୍ଟ୍ରି ହଟାଇବା ନିର୍ଦ୍ଦେଶ ପରେ ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ରରେ ଶ୍ରମିକ ଗୃହଶୂନ୍ୟ ହେଲେ ଏବଂ ଝୁଙ୍ଗି ଝୋପଡ଼ି ଭାଙ୍ଗି ଦିଆଗଲା। ଏଥିରେ ପାଖାପାଖି ୨୦ଲକ୍ଷ ଲୋକ ପ୍ରଭାବିତ ହେଲେ। ଏମ୍‌ସି ମେହେଟ୍ଟା ବନାମ ଭାରତ ସଂଘ ପ୍ରଦୂଷଣକୁ କମ୍ କରିବା ପାଇଁ ୨୦୦୧ରେ ସିଏନ୍‌ଜି ବାଧ୍ୟତାମୂଳକ ନିଷ୍ପତ୍ତି ସତ୍ତ୍ୱେ ପ୍ରଦୂଷଣ ବୃଦ୍ଧି ପାଇଲା ଏବଂ ରାଜଧାନୀ ଦିଲ୍ଲୀକୁ ଅଡ୍ ଇଭିନ୍ ଫର୍ମୁଲା ଲାଗୁ କରାଯିବାକୁ ପଡିଲା। ବିଡ଼ମ୍ବନା ହେଉଛି, କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନ ସମ୍ବନ୍ଧୀୟ ଦିଶା ନିର୍ଦ୍ଦେଶ ଲାଗୁ କରିବା ପାଇଁ ତଥା ବିଧେୟକ କରିବା ଲାଗି ୧୭ ବର୍ଷ ଲାଗିଲା। ହାୱାଲା କାଣ୍ଡ, କଳାଧନ ସମେତ ବିଭିନ୍ନ ପ୍ରସଙ୍ଗରେ ଜନସ୍ୱାର୍ଥ ମାମଲା ଏବଂ ନିର୍ଣ୍ଣୟ ପରେ ବି ସାଧାରଣ ସମାଜ ତଥା ନ୍ୟାୟ ମଧ୍ୟରେ ଥିବା ଦୂରତା କମିବା ପରିବର୍ତ୍ତେ ବଢ଼ିଛି।

ନ୍ୟାୟ ଶୀଘ୍ର ଏବଂ ସୁଲଭରେ ଉପଲବ୍ଧ ହେଉ ଏହା ସମସ୍ତେ ଚାହାନ୍ତି। କିନ୍ତୁ ଏଥିପାଇଁ ନ୍ୟାୟ ବ୍ୟବସ୍ଥାରେ ସଂସ୍କାର ଆବଶ୍ୟକ। ଜନସ୍ୱାର୍ଥ ମାମଲାଗୁଡ଼ିକର ଉପଯୋଗୀ କ୍ରିୟାନ୍ୱୟନ ଦ୍ୱାରା ଏଥିରେ କିଛି ସହଯୋଗ ମିଳିପାରିବ। ଉଦାରବାଦୀ, ସୁଧାରବାଦୀ ସଂଶୋଧନ ଦ୍ୱାରା ନ୍ୟାୟ ବ୍ୟବସ୍ଥାରେ ଜର୍ଜରିତ ମୂଳ ଢାଞ୍ଚାକୁ ସୁଦୃଢ଼ କରାଯାଇପାରିବ।

ମୋ– ୯୪୩୭୨୭୦୬୦୫

# ମାନବବାଦୀ ଅବତାର



**ଇଂ. ରୌଶନ ଖାନ୍**

ଯେତେବେଳେ ମଧ୍ୟଯୁଗୀୟ ଅନ୍ଧାରି ମୁଲକରେ ସର୍ବତ୍ର ବିଶୃଙ୍ଖଳା ଭରି ଯାଇଥିଲା, ସେତିକିବେଳେ ପ୍ରାଚ୍ୟ ଆକାଶରେ ଏକ ଦୀପ୍ତିମନ୍ତ ସୂର୍ଯ୍ୟଙ୍କ ଉଦୟ ହେଲା। ସେହି ସୂର୍ଯ୍ୟ ମକ୍କାରେ ବନୁ ହାସିମ୍ ବଂଶରେ ୫୭୦ ମସିହା ଅଗଷ୍ଟ ୨୪ ତାରିଖ ଦିନ ଆମିନାଙ୍କ ଗର୍ଭରୁ ଜନ୍ମଲାଭ କରି ପୃଥିବୀକୁ ଆଲୋକିତ କଲେ। ସେଇ ନବଜାତ ଶିଶୁର ନାମ ମହମ୍ମଦ ରଖାଗଲା।

ଜନ୍ମରୁ ଅନାଥ, ବାଲ୍ୟରେ ମାତୃହୀନ, ଧାଈ ହାଲିମାଠାରୁ କ୍ଷୀରପାନ, କିଶୋରାବସ୍ଥାରେ ପିତାମହ, ପୁଣି ପିତୃବ୍ୟଙ୍କ ଘରେ ଲାଳନପାଳନ, ଯୌବନର ନିଃସଙ୍ଗତାରେ ହୀରା ଗୁମ୍ଫାରେ ତପସ୍ୟା, ଖାଦିଜା ନାମ୍ନୀ ବିଧବା ମହିଳାଙ୍କ ପାଣିଗ୍ରହଣ ଓ ଚାଳିଶ ବର୍ଷରେ ଅବତାରତ୍ୱ ପ୍ରାପ୍ତି– ଏହିପରି ଈଶ୍ୱରଙ୍କ ଅଦ୍ଭୁତ ଲୀଳା ହଜରତ ମହମ୍ମଦଙ୍କ ଭବିଷ୍ୟତ କର୍ମପନ୍ଥା ନିର୍ଦ୍ଧାରଣ କରୁଥିଲା। ଚଲାପଥରେ ଯାବତୀୟ ଦୁଃଖ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଥିଲେ ସୁଦ୍ଧା ସେ କଦାପି ସତ୍ୟ ଓ କର୍ତ୍ତବ୍ୟରୁ ବିଚ୍ୟୁତ ହେଲେନାହିଁ। ସେ ରାଜା ହୋଇ ମଧ୍ୟ କପର୍ଦ୍ଦକଶୂନ୍ୟ ଏବଂ ଅଜେୟ ଓ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିଥିଲେ।

ହଜରତ ମହମ୍ମଦ ସେ ଯୁଗର ଅବତାର ଓ ତାଙ୍କ ପ୍ରବର୍ତ୍ତିତ ଜୀବନଧାରାକୁ 'ଇସ୍‌ଲାମ' କୁହାଯାଉଛି, ଯାହାର ଅର୍ଥ 'ସଲାମତି ଓ ଅମନ୍' ଅର୍ଥାତ୍ ନିରାପତ୍ତା ଓ ଶାନ୍ତି। ମହମ୍ମଦ ଈଶ୍ୱରଙ୍କ ରସୁଲ ହୋଇଥିଲେ ସୁଦ୍ଧା ସାରାଜୀବନ କେବେ ପେଟପୂରା ଖାଇବା ଓ ଭଲ ଜାମା ଖଣ୍ଡେ ପିନ୍ଧିବା ତାଙ୍କ ଭାଗ୍ୟରେ ଜୁଟି ନ ଥିଲା। ମାସ ମାସ ଧରି ତାଙ୍କ ଘରେ ଚୁଲିରୁ ଧୂଆଁ ବାହାରିବାର କେହି ଦେଖି ନ ଥିଲେ। ତାଙ୍କ ବାସଗୃହ ଥିଲା ଝାଟିମାଟିରେ ତିଆରି ଏକ କୁଟିର। ତାଙ୍କ ଘର ଅଗଣା ହୋଇଥିଲା ଏକ ମସ୍‌ଜିଦ ଓ ଏହାର ଧୂଳିଧୂସରିତ ଚଟାଣ ହୋଇଗଲା ତାଙ୍କ ଆସ୍ଥାନ। ଖଜୁରିର ଚଟେଇ ହେଲା ତାଙ୍କ ବିଛଣା ଓ ନିଜ ବାହୁଯୁଗଳ ତକିଆର କାମ କରୁଥିଲା। କିନ୍ତୁ ଏପରି ଦୀନହୀନ ଅବସ୍ଥାରେ ରହି ସେ ଈଶ୍ୱରଙ୍କ ସେବା ଆରାଧନାରେ ସାରାଜୀବନ ଉତ୍ସର୍ଗ କରିଥିଲେ। ତାଙ୍କ ଶ୍ରୀମୁଖ ଉଚ୍ଚାରିତ ବାକ୍ୟ ଓ ନିରାସକ୍ତ କର୍ମ ଭାବନାର ଏକମାତ୍ର ଉଦ୍ଦେଶ୍ୟ ଥିଲା ପରମାତ୍ମାଙ୍କ ସାନ୍ନିଧ୍ୟ ଲାଭ। ତେଣୁ ଯଥାର୍ଥରେ ମହାତ୍ମା ଗାନ୍ଧୀ କହିଥିଲେ: ''ମୁଁ ସେହି ବ୍ୟକ୍ତିଙ୍କ ସମ୍ବନ୍ଧରେ ସବୁକିଛି ଜାଣିବାକୁ ଚାହୁଁଥିଲି, ଯେ କି ବିନା କୌଣସି ମତଭେଦରେ କୋଟି କୋଟି ମାନବଙ୍କ ହୃଦୟରେ ପ୍ରଭୁତ୍ୱ ବିସ୍ତାର କରିଛନ୍ତି। ତାଙ୍କ ଜୀବନ ଚରିତ ଅଧ୍ୟୟନ କଲାପରେ ମୋର ପୂର୍ବାପେକ୍ଷା ଅଧିକ ହୃଦ୍‌ବୋଧ ହୋଇଛି ଯେ, ସେ ଯୁଗରେ ଇସ୍‌ଲାମ ତରବାରି ବଳରେ କାହା ହୃଦୟରେ ବାସ କରି ନ ଥିଲା। ବରଂ ସେହି ପୟଗମ୍ବରଙ୍କ ସରଳ ଜୀବନଯାପନ, ଅତି ସୂକ୍ଷ୍ମ ତତ୍ତ୍ୱର ଅନୁସନ୍ଧାନ, ବିବେକାନୁମୋଦିତ ପ୍ରତିଶ୍ରୁତି ପାଳନ, ସ୍ପଷ୍ଟବାଦିତା, ପ୍ରିୟଜନ, ପ୍ରତିବେଶୀ ଓ ଅନୁଗାମୀଙ୍କ ପ୍ରତି ଗଭୀର ସ୍ନେହ ଓ ଅନୁରକ୍ତି, ଈଶ୍ୱରନିଷ୍ଠା ଓ ସମର୍ପିତ ଭାବ ଯୋଗୁ ସେ ସମସ୍ତ ପ୍ରକାର ପ୍ରତିବନ୍ଧକକୁ ଅତିକ୍ରମ କରିଥିଲେ।'' (Young India, ୨୩–୦୯–୧୯୨୪)

## ପବିତ୍ର ମହମ୍ମଦ ଜୟନ୍ତୀ ଅବସରରେ

ଯେଉଁ ବ୍ୟକ୍ତିଙ୍କୁ ସତ୍ୟବାଦିତା, ସାଧୁତା ଓ କର୍ତ୍ତବ୍ୟନିଷ୍ଠା ଲାଗି ମକ୍କାର ଲୋକେ ସିଦ୍ଦିକ ଓ ଅମୀନ ବୋଲି ଡାକୁଥିଲେ, ସେ ଅନ୍ୟାୟ ଓ ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରିବା ଏବଂ ଏକ ଆଲ୍ଲାଙ୍କ ଉପାସନା କରିବାର ବାଣୀ ପ୍ରଚାର କରିବା ଯୋଗୁ ସମସ୍ତେ ଶତ୍ରୁ ପାଲଟିଗଲେ। କେବଳ ଧର୍ମପତ୍ନୀ ଖାଦିଜା, ବାଲ୍ୟବନ୍ଧୁ ଅବୁବକର, ଦାସତ୍ୱରୁ ମୁକ୍ତ ଜୟେଦ ଓ ବାଳକ ଅଲ୍ଲୀ ଏପରି ଚାରିଜଣ ମହମ୍ମଦଙ୍କ ପ୍ରତି ସର୍ବପ୍ରଥମେ ବିଶ୍ୱାସ ସ୍ଥାପନ କରି ମୁକ୍ତି ଅଭିଯାନରେ ସାମିଲ ହେଲେ।

ନିଜ ଜନ୍ମଭୂମି ମକ୍କାରେ ଦୀର୍ଘ ତେର ବର୍ଷକାଳ କୋରୈଶମାନଙ୍କ ପ୍ରବଳ ବିରୁଦ୍ଧାଚରଣ ଓ ଅକଥନୀୟ ନିର୍ଯ୍ୟାତନା ଭୋଗ କରି ଆସୁଥିଲେ ସୁଦ୍ଧା ଏବଂ ତିନିବର୍ଷ ପର୍ଯ୍ୟନ୍ତ ସାମାଜିକ ବାସନ୍ଦ ସତ୍ତ୍ୱେ ତାଙ୍କର ୪୦ ମାଇଲ ଦୂରବର୍ତ୍ତୀ ତାୟଫ ଯାତ୍ରାର ହୃଦୟ ବିଦାରକ ଘଟଣା ଧର୍ମ ସହିଷ୍ଣୁତାର ଏକ ବିରଳ ଦୃଷ୍ଟାନ୍ତ ହୋଇ ରହିବ। ସେଠାକାର ରଇସ ଅବ୍ଦ ୟାଲୈଲ ମହମ୍ମଦଙ୍କ ପିଛା କରିବା ପାଇଁ ଗୁଣ୍ଡା ଲଗାଇଦେଲେ ଓ କୁକୁର ଲଗାଇ ତାଙ୍କୁ ସହର ମଧ୍ୟରୁ ଘଉଡ଼ାଇ ଦେଲେ। ତାଙ୍କ ଉପରେ ଏପରି ପଥର ବର୍ଷା କରାଗଲା ଯେ ତାଳୁରୁ ତଳିପା ଯାଏ ଲହୁଲୁହାଣ ହୋଇଗଲା। ଏକ ପକ୍ଷେ ସେ ନିଜ ଦେହରୁ ରକ୍ତ ପୋଛି ଚାଲିଥିଲେ ତ ଅନ୍ୟପକ୍ଷେ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଥିଲେ ଯେ 'ସେମାନଙ୍କୁ କ୍ଷମା କରିଦିଅ। କାରଣ ସେମାନେ ଯାହା କରୁଛନ୍ତି, ତାହା ଜାଣୁନାହାନ୍ତି।'

ଅନ୍ୟର ଧର୍ମଧାରଣା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଧାର୍ମିକ ସହନଶୀଳତାର ମୁଖ୍ୟ ଅଙ୍ଗ। ଥରେ ମହମ୍ମଦଙ୍କ ନିକଟ ଦେଇ ଏକ ଶବଯାତ୍ରା ଯାଉଥିଲା। ତାହା ଦେଖି ମହାଭାଗ ସଙ୍ଗେସଙ୍ଗେ ଏହାକୁ ସମ୍ମାନ ଜଣାଇ ଛିଡ଼ା ହୋଇପଡିଲେ। ତାଙ୍କୁ କୁହାଗଲା– ''ହଜୁର! ଇଏ ତ ଜଣେ ଇହୁଦୀର ଶବ।'' ତହୁଁ ସେ କହି ଉଠିଲେ, ''କ'ଣ ଇହୁଦୀ ମନୁଷ୍ୟ ନୁହନ୍ତି?'' ସେହିପରି ଏକଦା ନାଜରାନରୁ ଆସିଥିବା ଖ୍ରୀଷ୍ଟ ମତାବଲମ୍ବୀଙ୍କୁ ସେ ମଦିନାର ମସ୍‌ଜିଦ୍ ନବୱି ଭିତରେ ନିଜସ୍ୱ ବିଧିରେ ଉପାସନା କରିବାକୁ ଅନୁମତି ଦେଇଥିଲେ। ଏପରି ଏକ ସର୍ବସହନଶୀଳ ଧର୍ମ ଇସ୍‌ଲାମ ଅନ୍ୟ ଧର୍ମର ଦେବଦେବୀଙ୍କୁ ଆକ୍ଷେପମୂଳକ କଟୁ ମନ୍ତବ୍ୟ ଦେବା ପାଇଁ କଦାପି ଅନୁମତି ଦେଇନାହିଁ।

ଯେତେବେଳେ ଦିବ୍ୟ ଅବତାରଙ୍କୁ ଜୀବନରୁ ମାରିଦେବା ପାଇଁ ଷଡ଼ଯନ୍ତ୍ର କରାଗଲା, ବାଧହୋଇ ତାଙ୍କୁ ମକ୍କା ଛାଡ଼ି ମଦିନା ଯିବାକୁ ପଡିଲା। ମୁସଲମାନ୍‌ଙ୍କ ଉପରେ ବାରମ୍ବାର ଆକ୍ରମଣ ହେବା ଯୋଗୁ ଆତ୍ମରକ୍ଷା ପାଇଁ ଏହି ଦୁର୍ବଳ ଓ ନିରସ୍ତ୍ର ଲୋକମାନଙ୍କୁ ଏଗାର ଥର ଯୁଦ୍ଧ କରିବାକୁ ପଡିଛି। ଶେଷରେ ଯେବେ ଶତ୍ରୁଙ୍କ ଉପରେ ମହାନ୍ ବିଜୟର ଗୌରବ ବହନ କରି ହଜରତ ମହମ୍ମଦ ଦଶ ହଜାର ଭକ୍ତଙ୍କୁ ନେଇ ମକ୍କାରେ ପ୍ରବେଶ କଲେ, ସେ କୋରୈଶ ଜାତିକୁ ସର୍ବକ୍ଷମା ଦେଇ ଘୋଷଣା କଲେ ଯେ, ''ଯେଉଁ ବ୍ୟକ୍ତି ବିଲାଲଙ୍କ ପତାକା ତଳେ ଆସି ଆଶ୍ରୟ ନେବ, ତାକୁ ମୁକ୍ତି ଦିଆଯିବ। ଇଏ ସେହି ବିଲାଲ ଥିଲେ (ଜଣେ ଆଫ୍ରିକୀୟ କ୍ରୀତଦାସ ପରେ ଅନୁଚର), ଯାହାକୁ ଏହି ପାପିଷ୍ଠମାନେ ତତଲା ବାଲିରେ ଶୁଆଇଦେଇ ଛାତିରେ ପଥର ଲଦି ଟାଣୁଥିଲେ ଅତି ନିର୍ଦ୍ଦୟ ଭାବରେ। ଏହା ହିଁ ଥିଲା କ୍ଷମାମୟ ରସୁଲଙ୍କ ମହାନୁଭବତା।

ବୃନ୍ଦ୍ୱ ହିଲ୍, ସମ୍ବଲପୁର, ମୋ– ୯୪୩୭୬୮୪୮୫୯

## ଏଇ ଭାରତରେ

ସମୟ କାହାକୁ ଅପେକ୍ଷା କରେନାହିଁ। ଏଥିପାଇଁ ସମୟର ସଦୁପଯୋଗ କରିବାକୁ ପଡେ। ଏପରି କି ପରୀକ୍ଷା ସମୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଠିକ୍ ସମୟରେ ପରୀକ୍ଷା ନ ଦେଲେ ଏହା ହାତଛଡା ହୋଇଯାଏ। ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାରିୟର ନଷ୍ଟ ହୋଇଥାଏ। ତେଣୁ ଯାହା ବି କାମ ଥାଉ ତାକୁ ପଛରେ ପକାଇ ପରୀକ୍ଷା ହଲ୍‌ରେ ବସିବାକୁ ପରୀକ୍ଷାର୍ଥୀ ତତ୍ପର ହୋଇପଡେ। ଏପରି ଏକ ଘଟଣାକ୍ରମରେ ଜଣେ ପରୀକ୍ଷାର୍ଥୀ ବାହାଘର ଅଧାରୁ ବେଦିରୁ ଉଠିଆସି ପରୀକ୍ଷା ଦେଇଛନ୍ତି। କର୍ଣ୍ଣାଟକ ହାସନରେ ଘଟିଛି ଏପରି ଅଭାବନୀୟ ଘଟଣା। ଏଠାରେ ବିବାହ ବେଦିରେ ବସିଥିବା ଯୁବତୀ ଜଣକ ପରୀକ୍ଷା ଦେବା ପାଇଁ ବିଳମ୍ବରେ ପରୀକ୍ଷାହଲ୍‌ରେ ପହଞ୍ଚିଥିଲେ। ଏଚ୍.ଆର. ଶ୍ୱେତା ନାମ୍ନୀ ଏହି ଯୁବତୀ ଜଣକ ପରୀକ୍ଷା ଦେଉଥିବା ବେଳେ ତାଙ୍କ ବର ନବୀନ ବାହାରେ ଅପେକ୍ଷା କରିଥିଲେ। ପରୀକ୍ଷା ଶେଷହେବା ପରେ ଶ୍ୱେତା ଘରକୁ ଫେରିଥିଲେ ଏବଂ ବିବାହ କାର୍ଯ୍ୟ ପୁନଶ୍ଚ ରୀତିନୀତି ସହକାରେ ସମ୍ପନ୍ନ ହୋଇଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଶ୍ୱେତା ପରୀକ୍ଷା ଦେଉଥିବାର ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି।

## ଚିରନ୍ତନୀ

ସକଳ ଗ୍ଲାନି ସକଳ ତାପ
ପୁଞ୍ଜୀଭୂତ ଜୀବନେ ପାପ
ଉଭେଇ ଗଲା ମାନବ ପରୁଁ
ସକଳ ଅବିଶ୍ୱାସ
ବିଶ୍ୱ ହେଲା ନିକଟତମ ଅତି ହିଁ ପ୍ରିୟ, ପ୍ରାସ।
(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ନଭେମ୍ବର ୧୯୯୩**

- ଚାଇନାର ଏକ ପ୍ଲାଷ୍ଟିକ କଣ୍ଢେଇ ତିଆରି କାରଖାନାରେ ଅଗ୍ନିକାଣ୍ଡ ଘଟିବା ଫଳରେ ୮୧ ଜଣ ଶ୍ରମିକ ପୋଡ଼ିହୋଇ ପ୍ରାଣ ହରାଇଛନ୍ତି।
- 'ଗାଟ୍' କଥାବାର୍ତ୍ତାରେ ଦେଖାଦେଇଥିବା ବିଭେଦ ଦୂର ପାଇଁ ଆମେରିକା ଓ ୟୁରୋପୀୟ ସମୁଦାୟ (ଇ.ସି.) ମଧ୍ୟରେ ଆଲୋଚନା ଆରମ୍ଭ।

## sudoku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | | | | 9 | | | 7 | | | 8 | 5 | | 1 |
| | | 2 | 3 | 0 | | | | | | | | | | |
| C | | 9 | 4 | A | 6 | | | 5 | | | | | | B |
| 0 | A | 1 | E | | | | | 6 | | C | | 2 | | |
| | | | | | | | | | | | | A | 6 | |
| | | E | 6 | | 3 | | | | | 8 | 7 | | 0 | |
| | C | 4 | | | 5 | | B | 3 | | E | | | | |
| | | 0 | 7 | | | | | | | A | | 9 | E | |
| 5 | 2 | | | 9 | | | E | | | | | 8 | | |
| | | 3 | C | | 8 | | | | | 2 | | | | |
| | | | | 1 | | | | D | 2 | | | | 8 | |
| E | | | 2 | 7 | | 0 | C | | | | 5 | | | |
| | 7 | D | 0 | | | | | | | 1 | 3 | B | | C |
| B | | | 5 | | | | | | | 6 | | | 2 | 3 |
| 4 | | | | | | | 9 | | D | | 0 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 0 | 2 | E | 1 | 9 | A | 6 | 3 | D | 5 | 7 | C | 4 | 8 |
| 4 | 9 | 3 | 0 | D | 5 | 1 | 7 | 8 | B | 2 | C | E | 6 | A |
| A | 1 | E | 7 | 6 | 2 | 5 | 9 | C | 4 | 8 | 0 | B | D | 3 |
| C | 6 | D | 3 | 8 | B | E | 0 | 4 | 1 | 9 | A | 7 | 5 | 2 |
| 8 | 5 | 7 | 4 | A | C | D | B | 2 | E | 3 | 6 | 9 | 1 | 0 |
| 2 | 4 | 8 | C | 0 | 1 | 6 | A | E | 7 | B | 9 | D | 3 | 5 |
| 3 | D | 5 | 2 | 7 | 6 | 9 | 4 | 1 | 0 | A | E | 8 | B | C |
| 9 | C | A | B | 3 | D | 0 | 5 | 7 | 8 | 1 | 2 | 4 | E | 6 |
| 6 | B | 1 | 8 | 9 | E | C | 2 | D | 3 | 4 | 5 | 0 | A | 7 |
| 7 | E | 0 | 5 | 4 | A | 3 | 8 | B | 6 | C | D | 2 | 9 | 1 |
| E | 8 | 9 | A | 5 | 7 | 4 | D | 6 | C | 0 | 1 | 3 | 2 | B |
| 1 | 7 | C | 6 | B | 3 | 2 | E | 0 | A | D | 4 | 5 | 8 | 9 |
| 5 | 3 | 4 | 1 | 2 | 0 | 8 | C | A | 9 | E | B | 6 | 7 | D |
| D | A | 6 | 9 | C | 4 | B | 3 | 5 | 2 | 7 | 8 | 1 | 0 | E |
| 0 | 2 | B | D | E | 8 | 7 | 1 | 9 | 5 | 6 | 3 | A | C | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତିତ୍‌ଲିରୁ ଶିକ୍ଷା

ମହାଶୟ,

ଫାଇଲିନ୍ ଓ ହୁଡ୍‌ହୁଡ୍‌ର ମୁକାବିଲା ସମୟରେ ଓଡ଼ିଶା ସରକାରଙ୍କର ଜିରୋ କାଜୁଆଲିଟି ମିଶନ ସମ୍ପୂର୍ଣ୍ଣ ସଫଳ ହୋଇଥିଲା ଓ ଏହି ସଫଳତା ପାଇଁ ରାଜ୍ୟ ସରକାର ବିଭିନ୍ନ ମହଲରୁ ଉଚ୍ଚ ପ୍ରଶଂସିତ ଓ ପୁରସ୍କୃତ ହୋଇଥିଲେ। ମାତ୍ର ଚଳିତବର୍ଷର ତିତ୍‌ଲି ମୁକାବିଲା କ୍ଷେତ୍ରରେ ରାଜ୍ୟ ସରକାରଙ୍କର ଜିରୋ କାଜୁଆଲିଟି ମିଶନ ଅସଫଳ ହେଲା। ଏଣୁ ରାଜ୍ୟ ସରକାରଙ୍କର ତିତ୍‌ଲି ମୁକାବିଲାରେ କିଛି ତ୍ରୁଟି ରହିଗଲା। ତେବେ ପ୍ରଳୟଙ୍କରୀ ଝଡ଼ବାତ୍ୟା ତିତ୍‌ଲିର ମୁକାବିଲା କରିବାରେ ରାଜ୍ୟ ସରକାରଙ୍କୁ ଯେଉଁ ଶିକ୍ଷା ମିଳିଲା, ତାହା ଭବିଷ୍ୟତରେ ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବାରେ ନିଶ୍ଚିତ ଭାବେ ସହାୟକ ହେବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ରତ୍ନଚିରା ନଦୀ ଖନନ କରାଯାଉ

ଚଳିତ ବର୍ଷ ଆମ ରାଜ୍ୟରେ ପର୍ଯ୍ୟାପ୍ତ ବର୍ଷା ହୋଇଛି। ମାତ୍ର କେଇଘଣ୍ଟାର ବର୍ଷାରେ ରାଜରାସ୍ତାରେ ଆଣ୍ଠୁଏ ପାଣି, ସ୍ମାର୍ଟ ସିଟି ସହିତ ଅନ୍ୟ ସହରର ଘରେ ପାଣି ଜମିଯିବାର ଦୃଶ୍ୟ ଯେତିକି ଆଶ୍ଚର୍ଯ୍ୟ କରିଛି, ସେତିକି ଆଶ୍ଚର୍ଯ୍ୟ କରିଛି ମାତ୍ର ଦଶଦିନ ପରେ ନଈରୁ ପାଣି ଶୁଖି ବାଲି ଦୃଶ୍ୟମାନ ହେବା। ସାକ୍ଷୀଗୋପାଳ ବଜାର ଚନ୍ଦନ ପୋଖରୀଠାରୁ ଶ୍ରୀରାମଚନ୍ଦ୍ରପୁର ମଠସାହି ପର୍ଯ୍ୟନ୍ତ ନଈ ପୋତି ହୋଇଯାଇଛି। ନଈରେ ପାଣି ନ ରହିବାରୁ ଜଳସ୍ତର କମିଯାଉଛି। ନଳକୂପଗୁଡ଼ିକରୁ ପାଣି ଶୁଖିଯାଉଛି। ପାନୀୟ ଜଳର ଅଭାବ ପରିଲକ୍ଷିତ ହେବା ସହିତ ମଣିଷ, ପଶୁପକ୍ଷୀ ଗାଧୋଇବା, ଗଛରେ ପାଣିଦେବା ଅସମ୍ଭବ ହେଲାଣି। ଜନସାଧାରଣ, ପଶୁପକ୍ଷୀ ଓ ବୃକ୍ଷଲତାଙ୍କ ହିତ ପାଇଁ ରାଜ୍ୟ ସରକାର ରତ୍ନଚିରା ନଦୀ ଖନନ କରିବା ଲାଗି ପଦକ୍ଷେପ ନିଅନ୍ତୁ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଇଞ୍ଜିନିୟରିଂ ତୁଳନାରେ ଏମ୍‌ବିଏ ଶିକ୍ଷାର୍ଥୀ ଅଧିକ ବେକାର ରହୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଏମବିଏ ସ୍ନାତକ ନିଯୁକ୍ତି ଲାଗି ହେଉଥିବା ପ୍ରତିଯୋଗୀତା ପରୀକ୍ଷାରେ ଆବଶ୍ୟକ ଯୋଗ୍ୟତା ପୂରଣ କରିବାକୁ ସକ୍ଷମ ହୋଇପାରୁ ନାହାଁନ୍ତି। ଜାତୀୟସ୍ତରରେ ହୋଇଥିବା ଦକ୍ଷତା ସର୍ଭେ ରିପୋର୍ଟରେ ଏହା ଦର୍ଶାଯାଇଛି।

# ପୁଣି ଝୁଲିଲା ବଲାଙ୍ଗୀର ବାଇପାସ୍ ରାସ୍ତା ପ୍ରକଳ୍ପ

**ବଲାଙ୍ଗୀର ଅଫିସ, ୨୦।୧୧**



NITIN GADKARI
Minister
Road Transport, Highways & Shipping,
Water Resources,
River Development, Ganga Rejuvenation
Government of India

5167 ... November, 2018

Dear Shri Dharmendra Pradhan Ji,

I am writing in reference to your letter regarding Bolangir bypass in the State of Odisha. I am glad to inform you that my Ministry has approved the development and construction of Bolangir bypass with an estimated cost of Rs.190 crore (approx.) for land acquisition for the project.

This is for your kind information.

With regards,

Yours sincerely,
(Nitin Gadkari)

Shri Dharmendra Pradhan,
Minister of State (I/C) for Petroleum & Natural Gas,
Skill Development & Entrepreneurship,
Govt. of India,
Shastri Bhawan,
New Delhi

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦିଆଯାଇଥିବା ଚିଠି।



No. RW/NH-12027/4/2018-ORS/Zone-III
GOVERNMENT OF INDIA
MINISTRY OF ROAD TRANSPORT & HIGHWAYS
(Zone-III)
Transport Bhawan, 1, Parliament Street, New Delhi-110001

Dated the 20th November, 2018

To
Shri Kalikesh N. Singh Deo,
Member of Parliament (Lok Sabha),
AB-11, Pandara Road,
New Delhi - 110 003

Sub: Bypass to Bolangir town in Odisha

Sir,

Please refer to letter dated 31st October, 2018 addressed to Secretary (RT&H) seeking the status of sanction of Revised Cost Estimate (RCE) for land acquisition of bypass to Bolangir town in Odisha.

2. I have got the matter examined. The RCE for LA of this bypass was placed before the Standing Finance Committee (SFC) on 20.11.2018 wherein the representatives of the State Govt. could not explain the basis on which rates of compensation were arrived at. The SFC sought certain clarifications from the State Govt. including the justification for such a high cost of agricultural land. Further necessary action will be taken after receipt of details / clarification from the State Government.

Yours faithfully,
(T.T. Negi)
Chief Engineer (Zone-III)
for Director General (Road Development) & Special Secretary

ଏମ୍‌ପି କଲିକେଶ ନାରାୟଣ ସିଂଦେଓଙ୍କୁ ମିଳିଥିବା ଚିଠି।

- ଷ୍ଟାଣ୍ଡିଂ ଫାଇନାନ୍ସ କମିଟିରେ ପାଶ୍ ହେଲା ନାହିଁ ପ୍ରକଳ୍ପ
- ଅଟକିଲା ପ୍ରକଳ୍ପ ଅନୁଦାନ ମଞ୍ଜୁରି
- ୧୯୦ କୋଟି ମଞ୍ଜୁରି ନେଇ କେନ୍ଦ୍ରମନ୍ତ୍ରୀ ଦେଇଥିଲେ ଚିଠି
- କେନ୍ଦ୍ରମନ୍ତ୍ରୀଙ୍କ ଚିଠିର ଜବାବ ଚାହିଁଲେ ଏମ୍‌ପି

ବହୁପ୍ରତୀକ୍ଷିତ ବଲାଙ୍ଗୀର ବାଇପାସ୍ ରାସ୍ତା ପ୍ରକଳ୍ପକୁ ନେଇ ବିବାଦ ଥମୁନାହିଁ। କିଛିଦିନ ପୂର୍ବରୁ ଏହି ବାଇପାସ୍ ପ୍ରକଳ୍ପକୁ ନେଇ କେନ୍ଦ୍ର ସରକାର ୧୯୦କୋଟି ଟଙ୍କା ମଞ୍ଜୁର କରିଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଖୋଦ୍ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରି ଚିଠି ଦେଇ ଏହି ସୂଚନା ଦେଇଥିବା ଜଣାପଡ଼ିଥିଲା। ତେବେ ଏହି ଖବର ପ୍ରକାଶନର ୧୪ଦିନ ପରେ ବଲାଙ୍ଗୀରବାସୀଙ୍କ ସ୍ୱପ୍ନ ଏହି ବାଇପାସ୍ ରାସ୍ତା ପ୍ରକଳ୍ପକୁ ନେଇ ଷ୍ଟାଣ୍ଡିଂ ଫାଇନାନ୍ସ କମିଟିରେ ପୁଣି ଥରେ ଆପତ୍ତି ଉଠାଯାଇଥିବା ଜଣାପଡ଼ିଛି। ବଲାଙ୍ଗୀର ଏମ୍‌ପି କଲିକେଶ ନାରାୟଣ ସିଂଦେଓ ଏ ନେଇ ମଙ୍ଗଳବାର ସୂଚନା ଦେଇଛନ୍ତି। ବଲାଙ୍ଗୀର ବାଇପାସ୍ ରାସ୍ତା ପ୍ରକଳ୍ପ ଅନୁଦାନ ମଞ୍ଜୁରୀ ପୁଣି ଥରେ ଅଟକିଯାଇଥିବା ସେ ସୂଚନା ଦେଇଛନ୍ତି। ଏସଂକ୍ରାନ୍ତରେ ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରଣାଳୟ ମୁଖ୍ୟଯନ୍ତ୍ରୀ ଟି.ଟି. ନେଗୀଙ୍କଠାରୁ ପାଇଥିବା ଏକ ଚିଠିର ନକଲ ମଧ୍ୟ ଗଣମାଧ୍ୟମକୁ ପ୍ରଦାନ କରିଛନ୍ତି। ଏମ୍‌ପି ସିଂଦେଓଙ୍କଠାରୁ ଏଭଳି ସୂଚନା ମିଳିବା ପରେ ବଲାଙ୍ଗୀର ବାଇପାସ୍ ରାସ୍ତା ପ୍ରକଳ୍ପ ଅନୁଦାନ ମଞ୍ଜୁରୀ ପ୍ରସଙ୍ଗ ଅଧିକ ବିବାଦୀୟ ହୋଇପଡ଼ିଛି। ବଲାଙ୍ଗୀର ବାଇପାସ ରାସ୍ତାକୁ କେନ୍ଦ୍ର ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରଣାଳୟ ୧୯୦କୋଟି ଟଙ୍କା ମଞ୍ଜୁର କରିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତୀନ୍ ଗଡ଼କରି ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଏହି ସୂଚନା ଦେଇଥିବା ଦର୍ଶାଇ ଉକ୍ତ ଚିଠିର ଏକ ନକଲ ମଧ୍ୟ ଦିଆଯାଇଥିଲା। ଏଭଳି ଖବର ପ୍ରକାଶନ ପରେ ଦୀର୍ଘ ୧୮ ବର୍ଷ ତଳର ଏହି ପ୍ରକଳ୍ପ ମଞ୍ଜୁର ହେଲା ବୋଲି ବଲାଙ୍ଗୀରବାସୀ ବେଶ୍ ଖୁସି ହୋଇଥିଲେ। ଭାଜପା ନେତା ଓ ବଲାଙ୍ଗୀର ଆକ୍ସନ କମିଟି ଗତ ୮ତାରିଖରେ ଖବରଦାତା ସମ୍ମିଳନୀ କରି ଉଭୟ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ବାହାବା ନେଇଥିଲେ। ତେବେ ଏମ୍‌ପି ସିଂଦେଓ ମଙ୍ଗଳବାର ରାଜପଥ ମନ୍ତ୍ରଣାଳୟ ତରଫରୁ ମିଳିଥିବା ଚିଠି ଦେଖାଇ ବାଇପାସ୍ ରାସ୍ତା ପାଇଁ ୧୯୦ କୋଟି ଟଙ୍କାର ଅନୁମୋଦନ ଏଯାଏ ମିଳି ନ ଥିବା ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ସେ ଦେଇଥିବା ଏକ ଚିଠିର ନକଲରେ ମଙ୍ଗଳବାର ନୂଆଦିଲ୍ଲୀଠାରେ ଷ୍ଟାଣ୍ଡିଂ ଫାଇନାନ୍ସ କମିଟି (ଏସ୍‌ଏଫ୍‌ସି) ସମ୍ମୁଖରେ ବଲାଙ୍ଗୀର ବାଇପାସ୍ ରାସ୍ତାର ସଂଶୋଧିତ ବ୍ୟୟ ଅଟକଳ ମଞ୍ଜୁର ପାଇଁ ଉପସ୍ଥାପନ କରାଯାଇଥିଲା। ତେବେ ରାଜ୍ୟ ସରକାରଙ୍କ ପ୍ରତିନିଧି କ୍ଷତିପୂରଣ ବାବଦରେ ସବିଶେଷ ସୂଚନା ଦେଇପାରି ନ ଥିବା ସୂଚନା ଦିଆଯାଇଛି। ଏଣୁ ଏସ୍‌ଏଫ୍‌ସି ଏ ସଂକ୍ରାନ୍ତରେ ଅଧିକ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ମନ୍ତ୍ରଣାଳୟରୁ ଏଭଳି ଚିଠି ପାଇବା ପରେ ବଲାଙ୍ଗୀର ବାଇପାସ୍ ରାସ୍ତା ଅର୍ଥ ଅନୁମୋଦନ ପୁଣି ଥରେ ଅନିଶ୍ଚିତତାକୁ ଠେଲି ହୋଇଯାଇଥିବା ଏମ୍‌ପି ସୂଚନା ଦେଇଛନ୍ତି। ପୂର୍ବରୁ ବାଇପାସ୍ ରାସ୍ତା ମଞ୍ଜୁରୀ ନେଇ କେନ୍ଦ୍ରମନ୍ତ୍ରୀ ଗଡକରି ଓ ପ୍ରଧାନ ଦେଇଥିବା ଚିଠିକୁ ନେଇ ଏମ୍‌ପି ସିଂଦେଓଙ୍କୁ ପ୍ରଶ୍ନ କରାଯିବାରୁ ଯିଏ ଚିଠି ଦେଇଛନ୍ତି ସେ ହିଁ ଏହା ଉପରେ ଅଧିକ କହିପାରିବେ ବୋଲି କହିଥିଲେ। ବଲାଙ୍ଗୀର ବାଇପାସ୍ ଅର୍ଥ ଅନୁମୋଦନକୁ ନେଇ ଏବେ ଉଭୟ ଚିଠି ମିଳିବା ପରେ କେଉଁଟା ଠିକ୍ ଓ କେଉଁଟା ଭୁଲ ତାହାକୁ ନେଇ ବଲାଙ୍ଗୀରରେ ଚର୍ଚ୍ଚା ଜୋର ଧରିଛି।



## ବାଙ୍କଚୂଡ଼ା ବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ପୁରୀ ଅଫିସ,୨୦।୧୧**

ପଞ୍ଚୁକର ଦ୍ୱିତୀୟ ଦିବସରେ ମଙ୍ଗଳବାର ରତ୍ନସିଂହାସନରେ ତିନି ଠାକୁରଙ୍କ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହୋଇଛି। ଏହି ବେଶରେ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀମସ୍ତକରେ ଚନ୍ଦ୍ରିକା ଚୂଳ ସହିତ ଦକ୍ଷିଣ ଦିଗକୁ ଆଡ ଖୋସା ପକାଯାଇଥିଲା। ଏହି ଖୋସାର ଅଗ୍ର ଗଣ୍ଠିରେ ଏକ ସୁବର୍ଣ୍ଣ କିଆ ଖଞ୍ଜା ଯାଇଥିଲା। ଏକ ଛୋଟ ସ୍ୱର୍ଣ୍ଣ କିରୀଟ ମହାପ୍ରଭୁଙ୍କ କପାଳର ଶୀର୍ଷ ଭାଗରେ ଶୋଭାପାଇଥିଲା। ଲକ୍ଷ୍ମୀନାରାୟଣ ବେଶରେ ବ୍ୟବହୃତ ହେଉଥିବା ଅଧିକାଂଶ ଅଳଙ୍କାରରେ ଏହି ବେଶରେ ମହାପ୍ରଭୁ ଲାଗି ହୋଇଥିଲେ। ଏହାସହିତ ଶ୍ରୀମନ୍ଦିରରେ ଗରୁଡ଼ ଉତ୍ଥାପନ ନୀତି ସମ୍ପନ୍ନ ହୋଇଛି। ଏକାଦଶୀରେ ମହାପ୍ରଭୁ ନିଦରୁ ଉଠିଥିବାବେଳେ ମଙ୍ଗଳବାର ଦ୍ୱାଦଶୀରେ ଗରୁଡ଼ ନିଦ୍ରା ତ୍ୟାଗ କରିଛନ୍ତି। ବୁଧବାର ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ ଅନୁଷ୍ଠିତ ହେବ।

■ଶ୍ରୀଦେବୀଙ୍କ ମୂର୍ତ୍ତି ବିଘ୍ନ ପ୍ରସଙ୍ଗ

## ଗଠନ ହେଲା କମିଟି, ୨୯ରେ ଅନୁଧାନ

**ପୁରୀ ଅଫିସ, ୨୦।୧୧**

ଶ୍ରୀମନ୍ଦିରରେ ପୂଜିତ ଶ୍ରୀଦେବୀଙ୍କ ପ୍ରତିମା ବିଘ୍ନ ହୋଇଛି କି ନାହିଁ ତାହାକୁ ଅନୁଧାନ କରାଯିବ। ଏଥିଲାଗି ଛିତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଭିତରଛ ଭବାନୀଶଙ୍କର ମହାପାତ୍ର, ତଲୁଛ ବାସୁଦେବ ମହାପାତ୍ର, ପୁଷ୍ପାଳକ ନିଯୋଗ ଏବଂ ମହାଜନ ନିଯୋଗର କର୍ମକର୍ତ୍ତାଙ୍କୁ ନେଇ କମିଟି ଗଠନ କରାଯାଇଛି। ଆସନ୍ତା ୨୯ତାରିଖ ମାଜଣା ରହିଛି। ଏହି ସମୟରେ କମିଟି ଶ୍ରୀଦେବୀଙ୍କ ପ୍ରତିମାଙ୍କୁ ଅନୁଧାନ କରିବେ। କମିଟିର ରିପୋର୍ଟକୁ ଆଧାର କରି ପ୍ରତିଷ୍ଠା ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବାକୁ ମଙ୍ଗଳବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥିର ହୋଇଛି।

ପ୍ରାୟ ୩ରୁ ୪ ଦଶନ୍ଧି ପୂର୍ବରୁ ଶ୍ରୀଦେବୀ(ଲକ୍ଷ୍ମୀ)ଙ୍କ ସୁବର୍ଣ୍ଣ ପ୍ରତିମା କ୍ଷୟ ହୋଇଛନ୍ତି। ବିଘ୍ନ ମୂର୍ତ୍ତି ପୂଜା ପାଇବା ଅଶୁଭ ଲକ୍ଷଣ। ତେଣୁ ନୂତନ ଶ୍ରୀଦେବୀଙ୍କ ମୂର୍ତ୍ତି ପ୍ରତିଷ୍ଠା କରିବା ଲାଗି ଶ୍ରୀମନ୍ଦିର ମହାଜନ ନିଯୋଗ ଦାବିକରି ଆସୁଛି। ୧୯୭୨ ମସିହାରୁ ଶ୍ରୀଦେବୀଙ୍କ ନୂତନ ବିଗ୍ରହ ନିର୍ମାଣ ହୋଇ ଭଣ୍ଡାର ଘରେ ରହିଥିଲେ ହେଁ କୌଣସି କାରଣରୁ ପ୍ରତିଷ୍ଠା ହୋଇପାରୁନାହିଁ। ୨୦୧୫ ନବକଳେବର ସମୟରେ ଏହି ମୂର୍ତ୍ତି ପ୍ରସଙ୍ଗ ଉଠିଥିଲେ ହେଁ ବିଭିନ୍ନ କାରଣରୁ ପ୍ରତିଷ୍ଠା ହୋଇ ପାରି ନ ଥିଲା। ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲାରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରୀ ଗୋପାଳ ସୁବ୍ରମଣ୍ୟମଙ୍କ ପୁରୀ ଗସ୍ତ ସମୟରେ କେତେଜଣ ସେବାୟତ ତାଙ୍କୁ ଏ ସଂକ୍ରାନ୍ତରେ ଅବଗତ କରିଥିଲେ। ଆମିକସ୍ କ୍ୟୁରୀଙ୍କ ହସ୍ତକ୍ଷେପ ପରେ ଲକ୍ଷ୍ମୀ ମୂର୍ତ୍ତି ପ୍ରତିଷ୍ଠା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ଶ୍ରୀଦେବୀଙ୍କ ମୂର୍ତ୍ତି ସହ ନାରାୟଣ ଏବଂ ବାମନ ମୂର୍ତ୍ତି ପ୍ରତିଷ୍ଠା ହେବ ବୋଲି ଜଣାପଡିଛି। ଶ୍ରୀଦେବୀଙ୍କ ସୁବର୍ଣ୍ଣ ମୂର୍ତ୍ତି, ନାରାୟଣଙ୍କ ରୁପା ଏବଂ ବାମନଙ୍କ ଅଷ୍ଟଧାତୁ ମୂର୍ତ୍ତି ପ୍ରତିଷ୍ଠା ହେବ। ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୀତି ପ୍ରଶାସକ ପ୍ରଦୀପ ଦାସ, ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ସମେତ ବିଭିନ୍ନ ନିଯୋଗର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବଡ଼ ଏକାଦଶୀରେ ଅନିଦ୍ରା ରହିଲେ ଠାକୁର

- ସେବାୟତଙ୍କ ସହଯୋଗ ଲୋଡ଼ିଲା ଶ୍ରୀମନ୍ଦିର ପ୍ରଶାସନ
- ଚତୁର୍ଦ୍ଦଶୀରେ ରାତି ୧୧ଟାରେ ହେବ ପହୁଡ଼

**ପୁରୀ ଅଫିସ,୨୦।୧୧:** ସୋମବାର ଥିଲା କାର୍ତ୍ତିକ ମାସର ବଡ଼ ଏକାଦଶୀ ତଥା ହରି ଉତ୍ଥାପନ ଏକାଦଶୀ। ଦୁଇଗୁଣ ପାଲିଆ ପୁରସ୍କାର ଶ୍ରୀମନ୍ଦିର ପ୍ରଶାସନ ବନ୍ଦ କରିଥିବାରୁ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କ ଠିଆକିଆ ବେଶସଜ୍ଜା ସମୟରେ ଅସହଯୋଗ କରିଥିଲେ। ଫଳରେ ଦିନତମାମ ନୀତି ବିଳମ୍ବ ହୋଇଥିଲା। ବିଳମ୍ବିତ ରାତ୍ରିରେ ହୋଇଥିଲା ସନ୍ଧ୍ୟା ଆଳତି ଓ ସନ୍ଧ୍ୟାଧୂପ ନୀତି। ସେଠି ହିଁ ଅଟକି ଥିଲା ନୀତି। ଠାକୁରଙ୍କ ପହୁଡ଼ ହୋଇ ପାରି ନ ଥିଲା। ଠାକୁର ଅନିଦ୍ରା ରହିଥିଲେ। ପଞ୍ଚୁକର ପ୍ରଥମ ଦିନରେ ନୀତିରେ ବିଭ୍ରାଟ ଉପୁଜିବା ପରେ ମଙ୍ଗଳବାର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପସ୍ଥିତ ବିଭିନ୍ନ ନିଯୋଗ କର୍ମକର୍ତ୍ତାମାନେ ଅଗଷ୍ଟରୁ ବନ୍ଦ ରହିଥିବା ଦୁଇଗୁଣ ପାଲିଆ ପୁରସ୍କାର ଦେବା ଲାଗି ଦାବି କରିଥିଲେ। କିନ୍ତୁ ମୁଖ୍ୟ ପ୍ରଶାସକ ଏ ପ୍ରସଙ୍ଗରେ ସେବକଙ୍କୁ କୌଣସି ପ୍ରତିଶ୍ରୁତି ଦେଇ ନ ଥିଲେ। ଆସନ୍ତା ୨୭ତାରିଖରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକରେ ଏହି ପ୍ରସଙ୍ଗ ଉପସ୍ଥାପନ ହେବ। ପରିଚାଳନା କମିଟି ନିଷ୍ପତ୍ତି ଅନୁଯାୟୀ ପଦକ୍ଷେପ ନେବା ଲାଗି ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ପଞ୍ଚୁକର ଅନ୍ୟ ୩ଦିନର ନୀତି କିଭଳି ଶୃଙ୍ଖଳିତ ହେବ ସେ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ନୀତିକୁ ତ୍ୱରାନିତ କରି ରାତ୍ର ୧୧ଟା ବେଳେ ପହୁଡ କରାଯିବ। କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଶ୍ରୀମନ୍ଦିର ଦ୍ୱାର ଫିଟା କାର୍ଯ୍ୟ ଶୀଘ୍ର କରାଯିବାକୁ ଆଲୋଚନା ହୋଇଥିଲା। ବୈଠକରେ ନୀତି ପ୍ରଶାସକ ପ୍ରଦୀପ ଦାସ, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ସାର୍ଥକ ଷଡଙ୍ଗୀ, ଭିତରଛ, ତଲୁଛ, ପାଟ୍ଟଯୋଶୀ, ପୂଜାପଣ୍ଡା, ପୁଷ୍ପାଳକ, ମହାଜନ, ଖୁଣ୍ଟିଆ, ଦେଉଳକରଣ, ତଡ଼ଉକରଣ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରତିମୂର୍ତ୍ତି ପାଇଁ ଜାଗା ନ ଦେଲେ ଆନ୍ଦୋଳନ

**ଭୁବନେଶ୍ୱର, ୨୦।୧୧(ବ୍ୟୁରୋ):** ଭାରତର ସ୍ୱାଧୀନତା ସଂଗ୍ରାମ ଓ ଆଧୁନିକ ଓଡିଶା ନିର୍ମାଣରେ ହରେକୃଷ୍ଣ ମହତାବଙ୍କର ଯଥେଷ୍ଟ ଅବଦାନ ରହିଛି। ମହତାବ ଓଡିଶାର ଶେଷ ପ୍ରଧାନମନ୍ତ୍ରୀ ତଥା ପ୍ରଥମ ମୁଖ୍ୟମନ୍ତ୍ରୀ ଥିଲେ। ରାଜ୍ୟର ସ୍ୱାର୍ଥ ଓ ପ୍ରଗତିରେ ତାଙ୍କର ଅବଦାନ ପାଇଁ ମହତାବଙ୍କୁ ଉତ୍କଳକେଶରୀ ଭାବେ ସମ୍ବୋଧିତ କରାଯାଏ। ଜନ୍ମମାଟି ଭଦ୍ରକ ଜିଲାର ଆଗରପଡାଠାରେ ମହତାବଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ସେଠାକାର ଅଞ୍ଚଳବାସୀ ବହୁ ଦିନରୁ ଦାବି କରୁଛନ୍ତି। ଏଥିପାଇଁ ସରକାର ଏକ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରିବା ସହ ଜମି ପ୍ରଦାନ ମଧ୍ୟ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ସ୍ଥାନୀୟ ଶାସକ ଦଳ ନେତୃତ୍ୱ ଓ ଜିଲା ପ୍ରଶାସନ ସେହି ସ୍ଥାନଟିକୁ ଖାରଜ କରିବା ସହ ପ୍ରତିମୂର୍ତ୍ତି ସମ୍ପୃକ୍ତ ସ୍ଥାନରେ ସ୍ଥାପନ କରିବା ପାଇଁ ଅନୁମତିକୁ ପ୍ରତ୍ୟାହାର କରି ନେଇଛନ୍ତି। ମହତାବଙ୍କର ସ୍ମୃତି ସଂଗଠନ କରିବା ପରିବର୍ତ୍ତେ ପ୍ରଶାସନର ଏହି ହୀନ ପ୍ରୟାସ ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଏଥିସହ ସ୍ଥାନୀୟ ପ୍ରଶାସନଙ୍କ ନିକଟରେ ପିସିସି ପକ୍ଷରୁ ଦାବି କରାଯାଇଛି କି ଯଥାଶୀଘ୍ର ମହତାବଙ୍କ ମୂର୍ତ୍ତି ସ୍ଥାପନ ପାଇଁ ନିରୂପିତ ଜମି ପ୍ରଦାନ କରାଯାଉ। ଯଦି ଆସନ୍ତା ୨୭ସୁଦ୍ଧା ସ୍ଥାନୀୟ ପ୍ରଶାସନ ଏଥିପାଇଁ ଜମି ପ୍ରଦାନ ନ କରେ ତେବେ ପିସିସି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ନିରଞ୍ଜନ ଚେତାବନୀ ଦେଇଛନ୍ତି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ବିଜେଡିରେ ମିଶିଲେ ଭାଜପା, କଂଗ୍ରେସର ଶତାଧିକ କର୍ମୀ

**ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)**



ମିଶ୍ରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଭାଜପା ଓ କଂଗ୍ରେସ କର୍ମୀ।

ସୋରଡ଼ା ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା ଏବଂ କଂଗ୍ରେସ ନେତା ଓ କର୍ମୀ ମଙ୍ଗଳବାର ବିଜେଡିରେ ସାମିଲ ହୋଇଛନ୍ତି। ସୋରଡ଼ା ଓ ବେଲଗୁଣ୍ଠା ବ୍ଲକର ପ୍ରାୟ ୭ଶହରୁ ଊର୍ଦ୍ଧ୍ୱକର୍ମୀ ଆନୁଷ୍ଠାନିକ ଭାବେ ବିଜେଡିରେ ମିଶିଛନ୍ତି। ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ କାର୍ଯ୍ୟକ୍ରମରେ ସୋରଡ଼ା ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରମୋଦ କୁମାର ବେର୍ବା ପଟ୍ଟନାୟକ, ସୁରମଣି ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଦ୍ୟାଧର ମଲିକ, ଗୋଛାର ପୂର୍ବତନ କଂଗ୍ରେସ ସରପଞ୍ଚ ସରୋଜ ଚନ୍ଦ୍ର ଦଳବେହେରା, ବେଲଗୁଣ୍ଠା ବ୍ଲକ ପୂର୍ବତନ ଉପନଗରପାଳ ପ୍ରଶାନ୍ତ କୁମାର ସାହୁ, ତନରଡ଼ା ପଞ୍ଚାୟତ ସମିତି ସଭ୍ୟା ସୁକାନ୍ତି ସେଠୀ, ଗାଙ୍ଗପୁର ସେବା ସମବାୟ ସମିତି ସଭାପତି ରଙ୍କନିଧି ବିଶୋୟୀ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ଏହାସହ ସୋରଡ଼ା ଏବଂ ବେଲଗୁଣ୍ଠା ବ୍ଲକର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମସ୍ତ ସଦସ୍ୟ ମଧ୍ୟ ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡି ପ୍ରତି ଆସ୍ଥା ପ୍ରକଟ କରିଥିବା ସମସ୍ତ ନେତା ଓ କର୍ମୀଙ୍କୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଉଭୟ ବ୍ଲକର ଭାଜପା ଏବଂ କଂଗ୍ରେସ କର୍ମୀମାନେ ବିଜେଡିରେ ଯୋଗଦେଇଥିବାରୁ ମୁଁ ବହୁତ ଖୁସି। ଏହି ଯୋଗଦାନ ଗଞ୍ଜାମ ଜିଲା ସହ ସୋରଡ଼ା ନିର୍ବାଚନମଣ୍ଡଳୀରେ ବିଜେଡିର ଶକ୍ତି ବୃଦ୍ଧି ପାଇବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ସଭାପତି ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ ସାହୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନିୟନ୍ତ୍ରିତ ବଜାର କମିଟି, ଖରିଆର ରୋଡ

ଚଳିତ ଖରିଫ ଋତୁ ୨୦୧୮-୧୯ ରେ ନୂଆପଡା ଜିଲ୍ଲାର ଚାଷୀ ଭାଇଭଉଣୀମାନଙ୍କ ଠାରୁ ସେମାନଙ୍କର ବିକ୍ରି ଯୋଗ୍ୟ ବଳକା ଧାନକୁ କ୍ରୟ କରିବା ସକାଶେ ତା୨୦।୧୧।୨୦୧୮ ମଙ୍ଗଳବାର ଠାରୁ ଧାନକ୍ରୟ କେନ୍ଦ୍ର ଖୋଲାଯାଇଅଛି। ଏ ବର୍ଷ ଜିଲ୍ଲାର ୨୬ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (PACS) ଦ୍ୱାରା ୬୧ ଗୋଟି ଧାନକ୍ରୟ କେନ୍ଦ୍ର (PPC) ଖୋଲା ଯାଉଅଛି। ତେଣୁ ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ ସେମାନେ ନିଜର କଷ୍ଟୋପାର୍ଜିତ ଧାନ ଜିଲ୍ଲା ପ୍ରଶାସନ ଦ୍ୱାରା ଧାର୍ଯ୍ୟ ଧାନକ୍ରୟ କେନ୍ଦ୍ର (PPC) ମାନଙ୍କରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରି କରିପାରିବେ।

**ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ (କ୍ୱି. ପ୍ରତି)**
**୧. ସାଧାରଣ ଧାନ (FAQ) ଟ.୧୭୫୦.୦୦**
**୨. ଗ୍ରେଡ 'ଏ' ଧାନ ଟ.୧୭୭୦.୦୦**

**ଧାନର ଗୁଣାତ୍ମକ ମାନ:** ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମ ଆକାର ଏବଂ ଏକ କିସମର ହୋଇଥିବା ଆବଶ୍ୟକ। ଏହା ପୋକରା, ଦୁର୍ଗନ୍ଧ ଓ ବିଷାକ୍ତ ପଦାର୍ଥ ମୁକ୍ତ ହୋଇଥିବା ବାଞ୍ଛନୀୟ। ସାଧାରଣ ମାନ (FAQ) ଧାନ ନିମିତ୍ତ ନିମ୍ନଲିଖିତ ପରିସୀମା ମଧ୍ୟରେ ବାହ୍ୟ ପଦାର୍ଥ ତଥା ଆର୍ଦ୍ରତା ଥିଲେ ତାହା ଗ୍ରହଣ ଯୋଗ୍ୟ ହେବ। ଏଣୁ ନୂଆପଡା ଜିଲ୍ଲାର ସମସ୍ତ ଚାଷୀ ଭଉଣୀମାନଙ୍କୁ ଅନୁରୋଧ ସେମାନେ ନିଜର ନାମ ପଞ୍ଜୀକରଣ ସମୟରେ ଦେଇଥିବା ପରିଚୟପତ୍ର (KCC/BKKY/ଆଧାର କାର୍ଡ) ମାଧ୍ୟମରେ FAQ ମାନର ଧାନ ବିକ୍ରୟ କରି ଉପଯୁକ୍ତ ମୂଲ୍ୟ ପାଇବାର ସୁଯୋଗ ନିଅନ୍ତୁ।

| କ୍ର. ନଂ. | FAQ ଧାନ ମାନର ବିବରଣୀ | (ସର୍ବାଧିକ ପରିସୀମା) FAQ ସାଧାରଣ ମାନ |
|---|---|---|
| ୧. | (କ) ବାଲି, ମାଟି, ଗୋଡି, ପଥର, ଧୂଳି ଆଦି ଅଜୈବିକ ପଦାର୍ଥ | ୧% |
| | (ଖ) କାଠି, କୁଟା, ଧୂସ, ଅଗାଡି ଓ ପୋଲ, ଆଦି ଜୈବିକ ପଦାର୍ଥ | ୧% |
| ୨. | ଖରାପ, ବେରଙ୍ଗ, ପାଣିଫୁଲା, ପୋକା | ୫% |
| ୩. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା, ସଙ୍କୁଚିତ | ୩% |
| ୪ | ଗ୍ରେଡ୍ 'ଏ' ସରୁଧାନରେ ମିଶିଥିବା ମୋଟା ଧାନର ପରିମାଣ | ୬% |
| ୫ | ଆର୍ଦ୍ରତା | ୧୭% |

ବି.ଦ୍ର. : ସବିଶେଷ ବିବରଣୀ ସକାଶେ ଚାଷୀ ଭାଇ ଭଉଣୀମାନେ ନିଜର ନିକଟସ୍ଥ PACS, ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ, ସହକାରୀ ନିବନ୍ଧକ (ARCS) ଙ୍କ କାର୍ଯ୍ୟାଳୟ ତଥା ନିୟନ୍ତ୍ରିତ ବଜାର କମିଟି, ଖରିଆର ରୋଡଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

**ସ୍ୱା./- ସମ୍ପାଦକ** — **ନିୟନ୍ତ୍ରିତ ବଜାର କମିଟି, ଖରିଆର ରୋଡ**
**ସ୍ୱା./- ଅଧ୍ୟକ୍ଷ** — **ନିୟନ୍ତ୍ରିତ ବଜାର କମିଟି, ଖରିଆର ରୋଡ**

Indian Bank
ଇଣ୍ଡିଆନ୍ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

ପରିଶିଷ୍ଟ-୪ [ରୁଲ୍-୮(୧)]
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସଂପତ୍ତିଗୁଡିକୁ **ଦଖଲ** ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସଂପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସଂପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଖର୍ଚ୍ଚ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ରଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ /ଦଖଲ ନୋଟିସ୍ ତାରିଖ | ସ୍ଥାବର ସଂପତ୍ତିର ବିବରଣୀ |
|---|---|---|---|
| **ଶୈଳଶ୍ରୀ ବିହାର ଶାଖା /** **ରଣଗ୍ରହୀତା: ଶ୍ରୀ ଅଜୟ କୁମାର ସାମଲ,** ପିତା: ଶ୍ରୀ ବିଷ୍ଣୁ ଚରଣ ସାମଲ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ନମିତା ସାମଲ,** ସ୍ୱାମୀ: ଶ୍ରୀ ଅଜୟ କୁମାର ସାମଲ, **୨) ଶ୍ରୀ ଅନିଲ କୁମାର ସମାଲ,** ସମସ୍ତଙ୍କ ଠିକଣା: ସା: ଏଲଆଇଜି-ଏଲ୍-୧୯/୯, ହାଉସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୧୦୨୧ | ୧୫.୧୧.୨୦୧୮ ସୁଦ୍ଧା ଟ.୧୭,୧୪,୭୪୧.୬୪ + ସେବାବଦ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୨୪.୦୭.୨୦୧୮ / ୧୫.୧୧.୨୦୧୮ | **ଶ୍ରୀ ଅଜୟ କୁମାର ସାମଲ**ଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୭୨, ପ୍ଲଟ୍ ନଂ.: ୨୪୧ (ଅଂଶ), କ୍ଷେତ୍ର: ୨୬୫ ବର୍ଗଫୁଟ, ଫ୍ଲାଟ୍ ନଂ.: ଏଲଆଇଜି-ଏଲ୍-୧୯/୯, ମୌଜା: ଚନ୍ଦ୍ରଶେଖରପୁର, ଏସ୍‌ଆର୍‌ଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଚନ୍ଦ୍ରଶେଖରପୁର ଫେଜ୍-୧, ହାଉସିଂ ବୋର୍ଡ କଲୋନୀ ଓଏସ୍‌ଏଚ୍‌ବି, ଭୁବନେଶ୍ୱର-୭୫୧୦୦୧, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ହାଉସ୍ ନଂ.: ଏଲ୍୧୯/୧୨, ଦକ୍ଷିଣ: ଏଲଆଇଜି ବ୍ଲକ୍-୧୮ |
| **ବାଲିଆପାଳ ଶାଖା /** **ରଣଗ୍ରହୀତା: ଶ୍ରୀ ସୁଧାଂଶୁ ଶେଖର ବେହେରା,** ପିତା: ଶ୍ରୀ ଭାଗିରଥି ବେହେରା / **ଗ୍ୟାରେଣ୍ଟିଦାତାମାନେ:** ୧) ଭାଗିରଥି ବେହେରା, ପିତା: ଗୋପାଳ ବେହେରା, ୨) ସରସ୍ୱତୀ ବେହେରା, ସ୍ୱାମୀ: ଭାଗିରଥି ବେହେରା, ସମସ୍ତଙ୍କ ବାସଗୃହ ଠିକଣା: ନେଉଳା, ପୋ.: ବରୀ, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୦୩ | ୦୧.୦୬.୨୦୧୮ ସୁଦ୍ଧା ଟ.୧୬,୭୮,୪୮୪/- + ସେବାବଦ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୦୧.୦୬.୨୦୧୮ / ୧୪.୧୧.୨୦୧୮ | **ଶ୍ରୀ ସୁଧାଂଶୁ ଶେଖର ବେହେରାଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ: ନେଉଳା, ତହସିଲ/ଏସ୍‌ଆର୍‌ଓ: ବରୀ, ପ୍ଲଟ୍ ନଂ.: ୯୧୫, ଖାତା ନଂ.: ୪୭୬, କ୍ଷେତ୍ର: ଏକର୦.୩୦ଡିସିମିଲି, ପ୍ଲଟ୍ ନଂ.: ୯୧୬/୧୯୦୧, ଖାତା ନଂ.: ୬୭୦/୨୯, କ୍ଷେତ୍ର: ଏକର୦.୦୮ଡିସିମିଲି ଏବଂ ପ୍ଲଟ୍ ନଂ.: ୧୦୮୬, ଖାତା ନଂ.: ୬୭୦/୧୩୭, କ୍ଷେତ୍ର: ଏକର୦.୧୦ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ ପ୍ଲଟ୍, ଦକ୍ଷିଣ: ରାସ୍ତା, ପୂର୍ବ: ବିବେକାନନ୍ଦ ଦାସ ଏବଂ ଗୁରୁଚରଣ ଦାସ, ପଶ୍ଚିମ: ଆଦିତ୍ୟ ଦାସ, ଅନିରୁଦ୍ଧ ଦାସ ଏବଂ ଅନ୍ୟମାନେ |
| **ବାରିପଦା ଶାଖା /** **ରଣଗ୍ରହୀତାମାନେ: ୧) ଶ୍ରୀ ପ୍ରଶାନ୍ତ କୁମାର ସାହା, ୨) ଶ୍ରୀମତୀ ରଶ୍ମି ପ୍ରକାଶ ସାହା,** ସ୍ୱାମୀ: ଶ୍ରୀ ପ୍ରଶାନ୍ତ କୁମାର ସାହା, ଉଭୟଙ୍କ ବାସସ୍ଥାନ ଠିକଣା- ସା: ୱାର୍ଡ ନଂ.: ୦୯, ମଧୁବନ, ବାରିପଦା, ଜିଲ୍ଲା: ମୟୁରଭଞ୍ଜ, ଓଡ଼ିଶା, ପିନ୍-୭୫୭୦୦୧ | ୧୫.୧୧.୨୦୧୮ସୁଦ୍ଧା ଟ.୯,୭୧,୦୨୩/- + ସେବାବଦ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧୬.୦୭.୨୦୧୬ / ୧୫.୧୧.୨୦୧୮ | **ଶ୍ରୀ ପ୍ରଶାନ୍ତ କୁମାର ସାହା ଏବଂ ଶ୍ରୀମତୀ ରଶ୍ମୀ ପ୍ରକାଶ ସାହାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୨୨/୯୫୪, ପ୍ଲଟ୍ ନଂ.: ୪୯୨/୭୬୯/୨୪୩୦, କ୍ଷେତ୍ର: ଏକର୦.୦୬ଡିସିମିଲି, ୟୁନିଟ୍ ନଂ.: ୭, ଦେଉଳସାହି, ଥାନା: ବାରିପଦା, ଜିଲ୍ଲା: ମୟୁରଭଞ୍ଜ, ଓଡ଼ିଶା-୭୫୭୦୦୧, ଏହାର ଚାରିପାର୍ଶ୍ୱରେ ପୂର୍ବ: ରତିକାନ୍ତ ସାମଲ, ପଶ୍ଚିମ: ଶରତ ଚନ୍ଦ୍ର ପାଣିଗ୍ରାହି, ଉତ୍ତର: ମିଳନ ଅଧିକାରୀ, ଦକ୍ଷିଣ: ରାସ୍ତା |
| **ବାରିପଦା ଶାଖା /** **ରଣଗ୍ରହୀତାମାନେ: ୧) ଶ୍ରୀ ପ୍ରତାପ ଚନ୍ଦ୍ର ଘଡେଇ,** ପିତା: ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଘଡେଇ, **୨) ଶ୍ରୀମତୀ କବିତା ଘଡେଇ,** ସ୍ୱାମୀ: ଶ୍ରୀ ପ୍ରତାପ ଚନ୍ଦ୍ର ଘଡେଇ (କୋ-ଆପ୍ଲିକାଣ୍ଟ), ଉଭୟଙ୍କ ବାସଗୃହ ଠିକଣା- ସା: ତୁଳସୀ ଚୌରା, ୱାର୍ଡ ନଂ.: ୧୪, ଥାନା: ବାରିପଦା, ମୟୁରଭଞ୍ଜ, ଓଡ଼ିଶା | ୦୪.୦୭.୨୦୧୮ସୁଦ୍ଧା ଟ.୪,୪୩,୧୦୬/- + ସେବାବଦ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୦୪.୦୭.୨୦୧୮ / ୧୫.୧୧.୨୦୧୮ | **ଶ୍ରୀ ପ୍ରତାପ ଚନ୍ଦ୍ର ଘଡେଇ ଏବଂ ଶ୍ରମୀତୀ କବିତା ଘଡେଇଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୩୨/୧୧୯୦, ପ୍ଲଟ୍ ନଂ.: ୨୮୫/୨୧୫୮, କ୍ଷେତ୍ର: ଏକର୦.୦୨୧ଡିସିମିଲି, ୱାର୍ଡ ନଂ.: ୧୪, ସୁନଗାଡିଆ ସାହି, ଥାନା: ବାରିପଦା, ଜିଲ୍ଲା: ମୟୁରଭଞ୍ଜ, ଓଡ଼ିଶା-୭୫୭୦୦୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ନଦୀ, ଦକ୍ଷିଣ: ରାସ୍ତା, ପୂର୍ବ: ଗୋକୁଳି ଘଡେଇ, ପଶ୍ଚିମ: ଜୟରାମ ଘଡେଇ |
| **ପୁରୀ ଶାଖା /** **ରଣଗ୍ରହୀତା: ଶ୍ରୀ ଦାମୋଦର ସାହୁ,** ପିତା: ଶ୍ରୀ କାଳୁ ଚରଣ ସାହୁ / **ଗ୍ୟାରେଣ୍ଟିଦାତା: ଶ୍ରୀ ଶ୍ୟାମ ସୁନ୍ଦର ସାହୁ,** ପିତା: ଶ୍ରୀ କାଳୁ ଚରଣ ସାହୁ, ଉଭୟଙ୍କ ବାସସ୍ଥାନ ଠିକଣା- ପ୍ଲଟ୍ ନଂ.: ୪୪୦/୧୨୯୩ ଏବଂ ୪୪୦/୧୨୯୪, ଗୁଡିଆ ସାହି, ବାଣିପତି ଲେନ୍, ପୁରୀ-୭୫୨୦୦୧ | ୧୫.୧୧.୨୦୧୮ସୁଦ୍ଧା ଟ.୯,୪୦,୩୪୯/- + ସେବାବଦ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୩୧.୦୭.୨୦୧୮ / ୧୫.୧୧.୨୦୧୮ | **ଶ୍ରୀ ଶ୍ୟାମ ସୁନ୍ଦର ସାହୁଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୫୯/୧୨୧, ପ୍ଲଟ୍ ନଂ.: ୪୪୦/୧୨୯୩ ଏବଂ ୪୪୦/୧୨୯୪, ପରିମିତ କ୍ଷେତ୍ର: ଏକର୦.୦୧୪ଡିସିମିଲି, ମୌଜା: ଗୁଡିଆ ସାହି, ପୁରୀ ଟାଉନ୍, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: କନକଲତା ମିଶ୍ର, ଦକ୍ଷିଣ: ମଧୁସୁଦନ ମହାପାତ୍ର, ପୂର୍ବ: ରାସ୍ତା, ପଶ୍ଚିମ: କ୍ରେତାଙ୍କ ଅଂଶ |
| **ଜଗତ୍‌ସିଂହପୁର ଶାଖା /** **ରଣଗ୍ରହୀତାମାନେ: ୧) ଶ୍ରୀ ରବିନ୍ଦ୍ର କୁମାର ବିଶ୍ୱାଳ,** ପିତା: ୰ ସୁନାକର ବିଶ୍ୱାଳ, **୨) ଶ୍ରୀମତୀ ରୋଜାଲିନୀ ବିଶ୍ୱାଳ** (କୋ-ଆପ୍ଲିକାଣ୍ଟ), ସ୍ୱାମୀ: ଶ୍ରୀ ରବିନ୍ଦ୍ର କୁମାର ବିଶ୍ୱାଳ, ଉଭୟଙ୍କ ବାସସ୍ଥାନ ଠିକଣା- ସା: ବଡଗାଁ, ପୋ.: ତେରାଟାଙ୍ଗ, ଥାନା: ବାଲିକୁଦା, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା | ୧୪.୧୧.୨୦୧୮ସୁଦ୍ଧା ଟ.୧୭,୯୩,୯୬୭/- + ସେବାବଦ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧୧.୦୯.୨୦୧୮ / ୧୪.୧୧.୨୦୧୮ | **ଶ୍ରୀ ରବିନ୍ଦ୍ର କୁମାର ବିଶ୍ୱାଳଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୬, ପ୍ଲଟ୍ ନଂ.: ୧୦୫୪, କ୍ଷେତ୍ର: ଏକର୦.୦୩ଡିସିମିଲିରୁ ଏକର୦.୦୧ଡିସିମିଲି ୫କଡି, ଉତ୍ତର ପାର୍ଶ୍ୱକୁ ଘରବାରୀ, ମୌଜା: ଇଶ୍ୱରପୁର, ଏସ୍‌ଆର୍‌ଓ/ତହସିଲ: ବାଲିକୁଦା, ତହସିଲ ନଂ.: ୨୩୫, ଥାନା: ବାଲିକୁଦା, ଥାନା ନଂ.: ୧୬୨, ବିକ୍ରୟ ଦଲିଲ୍ ନଂ.: ୧୦୨୦, ତାରିଖ: ୦୫.୧୦.୨୦୦୪, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶ୍ରୀ ସତ୍ୟାନନ୍ଦ ଲେଙ୍କାଙ୍କ ପ୍ଲଟ୍, ଦକ୍ଷିଣ: ଶ୍ରୀ ଯୋଗେନ୍ଦ୍ର ବିଶ୍ୱାଳଙ୍କ ପ୍ଲଟ୍, ପୂର୍ବ: କଟକ-ମାଛଗାଁ ରାସ୍ତା, ପଶ୍ଚିମ: ଶ୍ରୀ ବିକେଇ ଲେଙ୍କାଙ୍କ ପ୍ଲଟ୍ ଏବଂ ଅନ୍ୟମାନେ |
| **ଜଗତ୍‌ସିଂହପୁର ଶାଖା /** **ରଣଗ୍ରହୀତା: ଶ୍ରୀ ଦିଲ୍ଲିପ କୁମାର ପଟ୍ଟନାୟକ,** ପିତା: ଶ୍ରୀ ଶରତ ଚନ୍ଦ୍ର ପଟ୍ଟନାୟକ, **ଗ୍ୟାରେଣ୍ଟିଦାତା: ଶ୍ରୀ ଅଶ୍ୱିନୀ କୁମାର ପଟ୍ଟନାୟକ,** ପିତା: ଶ୍ରୀ ଦିଲ୍ଲିପ କୁମାର ପଟ୍ଟନାୟକ, ଉଭୟଙ୍କ ବାସସ୍ଥାନ ଠିକଣା- ସା: ଖେରାସ, ପୋ.: ଜଗତ୍‌ସିଂହପୁର, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, ପିନ୍-୭୫୪୧୦୩, | ୧୪.୧୧.୨୦୧୮ସୁଦ୍ଧା ଟ.୫,୩୪,୪୭୪/- + ସେବାବଦ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୨୦.୦୪.୨୦୧୮ / ୧୪.୧୧.୨୦୧୮ | **ଶ୍ରୀ ଅଶ୍ୱିନୀ କୁମାର ପଟ୍ଟନାୟକଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୪, ପ୍ଲଟ୍ ନଂ.: ୯୨, କ୍ଷେତ୍ର: ଏକର୦.୨୩ଡିସିମିଲି ଏବଂ ପ୍ଲଟ୍ ନଂ.: ୯୩, କ୍ଷେତ୍ର: ଏକର୦.୦୯ଡିସିମିଲି, ଚକ ନଂ.: ୮୪, ପ୍ଲଟ୍ ନଂ.: ୩୫୨, କ୍ଷେତ୍ର: ଏକର୦.୩୦ଡିସିମିଲି, ମୌଜା: ସିଙ୍ଗିପୁର, ଥାନା ନଂ.: ୩୨୩, ଏସ୍‌ଆର୍‌ଓ/ତହସିଲ: ଜଗତ୍‌ସିଂହପୁର, ଜିଲ୍ଲା: ଜଗତ୍‌ସିଂହପୁର, **ପ୍ଲଟ୍ ନଂ.: ୯୨ ଏବଂ ୯୩ ଗୋଟିଏ ସଂଲଗ୍ନ କ୍ଷେତ୍ର** ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା ଏବଂ ତାରକେଶ୍ୱର ବେହେରାଙ୍କ ପ୍ଲଟ୍, ଦକ୍ଷିଣ: ରାସ୍ତା ଏବଂ ଗୌରୀ ସାମଲଙ୍କ ପ୍ଲଟ୍, ପୂର୍ବ: ନାରଣ ମଲ୍ଲିକ, ପଶ୍ଚିମ: ରାସ୍ତା ଏବଂ ରବିନ୍ଦ୍ର ପୋଥାଳଙ୍କ ପ୍ଲଟ୍, ପ୍ଲଟ୍ ନଂ.: ୩୫୨ର ଚାରିପାର୍ଶ୍ୱରେ ଉତ୍ତର: ଫକିର ମୋହନ ସାହୁ, ଦକ୍ଷିଣ: ଭାଗବତ ଗୋସାଇଁ ଏବଂ ଚୈତନ୍ୟ ଚରଣ ସ୍ୱାଇଁ ଏବଂ ଅନ୍ୟମାନେ |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୨୦.୧୧.୨୦୧୮**
**କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

### ୫ ଚୋରା ମଦ ବେପାରୀ ଗିରଫ

ଜଳେଶ୍ୱର, ୨୦।୧୧(ଡି.ଏନ.ଏ.): ମଙ୍ଗଳବାର ଭୋର ସମୟରେ ଜଳେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଜଳେଶ୍ୱର ଥାନା ଅଞ୍ଚଳର ମ୍ୟୁନିସିପାଲିଟି ଅଧୀନ ନହଞ୍ଜରା ଓ ବ୍ଲକ ଅଧୀନ ଆରୁହା ଗ୍ରାମରେ ଅତର୍କିତ ଚଢ଼ାଉ କରାଯାଇ ୫୩ ଲିଟର ଦେଶୀରନ୍ଧା ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୫ ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ନହଞ୍ଜରା ଗ୍ରାମର ଟୋପା ସୋରେନ, ଚନ୍ଦନ କିସ୍କୁ ଓ ଆରୁହା ଗ୍ରାମର ରବୀନ୍ଦ୍ର ସିଂ, ଲକ୍ଷ୍ମୀ ସିଂ, ମିତାଲି ସିଂ। ସେମାନଙ୍କୁ ସ୍ଥାନୀୟ ଜେଏମ୍ଏଫ୍ସି କୋର୍ଟରେ ହାଜର କରାଯାଇଛି। ଜଳେଶ୍ୱର ଅବକାରୀ ଏସ୍ଆଇ ହରପ୍ରସାଦ ରଣାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଗିରଫ ୫ ଅଭିଯୁକ୍ତଙ୍କ ବିରୋଧରେ ପୃଥକ ମାମଲା ରୁଜୁ ହୋଇଛି।

## ଆରମ୍ଭରୁ ଜାମ୍ ରହିଲା ସର୍ଭର

# ଟିକେଟ ନ ପାଇ ହକିପ୍ରେମୀ ନିରାଶ

**ରାଜଧାନୀରେ ସିଧା ପ୍ରସାରଣ ହେବ: ପୋଲିସ କମିଶନର**

ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)

ହକି ବିଶ୍ୱକପର ଉଦ୍ଘାଟନୀ ଉତ୍ସବ ପାଇଁ ମଙ୍ଗଳବାର ଅନ୍ଲାଇନରେ ଟିକେଟ ବିକ୍ରି ହୋଇଥିଲା। ମାତ୍ର ଟିକେଟ ବୁକିଂ ସମୟରେ ସର୍ଭର ଜାମ ହୋଇଯିବାରୁ ଅନେକ ହକି ପ୍ରେମୀ ଟିକେଟ ନ ପାଇ ନିରାଶ ହୋଇଛନ୍ତି। ଏପରି କି ହକି ପ୍ରେମୀମାନଙ୍କୁ ଟିକେଟ ପାଇଁ କମ୍ପ୍ୟୁଟର ସାମ୍ନାରେ ଘଣ୍ଟା ଘଣ୍ଟା ଧରି ମଧ ବସିବାକୁ ପଡ଼ିଛି।

ଆସନ୍ତା ୨୮ ତାରିଖରୁ କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍ ମ୍ୟାଚ୍ ଆରମ୍ଭ ହେବ। ୨୭ ତାରିଖରେ କଳିଙ୍ଗ ଷ୍ଟାଡିୟମ ଏବଂ ୨୮ ତାରିଖରେ କଟକ ବାରବାଟୀ ପଡ଼ିଆରେ ଉଦଘାଟନୀ ଉତ୍ସବ ଆୟୋଜନ କରାଯିବ। ଏଥିପାଇଁ ମଙ୍ଗଳବାର ମଧାହ୍ନ ୧୨ଟାରୁ ଅନଲାଇନରେ ଟିକେଟ ବିକ୍ରି କରାଯିବ ବୋଲି ପୂର୍ବରୁ ସୂଚନା ଦିଆଯାଇଥିଲା। ଉଦ୍ଘାଟନୀ ଉତ୍ସବରେ ବଲିଉଡ ଗାୟକ ଏ.ଆର. ରହମନ ଏବଂ ବଲିଉଡ୍ ଷ୍ଟାର ଶାହରୁଖ ଖାନ ଯୋଗଦେବାର କାର୍ଯ୍ୟକ୍ରମ ଥିବାରୁ ଟିକେଟ ବୁକିଂ ଲାଗି ହକି ପ୍ରେମୀମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ। ତେଣୁ ମଙ୍ଗଳବାର ସାଇଟ୍ ଖୋଲିବା ମାତ୍ରେ ସର୍ଭର ଜାମ୍ ହୋଇଯାଇଥିଲା। ଏକକାଳୀନ ୮୦ ହଜାରରୁ ଊର୍ଦ୍ଧ୍ୱ ବ୍ୟବହାରକାରୀ ସାଇଟ୍ ଖୋଲିବାରୁ ପ୍ରଥମେ ସାଇଟ ଡାଉନ ହୋଇଯାଇଥିଲା। ପ୍ରାୟ ୧୨ଟା ୨୦ ବେଳକୁ ଆଉ ସାଇଟ୍ ଖୋଲି ନ ଥିଲା। ୧୨ଟା ୪୦ ବେଳକୁ ବୁକିଂ ସାଇଟ୍ ସମ୍ପୂର୍ଣ୍ଣ ଡାଉନ ହୋଇଯାଇଥିଲା। ଭୁବନେଶ୍ୱରରେ ୧୨ ହଜାର ଏବଂ କଟକରେ ୩୦ ହଜାର ଟିକେଟ ବିକ୍ରି ପାଇଁ ଘୋଷଣା କରାଯାଇଥିଲା। କିନ୍ତୁ ଅନେକ ହକିପ୍ରେମୀ ଟିକେଟ ନ ପାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ବିଭାଗ ଛାତ୍ର ଅରୁପ ପଟ୍ଟନାୟକ କୁହନ୍ତି, ଉଦ୍ଘାଟନୀ ଉତ୍ସବ ଟିକେଟ ପାଇଁ କଳିଙ୍ଗ ଷ୍ଟାଡିୟମକୁ ଯାଇଥିବାବେଳେ ସେଠାରେ ପୋଲିସର ଲାଠିମାଡ଼ ଖାଇ ଫେରିଥିଲି। ଏବେ ସର୍ଭର ଜାମ୍ ଯୋଗୁ ଅନ୍ଲାଇନରୁ ଟିକେଟ ମିଳିଲାନି। ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏପରି ଲୋକ ଦେଖାଣିଆ ଅନ୍ଲାଇନ ଟିକେଟ ବିକ୍ରି କରାଗଲା। ଅନଲାଇନରେ କେତେଜଣ ଦର୍ଶକ ଟିକେଟ ପାଇଛନ୍ତି ଏବଂ କର୍ପୋରେଟ ହାଉସ ଓ ଅନ୍ୟମାନଙ୍କୁ କେତେ ପାସ୍ ଦିଆଯାଇଛି ସେନେଇ ସ୍ପଷ୍ଟ କରାଯିବା ଉଚିତ। ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ଛାତ୍ର ଜ୍ଞାନ ରଞ୍ଜନ ମହାପାତ୍ର କହିଛନ୍ତି, ସକାଳ ୯ଟାରୁ ଅପେକ୍ଷା କରିଥିଲୁ। ସାଇଟ୍ ଖୋଲିବା ପରେ ପ୍ରଥମେ ନିଜ ଟିକେଟ ବୁକିଂ କରିଥିଲି। କିନ୍ତୁ ପରେ ଆଉ ସାଇଟ୍ ଖୋଲି ନ ଥିଲା। ଅପରାହ୍ଣ ୩ଟା ଯାଏ ବସିବା ପରେ ଆଉ ୨ଟି ଟିକେଟ ବୁକିଂ କରିବାରେ ସଫଳ ହୋଇଥିଲି।

ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ଟିକେଟ ବୁକିଂ କରିପାରି ନ ଥିବା ହକିପ୍ରେମୀମାନେ ନିରାଶ ହେବା ଦରକାର ନାହିଁ। ସେମାନେ କିପରି ଉଦ୍ଘାଟନୀ ଉତ୍ସବକୁ ଉପଭୋଗ କରିପାରିବେ ସେଥିଲାଗି ରାଜଧାନୀର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଏଲସିଡି ମାଧମରେ ସିଧା ପ୍ରସାରଣ କରିବାକୁ ବିଏମ୍ସି ବିକଳ୍ପ ବ୍ୟବସ୍ଥା କରିଛି। ଜୟଦେବବିହାର, ପାଲ ହାଇଟ୍ସ, ଶହୀଦନଗର ଭବାନୀ ମଲ, ଏସ୍ପ୍ଲାନେଡ, ସତ୍ୟନଗର ବିଗବଜାର, ଶହୀଦନଗର ଦୁର୍ଗାମଣ୍ଡପ, ମାର୍କେଟ ବିଲ୍ଡିଂ, ରେଳଷ୍ଟେଶନ, ଲିଙ୍ଗରାଜ ମନ୍ଦିର, ସିଆରପି ପ୍ରିୟଦର୍ଶୀ ମାର୍କେଟ, କିଟ୍ ଛକ ଏବଂ ବରମୁଣ୍ଡା ପଡିଆରେ ଏଲ୍ସିଡି ସ୍କ୍ରିନ୍ ଲଗାଯିବ।

# କୋଶଲୀ ଚଳଚ୍ଚିତ୍ର ଜାନିକରି ଭି ନାଇଁଜାନିର ପ୍ରିମିୟର୍ ଶୋ



କୋଶଲୀ ଚଳଚ୍ଚିତ୍ର ଜାନିକରି ଭି ନାଇଁଜାନିର ପ୍ରିମିୟର ଶୋ ଅବସରରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଅଫିସ, ୨୦।୧୧

ଟ୍ରାଫିକ୍ ସଚେତନତା ଆଧାରିତ କ୍ଷୁଦ୍ର କୋଶଲୀ ଚଳଚ୍ଚିତ୍ର ଜାନିକରି ଭି ନାଇଁଜାନିର ପ୍ରିମିୟର ଶୋ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଛି । କ୍ରାନ୍ତି ରଞ୍ଜନ ଷଡଙ୍ଗୀ ଓ ଶମ୍ଭୁ ପ୍ରଶାଦ ସାଏଙ୍କ ପ୍ରଯୋଜିତ ଓ ସୁଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ ୧୫ ମିନିଟ୍ର କ୍ଷୁଦ୍ର କୋଶଲୀ ଚଳଚ୍ଚିତ୍ର ପ୍ରିମିୟର ଶୋରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ସମ୍ମାନିତ ଅତିଥିଭାବେ କନିଷ୍ଠ ମୋଟର ଯାନ ନିରୀକ୍ଷକ ନରସିଂହ ପାଣିଗ୍ରାହୀ, ଚଳଚ୍ଚିତ୍ର ନିର୍ମାତା ପ୍ରଦୀପ ମହାପାତ୍ର ଓ ମନୋଜ ମିଶ୍ର ଯୋଗ ଦେଇଥିଲେ । ବାପା, ମାଁ ମାନେ କେଉଁ ପରସ୍ଥିତିରେ ୧୮ ବର୍ଷରୁ କମ ପିଲା ମାନଙ୍କୁ ଗାଡି କିଣି ଦେଉଛନ୍ତି ଓ ତାର କୁପରିଣାମ କ'ଣ ହେଉଛି ସେ ବିଷୟରେ ଚଳଚ୍ଚିତ୍ରରେ ଦର୍ଶାଯାଇଛି । ଏହି ଚଳଚ୍ଚିତ୍ରଟି ଉଚ୍ଚମାନର ଓ ଶିକ୍ଷଣୀୟ ହୋଇଛି ବୋଲି ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ମତବ୍ୟକ୍ତ କରିଥିଲେ । ସରକାର ମଧ ବର୍ତ୍ତମାନ ଜରିବାନା ଆଦାୟ ଅପେକ୍ଷା କେମିତି ଦୁର୍ଘଟଣାକୁ ରୋକାଯାଇ ପାରିବ ତା' ଉପରେ ଅଧିକ ଜୋର ଦେଉଥିବା ନେଇ କହିଥିଲେ । ଏହି ଜନସଚେତନତାଧର୍ମୀ ଚଳଚ୍ଚିତ୍ରକୁ ଶୁଭମ ଡିଜିଟାଲ୍ ଷ୍ଟୁଡିଓ ୟୁଟ୍ୟୁବ୍ ଚ୍ୟାନେଲ୍ରେ ମଧ ଦେଖିପାରିବେ ବୋଲି ନିର୍ଦ୍ଦେଶକ ସୂଚନା ଦେଇଥିଲେ । ଏହି ଅବସରରେ ଚଳଚ୍ଚିତ୍ରରେ ଅଭିନୟ କରିଥିବା କଳାକାର ହିମାଂଶୁ ଖମାରୀ, ଶ୍ରୀରାଧା, ଗୋବର୍ଦ୍ଧନ ଭୋଇ, ଅଶୋକ ଦୀପ, ସନ୍ତୋଷ ଡାଙ୍ଗ, ନେପାଳ ବାଗ, ଲକି , ହୃଷିକେଶ ପୁରୋହିତଙ୍କ ସମେତ ସମସ୍ତ କଳାକାର ଉପସ୍ଥିତଥିଲେ। କ୍ୟାମେରାମ୍ୟାନ୍ ଭାବେ ପ୍ରଭାତ ମୁଗ୍ରୀ, ଶିବ ସାହୁ, ସନ୍ୟାସୀ ରାୟ ଓ ସୁଶୀଲ ସାହୁ କାର୍ଯ୍ୟନିର୍ବାହ କରିଥିବା ସୂଚନା ଦିଆଯାଇଛି ।

## ପ୍ରଥମ ପୃଷ୍ଠାରୁ...

### ମହାନଦୀକୁ ଖସିଲା...

ଅଧିକାଂଶ ଢ଼େଙ୍କାନାଳ, ଅନୁଗୋଳ, କଟକ ଓ ଖୋର୍ଦ୍ଧା ଜିଲାର। ଜଣେ ଆହତ ଯାତ୍ରୀ ତାଳଚେର ଅଞ୍ଚଳର ରାଜଲକ୍ଷ୍ମୀ ସାହୁ କୁହନ୍ତି, ସେ ତାଙ୍କ ପୁଅ ଆଦିତ୍ୟ (୮) ସହିତ ଉକ୍ତ ବସ୍ରେ କଟକ ଆସୁଥିଲେ। କଟକରୁ ସେ କେନ୍ଦୁଝର ଯାଇଥାନ୍ତେ। ତେବେ ବସ୍ଟି ପୋଲର ଫୁଟ୍ପାଥ ଉପରକୁ ଚଢ଼ିଯିବା ପରେ ନଦୀ ଭିତରକୁ ଖସିଥିଲା। ଛାତିରେ ଯନ୍ତ୍ରଣା ଜୋରରେ ହେଉଥିଲେ ମଧ ସେ ଜୀବନ ବିକଳରେ ପୁଅ ଆଦିତ୍ୟକୁ ଖୋଜିଥିଲେ। ବସ୍ ଭିତରେ ଅନ୍ଧାରରେ ଗୁରୁଣ୍ଡି ଗୁରୁଣ୍ଡି ପୁଅକୁ ରକ୍ତାକ୍ତ ଅବସ୍ଥାରେ ପାଇଥିଲେ। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଆହତଙ୍କ ମଧରେ ଡ୍ରାଇଭର ଖଗେଶ୍ୱର ମଲ୍ଲିକଙ୍କ ସମେତ ଯାତ୍ରୀ ଜ୍ୟୋତିରେଖା ଦାସ, ସାଗରିକା ଜଗଦ୍ଦେବ, ସରୋଜ ରଥ, ଆଦିତ୍ୟ ନାରାୟଣ ସାହୁ, ରାଜଲକ୍ଷ୍ମୀ ସାହୁ, ଲକ୍ଷ୍ମୀଧର ନାୟକ, ବିଜୟ କୁମାର ରଥ(ବୋଲଗଡ଼, ଖୋର୍ଦ୍ଧା), ଆନନ୍ଦ କୁମାର (ଚାଉଳିଆଗଞ୍ଜ, କଟକ), ସୋନୁ ଖାଁ (ତାଳଚେର, ଅନୁଗୋଳ), ବେଣୁଧର ନାୟକ(ପରଜଙ୍ଗ, ଢ଼େଙ୍କାନାଳ), ଭାରତ ମଲ୍ଲିକ (ବଳଙ୍ଗା, ପୁରୀ), ପ୍ରମୋଦ ପ୍ରଧାନ (କନ୍ଦରପୁର, କଟକ), ରଶ୍ମିରଞ୍ଜନ ଦାସ, ରମେଶ ଚନ୍ଦ୍ର ପଣ୍ଡା, ଜନ୍ମେଜୟ ସାହୁ, କୃତିବାସ ମହାନ୍ତି, ସର୍ବେଶ୍ୱର ବେହେରା, ଶ୍ୱାତି ବେହେରା, ଲୁସି ମହାନ୍ତି, ରବୀନ୍ଦ୍ର ବେହେରା, ଜୟଦେବ ନାଥ, ସର୍ବେଶ୍ୱର ସାହୁ, ଜନ୍ମେଜୟ ସାହୁ, ରଶ୍ମୀରେଖା ବେହେରା, ବିଜୟ କୁମାର ରଥ, ସାଗରିକା ସାମଲ, ଜ୍ୟୋତିରେଖା ଦାସ ରହିଛନ୍ତି। ମୃତ ଓ ଅନ୍ୟ ଆହତଙ୍କ ପରିଚୟ ଜାଣିବା ପାଇଁ ଉଦ୍ୟମ ଜାରି ରହିଛି। ଆହତଙ୍କ ଚିକିତ୍ସାରେ ଏସ୍ସିବିର ସମସ୍ତ ବିଭାଗର ଜଣେ ଜଣେ ଡାକ୍ତରଙ୍କୁ ନିୟୋଜିତ କରାଯାଇଥିବା ମେଡିକାଲ ଜରୁରିକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣା କହିଛନ୍ତି। ଅନ୍ୟପକ୍ଷରେ ବସ୍ର କାଗଜପତ୍ର ଠିକ୍ ଥିବା ଜଣାପଡ଼ିଛି। ଅଧିକ ଜାଣିବା ପାଇଁ ତାଳଚେର ଆର୍ଟିଓଙ୍କ ସହିତ ଯୋଗାଯୋଗ କରାଯାଉଥିବା କଟକ ଆର୍ଟିଓ ଦୀପ୍ତିରଞ୍ଜନ ପାତ୍ର ସୂଚନା ଦେଇଛନ୍ତି। ଦୁର୍ଘଟଣା ଖବରପାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଏସ୍ସିବିରେ ପହଞ୍ଚି ଆହତଙ୍କ ଚିକିତ୍ସା ସମ୍ପର୍କରେ ବୁଝିଥିଲେ। ସେହିଭଳି ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜିଲା ଜରୁରିକାଳୀନ ଅଧିକାରୀ ପ୍ରବୋଧ କୁମାର ରାଉତ, ପୋଲିସ କମିଶନର ସତ୍ୟଜିତ ମହାନ୍ତି, ଡିସିପି ଅଖିଳେଶ୍ୱର ସିଂ ପ୍ରମୁଖ ଘଟଣାସ୍ଥଳ ଓ ମେଡିକାଲରେ ଉପସ୍ଥିତ ରହି ଉଦ୍ଧାର ଓ ଆହତଙ୍କ ଚିକିତ୍ସାରେ ସହାୟତା ଯୋଗାଇଥିଲେ।

### ସରକାରଙ୍କ ସହ...

ଗୃହ ମଧଭାଗକୁ ଆସି ହଟ୍ଟଗୋଳ କରୁଛନ୍ତି। ଏଭଳି ଗୁରୁତର ଅଭିଯୋଗ ଆଣି ଭାଜପା ସଦସ୍ୟମାନେ ବିଧାନସଭାରେ ହଙ୍ଗାମା କରିଥିଲେ। ଶାସକ ଦଳର ସଦସ୍ୟମାନେ ନିଜ ଆସନ ନିକଟରେ ଛିଡାହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ବିଧାନସଭା ଏକ ପ୍ରକାର ରଣକ୍ଷେତ୍ର ପାଲଟିଯାଇଥିଲା। କଂଗ୍ରେସ ସଦସ୍ୟମାନେ ଚୁପ୍ହୋଇ ବସିଥିବା ଦେଖାଯାଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବାଚସ୍ପତି ପ୍ରଦୀପ ଅମାତ ସଭାକାର୍ଯ୍ୟ ଚଳାଇବା ପାଇଁ ପୂର୍ବାହ୍ଣ ୧୦ଟା ୩୦ ମିନିଟ୍ରେ ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ଭାଜପା ବିଧାୟକ ରବିନାରାୟଣ ନାଏକ ରାଜ୍ୟ ସରକାରଙ୍କ ସହିତ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଭିତିରି ସମ୍ପର୍କ ରହିଥିବା ଅଭିଯୋଗ ଆଣିଥିଲେ। ସେ ଗୃହର ମଧଭାଗକୁ ଆସି କଡ଼ା ବିରୋଧ କରିଥିଲେ। ତାଙ୍କୁ ସମର୍ଥନ ଜଣାଇ ଦଳର ଅନ୍ୟ ବିଧାୟକ ପ୍ରଦୀପ ପୁରୋହିତ, ରାଧାରାଣୀ ପଣ୍ଡା, ନୀତୀଶ ଗଙ୍ଗଦେବ, ଗୋବିନ୍ଦ ସାହୁ ପ୍ରମୁଖ ଗୃହର ମଧଭାଗକୁ ଆସି ରାଜ୍ୟ ସରକାର ଓ କଂଗ୍ରେସ ବିରୋଧରେ ସ୍ଲୋଗାନ ଦେଇଥିଲେ। ଭାଜପାର ଏଭଳି ବିରୋଧ ଦେଖି ଶାସକ ଦଳ ମଧ ଗର୍ଜନ କରିଥିଲା। ବିଜେଡି ସଭ୍ୟ ସମୀର ରଞ୍ଜନ ଦାସ, ସଞ୍ଜୟ ଦାସବର୍ମା, ପ୍ରମୋଦ ମଲିକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାସେଶ୍ୱରୀ ପାଣିଗ୍ରାହୀ, ରାଜଶ୍ରୀ ମଲ୍ଲିକ, ପ୍ରିୟଦର୍ଶୀ ମିଶ୍ର, ପ୍ରଶାନ୍ତ ଜଗଦେବ, ପ୍ରୀତିରଞ୍ଜନ ଘଡ଼ାଇ, ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସମେତ ଅନ୍ୟ ସଦସ୍ୟମାନେ କେନ୍ଦ୍ରର ମୋଦି ସରକାର ବିରୋଧରେ ସ୍ଲୋଗାନ ଦେବାସହିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କେନ୍ଦ୍ର ସରକାର ବଢ଼ାଉ ନ ଥିବା ଅଭିଯୋଗ କରି ହୋହଲ୍ଲା କରିଥିଲେ। ୩ ମିନିଟ୍ କାଳ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବାରୁ ବାଚସ୍ପତି ଗୃହକୁ ୧୦ଟା ୩୩ରୁ ୧୧ଟା ୩୦ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ଏହି ସମୟରେ ଭାଜପା ସଦସ୍ୟମାନେ ବ୍ୟାନର ଧରି ବିଧାନସଭା ପରିସରସ୍ଥ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲେ। ୧୧ଟା ୩୦ମିନିଟ୍ରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ପରିସ୍ଥିତିରେ କୌଣସି ସୁଧାର ଆସି ନ ଥିଲା। ବାଚସ୍ପତି ବିରୋଧୀ ଦଳ ନେତାଙ୍କୁ କହିବା ପାଇଁ ଅନୁମତି ଦେଇଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା। ଭାଜପା ସଦସ୍ୟଙ୍କ ଗର୍ଜନରେ ବିଧାନସଭା ହୁଲ୍ସ୍ଥୁଲ ହୋଇଥିଲା। ଗୃହର ଅଚଳାବସ୍ଥା ଦୂର କରିବା ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ଏଥିପାଇଁ ଗୃହକୁ ୧୧ଟା ୩୪ରୁ ୩ଟି ପର୍ଯ୍ୟାୟରେ ଅପରାହ୍ଣ ୩ଟା ଯାଏ ମୁଲତବୀ ଘୋଷଣା କରାଯାଇଥିଲା। ବିରୋଧୀ ଦଳ ନେତା ନରସିଂହ କହିଛନ୍ତି ଯେ, ଗଣତନ୍ତ୍ରକୁ ହତ୍ୟା କରିବାରେ ଭାଜପା ମାହିର। ରାଜ୍ୟରେ ନିଜର ପରିଚୟ ହଜିଯାଉଥିବାରୁ ଭାଜପା ଏପରି କୌଶଳ ଆପଣାଇଛି। କଂଗ୍ରେସ ଓ ଭାଜପା ମଧରେ ଆକାଶପାତାଳ ପ୍ରଭେଦ ରହିଛି। ତଥାପି ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଲତବୀ ଆଲୋଚନାଠାରୁ ଆରମ୍ଭକରି ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସ ଭାଜପାକୁ ସାଙ୍ଗରେ ନେଇଛି। ଯେତେବେଳେ କେନ୍ଦ୍ର ସରକାରଙ୍କ କଥା ଉଠେ ଭାଜପା ସଦସ୍ୟମାନେ ମୁହଁ ଖୋଲନ୍ତି ନାହିଁ। ଭାଜପା ବିଜେଡିର ଏକ ଛଦ୍ମଦଳ। ଉଭୟଙ୍କ ମଧରେ ବହୁତ ଆଗରୁ ବୁଝାମଣା ରହିଛି। କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ବିଷୟରେ ବିଜେଡି ଭାଜପାକୁ ସମର୍ଥନ ଦେଉଛି। ବିଜେଡି ନେତାଙ୍କ ବିରୋଧରେ ସିବିଆଇ କାହିଁକି ପଦକ୍ଷେପ ନେଉନାହିଁ। ଖଣି ଦୁର୍ନୀତି ନେଇ ଶାହା ରିପୋର୍ଟ ଦେବା ପରେ ମଧ ସିବିଆଇ କାହିଁକି ତଦନ୍ତ କରୁନାହିଁ ଭାଜପା ସଦସ୍ୟମାନେ ଏହାର ଜବାବ ଦେବା ଦରକାର। କଂଗ୍ରେସର ଆଭିମୁଖ୍ୟ ବିଜେଡି ଓ କେନ୍ଦ୍ର ସରକାର କ୍ଷେତ୍ରରେ ସ୍ପଷ୍ଟ ରହିଛି। ଭାଜପା ପୂର୍ବରୁ ନରସିଂହଙ୍କ ବିରୋଧରେ କଂଗ୍ରେସର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ସମାନ ଅଭିଯୋଗ ଆଣିଥିଲେ। ସଗରିଆଙ୍କ ଅଭିଯୋଗ ସମ୍ପର୍କରେ ନରସିଂହ କହିଥିଲେ ଯେ, ଏହା ଦଳର ଆଭ୍ୟନ୍ତରୀଣ ବ୍ୟାପାର। ସବୁ ଦଳରେ ଏଭଳି ହୁଏ। ଭାଜପାରେ ମଧ ଦିଲୀପ ରାୟ ଓ ବିଜୟ ମହାପାତ୍ର ଅଭିଯୋଗ କରୁଛନ୍ତି। ମୁଁ କଂଗ୍ରେସରେ ରହିଛି, ମୋ ଜୀବନର ଶେଷ ଯାଏ ରହିବି ବୋଲି ନରସିଂହ କହିଛନ୍ତି। ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ ଭୂପିନ୍ଦର ସିଂଙ୍କ କଥା ଉଠାଇ ଅଭିଯୋଗ କରିଛନ୍ତି ଯେ, ବିରୋଧୀ ଦଳ ଭାବେ କଂଗ୍ରେସ ତା'ର ଭୂମିକା ତୁଲାଉ ନାହିଁ। ୨୦୧୪ରେ ଭୂପିନ୍ଦର କଂଗ୍ରେସରୁ ଇସ୍ତଫା ଦେଇ ନିଜର ଫାଇଦା ପାଇଁ ବିଜେଡିରେ ଯୋଗଦେଲେ। ବିଜେଡି ତାଙ୍କୁ ୨ ବର୍ଷ ପାଇଁ ରାଜ୍ୟ ସଭାକୁ ପଠାଇଲା। ଏ କଥା କାହାକୁ ଅଛପା ନାହିଁ। ବର୍ତ୍ତମାନର ବିରୋଧୀ ଦଳ ନେତା ମଧ ସେହି ଏକା ଫର୍ମୁଲା ଆପଣାଇଛନ୍ତି। ରାଜ୍ୟ ସରକାରଙ୍କ ସହ ନରସିଂହଙ୍କ ଭିତିରେ ସମ୍ପର୍କ ଥିବା କେବଳ ଆମେ କହୁନାହୁଁ ତାଙ୍କ ଦଳର ପୂର୍ବତନ ବିଧାୟକ ସଗରିଆ ଏହାର ପର୍ଦ୍ଦାଫାଶ କରିଛନ୍ତି।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଅଗରୱାଲ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000- 50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625285496
9625479587
Add : - 41/14, Sec-1 Pushp Vihar, Delhi

(ବିଶେଷ ଋଣ ଅଫର)
KUBER FINANCE
ତରଫରୁ ପି.ଏମ୍. ଜନଧନ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ ଇତ୍ୟାଦି 50000ରୁ 1 କୋଟି ପର୍ଯ୍ୟନ୍ତ ପାଆନ୍ତୁ । 1% ସୁଧ 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
Call Now:
8295564405
7496890187

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ଣ ୧୦ ଘଟିକାରୁ ଅପରାହ୍ଣ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ୍ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପ୍ଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadapur, Village-Mahammadpur, Tehsil- Gogawa, Dist- Khargone, MP - 451335

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ, ବ୍ୟବସାୟ,ଇଟାଭାଟି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍ସିଡି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers:
74090203163

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000- 50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦ + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234
08750097511
Plot No.3, Sector-II, CBD Belapur, Navi Mumbai-400614

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

> କ୍ରୋଧ ଏ ସଂସାରରେ ସୁଖରୂପୀ ବୃକ୍ଷର ମୂଳକୁ ସମୟେ ସମୟେ ଦୋହଲାଇ ଦୁର୍ବଳ କରିଦିଏ।
>
> - ପ୍ରଜାପିତା ବ୍ରହ୍ମାକୁମାରୀ

## ସଂକ୍ଷେପରେ

### କ୍ରିକେଟ ଖେଳାଳୀଙ୍କ ବିୟୋଗରେ ଶୋକସଭା

ଘଣ୍ଟାପଡା, ୨୦।୧୧ (ଡି.ଏନ.ଏ.): କନ୍ଧମାଳ ବ୍ଲକ ଘଣ୍ଟାପଡା ଗ୍ରାମ ପଞ୍ଚାୟତ ପୋଡାପଦର ଗ୍ରାମର କ୍ରିକେଟିୟର ସୁଦାମ ସିଂ କଅଁରଙ୍କ ମୃତ୍ୟୁ ଏକ ଶୋକସଭାର ଆୟୋଜନ ହୋଇଯାଇଛି। ସେ ଜଣେ ଭଲ କ୍ରିକେଟିୟର ଓ ଫୁଟବଲ ଖେଳାଳୀ ଥିଲେ। ସେହିପରି ସିକ୍ସର ବଏ ନାମରେ ସେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ। ପ୍ରକାଶ ଯେ, ଗତ ରବିବାର ବିଳମ୍ବିତ ରାତିରେ ବଲାଙ୍ଗୀର- ଭବାନୀପାଟଣା ୨୬ନମ୍ବର ଜାତୀୟ ରାଜପଥର ସଇଁତଲା ଥାନା ଅନ୍ତର୍ଗତ ଲୁହୁରାପାଲି ଗ୍ରାମ ନିକଟରେ ବାଇକ, ବସ ଧକ୍କାରେ ବାଇକ ଆରୋହି ତିନି ସାଙ୍ଗଙ୍କ ମୃତ୍ୟୁ ହୋଇଥିଲା। ସେ କ୍ରିକେଟ ଭଲ ଖେଳୁଥିବା ହେତୁ ତାଙ୍କୁ ଗାଁ ଗାଁର କ୍ରିକେଟ ଟିମ୍ ଭଡା ଆକାରରେ ନେଇଥାନ୍ତି। ସେ ଦିନ ମଧ ଗୋଟିଏ ଟୁର୍ନାମେଣ୍ଟରୁ ଖେଳି ସାରି ରାତି ଖାଇବାକୁ ତିନି ସାଙ୍ଗଙ୍କ ସହିତ ଢ଼ାବାକୁ ଖାଇବାକୁ ଯାଉଥିଲେ। କିନ୍ତୁ ବାଟରେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା।

■ପ୍ରଥମ ସ୍ତ୍ରୀଙ୍କ ବିଷ ପିଇ ଆତ୍ମହତ୍ୟା ମାମଲା

# ସ୍ୱାମୀଙ୍କୁ ୬ ବର୍ଷ ଜେଲ ଦଣ୍ଡାଦେଶ

**ବୌଦ୍ଧ।୨୦।୧୧(ସ୍ୱ.ପ୍ର.)**

ବୌଦ୍ଧ ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ ତଥା ସହକାରୀ ଦୌରାଜଜ ପ୍ରଦୀପ୍ତ କୁମାର ସାହୁ ମଙ୍ଗଳବାର ଏକ ଯୌତୁକ ଜନିତ ଓ ଦ୍ୱିତୀୟ ସ୍ତ୍ରୀ ରଖିବା ନେଇ ପ୍ରଥମ ସ୍ତ୍ରୀର ବିଷପିଇ ଆତ୍ମହତ୍ୟା ମାମଲାକୁ ବିଚାର କରିଛନ୍ତି। ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀଙ୍କୁ ୬ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିବା ସହ ଅଭିଯୁକ୍ତ ଶ୍ୱଶୁର, ଶାଶୁ, ଦେଢଶୁର ଓ ଦ୍ୱିତୀୟ ସ୍ତ୍ରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରକାଶ ଯେ, ମନମୁଣ୍ଡା ଥାନା ଗୁଡଭେଲିପଦର ଗ୍ରାମର ଶିବ କର୍ଣ୍ଣଙ୍କ ଝିଅ ରଶ୍ମିତା(୨୪) ଉକ୍ତ ଥାନା ଅନ୍ତର୍ଗତ ସିଗାଡି ଗ୍ରାମର ଦଫେ ପ୍ରଧାନଙ୍କ ପୁଅ ସୁଜିତଙ୍କ(୨୮)ସହ ବିବାହ ହୋଇଥିଲା। ଗତ ୨୦୧୫ ସେପ୍ଟେମ୍ବର ୨୩ତାରିଖରେ ରଶ୍ମିତାଙ୍କ ଦେହ ଖରାପ ଅଛି ଓ ସେ ମନମୁଣ୍ଡା ମେଡିକାଲରେ ଚକିତ୍ସା ହେଉଛନ୍ତି ବୋଲି ରଶ୍ମିତାଙ୍କ ବାପା ଖବରପାଇ ପ୍ରଥମେ ମନମୁଣ୍ଡା ମେଡିକାଲକୁ ଯାଇଥିଲେ। କିନ୍ତୁ ଝିଅଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସୋନପୁର ମେଡିକାଲକୁ ନିଆଯାଇଥିବା ଜାଣିବା ପରେ ସୋନପୁର ମେଡିକାଲକୁ ଯାଇଥିଲେ। କିନ୍ତୁ ସେଠାରେ ଝିଅ ରଶ୍ମିତାଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ଝିଅର ମୃତ୍ୟୁକୁ ନେଇ ଜ୍ୱାଇଁ ଅଭିଯୁକ୍ତ ସୁଜିତଙ୍କୁ ପଚାରିବାରୁ ରଶ୍ମିତା ବିଷ ପିଇ ଆତ୍ମହତ୍ୟା କରିଥିବା କହିବା ସହ ମେଡିକାଲରୁ ସେ ପଳାଇଥିଲେ। ରଶ୍ମିତାଙ୍କୁ ଯୌତୁକ ଦାବି କରି ଜ୍ୱାଇଁ ଓ ରଶ୍ମିତାଙ୍କ ଶଶୁର ଦଫେ(୬୫), ଶାଶୁ ସୁକାନ୍ତ(୫୫) ଓ ଦେଢଶୁର ସଦାଶିବ ପ୍ରଧାନ(୩୮) ପିଟାମରା କରିବା ସହ ନିର୍ଯାତନା ଦେଇ ଆସୁଥିଲେ ଓ ସୁଜିତ ଆଉ ଏକ ଝିଅକୁ ଭଲ ପାଇ ସ୍ତ୍ରୀ ଭାବେ ଘରେ ଆଣି ରଖିଥିଲେ। ଏଣୁ ରଶ୍ମିତାଙ୍କୁ ବିଷ ଦେଇ ମାରିଥିବା ନେଇ ରଶ୍ମିତାଙ୍କ ବାପା ଶିବ କର୍ଣ୍ଣ ଉକ୍ତ ଦିନ ମନମୁଣ୍ଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ମନମୁଣ୍ଡା ପୋଲିସ ଥାନାରେ କେସ ନଂ ୧୫୫/୧୫ରେ ଏକ ମାମଲା ରୁଜୁ କରି ସ୍ୱାମୀ, ଶଶୁର,ଶାଶୁ, ଦେଢଶୁର ଓ ଦିତୀୟ ସ୍ତ୍ରୀ ଅଷ୍ଟମି ସିଂଙ୍କ ନାମରେ ମାମଲା କରିଥିଲା। ସରକାରଙ୍କ ପକ୍ଷରୁ ୧୯ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ପ୍ରମାଣ ଥିବା ନେଇ ବୌଦ୍ଧ ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ ତଥା ସହକାରୀ ଦୌରାଜଜ ପ୍ରଦୀପ୍ତ ସାହୁ ଅଭିଯୁକ୍ତ ସୁଜିତ ପ୍ରଧାନଙ୍କୁ ୬ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହା ସହ ୧୦୦୦ଟଙ୍କା ଜରିମାନା ଆଦେଶ ପ୍ରଦାନ କରିବା ସହ ଅଭିଯୁକ୍ତ ଶ୍ୱଶୁ, ଶାଶୁ, ଦେଢଶୁର ଓ ଦ୍ୱିତୀୟ ସ୍ତ୍ରୀଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଉକ୍ତ ମାମଲାଟିକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦେବରଞ୍ଜନ ବିଶି ପରିଚାଳନା କରୁଥିବାବେଳେ ଅଭିଯୁକ୍ତ ସୁଜିତ, ଦଫେ, ସୁକାନ୍ତି, ସଦାଶିବଙ୍କ ପକ୍ଷରୁ ଆଇନଜୀବୀ ଅଶୋକ ମିଶ୍ର, ବିବେକାନନ୍ଦ ଦେହୁରୀ ଓ ଅଭିଯୁକ୍ତ ଅଷ୍ଟମୀଙ୍କ ପକ୍ଷରୁ ଆଇନଜୀବୀ ତାରେଣୀ ମହାପାତ୍ର ପରିଚାଳନା କରୁଥିଲେ।

## ବୋଲେରୋ ଧକ୍କାରେ ଭାଙ୍ଗିଲା ବିଦ୍ୟୁତ ଖୁଣ୍ଟ


ଦୁର୍ଘଟଣାଗ୍ରସ୍ତ ଗାଡି।

**ଜହ୍ନାପଙ୍କ,୨୦।୧୧(ଡି.ଏନ.ଏ.)**

ବୌଦ୍ଧ- ବଲାଙ୍ଗୀର ଜାତୀୟ ରାଜପଥ ନଂ. ୫୭ ଜହ୍ନାପଙ୍କ ଗାଁ ମୁଣ୍ଡରେ ଏକ ବିଦ୍ୟୁତ ଖୁଣ୍ଟକୁ ବୋଲେରୋ ନଂ. ଓଆର୍ ୦୩ ଏ- ୦୦୧୯ ଧକ୍କା ଦେବାରୁ ଖମ୍ବଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଯୋଗୁ ବିଦ୍ୟୁତ ତାର ଝୁଲି ରହି ଗାଡି ଚଳାଚଳ କିଛି ସମୟ ବନ୍ଦ ରହିଥିଲା। ଘଟଣାସ୍ଥଳରେ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ଦ୍ୱାରିକା ସେଠୀ ପହଞ୍ଚି ବିଦ୍ୟୁତ କର୍ମଚାରୀଙ୍କ ଜରିଆରେ ବିଦ୍ୟୁତ ତାରକୁ ହଟାଇବାରୁ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ, ମଙ୍ଗଳବାର ସକାଳ ପ୍ରାୟ ୬ଟା ସମୟରେ ପୁରୀରୁ ଫେରୁଥିବା ଏକ ପରିବାର ଏହି ଗାଡିରେ କନ୍ଧମାଳ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। କେହି କିଛି ଆହତ ହୋଇ ନ ଥିବା ବେଳେ ୨.୬ ବର୍ଷର ଶିଶୁ ଅଚ୍ୟୁତା ମଲିକ ସାମାନ୍ୟ ଆହତ ହୋଇଥିଲେ। ସେହିପରି ଅନ୍ୟ ଏକ ବୋଲେରୋ ପିକପ୍ ଗାଡି ନଂ. ସିଜି ୧୨ ଏଡବ୍ଲୁ- ୦୪୪୬ ଭୁବନେଶ୍ୱରରୁ ବଲାଙ୍ଗୀର ଫେରୁଥିବାବେଳେ ଜାତୀୟ ରାଜପଥ ନଂ. ୫୭ର ପୋଡା ବଳସ ଛକ ନିକଟରେ ଡାହାଣ ପାର୍ଶ୍ୱରେ ଏକ ଧାନ ବିଲକୁ පଶି ଯାଇଥିଲା। ଉଭୟ ଗାଡିର ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଏହି ଦୁର୍ଘଟଣା ଘଟିଥିଲା।

# ମନମୁଣ୍ଡା ଶିଶୁ ମନ୍ଦିର ବାର୍ଷିକ କ୍ରୀଡାତ୍ସୋବ ଉଦଯାପିତ

**ମନମୁଣ୍ଡା,୨୦।୧୧(ଡି.ଏନ.ଏ.)**

ଦୁଇ ଦିନ ଧରି ଅନୁଷ୍ଠିତ ମନମୁଣ୍ଡା ଶିଶୁ ମନ୍ଦିର ବାର୍ଷିକ କ୍ରୀଡାତ୍ସୋବ ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବ୍ର ପ୍ରଧାନ ଆଚାର୍ଯ୍ୟ ଅଶୋକ ବଡମାଳୀଙ୍କ ଅଧକ୍ଷତାରେ ହୋଇଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଯୋଗିନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ବୈଦ୍ୟନାଥ ହୋତା, ସମ୍ମାନୀତ ଅତିଥି ଭାବେ ଗଣେଶ୍ୱର ପାତ୍ର, ଲକ୍ଷ୍ମୀନାରାୟଣ ମହାନ୍ତି, ବିଭିଷଣ ଭୁକ୍ତା, ରମେଶ ଚନ୍ଦ୍ର ମାଝୀ, ଏଲିପୂର୍ଣ୍ଣିମା ଦାଶ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହ ଉତ୍ସାହିତ ଅଭିଭାଷଣ ପ୍ରଦାନ କରିଥିଲେ। ଶିଶୁ ବର୍ଗ ଏବଂ ବାଳ ବର୍ଗରେ ମୋଟ ୪୦ଟି ଇଭେଣ୍ଟରେ ପ୍ରତିଯୋଗୀତା ହୋଇଥିଲା ଏବଂ ୧୯୦ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଶିଶୁ ବର୍ଗରେ ନିତାନ ମହାକୁଡ ଏବଂ ବିଦିଶା ବଂଶାଳି ମେହେର ତଥା ବାଳ ବର୍ଗରେ ବିନିତ ସେନାପତି ଏବଂ ସତ୍ୟବତୀ ଭୋଇ ଚାମ୍ପିୟନ ହୋଇଥିଲେ। ଗୁରୁମା ସିନ୍ଧୁସୂତା ମହାନ୍ତି ଓ ସଂଯୋଜନା ଏବଂ ଗୁରୁଜୀ ନେପାଳ ଭୋଇ ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରମାନଙ୍କ କ୍ରୀଡାକୁ ଗୁରୁଜୀ ବ୍ରଜମୋହନ କର୍ମୀ, ବାସୁଦେବ ପାଢ଼ୀ, ପ୍ରମୋଦ ମେହେର ଏବଂ ଛାତ୍ରୀମାନଙ୍କ କ୍ରୀଡାକୁ ଗୁରୁମା ମମତା ମେହେର, ଶକୁନ୍ତଳା ପ୍ରଧାନ, ଅନୁସୂୟା ନାଏକ, ଗୀତାଞ୍ଜଳି ମହାପାତ୍ର, ଅଞ୍ଜଳି ପାତ୍ର, ଝରଣା ମିଶ୍ର, ରାଜଲକ୍ଷ୍ମୀ ମିଶ୍ର ମାନେ ପରିଚାଳନା କରିଥିଲେ।

■ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ ପରେ ଉତ୍ତେଜନା

# ମୃତଦେହ ରଖି ରାସ୍ତା ଅବରୋଧ


ମୃତଦେହ ରଖି ରାସ୍ତା ଅବରୋଧ କରାଯାଇଛି।

**ସିଂଘିଯୁବା,୨୦।୧୧(ଡି.ଏନ୍.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଏଁଲାପାଲି ଛକ୍ରେ ସୋମବାର ଏକ କାର ଧକ୍କାରେ ବିନିକା ବ୍ଲକ କର୍ତଙ୍ଗ ଗାଁର ସୁଜିତ ରଣା(୪୩), ତାଙ୍କ ସ୍ତ୍ରୀ କଳ୍ପନା (୩୬), ପୁଅ ଆଶିଷ(୭) ଗୁରତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ସୋନପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ସୁଜିତଙ୍କୁ ମୃତ ଘୋଷଣା କରିଥିଲେ। ଏବେ ତାଙ୍କ ସ୍ତ୍ରୀ ଏବଂ ପୁଅଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ତେବେ ମଙ୍ଗଳବାର ବ୍ୟବଚ୍ଛେଦ ପରେ ସୁଜିତଙ୍କ ମୃତଦେହ କର୍ତ୍ତଙ୍ଗରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାର ଲୋକେ ଏବଂ ଅଞ୍ଚଳବାସୀ ବିନିକା-ସୁବର୍ଣ୍ଣପୁର ମଧବର୍ତ୍ତୀ ସଂସାମୁରା ଛକରେ ରାସ୍ତାରୋକୋ କରିଥିଲେ। ରାସ୍ତା ଅବରୋଧ ଯୋଗୁଁ ଦେଢଘଣ୍ଟା ଧରି ଶତାଧିକ ଯାନବାହାନ ରାସ୍ତାର ଉଭୟ ପଟରେ ଅଟକି ରହିଥିଲା। ଖବର ପାଇ ମଧାହ୍ନ ପ୍ରାୟ ୧୨.୩୦ରେ ବିନିକା ତହସିଲଦାର ଅଲେଖ ଘୁଟା ଏବଂ ମହାଦେବପାଲି ସରପଞ୍ଚଙ୍କ ପ୍ରତିନିଧି ହାଡୁ ମାଝୀ ଧାରଣାସ୍ଥଳକୁ ଆସି ଅବରୋଧକାରୀଙ୍କ ଆଲୋଚନା କରିଥିଲେ। ମୃତକଙ୍କ ପରିବାରଙ୍କୁ ରେଡକ୍ରସରୁ ୧୦ହଜାର ଟଙ୍କା ଏବଂ ଆବାସ ଯୋଜନାରେ ଗୃହ ତୁରନ୍ତ ଯୋଗାଇ ଦେବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏଥି ସହ ହରିଶ୍ଚନ୍ଦ୍ର ଯୋଜନାରେ ଅନ୍ତିମ ସଂସ୍କାର ପାଇଁ ମୃତକଙ୍କ ପରିବାର ବର୍ଗ ଲୋକଙ୍କୁ ୨ହଜାର ଟଙ୍କା ପ୍ରଦାନ କରାଯିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

## ଗଛକଟାକୁ ନେଇ ରାଜ୍ୟ ସରକାରଙ୍କୁ ଧର୍ମେନ୍ଦ୍ରଙ୍କ ସମାଲୋଚନା

**ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)**



ଢେଙ୍କାନାଳ ଜିଲା ବଳରାମପୁରଠାରେ ବିୟର ବଟଲିଂ ପ୍ଲାଣ୍ଟ ନିର୍ମାଣ ପାଇଁ ଶହ ଶହ ଗଛ କାଟି ଦିଆଗଲା। ଏହି ଗଛକଟା ହେବା ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଡା ସମାଲୋଚନା କରିଛନ୍ତି। ସେ ସିଧାସଳଖ ଟୁଇଟ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦୋଷାରୋପ କରିଛନ୍ତି। କାହା ନିର୍ଦ୍ଦେଶରେ ଗଛକଟା ହୋଇଥିଲା ବୋଲି ଧର୍ମେନ୍ଦ୍ର ପ୍ରଶ୍ନ ଉଠାଇଛନ୍ତି। ମଙ୍ଗଳବାର ଧର୍ମେନ୍ଦ୍ର ତାଙ୍କ ଟୁଇଟ୍ରେ ଉଲ୍ଲେଖ କରିଛନ୍ତି, ବଳରାମପୁର ଗାଁରେ ଗଛକଟା ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇବାକୁ କିଛି ଲୋକ ନବୀନ ନିବାସ ଆସୁଥିବା କଥା ଶୁଣିଲି। ପ୍ରାୟୋଜିତ ପ୍ରଶଂସା ପାଇବାରେ ମୁଖ୍ୟମନ୍ତ୍ରୀଙ୍କର ଢେର ଦକ୍ଷତା ଅଛି। ତାଙ୍କର ବ୍ୟବସ୍ଥାର ଅହଙ୍କାର କିଛି କମ୍ ନୁହେଁ। ୫୦ବର୍ଷ ପୁରୁଣା ଗଛ କାଟିବାର ନିର୍ଦ୍ଦେଶ ତାଙ୍କର ଥିଲା। ଗଛକଟା ବନ୍ଦ କରିବାର ନିଷ୍ପତ୍ତି ମଧ ତାଙ୍କର। ଶେଷରେ ସେଠାରେ ବୃକ୍ଷ ରୋପଣ ନିଷ୍ପତ୍ତି ମଧ ମୁଖ୍ୟମନ୍ତ୍ରୀଙ୍କର ଥିଲାବୋଲି ଧର୍ମେନ୍ଦ୍ର ନିଜ ଟୁଇଟ୍ରେ ଉଲ୍ଲେଖ କରିଛନ୍ତି।

# ପୋଖରୀରେ ବୁଡ଼ି ନାବାଳକ ମୃତ

**ପୋଲସରା,୨୦।୧୧(ଡି.ଏନ.ଏ.)**- ଗଞ୍ଜାମ ଜିଲା ପୋଲସରା ବ୍ଲକ ଗୋଛାବାଡ଼ି ପଞ୍ଚାୟତସ୍ଥିତ ଗୋଛାବାଡ଼ି ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚତୁର୍ଥ ଶ୍ରେଣୀର ପ୍ରଦ୍ୟୁମ୍ନ କୁମାର ଜେନା (୯)। ଏ ନେଇ ପୋଲିସ ନଂ. ୯/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଥିବା ଏଏସ୍ଆଇ ପୁରୁଷୋତ୍ତମ ମାଝି କହିଛନ୍ତି। ମଙ୍ଗଳବାର ସକାଳେ ପ୍ରଦ୍ୟୁମ୍ନ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ କୌଣସି କାରଣବଶତଃ ଗୋଡ଼ ଖସି ପାଣି ଭିତରକୁ ଚାଲିଯାଇ ବୁଡ଼ି ଯାଇଥିଲେ। ଗୁରୁତର ପ୍ରଦ୍ୟୁମ୍ନଙ୍କୁ ପରିବାର ସଦସ୍ୟ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଓ ଅତିରିକ୍ତ ତହସିଲଦାର ଅଶୋକ କୁମାର ପ୍ରଧାନ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ।

## ୨ ଯୁଦ୍ଧଜାହାଜ ନିର୍ମାଣ ଲାଗି ଭାରତ-ରୁଷିଆ ରାଜିନାମା

**ନୂଆଦିଲ୍ଲୀ,୨୦।୧୧(ପି.ଟି.)**

ଭାରତୀୟ ନୌସେନା ଲାଗି ଗୋଆରେ ଦୁଇଟି ଯୁଦ୍ଧଜାହାଜ ନିର୍ମାଣ ନିମନ୍ତେ ମଙ୍ଗଳବାର ଭାରତ ଏବଂ ରୁଷିଆ ମଧରେ ୫୦୦ ନିୟୁତ ଡଲାର ମୂଲ୍ୟର ରାଜିନାମା ସ୍ୱାକ୍ଷର ହୋଇଛି। ଦୁଇ ରାଷ୍ଟ୍ର ମଧରେ ପ୍ରତିରକ୍ଷା ସହଯୋଗ ସ୍ୱରୂପ ପ୍ରତିରକ୍ଷା ଉଦ୍ୟୋଗ ଗୋଆ ସିପୟାର୍ଡ ଲିଃ (ଜିଏସଏଲ) ଏବଂ ରୁଷିଆ ସରକାରଙ୍କ ରୋସୋବୋରନେକ୍ସପର୍ଟ ମଧରେ ଏହି ରାଜିନାମା ସ୍ୱାକ୍ଷର ହୋଇଛି। ରାଜିନାମା ଅନୁଯାୟୀ ଭାରତରେ ଏହି ଯୁଦ୍ଧଜାହାଜ ନିର୍ମାଣ ଲାଗି ରୁଷିଆ ଜିଏସଏଲକୁ ଡିଜାଇନ, ଟେକ୍ନୋଲୋଜି ଏବଂ ଜାହାଜ ନିର୍ମାଣ ଲାଗି କେତେକ ମ୍ୟାଟେରିଆଲ ଯୋଗାଇଦେବ।୨୦୨୦ରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପ୍ରଥମ ଯୁଦ୍ଧଜାହାଜ ୨୦୨୬ ଏବଂ ଦ୍ୱିତୀୟଟି ୨୦୨୭ ସୁଦ୍ଧା ପ୍ରସ୍ତୁତ ହୋଇଯିବ ବୋଲି ଜିଏସଏଲର ସିଏମଡି ଶେଖର ମିତ୍ତଲ କହିଛନ୍ତି।

## ୪ ବଖରା ଜଳିଗଲା

**ଖଇରା, ୨୦।୧୧(ଡି.ଏନ.ଏ.)**

ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଆମ୍ବଗଡିଆ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଗୋଲକ ମାଝିଙ୍କର ୪ ବଖରା ପୋଡିଯାଇଛି। ଏହା ସହ ୨ ଛେଳି ମଧ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅଗ୍ନିକାଣ୍ଡରେ ତାଙ୍କର ୫୦ ହଜାର ଟଙ୍କା ସମ୍ପତ୍ତି ନଷ୍ଟ ହୋଇଥିବା କୁହାଯାଉଛି। ଖବରପାଇ ଅଡ଼ା ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତାଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ନିଲମ୍ବିତ ସଦସ୍ୟଙ୍କ ଅଭିଯୋଗ ଉଦ୍ଦେଶ୍ୟ ପ୍ରଣୋଦିତ: ଯୁବମୋର୍ଚ୍ଚା

**ସଜନାଗଡ଼,୨୦।୧୧(ଡି.ଏନ.ଏ.)**

ଭାଜପାରୁ ନିଲମ୍ବିତ ହୋଇଥିବା କେତେକ ମଣ୍ଡଳ ସ୍ତରୀୟ କର୍ମକର୍ତ୍ତା ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସମାଲୋଚନା କରି କେତେକ ଅଭିଯୋଗ ଆଣିଥିବାରୁ ଦଳ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଭାଜପା ଯୁବମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚନ୍ଦ୍ରଶେଖର ନନ୍ଦ ସ୍ଥାନୀୟ ଡାକବଙ୍ଗଳା ପରିସରରେ ମଙ୍ଗଳବାର ଅପରାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି। ଚନ୍ଦ୍ରଶେଖର ନନ୍ଦ, ରବିନାରାୟଣ ବେହେରା, ସୌଦାମିନୀ ସିଂ, ସମରଶଙ୍କର କାନୁନ୍ଗୋ, ମନୋରଞ୍ଜନ ବେହେରା, କମଳାକାନ୍ତ ମହାକୁଡ଼ ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଚନ୍ଦ୍ରଶେଖର କହିଥିଲେ ଯେ, ଦଳର ଜଣେ ତଥା କଥିତ ନେତା ଓ ମଣ୍ଡଳର ସଭାପତି ପଦ ହରାଇଥିବା କେତେକ ବ୍ୟକ୍ତି ଗତ୧୮ ତାରିଖରେ ଖବରଦାତା ସମ୍ମିଳନୀ କରି ଷଡ଼ଙ୍ଗୀଙ୍କ ନାମରେ କେତେକ କପୋଳକଳ୍ପିତ, ଭିତ୍ତିହୀନ ଅଭିଯୋଗ କରିବା ଉଦ୍ବେଗର ବିଷୟ।

ସିବିଆଇରେ ଅନ୍ତର୍କନ୍ଦଳ

# ତଥ୍ୟ ଲିକ୍କୁ ନେଇ ବର୍ଷିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୦।୧୧(ପି.ଟି.)**



କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ ଅନ୍ତର୍କନ୍ଦଳ ଚରମ ସୀମା ଟପିବା ପରେ ସୁପ୍ରିମକୋର୍ଟରେ ମାମଲା ପହଞ୍ଚିଛି। ଇତିମଧରେ କାର୍ଯ୍ୟାନୁଷ୍ଠାନ ଯୋଗୁ ବାଧତାମୂଳକ ଛୁଟିରେ ଥିବା ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ବନ୍ଦ ଲଫାପାରେ ଦେଇଥିବା ଜବାବ ଲିକ୍ ହୋଇଯାଇଛି। ସେହିପରି ସିବିଆଇ ଡିଆଇଜି ଏମ୍.କେ. ସିହ୍ନା ଆବେଦନ ଜରିଆରେ କରିଥିବା ଅଭିଯୋଗ ସମ୍ପର୍କରେ ମଧ ପ୍ରଘଟ ହୋଇଛି। ଏନେଇ ମଙ୍ଗଳବାର ସୁପ୍ରିମକୋର୍ଟ ସବୁ ଆବେଦନକାରୀଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଅଦାଲତର ଭିତିରି କଥା ପଦାରେ ପଡୁଥିବାରୁ ପିଟିଶନଗୁଡ଼ିକର ଶୁଣାଣି କରାଯିବା ଉଚିତ ନୁହେଁ। ତା'ଛଡ଼ା କୋର୍ଟ ଏମିତି ଏକ ଜାଗା ନୁହେଁ, ଯେଉଁଠି ଲୋକମାନେ ଆସି ମନଇଚ୍ଛା କହିଯିବେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଅଧକ୍ଷତା କରୁଥିବା ଖଣ୍ଡପୀଠ ଏଭଳି କଟୁ ଆକ୍ଷେପ କରିଛନ୍ତି। ଶୁଣାଣିବେଳେ ଅଦାଲତ ମଧ ସବୁ ପକ୍ଷକୁ ଚେତାବନୀ ଦେଇଛନ୍ତି। ବର୍ମାଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗ ସଂକ୍ରାନ୍ତରେ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ୍ (ସିଭିସି) ରିପୋର୍ଟର ଗୋପନୀୟତାକୁ ବଜାୟ ରଖିବାକୁ ପୂର୍ବରୁ କୋର୍ଟ କହିଥିଲେ। କିନ୍ତୁ ଏହାର ବ୍ୟତିକ୍ରମ ହୋଇଥିବାରୁ ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଯୋଶେଫଙ୍କ ଖଣ୍ଡପୀଠ ତୀବ୍ର ସମାଲୋଚନା କରିଛନ୍ତି।

■ଚୋରା ଗଞ୍ଜେଇ ଚାଲାଣ ମାମଲା

# ନିର୍ଦ୍ଦୋଷରେ ଖଲାସ ଅଭିଯୁକ୍ତ

**ବୌଦ୍ଧ,୨୦।୧୧(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଦୌରା ଜଜ ତଥା ସ୍ପେଶାଲ ଜଜ ଅରବିନ୍ଦ ଗୁରୁ ମଙ୍ଗଳବାର ଏକ ଚୋରା ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରକାଶ ଯେ, ଗତ ୨୦୧୭ ସେପ୍ଟେମ୍ବର ୨୫ରେ ବୌଦ୍ଧ ଅବକାରୀ ବିଭାଗ ପକ୍ଷରୁ କଣ୍ଟମାଳ ଥାନା ଅଞ୍ଚଳର ରେକଡୋଲ ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ କାର୍ଯ୍ୟ କରୁଥିଲେ। ଉକ୍ତ ଦିନ ବିଶେଷ ସୂତ୍ରରୁ ଖବରପାଇ ରେକଡୋଲର ଅଭିଯୁକ୍ତ ଗଜେନ୍ଦ୍ର ବଘାର(୬୮) ନିଜ ଘରେ ପ୍ରଚୁର ପରିମାଣର ଗଞ୍ଜେଇ ଚାଲାଣ ପାଇଁ ରଖିଥିଲେ। ସଙ୍ଗେ ସଙ୍ଗେ ବୌଦ୍ଧ ଅବକାରୀ ବିଭାଗ ଇନ୍ସପେକଟର ବିଜୟ ଧରୁଆ ଓ ଅନ୍ୟ କର୍ମଚାରୀମାନେ ଅଭିଯୁକ୍ତଙ୍କ ଘର ଉପରେ ଚଢାଉ କରି ଯାଞ୍ଚ କରିଥିଲେ। ଏହି ସମୟରେ ଏକ ଧଳା ରଙ୍ଗର ଜରି ବସ୍ତାରେ ଗଞ୍ଜେଇ ଦେଖିବାକୁ ପାଇଥିଲେ। ଉକ୍ତ ବସ୍ତାରୁ ୩୫କେଜି ଗଞ୍ଜେଇ ଜବତ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ବିଚାର ପାଇଁ କୋର୍ଟକୁ ପଠାଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ମାମଲାଟି ଜିଲା ଦୌରାଜଜ ତଥା ସ୍ପେଶାଲ ଜଜଙ୍କ ଅଦାଲତରେ ସ୍ପେଶାଲ କେସ ନଂ (୨ଏସିସି-୨/୧୭) ହୋଇ ବିଚାର ହୋଇଥିଲା। ସରକାରଙ୍କ ପକ୍ଷରୁ ୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଜିଲା ଦୌରାଜଜ ତଥା ସ୍ପେଶାଲ ଜଜ ଅରବିନ୍ଦ ଗୁରୁ ମଙ୍ଗଳବାର ପ୍ରମାଣ ଅଭାବରୁ ଅଭିଯୁକ୍ତ ଗଜେନ୍ଦ୍ର ବଘାରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ଅଶୋକ ମିଶ୍ର ଓ ବିବେକାନନ୍ଦ ଦେହୁରୀ ପରିଚାଳନା କରୁଥିଲେ।

# କମେଣ୍ଟ ମରାରୁ ଗୋଷ୍ଠୀ ସଂଘର୍ଷ: ୮ ଗିରଫ

**ଚାନ୍ଦବାଲି,୨୦।୧୧(ଡି.ଏନ.ଏ.)**

- ■ ଦୁଇ ରାଜନୈତିକ ଦଳ ମୁହାଁମୁହିଁ
- ■ ଟେକାପଥର ମାଡ଼ରେ ୧୦ ଗୁରୁତର
- ■ ପୋଲିସ ପକ୍ଷରୁ ୨ପୃଥକ ମାମଲା ରୁଜୁ
- ■ ଗିରଫଦାରି ଭୟରେ ଗାଁ ପୁରୁଷଶୂନ୍ୟ

କମେଣ୍ଟମରା ଘଟଣାକୁ ନେଇ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ଉତ୍ତୁକୁଡା ପଞ୍ଚାୟତ ବୁରୁଜାଲ ଗାଁରେ ରାଜନୈତିକ ଗୋଷ୍ଠୀ ସଂଘର୍ଷ ଘଟି ଉତ୍ତେଜନା ପ୍ରକାଶ ପାଇଛି। ସଂଘର୍ଷରେ ୧୦ ଜଣ ଆହତ ହୋଇଛନ୍ତି। ଉଭୟ ପକ୍ଷଙ୍କ ଅଭିଯୋଗ କ୍ରମେ ଚାନ୍ଦବାଲି ଥାନା ପୋଲିସ ୬୪ ଜଣଙ୍କୁ ପକ୍ଷଭୁକ୍ତ କରି ଦୁଇଟି ପୃଥକ ମାମଲା(ନଂ. ୨୬୧/୨୦୧୮ ଓ ନଂ.୨୬୨/୨୦୧୮) ରୁଜୁ କରିଛି। ଖବର ଲେଖା ହେବା ସୁଦ୍ଧା ପୋଲିସ ୮ ଜଣଙ୍କୁ ଗିରଫ କରିଛି। ଗିରଫ ଭୟରେ ଅନ୍ୟମାନେ ଘର ଛାଡି ପଳାଇଛନ୍ତି। ଫଳରେ ସାରା ଗାଁ ପୁରୁଷଶୂନ୍ୟ ହୋଇପଡିଛି। ମହିଳା, ଶିଶୁ ଓ ବୟସ୍କ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଅଧିକ ଗଣ୍ଡଗୋଳ ଆଶଙ୍କା ଥିବାରୁ ଗାଁରେ ପୋଲିସ ମୁତୟନ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ ସୋମବାର ବ୍ଲକ ଭାଜପା ପକ୍ଷରୁ ଚାନ୍ଦବାଲିରେ ଏକ ଜନସମାବେଶ ଅନୁଷ୍ଠିତ ହୋଇଥିଲା। କେତେକ ଦଳୀୟ କର୍ମୀ ସମାବେଶରେ ଯୋଗ ଦେଇ ବୁରୁଜାଲ ଗାଁକୁ ଫେରୁଥିବା କେତେକ ବିଜେଡି ସମର୍ଥକଙ୍କ ସହ ବଚସା ହୋଇଥିଲା। ସେଠାରେ କେହି ଜଣେ କମେଣ୍ଟ ମାରିବାରୁ ଉତ୍ତେଜନା ପ୍ରକାଶ ପାଇ ଏହା ସଂଘର୍ଷର ରୂପ ନେଇଥିଲା। ଦୁଇ ଦଳର ସମର୍ଥକମାନେ ଗାଁ ଦାଣ୍ଡରେ ମୁହାଁମୁହିଁ ହୋଇ ରାସ୍ତା କଡରେ ଜମା ହୋଇଥିବା ଟେକାପଥର ପରସ୍ପର ଉପରକୁ ଫିଙ୍ଗିଥିଲେ। ଏଥିରେ ଉଭୟ ପକ୍ଷର ୧୦ଜଣ ଆହତ ହୋଇଥିଲେ। କେତେକ ଘରର କାଚ, ଆଜବେଷ୍ଟସ ସହ ୨ଟି ଅଟୋରିକ୍ସା ଭାଙ୍ଗିଯାଇଥିଲା। ସଂଘର୍ଷରେ ଆହତ ହୋଇଥିବା ଲୋକଙ୍କୁ ପ୍ରଥମେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ପରେ ଭଦ୍ରକ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ମତୋ ଫାଣ୍ଡି ଓ ଚାନ୍ଦବାଲି ଥାନା ପୋଲିସ ଗାଁରେ ମିଳିତ ପଇଁତରା ଦେବା ସହ ଅଧିକ ତଦନ୍ତ ଜାରି ରଖିଛି।

## ଟଙ୍କା ମାଗି ବିଫଳ ହେବାରୁ ଆକ୍ରମଣ, ଯୁବକ ଗିରଫ

**ନୀଳଗିରି,୨୦।୧୮(ଡି.ଏନ.ଏ)**

ନୀଳଗିରି ବ୍ଲକ ବରହମପୁର ଥାନା ଅଧୀନ ମାଟିଆଳି ଗାଁର ଶ୍ୟାମସୁନ୍ଦର ସିଂ ନାମକ ବ୍ୟକ୍ତି ସେହି ଗ୍ରାମର ଜଣେ ମହିଳାଙ୍କୁ ମଦ ପିଇବାକୁ ଟଙ୍କା ମାଗି ବିଫଳ ହେବାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏପରିକି ତାଙ୍କ ଘରେ ନିଆଁ ଲଗାଇବାକୁ ସେ ଉଦ୍ୟମ କରୁଥିବା ବେଳେ ପଡୋଶୀ ଅଟକାଇଥିଲେ। ଫଳରେ ଘରେ ନିଆଁ ନ ଲାଗି ନିକଟସ୍ଥ ବାଉଁଶବୁଦାରେ ଲାଗିଯାଇଥିଲା। ଲୋକେ ନିଆଁକୁ ଆୟତ୍ତ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୫୮/୧୮) ରୁଜୁ କରିଛି।

## ମହିଳାଙ୍କ ଆତ୍ମହତ୍ୟା

ସମ୍ବଲପୁର,୨୦।୧୧(ବ୍ୟୁରୋ)- ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ଅନ୍ତର୍ଗତ ମେଡିକାଲ ଗଲିରେ ରହୁଥିବା ୩୮ ବର୍ଷୀୟା ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗକୁ ହସ୍ତାନ୍ତର କରିଛି । ଏ ନେଇ ଥାନରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ମହିଳାଜଣକ ପ୍ରଥମେ କୀଟନାଶକ ଓ ପରେ ବେକରେ ଶାଢି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି ।

## ସଂକ୍ଷେପରେ

### ଦ୍ୱିତୀୟ ଦିନରେ ଓକିଲ ସଂଘର କାର୍ଯ୍ୟବନ୍ଦ

ଦେବଗଡ଼,୨୦।୧୧(ସ୍ୱ.ପ୍ର.)-ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ୨୦୦୬ ମସିହାରୁ ଆନ୍ଦୋଳନ ଚାଲି ଆସୁଛି। ଏହି ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ପଶ୍ଚିମ ଓଡ଼ିଶା କ୍ରିୟାନୁଷ୍ଠାନ କମିଟି ଆହ୍ୱାନ କ୍ରମେ ଦେବଗଡ଼ ଓକିଲ ସଂଘ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛି। ସଂଘ ସଭାପତି ଦିଲୀପ କୁମାର ଗୁରୁ ଏବଂ ସମ୍ପାଦକ ବିକାଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆନ୍ଦୋଳନର ଦ୍ୱିତୀୟ ଦିନରେ ମଙ୍ଗଳବାର ପିକେଟିଂ କରାଯାଇ ଜିଲାର ସମସ୍ତ କୋର୍ଟ, କଚେରି, ବିଚାର ବିଭାଗୀୟ କାର୍ଯ୍ୟାଳୟ, ସରକାରୀ ଅଫିସଗୁଡ଼ିକୁ ବନ୍ଦ କରାଯାଇଥିଲା। ଫଳରେ ବିଭିନ୍ନ ସରକାରୀ କାମରେ ଆସୁଥିବା ଲୋକେ ନାହିଁ ନ ଥିବା ହଇରାଣ ହୋଇଥିଲେ।

### ଅମଳ ଧାନ ଚୋରି ଅଭିଯୋଗରେ ୩ ଯୁବକ ଗିରଫ

ଚିପିଲିମା,୨୦।୧୧(ଡି.ଏନ.ଏ.) -ସମ୍ବଲପୁର ଜିଲା ବୁର୍ଲା ଥାନା ଚିପିଲିମା ଫାଣ୍ଡିରେ ଅମଳ ଧାନ ବସ୍ତା ଚୋରି ଅଭିଯୋଗ ହୋଇଥିବାବେଳେ ପୋଲିସ ୩ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଫାଣ୍ଡି ଅଧିକାରୀ ଗଞ୍ଜୁ ଓରାମଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, କର୍ଡୋଲା ପଞ୍ଚାୟତ କୁଡାପାଲି ଗ୍ରାମର ଦୁର୍ଯ୍ୟୋଧନ ମିର୍ଦ୍ଧା ନାମକ ଜଣେ ଚାଷୀ ଧାନ ଅମଳ କରି ଧାନ ବିକ୍ରିରେ ଅଚଳାବସ୍ଥା ନେଇ ଖଳାରେ ଥାକ ମାରି ରଖିଥିଲେ। ସୋମବାର ରାତିରେ ୨ବସ୍ତା ଧାନ ଚୋରି ହୋଇଥିବା ଜାଣି ମଙ୍ଗଳବାର ସକାଳେ ସେ ଚିପିଲିମା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ସେହି ଗାଁର ପ୍ରକାଶ ମିର୍ଦ୍ଧା (୨୬), ରବିନ୍ଦ୍ର ମିର୍ଦ୍ଧା (୨୮) ଓ ଶିବ ମିର୍ଦ୍ଧା (୨୬)ଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୨ବସ୍ତା ଧାନ ଜବତ କରିଛି । ଏ ନେଇ ଥାନାରେ ଏକ ମାମଲା (ନଂ.୪୭୩/୧୮) ରୁଜୁ ହୋଇଛି।

### କେନାଲ ଦୁର୍ନୀତି ତଦନ୍ତ, ଜମିକୁ ପାଣି ପାଇଁ ଗୁହାରି

# ଦିନ ଗଡ଼ାଇ ଚାଲିଛି ପ୍ରଶାସନ

ଦେବଗଡ଼,୨୦।୧୧(ସ୍ୱ.ପ୍ର.)

ଜିଲାର ବାରକୋଟ ବ୍ଲକ ଅଧୀନ ରମ୍ପେଇ ପଞ୍ଚାୟତ ନିର୍ମାଣ ହୋଇଥିବା ଭାଙ୍ଗପିଟା କେନାଲ ନିର୍ମାଣରେ ହୋଇଥିବା ଦୁର୍ନୀତି ଏବଂ ଜନୈକ ଚାଷୀଙ୍କ ଜମିକୁ ପାଣି ଯୋଗାଇ ଦେବା ପାଇଁ ବାରମ୍ବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଜନୈକ ଚାଷୀ ନିରାଶ ହୋଇଥିବା ଖବର ସାମ୍ନାକୁ ଆସିଛି । ଫଳରେ ଗଣମାଧ୍ୟମ ଆଗରେ ନିଜର ଦୁଃଖ ପ୍ରକାଶ କରିଛନ୍ତି। ତେବେ ବାରକୋଟ ବ୍ଲକରେ ହୋଇଥିବା ଅଭିଯୋଗ ଶୁଣାଣିରେ ଜିଲାପାଳ ସ୍ଥାନୀୟ ବିଡିଓଙ୍କୁ ଏହାର ତଦନ୍ତ ଏବଂ ଜନୈକ ଚାଷୀ କିପରି ନ୍ୟାୟ



ନିଜ ଜମିରେ ଶିରିଗିଡା ଗ୍ରାମର ଚାଷୀ ପ୍ରଫୁଲ୍ଲ କୁମାର ପ୍ରଧାନ ଫସଲ ଦେଖୁଛନ୍ତି।

ପାଇବେ ସେଥିପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଖବର ମୁତାବକ ରମ୍ପେଇ ପଞ୍ଚାୟତ ତଥା ଦେବଗଡ ଥାନା ଅଧୀନ ଶିରିଗିଡା ଗ୍ରାମର ପ୍ରଫୁଲ୍ଲ କୁମାର ପ୍ରଧାନ ୩ ଥର ଅନୁଷ୍ଠିତ ହୋଇଥିବା ଅଭିଯୋଗ ଶୁଣାଣିରେ ନିଜ ଚାଷ ଜମିକୁ ପାଣି ଯୋଗାଇ ଦେବାପାଇଁ ଅଧିକାରୀମାନଙ୍କୁ ଜଣାଇଥିଲେ । ତେବେ ଅଧିକାରୀମାନେ ଖୁବଶୀଘ୍ର ପାଣି ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଚାଷୀ ଜଣଙ୍କ ନିଜ କଷ୍ଟ ଉପାର୍ଜିତ ଧାନ ଗଛ ପାଣି ନ ପାଇ ମରିବାକୁ ବସିଲାଣି । କେନାଲ ଠିକ୍ ନିର୍ମାଣ ହୋଇ ନ ଥିବାରୁ ସେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭିତରେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ କିଛି ଫଳ ବାହାରି ନ ଥିଲା । ଏପରିକି ଅଧିକାରୀମାନେ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ଦାୟିତ୍ୱ ଦେଇଥିଲେ ମଧ୍ୟ ସେ ସୂଚନା ଅଧିକାର ଓ ଭିଜିଲାନ୍ସର ଭୟ ଦେଖାଉଥିବା ଚାଷୀ ପ୍ରଫୁଲ୍ଲ ଅଭିଯୋଗ କରିଛନ୍ତି। ତେବେ ସେ ଯାହା ହେଉ ନା କାହିଁକି ଏହାର ବିଧିବଦ୍ଧ ତଦନ୍ତ କଲେ ପ୍ରକୃତ କଥା ସାମ୍ନାକୁ ଆସିବା ସହ ଚାଷୀଙ୍କୁ ଉପଯୁକ୍ତ ନ୍ୟାୟ ମିଳିପାରିବ ବୋଲି ଆଶା କରାଯାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈପାଣି କି ଗୋଳା ?**
**କୁଳ କନ୍ୟା କି କଳା ?**

ନଈର ପାଣି ଗୋଳିଆ ହେଲେ ବି ତାକୁ ପବିତ୍ର ବୋଲି ମନେ କରାଯାଇଥାଏ । ସେହିପରି ଉଚ୍ଚବଂଶୀୟା କନ୍ୟା ଯେତେ ଶ୍ୟାମଳ ହେଲେ ମଧ୍ୟ ସେ ଆଦୃତା ବା ଗ୍ରହଣୀୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନ ରହିବ ଧନ, ନ ରହିବ ଜନ –**
**ନ ରହିବ ତୋର ମନେ;**
**କୀରତି ପୀରତି, ଯାହା କରିଥିବୁ**
**ସେଇଥିବ ସବୁ ଦିନେ ।**

ଧନ ଆଜି ଅଛି କାଲିକୁ ହୁଏତ ରହି ନ ପାରେ। ବ୍ୟକ୍ତି ଆଜି ମଲେ କାଲିକି ଦୁଇଦିନ ହେବା ପରି ମାନସପଟରୁ ଭୁଲି ହୋଇଯାଇଥାଏ। କିନ୍ତୁ ଯେଉଁ ବ୍ୟକ୍ତି ଜୀବଦ୍ଦଶାରେ ଭଲ କର୍ମ କରିଥାଏ ମୃତ୍ୟୁ ପରେ ମଧ ତା'ର ଗୁଣଗାନ କରାଯାଇଥାଏ। ବ୍ୟକ୍ତିର ଯଶକୀର୍ତ୍ତି ଚିର ଅମ୍ଳାନ ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସାଇବେର୍ଣ୍ଣା ଦଳ ସେମିଫାଇନାଲରେ

ରେଢ଼ାଖୋଲ,୨୦।୧୧(ଡି.ଏନ.ଏ.)

ରେଢ଼ାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ରାଜାଗୌରୀ ଖେଳପଡ଼ିଆଠାରେ ମଙ୍ଗଳବାର ଚତୁର୍ଥ ରଞ୍ଜିତ୍ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ କୁସୁର୍ଡା ଓ ଲୁତୁରପଙ୍କ ଦଳ ମଧ୍ୟରେ ହୋଇଥିଲା। ଲୁତୁରପଙ୍କ ପ୍ରଥମେ ବ୍ୟାଟିଂ କରି ୮୦ ରନ ସଂଗ୍ରହ କରିଥିଲେ। ଜବାବରେ କୁସୁର୍ଡା ଦଳ ସମସ୍ତ ଉଇକେଟ ହରାଇ ୫୪ ରନରେ ସୀମିତ ରହିଥିଲା। ଦ୍ୱିତୀୟ ମ୍ୟାଚ ସାଇବେର୍ଣ୍ଣ ଓ କୋଟସମଲେଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାଇବେର୍ଣ୍ଣ ଦଳ ବିଜୟୀ ହୋଇ ପ୍ରଥମ ସେମିଫାଇନାକୁ ପ୍ରବେଶ କରିଛି। ତୃତୀୟ ମ୍ୟାଚ ଇଲେଭେନଷ୍ଟାର କଦଳିଗଡ ଓ ଡୁଟାମୁଣ୍ଡା ମଧ୍ୟରେ ହୋଇଥିବାବେଳେ କଦଳିଗଡ଼ ବିଜୟୀ ହୋଇଛି। ଦେବରାଜ ସେଠୀ ଓ ଆଶୀଷ ସାହୁ ଖେଳୁ ପରିଚାଳନା କରିଥିଲେ। ରେଙ୍ଗାଳି ପଞ୍ଚାୟତର ସରପଞ୍ଚ ସସ୍ମିତା ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସମିତି ସଭ୍ୟ ରେବତୀ ସେଠି ଓ ରମାକାନ୍ତ ଗଡନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ।

# ପୃଥକ ଦୁର୍ଘଟଣାରେ ୨ ମୃତ

ରିଆମାଳ,୨୦।୧୧(ଡି.ଏନ୍.ଏ.)- ଦେବଗଡ଼ ଜିଲା ତିଲେଇପଶି ଛକଠାରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିମିଳିହୋତା ଗ୍ରାମର ହରେକୃଷ୍ଣ ପ୍ରଧାନ (୨୮)। ସୂଚନାଯୋଗ୍ୟ ହରେକୃଷ୍ଣ ଦେବଗଡ଼ରୁ ଏକ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ତିଲେଇପଶି ଛକଠାରେ ଏକ ଗାଡ଼ି ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଫଳରେ ହରେକୃଷ୍ଣ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରିଆମାଳ ଥାନାରେ ଏକ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଚଳାଇଛି। ସେହିପରି ରିଆମାଳ ଥାନା ଅଧୀନ ଟାପଟେଲା ଛକଠାରେ ଏକ ବାଇକ୍ ଗଛରେ ପିଟିହୋଇ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉରୁଣିଆ ଗ୍ରାମର ସୁରେଶ ଭିଙ୍ଗରା (୨୬)। ସୂଚନା ମୁତାବକ ସୁରେଶ ଏ ବାଇକ୍ ଯୋଗେ ମଙ୍ଗଳବାର ଅପରାହ୍ନ ୪ଟା ବେଳେ ଇଚ୍ଛାପୁର ଛକକୁ ତାଙ୍କ ଭିଣୋଇଙ୍କୁ ନେବାକୁ ଆସିଥିଲେ। ହେଲେ ଭିଣୋଇ କୌଣସି କାରଣରୁ ନ ଆସିବାରୁ ସେ ପୁଣି ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଟାପଟେଲା ଛକ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇ ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କୁଣ୍ଢେଇଗୋଳା ଥାନାରେ ଏକ ମାମଲା ୧୬୦/୧୮ ରୁଜୁ ହୋଇଛି।

### ପୋଲିସ, ଜଙ୍ଗଲ, ରାଜସ୍ୱ ଓ ଅବକାରୀ ବିଭାଗର ମିଳିତ ଚଢ଼ାଉ

# ୪୨ ଲକ୍ଷ ୯୮ ହଜାର ଟଙ୍କାର ଗଞ୍ଜେଇ ଗଛ ନଷ୍ଟ

ଦେବଗଡ଼,୨୦।୧୧(ସ୍ୱ.ପ୍ର.)

ଦେବଗଡ଼ ପୋଲିସ, ବନ ବିଭାଗ, ରାଜସ୍ୱ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ଦେବଗଡ଼ ଜିଲା ରିଆମାଳ ଥାନା କଂସର ଫାଣ୍ଡି ତଥା ଦେବଗଡ଼ ରେଞ୍ଜ ଅଧୀନ ଡୁରାଙ୍ଗ ଗ୍ରାମ ପାଖ ଜଙ୍ଗଲରେ ଏକ ଏକର ଜମିରୁ ୪୨୯୮ଟି ବେଆଇନ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଉକ୍ତ ଗଞ୍ଜେଇ ଗଛଗୁଡ଼ିକୁ ପୋଡ଼ି ଦିଆଯାଇଛି। ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ୪୨ଲକ୍ଷ ୯୮ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଏକ ମାମଲା (ନଂ-୧୭୮/୧୮) ରୁଜୁ କରି ଅବକାରୀ ବିଭାଗ ତଦନ୍ତ ଚଳାଇଛି। କୌଣସି ସୂତ୍ରରୁ ଖବର ପାଇ ଏକ ସତନ୍ତ୍ର ଟିମ୍ ଅଚାନକ ଚଢ଼ାଉ କରି ଏହି ଜଙ୍ଗଲ ଜମିରେ ଚାଷ କରାଯାଇଥିବା ବେଆଇନ ଗଞ୍ଜେଇ ଗଛକୁ ନଷ୍ଟ କରିଥିଲେ। ଚଢ଼ାଉରେ ରିଆମାଳ ଥାନା ଅଧିକାରୀ ବ୍ରହ୍ମାନନ୍ଦ ପାତ୍ର, ଅବକାରୀ ଇନ୍ସପେକ୍ଟର କାହ୍ନୁଚରଣ ବାରିକ, ମାଜିଷ୍ଟ୍ରେଟ୍ ତଥା ରିଆମାଳ ଅତିରିକ୍ତ ତହସିଲଦାର ମନୋରଞ୍ଜନ ବଘାଙ୍କ ସମତେ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ। ତେବେ ଏ ନେଇ କାହାକୁ ଗିରଫ କରାଯାଇ ନାହିଁ।

# ପୂର୍ବତନ ବିହାର ମନ୍ତ୍ରୀ ମଞ୍ଜୁ ବର୍ମାଙ୍କ ଆତ୍ମସମର୍ପଣ

ବେଗୁସରାଇ,୨୦।୧୧(ପି.ଟି.)

ମୁଜାଫରପୁର ସେଲ୍ଟର ହୋମ ଦୁର୍ନୀତି ମାମଲାର ତଦନ୍ତ ବେଳେ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ଘଟଣାରେ ସମ୍ପୃକ୍ତ ବିହାରର ପୂର୍ବତନ ମନ୍ତ୍ରୀ ମଞ୍ଜୁ ବର୍ମା ମଙ୍ଗଳବାର ସ୍ଥାନୀୟ କୋର୍ଟରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ କୋର୍ଟ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ସେ ଏକ କୋର୍ଟରେ ପହଞ୍ଚିବା ପରେ ବାରମ୍ବାର ଅଚେତ ହୋଇପଡିଥିଲେ। ମେଡିକାଲ ଟିମ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ତାଙ୍କୁ ହାଜତକୁ ନିଆଯାଇଥିଲା। ଗତ ଅଗଷ୍ଟରେ ମଞ୍ଜୁ ବର୍ମା ଓ ତାଙ୍କ ସ୍ୱାମୀ ଚନ୍ଦ୍ରଶେଖର ବର୍ମାଙ୍କ ବିରୋଧରେ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ସେଲ୍ଟର ହୋମ ଯୌନ କେଲେଙ୍କାରୀ ମାମଲାରେ ସିବିଆଇ ଚଢ଼ାଉ ବେଳେ ସେମାନଙ୍କ ଘରୁ ଗୁଳିଗୋଳା ଜବତ ହୋଇଥିଲା। ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ବ୍ରଜେଶ ଠାକୁରଙ୍କ ସହ ମଞ୍ଜୁଙ୍କ ସ୍ୱାମୀଙ୍କର ଘନିଷ୍ଠ ସମ୍ପର୍କ ରହିଥିବା ଅଭିଯୋଗ ହେବା ପରେ ସେ ମନ୍ତ୍ରୀପଦରୁ ଇସ୍ତଫା ଦେଇଥିଲେ। ତେବେ ପୂର୍ବତନ ମନ୍ତ୍ରୀଙ୍କୁ ଗିରଫ କରିବାରେ ବିଫଳ ହୋଇଥିବା ବିହାର ପୋଲିସକୁ ସୁପ୍ରିମକୋର୍ଟ ଭର୍ତ୍ସନା କରିବା ସହ ଆସନ୍ତା ୨୭ ତାରିଖ ସୁଦ୍ଧା ତାଙ୍କୁ ଗିରଫ କରା ନଗଲେ ପୋଲିସ ଡିଜି କୋର୍ଟରେ ହାଜର ହେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ତେବେ ବର୍ମା ଫେରାର ଥିବାରୁ ତାଙ୍କ ଘର କାନ୍ଥରେ ନୋଟିସ ଝୁଲାଯିବା ସହ ତାଙ୍କ ସମ୍ପତ୍ତି ଜବତ କରାଯାଇଥିବା ପୋଲିସ କୋର୍ଟଙ୍କୁ ଜଣାଇଥିଲା। ମଞ୍ଜୁଙ୍କ ସ୍ୱାମୀ ଗତମାସ ୨୯ରେ କୋର୍ଟରେ ଆତ୍ମସମର୍ପଣ କରିଥିଲେ।

# ୨୦ ଅଣଛାତ୍ରଙ୍କୁ ଚେତାବନୀ ଦେଇ ଛାଡ଼ିଲେ ଜିଏମୟୁ କର୍ତ୍ତୃପକ୍ଷ

ସମ୍ବଲପୁର, ୨୦।୧୧ (ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ପରିସରରେ ମଙ୍ଗଳବାର ରାତିରେ ଅତର୍କିତ ଭାବେ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ସ୍କ୍ୱାଡ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଜିଏମୟୁ ପରିସରର ବିଭିନ୍ନ ସ୍ଥାନରେ ୨୦ଜଣ ଅଣଛାତ୍ର ବସି ମଦ ଓ ସିଗାରେଟ ପିଉଥିବା ଦେଖିଥିଲେ। ଏହାପରେ ତାଙ୍କ ପରିଚୟ ପତ୍ର ମାଗିଥିଲେ । ପରେ ଅଣଛାତ୍ରମାନଙ୍କୁ ଚେତାବନୀ ଦେଇ କର୍ତ୍ତୃପକ୍ଷ ଛାଡି ଦେଇଛନ୍ତି । ଏହି ସ୍ୱତନ୍ତ୍ର ସ୍କ୍ୱାଡରେ କୁଳପତି ଡ. ଅତନୁ କୁମାର ପତି, କୁଳସଚିବ ଗିରୀଶଚନ୍ଦ୍ର ସିଂ, ଉପ କୁଳସଚିବ ଉମାଚରଣ ପତି, ମୂରଲୀଧର ମାଝୀ, ଶରତ ମାଝୀ, ପ୍ରଦ୍ୟୋଷ ଆଚାର୍ଯ୍ୟ, ସମ୍ବିତ କୁମାର ପ୍ରଧାନ, ପ୍ରିୟବ୍ରତ ପଣ୍ଡା, ପିତବାସ ଭୋଇ, ଶ୍ରୀନିବାସ ଦାସ ଓ ରାକେଶ ମିଶ୍ର ସାମିଲ ଥିଲେ । ସ୍କ୍ୱାଡ ସହ ଜିଏମୟୁର ସୁରକ୍ଷା କର୍ମୀମାନେ ଉପସ୍ଥିତ ଥିଲେ ।

# ମାର୍‌ପିଟ ଘଟଣାରେ ୩ ଆହତ : ଆକ୍ରମଣକାରୀ ଫେରାର

ରେଢ଼ାଖୋଲ,୨୦।୧୧(ଡି.ଏନ.ଏ.)

ପୋଢର ଦାମକୁ ନେଇ ସାମନ୍ୟ ବଚସାରୁ ମାରପିଟ ଘଟି ୩ ଆହତ ହୋଇଛନ୍ତି। ଆହତମାନେ ହେଲେ କୁକୁଡ଼ାବାହାଲି ଗ୍ରାମର କୈବଲ୍ୟା ରାଉଳ, ତ୍ରିନାଥ ରାଉଳ ଓ ଅଶୋକ ସାହୁ। ଘଟଣାପରେ ଆକ୍ରମଣକାରୀ କାଳନ୍ଦି ପ୍ରଧାନ ଫେରାର ହୋଇଯାଇଛନ୍ତି। ରେଢ଼ାଖୋଲ ଥାନା କୁକୁଡାବାହାଲି ଗ୍ରାମରେ ଏହି ଘଟଣା ଘଟିଛି। ଥାନା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି ଯେ କୁକୁଡ଼ାବାହାଲି ଗ୍ରାମର କାଳନ୍ଦୀ ପ୍ରଧାନ ସୋମବାର ଏକ ପୋଢ କିଣି ଗାଁକୁ ଆସୁଥିବାବେଳେ ରାସ୍ତାରେ ସେହି ଗ୍ରାମର ତ୍ରିନାଥ ରାଉଳ ପୋଢଟି କେତେଟଙ୍କା ଦେଇ କିଣିଛୁ ବୋଲି ପଚାରିଥିଲେ। କାଳନ୍ଦୀ ୨୫ ହଜାର ଟଙ୍କା ବୋଲି କହିବାରୁ ତ୍ରିନାଥ ତାଚ୍ଛଲ୍ୟ କରି ପୋଢର ଦାମ ବେଶୀ ହୋଇଗଲା କହିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ କାଳନ୍ଦୀ ତ୍ରିନାଥଙ୍କୁ ମାଡ଼ ମାରିଥିଲେ। ଏହି ସମୟରେ ଗ୍ରାମର କୈବଲ୍ୟ ଓ ଅଶୋକ ଏକ ଲୁନାରେ କଦଳିଗଡ଼ ବଜାର ସାରି ସେହି ରାସ୍ତା ଦେଇ ଘରକୁ ଫେରୁଥିବାବେଳେ ଉଭୟଙ୍କୁ ଝଗଡ଼ା ହେଉଥିବା ଦେଖି ଅଟକି ଥିଲେ। କାଳନ୍ଦୀ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ପରେ କାଳନ୍ଦୀ ନୁଆଁପଡା ଛକଠାରେ କୈବଲ୍ୟ ଓ ଅଶୋକଙ୍କୁ ଫେରୁଥିବା ଦେଖି ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ସେମାନଙ୍କ ମୁଣ୍ଡରେ ଆଘାତ ଲାଗିଛି। ରେଢ଼ାଖୋଲ ଡାକ୍ତରଖାନାରେ ସେମାନେ ଚିକିତ୍ସିତ ହୋଇଛନ୍ତି। କୈବଲ୍ୟ ରେଢ଼ାଖୋଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ ନଂ ୨୦୪ରେ ଦଫା ୩୪୧, ୨୯୪, ୩୨୩, ୩୦୭, ୫୦୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଆଜି ଅକ୍ଷୟ କୁମାରଙ୍କୁ ଏସ୍‌ଆଇଟି ଜେରା

ଚଣ୍ଡିଗଡ,୨୦।୧୧(ପି.ଟି.)



ଗତ ୨୦୧୫ ମସିହାରେ ଗୁରୁଗ୍ରନ୍ଥ ସାହିବ୍‌ର ଅପବିତ୍ରକରଣ ଏବଂ ବିକ୍ଷୋଭକାରୀଙ୍କ ଉପରକୁ ଗୁଳିମାଡ ଘଟଣାର ତଦନ୍ତ କରୁଥିବା ପଞ୍ଜାବ ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଟିମ (ଏସ୍‌ଆଇଟି) ବୁଧବାର ବଲିଉଡ ସୁପରଷ୍ଟାର ଅକ୍ଷୟ କୁମାରଙ୍କୁ ଜେରା କରିପାରେ। ବିବାଦୀୟ ଗଡମ୍ୟାନ ଗୁରମିତ ରାମ ରହିମ ଏବଂ ପଞ୍ଜାବର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କ ମଧ୍ୟରେ ହୋଇଥିବା ଡିଲ୍‌ରେ ଅକ୍ଷୟ କୁମାର ମଧ୍ୟସ୍ଥ ଭୂମିକା ଗ୍ରହଣ କରିଥିବା ଅଭିଯୋଗ ହୋଇଥିଲା। ଅମୃତସର ବଦଳରେ ଚଣ୍ଡିଗଡରେ ଏସଆଇଟି ଅଧିକାରୀମାନଙ୍କୁ ଭେଟିବା ଲାଗି ପୂର୍ବରୁ ଅକ୍ଷୟ କୁମାର ଅନୁରୋଧ କରିଥିଲେ। ଏକ ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ହୋଇ ବିବାଦୀୟ ଗଡମ୍ୟାନ ୨୦ ବର୍ଷ ଜେଲ ଦଣ୍ଡାଦେଶ ପାଇଛନ୍ତି। ରାମରହିମଙ୍କ ଏକ ଚଳଚ୍ଚିତ୍ର ମୁକ୍ତିଲାଭ କରିବା ପୂର୍ବରୁ ୨୦୧୫ରେ ତାଙ୍କର ସୁଖବୀରଙ୍କ ସହ ଡିଲ ହୋଇଥିଲା। ତେବେ ସେମାନଙ୍କୁ ସାକ୍ଷାତ କରାଇବା କିମ୍ବା ମଧ୍ୟସ୍ଥ କାର୍ଯ୍ୟରେ ତାଙ୍କର କୌଣସି ଭୂମିକା ନଥିବା ଅକ୍ଷୟ କୁମାର କହିଛନ୍ତି। ସୁଖବୀର ମଧ୍ୟ ଅକ୍ଷୟ କୁମାରଙ୍କୁ ପଞ୍ଜାବ ବାହାରେ ସାକ୍ଷାତ କରି ନଥିବା କହିଛନ୍ତି। ସୋମବାର ସୁଖବୀରଙ୍କୁ ଏସ୍‌ଆଇଟି ଜେରା କରିଥିଲା।




ଇନ୍ଦିରା ଗାନ୍ଧୀ ଜୟନ୍ତୀ ଉତ୍ସବ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲା କଂଗ୍ରେସ କମିଟି କର୍ମକର୍ତ୍ତା।

# ଇନ୍ଦିରା ଗାନ୍ଧୀ ଜୟନ୍ତୀରେ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଦେବଗଡ଼,୨୦।୧୧(ସ୍ୱ.ପ୍ର.)

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ୧୦୧ତମ ଜୟନ୍ତୀ ସ୍ଥାନୀୟ ବସନ୍ତ ନିବାସଠାରେ ଜିଲା କଂଗ୍ରେସ କମିଟି ପକ୍ଷରୁ ପାଳନ କରାଯାଇଛି। ଏହି ଅବସରରେ ନୂତନଭାବେ ଚୟନ ହେଇଥିବା କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ ସଭାପତି ଉମା ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ଶେକ ମାସ୍ତାନ ଅଲ୍ଲୀ ଯୋଗଦେଇ ଆଗାମୀ ନିର୍ବାଚନ ପାଇଁ ଦଳକୁ ସଂଗଠିତ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ସାଧାରଣ ସମ୍ପାଦକ ଆଲୋକ କୁମାର ମିଶ୍ର, ସମ୍ପାଦକ ସରୋଜ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ବରିଷ୍ଠ କଂଗ୍ରେସ ସଦସ୍ୟ ଦୀନବନ୍ଧୁ ନାୟକ, ସୂର୍ଯ୍ୟମଣି ଆଚାର୍ଯ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଜିଲା ଯୁବ କଂଗ୍ରେସ ସଭାପତି ସିଦ୍ଧେଶ୍ୱର ଗୁରୁ, ମଞ୍ଜୁଲତା ନାୟକ, ମଞ୍ଜୁଳ ନାଏକ, ମଇନ ଖାନ, ନେତ୍ରାନନ୍ଦ ସାମଲ, ମନୋଜ ପାଢ଼ୀ, ତାପସ କୁମାର ମହାପାତ୍ର, ବିକାଶ ଖଡ଼ିରତ୍ନ, କ୍ଷେତ୍ର ପାତ୍ର, ଶରତ ଚନ୍ଦ୍ର ଦାସ, ପ୍ରକାଶ ଦେବତାଙ୍କ ସମତେ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

## ଦେଶଦ୍ରୋହ ମାମଲା: ହାର୍ଦ୍ଦିକଙ୍କ ବିରୋଧରେ ଚାର୍ଜଫ୍ରେମ

ଅହମଦାବାଦ,୨୦।୧୧(ପି.ଟି.)

ଏକ ଦେଶଦ୍ରୋହ ମାମଲାରେ ପଟିଦାର ନେତା ହାର୍ଦ୍ଦିକ ପଟେଲ ଏବଂ ତାଙ୍କର ଦୁଇଜଣ ସହଯୋଗୀଙ୍କ ବିରୋଧରେ ଏକ ସେସନ୍ସ କୋର୍ଟ ମଙ୍ଗଳବାର ଚାର୍ଜଫ୍ରେମ କରିଛି। ୨୦୧୫ ଅଗଷ୍ଟରେ ସ୍ଥାନ ସଂରକ୍ଷଣ ଲାଗି ପଟିଦାର ସମ୍ପ୍ରଦାୟର ଆନ୍ଦୋଳନ ଚାଲିଥିଲା ବେଳେ ଏହା ହିଂସାତ୍ମକ ରୂପ ନେଇଥିଲା। ଏହି ହିଂସାରେ ସଂପୃକ୍ତି ଅଭିଯୋଗରେ ହାର୍ଦ୍ଦିକ ଓ ଅନ୍ୟମାନଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଥିଲା। ସେସନ୍ସ ଜଜ୍ ଡିପି ମହିଦା ହାର୍ଦ୍ଦିକ, ଦିନେଶ ବମ୍ଭାନିୟା ଏବଂ ଚିରାଗ ପଟେଲଙ୍କ ବିରୋଧରେ ଆଇପିସିର ଧାରା ୧୨୪ଏ (ଦେଶଦ୍ରୋହ) ଏବଂ ୧୨୦ବି (ଅପରାଧ ଷଡଯନ୍ତ୍ର) ଧାରାରେ ଚାର୍ଜଫ୍ରେମ କରିଛନ୍ତି। ଜାନୁୟାରୀ ୨୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଯଦି ଦୋଷୀସାବ୍ୟସ୍ତ ହୁଅନ୍ତି ତେବେ ସେମାନଙ୍କୁ ସର୍ବାଧିକ ଆଜୀବନ କାରାଦଣ୍ଡାଦେଶ ମିଳିପାରେ। ୨୦୧୬ ଜାନୁୟାରୀରେ ଅହମଦାବାଦ କ୍ରାଇମ ବ୍ରାଞ୍ଚ ସେମାନଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଥିଲା।

### ରାହାସ ପୂର୍ଣ୍ଣିମା ଯାତ୍ରା ମହୋତ୍ସବ

# ନଗର ପରିକ୍ରମା କଲେ ଯୁଗଳମୂର୍ତ୍ତି

ଦେବଗଡ଼,୨୦।୧୧(ସ୍ୱ.ପ୍ର.)

ଦେବଗଡ଼ ପୌରାଞ୍ଚଳର ସର୍ବପୁରାତନ ଭିତିରିଆ ସାହିର ଗୋପିକିଶୋର ଆସୋସିଏଶନର ପୂଜା କମିଟି ତରଫରୁ ରାହାସ ପୂର୍ଣ୍ଣିମା ଯାତ୍ରା ମହୋତ୍ସବ ଉପଲକ୍ଷେ ରାଧାକୃଷ୍ଣଙ୍କ ଏକ ଶୋଭାଯାତ୍ରା ମଙ୍ଗଳବାର ନଗର ପରିକ୍ରମା କରିଥିଲା। ଏହି ଅବସରରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ସାହିସ୍ଥିତ ଅସ୍ଥାୟୀ ପୂଜା ମଣ୍ଡପରୁ ଏକ ସୁସଜ୍ଜିତ ଗାଡିରେ ସହର ମାର୍କେଟଛକ, ବଣିଆଁସାହି, ଶାସନସାହି, ଗୁରୁସାହି, କାରଗିଲ ଛକ, ପ୍ରାଇଭେଟ ବସଷ୍ଟାଣ୍ଡ ତଥା ବିଭିନ୍ନ ସାହି ଗଳିକନ୍ଦି ପରିକ୍ରମା କରାଯାଇଥିଲା। ସେହିପରି ପାରମ୍ପରିକ ପୁରୁଷ ସଂକୀର୍ତ୍ତନ୍ୟ ମଣ୍ଡଳୀ, ଡିଜେ ସାଉଣ୍ଡ, ରନିଙ୍ଗ ମେଲୋଡି, ଘଣ୍ଟବାଦ୍ୟ, ଦଣ୍ଡ ନୃତ୍ୟ ଦଳର ତାଳେତାଳେ ସାହିର ତଥା ସହରର ଯୁବଗୋଷ୍ଠୀ ଝୁମି



ରାହାସ ପୂର୍ଣ୍ଣିମା ଯାତ୍ରା ଉପଲକ୍ଷେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଉଛି।

ଉଠିଥିଲେ। ସେହିପରି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥି1 ଲା। ଶୋଭାଯାତ୍ରା ପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ସାହିସ୍ଥିତ ଅସ୍ଥାୟୀ ପୂଜା ମଣ୍ଡପରେ ସ୍ଥାପନା କରାଯାଇଥିଲା। ଶୋଭାଯାତ୍ରାରେ ସବୁଠୁ ଆକର୍ଷଣୀୟ ଥିଲା ନିଆଁ ଲଗାଇ ବନାଟିରେ ଦୁଃସାହସ ଖେଳ ଯାହାକି ସହରବାସୀ ମନଭରି ଉପଭୋଗ କରିଥିଲେ। ଶୋଭାଯାତ୍ରାରେ ସଭାପତି ବିବେକାନନ୍ଦ ଦାସ, ଉପସଭାପତି ସୁଶାନ୍ତ କୁମାର ନାୟକ, ସମ୍ପାଦକ ବିକାଶ କୁମାର ନାୟକ, ସହ ସମ୍ପାଦକ ବାଦଲ ଦାସ, ସାଂସ୍କୃତିକ ସମ୍ପାଦକ ମୁନା ସାହୁ ଏବଂ କୋଷାଧ୍ୟକ୍ଷ ଚନ୍ଦନ ନାୟକ ସମେତ ବୀରେନ୍ ନାୟକ, ଉଦିପ୍ତ କୁମାର ନାୟକ, ପ୍ରଫୁଲ୍ଲ ନାୟକ, ସୁବାସ ଭୋଇ,ସୂର୍ଯ୍ୟ ଭୋଇ, ଚିତ୍ତରଞ୍ଜନ ଦାସ, ବିଶାଳ ନାୟକ, ପ୍ରଭାତ ସାହୁ, ଟୁନା ସାହୁ, ଅନିଲ ନାୟକ, ଯୀଶୁ ସାହୁ, ରାଜୁ ମାଟିଆରି, ଭବାନୀ ସାହୁ, ଦେବେନ ନାୟକ, ଅଭିନାଶ ପ୍ରଧାନ,ପୁପୁନ ନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତା କ୍ଲବର ସମସ୍ତ ସିନିୟର ଏବଂ ଜୁନିୟର ସଦସ୍ୟମାନେ ସହଯୋଗ କରିଥିଲେ। ସେହିପରି ତିନିଦିନ ଧରି ହେବାକୁ ଥିବା ଏହି ପୂଜାପାଇଁ କମିଟି ତରଫରୁ ବିଭିନ୍ନ ରଙ୍ଗୀନ ଆଲୋକମାଳା ସାଙ୍ଗକୁ ମଣ୍ଡପର ପ୍ରବେଶପଥରେ ଲାଇଟ ଗେଟ୍ ଲଗାଯାଇଛି। ଏପରିକି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଆକର୍ଷଣୀୟ ଡ୍ୟାନ୍ସ ଧମାକା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିବା କମିଟି ତରଫରୁ ସୂଚନା ମିଳିଛି।



ବିପଦରେ ପଡ଼ି ଘାଣ୍ଟି ହେଲେ ଓ କ୍ଷତି ସହିଲେ
ହିଁ ଲୋକ ବିଜ୍ଞ ଓ ନମ୍ର ହୋଇଯାଏ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ବୁର୍ଲାରେ ଇନ୍ଦିରା ଗାନ୍ଧୀ ସ୍ମୃତିସଭା

ସମ୍ବଲପୁର,୨୦।୧୧(ବ୍ୟୁରୋ)
ସମ୍ବଲପୁର ମହାନଗର ନିଗମ ବୁର୍ଲା ମାରିଆଡୁଙ୍ଗୁରିଠାରେ ଇନ୍ଦିରା ଗାନ୍ଧୀ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ବୁର୍ଲା କଂଗ୍ରେସ କମିଟି ସଭାପତି ଶିବବ୍ରତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଇନ୍ଦିରା ଗାନ୍ଧୀ ଜଣେ ଅପ୍ରତିଦ୍ୱନ୍ଦୀ ନେତ୍ରୀ ଥିଲେ। ବ୍ୟାଙ୍କର ଜାତୀୟକରଣ, ହାତ ପାଣ୍ଠି ଉଚ୍ଛେଦ ସହ ଘରୋଇ ଉଦ୍ୟୋଗ, ରାଷ୍ଟ୍ରୀୟ ଉଦ୍ୟୋଗ ପ୍ରତିଷ୍ଠା କରି ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିବେକା ମହାପାତ୍ର, ଅଜିତ ମହାନନ୍ଦ, ଗୁଡ୍ଡୁ ଅଗ୍ରୱାଲ, ଗଣେଷ ସୁନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭା ପୂର୍ବରୁ ବାଇକ ରାଲି ଓ ଇନ୍ଦିରା ରଥ ସହର ପରିକ୍ରମା କରିଥିଲା।

### କବରାପାଲି ହାଇସ୍କୁଲରେ ଜାତୀୟ ପୁସ୍ତକ ସପ୍ତାହ ପାଳନ

ସମ୍ବଲପୁର,୨୦।୧୧(ବ୍ୟୁରୋ)
ଜାତୀୟ ପୁସ୍ତକ ସପ୍ତାହ କବରାପାଲିସ୍ଥିତ ବୀରସୁରେନ୍ଦ୍ର ସାଏ ସରକାରୀ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଉପାଧ୍ୟକ୍ଷ ପ୍ରଫେସର ଶଙ୍କର ପ୍ରସାଦ ପତି, ସଚିବ ରଘୁନାଥ ମିଶ୍ର, ପ୍ରଫେସର ରବିନାରାୟଣ ମିଶ୍ର, ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର, କୃଷ୍ଣଚନ୍ଦ୍ର କନ୍ଧେର ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପୁସ୍ତକ ପଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପବ୍ଲିକ ଲାଇବ୍ରେରୀ ପକ୍ଷରୁ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ 'ବହି ମୋର ସାଥୀ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ଛାତ୍ରୀ ଦେବୀକା ଦାଶ ପ୍ରଥମ, ରୁନୀ ମିର୍ଦ୍ଧା ଦ୍ୱିତୀୟ ଓ ଉଷା ଯୌଡ଼ା ତୃତୀୟ ସ୍ଥାନ ଅଧିକାର କରି ଟ୍ରଫି ହାସଲ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଣତୀ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ପୁଷ୍ପାଳି ପଣ୍ଡା, କ୍ଷେତ୍ରମଣୀ ପଣ୍ଡା, ବିଜୟ କୁମାର କିଶାନ, ପ୍ରହ୍ଲାଦ ସାହୁ, ଯୁଗଳ କିଶୋର ଦୋରା, ନେତ୍ରବଲ୍ଲଭ ସାହୁ, ନିରନ ଷଣ୍ଢ ଓ ଜଗଦୀଶ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

### ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିକୁ ସମାଜବାଦୀ ପାର୍ଟିର ସମର୍ଥନ

ସମ୍ବଲପୁର,୨୦।୧୧(ବ୍ୟୁରୋ)
ସମ୍ବଲପୁର କଚେରୀ ଛକରେ ଚାଲିଥିବା ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ଆନ୍ଦୋଳନକୁ ସମାଜବାଦୀ ପାର୍ଟି ସମର୍ଥନ କରିଛି। ଦଳର ରାଜ୍ୟ ସମ୍ପାଦକ ସୁଦର୍ଶନ ପ୍ରଧାନ, ଯୁବନେତା ପ୍ରଦୀପ ମିଶ୍ର, ସମ୍ବଲପୁର ଜିଲା ସଭାପତି ଅନିଲ ଯାଦବ, ସୋନୁ ମୁର୍ଯ୍ୟ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ଜନଦାବିକୁ ପୂରଣ କରିବା ପାଇଁ ସେମାନେ ମତ ରଖିଥିଲେ।

### ବଦଳିଲେ ୭ ଥାନା ଅଧିକାରୀ

ସମ୍ବଲପୁର,୨୦।୧୧(ବ୍ୟୁରୋ)
ସମ୍ବଲପୁର ଉତ୍ତରାଞ୍ଚଳ ପୋଲିସ ରେଞ୍ଜ୍ ଅଧୀନ ୬ ଥାନା ଅଧିକାରୀଙ୍କ ଜିଲା ବାହାରକୁ ଓ ଯୁଯୁମୁରା ଥାନା ଅଧିକାରୀ ବନଶ୍ରୀ ରାଉତରାୟଙ୍କୁ ଡିଆଇଜି ଅଫିସକୁ ବଦଳି ହୋଇଛି। ଡିଆଇଜି ଅଫିସ ପତ୍ର ସଂଖ୍ୟା ୧୭୩/୧୮ରେ କ୍ଷେତରାଜପୁର ଥାନା ଅଧିକାରୀ ଯୋଗେଶ ପଣ୍ଡାଙ୍କୁ ବଲାଙ୍ଗୀର ଜିଲା, ବିଶ୍ୱପତି ପଣ୍ଡା, ପ୍ରଶାନ୍ତ କୁମାର ମେହେରଙ୍କୁ ଝାରସୁଗୁଡ଼ା, ପ୍ରଭା ଧାନ, ଡୋଲାମଣୀ ଭୋଇଙ୍କୁ ସୋନପୁର ଓ ବୁର୍ଲା ଥାନା ଅଧିକାରୀ ମାନସ ପ୍ରଧାନଙ୍କୁ ବରଗଡ଼ ଜିଲାକୁ ବଦଳି ହୋଇଛି । ନିର୍ବାଚନ ପୂର୍ବରୁ ରେଞ୍ଜସ୍ତରୀୟ ଥାନା ଅଧିକାରୀଙ୍କ ଏଭଳି ଅଦଳବଦଳକୁ ନେଇ ଚର୍ଚ୍ଚା ହେଉଛି।

# ଭିମ୍ସାର ସମସ୍ୟା ପାଇଁ ସରକାର ଦାୟୀ

ସମ୍ବଲପୁର,୨୦।୧୧(ବ୍ୟୁରୋ)
ସମ୍ବଲପୁର ବୁର୍ଲା ଭିମ୍ସାରରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜୁନିୟର ଡାକ୍ତରମାନେ ୧୦ ଦଫା ଦାବି ସହ ନିର୍ଦ୍ଦେଶକଙ୍କ କାର୍ଯ୍ୟଶୈଳୀକୁ ବିରୋଧ କରି କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଗତ ଶନିବାରଠାରୁ ଭିମ୍ସାରରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ସେମାନଙ୍କୁ କେତେକ ବରିଷ୍ଠ ଡାକ୍ତର ଓ ନର୍ସିଂହୋମ ମାଲିକମାନେ ଭୁଲ ପରାମର୍ଶ ଦେଉଛନ୍ତି। ଏଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଡାକ୍ତରମାନେ କାର୍ଯ୍ୟରେ ପୁନଃ ଯୋଗଦାନ କରିବାକୁ ପଶ୍ଚିମାଞ୍ଚଳ ପିପୁଲ୍ସ ଫୋରମ, ବରିଷ୍ଠ ନାଗରିକ, ମିଶନ ଭୀମସାର ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଯଦି ଡାକ୍ତରମାନେ ରୋଗୀସେବାରେ ଅସହଯୋଗ କରିବେ ଆଗାମୀଦିନରେ ସେମାନଙ୍କ ବିରୋଧରେ ଆନ୍ଦୋଳନ କରାଯିବ ବୋଲି ସୂଚାଇ ଦିଆଯାଇଛି। ଅନ୍ୟପଟେ, ଭିମ୍ସାର୍‌ରେ ଦେଖାଦେଇଥିବା ବିବାଦ ପାଇଁ ସରକାରଙ୍କୁ ସିଧାସଳଖ ଦାୟୀ କରାଯାଇଛି। ବହୁ ଦାବି ପରେ




ସମ୍ବଲପୁର ଜିଲା ଭିମ୍ସାର ସମସ୍ୟା ଉପରେ ଖବରଦାତା ସମ୍ମିଳନୀ ।

**ଡାକ୍ତରଙ୍କ ସେବା ବନ୍ଦ ବିରୋଧରେ ଆନ୍ଦୋଳନ ହେବ**

ବୁର୍ଲା ମେଡିକାଲକୁ ସଂଘଶାସିତ ଘୋଷଣା କରାଯାଇଥିଲା। ହେଲେ ତଦନୁଯାୟୀ ସମ୍ପୂର୍ଣ୍ଣ ଭାବେ ଦାୟିତ୍ୱ ଓ କ୍ଷମତା ପ୍ରଦାନ କରାଯାଇନାହିଁ। ମେଡିକାଲରେ ବାରମ୍ବାର ଡାକ୍ତରମାନେ କାର୍ଯ୍ୟରେ ଅବହେଳା କରୁଥିଲେ। ସେମାନଙ୍କ ବିରୋଧରେ ନିର୍ଦ୍ଦେଶକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏଣୁ କନିଷ୍ଠ ଡାକ୍ତରମାନେ ଆନ୍ଦୋଳନରୁ ଓହରିଯାଇ କାର୍ଯ୍ୟରେ ଯୋଗଦାନ କରିବାକୁ କୁହାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ସପନ ମିଶ୍ର, ଭାଜପା ନେତା ନାଉରୀ ନାଏକ, କଂଗ୍ରେସ ନେତା ଆଶଫ ଅଲି ଖାନ, ବିଜେଡି ନେତା ସିଦ୍ଧାର୍ଥ ଦାଶ, ଗୋଲକ ମିଶ୍ର ଉପସ୍ଥିତ ଥିଲେ। ପରେ ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀଙ୍କ ସପକ୍ଷରେ ଦସ୍ତଖତ ଅଭିଯାନ ହୋଇଥିଲା।

## ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ, ଢେଙ୍କାନାଳ ବିଜୟୀ

ନାକଟିଦେଉଳ, ୨୦।୧୧ (ଡି.ଏନ.ଏ.)
ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦ ମିନି ଷ୍ଟାଡିୟମଠାରେ ରାଜ୍ୟ ଫୁଟବଲ ଆସୋସିଏଶନ ଏବଂ ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଚାଲିଥିବା ୫୯ତମ ଆନ୍ତଃଜିଲା ଗୌରୀଶଙ୍କର ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ମ୍ୟାଚରେ ଢେଙ୍କାନାଳ ବିଜୟୀ ହୋଇଛି। ଏହି ତୃତୀୟ ଦିବସ ମ୍ୟାଚରେ ଢେଙ୍କାନାଳ ମୟୁରଭଞ୍ଜକୁ ଭେଟିଥିଲା। ଢେଙ୍କାନାଳ ୧-୦ ଗୋଲରେ ବିଜୟୀ ହୋଇଛି । ଜଗନ୍ନାଥ ପ୍ରସାଦ ନେତାଜୀ କ୍ରୀଡ଼ା ଓ ସାଂସ୍କୃତିକ ସଂସଦର ସଭାପତି ଅରୁଣ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ମ୍ୟାଚରେ ନାକଟିଦେଉଳ ବିଡିଓ ମେଥୋଡିୟସ ଲାକ୍ରା, ମୁଖ୍ୟ ଅତିଥି ଥାନା ଅଧିକାରୀ ବିନୋଦ ଲାକ୍ରା, ବ୍ଲକର ଆସିଷ୍ଟାଣ୍ଟ ଇଞ୍ଜିନିୟର ବିକ୍ରମ ମୁର୍ମୁ, ପିଏମ ହାଇସ୍କୁଲର ପ୍ରଧାନ ଶିକ୍ଷକ ରେବତୀ ମୋହନ ଦଳବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

## ସର୍ଜନଶୀଳ କିଶୋର କର୍ମଶାଳା

ସମ୍ବଲପୁର,୨୦।୧୧(ବ୍ୟୁରୋ)
ସମ୍ବଲପୁର ଜିଲା ମାଧ୍ୟମିକସ୍ତର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସର୍ଜନଶୀଳ ପ୍ରତିଭାକୁ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର 'ଆସ ଲେଖିବା' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବୁଢ଼ାରଜା ନୋଡାଲ ସ୍କୁଲଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ଅଧିକାରୀ ଡ. ପ୍ରମୋଦ କୁମାର ପଣ୍ଡା ପରିଚାଳନା କରିଥିଲେ। ସମ୍ବଲପୁର ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟ ଅତିଥି, କୁସୁମା ଫାଉଣ୍ଡେଶନ ରାଜ୍ୟ ପରିଚାଳକ ଆଲୋକ ପାଣ୍ଡେ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦୟାନିଧି ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ଗୌରୀଦାସ ପ୍ରଧାନ, ସୁମିତା ପତ୍ରି ସଂଯୋଜନା କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷିକା ଦିପାଲି ଚୌଧୁରୀ, ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡା ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବୁଢ଼ାରଜା ନୋଡ଼ାଲ ସ୍କୁଲ ପ୍ରଧାନ ଶିକ୍ଷକ ଯଶୋବନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

ଜିଲାର ୧୮ ସ୍କୁଲର ୫୨ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ସର୍ଜନଶୀଳ ଅର୍ଥ ଓ ଶୈଳୀ ଉପରେ ସୂଚନା ପ୍ରଦାନ କରାଯାଇଥିଲା। ଆମ ଲିଖିନ ସମିତିର ସ୍ନିଗ୍ଧା ମିଶ୍ର, ରଞ୍ଜିତା ହୋତା, ଶୈଳବାଳା ନାୟକ, ରାମକୃଷ୍ଣ ରଥ, ଯୁବରାଜ ବନ୍‌ଛୋର, ଅଶୋକ କୁମାର ସାହୁ, ପ୍ରଶାନ୍ତ କୁମାର ପାଢ଼ଯୋଶୀ ସହଯୋଗ କରିଥିଲେ। ଡ. ପ୍ରଦୀପ କୁମାର ପଣ୍ଡା, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ଧନକଉଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ମୂରଲୀଧର ବେହେରା ଅନ୍ତିମ ପର୍ଯ୍ୟାୟରେ ଆଲୋଚକ ଭାବେ ଯୋଗ ଦେଇଥିଲେ।

## ହିଣ୍ଡାଲ୍‌କୋ କଲୋନୀରେ ବିଶ୍ୱଶାନ୍ତି ଯଜ୍ଞ

ସମ୍ବଲପୁର,୨୦।୧୧(ବ୍ୟୁରୋ)
ହିଣ୍ଡାଲ୍‌କୋ ମୁଖ୍ୟ କଲୋନୀସ୍ଥିତ ଖେଳ ପଡ଼ିଆରେ ଅଷ୍ଟପ୍ରହରୀ ବିଶ୍ୱ ଶାନ୍ତି ମହାନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମହାନଦୀରୁ ପୂର୍ଣ୍ଣ କଳସ ନେଇ ୩ଶହ ମହିଳା ଓ ବାଳିକାମାନେ ଅଞ୍ଚଳ ପରିକ୍ରମା କରି ଯଜ୍ଞ ସ୍ଥଳରେ ପହଞ୍ଚି ଥିଲେ। ହିଣ୍ଡାଲ୍‌କୋ ସ୍ମେଲ୍‌ଟର୍ ମୁଖ୍ୟ ଜେ ପି ନାୟକ, ମାନବ ସମ୍ବଳ ମୁଖ୍ୟ କ୍ରୀଷ୍ଣା କୁମାର ପାଢ଼ୀ ଦୀପ ଜଳାଇ ଯଜ୍ଞକାର୍ଯ୍ୟର ଶୁଭାରମ୍ଭ କରିଥିଲେ। ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ ଆର କେ ଗୁପ୍ତା, ଦିବ୍ୟାଂଶୀ ମହିଳା ମଣ୍ଡଳ ସଭାନେତ୍ରୀ ଅର୍ଚ୍ଚନା ଗୁପ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ହୀରାକୁଦ ପାୱାର ମୁଖ୍ୟ ଅରୁଣ କୁମାର ପୌଦାର, ଜେନେରାଲ ମ୍ୟାନେଜର ରାକେଶ ପ୍ରତାପ ସିଂ ସହଯୋଗ କରିଥିଲେ। କସ୍ତୁରବା ମହିଳା ସମିତି ସଦସ୍ୟାଙ୍କ ସମେତ ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଭୁମିକା ଗ୍ରହଣ କରିଥିଲେ। ପଣ୍ଡିତ ପୂର୍ଣ୍ଣାନନ୍ଦ ତ୍ରିପାଠୀ ପୂଜା କାର୍ଯ୍ୟ ତୁଲାଇଥିଲେ।



ହିଣ୍ଡାଲକୋ ମୁଖ୍ୟ କଲୋନୀ ସ୍ଥିତ ଖେଳ ପଡ଼ିଆରେ ଅଷ୍ଟପ୍ରହରୀ ବିଶ୍ୱ ଶାନ୍ତି ମହାନାମ ଯଜ୍ଞରେ କଳସ ଯାତ୍ରା ।

## ମୁଦିପଡ଼ା ସ୍କୁଲରେ ଦନ୍ତ ଚିକିତ୍ସା ଶିବିର




ସମ୍ବଲପୁର ମୁଦିପଡ଼ା ସ୍କୁଲରେ ଦନ୍ତ ଚିକିତ୍ସା ଶିବିର ।

ସମ୍ବଲପୁର,୨୦।୧୧(ବ୍ୟୁରୋ)
ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ମୁଦିପଡ଼ା ଲେବର କଲୋନୀ ଉଚ୍ଚପ୍ରାଥମିକ ସ୍କୁଲରେ ଦନ୍ତ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଦନ୍ତ ବିଶେଷଜ୍ଞ ଡା. ଦୁର୍ଗା ଶଙ୍କର ଶତପଥୀ, ଡା. ବର୍ଷାରାଣୀ ନାୟକ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କ ଦନ୍ତ ପରୀକ୍ଷା କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନଙ୍କୁ ପେଷ୍ଟ ଓ ପେନ୍‌ସିଲ୍ ମାଗଣାରେ ଦିଆଯାଇଥିଲା। ସ୍ମୃତି ସମିତିର ସମ୍ପାଦକ ହେମନ୍ତ କୁମାର ମହାପାତ୍ର, ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ତରଙ୍ଗିଣୀ ଦାନୀ, ଶିକ୍ଷୟିତ୍ରୀ ରୀତାରାଣୀ ପଟ୍ଟନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଜାତୀୟ ସେବା ଯୋଜନାରେ ସଫେଇ କାର୍ଯ୍ୟକ୍ରମ

ନାକଟିଦେଉଳ,୨୦।୧୧(ଡି.ଏନ.ଏ.)
ସମ୍ବଲପୁର ଜିଲା ନାକଟିଦେଉଳ କନିଷ୍ଠ ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା (ଏନଏସଏସ) ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ କରାଯାଇଛି। ଏନଏସଏସର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ଦାସଙ୍କ ପରିଚାଳନାରେ ପ୍ରାୟ ୨୫ ସ୍ୱେଚ୍ଛାସେବୀ ଦୀର୍ଘ ୪ଘଣ୍ଟା ଧରି ସ୍ୱାସ୍ଥ୍ୟକେନ୍ଦ୍ରର ଚତୁଃପାର୍ଶ୍ୱରୁ ଅଳିଆ ଆବର୍ଜନା ପରିଷ୍କାର କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ଅମୂଲ୍ୟରତ୍ନ ମହନ୍ତ, ବାଟଗାଁ ଡାକ୍ତରଖାନାର ଡା. ବସନ୍ତ ଟପ୍ପୋ, ଗୋଷ୍ଠୀ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଶରତ ଚନ୍ଦ୍ର ନାୟକ, ମନୋଜ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ଦୀପେନ କୁମାର ପଟ୍ଟନାୟକ, ଡା. ମହନ୍ତ ପ୍ରଦୂଷଣ ଦୂରୀକରଣରେ ଆଧୁନିକ କାରିଗରୀ କୌଶଳ ପ୍ରୟୋଗ ସମ୍ପର୍କରେ ସୂଚନା ଦେଇଥିଲେ ।

## ୨୨ରେ ସମ୍ବଲପୁରରେ ହେବ ସହରୀ ଗ୍ୟାସ ବିତରଣ ପ୍ରକଳ୍ପର ଶିଳାନ୍ୟାସ

### – ଭିଡିଓ କନ୍‌ଫରେନ୍ସିଂ ଜରିଆରେ ପ୍ରଧାନମନ୍ତ୍ରୀ କରିବେ ଉଦ୍‌ଘାଟନ



ସମ୍ବଲପୁର ଜିଲାରେ ଭାରତଗ୍ୟାସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧିକାରୀ।

ସମ୍ବଲପୁର,୨୦।୧(ବ୍ୟୁରୋ)
ସୁବିଧାଜନକ ଓ ପରିବେଶ ଅନୁକୂଳ ପ୍ରାକୃତିକ ଗ୍ୟାସ ଉପଲବ୍ଧିକୁ ସୁଗମ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସହରୀ ଗ୍ୟାସ ବିତରଣ ପ୍ରକଳ୍ପ ଯୋଜନା କରାଯାଇଛି। ଆସନ୍ତା ୨୨ ତାରିଖ ନୂଆଦିଲ୍ଲୀ ବିଜ୍ଞାନ ଭବନରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି ଅବସରରେ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଡ.ହର୍ଷବର୍ଦ୍ଧନ ଉପସ୍ଥିତ ରହିବେ। ଏହା ରାଜ୍ୟରେ ସମ୍ବଲପୁର ସମେତ ୧୭ ଜିଲାରେ ୩ କମ୍ପାନୀ ଦ୍ୱାରା କାର୍ଯ୍ୟକ୍ଷମ କରାଯିବ ବୋଲି ଗ୍ୟାସ ରିସୋର୍ସ ତରଫରୁ ଗ୍ରାଣ୍ଡ୍ ଶିବା ହୋଟେଲରେ ଖବରଦାତା ସମ୍ମିଳନୀରେ ଭାରତଗ୍ୟାସ କମ୍ପାନୀ ଅଧିକାରୀମାନେ ଜଣାଇଛନ୍ତି। ଭୌଗୋଳିକ ଦୃଷ୍ଟିରୁ ସମ୍ବଲପୁର ସମେତ ବରଗଡ, ଦେବଗଡ ପାଇଁ ସମ୍ବଲପୁରରେ ଅପରାହ୍ନ ୩ଟାରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହି ପ୍ରକଳ୍ପ ହେଲେ ନିର୍ଦ୍ଧିଷ୍ଟ ଭୌଗୋଳିକ କ୍ଷେତ୍ର ମଧ୍ୟରେ ଗୃହ, ଉଦ୍ୟୋଗ, ବାଣିଜ୍ୟ ପରିସର ଓ ସିଏନଜି ଷ୍ଟେସନମାନଙ୍କୁ ଗ୍ୟାସ ବିତରଣ କରିବା ସମ୍ଭବ ହେବ। ଏବେ ସମଗ୍ର ଦେଶରେ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି । ଏହା ଏକ ସୁବୁଜ ଇନ୍ଧନ ଭାବେ ପେଟ୍ରୋଲ, ଡିଜେଲ, କୋଇଲାଠାରୁ ଶସ୍ତା ରହିବ। ଯୋଜନା ଅନ୍ତର୍ଗତ ଦେଶରେ ମୋଟ ୧୭୪ ଜିଲାରେ ୮୬ ନୂତନ ଭୌଗୋଳିକ କ୍ଷେତ୍ରକୁ ସଂଯୋଗ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ବରଗଡ଼, ସମ୍ବଲପୁର ଓ ଦେବଗଡ ଜିଲାରେ ୮ ବର୍ଷରେ ୨୪୮ କୋଟି ଟଙ୍କା ନିବେଶ କରାଯିବ। ଏଥିରେ କୁଶଳୀ ଓ ଅଣକୁଶଳୀ ଶ୍ରମିକମାନେ ରୋଜଗାର ପାଇପାରିବେ ବୋଲି ଭାରତ ଗ୍ୟାସ ଅଧିକାରୀମାନେ ସୁଚନା ଦେଇଥିଲେ। ଏହି ଅବସରରେ ଚିଫ୍ ମ୍ୟାନେଜର ଗ୍ୟାସ ଦିପକ୍ ଆର ପରମାତ, ଟେରିଟୋରୀ ମ୍ୟାନେଜର ସଞ୍ଜୟ ଆନନ୍ଦ, ମନୋଜ କୁମାର ପ୍ରମୁଖ ଉପସ୍ଥିତ ରହିଥିଲେ।

## ଟବଲାରେ ନୂତନ ମାର୍କେଟ ୟାର୍ଡ ଉଦ୍‌ଘାଟିତ



ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଟବଲାରେ ନୂତନ ମାର୍କେଟୟାର୍ଡ ଉଦ୍‌ଘାଟନ।

ସମ୍ବଲପୁର,୨୦।୧୧(ବ୍ୟୁରୋ)
ସମ୍ବଲପୁର ଜିଲା ଟବଲା ଗ୍ରାମରେ ମଙ୍ଗଳବାର ନୂତନ ମାର୍କେଟ୍‌ୟାର୍ଡ ଉଦ୍‌ଘାଟିତ ହୋଇଛି। ଉପଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ମାର୍କେଟ୍‌ୟାର୍ଡ ପରିଚାଳନା ସଭାପତି ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଧାନ ସଂଗ୍ରହ ସମୟରେ ଚାଷୀମାନେ ଯେପରି ସୁରୁଖୁରୁରେ ଧାନ ବିକ୍ରି କରିପାରିବେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୃଷକ ସଙ୍ଗଠନ ଜିଲା ସଭାପତି ମୁରାରୀ ପୁରୋହିତ, ଚନ୍ଦ୍ର ଶେଖର ପଣ୍ଡା, ପ୍ରଦୀପ ପାତ୍ର, ଦେବେନ୍ଦ୍ର ପ୍ରଧାନ, ସଞ୍ଜୀବ ବାରିକ, ବିପିନ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ। ୧୨ ଗାଡ଼ି ଧାନ ସଂଗ୍ରହ ହୋଇଥିଲା ।

### ଝାରସୁଗୁଡ଼ା ବିସ୍ଥାପିତ ସଚେତନ ସମିତିର ଦାବି

# ସିଏସ୍ଆର୍ ପାଣ୍ଠି ପଶ୍ଚିମ ଓଡ଼ିଶାରେ ଖର୍ଚ୍ଚ ହେଉ

ସମ୍ବଲପୁର,୨୦।୧୧(ବ୍ୟୁରୋ)
ରାଜ୍ୟର ପଶ୍ଚିମ ଓଡ଼ିଶାରେ ଅଧିକ ସଂଖ୍ୟାରେ କୋଇଲା ଖଣି ରହିଛି। ମହାନଦୀ କୋଇଲା ଖଣି (ଏମସିଏଲ) ବର୍ଷକୁ ଲକ୍ଷାଧିକ ମେଟ୍ରିକ ଟନ କୋଇଲା ଉତ୍ପାଦନ କରୁଛି। ହେଲେ ରାଜ୍ୟରେ ଥିବା କମ୍ପାନୀଗୁଡ଼ିକୁ କୋଇଲା ଯୋଗାଇ ଦିଆଯାଉନାହିଁ । ସେଥିପାଇଁ ଅନେକ କମ୍ପାନୀ ଏବେ ବନ୍ଦ ହେବାକୁ ବସିଲାଣି। ଅନ୍ୟପଟେ, ସିଏସଆର ପାଣ୍ଠି ଓ ସ୍ଥାୟୀ ନିଯୁକ୍ତି ଦାବିକୁ ଏମସିଏଲ୍ ଅବହେଳା କରିଚାଲିଥିବା ଝାରସୁଗୁଡା ବିସ୍ଥାପିତ ସଚେତନ ସମିତି ଆବାହକ ଝାରସୁଗୁଡା ବିଧାୟକ ନବ କିଶୋର ଦାସ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସେ କହିଥିଲେ ଯେ, ଏହାର ପ୍ରତିବାଦରେ ବୁଧବାର ବିସ୍ଥାପିତମାନଙ୍କୁ ନେଇ ବୁର୍ଲା ଏମସିଏଲ୍ ମୁଖ୍ୟ ଗେଟ ସମ୍ମୁଖରେ ଆନ୍ଦୋଳନ କରାଯିବ। ଏଥିରେ ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଜିଲାର ବିସ୍ଥାପିତମାନେ ଯୋଗ ଦେବେ। କେନ୍ଦ୍ର ସରକାରଙ୍କ ଭୁଲ ନୀତି ଯୋଗୁ କମ୍ପାନୀ ଏଭଳି ମନମୁଖୀ କାର୍ଯ୍ୟ ଚଳାଇଛି। ଯାହାଦ୍ୱାରା ସ୍ଥାନୀୟ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଝାରସୁଗୁଡ଼ା ଜିଲା ପାଇଁ ୧୦୦ କୋଟି, ସୁନ୍ଦରଗଡ ଜିଲା ପାଇଁ ୧୫୦ କୋଟି ଓ ସମ୍ବଲପୁର ପାଇଁ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଜିଲାପ୍ରଶାସନ ପକ୍ଷରୁ ଏମସିଏଲକୁ ହସ୍ତାନ୍ତର କରାଯାଇଛି। ଏଥିରେ ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ, ଜଳସେଚନ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରହିଛି । ହେଲେ ଏମସିଏଲ ସେଥିରେ ଅର୍ଥ ବିନିଯୋଗ ନ କରି ରାଜ୍ୟ ବାହାରେ ଦିଲ୍ଲୀରେ ଖର୍ଚ୍ଚ କରୁଛି। ଏଣୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଏ ଦିଗରେ ଚିଠି କରନ୍ତୁ। ନଚେତ ଆଗାମୀ ନିର୍ବାଚନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜନସାଧାରଣ ଜବାବ ଦେବେ ବୋଲି ସେ ଚେତାଇ ଦେଇଥିଲେ।




ଝାରସୁଗୁଡ଼ା ବିସ୍ଥାପିତ ସଚେତନ ସମିତିର ଖବରଦାତା ସମ୍ମିଳନୀ।

# ଟିସ୍ୟୁକଲ୍‌ଚରରେ କଦଳୀ ଚାଷ



ପ୍ରୀତିଲଗ୍ନା ଧଳ

କଦଳୀ ଏକ ଅର୍ଥକରି ଗ୍ରୀଷ୍ମମଣ୍ଡଳୀୟ ଫସଲ। ଏହାକୁ ରୂପାନ୍ତରିତ କରାଯାଇ ଆଟାମଣ୍ଡ, ଚିପ୍ସ, ବିସ୍କୁଟ୍, ଆଇସ୍‌କ୍ରିମ୍ ପୁଡିଂ ଇତ୍ୟାଦି ତିଆରି ହେଉଛି। ପାଚିଲା କଦଳୀକୁ ଟିଣ ଡବାରେ ବହୁତ ଦିନ ପର୍ଯ୍ୟନ୍ତ ସଂରକ୍ଷିତ କରାଯାଇ ବିଦେଶକୁ ରପ୍ତାନି କରାଯାଉଛି। ଆମ ଦେଶରେ କଦଳୀ ଗଛକୁ ପୋଡ଼ି ଲୁଗା ସଫା କ୍ଷାର ଓ ପାଟୁଙ୍ଗା ଦଉଡ଼ି କରିବା କାର୍ଯ୍ୟରେ ବ୍ୟବହାର କରାଯାଏ।

**ପାରମ୍ପରିକ ବଂଶ ବିସ୍ତାର:** କଦଳୀ ସାଧାରଣତଃ ଅଙ୍ଗୀୟ ପ୍ରଜନନ ପ୍ରଣାଳୀରେ ବଂଶବିସ୍ତାର କରିଥାଏ। କଦଳୀ ଚାଷ ପାଇଁ ଭୂମିତଳେ ଥିବା ଧନକନ୍ଦରୁ ବାହାରୁଥିବା ପୁଆକୁ ବ୍ୟବହାର କରାଯାଏ। ପୁଆ ଦୁଇ ପ୍ରକାରର। ଯେଉଁ ପୁଆ ମୂଳରୁ ମୋଟା ହୋଇ ଉଠି ଅଗଆଡ଼କୁ ସରୁଆ ଏବଂ ଦେଖିବାକୁ ଖଣ୍ଡା ପରି ହୋଇଥାଏ, ତାହାକୁ ସିଙ୍ଗାପୁଆ କୁହାଯାଏ। ବଂଶବୃଦ୍ଧି ପାଇଁ ସିଙ୍ଗାପୁଆ ଉତ୍କୃଷ୍ଟ ଧରଣର। ଅନ୍ୟ ପ୍ରକାରଟି ହେଲା ପାଣିପୁଆ। ଏହି ପୁଆଗୁଡ଼ିକ ଦୁର୍ବଳ, ମୂଳଠାରୁ ଅଗ ପର୍ଯ୍ୟନ୍ତ ସମାନ ମୋଟେଇର ଏବଂ ପତ୍ରଗୁଡ଼ିକ ଚଉଡ଼ା। ଏହି ପ୍ରକାରର ପୁଆ ଶୀଘ୍ର ବଢ଼େ ନାହିଁ କି ଭଲ କାନ୍ଦି ପକାଏ ନାହିଁ।

**ପେଶୀ ପୋଷଣ ପଦ୍ଧତି:** ଟିସ୍ୟୁକଲ୍‌ଚର୍ ଏକ ଅଙ୍ଗୀୟ ବଂଶ ବିସ୍ତାର ପ୍ରକ୍ରିୟା। ଏଥିଲାଗି ଧନକନ୍ଦ ଏବଂ ସିଙ୍ଗାପୁଆ ମୂଳରେ ଥିବା କନ୍ଦର କ୍ଷୁଦ୍ରାତି କ୍ଷୁଦ୍ର ଅଂଶ ଏବଂ ପ୍ରବିଭାଜିକାକୁ ବ୍ୟବହାର କରି କଦଳୀ ଗଛ ପ୍ରସ୍ତୁତ କରାଯାଇଥାଏ। ଏହି ପ୍ରକ୍ରିୟାରେ ନୀରୋଗ କନ୍ଦର ଅଂଶକୁ ବିଶୋଧିତ କରି କାଚ ବା ପ୍ଲାଷ୍ଟିକ୍ ପାତ୍ରରେ ପୋଷଣ କରାଯାଇଥାଏ। ଏହି ମାଧ୍ୟମରେ କୋଷର ବୃଦ୍ଧି ଏବଂ ଏଥିରୁ ଅଙ୍ଗୋତ୍ପତ୍ତି ପାଇଁ ଆବଶ୍ୟକ ସମସ୍ତ ପୋଷଣ ପଦାର୍ଥ ଯଥା ଖାଦ୍ୟଦ୍ରବ୍ୟ, ଲବଣ, ଭିଟାମିନ୍, ହରମୋନ୍ ଇତ୍ୟାଦି ଦିଆଯାଏ। ଏହା ବ୍ୟତୀତ ପୋଷଣ ଗୃହର ଉତ୍ତାପ, ଆର୍ଦ୍ରତା ଏବଂ ଆଲୋକ ମାତ୍ରା ମଧ୍ୟ କୃତ୍ରିମ ଉପାୟରେ ନିୟନ୍ତ୍ରିତ କରାଯାଇଥାଏ।

**ପେଶୀପୋଷଣ କାହିଁକି ?**

- ପୁଆରୁ ହୋଇଥିବା କଦଳୀ ଫସଲ ଅପେକ୍ଷା ଏଥିରୁ ଯଥେଷ୍ଟ ଅଧିକ ଅମଳ ମିଳେ ଓ ଚାଷୀ ଲାଭବାନ ହୁଏ।
- ଏଥିରେ ଶୀଘ୍ର ଫୁଲ ଫଳ ଧରେ ଓ ଚାଷୀ ଖୁବ୍ କମ୍ ସମୟରେ ତା'ର ମୂଳଧନ ଫେରିପାଏ।
- ପ୍ରାୟ ଏକ ସମୟରେ ଫୁଲ ଧରିବା ଓ ଏକ ସମୟରେ ଅମଳଯୋଗ୍ୟ ହେବା ଯୋଗୁ କଦଳୀର ବିକ୍ରି ବ୍ୟବସ୍ଥା ସହଜ ହୋଇପାରେ।
- ପେଶୀପୋଷଣ ଚାରା ନୀରୋଗ ଥାଏ ଏବଂ ଏଥିରେ ଯଥେଷ୍ଟ ରୋଗପୋକ ପ୍ରତିରୋଧ ଶକ୍ତି ଅନ୍ତର୍ନିହିତ ଥାଏ।
- ଏହାବ୍ୟତୀତ ଗୋଟିଏ କଦଳୀ ପୁଆରୁ ଅନେକ ଉନ୍ମୁକ୍ତ ଗଛ ପ୍ରସ୍ତୁତ କରାଯାଇ ପାରୁଥିବାରୁ ବହୁତ ବଡ଼ ଜାଗାରେ ଏକ ସମୟରେ ଲଗାଯାଇପାରିବ।

**କିସମ:** ବର୍ତ୍ତମାନ ବିଜ୍ଞାନାଗାରରେ ପେଶୀ ପୋଷଣ ପ୍ରଣାଳୀରେ 'ରୋବଷ୍ଟା', ପାଟକପୁରା, ବନ୍ତଳ, ଚମ୍ପା, ଜି-୯ କଦଳୀର ବଂଶବିସ୍ତାର କରାଯାଉଛି।

**ସମୟ:** ଜୁନ୍ ଦ୍ୱିତୀୟ ସପ୍ତାହଠାରୁ ସେପ୍ଟେମ୍ବର ପ୍ରଥମ ସପ୍ତାହ ପୁଆ ଲଗାଇବାର ଉପଯୁକ୍ତ ସମୟ, କିନ୍ତୁ ଜଳସେଚନ ବ୍ୟବସ୍ଥା ଥିବା ଜାଗାରେ ଖରାଦିନ ଛାଡ଼ି ବର୍ଷର ବାକି ସବୁ ସମୟରେ ବ୍ୟବସାୟିକ ଭିତ୍ତିରେ ଟିସ୍ୟୁକଲ୍‌ଚରର ଗଛ ଲଗାଯାଇପାରିବ।

**ମୃତ୍ତିକା:** ଉର୍ବର ଗଭୀର ପଟୁମାଟି ଏବଂ ଦୋରସା ନିଗିଡ଼ା ମାଟି ବ୍ୟବସାୟିକ ଭିତ୍ତିରେ କଦଳୀ ଚାଷ ସକାଶେ ଉତ୍କୃଷ୍ଟ। କଦଳୀ ଗଛର ଚେର ପ୍ରାୟ ଏକ ମିଟର ଗଭୀରରେ ଖେଳେଇ ହୋଇ ରହୁଥିବାର ଏକ ମିଟର ଗଭୀର ମାଟି ଓ ଅମ୍ଳତା ୫.୫ରୁ ୭.୦ କଦଳୀ ଚାଷ ଲାଗି ଉପଯୁକ୍ତ। ଗଛ ମୂଳରେ ସାମୟିକ ଭାବେ ପାଣି ଜମି ରହିଲେ କଦଳୀ ଗଛ ସହ୍ୟ କରିପାରିବ କିନ୍ତୁ ଦୀର୍ଘ ଦିନ ଧରି ରହିଲେ ଉତ୍ପାଦନ କ୍ଷମତା ବହୁ ପରିମାଣରେ କମିଯିବ।



**ସାର ପ୍ରୟୋଗ:** ଚାରା ପୋତିବା ବେଳେ ପ୍ରତି ଗାତରେ ୧୦୦ଗ୍ରାମ ଗ୍ରୋମର, ୧୦୦ ଗ୍ରାମ ମ୍ୟୁରେଟ୍ ଅଫ୍ ପଟାସ ଦେବାକୁ ହେବ। ଏହାପରେ ପ୍ରତି ଏକମାସ ବ୍ୟବଧାନରେ ନିମ୍ନଲିଖିତ ସାର ଓ ତା'ର ମାତ୍ରା ଅନୁସାରେ ସାର ପ୍ରୟୋଗ କରିବା ଉଚିତ୍।

| ମାସ | ଗ୍ରୋମର | ଏମ୍‌ଓପି | ସିଏଏନ୍ |
|---|---|---|---|
| ୧ମ | ୧୦୦ଗ୍ରାମ୍ | – | – |
| ୨ୟ | ୧୦୦ଗ୍ରାମ୍ | ୧୦୦ଗ୍ରାମ୍ | – |
| ୩ୟ | ୧୦୦ଗ୍ରାମ୍ | – | ୨୦୦ଗ୍ରାମ୍ |
| ୪ର୍ଥ | – | ୧୦୦ଗ୍ରାମ୍ | ୧୦୦ଗ୍ରାମ୍ |
| ୫ମ | – | – | ୨୦୦ଗ୍ରାମ୍ |
| ୬ଷ୍ଠ | – | ୧୦୦ଗ୍ରାମ୍ | ୨୦୦ଗ୍ରାମ୍ |

ପ୍ରତି ମାସରେ ସାର ଦେବା ଆଗରୁ ପ୍ରତ୍ୟେକ ଗଛ ମୂଳ ସଫା କରି ସାରକୁ ମାଟିରେ ଭଲ ଭାବରେ ମିଶାଇ ପାଣି ଦେବା ଦରକାର।

**ଜଳବାୟୁ:** ବ୍ୟବସାୟିକ ଭିତ୍ତିରେ କଦଳୀ ଚାଷ କରିବା ଲାଗି ଉଷ୍ମ, ଆର୍ଦ୍ର ଜଳବାୟୁ, ବର୍ଷ ସାରା ଯଥେଷ୍ଟ ବର୍ଷା ଏବଂ ୨୦ଡିଗ୍ରୀ ସେଣ୍ଟିଗ୍ରେଡ୍ ଉତ୍ତାପ ଆବଶ୍ୟକ। ୧୦ ଡିଗ୍ରୀରୁ କମ୍ ଉତ୍ତାପରେ ଗଛ ଭଲ ବଢେ ନାହିଁ। ତୁଷାରପାତ ହେଲେ ଗଛର ବିପୁଳ କ୍ଷତି ହୁଏ ଏବଂ ଫଳ ନଷ୍ଟ ହୋଇଯାଏ। ଶୁଷ୍କ ଏବଂ ଉତ୍ତପ୍ତ ଜଳବାୟୁ, ପ୍ରବଳ ବେଗରେ ପବନ ବହୁଥିବା ଅଞ୍ଚଳ ଏବଂ ଝଡ଼ ହେଉଥିବା ଅଞ୍ଚଳ କଦଳୀ ଚାଷ ପାଇଁ ଉପଯୁକ୍ତ ନୁହେଁ। ଏହି ଅଞ୍ଚଳରେ ବାମନ କଦଳୀ ଗଛ ଲଗାଯାଇପାରିବ। ଗଛକୁ ପବନ ଦାଉରୁ ରକ୍ଷା କରିବା ଲାଗି କୃତ୍ରିମ ବାଡ଼ ମିଳୁଛି, ଯାହାକୁ ବଗିଚା ଚାରିପଟେ ଦିଆଯାଇପାରିବ।

**ଜମି ପ୍ରସ୍ତୁତି:** ଜମିକୁ ଭଲ ଭାବରେ ସଫା କରି ୩/୪ ଓଡ଼ ଚାଷ କରନ୍ତୁ। ୬'x୪' ବ୍ୟବଧାନରେ ୨ ଫୁଟ ଲମ୍ବ, ୨ ଫୁଟ ଓସାର ଏବଂ ୨ ଫୁଟ ଗଭୀରରେ ଗାତ ଖୋଳନ୍ତୁ। ପ୍ରତି ଗଛ ପିଛା ଭଲ ଭାବରେ ଶଢା ଟୋକେଇଏ ବା ୨ ଟୋକେଇ ଗୋବର ଖତ ଦିଅନ୍ତୁ। ଗଛ ଲଗାଇବା ପରେ ମାଟି ବତୁରିବା ଯାଏଁ ପାଣି ଦେବା ଆବଶ୍ୟକ।

**ଅନ୍ତଃଫସଲ:** କଦଳୀ ଗଛ ଲଗାଇବାର ୧ରୁ ୩ ମାସ ମଧ୍ୟରେ ଜମିରେ ଥିବା ଖାଲି ସ୍ଥାନଗୁଡ଼ିକରେ ଅଳ୍ପ ଦିନରେ ଅମଳକ୍ଷମ ପନିପରିବା ଏବଂ ଫୁଲ ଚାଷ ତଥା ଡାଲି ଜାତୀୟ ଫସଲ ମୁଗ, ବରଗୁଡ଼ି, ଲୋଧି, ବିନ୍ ଇତ୍ୟାଦି ଲଗାଇଲେ ମାଟିର ଉର୍ବରତା ବଢ଼ିବ।

ପେଶୀପୋଷଣ ଗଛ ଲଗାଇବାର ୬ ମାସରେ ଫୁଲ ପଡ଼େ ଏବଂ ତା'ର ତିନି ମାସ ପରେ ଫଳପାକଳ ହୁଏ। ବର୍ଷ ସାରା ଏହା ଲଗାଯାଇପାରୁଥିବାରୁ ୬ ମାସ ବ୍ୟବଧାନରେ ଗଛ ଲଗାଇଲେ ବର୍ଷ ସାରା ଫଳ ପାଇପାରିବେ। ବାମନ କଦଳୀ ୭୦-୭୫ କିଗ୍ରା ଓ ଡେଙ୍ଗା କଦଳୀ ୫୦-୬୦ କିଗ୍ରା ପର୍ଯ୍ୟନ୍ତ ଅମଳ ଦେଇଥାଏ। ଏହି ଚାଷ କଲେ ଅଧିକ ଅମଳ ସହ ଅଳ୍ପ ଦିନରେ ଚାଷୀ ଭାଇମାନେ ଅଧିକ ଲାଭବାନ୍ ହୋଇପାରିବେ।

*-ପନିପରିବା ବିଜ୍ଞାନ ବିଭାଗ, ଓୟୁଏଟି, ଭୁବନେଶ୍ୱର*



# ରବି ମକାଚାଷ



ବିଚିତ୍ରାନନ୍ଦ ପ୍ରହରାଜ

ଜଳସେଚନର ସୁବିଧା ଥିବା ଜମିରେ ରବିଋତୁରେ ମକାଚାଷ କରାଯାଇ ପାରିବ। ମକା ଏକ ଅର୍ଥକରୀ ଫସଲ। ଆମ ଦେଶରେ ସମୁଦାୟ ମକା ଅମଳର ଶତକଡ଼ା ୨୩ ଭାଗ ମଣିଷ ଖାଦ୍ୟ, ଶତକଡ଼ା ୧୨ଭାଗ ଗୋଖାଦ୍ୟ ଏବଂ ଶତକଡ଼ା ୫୧ଭାଗ କୁକୁଡ଼ା ଖାଦ୍ୟ ହିସାବରେ ବ୍ୟବହାର କରାଯାଇଥାଏ। ରବିଋତୁରେ ଅକ୍ଟୋବର ମାସର ଦ୍ୱିତୀୟାର୍ଦ୍ଧଠାରୁ ନଭେମ୍ବର ଶେଷ ପର୍ଯ୍ୟନ୍ତ ମକା ଲଗାଯାଇପାରିବ।

ମକା ବିଭିନ୍ନ ପ୍ରକାର ମାଟିରେ ଚାଷକରାଯାଇପାରେ। ଜୈବିକ ପଦାର୍ଥରେ ଭରପୂର ଥିବା ଉର୍ବର ମୃତ୍ତିକା ଓ ଉତ୍ତମ ଜଳଧାରଣ କରିପାରୁଥିବା ମାଟି ଜଳନିଷ୍କାସନ ପାଇଁ ଉପଯୁକ୍ତ। ଅମ୍ଳ, କ୍ଷାରିଆ ଏବଂ ଲୁଣିମାଟି ମକାଚାଷ ଲାଗି ଅନୁପଯୁକ୍ତ। ଶସ୍ୟମକା ନିମନ୍ତେ ହେକ୍ଟର ପିଛା ୨୦ କେ.ଜି., ମିଠାମକା ସକାଶେ ହେକ୍ଟର ପିଛା ୮ କେ.ଜି., ବେବିମକା ଲାଗି ହେକ୍ଟର ପିଛା ୨୫ କେ.ଜି. ଏବଂ ଖଇମକା ପାଇଁ ହେକ୍ଟର ପିଛା ୧୨ କେ.ଜି. ବିହନ ଦରକାର ହୋଇଥାଏ। ସବୁଜ ଘାସ ଲାଗି ମକାଚାଷ କରୁଥିଲେ ୫୦ କି.ଗ୍ରା. ବିହନ ଦରକାର। ବିହନ ଓ ମାଟି ଦ୍ୱାରା ବ୍ୟାପୁଥିବା ରୋଗ ଦମନ ସକାଶେ କେ.ଜି. ପିଛା ୨ରୁ ୩ ଗ୍ରାମ୍ କ୍ୟାପଟାନ ବା ଥିରାମ ଦେଇ ବିହନ ବିଶୋଧନ କରନ୍ତୁ। ରବିଋତୁରେ HQPM-1 ଓ HQPM-5 କିସମର ମକା ବିହନ ବ୍ୟବହାର କରନ୍ତୁ, ଯାହାକି ୧୦୫ରୁ ୧୧୦ଦିନ ମଧ୍ୟରେ ଅମଳ ହୋଇଥାଏ। ଶୀଘ୍ର ସଅଳ କିସମର ମକା ବିହନଗୁଡିକ ହେଲା ବିବେକ-27, CD-994। ସଅଳ କିସମଗୁଡ଼ିକ ହେଲା ପ୍ରକାଶ, HIM-129, ବିଳମ୍ବରେ ଅମଳ ହେଉଥିବା କିସମଗୁଡ଼ିକ ହେଲା PRO-311, BIO-9681। ଏଗୁଡ଼ିକ ସଙ୍କର କିସମର ମକା।

ଜମିକୁ ଭଲ ଭାବରେ ଚାଷକରି ମାଟିକୁ ଗୁଣ୍ଡ କରନ୍ତୁ ଏବଂ ହେକ୍ଟର ପିଛା ୧୫ ରୁ ୨୦ ଗାଡ଼ି ଶଢ଼ା ଗୋବରଖତ ମାଟିରେ ମିଶାନ୍ତୁ। ହୁଡା କରି ମକା ଲଗାନ୍ତୁ ଏବଂ ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନରେ ମକା ମଞ୍ଜି ବୁଣନ୍ତୁ। ମକା ଫସଲ ପାଇଁ ସମନ୍ୱିତ ସାର ପ୍ରୟୋଗ ନିହାତି ଜରୁରୀ। ଅଧିକ ଅମଳ ପାଇଁ ହେକ୍ଟର ପିଛା ୧୫୦ କି.ଗ୍ରା. ଯବକ୍ଷାରଜାନ, ୭୦ କି.ଗ୍ରା. ଫସ୍‌ଫରସ, ୭୦ କି.ଗ୍ରା. ପଟାସ ଏବଂ ୨୫ କି.ଗ୍ରା. ଜିଙ୍କ୍ ଫସ୍‌ଫେଟ୍ ସାର ପ୍ରୟୋଗ କରନ୍ତୁ। ସମସ୍ତ ଫସ୍‌ଫରସ, ପଟାସ ଏବଂ ଜିଙ୍କ୍ ସାରକୁ ତଳିସାର ହିସାବରେ ପ୍ରୟୋଗ କରନ୍ତୁ।

- ଯବକ୍ଷାରଯାନ ସାରକୁ ୫ଭାଗକରି ତଳିସାର ଗଛ ଚାରିପତ୍ର ହୋଇଥିବା ବେଳେ, ଗଛ ଆଠପତ୍ର ହୋଇଥିବା ବେଳେ, ତୂଳ ବାହାରୁଥିବା ବେଳେ ଏବଂ ଦାନା ଆସିବା ବେଳେ ପ୍ରୟୋଗ କରନ୍ତୁ ।
- ଆବଶ୍ୟକତା ଅନୁଯାୟୀ ଜଳସେଚନ କରନ୍ତୁ। ଛୋଟ ଗଛ ହୋଇଥିବା ସମୟ,ଆଣ୍ଠୁଏ ଉଚ୍ଚ ଗଛ ହୋଇଥିବା ସମୟ,ତୂଳ ବାହାରୁଥିବା ସମୟ ଏବଂ ଦାନା ଆହାର ଖାଉଥିବା ସମୟରେ ଜଳସେଚନ ଅପରିହାର୍ଯ୍ୟ। ଲଗାଇବା ପରେ ଏବଂ ସାର ପ୍ରୟୋଗ ପୂର୍ବରୁ ଅନାବନା ଘାସ ବାଛି କିଆରୀକୁ ସଫା ରଖନ୍ତୁ। ମକା ଫସଲରେ ରୋଗପୋକ ନିୟନ୍ତ୍ରଣ ନିହାତି ଜରୁରୀ। ଶୀତଦିନେ ଗୋଲାପି ରଙ୍ଗର ବିନ୍ଧାପୋକ କାଣ୍ଡକୁ କ୍ଷତି କରିଥାନ୍ତି। ଛୋଟ ଗଛ ସମୟରେ କାଣ୍ଡ ମାଛି ମଧ୍ୟ ମକା ଫସଲର କ୍ଷତି କରିଥାନ୍ତି । ଏଣ୍ଡୋସଲ୍‌ଫାନ୍ ହେକ୍ଟର ପିଛା ୬୨୫ ମି.ଲି. ଏବଂ ୫୦୦ ଗ୍ରାମ କାର୍ବୋଫୁରାନ୍ ଜମିରେ ସଞ୍ଚନ କରନ୍ତୁ ।

ପତ୍ରପୋଡ଼ା, କଳଙ୍କି, ତୂଳ ବାହାରିବା ପୂର୍ବରୁ ଓ ପରେ କାଣ୍ଡ ପଚା ପତ୍ର ହଳଦିଆ ହେବା ଇତ୍ୟାଦି ମକାର ପ୍ରମୁଖ ରୋଗ। ରୋଗ ନିୟନ୍ତ୍ରଣ ଲାଗି ଟଲ୍‌କୋ ଫସ୍ ମିଥାଇଲ ୧ ଗ୍ରାମ୍/ଲିଟର କିମ୍ବା ଭାଲିଡା ମାଇସିନ୍ ୨.୭ ଏମଏଲ/ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

ଆଜିକାଲି ବଜାରରେ ମକାର ଚାହିଦା ବହୁତ ରହିଛି। ପରିବର୍ତ୍ତନଶୀଳ କୃଷି ଏବଂ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିଦେଲେ ମକାଚାଷ କୃଷିକ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ତେଣୁ ଚାଷୀଭାଇମାନେ ବହୁଳ ପରିମାଣରେ ମକା ଚାଷ କରି ଲାଭବାନ୍ ହୁଅନ୍ତୁ।

*-ଅବସରପ୍ରାପ୍ତ ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ, ଏଗ୍ରିକଲଚର ଇନ୍‌ସ୍ୟୁରାନ୍ସ କମ୍ପାନୀ ଅଫ୍ ଇଣ୍ଡିଆ, ଭୁବନେଶ୍ୱର, ମୋ:୭୮୯୪୩୩୫୩୭୧*

...



ବର୍ତ୍ତମାନ ଆଳୁ ଲଗାଇବା ପାଇଁ ଉପଯୁକ୍ତ ସମୟ। ୧ ଏକର ଆଳୁ ଲଗାଇବା ଲାଗି ୮ରୁ ୧୦ କୁଇଣ୍ଟାଲ (୩୫ଗ୍ରାମ୍ ଓଜନର ବିହନ ଆଳୁ) ସଂଗ୍ରହ କରି ଗଜା ହେବା ପାଇଁ ଅନ୍ଧାରରେ ୭ଦିନ ଅଖାରେ ରଖି ଦିଅନ୍ତୁ। ପରେ ଲଗାଇବା ପୂର୍ବରୁ ବିହନକୁ ୧ ଲିଟର ପାଣିରେ ୨ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ଦ୍ରବଣ ପ୍ରସ୍ତୁତ କରି ୩୦ମିନିଟ୍ ଭିଜାଇ ଛାଇରେ ଶୁଖାଇ ଦିଅନ୍ତୁ। ଜମି ପ୍ରସ୍ତୁତି ସମୟରେ ସାଧାରଣ ଜମି ଲାଗି ଏକର ପ୍ରତି ୫ଟନ୍ କମ୍ପୋଷ୍ଟ ଓ ନଈବାଲିରେ ୬ଟନ୍ କମ୍ପୋଷ୍ଟ ପ୍ରୟାଗ କରନ୍ତୁ। ସାଧାରଣ ଜମି ସକାଶେ ଅନୁମୋଦିତ ସାର ଯଥା ୬୦-୩୦-୪୦ ଯବକ୍ଷାରଜାନ, ଫସଫରସ ଓ ପଟାସ ଏବଂ ନଈବାଲିରେ ୮୦-୧୨୦-୧୨୦ ଯବକ୍ଷାରଜାନ, ଫସ୍‌ଫରସ ଓ ପଟାସ ପ୍ରୟୋଗ କରନ୍ତୁ।

## ପିଆଜ



ତଳିଗୁଡିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡିକୁ ଉପରବେଳା ଉପାଡି ଲଗାନ୍ତୁ। ଏହି ଦିନେ ୮-୧୦ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ ତଳି ଲଗାଇଲେ ଶୀଘ୍ର ଷଣ୍ଢ ବାହାରେ। ଜମିକୁ ଭଲ ଭାବରେ ୪-୫ଥର ଚାଷ କରି ମାଟିକୁ ଗୁଣ୍ଡ କରି ଦିଅନ୍ତୁ। ପାଣି ମଡାଇବାର ସୁବିଧା ଦେଖି ୨ମିଟର ଓସାରର ଛୋଟ ଛୋଟ ପଟାଳି କରି ଖତ ସାର ଦେଇ ଜମି ସମତୁଲ କରି ଦିଅନ୍ତୁ। ପଟାଳି ପ୍ରସ୍ତୁତି ସମୟରେ ଏକର ପ୍ରତି ୧୦କି.ଗ୍ରା. କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରନ୍ତୁ। ଏହାଦ୍ୱାରା ଉଇ ବା କଟା ପୋକ ଆକ୍ରମଣ କରିବେନି। ଧାଡ଼ିକୁ ଧାଡି ୧୫ସେ.ମି., ଗଛକୁ ଗଛ ୧୫ସେ.ମି ବ୍ୟବଧାନରେ ଚାରା ଲଗାନ୍ତୁ। ଏକର ପ୍ରତି ୮-୧୦ଟନ୍ ଶଢ଼ା ଶୁଖିଲା ଗୋବର ଖତ ଗୁଣ୍ଡ ତଳି ଲଗାଇବାର ଏକ ସପ୍ତାହ ପୂର୍ବରୁ ଜମିରେ ପକାଇ ଭଲଭାବେ ମାଟିରେ ମିଶାଇ ଦିଅନ୍ତୁ।

# ଭିଜିଲାନ୍ସ ତଦନ୍ତ, ଫିଟୁଛି ଗୁମର

**ବରଗଡ଼ ଅଫିସ୍,୨୦।୧୧**

**ବାଇକ୍‌ରେ ମିଲକୁ ଧାନ ଯିବା ଘଟଣା**

- ନଥିପତ୍ରରେ ୩୫୦ରୁ ଊର୍ଦ୍ଧ୍ୱ ବାଇକ୍ ନମ୍ବର
- ଏକାଧିକ ରାଇସ୍ ମିଲକୁ ଯାଇଛି ସଂଗୃହୀତ ଧାନ
- ଏସିଏସ୍‌ଓ ଏବଂ ୮ କର୍ମଚାରୀଙ୍କ ନାମରେ ତଦନ୍ତ

ବରଗଡ଼ ଜିଲାରେ ଗତ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟାରେ ହୋଇଥିବା ଧାନ କିଣାବିକା ଅନିୟମିତତାର ଗୁମର ଫିଟିବାରେ ଲାଗିଛି। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଭିଜିଲାନ୍ସ ଏହାର ତଦନ୍ତ ଆରମ୍ଭ କରିଛି। ଭିଜିଲାନ୍ସ ତଦନ୍ତ ପରେ ଧାନ କିଣାବିକାରେ ହୋଇଥିବା ଅନିୟମିତତାର ବହୁ ତଥ୍ୟ ପଦାକୁ ଆସିବାରେ ଲାଗିଛି। କେବଳ ୪ଟି ବାଇକ୍ ନୁହେଁ, ୩୫୦ରୁ ଊର୍ଦ୍ଧ୍ୱ ବାଇକ୍ ନମ୍ବର ଧାନ କିଣାବିକା ପାଇଁ ଉଦ୍ଦିଷ୍ଟ ନଥିପତ୍ରରେ ଉଲ୍ଲେଖ କରାଯାଇଥିବା ବରଗଡ଼ ଭିଜିଲାନ୍ସ ଡିଏସ୍‌ପି ବୀରେନ୍ଦ୍ର କୁମାର ନାୟକ ସୂଚନା ଦେଇଛନ୍ତି। ପ୍ରାଥମିକ ତଦନ୍ତରେ ଏହା ପଦାକୁ ଆସିଥିବାବେଳେ ଆଗକୁ ବାଇକ୍ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ସେ କହିଛନ୍ତି। ସେହିପରି ଏହି ଘଟଣାକୁ ନେଇ ଏସିଏସ୍‌ଓ (ସହକାରୀ ଯୋଗାଣ ଅଧିକାରୀ) ଦୁର୍ଗାଚରଣ ଭେସ୍ରା, ବରଗଡ଼ ଆର୍‌ଏମ୍‌ସି ଅଧୀନ କୁମ୍ଭାରୀ (ବରମକେଲା)ର ୟାର୍ଡ ଇନ୍‌ଚାର୍ଜ ଟଙ୍କଧର ମେହେର, ଅଡ଼ଗାଁ ୟାର୍ଡ ଇନ୍‌ଚାର୍ଜ ରବି ନାରାୟଣ ବାରିକ, ଗୋବିନ୍ଦପୁର (ଗୁଡ଼େଶିରା) ୟାର୍ଡ ଇନ୍‌ଚାର୍ଜ ଗୋକୁଳା ଆଚାର୍ଯ୍ୟ, ସରସରା (ବେହେରା) କୁମ୍ଭାରୀ ପ୍ୟାକ୍ସ ସମ୍ପାଦକ ଗୌରଚନ୍ଦ୍ର ବୁଧିଆ, ଅଡ଼ଗାଁ ପ୍ୟାକ୍ସ ସମ୍ପାଦକ ରାଜକୁମର ପ୍ରଧାନ, ଗୋବିନ୍ଦପୁର ପ୍ୟାକ୍ସ ସମ୍ପାଦକ ଆନନ୍ଦ ଚନ୍ଦ୍ର ରଥ ଏବଂ ସରସରା ପ୍ୟାକ୍ସ ସମ୍ପାଦକ ଟଙ୍କଧର ସାହୁଙ୍କ ନାମରେ ତଦନ୍ତ ଚାଲୁଛି। ଅନିୟମିତତାରେ ସମ୍ପୃକ୍ତ ମିଲର୍ସଙ୍କ ଭୂମିକାକୁ ଅନୁଧ୍ୟାନ କରାଯାଉଛି। ସେ ଯିଏ ହୁଅନ୍ତୁ ନା କାହିଁକି, ତଦନ୍ତରେ ଯାହା ବିରୋଧରେ ପ୍ରମାଣ ମିଳିବ, କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିଏସ୍‌ପି ନାୟକ କହିଛନ୍ତି।

ଭିଜିଲାନ୍ସ ତଦନ୍ତରୁ ଆହୁରି ଜଣାପଡ଼ିଛି ଯେ ଗତ ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ଉପରୋକ୍ତ ୪ଟି ମଣ୍ଡିରେ ସମୁଦାୟ ୩ଲକ୍ଷ ୪୨ହଜାର ୧୦୯ କୁଇଣ୍ଟାଲ ଧାନ ସଂଗୃହୀତ ହୋଇଥିଲା। ଉପରଲିଖିତ ପ୍ୟାକ୍ସ ମାଧ୍ୟମରେ ଯୋଗାଣ ନିଗମ ଧାନ କିଣିଥିଲା। ଧାନକ୍ରୟ ପରେ କଷ୍ଟମ ମିଲିଂ ମାଧ୍ୟମରେ ଜିଲାର ୪୭ଟି ମିଲର୍ସ ସମ୍ପୃକ୍ତ ମଣ୍ଡିଗୁଡ଼ିକରୁ ଧାନ ଉଠାଇ ନିଜ ରାଇସ୍ ମିଲ୍‌ଗୁଡ଼ିକୁ ନେଇଥିଲେ। ତେବେ କେଉଁ ମିଲ୍‌ଗୁଡ଼ିକୁ ସେଭଳି ବାଇକ୍ ନମ୍ବର ଦର୍ଶାଇ ଧାନ ଯାଇଛି, ସେ ନେଇ ତଦନ୍ତ ଜାରି ରହିଛି ଏବଂ ଯେଉଁ ମିଲର୍ସ ସେଭଳି ଅନିୟମିତତାରେ ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଏସ୍‌ପି ନାୟକ କହିଛନ୍ତି। ଅନ୍ୟପଟେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ କରି ଏଆର୍‌ସିଏସ୍ (ସହକାରୀ ସମବାୟ ନିବନ୍ଧକ) ଦିବାକର ଭୋଇ ଉପରୋକ୍ତ ୪ପ୍ୟାକ୍ସ ସମ୍ପାଦକ ଏବଂ ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲାପାଳ ତପିରାମ ମାଝି ୪ ୟାର୍ଡ ଇନ୍‌ଚାର୍ଜଙ୍କୁ କାର୍ଯ୍ୟରୁ ନିଲମ୍ବନ କରି ସାରିଥିବାବେଳେ ଜିଲା ଯୋଗାଣ ବିଭାଗ ବିଭାଗୀୟ କର୍ମଚାରୀ କିମ୍ବା ମିଲର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା, ପ୍ରାଥମିକ ତଦନ୍ତ ଶେଷ କରି ନ ଥିବା ସମସ୍ତଙ୍କୁ ଚକିତ କରିଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ (ସିଏସ୍‌ଓ) ଶ୍ରୀକର ମାଝିଙ୍କୁ ପଚାରିବାରୁ ସେ କହିଲେ, ତଦନ୍ତ ଚାଲିଛି। ଧାନ ସଂଗ୍ରହ ପ୍ରକ୍ରିୟାର ଅନ୍ୟ କିଛି ନିର୍ଦ୍ଦିଷ୍ଟ ଦିଗ ନେଇ ମଧ୍ୟ ଅନୁଧ୍ୟାନ କରିବାକୁ ମଙ୍ଗଳବାର ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ ରହିଛି। ତଦନ୍ତରେ ସବୁ ଦିଗ ପ୍ରତି ଅନୁଧ୍ୟାନ କରାଯାଉଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଏସ୍‌ଓ ମାଝି କହିଛନ୍ତି।

# ମାଓବାଦୀଙ୍କ ବନ୍ଦ ଡାକରା ବିଫଳ

**ମାଲକାନଗିରି, ୨୦।୧୧ (ଡି.ଏନ.ଏ.)**

ପୋଲିସର ଗୁଳି ବିନିମୟ ଘଟଣାକୁ ମିଥ୍ୟା ବୋଲି ଆରୋପ କରି ମାଓବାଦୀ ସଙ୍ଗଠନ ମଙ୍ଗଳବାର ମାଲକାନଗିରି ଜିଲା ବନ୍ଦ ଡାକରା ଦେଇଥିଲା। ଏହା ବସ୍ତୁତଃ ବିଫଳ ହୋଇଛି। କାଁଭାଁ କେଉଁଠି ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଛି। ବନ୍ଦ ଡାକରା ଯୋଗୁ ଜିଲାରେ ସରକାରୀ ବସ୍ ଚଳାଚଳ ବାତିଲ କରାଯାଇଥିଲା। ତେବେ ଘରୋଇ ବସ୍ ଚଳାଚଳ ସ୍ୱାଭାବିକ ରହିଥିଲା। ଜିଲାରେ ସମସ୍ତ ଦୋକାନ ବଜାର ସ୍ୱାଭାବିକ ଭାବେ ଖୋଲାଥିଲା। ଅନ୍ୟପକ୍ଷରେ ବନ୍ଦକୁ ଦୃଷ୍ଟିରେ ରଖି ଜିଲା ସଦର ମହକୁମାଠାରେ ସହର ମଧ୍ୟରେ ପ୍ରବେଶ କରୁଥିବା ସମସ୍ତ ଯାନବାହନକୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଉଛି। କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇ ପ୍ରତ୍ୟେକ ଥାନାକୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ହୋଇଛି। ମାଓବାଦୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଜିଲାର ବାଲିମେଳା ଥାନା ଅନ୍ତର୍ଗତ କୁଡୁମୁଲୁଗୁମ୍ମା ନିକଟସ୍ଥ ମୁଦୁଲିଗୁଡ଼ା, ନନ୍ଦିନୀଗୁଡ଼ା ଓ ଓରିଙ୍ଗି ପ୍ରଭୃତି ଗ୍ରାମ ନିକଟରେ ବ୍ୟାନର ଓ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ଗତ ଅକ୍ଟୋବର ୧୨ରେ ମାଲକାନଗିରି ଜିଲାର ପଣସପୁଟ ନିକଟରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ମାଓବାଦୀ ନେତ୍ରୀ ମୀନାଙ୍କ ମୃତ୍ୟୁ ଘଟିଥିଲା। ସେହିପରି ନଭେମ୍ବର ୧୨ରେ ସିନ୍ଦୁରପାଲି ନିକଟରେ ଗୁଳି ବିନିମୟରେ କମ୍ରେଡ କିର୍ତ୍ତୀ, ସୁଶୀଳା ଓ ସୁନୀଙ୍କ ସହ ଅନ୍ୟ ୨ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହି ୨ ଘଟଣାର ପ୍ରତିବାଦରେ ଆନ୍ଧ୍ର-ଓଡ଼ିଶା ବର୍ଡର ସ୍ପେଶାଲ ଜୋନାଲ କମିଟି ମଙ୍ଗଳବାର ଜିଲା ବନ୍ଦ ଡାକରା ଦେଇଥିଲା।

# ଟେକଗୁଡ଼ାରେ ଲାଗିଲା ମାଓବାଦୀ ବିରୋଧୀ ପୋଷ୍ଟର

**କାଲିମେଳା,୨୦।୧୧(ଡି.ଏନ.ଏ)**

ମାଓବାଦୀଙ୍କ ବନ୍ଦ ଡାକରାକୁ ବିରୋଧ କରି ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ଟେକଗୁଡା ଗ୍ରାମର ବିଭିନ୍ନ ସ୍ଥାନରେ ମାଓବାଦୀ ବିରୋଧୀ ପୋଷ୍ଟର ଲାଗିଛି। ସମ୍ପୂର୍ଣ୍ଣ ହିଂସାମୁକ୍ତ ଓଡିଶା ଜିଲା ଶାଖା ପକ୍ଷରୁ ଏହି ପୋଷ୍ଟର ଲଗାଯାଇଛି। ଏଥିରେ ମାଓବାଦୀଙ୍କ ପକ୍ଷରୁ ହୋଇଥିବା ଦିନିକିଆ ବନ୍ଦ ଡାକରାକୁ ବିରୋଧ କରାଯାଇଛି। ପୋଷ୍ଟରରେ ଉଲ୍ଲେଖ ରହିଛି, ଦେଶଦ୍ରୋହୀଙ୍କ ହତ୍ୟା ବିରୋଧରେ ହୋଇଥିବା ବନ୍ଦ ଡାକରାକୁ ନାପସନ୍ଦ କରାଯାଇଛି। ଏହା ସାଥୀ ମାଓବାଦୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୁହେଁ ବଂର ଜନତାଙ୍କ ଉପରେ ଅତ୍ୟାଚାର ବୋଲି ସମ୍ପୂର୍ଣ୍ଣ ହିଂସାମୁକ୍ତ ଓଡିଶା ପକ୍ଷରୁ କୁହାଯାଇଛି। ଯଦି ମୃତ ମାଓବାଦୀଙ୍କ ପାଇଁ ମାଓବାଦୀ ସଙ୍ଗଠନ ଦୁଃଖିତ ତେବେ ମୃତ ମାଓବାଦୀଙ୍କ ପରିବାରକୁ ସାହାଯ୍ୟ କରନ୍ତୁ। ଅନ୍ୟଥା ବନ୍ଦ ଡାକରା ଦେଇ ଲୋକଙ୍କ ପାଇଁ ଆତଙ୍କ ସୃଷ୍ଟି ନ କରନ୍ତୁ ବୋଲି ମାଓବାଦୀ ବିରୋଧୀ ପୋଷ୍ଟରରେ କୁହାଯାଇଛି।



> ନ୍ୟାୟପାଳିକାରେ ତୁରନ୍ତ ସଂସ୍କାର ଅଣାଯାଉ। ଏହାସହ ଏକ ସ୍ୱଚ୍ଛ ଚୟନ ପ୍ରକ୍ରିୟା ମାଧ୍ୟମରେ ଉପଯୁକ୍ତ ପ୍ରାର୍ଥୀଙ୍କୁ ବାଛିବାକୁ ସୁନିଶ୍ଚିତ କରିବା ଲାଗି ନ୍ୟାୟପାଳିକା ଓ ବ୍ୟବସ୍ଥାପିକା ମିଳିତ ଭାବେ କାର୍ଯ୍ୟ କରନ୍ତୁ।
> —ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



## ସଂକ୍ଷେପରେ

### ୨୦୧୯ରେ ଲଢ଼ିବେନି ସୁଷମା



**ଇନ୍ଦୋର,୨୦।୧୧(ଆଇଏଏନ୍ଏସ୍):** ଭାରତୀୟ ଜନତା ପାର୍ଟି (ଭାଜପା)ର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଏକଦା ପରିଗଣିତ ହୋଇଥିବା ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଦଳକୁ ଏକ ଝଟକା ଦେଇଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନରେ ସେ ଲଢ଼ିବେ ନାହିଁ। ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ମଙ୍ଗଳବାର ସେ ଘୋଷଣା କରିଛନ୍ତି। ମଧ୍ୟପ୍ରଦେଶର ଇନ୍ଦୋରରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ସୁଷମା କହିଛନ୍ତି ଯେ, ନିର୍ବାଚନ ମଇଦାନକୁ କିଏ ଓହ୍ଲାଇବେ ସେ ନିଷ୍ପତ୍ତି ସାଧାରଣତଃ ଦଳ ପକ୍ଷରୁ ନିଆଯାଏ। କିନ୍ତୁ ତାଙ୍କ କ୍ଷେତ୍ରରେ ଟିକିଏ ଅଲଗା ହେବ। ନିର୍ବାଚନରେ ପ୍ରାର୍ଥୀ ନ ହେବାକୁ ସେ ନିଜେ ନିଷ୍ପତ୍ତି ନେଇଛନ୍ତି। ନଭେମ୍ବର ୨୮ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ଲାଗି ପ୍ରଚାର କରିବା ବେଳେ ବିଦିଶା ଏମ୍ପି ସୁଷମା ଏହା ପ୍ରକାଶ କରିବା ପରେ ଭାଜପା ମହଲରେ ନିରାଶା ଖେଳିଯାଇଛି। ପ୍ରକାଶ ଯେ, ୬୬ ବର୍ଷୀୟା ସୁଷମାଙ୍କ ଦୁଇବର୍ଷ ପୂର୍ବେ କିଡ୍ନୀ ପ୍ରତିରୋପଣ ହୋଇଥିଲା। ସେବେଠାରୁ ସେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଛନ୍ତି।

### ଶିଖ୍ ବିରୋଧୀ ଦଙ୍ଗା ମାମଲା
### ଯଶପାଲଙ୍କୁ ମୃତ୍ୟୁଦଣ୍ଡାଦେଶ

**ନୂଆଦିଲ୍ଲୀ,୨୦।୧୧(ପି.ଟି.):** ୧୯୮୪ ଶିଖ ବିରୋଧୀ ଦଙ୍ଗା ବେଳେ ଦୁଇଜଣଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଯଶପାଲ ସିଂଙ୍କୁ ଦିଲ୍ଲୀର ଏକ ଅଦାଲତ ଦୋଷୀ ସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ଶିଖ ବିରୋଧୀ ଦଙ୍ଗା ମାମଲାରେ ଏହା ପ୍ରଥମ ମୃତ୍ୟୁଦଣ୍ଡାଦେଶ। ଏହି ମାମଲାର ସହଅଭିଯୁକ୍ତ ନରେଶ ଶେରାୱତଙ୍କୁ ଅତିରିକ୍ତ ସେସନ୍ସ ଜଜ ଅଜୟ ପାଣ୍ଡେ ଆଜୀବନ ଜେଲଦଣ୍ଡ ଶୁଣାଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ତିହାର ଜେଲ ପରିସରରେ କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଗତ ୧୪ ତାରିଖରେ କୋର୍ଟ ସିଂ ଏବଂ ସାରସ୍ୱତଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ସୂଚନାଯୋଗ୍ୟ, ପ୍ରମାଣ ଅଭାବରୁ ଦିଲ୍ଲୀ ପୋଲିସ ୧୯୯୪ରେ ଉକ୍ତ ମାମଲାକୁ ବନ୍ଦ କରିଦେଇଥିଲା ବେଳେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ (ଏସଆଇଟି) ମାମଲାର ପୁନର୍ବାର ତଦନ୍ତ କରିଥିଲା। ଦିଲ୍ଲୀ କୋର୍ଟଙ୍କ ରାୟକୁ କଂଗ୍ରେସ ଏବଂ ଶିଖ ନେତାମାନେ ସ୍ୱାଗତ କରିଛନ୍ତି। ଆଇନକୁ ତା ବାଟରେ କାମ କରିବାର ସୁଯୋଗ ମିଳିଛି ବୋଲି କଂଗ୍ରେସ କହିଛି। ବିଚାର ପ୍ରକ୍ରିୟାରେ କୌଣସି ବାହ୍ୟ ଚାପ ପଡି ନ ଥିବା କଂଗ୍ରେସ ମୁଖପାତ୍ର ଅଭିଷେକ ସିଂଘଭି କହିଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହ ରାୟକୁ ସ୍ୱାଗତ କରିଛନ୍ତି। ଶେଷରେ ଅପରାଧୀଙ୍କୁ ଦଣ୍ଡ ମିଳିଥିବା ସେ କହିଛନ୍ତି। କ୍ଷତିଗ୍ରସ୍ତ ନ୍ୟାୟ ପାଇବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବାକୁ ଶିଖ ନେତାମାନେ ପ୍ରତିଜ୍ଞା କରିଛନ୍ତି।

## କଶ୍ମୀରରେ ହାତ ମିଳାଉଛନ୍ତି ପିଡିପି, କଂଗ୍ରେସ
# ସରକାର ଗଢ଼ିବାକୁ ଅଣ୍ଟାଭିଡ଼ା

**ଶ୍ରୀନଗର,୨୦।୧୧(ପି.ଟି.)**

ଜମ୍ମୁ-କଶ୍ମୀରରେ ପୁଣିଥରେ ସରକାର ଗଠନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏଥର ହାତ ମିଳାଉଛନ୍ତି ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି), କଂଗ୍ରେସ ଏବଂ ନ୍ୟାଶନାଲ କନ୍ଫରେନ୍ସ (ଏନ୍ସି)। ଭାଜପାକୁ କ୍ଷମତାରୁ ଦୂରେଇ ରଖିବା ଲାଗି ଏହି ୩ ଦଳ ଏକାଠି ହୋଇ ଏକ ଲୋକପ୍ରିୟ ସରକାର ଗଠନ ଦିଗରେ ଅଗ୍ରସର ହେଉଥିବା ସୂତ୍ରରୁ ଜଣାପଡ଼ିଛି।

ଜମ୍ମୁ-କଶ୍ମୀରରେ ପିଡିପି-ଭାଜପା ମେଣ୍ଟ ସରକାର ଚାଲିଥିଲା। ମତାନ୍ତର ଓ ମତଭେଦକୁ ନେଇ ଦୁଇଦଳର ମଧୁଚନ୍ଦ୍ରିକାରେ ଭଙ୍ଗା ପଡ଼ିବା ପରେ ଜୁନ୍ ୧୬ରେ ଭାଜପା ସମର୍ଥନ ପ୍ରତ୍ୟାହାର କରିନେଇଥିଲା। ଫଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତିଙ୍କ ନେତୃତ୍ୱାଧୀନ ସରକାର ସଂଖ୍ୟାଲଘୁ ହୋଇଯାଇଥିଲା। ରାଜନୈତିକ ସଙ୍କଟ ସୃଷ୍ଟି ହେବା ପରେ ସମ୍ବିଧାନର ଧାରା ୯୨ ଅନୁସାରେ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଜୁନ୍ ୧୯ରୁ ଜମ୍ମୁ-କଶ୍ମୀରରେ ରାଜ୍ୟପାଳ ଶାସନ ଜାରି କରାଯାଇଥିଲା, ଯାହାକି ଅଦ୍ୟାବଧି ବଳବତ୍ତର ରହିଛି। ଡିସେମ୍ବର ୧୯ରେ ରାଜ୍ୟପାଳ ଶାସନର ଅବଧି (୬ ମାସ) ଶେଷ ହେବା ପରେ ବିଧାନସଭାକୁ ଭଙ୍ଗ ନ କରି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ପାଇଁ ସୁପାରିସ କରିବା ସମ୍ପର୍କରେ ରାଜ୍ୟପାଳ ସତ୍ୟପାଲ ମଲ୍ଲିକ ଶୁକ୍ରବାର ପ୍ରକାଶ କରିଥିଲେ। ଏହାର ୪ ଦିନ ପରେ ରାଜ୍ୟରେ ନୂଆ ରାଜନୈତିକ ସମୀକରଣ ସୃଷ୍ଟି ହୋଇଛି। ୮୭ ସଦସ୍ୟ ବିଶିଷ୍ଟ ବିଧାନସଭାରେ ପିଡିପିର ୨୮, ଭାଜପାର ୨୫, ଏନ୍ସିର ୧୫ ଓ କଂଗ୍ରେସର ୧୨ ବିଧାୟକ ଅଛନ୍ତି। ସେହିପରି ସଜ୍ଜାଦ ଲୋନ୍ଙ୍କ ପିପୁଲ୍ସ କନ୍ଫରେନ୍ସ (ପିସି)ର ୨, ସିପିଏମ୍ ଏବଂ ପିଡିଏଫ୍ର ଜଣେ ଲେଖାଏ ଓ ୩ ସ୍ୱାଧୀନ ସଦସ୍ୟ ରହିଛନ୍ତି। ଏଭଳି ସମୟରେ ପଛଦ୍ୱାରରୁ ନୂଆ ସରକାର ଗଠନ ପାଇଁ ଉଦ୍ୟମ ଚାଲିଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି।



ମେହବୁବା ମୁଫ୍ତି



ଫାରୁକ୍ ଅବ୍ଦୁଲ୍ଲା

ମିଳିଥିବା ସୂଚନାନୁସାରେ, ସଜ୍ଜାଦ ଲୋନ୍ଙ୍କ ପିସି ଭାଜପାକୁ ସମର୍ଥନ ଦେବ। ଏହାସତ୍ତ୍ୱେ ମ୍ୟାଜିକ୍ ନମ୍ବର ୪୪ ଛୁଇଁବା ପାଇଁ ଆବଶ୍ୟକ ସଂଖ୍ୟକ ବିଧାୟକଙ୍କ ସମର୍ଥନ ଭାଜପା ନିକଟରେ ନାହିଁ। ତେଣୁ ଗୈରିକ ଦଳ ପିଡିପିରେ ବିଭାଜନ ଘଟାଇ ବା ଅସନ୍ତୁଷ୍ଟ ଗୋଷ୍ଠୀଙ୍କୁ ନେଇ ସରକାର ଗଠନ ଲାଗି ଉଦ୍ୟମ କରିପାରେ। ସେପଟେ ଭାଜପାକୁ କ୍ଷମତାରୁ ଦୂରେଇ ରଖିବା ଲାଗି ଅନ୍ୟ ୩ ପ୍ରମୁଖ ଦଳ ଜୋର୍ଦାର ଉଦ୍ୟମ ଚଳାଇଛନ୍ତି। ପିଡିପି, ଏନ୍ସି ଏବଂ କଂଗ୍ରେସର ବିଧାୟକ ସଂଖ୍ୟା ୫୫ରେ ପହଞ୍ଚୁଥିବାରୁ ୩ ଦଳ ମିଶି ସରକାର ଗଠନ ପାଇଁ ସ୍ୱଷ୍ଟ ବହୁମତ ଯୋଗାଡ଼ କରିବାରେ ଅସୁବିଧା ନାହିଁ। ଯୋଜନା ମୁତାବକ ପିଡିପି ଏବଂ କଂଗ୍ରେସ ମଧ୍ୟରେ (୨୦୦୨ରୁ ୨୦୦୭ ଭଳି) ମେଣ୍ଟ ଗଠନ କରାଯିବ। ଫାରୁକ୍ ଅବ୍ଦୁଲ୍ଲାଙ୍କ ନେତୃତ୍ୱାଧୀନ ଏନ୍ସି ଏହି ମେଣ୍ଟକୁ ବାହାରୁ ସମର୍ଥନ ଦେବ। ମେଣ୍ଟ ସରକାରରେ ଏନ୍ସି ସାମିଲ ହେବନାହିଁ। କିନ୍ତୁ ପିଡିପି-କଂଗ୍ରେସ ମେଣ୍ଟ କଲେ ବାହାରୁ ସମର୍ଥନ ଦେବାକୁ ପଛଘୁଞ୍ଚା ମଧ୍ୟ ଦେବନାହିଁ ବୋଲି ପୂର୍ବରୁ ଏନ୍ସି କାର୍ଯ୍ୟକାରୀ ଅଧ୍ୟକ୍ଷ ଓମାର ଅବ୍ଦୁଲ୍ଲା ସ୍ୱଷ୍ଟ କରିସାରିଛନ୍ତି। ଏହି ସମୀକରଣ ବାସ୍ତବ ରୂପ ନେଲେ ମେହବୁବା ନିଜେ ମୁଖ୍ୟମନ୍ତ୍ରୀ ନ ହୋଇ ପିଡିପିର ଜଣେ ବରିଷ୍ଠ ନେତାଙ୍କ ହାତରେ ଶାସନ ଭାର ଦେଇପାରନ୍ତି।

**କ୍ଷମତା ପାଇଁ ସମୀକରଣ**

- ଡିସେମ୍ବର ୧୯ରେ ସରୁଛି ରାଜ୍ୟପାଳ ଶାସନ
- ରାଷ୍ଟ୍ରପତି ଶାସନ ଲାଗି ସୁପାରିସ କରିବେ ରାଜ୍ୟପାଳ
- ସରକାର ଗଠନ ପାଇଁ ପିଡିପି ଧରିବ କଂଗ୍ରେସ ହାତ
- ମେଣ୍ଟକୁ ଏନ୍ସି ଦେବ ବାହାରୁ ସମର୍ଥନ

## କଶ୍ମୀରରେ ଦମନ ଅଭିଯାନ
## ୪ ଆତଙ୍କବାଦୀ ନିହତ, ଯବାନ ଶହୀଦ

**ଶ୍ରୀନଗର,୨୦।୧୧(ପି.ଟି.)**

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ନିପାତ ପାଇଁ ବଡ଼ ଧରଣର ଅଭିଯାନ ଚାଲିଥିଲାବେଳେ ମଙ୍ଗଳବାର ସୁରକ୍ଷାବଳକୁ ମିଳିଛି ବଡ଼ ସଫଳତା। ଶୋପିଆନ୍ ଜିଲାରେ ନଦିଗାମ୍ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ସହ ମୁହାଁମୁହିଁ ହେବା ପରେ ୪ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ସମୟରେ ଜଣେ ଯବାନ ମଧ୍ୟ ଶହୀଦ ହେବା ସହ ଅନ୍ୟ ଦୁଇ ଜଣ ସେନା କର୍ମଚାରୀ ଆହତ ହୋଇଛନ୍ତି। ପ୍ରତିରକ୍ଷା ମୁଖପାତ୍ର କଲୋନେଲ୍ ରାଜେଶ୍ କାଲିଆ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଶେଷ ଖବର ସୁଦ୍ଧା ଉକ୍ତ ଅଞ୍ଚଳରେ ଅପରେଶନ ଜାରି ରହିଥିଲା। ସୁରକ୍ଷାକର୍ମୀମାନେ ଉକ୍ତ ଅଞ୍ଚଳକୁ ଘେରିଯିବା ସହ ତଲାସି ଅଭିଯାନ ଚଳାଇଥିଲେ।

ଅନ୍ୟପଟେ ପୁଞ୍ଚ୍ ଏବଂ ରାଜୌରୀ ଜିଲା ସଂଲଗ୍ନ ନିୟନ୍ତ୍ରଣ ରେଖା (ଏଲ୍ଓସି) ନିକଟରେ ପାକିସ୍ତାନୀ ସୈନ୍ୟ ଅସ୍ତ୍ରବିରତି ଉଲ୍ଲଂଘନ କରିଛନ୍ତି। ପଡ଼ୋଶୀ ସୈନ୍ୟଙ୍କ ଗୁଳି ଓ ମୋର୍ଟାର ମାଡ଼ରେ ୨ ଭାରତୀୟ ଯବାନ ଆହତ ହୋଇଛନ୍ତି। ପୁଞ୍ଚ୍ ସେକ୍ଟରର ଫିଗ୍ୱାର ଏବଂ ମାଲ୍ଟି ଅଞ୍ଚଳରେ ପାକ୍ ସୈନ୍ୟ ଆକ୍ରମଣ କରିଛନ୍ତି। ପୁଞ୍ଚ୍ ଟାଉନ୍ରେ ଏକ ମୋର୍ଟାର ପଡ଼ିଥିବା ସୂଚନା ମିଳିଛି। ଏଠାରେ ଜଣେ ଯବାନ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେହିପରି ରାଜୌରୀର ନୌଶେରା ସେକ୍ଟରସ୍ଥିତ ଲାମ୍ ବେଲ୍ଟ ନିକଟରେ ପାକିସ୍ତାନୀ ସ୍ନାଇପରଙ୍କ ଆକ୍ରମଣରେ ଜଣେ ଯବାନ ଆହତ ହୋଇଛନ୍ତି। ମଙ୍ଗଳବାର ପଡ଼ୋଶୀ ସୈନ୍ୟ ଅସ୍ତ୍ରବିରତି ଉଲ୍ଲଂଘନ କରିବା ପରେ ଏଲ୍ଓସି ନିକଟସ୍ଥ ସ୍କୁଲଗୁଡ଼ିକ ବନ୍ଦ କରାଯାଇଛି।

**ପୁଞ୍ଚ୍, ରାଜୌରୀରେ ପାକ୍ ସୈନ୍ୟଙ୍କ ଅସ୍ତ୍ରବିରତି ଉଲ୍ଲଂଘନ: ୨ ଯବାନ ଆହତ**

## ଦିଲ୍ଲୀରେ ଧରାପଡ଼ିଲେ ହିଜବୁଲ୍ ଆତଙ୍କବାଦୀ

**ନୂଆଦିଲ୍ଲୀ,୨୦।୧୧**

ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ହାତରେ ଧରାପଡ଼ିଛନ୍ତି ହିଜ୍ବୁଲ ମୁଜାହିଦ୍ଦିନ୍ର ଜଣେ ଆତଙ୍କବାଦୀ। ଦିଲ୍ଲୀ ବିମାନବନ୍ଦରରୁ ମଙ୍ଗଳବାର ସକାଳେ ତାଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ ଅସାରୁଲ୍। ଅକ୍ଟୋବର ୨୮ରେ ଜମ୍ମୁ-କଶ୍ମୀରର ପୁଲ୍ୱାମା ଜିଲାରେ ରାଜ୍ୟ ପୋଲିସର ଏସ୍ଆଇ ଇନ୍ତିୟାଜ ଅହମଦ ମୀରଙ୍କ ହତ୍ୟାରେ ସେ ସାମିଲ ଥିଲେ। ଗତ ୧୫-୨୦ ଦିନ ହେଲା ଦିଲ୍ଲୀ ପୋଲିସ ଅସାରୁଲ୍ଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିଲା। ମଙ୍ଗଳବାର ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା କ୍ଷଣି ତାଙ୍କୁ ଗିରଫ କରାଯାଇଥିଲା।



ଜମ୍ମୁ-କଶ୍ମୀରରେ ଜାରି ରହିଛି ଅପରେଶନ ଅଲ୍ଆଉଟ୍। ପ୍ରତିଶୋଧ ପରାୟଣ ହୋଇ ଆତଙ୍କବାଦୀମାନେ ମଧ୍ୟ ସୁରକ୍ଷାବଳକୁ ଟାର୍ଗେଟ କରିବା ଆରମ୍ଭ କରିଦେଇଛନ୍ତି। ପୋଲିସ କର୍ମଚାରୀମାନେ ଚାକିରି ଛାଡ଼ିଦିଅନ୍ତୁ ବୋଲି ସେମାନେ ଧମକ ଦେଉଛନ୍ତି। ଇତିମଧ୍ୟରେ ଇନ୍ତିୟାଜ୍ଙ୍କୁ ହତ୍ୟା କରାଗଲା। ଏହାପରେ ଅସାରୁଲ୍ ଫେରାର ହୋଇଗଲେ।

## କେଜ୍ରିୱାଲଙ୍କୁ ଲଙ୍କାଗୁଣ୍ଡ

**ନୂଆଦିଲ୍ଲୀ,୨୦।୧୧(ପି.ଟି.)**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମଙ୍ଗଳବାର ସଚିବାଳୟରେ ଲଙ୍କାଗୁଣ୍ଡ ଆକ୍ରମଣ ହୋଇଛି। କେଜ୍ରିୱାଲଙ୍କ ମୁହଁକୁ ଲଙ୍କାଗୁଣ୍ଡ ଫିଙ୍ଗିଥିବା ଅନିଲ କୁମାର ନାମକ ଯୁବକଙ୍କୁ ପୋଲିସ ଗିରଫ କରିଛି। ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି ଆକ୍ରମଣ କରାଯାଇଥିବା ଆମ ଆଦମୀ ପାର୍ଟି ପକ୍ଷରୁ କୁହାଯାଇଛି।



ଚଷମା ପିନ୍ଧିଥିବା କେଜରିୱାଲଙ୍କ ଆଖିକୁ ଟାର୍ଗେଟ କରି ଯୁବକ ଜଣକ ଲଙ୍କାଗୁଣ୍ଡ ଫିଙ୍ଗିଥିଲା। କେଜ୍ରିୱାଲଙ୍କ ଆଖି ସୁରକ୍ଷିତ ଥିଲାବେଳେ ତାଙ୍କ ଚଷମା ଭାଙ୍ଗିଯାଇଛି। ଅନିଲ କୁମାରଙ୍କ ଆଧାର କାର୍ଡ ମଧ୍ୟ ଜବତ ହୋଇଛି। ସେ ଏକ ଖଇନି ପ୍ୟାକେଟରେ ଲଙ୍କାଗୁଣ୍ଡ ସଚିବାଳୟକୁ ଆଣି ଆସିଥିଲା।

### ଛତିଶଗଡ଼: ୭୨ ଆସନରେ ୭୨% ମତଦାନ

**ନୂଆଦିଲ୍ଲୀ,୨୦।୧୧(ପି.ଟି.)**

ଛତିଶଗଡ଼ ବିଧାନସଭା ନିର୍ବାଚନ ଲାଗି ମଙ୍ଗଳବାର ଦ୍ୱିତୀୟ ତଥା ଶେଷ ପର୍ଯ୍ୟାୟ ଭୋଟ ଶେଷ ହୋଇଛି। ସନ୍ଧ୍ୟା ୬ଟା ସୁଦ୍ଧା ପ୍ରାୟ ୭୨ ପ୍ରତିଶତ ମତଦାନ ହୋଇଛି। ଏଥର ୭୨ ଆସନରେ ମୋଟାମୋଟି ଶାନ୍ତିପୂର୍ଣ୍ଣ ଭାବେ ଭୋଟଗ୍ରହଣ ହୋଇଛି ବୋଲି ନିର୍ବାଚନ କମିଶନ କହିଛନ୍ତି। ଆସନ୍ତା ୧୧ରେ ଫଳାଫଳ ଘୋଷଣା ହେବ।

## ଫୁର୍ସତ

### ମଙ୍ଗଳ ଅଭିଯାନ ପାଇଁ ଅବତରଣ ସ୍ଥଳ

**ୱାଶିଂଟନ୍:** ନାସା ୨୦୨୦ ମଙ୍ଗଳ ମିଶନ୍ ପାଇଁ ଏକ ଅବତରଣ ସ୍ଥଳ ଚିହ୍ନଟ କରିଛି। ଏହାକୁ ଜେଜେରୋ କ୍ରେଟର ଡେଲ୍ଟା କୁହାଯାଉଛି। ଜେଜେରୋ କ୍ରେଟର୍ର ଦୀର୍ଘତା ପାଖାପାଖି ୪୫ କିଲୋମିଟର। ମଙ୍ଗଳର ବିଷୁବରେଖାର ଉତ୍ତର ଭାଗରେ ଏହା ଏକ ବୃହତ୍ ଅବବାହିକା। ଏଠାରେ ପ୍ରାଚୀନ ହ୍ରଦ ଦ୍ୱାରା ସୃଷ୍ଟ ତ୍ରିକୋଣଭୂମି ପାଞ୍ଚପ୍ରକାର ଶିଳାରେ ଗଠିତ। ତନ୍ମଧ୍ୟରୁ ଦୁଇଟି ମୁଖ୍ୟ ଉପାଦାନ ହେଲା କାଦୁଅ ଓ କାର୍ବୋନେଟ୍। ଏହି ଦୁଇଟି ଉପାଦାନ ଅତୀତରେ ଜୀବନ ଉପସ୍ଥିତିର ପ୍ରମାଣ ଦେଇପାରିବ ବୋଲି ସୂଚନା ମିଳୁଛି। ଜେଜେରୋ କ୍ରେଟର ଅବତରଣ ସ୍ଥଳ ପ୍ରାକୃତିକ ବୈଶିଷ୍ଟ୍ୟ ଥିବା ଭୂଭାଗ। ଲକ୍ଷଲକ୍ଷ ବର୍ଷ ତଳେ ଏହା ସୃଷ୍ଟି ହୋଇଥିଲା। ଗ୍ରହରେ ବିବର୍ତ୍ତନ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ଏଠାରୁ ମିଳିପାରିବ ବୋଲି ନାସା ସାଇନ୍ସ ମିଶନ୍ ନିର୍ଦ୍ଦେଶାଳୟର ସହଯୋଗୀ ପ୍ରଶାସକ ଥୋମାସ୍ ଜୁରବଚନ୍ ପ୍ରକାଶ କରିଛନ୍ତି।



## ଗୁମ୍ଫାଘର ପସନ୍ଦ କରନ୍ତି ପାକିସ୍ତାନୀ

**ନିକ୍କୋ(ପାକିସ୍ତାନ):** ଇସ୍ଲାମାବାଦ୍ର ଉତ୍ତର ପଶ୍ଚିମ ଭାଗରେ ଥିବା ପାର୍ବତ୍ୟାଞ୍ଚଳର ଗୁମ୍ଫାରେ ରହିବାକୁ ହଜାର ହଜାର ପାକିସ୍ତାନୀ ପସନ୍ଦ କରୁଛନ୍ତି। ସମଗ୍ର ପାକିସ୍ତାନରେ ବାସଗୃହର ଅଭାବ ଦେଖାଦେଇଥିବା ବେଳେ ପାହାଡ କଟାଯାଇ ନିର୍ମିତ ହେଉଥିବା ଘର ବୋମା-ନିରୋଧୀ, ଭୂମିକମ୍ପ-ପ୍ରତିରୋଧୀ ଏବଂ ଶସ୍ତା ସାବ୍ୟସ୍ତ ହୋଇଛି।

ପାକିସ୍ତାନର ରାଜଧାନୀଠାରୁ ୬୦ କିଲୋମିଟର ଦୂର ହାସନ ଅବଦଲ୍ ନାମକ ଏହି ଗାଁରେ ପାଖାପାଖି ୩,୦୦୦ ଲୋକ ବାସ କରନ୍ତି। ସ୍ଥାନୀୟ କାଉନସିଲର ହାଜି ଅବଦୁଲ୍ ରଶିଦ୍ କହନ୍ତି, ତାଙ୍କ ନିଜ ଘର ପାହାଡ ଘେର ମଧ୍ୟରେ ଅବସ୍ଥିତ। ଗୁମ୍ଫାଗୁଡିକୁ ସାଧାରଣତଃ ହାତରେ ଖୋଳାଯାଏ। କାନ୍ଥରେ କାଦୁଅ ବୋଳି ଏହାକୁ ଚିକ୍କଣ କରାଯାଏ। କାଦୁଅରେ ଘର କରିବା ଦ୍ୱାରା ତାହା ସହଜରେ ଭାଙ୍ଗିଯାଉଥିବା ବେଳେ ଗୁମ୍ଫା ଘର ଭାଙ୍ଗିବା ସହଜ ନୁହେଁ। ଭୂମିକମ୍ପ ଏହାର କ୍ଷତି ଘଟାଇ ପାରିବ ନାହିଁ। ବୋମାମାଡ଼ ଦ୍ୱାରା ମଧ୍ୟ ଏହା କ୍ଷତିଗ୍ରସ୍ତ ହେବନାହିଁ।



ସ୍ଥାନୀୟ ଲୋକମାନେ ୫ଶହ ବର୍ଷ ହେଲା ସେଠାରେ ବାସ କରିଆସୁଛନ୍ତି। ପାହାଡକୁ ହାତରେ ଖୋଳି ଘର ନିର୍ମାଣ କରାଯାଉଥିବାରୁ ଏହା ଅପେକ୍ଷାକୃତ ଶସ୍ତା ବୋଲି ସ୍ଥାନୀୟ ବାସିନ୍ଦା ଅମୀର ଉଲା ଖାନ୍ ପ୍ରକାଶ କରିଛନ୍ତି। ଅବଶ୍ୟ ଜୀବନଯାପନ ଏଠାରେ ଏତେ ସହଜ ନୁହେଁ। ଏଠାରେ ସୂର୍ଯ୍ୟାଲୋକ କମ୍ ପଡେ। ଗୁମ୍ଫାବାସିନ୍ଦାମାନେ କେବୁଲ ଲାଇନ୍ରୁ ବିଜୁଳି ସଂଯୋଗ ନେଇ ଟିଭି ଦେଖନ୍ତି ଏବଂ ମୋବାଇଲ୍ ଚାର୍ଜ କରନ୍ତି। କେତେକ ବାସିନ୍ଦା ଘର ଭିତରକୁ ପାଇପ୍ ସଂଯୋଗ କରି ପାନୀୟ ଜଳ ସଂଗ୍ରହ କରିଥାଆନ୍ତି।

## ଇତିହାସର ଆଇନାରେ
### ନଭେମ୍ବର ୨୧ର ପ୍ରମୁଖ ଘଟଣା

୧୯୭୧, ନଭେମ୍ବର ୨୦-୨୧ରେ ହୋଇଥିବା ଭାରତୀୟ ଗରିବପୁର ଯୁଦ୍ଧରେ ଭାରତୀୟ ସେନାଠାରୁ ପାକିସ୍ତାନ ସେନା ପରାଜିତ ହୋଇଥିଲା। ବାଂଲାଦେଶ ମୁକ୍ତି ସଂଗ୍ରାମ ବେଳେ ଏହା ଥିଲା ଭାରତ ଓ ପାକିସ୍ତାନ ମଧ୍ୟରେ ପ୍ରଥମ ଯୁଦ୍ଧ। ଭାରତୀୟ ସେନାକୁ ବଙ୍ଗଳାର ଗେରିଲା ବାହିନୀ 'ମୁକ୍ତି ବାହିନୀ' ସହଯୋଗ କରିଥିଲା।

୨୦୦୯, ନଭେମ୍ବର ୨୧ରେ ଚାଇନାର ଉତ୍ତର-ପୂର୍ବାଞ୍ଚଳର ହେଲଙ୍ଗଜିଆଙ୍ଗ୍ ପ୍ରଦେଶରେ ଏକ ଭୟଙ୍କର ଖଣି ଦୁର୍ଘଟଣା ଘଟିଥିଲା। ଏଥିରେ ପ୍ରାୟ ୧୦୮ ଜଣ ପ୍ରାଣ ହରାଇଥିଲେ। ବିଳମ୍ବିତ ରାତି ପ୍ରାୟ ୨ଟା ୩୦ମିନିଟ୍ରେ ଜିନ୍ଜିଙ୍ଗ କୋଇଲା ଖଣିରେ ଏହି ବିସ୍ଫୋରଣ ଘଟିଥିଲା। ଦୁର୍ଘଟଣା ପରେ ସେଥିରୁ ୪୨୦ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ରୁଷିଆ ସୀମା ନିକଟରେ ଏହି ଖଣି ରହିଛି ଯାହାର ପରିଚାଳନା ଦାୟିତ୍ୱ ନେଇଥିଲା ଲଙ୍ଗମେଇ ମାଇନିଂ ହୋଲ୍ଡିଂ ଗ୍ରୁପ୍।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**—ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**—ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୩ | ୧୯.୨ |
| ଚାନ୍ଦବାଲି | ୨୯.୭ | ୧୯.୭ |
| କଟକ | ୨୯.୮ | ୧୯.୬ |
| ପାରାଦ୍ୱୀପ | ୩୦.୫ | ୨୧.୬ |
| ଭୁବନେଶ୍ୱର | ୩୨.୦ | ୨୦.୪ |
| ଗୋପାଳପୁର | ୩୩.୪ | ୨୨.୭ |
| ପୁରୀ | ୩୧.୦ | ୨୨.୨ |
| ଅନୁଗୋଳ | ୩୧.୩ | ୧୮.୬ |
| ବାରିପଦା | ୨୯.୦ | ୧୮.୫ |
| ଝାରସୁଗୁଡ଼ା | ୩୨.୨ | ୧୭.୦ |
| କେନ୍ଦୁଝର | ୨୮.୨ | ୧୬.୪ |
| ସମ୍ବଲପୁର | ୩୨.୫ | ୧୭.୮ |
| ସୁନ୍ଦରଗଡ଼ | ୩୨.୦ | ୧୫.୫ |
| ହୀରାକୁଦ | ୩୨.୧ | ୧୭.୯ |
| ତାଳଚେର | ୩୪.୩ | ୧୭.୬ |
| ଭବାନୀପାଟଣା | ୨୯.୨ | ୧୭.୦ |
| ବଲାଙ୍ଗୀର | ୨୯.୦ | ୧୭.୮ |
| କୋରାପୁଟ | ୨୯.୬ | ୧୬.୬ |
| ଫୁଲବାଣୀ | ୩୨.୦ | ୧୩.୦ |
| ଟିଟିଲାଗଡ଼ | --- | ୧୬.୦ |
| ମାଲକାନଗିରି | ୩୪.୫ | --- |
| ସୋନପୁର | ୩୯.୨ | ୧୬.୪ |
| ଦାରିଙ୍ଗିବାଡ଼ି | ୨୯.୫ | ୧୬.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍ସିୟସ୍

## ରାଣୀ ଲକ୍ଷ୍ମୀବାଈ ଥିଲେ ଦିବ୍ୟଦ୍ରଷ୍ଟା



**କଙ୍ଗ୍ନା ରାଣାୱତ୍**

**ମୁମ୍ବାଇ:** ଝାନ୍ସୀ ରାଣୀ ଲକ୍ଷ୍ମୀବାଈ ଜଣେ ଦିବ୍ୟଦ୍ରଷ୍ଟା ମହିଳା ଥିଲେ ବୋଲି ଅଭିନେତ୍ରୀ କଙ୍ଗ୍ନା ରାଣାୱତ୍ ପ୍ରକାଶ କରିଛନ୍ତି। ପିଲାଦିନୁ ସେ ରାଣୀ ଲକ୍ଷ୍ମୀବାଈଙ୍କ ସମ୍ପର୍କରେ ଜାଣନ୍ତି। ବ୍ରିଟିଶ ଶାସକ ବିରୋଧରେ ଯୁଦ୍ଧ କରିବାରେ ସେ ଥିଲେ ପ୍ରଥମ ମହିଳା। ସେ ସ୍ୱାଧୀନତା ପାଇଁ ପୁରୁଷ ବେଶରେ ଭୟଙ୍କର ଲଢ଼େଇ କରି ବ୍ରିଟିଶ୍ ବାହିନୀକୁ ଝାନ୍ସି ଅଧିକାର କରିବାର ସୁଯୋଗ ଦେଇ ନ ଥିଲେ। ସେ ବ୍ରାହ୍ମଣ ଥିଲେ ମଧ୍ୟ କ୍ଷତ୍ରିୟଙ୍କ ଭଳି ଲଢ଼େଇ କରୁଥିଲେ। ତାଙ୍କର ଅବଦାନ ଲାଗି ଆଜି ସ୍ୱାଧୀନତାର ମୂଲ୍ୟବୋଧ ଉପଲବ୍ଧି କରି ହେଉଛି ବୋଲି କଙ୍ଗ୍ନା ପ୍ରକାଶ କରିଛନ୍ତି। ରାଧାକ୍ରିଷ୍ଣ ଜଗର୍ଲାମୁଦିଙ୍କ ନିର୍ଦ୍ଦେଶିତ 'ମଣିକର୍ଣ୍ଣିକା: ଦି କୁଇନ୍ ଅଫ୍ ଝାନ୍ସୀ' ଆସନ୍ତା ବର୍ଷ ଜାନୁୟାରୀ ୨୫ରେ ରିଲିଜ୍ ହେବାର ଅଛି। ଏଥିରେ ରାଣୀ ଲକ୍ଷ୍ମୀବାଈଙ୍କ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି କଙ୍ଗ୍ନା ରାଣାୱତ୍। ଏଥିରେ ଲକ୍ଷ୍ମୀବାଈଙ୍କ ଜୀବନ କାହାଣୀ ବର୍ଣ୍ଣନା କରାଯାଇଛି। କଙ୍ଗ୍ନା ଏଥିରେ ତାଙ୍କର ଅଭିନୟ ଜୀବନ୍ତ ଭାବରେ ଫୁଟାଇ ପାରିଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



# ୧୯୭୧-୨୦୧୪

## ପ୍ରଥମ ସଂସ୍କରଣ: ପାକିସ୍ତାନ ଚାମ୍ପିୟନ

ବାର୍ସିଲୋନାରେବିଶ୍ୱକପରପ୍ରଥମସଂସ୍କରଣଖେଳାଯାଇଥିଲା ।ଫାଇନାଲରେଆୟୋଜକସ୍ପେନ୍‌କୁ୧-୦ ଗୋଲରେହରାଇପାକିସ୍ତାନପ୍ରଥମଥରପାଇଁଚାମ୍ପିୟନହେବାରଗୌରବଅର୍ଜନକରିଥିଲା ।ଅପରପକ୍ଷରେ ଭାରତ ୨-୧ ଗୋଲରେ କେନିଆକୁ ହରାଇ ତୃତୀୟ ସ୍ଥାନରେ ରହିଥିଲା । ଏହି ବିଶ୍ୱକପ୍‌ରେ ୧୦ଟି ଦେଶ ଅଂଶଗ୍ରହଣ କରିଥିଲେ ଓ ମୋଟ ୩୦ଟି ମ୍ୟାଚ୍ ଖେଳାଯାଇଥିଲା ଓ ୬୬ଟି ଗୋଲ ସ୍କୋର କରାଯାଇଥିଲା । ପାକିସ୍ତାନ ତନବୀର ଦାର ସର୍ବାଧିକ ୮ଟି ଗୋଲ ସ୍କୋର କରି ସଫଳତମ ଖେଳାଳି ସାବ୍ୟସ୍ତ ହୋଇଥିଲେ ।

## ୧୯୭୩ : ଭାରତ ଅଳ୍ପକେ ଟାଇଟଲରୁ ବଞ୍ଚିତ

ହକି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣ ଆୟୋଜନ ହୋଇଥିଲା ନେଦରଲାଣ୍ଡର ଆମଷ୍ଟିଲଭିନ୍‌ରେ । ଘରୋଇ



ଗତଥର ଚାମ୍ପିୟନ୍ ଅଷ୍ଟ୍ରେଲିଆ ଦଳ।

ପରିବେଶରୁ ଫାଇଦା ଉଠାଇ ନେଦରଲାଣ୍ଡ ଏହି ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା । ଫାଇନାଲରେ ନେଦରଲାଣ୍ଡ ଭାରତକୁ ପେନାଲ୍ଟି ଶୁଟ୍ ଆଉଟରେ ୪-୨ ଗୋଲରେ ହରାଇ ବାଜି ମାରିଥିଲା । ନିର୍ଦ୍ଧାରିତ ସମୟ ଶେଷ ବେଳକୁ ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଥିଲା । ତେବେ ପେନାଲ୍ଟି ଶୁଟ୍ ଆଉଟରେ ଭାରତ ବିଫଳ ହେବା ଫଳରେ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲା । ପଶ୍ଚିମ ଜର୍ମାନୀ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା । ଟୁର୍ନାମେଣ୍ଟରେ ମୋଟ ୪୨ଟି ମ୍ୟାଚ୍ ଖେଳାଯାଇଥିବା ବେଳେ ୧୨୪ ଗୋଲ ସ୍କୋର ହୋଇଥିଲା । ନେଦରଲାଣ୍ଡର ଟାଇଜ୍ କ୍ରୁଇଜ୍ ସର୍ବାଧିକ ୧୧ଟି ଗୋଲ ସ୍କୋର କରି ସଫଳତମ ଖେଳାଳି ବିବେଚିତ ହୋଇଥିଲେ ।

## ୧୯୭୫: ଭାରତ ଚାମ୍ପିୟନ

ମାଲେସିଆର କୁଆଲାଲମ୍ପୁରରେ ଅନୁଷ୍ଠିତ ବିଶ୍ୱକପ୍‌ର ଏହି ସଂସ୍କରଣ ଭାରତ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥିଲା । ଭାରତ ଏହି ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା । ଫାଇନାଲରେ ଭାରତ ୨-୧ ଗୋଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଟାଇଟଲ ହାସଲ କରିଥିଲା । ପଶ୍ଚିମ ଜର୍ମାନୀ ୪-୦ ଗୋଲରେ ଆୟୋଜକ ମାଲେସିଆକୁ ହରାଇ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲା । ଟୁର୍ନାମେଣ୍ଟରେ ମୋଟ ୧୨ଟି ଦେଶ ଅଂଶଗ୍ରହଣ କରିଥିଲେ । ଏଥିରେ ୪୨ଟି ମ୍ୟାଚ୍ ଖେଳାଯାଇଥିଲା ଓ ୧୭୫ଟି ଗୋଲ ସ୍କୋର ହୋଇଥିଲା । ୩ଜଣ ଖେଳାଳି ନେଦରଲାଣ୍ଡର ଟାଇଜ କ୍ରୁଇଜ୍, ପାକିସ୍ତାନର ମଞ୍ଜୁର ଉଲ ହାସନ ଓ ପୋଲାଣ୍ଡର ଷ୍ଟିଫାନ ଓଟୁଲାକୋୱିସ୍କି ୭ଟି ଲେଖାଏ ଗୋଲ ଦେଇ ମିଳିତ ଭାବେ ଟପ୍ ଗୋଲ ସ୍କୋରର ସାବ୍ୟସ୍ତ ହୋଇଥିଲେ ।

## ୧୯୭୮: ପାକିସ୍ତାନକୁ ଦ୍ୱିତୀୟ ଟାଇଟଲ

ବିଶ୍ୱକପ୍‌ର ଏହି ସଂସ୍କରଣ ଆୟୋଜନ ହୋଇଥିଲା ଆର୍ଜେଣ୍ଟିନାରେ । ଦମ୍‌ଦାର ପ୍ରଦର୍ଶନ କରି ପାକିସ୍ତାନ ଦ୍ୱିତୀୟଥର ପାଇଁ ଏଥିରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା । ଫାଇନାଲରେ ପାକିସ୍ତାନ ୩-୧ ଗୋଲରେ ନେଦରଲାଣ୍ଡକୁ ହରାଇ ଚାମ୍ପିୟନ ହୋଇଥିଲା । ଏହି ବିଶ୍ୱକପ୍‌ରେ ୧୪ଟି ଦଳ ଅଂଶଗ୍ରହଣ କରିଥିଲେ । ଅଷ୍ଟ୍ରେଲିଆ ୪-୩ ଗୋଲରେ ପଶ୍ଚିମ ଜର୍ମାନୀକୁ ହରାଇ ତୃତୀୟ ସ୍ଥାନ ଅଧିକାର କରିଥିଲା । ନେରଲାଣ୍ଡର ପଲ ଲିଟଜେନ୍ସ ୧୫ଟି ଗୋଲ ସ୍କୋର କରି ସଫଳତମ ଖେଳାଳି ବିବେଚିତ ହୋଇଥିଲେ ।

## ୧୯୮୨: ଭାରତ ଆୟୋଜକ

ବିଶ୍ୱକପ୍‌ର ପଞ୍ଚମ ସଂସ୍କରଣ ଆୟୋଜନ ହୋଇଥିଲା ଭାରତରେ । ଭାରତ ପ୍ରଥମଥର ପାଇଁ ଏହି ମେଗା ଇଭେଣ୍ଟ ଆୟୋଜନ କରିଥିଲେ ମଧ୍ୟ ଭଲ ପ୍ରଦର୍ଶନ କରିପାରି ନ ଥିଲା । ସେତେବେଳର ବମ୍ବେ ହକି ଷ୍ଟାଡିୟମରେ ଏହି ଟୁର୍ନାମେଣ୍ଟ ଖେଳାଯାଇଥିଲା । ଏଥିରେ ପାକିସ୍ତାନ ପଶ୍ଚିମ ଜର୍ମାନୀକୁ ଫାଇନାଲରେ ୩-୧ ଗୋଲରେ ପରାସ୍ତ କରି ତୃତୀୟଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା । ଟୁର୍ନାମେଣ୍ଟରେ ୧୨ ଟି ଦଳ ଅଂଶଗ୍ରହଣ କରିଥିଲେ ଓ ମୋଟ ୪୨ଟି ମ୍ୟାଚ ଖେଳାଯାଇଥିଲା ଓ ୨୧୬ଟି ଗୋଲ ସ୍କୋର ହୋଇଥିଲା । ଅଷ୍ଟ୍ରେଲିଆ ୪-୨ ଗୋଲରେ ନେଦରଲାଣ୍ଡକୁ ହରାଇ ତୃତୀୟ ସ୍ଥାନ ଅଧିକାର କରିଥିଲା । ପାକିସ୍ତାନର କାଲୁମୁଲ୍ଲା ଖାଁ ୧୨ଟି ଗୋଲ ଦେଇ ସର୍ବାଧିକ ଗୋଲ ସ୍କୋରର ସାବ୍ୟସ୍ତ ହୋଇଥିଲେ ।



## ୧୯୮୬: ଭାରତର ମହମ୍ମଦ ସାହୀଦ ଶ୍ରେଷ୍ଠ ଖେଳାଳି

ବିଶ୍ୱକପ୍‌ର ଷଷ୍ଠ ସଂସ୍କରଣ ଆୟୋଜନ ହୋଇଥିଲା ଇଂଲଣ୍ଡର ରାଜଧାନୀ ଲଣ୍ଡନରେ । ଏହି ଟୁର୍ନାମେଣ୍ଟରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ । ଆୟୋଜକ ଇଂଲଣ୍ଡକୁ ଫାଇନାଲରେ ୨-୧ ଗୋଲରେ ପରାସ୍ତ କରି ଅଷ୍ଟ୍ରେଲିଆ ପ୍ରଥମଥର ପାଇଁ ଟାଇଟଲ ହାସଲ କରି ବିଶ୍ୱହକିରେ ନିଜର ପ୍ରଭୁତ୍ୱ ଜାରି କରିବା ଆରମ୍ଭ କରିଥିଲା । ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ପଶ୍ଚିମ ଜର୍ମାନୀ ୩-୨ ଗୋଲରେ ସୋଭିଏତ ୟୁନିୟନକୁ ହରାଇଥିଲା । ଏହି ଟୁର୍ନାମେଣ୍ଟରେ ଭାରତର ପ୍ରଦର୍ଶନ ଆଶାନୁରୂପ ହୋଇ ପାରି ନ ଥିଲା । ଅଷ୍ଟ୍ରେଲିଆର ରିକ୍ ଚାର୍ଲ୍ସୱର୍ଥ ମୋଟ ୬ଟି ଗୋଲ ଦେଇ ଟୁର୍ନାମେଣ୍ଟର ଟପ୍ ସ୍କୋରର ବିବେଚିତ ହୋଇଥିଲେ । ତେବେ ଭାରତର ମହମ୍ମଦ ସାହିଦ ନିଜର ଅସାଧାରଣ ପ୍ରଦର୍ଶନ ବଳରେ ଏହି ବିଶ୍ୱକପ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

**ଭୁବନେଶ୍ୱର**

ଏବେ ଚଳଚଞ୍ଚଳ । ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଏଠାରେ ହେବାକୁ ଯାଉଛି ହକି ବିଶ୍ୱକପ । ୨୭ରେ ଭୁବନେଶ୍ୱର ଏବଂ ୨୮ରେ କଟକରେ ହେବାକୁଥିବା ଉଦ୍‌ଘାଟନୀ ସମାରୋହ ପାଇଁ ନାହିଁ ନ ଥିବା ଉତ୍ସାହ ପରିଲକ୍ଷିତ ହୋଇଛି । ଭାରତରେ ତୃତୀୟ ଏବଂ ଓଡ଼ିଶାରେ ପ୍ରଥମଥର ପାଇଁ ହେବାକୁ ଯାଉଥିବା ହକିର ଏହି ମହାକୁମ୍ଭ ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ । ପ୍ରତିଯୋଗିତାର ୧୪ତମ ସଂସ୍କରଣ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇ ସାରିଥିବାବେଳେ ୧୯୭୧ରୁ ୨୦୧୪ ପର୍ଯ୍ୟନ୍ତ ୧୩ଟି ସଂସ୍କରଣକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା ।

## ୧୯୯୦: ନେଦରଲାଣ୍ଡକୁ ଦ୍ୱିତୀୟ ଟାଇଟଲ

ବିଶ୍ୱକପ୍ ସପ୍ତମ ସଂସ୍କରଣ ଆୟୋଜିତ ହୋଇଥିଲା ପାକିସ୍ତାନର ଲାହୋର ସହରରେ । ୧୨ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ । ଘରୋଇ ପରିବେଶରୁ ଫାଇଦା ଉଠାଇ ପାକିସ୍ତାନ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଚାମ୍ପିୟନ ହୋଇ ପାରି ନ ଥିଲା । ଫାଇନାଲରେ ନେଦରଲାଣ୍ଡ ୩-୧ ଗୋଲରେ ପାକିସ୍ତାନକୁ ହରାଇ ଦ୍ୱିତୀୟଥର ପାଇଁ ଚାମ୍ପିୟନ ହୋଇଥିଲା । ପଶ୍ଚିମ ଜର୍ମାନୀକୁ ୨-୧ ଗୋଲରେ ହରାଇ ଅଷ୍ଟ୍ରେଲିଆ ତୃତୀୟସ୍ଥାନ ଅଧିକାର କରିଥିଲା । ଟୁର୍ନାମେଣ୍ଟରେ ମୋଟ ୪୨ଟି ମ୍ୟାଚ୍ ଖେଳାଯାଇଥିବା ବେଳେ ୧୪୭ଟି ଗୋଲ ସ୍କୋର କରାଯାଇଥିଲା । ସ୍ପେନ୍‌ର ଇଗ୍ନାସିଓ ଏସକ୍ୟୁଡ ଓ ନେରଦଲାଣ୍ଡର ଫ୍ଲୋରିସ୍ ଜାନ ବୋଭେଲାଣ୍ଡର ୯ଟି ଲେଖାଏ ଗୋଲ ଦେଇ ଯୁଗ୍ମ ଟପ୍ ଗୋଲ ସ୍କୋରର ସାବ୍ୟସ୍ତ ହୋଇଥିଲେ ।

## ୧୯୯୪: ପାକିସ୍ତାନକୁ ରେକର୍ଡ ଚତୁର୍ଥ ଟାଇଟଲ

ବିଶ୍ୱକପ୍‌ର ଏହି ଅଷ୍ଟମ ସଂସ୍କରଣ ଅଷ୍ଟ୍ରେଲିଆରେ ଖେଳାଯାଇଥିଲା । ଏଥିରେ ଫାଇନାଲରେ ପାକିସ୍ତାନ ପେନାଲ୍ଟି ଶୁଟ୍ ଆଉଟ୍‌ରେ ନେଦରଲାଣ୍ଡକୁ ୪-୩ ଗୋଲରେ ହରାଇ ରେକର୍ଡ ଚତୁର୍ଥଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା । ଟୁର୍ନାମେଣ୍ଟରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ ଓ ମୋଟ ୩୮ଟି ମ୍ୟାଚ ଖେଳାଯାଇଥିଲା । ଏହି ବିଶ୍ୱକପ୍‌ରେ ମୋଟ ୧୨୯ଟି ଗୋଲ ସ୍କୋର ହୋଇଥିଲା । ପାକିସ୍ତାନର ସାହବାଜ ଅହମ୍ମଦ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ଓ ନେଦରଲାଣ୍ଡର ଟାକୋ ଭାନ ଡେନ ହୋନେର୍ଟ ୧୧ଟି ଗୋଲ ଦେଇ ଟପ୍ ଗୋଲ ସ୍କୋରର ସାବ୍ୟସ୍ତ ହୋଇଥିଲେ ।

## ୧୯୯୮: ନେଦରଲାଣ୍ଡକୁ ତୃତୀୟ ଟାଇଟଲ

ବିଶ୍ୱକପ୍‌ର ଏହି ନବମ ସଂସ୍କରଣ ନେଦରଲାଣ୍ଡର ଖେଳାଯାଇଥିଲା । ଘରୋଇ ପରିବେଶରୁ ଫାଇଦା ଉଠାଇ ନେଦରଲାଣ୍ଡ ଚାମ୍ପିୟନ ହେବାସହ ତୃତୀୟଥର ପାଇଁ ଟାଇଟଲ ହାସଲ କରିଥିଲା । ଫାଇନାଲରେ ନେଦରଲାଣ୍ଡଠାରୁ ୩-୨ ଗୋଲରେ ପରାସ୍ତ ହୋଇ ସ୍ପେନ ରନର୍ସଅପ ହୋଇଥିଲା । ସେହିପରି ଅଷ୍ଟ୍ରେଲିଆକୁ ୧-୦ ଗୋଲରେ ହରାଇ ଜର୍ମାନୀ ତୃତୀୟସ୍ଥାନରେ ରହିଥିଲା । ଟୁର୍ନାମେଣ୍ଟରେ ମୋଟ ୪୨ଟି ମ୍ୟାଚ୍ ଖେଳାଯାଇଥିବା ବେଳେ ରେକର୍ଡ ୨୦୯ଟି ଗୋଲ ସ୍କୋର କରାଯାଇଥିଲା । ଅଷ୍ଟ୍ରେଲିଆ ଜେ ଷ୍ଟାକି ୧୧ଟି ଗୋଲ ଦେଇ ଟପ୍ ଗୋଲ ସ୍କୋରର ସାବ୍ୟସ୍ତ ହୋଇଥିଲେ । ଓଲିଭର ଡୋମକେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

## ୨୦୦୨: ଜର୍ମାନୀକୁ ପ୍ରଥମ ଟାଇଟଲ

ହକି ବିଶ୍ୱକପ୍‌ର ଦଶମ ସଂସ୍କରଣ ଆୟୋଜିତ ହୋଇଥିଲା ମାଲେସିଆରେ । ଫାଇନାଲରେ ଜର୍ମାନୀ ୨-୧ ଗୋଲରେ ଅଷ୍ଟ୍ରେଲିଆକୁ ହରାଇ ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା । ସେହିପରି ଦକ୍ଷିଣ କୋରିଆକୁ ୩-୨ ଗୋଲ୍ଡେନ ଗୋଲରେ ହରାଇ ନେରଦଲାଣ୍ଡ ତୃତୀୟ ସ୍ଥାନ ଅଧିକାର କରିଥିଲା । ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ମୋଟ ୭୨ଟି ମ୍ୟାଚ ଖେଳାଯାଇଥିଲା ଓ ୩୦୦ଟି ଗୋଲ ସ୍କୋର ହୋଇଥିଲା । ପାକସ୍ତାନର ସୋହେଲ ଆବାସ ଓ ଆର୍ଜେଣ୍ଟିନାର ଜର୍ଜ ଲୋମ୍ବି ୧୦ଟି ଲେଖାଏ ଗୋଲ ସ୍କୋର କରି ଯୁଗ୍ମ ଭାବେ ଟପ୍ ସ୍କୋରର ସାବ୍ୟସ୍ତ ହୋଇଥିଲେ । ତେବେ ଅଷ୍ଟ୍ରେଲିଆର ଟ୍ରୋଇ ଏଲ୍ଡର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

## ୨୦୦୬: ଜର୍ମାନୀ କ୍ରମାଗତ ଦ୍ୱିତୀୟଥର ଚାମ୍ପିୟନ

ଘରୋଇ ପରିବେଶରେ ଜର୍ମାନୀ ଫାଇଦା ଉଠାଇ ବିଶ୍ୱକପ୍‌ର ଏହି ଏକାଦଶ ସଂସ୍କରଣରେ ଚାମ୍ପିୟନ ହେବାର ସୁଯୋଗ ପାଇଥିଲା । ଫାଇନାଲରେ ଜର୍ମାନୀ ଅଷ୍ଟ୍ରେଲିଆକୁ ୪-୩ ଗୋଲରେ ହରାଇ କ୍ରମାଗତ ଦ୍ୱିତୀୟଥର ପାଇଁ ଟାଇଟଲ ହାସଲ କରିଥିଲା । ସେହିପରି ଦକ୍ଷିଣ କୋରିଆକୁ ୩-୨ରେ ଏକ ଗୋଲ୍ଡେନ ଗୋଲରେ ହରାଇ ସ୍ପେନ୍ ତୃତୀୟଥର ପାଇଁ ଚାମ୍ପିୟନ ହୋଇଥିଲା । ଏହି ବିଶ୍ୱକପ୍‌ରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ । ଟୁର୍ନାମେଣ୍ଟରେ ମୋଟ ୪୨ଟି ମ୍ୟାଚ୍ ଖେଳାଯାଇଥିବା ବେଳେ ୧୭୪ଟି ଗୋଲ ସ୍କୋର ହୋଇଥିଲା । ନେଦରଲାଣ୍ଡର ଟାଏକ ଟାଏକେମା ୧୧ଟି ଗୋଲ ଦେଇ ଟପ୍ ସ୍କୋରର ସାବ୍ୟସ୍ତ ହୋଇଥିଲେ । ତେବେ ଅଷ୍ଟ୍ରେଲିଆ ଜେମି ଡୱେର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

## ୨୦୧୦: ଦ୍ୱିତୀୟଥର ପାଇଁ ଭାରତ ଆୟୋଜକ

ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣକୁ ଭାରତ ଆୟୋଜନ କରିଥିଲା । ଏଥିସହିତ ଦ୍ୱିତୀୟଥର ପାଇଁ ଭାରତରେ ଏହି ମେଗା ଇଭେଣ୍ଟ ଆୟୋଜିତ ହୋଇଥିଲା । ଏଥିରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ । ଏଥରେ ୩୮ଟି ମ୍ୟାଚ୍ ଖେଳାଯାଇଥିବା ବେଳେ ମୋଟ ୧୯୯ଟି ଗୋଲ ସ୍କୋର ହୋଇଥିଲା । ଫାଇନାଲରେ ଜର୍ମାନୀକୁ ୨-୧ ଗୋଲରେ ହରାଇ ଅଷ୍ଟ୍ରେଲିଆ ଦ୍ୱିତୀୟଥର ପାଇଁ ଟାଇଟଲ ଜିତିଥିଲା । ସେହିପରି ଇଂଲଣ୍ଡକୁ ୪-୩ ଗୋଲରେ ହରାଇ ନେଦରଲାଣ୍ଡ ତୃତୀୟ ସ୍ଥାନ ଅଧିକାର କରିଥିଲା । ଅଷ୍ଟ୍ରେଲିଆର ଲ୍ୟୁକ ଡୋନେର ଓ ନେରଦଲାଣ୍ଡର ଟାଏକ ଟାଏକେମା ୮ଟି ଲେଖାଏ ଗୋଲ ଦେଇ ଯୁଗ୍ମ ଟପ୍ ସ୍କୋରର ସାବ୍ୟସ୍ତ ହୋଇଥିଲେ । ତେବେ ନେଦରଲାଣ୍ଡର ଗୁସ୍ ଭୋଗେଲ୍ସ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

## ୨୦୧୪: ଆର୍ଜେଣ୍ଟିନାକୁ ପ୍ରଥମ ପଦକ

ବିଶ୍ୱକପ୍‌ର ୧୩ତମ ସଂସ୍କରଣ ନେଦରଲାଣ୍ଡର ଆୟୋଜିତ ହୋଇଥିଲା । ଅଷ୍ଟ୍ରେଲିଆ ୬-୧ ଗୋଲରେ ଆୟୋଜକ ଦଳକୁ ହରାଇ ତୃତୀୟଥର ପାଇଁ ଚାମ୍ପିୟନ ହୋଇଥିଲା । ସେହିପରି ଇଂଲଣ୍ଡକୁ ୨-୦ ଗୋଲରେ ହରାଇ ଆର୍ଜେଣ୍ଟିନା ତୃତୀୟ ସ୍ଥାନ ଅଧିକାର କରି ବିଶ୍ୱକପ୍ ଇତିହାସରେ ପ୍ରଥମ ପଦକ ଜିତିଥିଲା । ଟୁର୍ନାମେଣ୍ଟରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ ଓ ମୋଟ୍ ୧୬୨ଟି ଗୋଲ ସ୍କୋର ହୋଇଥିଲା । ଆର୍ଜେଣ୍ଟିନାର ଗୋଞ୍ଜାଲୋ ପିଲାଟ ୧୦ଟି ଗୋଲ ଦେଇ ଟପ୍ ସ୍କୋରର ବିବେଚିତ ହୋଇଥିଲେ । ତେବେ ଅଷ୍ଟ୍ରେଲିଆର ମାର୍କ ନୋଏଲ୍ସ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।



୧୯୭୫ ଚାମ୍ପିୟନ୍ ଭାରତୀୟ ଦଳ।

# ଆଜି ଆସିବ ଆର୍ଜେଣ୍ଟିନା, ଦକ୍ଷିଣ ଆଫ୍ରିକା



ଆର୍ଜେଣ୍ଟିନା ହକି ଅଧିନାୟକ ପେଡ୍ରୋ ଇବାରା।



ଦକ୍ଷିଣ ଆଫ୍ରିକା ହକି ଅଧିନାୟକ ଟିମ୍ ଡ୍ରୁମଣ୍ଡ।

ହକି ବିଶ୍ୱକପ ପାଇଁ ଭାରତୀୟ ଦଳ ଦୀର୍ଘଦିନଧରି କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଚଳାଇ ଆସିଛି । ଖେଳାଳିମାନେ ପଡ଼ିଆ ଓ ପରିବେଶ ସହିତ ଅଭ୍ୟସ୍ତ ହୋଇଥିବାବେଳେ ଟିମ୍ କମ୍ବିନେଶନ ପାଇଁ

**ଆଉ ୬ ଦିନ**

ପରୀକ୍ଷା ନିରୀକ୍ଷା ଚାଲିଛି । ପ୍ରଥମ ଦୁଇ ବିଦେଶୀ ଦଳଭାବେ ବୁଧବାର ଭୁବନେଶ୍ୱରରେ ପହଞ୍ଚିବେ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ଓ ବିଶ୍ୱର ୧୫ ନମ୍ବର ର୍ୟାଙ୍କିଙ୍ଗପ୍ରାପ୍ତ ଦକ୍ଷିଣ ଆଫ୍ରିକା । ଆର୍ଜେଣ୍ଟିନା ଦଳ ସକାଳ ୯ଟା ୫ ଏବଂ ଦକ୍ଷିଣ ଆଫ୍ରିକା ରାତି ୯ଟାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ଆର୍ଜେଣ୍ଟିନା ଓ ଦକ୍ଷିଣ ଆଫ୍ରିକା ପୂର୍ବରୁ କେବେହେଲେ ବିଶ୍ୱକପ ସ୍ୱାଦ ଚାଖି ନାହାନ୍ତି । ୨୦୧୪ରେ ନେଦରଲାଣ୍ଡର ଦି ହଗ୍‌ଠାରେ ଅନୁଷ୍ଠିତ ୧୩ତମ ସଂସ୍କରଣରେ ଆର୍ଜେଣ୍ଟିନା ଭଲ ଖେଳିଥିଲେ ହେଁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲା । ଦକ୍ଷିଣ ଆଫ୍ରିକାକୁ କିନ୍ତୁ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେବାକୁ ପଡ଼ିଥିଲା । ଏଥର ପୁଲ୍ 'ଏ'ରେ ସ୍ଥାନ ପାଇଥିବା ଆର୍ଜେଣ୍ଟିନା ୨୯ରେ ସ୍ପେନ ସହିତ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ । ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ପ୍ରତିଯୋଗିତାର ପ୍ରଥମ ଦିବସରେ ଘରୋଇ ଭାରତ ବିପକ୍ଷରେ ଭାଗ୍ୟ ପରୀକ୍ଷା କରିବ ।

**ଆର୍ଜେଣ୍ଟିନା ଦଳ:** ଜୁଆନ ମାନୁଏଲ ଭିଭାଲ୍ଡି, ଟୋମାସ ସାଣ୍ଟିଆଗୋ, ଗୋଞ୍ଜାଲୋ ପିଲାଟ, ପେଡ୍ରୋ ଇବାରା (ଅଧିନାୟକ), ଜୁଆନ ଇଗ୍ନାସିଓ ଗିଲାର୍ଡି, ଇଗ୍ନାସିଓ ଓର୍ଟିଜ, ଜୁଆନ ମାର୍ଟିନ ଲୋପେଜ, ମାଟିଆସ ରେ, ଲୁକାସ ରୋସି, ଅଗଷ୍ଟିନ ବୁଗାଲୋ, ନିକୋଲାସ ସିସିଲେଓ, ଟୋମାସ ବେଟାଗ୍ଲିଓ, ମାଟିଆସ ପରେଡେସ, ଅଗଷ୍ଟିନ ମାଜିଲି, ଲୁକାସ ଭିଲା, ମାଇକୋ କାସେଲା, ଲୁକାସ ମାର୍ଟିନେଜ, ଜୋଆକ୍ୱିନ ମେନିନି । ମୁଖ୍ୟ କୋଚ୍: ଜର୍ମାନ ଓରୋଜ୍‌କୋ ।

**ଦକ୍ଷିଣ ଆଫ୍ରିକା ଦଳ:** ଟିମ୍ ଡ୍ରୁମଣ୍ଡ(ଅଧିନାୟକ), ଡାୟାନ କାସିଏମ, ଟେଲର ଡାର୍ଟ, ଟାଇସନ ଡ୍ଲୁଙ୍ଗୱାନା, ଜେଥ୍ରୋ ୟୁଷ୍ଟିସ, ରେଞ୍ଚ ହାକେଟ, ଟମି ହାମଣ୍ଡ, କେନାନ ହର୍ନ, ଜୁଲିଆନ ହକ୍ସ, ଗୋୱାନ ଜୋନ୍ସ, ପେଆବୋ ଲେମ୍ବେଥ, ମୋ ମିଆ, ବିଲି ଏନଟୁଲି, ଟେନ ପାଟନ, ରିଚାର୍ଡ ପାଉଜ୍, ରାସେ ପିଟର୍ସ, ଅଷ୍ଟିନ ସ୍ମିଥ, ନିକ୍ ସ୍ପୋନ୍ସର । ମୁଖ୍ୟ କୋଚ୍: ମାର୍କ ହପ୍‌କିନ୍ସ ।

## ବ୍ୟାଟିଂ କୋଚ୍ ବାଙ୍ଗରଙ୍କୁ ସିଡ୍‌ନୀ ପଠାଗଲା

ନୂଆଦିଲ୍ଲୀ, ୨୦।୧୧ (ପି.ଟି.)

ବୁଧବାରଠାରୁ ଅଷ୍ଟ୍ରେଲିଆ ବିପକ୍ଷ ଟି ୨୦ ସିରିଜ ଆରମ୍ଭ ହେବାକୁ ଥିବା ବେଳେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଏହାର ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗରଙ୍କୁ ସିଡ୍‌ନୀ ପଠାଇବା ଲାଗି ନିଷ୍ପତ୍ତି ନେଇଛି । ସେ ଟେଷ୍ଟ ସ୍ପେଶାଲିଷ୍ଟଙ୍କୁ ପ୍ରସ୍ତୁତ କରିବାରେ ସହାୟତା କରିବେ । ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଟେଷ୍ଟ ସିରିଜ ଡିସେମ୍ବର ୬ରୁ ଆରମ୍ଭ ହେବ । ବ୍ରିସ୍‌ବେନ ଠାରେ ବୁଧବାର ଭାରତ ପ୍ରଥମ ଟି୨୦ ମ୍ୟାଚ ଖେଳିବ । କିନ୍ତୁ ବାଙ୍ଗର ସିଡ୍‌ନୀଠାରେ ପରବର୍ତ୍ତୀ ୫ ଦିନ ଧରି ନେଟ୍ ସେସନରେ ପୃଥ୍ୱୀ ଶ' ଓ ହନୁମା ବିହାରୀଙ୍କ ଭଳି ବ୍ୟାଟ୍ସମ୍ୟାନଙ୍କୁ ତାଲିମ ଦେବେ । ଉଭୟ ପୃଥ୍ୱୀ ଓ ହନୁମାଙ୍କର ଏହା ହେଉଛି ପ୍ରଥମ ଅଷ୍ଟ୍ରେଲିଆ ଟୁର୍ । ନଭେମ୍ବର ୨୫ ପର୍ଯ୍ୟନ୍ତ ସେମାନଙ୍କ ସହିତ ଅଜିଙ୍କ୍ୟ ରାହାନେ, ମୁରଲୀ ବିଜୟ ଏବଂ ପାର୍ଥିବ ପଟେଲ ମଧ୍ୟ ଟ୍ରେନିଂ ନେବେ । ପ୍ରଥମଥର ଅଷ୍ଟ୍ରେଲିଆ ଟୁର୍‌ରେ ଯାଇଥିବା ଖେଳାଳିଙ୍କୁ ସେଠିକାର କଣ୍ଡିଶନରେ କିପରି ଖେଳିବାକୁ ହେବ ସେନେଇ ବାଙ୍ଗର ଟିପ୍ସ ପ୍ରଦାନ କରିବେ ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଚୋରାକାଠ ବୋଝେଇ ମିନିଟ୍ରକ୍ ଜବତ

ଭଣ୍ଡାରିପୋଖରୀ, ୨୦।୧୧(ଡି.ଏନ୍.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଦିନକୁ ଦିନ ଚୋରାକାଠ ବ୍ୟବସାୟୀଙ୍କ ପାର୍ଦୁର୍ଭାବ ବଢ଼ିବାରେ ଲାଗିଛି। ସୋମବାର ରାତି ସାଢ଼େ ୮ଟା ସମୟରେ ଭଣ୍ଡାରିପୋଖରୀ ରେଞ୍ଜ ଅଧୀନ ବନ୍ତ ବ୍ଲକର ପ୍ରଧାନପଡା ରାସ୍ତାରେ ଏକ ମିନିଟ୍ରକ (ଓଆର ୦୧ ବି ୯୦୧୧) ରେ ଚୋରା କାଠଗଣ୍ଡି ନିଆଯାଉଥିବା ସୂଚନା ପାଇ ଧାମନଗର ରେଞ୍ଜ ଅଫିସର ସମୀର କୁମାର ରାଉତ, ବନପାଳ ପ୍ରକାଶ ଦାସ ପ୍ରମୁଖ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଥିଲେ। ଜବତ ୧୦୦ ସିଫ୍ଟ କାଠଗଣ୍ଡି ମଧ୍ୟରେ ପୁଣ୍ଟିଆ, ନିମ୍ବ ରହିଛି। ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ହେବ ।

# କମୁଛି ଚାଷୀ ପରିବାରର ଆୟ

**ଭୁବନେଶ୍ୱର,୨୦।୧୧(ବ୍ୟୁରୋ)** ଚାଷୀଙ୍କ ଆୟ ଦୁଇଗୁଣ ବୃଦ୍ଧି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବାରମ୍ବାର ଘୋଷଣା କରୁଥିବା ବେଳେ ଓଡ଼ିଶାରେ ଚାଷୀ ପରିବାରର ଆୟ ବଢ଼ିବା ପରିବର୍ତ୍ତେ କମିବାରେ ଲାଗିଛି। ଭାଜପା ସଦସ୍ୟ ଦିଲୀପ ରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ପ୍ରଦୀପ ମହାରଥୀ ଦେଇଥିବା ବିସ୍ତୃତ ପରିସଂଖ୍ୟାନରୁ ଏହା ଜଣାପଡ଼ିଛି। ୨୦୧୨-୧୩ରେ ଓଡ଼ିଶାରେ ଚାଷୀ ପରିବାରର ହାରାହାରି ଆୟ ୫୩,୪୫୦ଟଙ୍କା ଥିବାବେଳେ ୨୦୧୩-୧୪ରେ ଏହା ୫୦,୩୦୪ ଟଙ୍କାକୁ କମିଥିଲା। ତେବେ ୨୦୧୪-୧୫ରେ ଏହା ୫୪,୮୬୭ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ୨୦୧୫-୧୬ରେ ଓଡ଼ିଶାରେ ଚାଷୀ ପରିବାରର ଆୟ ୪୭,୯୮୮ ଟଙ୍କା ଥିଲା ବୋଲି ମନ୍ତ୍ରୀ ଦର୍ଶାଇଛନ୍ତି। ୨୦୧୫-୧୬ରେ ଚାଷୀ ଲାକ୍ଷାଦ୍ୱୀପ, ଦିଲ୍ଲୀ, ଚଣ୍ଡିଗଡ଼ ଆଦିରେ ପରିବାରର ବାର୍ଷିକ ହାରାହାରି ଆୟ ୨ ଲକ୍ଷ ଟଙ୍କାରୁ ଅଧିକ ରହୁଥିବା ବେଳେ ପଞ୍ଜାବରେ ୧,୯୭,୯୮୧ ଟଙ୍କା। ଅନ୍ୟ ଯେଉଁସବୁ ରାଜ୍ୟରେ ୨୦୧୫-୧୬ରେ ଚାଷୀ ପରିବାରର ହାରାହାରି ଆୟ ୧ ଲକ୍ଷ ଟଙ୍କାରୁ ଅଧିକ ରହିଛି ସେଗୁଡ଼ିକ ହେଲା ହରିୟାଣା, ଅରୁଣାଚଳ ପ୍ରଦେଶ, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଗୁଜରାଟ, କର୍ଣାଟକ, କେରଳ, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ। ୨୦୧୫-୧୬ ରେ ଓଡ଼ିଶାରେ ଚାଷୀ ପରିବାରର ହାରାହାରି ଆୟ ୪୭,୯୮୮ ଟଙ୍କା ଥିବା ବେଳେ ବିହାରରେ ଏହା ୩୬,୩୩୩ ଟଙ୍କା ରହିଛି। ମୋଟାମୋଟି ଭାବେ ବିଧାନସଭାରେ ମନ୍ତ୍ରୀ ଦେଇଥିବା ବିସ୍ତୃତ ପରିସଂଖ୍ୟାନ ବିଶ୍ଳେଷଣରୁ ଜଣାପଡ଼ିଛି ଯେ ୨୦୧୫-୧୬ବର୍ଷରେ ଦେଶର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ଓଡ଼ିଶାର ସ୍ଥାନ ୩୫ରେ ରହୁଛି। କେବଳ ବିହାର ଓଡ଼ିଶା ପଛକୁ ଅଛି। ମନ୍ତ୍ରୀ କହିଛନ୍ତି ଯେ ୨୦୧୨-୧୩ରେ ଓଡ଼ିଶାରେ କୃଷି ପରିବାରର ମାସିକ ହାରାହାରି ଆୟ ୪୯୭୬ ଟଙ୍କା ଆକଳନ କରାଯାଇଥିଲା। ଏଥିମଧ୍ୟରୁ କୃଷିରୁ ୧୪୦୭ ଟଙ୍କା ଥିବା ବେଳେମଜୁରୀରୁ ୧୭୧୬, ପଶୁ ପାଳନରୁ ୧୩୧୪ ଓ ଅଣକୃଷି ବ୍ୟବସାୟରୁ ୫୩୯ ଟଙ୍କା ବୋଲି ହିସାବକୁ ନିଆଯାଇଛି। ମୋଟାମୋଟି ଭାବେ କୃଷିରୁ ମାସିକ ହାରାହାରି ଆୟ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ତଳଆଡୁ ଦ୍ୱିତୀୟରେ ରହିଛି।

■ ଯୁବକଙ୍କୁ ହାଣି ହତ୍ୟା

## ଅଭିଯୁକ୍ତଙ୍କ ଆତ୍ମସମର୍ପଣ

**ମୋରଡା,୨୦।୧୧** ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଡାହିସାହି ଗାଁରେ ସୋମବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ବ୍ୟକ୍ତି ଜଣେ ଯୁବକଙ୍କୁ ଏକ ମାରଣାସ୍ତ୍ରରେ ହାଣି ହତ୍ୟା କରିଛନ୍ତି। ମୃତକଙ୍କ ପରିଚୟ ମିଳି ପାରି ନାହିଁ। ଏହି ଘଟଣାରେ ଡାହିସାହି ଗ୍ରାମର ଠାକୁରା ମାରାଣ୍ଡି ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏନେଇ ମୋରଡ଼ା ଥାନା ପୋଲିସ ଏକ ମାମଲା (ନଂ ୯୫/୧୮) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ମୃତ ଯୁବକ ଜଣକ ଏକ ମାଇକ୍ରୋ ଫାଇନାନ୍ସ କମ୍ପାନୀରେ କାମ କରୁଥିଲେ। ଏଥିଯୋଗୁ ଅଧିକାଂଶ ସମୟ ମୋରଡା ଯାଉଥିବା ବେଳେ ଠାକୁରାଙ୍କ ପରିବାର ସହ ତାଙ୍କର ପରିଚୟ ହୋଇଥିଲା। ହେଲେ ଠାକୁରାଙ୍କ ଅନୁପସ୍ଥିତିରେ ସେ ତାଙ୍କ ଘରକୁ ଯାଆସ କରୁଥିବା ସେ ଶୁଣିବାକୁ ପାଇଥିଲେ। ସୋମବାର ରାତିରେ ଠାକୁରା ଘରେ ପହଞ୍ଚି ଉକ୍ତ ଯୁବକଙ୍କୁ ଦେଖି ଉତ୍ତ୍ୟକ୍ତ ହୋଇଯାଇଥିଲେ। ଏହାପରେ ଏକ ମାରଣାସ୍ତ୍ର ଧରି ଗାଁ ରାସ୍ତାରେ ଗୋଡାଇ ଗୋଡାଇ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହେବା ପରେ ସେ ତାଙ୍କୁ ଘୋଷାରି ଘୋଷାରି ଗ୍ରାମ ନିକଟରେ ଥିବା ବିଲରେ ପକାଇ ଦେଇଥିଲେ। ମଙ୍ଗଳବାର ସକାଳେ ମୋରଡା ଥାନାରେ ସେ ଆତ୍ମସମର୍ପଣ କରିଛନ୍ତି । ମୋରଡା ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପିଆରଏମ ମେଡିକାଲ କଲେଜ ପଠାଯାଇଛି। ଘଟଣାସ୍ଥଳରୁ ସ୍କୁଟି ଓ ମୋବାଇଲ ପୋଲିସ ଜବତ କରିଥିବା ବେଳେ ମୃତ ଯୁବକଙ୍କ ପରିଚୟ ମିଳି ପାରି ନାହିଁ।

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣାମେଣ୍ଟ ଉଦ୍‌ଘାଟିତ

**ଜୁନାଗଡ,୨୦।୧୧(ସ୍ୱ.ପ୍ର.)** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ମାଟି ଗାଁ ଖେଳ ପଡିଆଠାରେ ମାଟି ଗାଁ ଫୁଟବଲ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ଧର୍ମଗଡ ଓ କେସିଙ୍ଗାର ସିକେରକୁପା ମଧ୍ୟରେ ଖେଳ ହୋଇଥିଲା। କେସିଙ୍ଗା ୨-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ନୂଆପଡା ଜିଲା ବୋର୍ଡା ଓ କର୍ଲାକୋଟ ମଧ୍ୟରେ ଅନୁଷ୍ଠିତ ଖେଳରେ ବୋର୍ଡା ୩-୦ ଗୋଲରେ ବିଜୟୀ ହୋଇଥିଲା। ଉଦଘାଟନୀ ମ୍ୟାଚରେ ମୁଖ୍ୟଅତିଥି ଭାବରେ ସାମାଜିକ କର୍ମୀ ଦୁର୍ଯ୍ୟୋଧନ କାଣ୍ଡ, ସମ୍ମାନିତ ଅତିଥି ଭାବେ ନେତ୍ରାନନ୍ଦ ମହାନ୍ତି, ସ୍ଥାନୀୟ ସରପଞ୍ଚ ଦୁର୍ଯ୍ୟୋଧନ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ଶିକ୍ଷାବିତ ଗୋପିନାଥ ପାଣ୍ଡେ, ଅଚ୍ୟୁତାନନ୍ଦ ଦଣ୍ଡସେନା, ଅବସରପ୍ରାପ୍ତ ଶିକ୍ଷକ ଦୁଃଖିଶ୍ୟାମ ଦଳପତି, ରାମଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଧାରା ବିବରଣି ସିନ୍ଧୁରାମ ଗୁରୁ ପ୍ରଦାନ କରିଥିବା ବେଳେ ଆୟୋଜକ ସଭାପତି ନାରାୟଣ ପାଣ୍ଡେ, ଉପ ସଭାପତି ଭଗବାନ ଦଳପତି, ସମ୍ପାଦକ ରାମଚନ୍ଦ୍ର ନାଏକ, ସାରଳା ଚଳାନ ପ୍ରମୁଖ ସହଯୋଗ କରିଥିଲେ।



ଫୁଟବଲ ଉଦ୍‌ଘାଟନୀ ମ୍ୟାଚରେ ଅତିଥି ସହ ଖେଳାଳି ।

## ଆରଏମ୍‌ସିରେ କର୍ମଚାରୀ ମରୁଡ଼ି

**ଭୁବନେଶ୍ୱର, (ବ୍ୟୁରୋ)** ରାଉରକେଲା ମହାନଗର ନିଗମରେ (ଆର୍‌ଏମ୍‌ସି) ପର୍ଯ୍ୟାପ୍ତ ସଂଖ୍ୟକ କର୍ମଚାରୀ ନ ଥିବାରୁ ପରିମଳ ବ୍ୟବସ୍ଥା ସମେତ ଅନ୍ୟାନ୍ୟ କାର୍ଯ୍ୟ ଗୁରୁତର ବ୍ୟାହତ ହେଉଛି। ଭାଜପା ସଭ୍ୟ ଦିଲ୍ଲିପ ରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମଙ୍ଗଳବାର ବିଧାନସଭାରେ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ଆର୍‌ଏମ୍‌ସି ପାଇଁ ବିଭିନ୍ନ ପାହ୍ୟାର ୬୭୦ ମଞ୍ଜୁରୀପ୍ରାପ୍ତ ଓ ୧୦୮ଟି ଅସ୍ଥାୟୀ ଓ ଠିକା ପଦବୀ ରହିଛି। ମଞ୍ଜୁରୀପ୍ରାପ୍ତ ନିୟମିତ ପଦବୀଗୁଡ଼ିକ ମଧ୍ୟରୁ ୧୫୭ ଖାଲି ପଡ଼ିଛି। ଖାଲି ପଦବୀ ମଧ୍ୟରେ ୪୨ ସଫେଇ କର୍ମଚାରୀ, ୩ଟି ୱାର୍କଚାର୍ଜ ସହିତ ମୁନିସିପାଲ୍ କମିଶନର୍, ଯନ୍ତ୍ରୀ, ପିଅନ, ଡ୍ରାଇଭର ଆଦି ବିଭିନ୍ନ ପାହ୍ୟାରେ ମଧ୍ୟ ଅନେକ ପଦବୀ ଖାଲିପଡ଼ିଛି। ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି ଯେ ମହାନଗର ନିଗମ ଆଇନ୍ ଅନୁଯାୟୀ ଆର୍‌ଏମ୍‌ସି ପାଇଁ ଆଉ ୧୦୮ଟି ଅତିରିକ୍ତ ପଦବୀ ଦରକାର ପଡୁଥିବା ବେଳେ ସେଥିରୁ ୮୧ ଖାଲି ପଡ଼ିଛି। ୩ ଡେପୁଟି କମିଶନର୍, ୧୦ ସାନିଟାରୀ ଇନ୍ସପେକ୍ଟର, ମୁଖ୍ୟ ଅଡିଟର୍, ମୁଖ୍ୟ ବିତ୍ତ ଅଧିକାରୀ, ବସ୍ତି ଉନ୍ନୟନ ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀ, ସହକାରୀ ସ୍ୱାସ୍ଥ୍ୟ ଅଧିକାରୀ, ସିଟି ଇଞ୍ଜିନିୟର୍, ଜୁଡ଼ିସିଆଲ୍ ମାଜିଷ୍ଟ୍ରେଟ୍, ସହକାରୀ ଓ କନିଷ୍ଠ ଯନ୍ତ୍ରୀ, ବିଧି ଅଧିକାରୀ, ପରିବେଶ ଅଧିକାରୀ, କମ୍ୟୁନିଟି ଅର୍ଗାନାଇଜର୍ ଆଦି ପାହ୍ୟାରେ ଅନେକ ପଦବୀ ଖାଲିପଡ଼ିଛି। ସେ ପୁଣି ସ୍ୱୀକାର କରିଛନ୍ତି ଯେ ପ୍ରତି ୧୦ ହଜାର ଲୋକଙ୍କ ପାଇଁ୨୮ ଜଣ ସଫେଇ କର୍ମଚାରୀ ଦରକାର। ଏହି ଆଧାରରେ ରାଉରକେଲା ମହାନଗର ନିଗମ ଅଞ୍ଚଳରେ ନାଳ ନର୍ଦ୍ଦମା ସଫେଇ ସହିତ ପ୍ରତି ଘରୁ ଆବର୍ଜନା ସଂଗ୍ରହ ପାଇଁ ୮୬୮ଜଣ କର୍ମଚାରୀ ଆବଶ୍ୟକ ପଡୁଥିବା ବେଳେ ମାତ୍ର ୩୩୫ ଜଣଙ୍କୁ ନେଇ କାମଚାଲିଛି। ଏହିସଂସ୍ଥା ପାଇଁ୪୫ ଝାଡୁଦାର ଜମାଦାର ପଦବୀରୁ ୩୪ଟି ଖାଲିପଡ଼ିଥିବା ବେଳେ ୪୫ଟି ସ୍ୱିପର୍ ସୁପର୍‌ଭାଇଜର ପଦବୀରୁ ୧୦ ଖାଲି। ଏହାଛଡ଼ା ରାଉରକେଲା ପାଇଁ ବାସ୍ତବରେ ୨୦ ଜଣ ସାନିଟାରୀ ଇନ୍ସପେକ୍ଟର ଆବଶ୍ୟକ ହେଉଥିବା ବେଳେ ମାତ୍ର ୬ ଜଣଙ୍କୁ ନେଇ କାମ ଚଳାଯାଉଛି। ମୋଟାମୋଟି ଭାବେ ରାଉରକେଲାର ପରିମଳ ପାଇଁ ୯୭୯ ଜଣ କର୍ମଚାରୀ ଆବଶ୍ୟକ ଥିବା ବେଳେ ମାତ୍ର ୩୮୮ ଜଣଙ୍କୁ ନେଇ କାମ ଚଳାଯାଉଛି।


**GOVERNMENT OF ODISHA, OFFICE OF THE EXECUTIVE ENGINEER RURAL WORKS DIVISION-II, KENDRAPARA**

1054-O

**1st Corrigendum to bid identification No. E-procurement R.W.D.-II/KPD-06/2018-19 dt.30.10.2018**

1. The period of sale and availability of tender on line bidding for work invited vide above tender call notice is modified to the following extent.
2.

| E Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Last date and time of seeking tender clarification | Opening of Bid |
| 1 | 2 | 3 | 4 | 5 | 6 |
| Executive Engineer, Rural Works, Division-II, Kendrapara | R.W.D-II/KPD -06/18-19 | 26.11.2018 From 11:00AM | 10.12.2018 upto 5.00PM | 10.12.2018 upto 5:00PM | 11.12.2018 at 11.00AM |

All other term and condition in respect of the work invited vide above tender call notice remain unaltered.
1. All other details can be seen in the bidding documents which is available in the website www.tendersodisha.gov.in
2. Authority reserves the right to reject any or all the tenders without assigning any reason thereof.

25098/11/0016/1819 — *Sd./- Rural Works Division-II, Kendrapara*

No. 56-N

**GOVERNMENT OF ODISHA**
**DEPARTMENT OF HIGHER EDUCATION**

**EXTENSION OF DATELINE FOR ONLINE SUBMISSION OF APPLICATIONS AND VALIDATION OF APPLICATIONS FOR "E-MEDHABRUTI" FOR THE YEAR 2018-19 (FRESH) & (RENEWAL) FOR ALL CATEGORIES OF MERIT**

It is hereby informed to all concerned that submission of online applications by the students belonging to Senior / Professional & Technical and PG for the academic year 2018-19 (Fresh) and online validation of such applications by Principals / Head of the Institutions of both Fresh and Renewal applications is hereby extended as noted below:

**EXTENDED TIMELINE FOR ONLINE SUBMISSION AND VALIDATION OF FRESH & RENEWAL MEDHABRUTI APPLICATIONS**

| | Activities | Scholarship Type | Date of Extension |
|---|---|---|---|
| Students of SAMS Institutions (+2 and +3 colleges) | Fresh (Submission of required documents in the concerned colleges for uploading in the medhabruti portal) | Jr. Merit / Sr. Merit | 12.12.2018 |
| Students of Non-SAMS institutions | Fresh (online submission of applications by the students belonging to Professional / Technical and PG) | Sr. Merit / P.G. Merit / Technical & Professional Merit | 12.12.2018 |
| Heads of Institutions / Principals of SAMS / Non-SAMS Institutions | Fresh (Online validation of applications) | Jr. / Sr. / P.G. / Technical & Professional Merit | 15.12.2018 |
| Heads of Institutions / Principals of SAMS / Non-SAMS Institutions | Renewal (Online validation of applications) | -do- | Till all committed renewal cases are validated in the current financial year |

**NB:** Online validation by Principal of concerned Institutions is mandatory for getting for both Fresh and renewal scholarship by the eligible students.

In case of any problem faced by the Institutes at the time of online validation, they may refer FAQs available at home page of the website or take the help of Sanjog Helpline (Toll Free) No. 155335/ 18003456770 / 0674-2396550 or email on emedhabruti1819@gmail.com

*Sd./- Additional Secretary to Government*

11001/11/0047/1819

**ପୌର ପରିଷଦ, ମାଲକାନଗିରି**
OFFICE OF THE
MUNICIPAL COUNCIL, MALKANGIRI
**Odisha, PIN - 764045, Ph.: 06861 - 230244**

**Lt. No. 3063/Mpl./2018** — **Dated: 17.11.2018**

**PROCLAMATION NOTICE**

**Housing For All under PMAY (U)**

A demand survey action plan is prepared for Housing For All under Pradhan Mantri Awas Yojana (PMAY) by Stesalit System Ltd., Koolkata. The firm is completed the survey work on 24.09.2018. The list of the beneficiaries is hereby published in the office Notice Board of Malkangiri Municipality from 20.11.2018 to 30.11.2018.

If any individual having **any query / objection / left out / missing documents** may consult to this office from 20.11.2018 to 30.11.2018 during office hour, otherwise your claim should not be entertained.

For any query / objection / left out / missing documents may contract to the following person:-
1) Sri Sibtain Anwar, Team Leader, Stesalit System Ltd., Mob.: 9126386060
2) Sri Rejaul Karim, District Co-Ordinator, Stesality System Ltd. Mob.9777911496
3) Sri. Indu Madhab Sarkar, A.E, Malkangiri Municipality, Mob.: 8763601900

**Sd./- Executive Officer, Malkangiri Municipality**

OFFICE OF THE DIRECTOR OF AGRICULTURE & FOOD PRODUCTION, ODISHA, BHUBANESWAR

**Corrigendum to the Notice No.104-L for E.O.I for supply of different agril, machinery**

**6.2. The tender conditions mentioned in the paragraph 6.2. is omitted.**

**Sl. 9 The performance security (Financial Terms) in the EOI invited vide Notice No.104-L is replaced as follows.**

9.1 To ensure due performance of the contract, performance security will be obtained from the successful bidder awarded the contract. Performance security shall be for an amount of 10% of the value of the contract.

9.2 Successful bidder shall have to deposit performance security @10% of the contract/ordered value for the supply of machinery/implements in shape of Bank Guarantee in favour of the "Development Engineer, OFMRDC, Bhubaneswar from any of the commercial Bank as specified in Annexure-II. Performance security shall remain valid for a period of sixty days beyond date of completion of all contractual obligations.

Appendix-IIA: Specification for Primary Processing of Ragi B 16 of the specification-SS is omitted.

No.109-L

01051/11/0003/1819 — **Sd./- Chief Engineer (Agril.)**

**ODISHA SPACE APPLICATIONS CENTRE (ORSAC)**
**Dept. of Science & Technology, Govt. of Odisha**
**Plot No.45/48, Jayadev Vihar, Near Gopabandhu Academy of Administration, Unit-16, Bhubaneswar-751 023**

**TENDER NOTICE No. 17 / 2018**

**Tender for Hiring of Vehicles**

No.CAD-1046: Sealed tenders are invited from reputed registered Travel Agents for empanelment to provide hired vehicles to the office of the undersigned. Bidding firms should have capabilities along with adequate supply experience in the concerned field.

| | | |
|---|---|---|
| Cost of Tender Paper | : | Rs. 1000/- |
| Period of Issue of Tender Paper | : | 22.11.2018 to 07.12.2018 (11AM to 4 PM) |
| Earnest Money Deposit | : | Rs.50,000/- |
| Last Date of Submission of Tender | : | 10.12.2018 upto 1 P.M. |
| Opening of Technical/ Commercial Bid | : | 10.12.2018 at 3.30 P.M. |

ORSAC reserves the right to accept/reject/modify and cancel the full tender or part thereof at any time without assigning any reason thereof.

For details, please visit http://www.odisha.gov.in or http://www.orsac.gov.in or in the above office for the tender papers.

28007/11/0017/1819 — **CHIEF EXECUTIVE**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BOUDH**

**No.: 3440/2018/Boudh** — **Date: 20.11.18**

**TENDER CALL NOTICE**

No.:590-E: Sealed tenders are invited from intended Manufacturers/Whole Sellers/Suppliers for supply of **BCL items for Boudh District**. The details are available in the district website: **www.boudh.nic.in**. The eligible bidders may submit their tender papers **on or before Dt.03.12.2018 by 12.00 Noon** through Registered Post or Speed Post or Courier Services only to the undersigned. The tender documents will be opened on **Dt.04.12.2018 at 11.30 A.M.** in the Office Chamber of the undersigned in presence/ absence of the bidders. The undersigned reserves the right to accept or reject any or all the tender without assigning any reason thereof.

10107/11/0031/1819 — **Sd./- CDM & PHO, Boudh**

OFFICE OF THE
MUNICIPAL COUNCIL, SONEPUR

**"e" Procurement Notice**

**Bid Identification No. SNP-MUN-04/2018-19**

**Tender Call Notice No.2675** — **Date: 17.11.18**

Bid documents consisting of work, Estimated Cost, Cost of tender paper, EMD, Time of completion, Class of contractors and the set of terms and conditions of contract & other necessary documents can be seen in Govt. website i.e. **www.tendersodisha.gov.in**.

| | | |
|---|---|---|
| 1. Name of the work | : | As per DTCN |
| 2. No. of works | : | 15 Nos. |
| 3. Amount put to tender | : | As per DTCN |
| 4. Period of completion | : | As per DTCN |
| 5. Starting date & time of bidding | : | From **Dt.21.11.2018** from **11.00 AM** |
| 6. Last date & time for receipt of tenders through online | : | Upto **Dt.30.11.2018** upto **05.00 PM** |
| 7. Submission of origianl document | : | On or before **Dt.01.12.2018** within **05.00 PM** |
| 8. Bids received online shall be opened on | : | On **Dt.03.12.2018** at **11.00 AM** |
| 9. Name and address of the officer inviting bid | : | Executive Officer, Sonepur Municipality |

Further details can be seen from the procurement portal i.e. **www.tendersodisha.gov.in**.

**Sd./- Executive Officer Sonepur Municipality**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS CIRCLE, BHAWANIPATNA**

**NOTICE**

**FOR PRADHAN MANTRI GRAM SADAK YOJANA (PMGSY BATCH-I)**

**NATIONAL COMPETITIVE BIDDING THROUGH "e"-Procurement**

**Bid identification No. BPT/Online-06/2018-19**

No.: 1046-O: **The Superintending Engineer, Rural Works Circle, Bhawanipatna on behalf of Odisha State Rural Road Agency invites the percentage rate bids** in electronic tendering system for construction of roads under Pradhan Mantri Gram Sadak Yojana in the districts of **Kalahandi & Nuapada for 07 Packages (Seven)** number of packages with estimated cost totalling to **Rs.24.67 Cr (Approximate)** including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement. Dtd. 22.11.2018.

**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB in the O/o the Engineer-In-Chief, Rural Works (PMGSY Branch), Odisha, Bhubaneswar/Superintending Engineer, Rural Works Circle, Bhawanipatna/ Concerned Executive Engineers, R.W.Division (as per Tender Call Notice), **on a date not later than three working days after the opening of technical qualification part of the Bid, either by registered post or by hand,** failing which the bids shall be declared non-responsive.

Last Date/ Time for receipt of bids through e-procurement: 13.12.2018 up to 5.00 P.M.

For further details and corrigendum/addendum (if any) please log on to www.pmgsytenders.gov.in.

**Sd./- Superintending Engineer R.W. Circle, Bhawanipatna**

**25102/11/0010/1819**

ODISHA HOCKEY MEN'S WORLD CUP — ଶିକ୍ଷା ଅଧିକାର — ODISHA

DISTRICT PROJECT OFFICE, SARVA SHIKSHYA ABHIYAN, MAYURBHANJ
Baripada, PIN- 757002, Ph. No.: 06792 - 260865
Fax: 06792 - 260007
Email: dpcmayurssa.opepa@nic.in

No. 7292 — Date: 19.11.18

In pursuance to the advertisement published vide no.5230 dtd.04.06.2018 the Final Merit list of candidates for different posts in Kasturaba Gandhi Balika Vidyalayas (KGBV) under Mayurbhanj District have been hosted in the website of **www.opepa.odisha.gov.in** & **www.mayurbhanj.nic.in** for information of the candidates. The candidates find placed in the final merit list are required to appear for counselling, execution of agreement on dt.05.12.2018 with two agreement papers of worth Rs.10/- four nos. of passport size colour photograph at 10 AM onwards. The candidates who will not attend on the above said scheduled date, their cases will not be considered.

**Sd./- District Project Coordinator RTE-SSA, Mayurbhanj**

OFFICE OF THE
NOTIFIED AREA CUNCIL, KESINGA
KALAHANDI - 766012
e-mail: Kesinganac@gmail.com

No. 2724/NAC(K) — Dated the 20.11.2018

**SHORT QUOTATION CALL NOTICE**

Sealed quotations in prescribed format are invited through **Registered Post /Speed Post** only from the intending authorised frims / Agencies having upto date GSTN/ PAN / TIN / SRIN for erection of Retro Welcome Gate on the entrance and exit point of NH road including fitting and fixing in position with retro reflective signage board using 3mm ACP sheets in N.A.C., Kesinga. As per detailed specification, term and condition in separate work schedule 'A'. The schedule is obtainable from the office of the undersigned during office hours from **19.11.2018** to **29.11.2018** upto **13.00 hrs.** on working days only on payment of **Rs.11,200.00 only** (Rupees Eleven thousand two hundred) (including 12% GST) in shape of bank in cash deposit receipt of Kesinga N.A.C. / NSC / Postal Saving passbook / KVP / Deposit receipt of schedule bank drawn / pledged in favour of Executive Officer, N.A.C., Kesinga towards cost of quotation schedule which is non-refundable. All quotations are to be received in the office of the undersigned during office hour upto **13.00 hours** on date **01.12.2018**. The quotations will be opened by the undersigned or authorised official on the **03.12.2018** at **13.30 hours** in the presence of the quotationers or their authorised representatives who wish to remain present at that time.

Other details can be seen in the quotation documents. The authority reserves the right to accept or reject any or all the quotation without assigning any reason thereof.

**Sd./- Executive Officer, N.A.C., Kesinga**



“ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ, ଜଣେ ଗିରଫ

**ରୂପ୍‌ସା, ୨୦।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ଲଛମନଖୁଣ୍ଟା ଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏହି ଘଟଣାରେ ପୋଲିସ କାର୍ତ୍ତିକ ମହାନ୍ତି ନାମକ ଯୁବକଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। କାର୍ତ୍ତିକ ପଡ଼ୋଶୀ ରାଧାଗୋବିନ୍ଦ ଦାସଙ୍କ ଘରର ଆଜବେଷ୍ଟସ୍ ଭଙ୍ଗାରୁଜା କରିବା ସହ ଗାଳିଗୁଲଜ କରି ହତ୍ୟା ଧମକ ନେଇ ଏକ ମାମଲା (ନଂ. ୮୭/୧୮) ରୁଜୁ ହୋଇଥିଲା। ଅପରପକ୍ଷରେ କାର୍ତ୍ତିକଙ୍କ ପତ୍ନୀ ଶାନ୍ତିଲତାଙ୍କୁ ରାଧାଗୋବିନ୍ଦ ଅସଦାଚରଣ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ ୮୬/୧୮) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ସୋମବାର ରାତିରେ ସଦଳବଳେ ପୋଲିସ୍ ଚଢ଼ାଉ କରି ଅଭିଯୁକ୍ତ କାର୍ତ୍ତିକଙ୍କୁ ଗିରଫ କରିଛି।

ଓଡ଼ିଶା ଜ୍ଞାନପୁଞ୍ଜ ବକ୍ତୃତାମାଳା

# ତିନିପାଦ ଭୂମିକୁ ନେଇ ସାହିତ୍ୟ: ପ୍ରତିଭା ରାୟ

**ଭୁବନେଶ୍ୱର,୨୦।୧୧(ବ୍ୟୁରୋ)** ଜଣେ ସାହିତ୍ୟିକ ବାକ୍ ସ୍ୱାଧୀନତା ଆଳରେ ବିଦ୍ୱେଷ ସୃଷ୍ଟିକାରୀ, ଅଣ ସଂସ୍କୃତି ସମ୍ପନ୍ନ ଏବଂ ହିଂସା ସୃଷ୍ଟିକାରୀ ଲେଖା ଲେଖିବା ଅନୁଚିତ। ବିଶ୍ୱପ୍ରାଣତା ଓ ଜଗତ କଲ୍ୟାଣ ହେଉଛି ସାହିତ୍ୟର ପ୍ରମୁଖ ଦିଗ୍‌ବଳୟ। ବିଦ୍ୱେଷ ଓ ହିଂସା ସୃଷ୍ଟିକାରୀ ଲେଖା କେବେ ବି ସାହିତ୍ୟିକର ସ୍ୱାଧୀନତାକୁ ପ୍ରତିଫଳନ କରେନାହିଁ ବୋଲି କହିଛନ୍ତି ଓଡ଼ିଶାର ଲୋକପ୍ରିୟ ତଥା ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ସାହିତ୍ୟିକା ଡ. ପ୍ରତିଭା ରାୟ।

ଓଡ଼ିଶା ଜ୍ଞାନପୁଞ୍ଜ ବକ୍ତୃତାମାଳାର ଅଷ୍ଟାଦଶ ବକ୍ତୃତା ପ୍ରଦାନ କରି ଡ. ରାୟ ଏଭଳି ମତ ରଖିଛନ୍ତି। ସେ କହିଛନ୍ତି, ସାହିତ୍ୟ ତିନିପାଦ ଭୂମି ଉପରେ ଆଧାରିତ। ପ୍ରଥମ ପାଦଟି ହେଲା ନିଜର ମାଟି ଓ ଭାଷା। ଦ୍ୱିତୀୟ ପାଦଟି ହେଉଛି ଅନ୍ତର ଚେତନା ଏବଂ ତୃତୀୟଟି ହେଉଛି ବିଶ୍ୱମୟ ଅନନ୍ତ ଆକାଶ। କାଳଜୟୀ ସାହିତ୍ୟ ପ୍ରେମ, ନିର୍ଭୀକତା ଓ ନିରହଂକାରିତା, ଏପରି ତ୍ରିଗୁଣ ରଜ୍ଜୁରେ ବନ୍ଧା ବୋଲି ଡ. ରାୟ କହିଥିଲେ। ମଙ୍ଗଳବାର ରାଜ୍ୟ ସଚିବାଳୟଠାରେ ଆୟୋଜିତ ଏହି ବକ୍ତୃତାମାଳାରେ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଆର୍. ବାଲକ୍ରିଷ୍ଣନ୍ ଉପସ୍ଥିତ ରହି କହିଥିଲେ, ଡ. ରାୟ ଓଡ଼ିଶାର ଘରେ ଘରେ ପରିଚିତ ଏକ ଲୋକପ୍ରିୟ ନାମ। ଜ୍ଞାନପୀଠ, ପଦ୍ମଶ୍ରୀ ଓ ସାହିତ୍ୟ ଏକାଡେମୀ ଭଳି ପୁରସ୍କାର ବ୍ୟତୀତ ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ସୃଷ୍ଟି ବେଶ୍ ପ୍ରଶଂସିତ। ଗତ ମାସରେ ଭାରତୀୟ ଜ୍ଞାନପୀଠ ପୁରସ୍କାର ବୋର୍ଡର ଚେୟାରମ୍ୟାନ୍ ଭାବେ ମନୋନୀତ ହୋଇ ସେ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏହି ଅବସରରେ ଯୋଜନା ଓ ସମନ୍ୱୟ ଏବଂ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଉଷା ଦେବୀ ଜ୍ଞାନପୁଞ୍ଜ ବକ୍ତୃତାମାଳାର ସ୍ମାରକୀ ପ୍ରଦାନ କରି ପ୍ରତିଭା ରାୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ସଚିବାଳୟରେ ରାଜ୍ୟର ବିକାଶ ପାଇଁ ଜ୍ଞାନ ଅନ୍ୱେଷଣ ଉଦ୍ଦେଶ୍ୟରେ ଗଠନ କରାଯାଇଥିବା ଜ୍ଞାନପୁଞ୍ଜ ବକ୍ତୃତାମାଳା ଏକ ଅଭିନବ ପ୍ରୟାସ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫେରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଡ. ରାୟଙ୍କ ବକ୍ତୃତା ଶୁଣିଥିଲେ। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ପ୍ରମିଳା ମଲ୍ଲିକଙ୍କ ସହ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଶିକ୍ଷାବିତ୍ ଓ ସାହିତ୍ୟିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହାସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବିଭିନ୍ନ ଜିଲାର ଜିଲାପାଳ, ଜିଲାସ୍ତରୀୟ ବରିଷ୍ଠ ଅଧିକାରୀ, ଶିକ୍ଷକ ଓ ସାହିତ୍ୟିକମାନେ କାର୍ଯ୍ୟକ୍ରମକୁ ଦେଖିଥିଲେ।

### ଭିଡିଓ କନ୍‌ଫେରେନ୍ସିଂ ମାଧ୍ୟମରେ ବକ୍ତୃତା ଦେଖିଲେ ମୁଖ୍ୟମନ୍ତ୍ରୀ




ଡ. ପ୍ରତିଭା ରାୟ।

■ ଯୁବକଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ

# ୭୦ ଟଙ୍କା ପାଇଁ ଗଲା ଜୀବନ

**ବାଲେଶ୍ୱର ଅଫିସ, ୨୦।୧୧**

■ ରାସ୍ତାରେ ମୃତଦେହ ରଖି ଅବରୋଧ

■ ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଲା

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଗୁଡ଼୍ ପଞ୍ଚାୟତ ବାଘମୁଣ୍ଡା ଗ୍ରାମର କନ୍ଦାଇ ଛକ ନିକଟରେ ସପନ ଦଳେଇ (୩୦) ନାମକ ଯୁବକଙ୍କୁ ସୋମବାର ଅପରାହ୍ଣରେ ହାଣ୍ଡିଆ ଭାଟିରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ପରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବାକି ଥିବା ୭୦ ଟଙ୍କା ନ ଫେରାଇବାରୁ ତାଙ୍କୁ ଆକ୍ରମଣ କରି ହତ୍ୟା କରାଯାଇଥିବା ଜଣାପଡିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରି ମଙ୍ଗଳବାର ମଧ୍ୟାହ୍ନରେ ବାଲେଶ୍ୱର ସୁନହଟ୍ ଛକରେ ମୃତକଙ୍କ ଗ୍ରାମବାସୀ ମୃତଦେହକୁ ରାସ୍ତାରେ ରଖି ୨ଘଣ୍ଟା ରାସ୍ତାରୋକୋ କରିଥିଲେ। ଡିଏସ୍‌ପି କ୍ରାଇମ୍ ସୁଦର୍ଶନ ଦାସ, ଏସ୍‌ଡ଼ିପିଓ ପ୍ରଭାସ ଚନ୍ଦ୍ର ପାଲ, ଟାଉନ୍ ଥାନା ଆଇଆଇସି ସରୋଜିନୀ ନାୟକ, ସଦର ବ୍ଲକ ଅତିରିକ୍ତ ତହସିଲଦାର ଶତ୍ରୁଘ୍ନ ସେଠୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ସଦର ଥାନା ଅନ୍ତର୍ଗତ ଇଞ୍ଚୁଡ଼ିଆ ଗ୍ରାମର ସପନ ରାଜମିସ୍ତ୍ରୀଙ୍କ ହେଲପର ଭାବେ କାର୍ଯ୍ୟ କରନ୍ତି। ସୋମବାର ମଧ୍ୟାହ୍ନରେ କନ୍ଦାଇ ଛକ ନିକଟରେ ଥିବା ଏକ ହାଣ୍ଡିଆ ଭାଟିରେ ସପନ ପହଞ୍ଚି ହାଣ୍ଡିଆ ପିଇଥିଲେ। ହାଣ୍ଡିଆ ବିକ୍ରି କରୁଥିବା ଜଣେ ବୃଦ୍ଧାଙ୍କ ଜ୍ୱାଇଁ ସହିତ ପୂର୍ବରୁ ବାକି ଥିବା ୭୦ଟଙ୍କା ଦେବାକୁ ନେଇ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଜ୍ୱାଇଁ ଉତ୍‌କ୍ଷିପ୍ତ ହୋଇ ପାଖରେ ପଡ଼ିଥିବା ଏକ ଧାରୁଆ ମାର୍ବଲ ଖଣ୍ଡ ଦ୍ୱାରା ସପନଙ୍କ ମୁଣ୍ଡକୁ ଆକ୍ରମଣ କରି କ୍ଷତବିକ୍ଷତ କରିଥିଲେ। ଏହି ଗଣ୍ଡଗୋଳରେ ବୃଦ୍ଧାଙ୍କ ଝିଅ ମଧ୍ୟ ସହଯୋଗ କରିଥିଲେ। ଘଟଣାସ୍ଥଳରେ ସପନଙ୍କ ମୃତ୍ୟୁ ହୋଇଯିବାରୁ ଉଭୟ ଝିଅଜ୍ୱାଇଁ ଘର ଛାଡ଼ି ପଳାଇ ଯାଇଛନ୍ତି। ପୋଲିସ ହାଣ୍ଡିଆ ବିକାଳୀ ବୃଦ୍ଧାଙ୍କୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ମଙ୍ଗଳବାର ମଧ୍ୟାହ୍ନରେ ହୋଇଥିବା ଆନ୍ଦୋଳନରେ ଯୁବନେତା ଦୀପକ କୁମାର ମଲ୍ଲିକ, ଚନ୍ଦ୍ରଶେଖର ରାଉତ, ସନ୍ତୋଷ ଅଗସ୍ତି, ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା ନେତୃତ୍ୱ ନେଇଥିବା ବେଳେ ଦଳେଇ ସାହିର ୨ଶହରୁ ଊର୍ଦ୍ଧ୍ୱ ଲୋକ ସାମିଲ ଥିଲେ। ଫେରାର ହୋଇଥିବା ଆସାମୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରିବା, ମୃତକଙ୍କ ପରିବାରର କେହି ରୋଜଗାରକ୍ଷମ ବ୍ୟକ୍ତି ନ ଥିବାରୁ ସରକାରୀ ସହାୟତା ଦାବି କରାଯାଇଛି।

ଲୋଇସିଂହା କପ ଫୁଟବଲ

# ବଲାଙ୍ଗୀର ଇଲେଭେନଷ୍ଟାର ଚାମ୍ପିୟନ

**ଲୋଇସିଂହା,୨୦।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମର ୧୧ତମ ସ୍ୱନକ୍ଷେତ୍ର ଅବସରରେ ଆୟୋଜିତ ଲୋଇସିଂହା କପ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ଫାଇନାଲ ମ୍ୟାଚ । ଏଥିରେ ବଲାଙ୍ଗୀର ଇଲେଭେନଷ୍ଟାର ଚାମ୍ପିୟନ ହୋଇଛି। ସମ୍ବଲପୁର ଏବଂ ବଲାଙ୍ଗୀର ଇଲେଭେନଷ୍ଟାର ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ୪-୦ଗୋଲରେ ବଲାଙ୍ଗୀର ବିଜୟୀ ହୋଇଥିଲା । ବଲାଙ୍ଗୀର ଏକାଦଶ ଏକତରଫା ଖେଳ ପ୍ରଦର୍ଶନ କରି ପ୍ରଥମାର୍ଦ୍ଧରେ ୨-୦ ଗୋଲରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଆଉ ୨ଗୋଲ ଦେଇଥିଲା । ବଲାଙ୍ଗୀରର ରଜତ ନାଗ ମ୍ୟନ ଅଫ ଦି ମ୍ୟାଚ ଓ ହେମନ୍ତ ଭୋଇ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ପୁରସ୍କୃତ ହୋଇଥିଲେ। ସରୋଜ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପିସିସି ସଭ୍ୟ ସମରେନ୍ଦ୍ର ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ହଜାର ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହ ୭ହଜାର ଟଙ୍କାଦେଇ ପୁରସ୍କୃତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଖେଲୋ ଇଣ୍ଡିଆ ଖେଲୋରେ ଖୋକୋରେ ଅଂଶଗ୍ରହଣ କରିଥିବା ନଅଗାଁ(ଖ) ନୋଡାଲ ହାଇସ୍କୁଲର ଛାତ୍ରୀ ଚନ୍ଦ୍ରିକା ହରପାଲକୁ ସମ୍ମାନୀତ କରାଯାଇଥିଲା । ଲୋଇସିଂହା କ୍ରୀଡା ସଂସଦ ଓ ଆଥଲେଟିକ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଗତ ୧୪ ତାରିଖଠାରୁ ଟୁର୍ନାମେଣ୍ଟ ଚାଲିଥିଲା।




ଟ୍ରଫି ସହ ଚାମ୍ପିୟନ ବଲାଙ୍ଗୀର ଇଲେଭେନଷ୍ଟାର ଦଳର ଖେଳାଳିମାନେ।


ଧରିତ୍ରୀ DHARITRI

# CAREER APPOINTMENT

every Wednesday & Saturday

**DOMINOS PIZZA HIRING**
Delivery Boy Full Time / Part Time
Salary Rs. 9000/- to 10,000/- per month + Incentive.
**Qualification:** 10th Pass
Driving Licence Must.
CALL: 7013973513, 7661887314

**WANTED**
AB Group of Industries, Puri required Marketing Executive.
Both Male/Female. Age-18 to 30. Qualification: Under Matric & above. Attractive Salary. Lodging & Fooding.
Mob: 9778342456, 9778262712

**ଡ୍ରାଇଭର ଆବଶ୍ୟକ**
ପର୍ମାନେଣ୍ଟ ଲାଇସେନ୍ସଧାରୀ ଡ୍ରାଇଭର ବୟସ ୩୦ରୁ ୪୦ ଯୁବକ ଏବଂ ଅବସରପ୍ରାପ୍ତ ଡ୍ରାଇଭର ଆବଶ୍ୟକ। ରହିବା ପାଇଁ ସୁବିଧା ଓ ଉପଯୁକ୍ତ ପାରିଶ୍ରମିକ ଦିଆଯିବ।
ତଳଲିଖିତ ମୋବାଇଲ ନଂ. 7750899392 ସହିତ ଯୋଗାଯୋଗ କରିବାକୁ ଅନୁରୋଧ।

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

**WANTED**
VIGEN INDIA required Male/ Female candidates for office Job in Nayapalli and Lewis Road Branch. **Age:** 20-30. **Edu:** 10th to Graduate.
Contact: 9348916882

ଭୁବନେଶ୍ୱରରେ ରହିବା ବ୍ୟବସ୍ଥା ଥାଇ ହାର୍ଡୱେର ଦୋକାନରେ କାମ କରିବା ପାଇଁ Staff ଦରକାର। ଦରମା: Rs. 6000/-.
CONTACT:- 9556180455

**WANTED**
Civil construction company wants Office Assistant, Driver, Experienced Supervisors. Send Biodata, B-201, Mishra, Maharatha Apartment, Budheswari Colony, Bhubaneswar- 751006
9437047314, prabhat64@gmail.com

**WALK-IN-INTERVIEW**
**SALES EXECUTIVE/ MANAGER**
For Corporate Sales **JK Agency**, Plot NO: 279, Satya Nagar, Near Postal Depot, BBSR.
Con:- 9437160950, 8984050858

**URGENTLY REQUIRED**
SAVhome.in (A Unit of SAVson Solutions Pvt. Ltd)
**Marketing Executive** for BBSR & Kolkata.
**Qualification:** Any Graduate
**Salary:** 5,000/- to 10,000/- + Incentive
Walk In Interview
24.11.2018 (Saturday), 11 A.M. to 5 P.M.
E-mail: career@savhome.in
Plot-75, Saptasati Vihar, Near Saptasati Temple, Palasuni, BBSR-25, Phone: 8117-8118-13

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-.
(Part Time / Full Time)
Contact: 9938676412

**CONTACT:- 9938414918**
ଭୁବନେଶ୍ୱର Office ପାଇଁ Accountant, Computer Operator, Field Officer, Office Assistant, Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs. Monthly Income upto Rs. 24000/-.

**ମାଳି ଓ ଡ୍ରାଇଭର ଆବଶ୍ୟକ**
ମାଳି ଏବଂ ଘରୋଇ ଚାରିଚକିଆ ଯାନ ଚଳେଇବା ପାଇଁ ଡ୍ରାଇଭର ଆବଶ୍ୟକ। ଆକର୍ଷଣୀୟ ଦରମା ସହିତ ରହିବା, ଖାଇବା ସୁବିଧା ସୁଯୋଗ ଦିଆଯିବ। ଯୋଗାଯୋଗ କରନ୍ତୁ :
S-5, Phase-I, Maitre Vihar, Chandrasekharpur, Bhubaneswar
Contact : 0674-7107777, 7894457177

**WANTED**
ନିଃଶୁଳ୍କ OASIS Management Instituteରେ MBA, BBA, Graduation, High School, Inter Completed ରୋଜଗାରପାଇଁ ପୁଅଝିଅ ମାନଙ୍କର ଆବଶ୍ୟକ ଅଛି।
(Age 18-30) ଟ୍ରେନିଂ ସମୟରେ 8500/- ରୁ 9500/- ପର୍ଯ୍ୟନ୍ତ।
Promotion ପରେ 25000 - 45000/- ପର୍ଯ୍ୟନ୍ତ ଏବଂ ରହିବା ଫ୍ରି।
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 9078415615, 9114237051

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ। ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT 09319945331

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately: Mob: 8763257042

**GRAPHIC DESIGNER**
**DTP OPERATOR**
**OFFICE ASST. | PEON**
Walk in Interview
( 23.11.2018 , 11am to 2pm )
MCPL ,#31 Gautam Nagar ,1st Floor, BBSR. Ph : 8249416516
need only male candidates

**REQUIRED**
• SALES BOY for Office & Godown work (Undermatric)
• DRIVER for private vehicles.
**H.R. Trading Co.,** 57, Budha Nagar, Near Kalpana Sqr., BBSR - 06, Ph : 0674-2310921

**WANTED TEACHERS**
A leading Play School in Sisupalagarh, Bhubaneswar requires Pre-Primary Teachers (Female) 03 (Three Numbers). Freshers may apply.
Contact 9178086321, 9348487933

**SWIGGY REQUIRES**
Work Full Time/ Part Time with Swiggy as a
**DELIVERY EXECUTIVE**
(Bike and DL) and
**earn up to 12000 - 25000 / month**
(Incentives and Insurance worth 6 lakhs extra).
**Walk-in at Swiggy office at**
Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012
or give a missed call or call us on
011 30017619

**EXIDE LIFE INSURANCE IS HIRING !**
We invite you to be part of a winning performance culture
**ROLE : BRANCH MANAGER & AGENCY DEVELOPMENT MANAGER**
Eligibility : Graduate with min. 3 years of Experience in Life Insurance.
Salary : As per the Industry + Variable
Location : Puri, Kendrapara, Angul, Baripada, Jajpur, Jharsuguda, Aska (Near Berhampur)
Interested Candidates can call on
8908022111, 9748686600
Email : jayati.basu@exidelife.in
Exide Life Insurance Company Limited (Formerly known as ING Vysya Life Insurance Company Limited), CIN: U66010KA2000P-LC028273. Registered office: 3rd floor, JP Techno Park, No.3/1, Millers Road, Bengaluru- 560001, India. Toll Free : 18004198228, visit : exidelife.in

ଭୁବନେଶ୍ୱରରେ ରହି କାମ କରିବା ପାଇଁ **Computer Operator** ସହିତ **Screen Printing** ଜାଣିଥିବା ମହିଳା ପ୍ରାର୍ଥିନୀ ଆବଶ୍ୟକ। ଆକର୍ଷଣୀୟ ଦରମା ସହିତ ରହିବାର ସୁବିଧା ଅଛି।
Walk in Interview
( 19 & 23 Nov.'18 , 11am to 2pm )
MCPL ,#31 Gautam Nagar ,1st Floor, BBSR. Ph : 8249416516

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
**Rs. 18000/-** ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**DRIVER REQUIRED**
12/14 ଚକିଆ Truck ଏବଂ Fly Ash Bulker/Tanker ଚଳାଇବା ପାଇଁ ଅନ୍ୟୂନ 5 ବର୍ଷର Experience ଥିବା Driver ଆବଶ୍ୟକ। Salary best in Industries.
Contact: 9090848325

**omfed** The Odisha State Co-operative Milk Producers' Federation Limited
D-2, Sahidnagar, Bhubaneswar - 751007,
www.omfed.com
Ph. No.- 0674-2546030 / 2540273 / 2540417, Fax No-0674-2540974

Ref.:246:HRD:REF:18/ **APPOINTMENT** Date. 17.11.2018

Applications are invited for appointment to the under mentioned regular posts in The Odisha State Co-operative Milk Producers' Federation Ltd., (OMFED) for Corporate Office at Bhubaneswar & its various Units in Odisha. The detail terms & conditions are mentioned hereunder.

| Name of the Post | Dy. General Manager (Marketing) | Assistant Manager (IT) |
|---|---|---|
| No. of Post | 1 (One) | 2 (Two) |
| Age as on 31.10.2018 | Age should not exceed 45 years. | Age should not exceed 35 years. |
| Essential Qualification | MBA full time degree from a reputed and recognized University with Specialization in Marketing. Preference will be given to candidate with experience in Industry verticals i.e. Dairy, Beverage and other FMCGs. Revenue accountability, territory handling, channel management and leading sales force team are essential. | First Class B.E./B.Tech. in Computer Science & Engineering /Information Technology/ Electronics & Telecommunications. |
| Post Qualification Experience | Minimum 12 years post-qualification experience out of which 3 years in senior position in a reputed Organization. | Minimum 02 years of post-qualification experience in IT Management, Design Development & Implementation of Business Application System using Java/NET, Relation Database Management System / Server Environment and expertise on ERP Solution, Plan, direct and coordinate the design,installation,connectivity of computer systems, network infrastructure & ERP implementation to ensure the stable operation of the Organizations IT assets/ practice network asset management, including maintenance of network component inventory, life cycle management and related documentation/ plan, acquire and coordinate installation of in-house and remote hardware and software across the organizations network. |
| Scale of Pay | PB-3, Rs.15, 600 - 39,100/-, GP: Rs.7, 100/- plus other allowances as per Federation Rules. | PB-2: Rs.9, 300-34,800, GP: Rs.4, 600 plus other allowances as per Federation Rules. |

**General conditions for the above posts :**
i) Applicants who are in employment with Government, Semi-Government, Autonomous Bodies, Public Sector Undertakings, Government sponsored institutions and Co-operative institutions should route their application through proper channel.
ii) Experienced professional with sufficient expertise in the respective field need only apply for the above posts.
iii) Application in prescribed form, available at our **website www.omfed.com** , should reach the **General Manager (HR), OMFED, D/2, Sahid Nagar, Bhubaneswar - 751 007 on or before 10.12.2018.** The Federation shall not be responsible for postal delay or loss in transit.
iv) Attested copy of certificates regarding age, qualification , working experience , ID proof (Aadhaar Card) & recent passport size photograph must be attached with the application Form.
v) Upper age limit is relaxable by 05 years for SC/ST/Ex-service/Physically Handicapped & 3 years for SEBC candidates.
vi) Submission of wrong information / document and suppression of relevant facts will lead to cancellation of appointment.
vii) The Federation reserves the right to cancel / amend the Appointment Notice.
**GENERAL MANAGER (HR)**

**URGENTLY REQUIRED**
**For a Appliance Manufacturing Company.**
**(1)** Manager, **(2)** System Manager, **(3)** Sales Manager, **(4)** Sales Executive, **(5)** HR, **(6)** Technician (R.O/ Chiminey / LED TV/ Washing Machine), **(7)** Receptionist, **(8)** Office Boy, **(9)** Driver, **(10)** Cook.
**Contact:** Plot No. 58, Bapuji Nagar, Lane No.-4, Bhubaneswar-9, Ph. No.- 7008485542

**WANTED**
**SALES / MARKETING EXECUTIVE**
**For Sales & Marketing of Industrial Products**
**LOCATION – GANJAM & BALANGIR, ODISHA**
**Job Responsibilities:** Increasing customer base, identity and develop new opportunities, service existing clients, market monitoring.
**Candidate's Requirements:**
- Minimum Qualification Required – Graduate in any Stream.
- Experience in Marketing of Industrial Product & field visit will be preferred.
- Only local candidate with own bike will be preferred.
- Possess Marketing & Communication Skills & hard worker.
- Language should be known Hindi, English & Oriya.

Please Contact: 7631999639, 7631999266 Or Interested Candidates send their CV with recent photograph on hr@purohitconveyor.com

**CENTRAL ELECTRICITY SUPPLY UTILITY OF ODISHA**
Regd. Office: 2nd Floor, IDCO Towers, Janpath, Bhubaneswar-751 022
Phone : 0674-2541575 Fax: 0674-2543125
Website : www.cescoorissa.com, www.cesuodisha.com
Advt. No.- 26481 Date: 19.11.2018
**APPOINTMENT OF CHIEF VIGILANCE OFFICER ON CONTRACT BASIS**
Applications are invited on or before **03.12.2018** from at-least a retired Superintendent of Police. For details, please visit our official website **(www.cesuodisha.com/ www.cescoorissa.com)**.
Sd/- **SGM (HR)**

**RALLIS INDIA LTD**
REQUIRED
Post : CROP ADVISOR(03)
Job Profile : Sales & Marketing (Agrochemicals)
Salary : Rs.12,000 - 14,000
Send Biodata : ajayk.singh@rallis.co.in
Last Date : 22.11.18.
Contact: 9439511339, 6370377100

**SALES MAN WANTED**
A reputed Shoe Show Room at Puri requires Salesman. **Qualification:** 10th above.
Contact: 9040199889

**JEYPORE LAW COLLEGE, JEYPORE**
**DIST.-KORAPUT (ORISSA), Pin- 7640003**
Applications are invited for the following Posts of Lecturer in Law:-
1. **LECTURER IN LAW:** Four Posts (One for Woman and One from SC/ST category)

**Terms and Conditions**
- **Qualification, Eligibility:** as per UGC Norms
- **Salary:** Negotiable
- The management reserves the right either to fill the Posts or not to fill the Posts and also the right for calling only shortlisted candidates for interview.
- Interested candidates may apply by Registered Post along with relevant testimonials from HSC onwards and a bank draft of Rs. 1,500/- drawn in favour of Law College Trust, Jeypore payable at Jeypore so as to reach the undersigned within one month from the date of publication of this advertisement.

**Sd./- President,**
**Jeypore Law College G.B., Jeypore**

**WANTED**
ଭୁବନେଶ୍ୱର ନୟାପଲ୍ଲୀସ୍ଥିତ କଲେଜ ନିମନ୍ତେ ବସ୍ ଡ୍ରାଇଭର/ କାର ଡ୍ରାଇଭର/ ପିଅନ ଓ ହାଉସକିପିଂ Staff ଆବଶ୍ୟକ। ରହିବା ବ୍ୟବସ୍ଥା ଅଛି।
**BIMSR,** 1480, IRC Village, Bhubaneswar.
9040009727, 8456845313

ଓଡ଼ିଶାର ବିଭିନ୍ନ ହାଇସ୍କୁଲ ପାଇଁ **କମ୍ପ୍ୟୁଟର ଶିକ୍ଷକ** ଆବଶ୍ୟକ। **ଯୋଗ୍ୟତା:** +3, PGDCA, ଦରମା: ଟ.୧୨,୦୦୦/-। ବିଭିନ୍ନ କମ୍ପାନୀ ପାଇଁ ITI, Diploma, Degree ପ୍ରାର୍ଥୀ ଆବଶ୍ୟକ।
India Jobs & Services.
8117853127, 7992880344, 9090409265


**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

> ଔଷଧ ଓ ମେଡିକାଲ ଡିଭାଇସଗୁଡିକର ମୂଲ୍ୟ ନିୟନ୍ତ୍ରଣ ଦ୍ୱାରା ପ୍ରାୟ ୧୫,୦୦୦ କୋଟି ଟଙ୍କା ସଞ୍ଚୟ କରିବାରେ ସହାୟକ ହୋଇଛି।
> – ଏମ୍.ଏଲ୍. ମାଣ୍ଡବୀୟ, ରସାୟନ ରାଷ୍ଟ୍ରମନ୍ତ୍ରୀ



> ଲାଷ୍ଟ ମାଇଲ ମୋବିଲିଟି ସଲ୍ୟୁଶନ ପଦକ୍ଷେପ ଅନ୍ତର୍ଗତ ଦେଶର ପ୍ରମୁଖ ସହରଗୁଡିକରେ ଇଲେକ୍‌ଟ୍ରିକ କିକ୍ ସ୍କୁଟର ଶୁଭାରମ୍ଭ କରିବାକୁ ଯୋଜନା ରହିଛି।
> – ଆନନ୍ଦ ମହିନ୍ଦ୍ରା, ଅଧ୍ୟକ୍ଷ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଗ୍ରୁପ୍



## ସଂକ୍ଷେପରେ

### ଡିସେମ୍ବର ୧୫ ସୁଦ୍ଧା ଗଡ଼ିବ 'ଟ୍ରେନ-୧୮'



**ନୂଆଦିଲ୍ଲୀ,୨୦-୧୧:** ଦେଶର ପ୍ରଥମ ଇଞ୍ଜିନବିହୀନ ସେମି ହାଇସ୍ପିଡ୍ ଟ୍ରେନ କୁହାଯାଉଥିବା 'ଟ୍ରେନ-୧୮' ଡିସେମ୍ବର ୧୫ ସୁଦ୍ଧା ଚଳାଚଳ କରିବ ବୋଲି ରେଲୱେର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ମୋରାଦାବାଦରେ ବର୍ତ୍ତମାନ ଏହି ଟ୍ରେନର ଟ୍ରାଏଲ ଚାଲିଛି। ସେ କହିଛନ୍ତି ଯେ, ଏହି ଟ୍ରେନଟି ଦିଲ୍ଲୀ-ବାରାଣସି କିମ୍ବା ଦିଲ୍ଲୀ-ଭୋପାଳ ମଧ୍ୟରେ ଘଣ୍ଟାପ୍ରତି ୧୬୦ କିମି ବେଗରେ ଚାଲିବ। ରେଲୱେ ବୋର୍ଡ ଅଧ୍ୟକ୍ଷ ଅଶ୍ୱନୀ ଲୋହାନୀ ଗତ ମାସରେ ଚେନ୍ନାଇସ୍ଥିତ ଇଣ୍ଟିଗ୍ରେଟେଡ କୋଚ୍ ଫ୍ୟାକ୍ଟ୍ରିରେ ଏହାର ସେଲ୍ଫ ପ୍ରପଲଶନ ମୋଡୁଲକୁ ଉଦ୍‌ଘାଟନ କରିଥିଲେ।

### ୭ ବିମାନ ବିକିବ ଏୟାର ଇଣ୍ଡିଆ



**ମୁମ୍ବାଇ,୨୦-୧୧:** ଋଣବୁଡି ରହିଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆ ଆର୍ଥିକ ବୋଝକୁ ହାଲ୍‌କା କରିବା ଲକ୍ଷ୍ୟରେ ୭ଟି ବିମାନକୁ ବିକ୍ରି କରିବ ବୋଲି ନିଷ୍ପତ୍ତି ନେଇଛି। ଏହି ବିମାନଗୁଡିକୁ ବିକ୍ରି କରିବା ପରେ ପୁନରାୟ ଏହାକୁ ଲିଜ୍‌ରେ ନେଇ ୬୧୦୦ କୋଟି ଟଙ୍କା ସଞ୍ଚୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି। କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ୫୦୦ କୋଟି ଟଙ୍କାର ସ୍ୱଳ୍ପମିଆଦୀ ଋଣ ପାଇଁ ସେପ୍ଟେମ୍ବରରେ ନିଲାମ ଡକାଯାଇଥିଲା। ତେବେ ରାଷ୍ଟ୍ରୀୟ କ୍ଷୁଦ୍ର ସଞ୍ଚୟ ଯୋଜନାରୁ ୧୦୦୦ କୋଟି ଟଙ୍କା ମିଳିବା ପରେ ୫୦୦ କୋଟି ଟଙ୍କାର ଋଣ ନେବାକୁ କମ୍ପାନୀ ଅନିଚ୍ଛା ପ୍ରକାଶ କରିଛି। ନିଜର ୭ଟି ବିମାନକୁ ବିକ୍ରି କରି ଏହାକୁ ପୁନରାୟ ଲିଜ୍‌ରେ ନେବା ଲାଗି ଗତ ସପ୍ତାହରେ କମ୍ପାନୀ ପ୍ରସ୍ତାବ ଦେଇଥିଲା। ଏଥିରେ ୬ଟି ବି୭୮୭-୮୦୦ ଏବଂ ଗୋଟିଏ ବି୭୭-୩୦୦ଇଆର୍ ବିମାନ ରହିଛି। ଏହାଦ୍ୱାରା କମ୍ପାନୀକୁ ୮୫.୬୦ କୋଟି ଡଲାର(୬୧୦୦ କୋଟି ଟଙ୍କା) ମିଳିଯିବ ବୋଲି ଆଶାକରାଯାଉଛି।

# ବଢ଼ିବ ଟିଭି, ହୋମ୍ ଆପ୍ଲାଏନ୍ସ ଦାମ୍

ନୂଆଦିଲ୍ଲୀ,୨୦-୧୧

- ୧୦% ପର୍ଯ୍ୟନ୍ତ ଦରବୃଦ୍ଧି ହେବ
- ଦୁର୍ବଳ ଟଙ୍କା ଏବଂ କିଛି ଆପ୍ଲାଏନ୍ସେସର ସୀମା ଶୁଳ୍କ ବଢ଼ିଛି
- ଅକ୍ଟୋବରରେ ଦରବୃଦ୍ଧି ଯୋଜନା ଥିଲା



ଟିଭି ଏବଂ ହୋମ୍ ଆପ୍ଲାଏନ୍ସଗୁଡିକର ଦାମ୍ ଖୁବଶୀଘ୍ର ୧୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିବାକୁ ଯାଉଛି। ଡଲାର ମୁକାବିଲାରେ ଟଙ୍କା ଦୁର୍ବଳ ହେବା, ଆମଦାନୀ ହେଉଥିବା ପ୍ରିମିୟମ ଫ୍ରିଜ୍ ଏବଂ ୱାଶିଂ ମେଶିନ ଭଳି ହୋମ୍ ଆପ୍ଲାଏନ୍ସ ଉପରେ ସୀମା ଶୁଳ୍କ ବୃଦ୍ଧି ଯୋଗୁ କମ୍ପାନୀମାନେ ଦାମ୍ ବଢ଼ାଇବାକୁ ବାଧ୍ୟ ହେଉଛନ୍ତି। ଅକ୍ଟୋବରରୁ ମୂଲ୍ୟ ବଢ଼ିବାର ଥିଲା। କିନ୍ତୁ ଫେଷ୍ଟିଭ ସିଜନ୍‌କୁ ଦୃଷ୍ଟିରେ ରଖି ଏହାକୁ ସେମାନେ ସାମୟିକ ସ୍ଥଗିତ ରଖିଥିଲେ।

ତିନୋଟି ଟପ୍ ବ୍ରାଣ୍ଡ୍ ଏଲ୍‌ଜି, ସାମସଙ୍ଗ ଏବଂ ସୋନି ନିଜର ଉତ୍ପାଦର ସାମାନ୍ୟ ବିକ୍ରି ଦର ଉପରେ ୧୦ ପ୍ରତିଶତ ପର୍ଯ୍ୟନ୍ତ ଡିସକାଉଣ୍ଟ ଲାଗି ଟ୍ରେଡକୁ ଦିଆଯାଉଥିବା ସେଲ୍ସ ସପୋର୍ଟ ଅଥବା ସବସିଡିକୁ ପୂର୍ବରୁ ପ୍ରତ୍ୟାହାର କରିନେଇଛନ୍ତି। ବଶ୍, ସିମେନ୍ସ, ହାୟର, ସାଓମୀ ଏବଂ ବିପିଏଲ୍ ଭଳି ବ୍ରାଣ୍ଡ୍ ମଧ୍ୟ ଖୁବଶୀଘ୍ର ମୂଲ୍ୟ ବୃଦ୍ଧି କରିବାକୁ ଯାଉଛନ୍ତି। ଗୋଦରେଜ ଆପ୍ଲାଏନ୍ସେଜର ବିଜନେସ ମୁଖ୍ୟ ତଥା ଉଦ୍ୟୋଗ ସଂଗଠନ ସିଇଏଏମ୍‌ଏର ପ୍ରେସିଡେଣ୍ଟ କମଳ ନନ୍ଦୀ କହିଛନ୍ତି ଯେ, କିଛି ବ୍ରାଣ୍ଡ ସେପ୍ଟେମ୍ବରରେ ମୂଲ୍ୟ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାକୁ ଏବେ ଲାଗୁ କରାଯିବ। କାରଣ ଫେଷ୍ଟିଭ ସିଜନ କାରଣରୁ ସେମାନେ ଏଥିରୁ ନିବୃତ୍ତ ରହିଥିଲେ। ଅନଲାଇନ ସେଲ୍ସରେ ବଡ଼ ଡିସକାଉଣ୍ଟ ଦିଆଯାଉଥିବା କାରଣରୁ ଅଫଲାଇନ ରିଟେଲରମାନଙ୍କୁ କିଛି ସହାୟତା ଦେବାକୁ ନିଷ୍ପତ୍ତି ନେଇଥିଲେ। ଏବେ ମୂଲ୍ୟକୁ ବର୍ତ୍ତମାନ ସ୍ତରରେ ସ୍ଥିର ରଖିବା ସମ୍ଭବ ହେଉ ନାହିଁ। କାରଣ ଲାଭ ପ୍ରଭାବିତ ହେଉଛି ବୋଲି ସେମାନେ ଅନୁଭବ କଲେଣି। ହାୟର ଇଣ୍ଡିଆ ପ୍ରେସିଡେଣ୍ଟ ଏରିକ ବ୍ରେଗେଞ୍ଜା କହିଥିଲେ ଯେ, ଫେଷ୍ଟିଭ ସିଜନ ବେଳେ ଦରବୃଦ୍ଧି ଟାଳିବା ପରେ ଗତ ସପ୍ତାହରେ ନିଜର ଉତ୍ପାଦ ଉପରେ ୮ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ଉଦ୍ୟୋଗ ଜଗତର ଟପ୍ ଏକଜିକ୍ୟୁଟିଭଙ୍କ କହିବାନୁଯାୟୀ ବଡ଼ ବଡ଼ ବ୍ରାଣ୍ଡମାନେ ସାଧାରଣତଃ ଦୀପାବଳି ସମୟରେ ବିକ୍ରି ବୃଦ୍ଧିକୁ ସହାୟତା ଦେବାକୁ ଯାଇ ସହାୟତା କରନ୍ତି। ତେବେ ମୂଲ୍ୟବୃଦ୍ଧି ବର୍ଷର ଯେକୌଣସି ସମୟରେ କରିଥାନ୍ତି। ତେବେ ଏହା ୧୦ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ। ପ୍ରିମିୟମ ସେଗମେଣ୍ଟରେ ଅଧିକ ଛାଡ ହୋଇଥିବାରୁ ଆଗାମୀ ଦିନରେ ଏହି ଏକ୍ଷେତ୍ରରେ ମୂଲ୍ୟବୃଦ୍ଧି ଅଧିକ ହେବ ବୋଲି ଆଶା କରାଯାଉଛି।

# ଭାରତରେ ହୋଣ୍ଡା ସ୍କୁଟର ବିକ୍ରି ୨୫ ନିୟୁତ ଟପିଲା

ଭୁବନେଶ୍ୱର,୨୦-୧୧



ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ(ଏଚ୍‌ଏମ୍‌ଏସ୍‌ଆଇ) ଲିମିଟେଡ ଭାରତରେ ୨୫ ନିୟୁତରୁ ଅଧିକ ସ୍କୁଟର ବିକ୍ରି କରିବାକୁ ସକ୍ଷମ ହୋଇଛି। ୧୩ ବର୍ଷରେ କମ୍ପାନୀ ୧୦ ନିୟୁତ ମାଇଲଖୁଣ୍ଟକୁ ଅତିକ୍ରମ କରିଥିଲା। ପରବର୍ତ୍ତୀ ୩ ବର୍ଷରେ ଆଉ ୧୦ ନିୟୁତ ଗ୍ରାହକ କମ୍ପାନୀ ସହ ଯୋଡି ହୋଇଥିଲା। ସେହିଭଳି ପରବର୍ତ୍ତୀ ୫ ନିୟୁତ ଗ୍ରାହକ ବର୍ଷକ ମଧ୍ୟରେ ଯୋଡି ହୋଇଥିବା କମ୍ପାନୀ ପ୍ରକାଶ କରିଛି। ଦେଶର ଏକମାତ୍ର ସ୍କୁଟର ନିର୍ମାତା ଭାବେ କମ୍ପାନୀ ଏହି ମାଇଲଖୁଣ୍ଟ ଅତିକ୍ରମ କରିବାକୁ ସକ୍ଷମ ହୋଇଥିବା ଏହା ପ୍ରକାଶ କରିଛି। ୧୮ ବର୍ଷ ପୂର୍ବେ କମ୍ପାନୀ ଆକ୍ଟିଭା ସ୍କୁଟରକୁ ଉନ୍ମୋଚନ କରିଥିଲା। ହୋଣ୍ଡା ବ୍ରାଣ୍ଡ ଉପରେ ବିଶ୍ୱାସ ରଖିଥିବାରୁ ଆମେ ୨୫ ନିୟୁତ ଗ୍ରାହକଙ୍କୁ ଧନ୍ୟବାଦ ଦେଉଛୁ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିୟା ସୂଚନା ଦେଇଛନ୍ତି।

# ସାମ୍‌ସଙ୍ଗର ନୂଆ ଏସ୍‌ଏସ୍‌ଡି ବଜାରରେ

ଭୁବନେଶ୍ୱର,୨୦-୧୧



ସାମ୍‌ସଙ୍ଗ ପକ୍ଷରୁ ନୂଆ ସାମ୍‌ସଙ୍ଗ ଡାଟା ସେଣ୍ଟର ସଲିଡ୍ ଡ୍ରାଇଭ୍ (ଏସ୍‌ଏସ୍‌ଡି) ବଜାରକୁ ଆସିଛି। କ୍ଷୁଦ୍ର ତଥା ମଧ୍ୟମ ଉଦ୍ୟୋଗଗୁଡିକ ଲାଗି ଏହା ବିଶେଷ ଭାବେ ସହାୟକ ହେବ। ଉଚ୍ଚ କ୍ଷମତାସମ୍ପନ୍ନ କମ୍ପ୍ୟୁଟିଂ ସଂରକ୍ଷଣ ନିମନ୍ତେ ଏହା ସକ୍ଷମ ହେବ। ଏହା ତ୍ୱରିତ ତଥା ଉନ୍ନତ ପରଫରମାନ୍ସ ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଗ୍ରାହକମାନେ ଏଥିରେ ନିରାପତ୍ତା ବୈଶିଷ୍ଟ୍ୟ ଲାଭ କରିପାରିବେ। ଏହା କମ୍ ସର୍ଭର ଓ ସ୍ୱଳ୍ପ ବିଦ୍ୟୁତ୍ ଶକ୍ତି ଆବଶ୍ୟକ କରିଥାଏ। ଡିଭାଇସ୍‌ଟି ୨୪ ଘଣ୍ଟିଆ କାର୍ଯ୍ୟକ୍ଷମତା ରଖୁଥିବା ବେଳେ ଏଥିରେ କମ୍ପାନୀ ପାଞ୍ଚ ବର୍ଷର ୱାରେଣ୍ଟି ପ୍ରଦାନ କରୁଛି। ଗ୍ରାହକଙ୍କୁ ନୂଆ ପ୍ରଯୁକ୍ତି ଯୋଗାଣ ନେଇ ଉଦ୍ୟମ ଜାରି ରହିଥିବା କମ୍ପାନୀର ଆଇଟି ଓ ମୋବାଇଲ ଏଣ୍ଟରପ୍ରାଇଜ୍ ବ୍ୟବସାୟର ବରିଷ୍ଠ ଉପସଭାପତି ସୁକେଶ ଜୈନ ସୂଚନା ଦେଇଛନ୍ତି। ଏହି ଡିଭାଇସର ବଜାର ଦର ୯,୫୯୯ ଟଙ୍କାରୁ ୨.୦୧ ଲକ୍ଷ ଟଙ୍କା ରହିଛି।

### ଆସିବ ବିମାନ କାର୍ଗୋ ନୀତି

# ପ୍ରତିଷ୍ଠା ହେବ ମାଲ ପରିବହନ ଷ୍ଟେଶନ

ନୂଆଦିଲ୍ଲୀ,୨୦-୧୧

ବିମାନ ମାଧ୍ୟମରେ ମାଲ୍ ପରିବହନକୁ ଅଧିକ ପ୍ରୋତ୍ସାହିତ କରିବା ଲାଗି କେନ୍ଦ୍ର ସରକାର ଖୁବଶୀଘ୍ର ବିମାନ କାର୍ଗୋ ନୀତି ଘୋଷଣା କରିବେ। ଏହି ନୀତି ଅନୁଯାୟୀ ଦେଶର ବିମାନ ସ୍ଥାନରେ ବିମାନ ମାଲ୍ ପରିବହନ ଷ୍ଟେଶନ ପ୍ରତିଷ୍ଠା କରାଯିବ। ଉଦ୍ୟୋଗ ଜଗତ ଏହାଦ୍ୱାରା ଅଧିକ ଲାଭାନ୍ୱିତ ହେବ ବୋଲି ମନେ କରାଯାଉଛି।

ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ସଚିବ ଆର.ଏନ.ଚୌବେ କହିଛନ୍ତି ଯେ, ସରକାର ମାଲ୍ ପରିବହନ ଷ୍ଟେଶନ ପ୍ରତିଷ୍ଠା ପାଇଁ ସକ୍ରିୟତାର ସହିତ ବିଚାର କରୁଛନ୍ତି। ସେ କହିଛନ୍ତି ଯେ, ଆସୁଥିବା ବିମାନ କାର୍ଗୋ ନୀତିରେ ଉଦ୍ୟୋଗ ଜଗତ ସାମ୍ନା କରୁଥିବା ସମସ୍ତ ପ୍ରକାର ଅସୁବିଧାକୁ ଦୂର କରାଯାଇପାରିବ। ମାଲ୍ ପରିବହନ କାର୍ଯ୍ୟକୁ ବିମାନ ବନ୍ଦରଠାରୁ ଦୂରକୁ ନେଇଯିବା ସରକାରଙ୍କ ଲକ୍ଷ୍ୟ ରହିଛି। କାରଣ ସେଠାରେ ମାଲ୍ ସାଇତି ରଖିବା ତଥା ଏହାର ପରିଚାଳନା କରିବା ବ୍ୟୟସାପେକ୍ଷ ହେଉଛି।

# ୫ ବର୍ଷରେ କେନ୍ଦ୍ରକୁ ୨.୫ ଲକ୍ଷ କୋଟି ଦେଇଛି ଆର୍‌ବିଆଇ



ନୂଆଦିଲ୍ଲୀ,୨୦-୧୧

ଗତ ୫ ବର୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଲାଭାଂଶ ବାବଦରେ କେନ୍ଦ୍ର ସରକାରଙ୍କୁ ୨.୫ ଲକ୍ଷ କୋଟି ଟଙ୍କା ଦେଇଛି। ଏହା କେନ୍ଦ୍ରୀୟ ବ୍ୟାଙ୍କର ଆୟର ୭୫% ବୋଲି ଜଣାପଡିଛି। ସିଏଜି ପକ୍ଷରୁ ୨୦୧୩-୧୪ରୁ ୨୦୧୭-୧୮ ମଧ୍ୟରେ ରିଜର୍ଭ ବ୍ୟାଙ୍କର ଆୟ, ବ୍ୟୟ ଓ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇଥିବା ବଳକା ଅର୍ଥର ତର୍ଜମା କରାଯାଇଥିଲା। ଏଥିରୁ ଜଣାପଡିଥିଲା ଯେ, ଏହି ସମୟ ମଧ୍ୟରେ ଆର୍‌ବିଆଇ ୩.୩ ଲକ୍ଷ କୋଟି ଟଙ୍କା ଆୟ କରିଥିବା ବେଳେ ୨.୪୮ ଲକ୍ଷ କୋଟିଟଙ୍କା କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଛି। ୨୦୧୫-୧୬ରେ ସର୍ବାଧିକ ୮୩% ଆୟ ବାବଦ ଅର୍ଥକୁ ଆର୍‌ବିଆଇ କେନ୍ଦ୍ର ସରକାରଙ୍କୁ ଦେଇଛି। କେନ୍ଦ୍ରୀୟ ବ୍ୟାଙ୍କରେ ପଡିରହିଥିବା ବଳକା ଅର୍ଥ ଉପରେ କେନ୍ଦ୍ର ସରକାରଙ୍କ ନଜର ପଡିଛି। ସରକାର ଚାହୁଁଛନ୍ତି ଏହି ବଳକା ଅର୍ଥରୁ ଅଧିକାଂଶ ଆର୍‌ବିଆଇ ଦେଉ। ତେବେ ୨୦୧୭କୁ ଛାଡିଦେଲେ ରିଜର୍ଭ ବ୍ୟାଙ୍କ ସରକାରଙ୍କୁ ବାର୍ଷିକ ପ୍ରାୟ ୬୫ ହଜାର କୋଟି ଟଙ୍କା ବଳକା ଅର୍ଥ ଦେଉଛି। ତେବେ ଏହାର ଖର୍ଚ୍ଚ ୩୧ ହଜାର କୋଟି ଟଙ୍କା ମଧ୍ୟରେ ରହୁଛି। ତେବେ ବିମୁଦ୍ରୀକରଣ ଯୋଗୁ ୨୦୧୬ରେ ଏହାର ବ୍ୟୟଭାର ବଢ଼ିଥିଲା।

### ଋଣ ଦେବାକୁ ବ୍ୟାଙ୍କଗୁଡିକୁ ମିଳିବ ୩ ଲକ୍ଷ କୋଟି

କ୍ୟାପିଟାଲ ରିଜର୍ଭ ରେସିଓକୁ କୋହଳ କରିବା ଲାଗି ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସୋମବାର ଅନୁଷ୍ଠିତ ବୋର୍ଡ ବୈଠକରେ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ଆସନ୍ତାବର୍ଷ ବ୍ୟାଙ୍କଗୁଡିକ ଋଣ ଦେବା ଲାଗି ପ୍ରାୟ ୨.୫ଲକ୍ଷରୁ ୩ ଲକ୍ଷ କୋଟି ଟଙ୍କା ପାଇଯିବେ ବୋଲି ଜଣାପଡିଛି। ବୋର୍ଡ ବୈଠକରେ କ୍ୟାପିଟାଲ କନଜରଭେଶନ ବଫର୍ସକୁ ବର୍ଷକ ପାଇଁ ଘୁଞ୍ଚାଇ ଦେବାକୁ ଆର୍‌ବିଆଇ ରାଜି ହୋଇଛି। ଏହି କୋହଳ ନୀତି ଯୋଗୁ ବ୍ୟାଙ୍କଗୁଡିକୁ ପ୍ରାୟ ୩୦ହଜାରରୁ ୩୫ ହଜାର କୋଟି ଟଙ୍କା କମ୍ ଅର୍ଥ କେନ୍ଦ୍ରୀୟ ବ୍ୟାଙ୍କରେ ଜମା କରିବାକୁ ପଡିବ। ତେବେ ରିଜର୍ଭ ବ୍ୟାଙ୍କର ଏହି କୋହଳ ନୀତି ଭାରତୀୟ ବ୍ୟାଙ୍କଗୁଡିକ ପାଇଁ ନକାରାତ୍ମକ ବୋଲି ଅନ୍ତର୍ଜାତୀୟ କ୍ରେଡିଟ ରେଟିଂ ଏଜେନ୍ସି ମୁଡିସ ଇନଭେଷ୍ଟର ସର୍ଭିସ ପକ୍ଷରୁ କୁହାଯାଇଛି।

# ପୂର୍ବତଟ ରେଳପଥର ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର,୨୦-୧୧

ପୂର୍ବତଟ ରେଳପଥ ପକ୍ଷରୁ ବାର୍ଷିକ କଲ୍ୟାଣ ଆଶ୍ୱାସନ ଅନ୍ତର୍ଗତ ଭୁବନେଶ୍ୱରର ରେଳସଦନଠାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ରାଜୀବ ଶର୍ମା ଉଦ୍‌ଘାଟନ କରିଥିଲେ। ଏଠାରେ ବହୁ ସଂଖ୍ୟାରେ ରେଳ କର୍ମଚାରୀମାନେ ଯୋଗ ଦେବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ରକ୍ତଚାପ, ମଧୁମେହ ଭଳି ଅନ୍ୟ କେତେକ ସ୍ୱାସ୍ଥ୍ୟ ସମସ୍ୟାର ଏଠାରେ ପରୀକ୍ଷଣ କରାଯାଇଥିଲା। ରେଲୱେ କେନ୍ଦ୍ରୀୟ ହସ୍ପିଟାଲର ମୁଖ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୁକାନ୍ତ କୁମାର ମହାନ୍ତି ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅରୁନ୍ଧତି ସେନାପତି ଶିବିରକୁ ପରିଚାଳନା କରିଥିଲେ।



# ଏନ୍‌ଆଇଏନ୍‌ଏଲ୍ ଏମ୍‌ଡିଙ୍କୁ ଆଇଆଇଏମ୍ ପୁରସ୍କାର

ଭୁବନେଶ୍ୱର,୨୦-୧୧

ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍)ର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶକ୍ତି ଶେଖର ମହାନ୍ତିଙ୍କୁ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଟାଲ୍‌ସ ପ୍ଲାଟିନମ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। କୋଲକାତାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ମହାନ୍ତି ଏହି ପୁରସ୍କାର ଗ୍ରହଣ କରିଥିଲେ। ଷ୍ଟିଲ ଓ ମେଟାଲ ଶିଳ୍ପରେ ବିଶେଷ ଅବଦାନଲାଗିତାଙ୍କୁଏଭଳିସମ୍ମାନପ୍ରଦାନକରାଯାଇଛି। ଧାତୁ ବିଜ୍ଞାନ ବୃତ୍ତିରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ପୁରସ୍କାର ଲାଗି ସେ ଏନ୍‌ଆଇଏନ୍‌ଏଲ୍‌କୁ କୃତଜ୍ଞତା ପ୍ରଦାନ କରିଛନ୍ତି। ଏହି କ୍ଷେତ୍ରରେ ତାଙ୍କର ଦୀର୍ଘ ୪ ଦଶନ୍ଧିର ଅଭିଜ୍ଞତା ରହିଛି। ସେ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ(ସେଲ୍)ର ଟେକ୍ନିକାଲ ନିର୍ଦ୍ଦେଶକ, ବୋକାରୋ ଷ୍ଟିଲ ପ୍ଲାଣ୍ଟର ପରିଚାଳନା ନିର୍ଦ୍ଦେଶକ ପଦବୀରେ କାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ତାଙ୍କ ନେତୃତ୍ୱରେ ଏନ୍‌ଆଇଏନ୍‌ଏଲ୍‌ର ଟର୍ନଆରାଉଣ୍ଡ ଯୋଜନା ଧାର୍ଯ୍ୟ ହୋଇଛି।

# ସେବି ନିର୍ଦ୍ଦେଶ ବିରୋଧରେ ସାହାରାର ପ୍ରତିକ୍ରିୟା

**ନୂଆଦିଲ୍ଲୀ,୨୦-୧୧:** ନିକଟରେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ସାହାରାକୁ ନିବେଶକଙ୍କ ୧୪,୦୦୦ କୋଟି ଟଙ୍କା ୧୫% ସୁଧ ସହ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ନେଇ ଗ୍ରୁପ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ସେବି ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ପ୍ରାକୃତିକ ଆଇନ ବିରୋଧୀ ବୋଲି ଗ୍ରୁପ ପ୍ରକାଶ କରିଛି। ନିଷ୍ପତ୍ତି ନେବା ବେଳେ ସେବି ମାତ୍ର କିଛି ସ୍ଥିତିକୁ ବିଚାର କରି ଏଭଳି ନିର୍ଦ୍ଦେଶ ଦେଇଛି। ଏହା ଠିକ୍ ନୁହେଁ ବୋଲି ସାହାରା ପକ୍ଷରୁ କୁହାଯାଇଛି। ସାହାରା ଗ୍ରୁପର ଏକ ସଂସ୍ଥା ସାହାରା ଇଣ୍ଡିଆ କମର୍ସିଆଲ କର୍ପୋରେଶନ ଲିମିଟେଡ(ଏସ୍‌ଆଇସିସିଏଲ୍) ପକ୍ଷରୁ ୧୯୯୮ରେ ଜାରି କରାଯାଇଥିବା ଅପ୍ସନାଲ ଫୁଲ କନଭର୍ଟିବଲ ଡିବେଞ୍ଚର (ଓଏଫସିଡି)କୁ ନେଇ ଏହି ବିବାଦ ଉପୁଜିଛି। ସେବିର ଏହି ନିର୍ଦ୍ଦେଶ ବିରୋଧରେ ଠିକ୍ ପ୍ଲାଟଫର୍ମର ଦ୍ୱାରସ୍ଥ ହେବା ନେଇ ସାହାରା କହିଛି।

**PARADIP PORT TRUST**

**e-TENDERING NOTICE**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from interested bidder for supply of **Printing materials.** The last date and time of submission of the tender is **17.15 hrs.** on **Dt.10.12.2018.** For details, log on to website https://eprocure.gov.in/eprocure/app.

Sr. Dy. Materials Manager

PPT/PR/486/18-19, DT.20.11.2018

**କଟକ ଉନ୍ନୟନ କର୍ତ୍ତୃପକ୍ଷ** (C.D.A)
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ଥିବା ବିକାଶ ସଦନ ମାର୍କେଟ କମ୍ପ୍ଲେକ୍ସ ସ୍ଥିତ ଦୋକାନ ଘର ନଂ A / 62 ଟିକୁ ଶ୍ରୀ ଦିପଚାନ୍ଦ ରାମ, ପିତା – ୰ ଘୁରପତ୍ରି ରାମ, ରାଣୀହାଟ, କେନାଲ ରୋଡ୍, ଏସିଆନ ହୋଟେଲ ପାଖ, ପୋଷ୍ଟ – କଲେଜ ଛକ, ଥା – ମାଲଗୋଦାମ, ଜିଲ୍ଲା – କଟକଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ମୃତ୍ୟୁବରଣ କରିଥିବାରୁ ତାଙ୍କର ପତ୍ନୀ ଉଷା ଦେବୀ ଉକ୍ତ ଦୋକାନ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି।
ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସଚିବ

**idco** Your power to grow | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR.
Tender Call Notice No. EST-52 /2018-19/ 23370 — Dt. 17.11.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of the Work | Procurement Officer | Bid Identification No. | Period of Completion | Value of Work | Availability of Tender on-Line for Bidding: From | To |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of D-Type Quarter at ITI Gumma, in the District of Gajapati. (Ground Floor). | CGM (Civil), IDCO, IDCO Tower, Janpath, Bhubaneswar | Bid Id No. Civil / EST-52/2018-19 | 06 (Six) Calendar Months | Rs. 26,75,831.00 /- | 18.00 Hours of 22.11.2018 | 17.00 Hours of 01.12.2018. |

Further details can be seen from the e-procurement portal. www.tendersorissa.gov.in Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd/-
Chief General Manager (Civil), I/C
IDCO, Bhubaneswar

**DIRECTORATE OF NURSING, ODISHA**

**ADMISSION NOTICE FOR SPECIAL COUNSELING FOR GOVT. ANM & GNM INSTITUTIONS FOR THE ACADEMIC SESSION 2018-19**

**Advertisement No:06** — **Dt: 17.11.2018**

No.583-E: The Special round counseling (**for Govt. ANM & GNM Schools**) for admission in ANM & GNM courses for the academic session 2018-19 will start as per the following schedule subject to following conditions. The candidates are requested to visit the official website **"dohodisha.nic.in"** regularly for more details.

- All the candidates who have successfully verified their documents are eligible to apply for the Special Counselling.
- Candidates are required to give fresh choice as per their desire for the Govt. ANM & GNM Institutions as per the available vacancy along with choice for all other Govt. institutions (where vacancy is not there, as vacancy may arise after interchange of already reported candidates).
- Only the candidates those who will be freshly allotted seats in the Special Round Counselling need to deposit the part course fee online through State Bank Collect and report at the concerned nodal centre along with the original slip of part course fee, Special round counselling allotment letter and original CLC within the stipulated time period.
- Candidates who have been allotted seats in 1st, 2nd & 3rd round counselling & paid the part course fee but not able to report at the Nodal centre within the stipulated time along the payment slip of part course fee , need not deposit the part course fee again. They only need to report at the Nodal centre along with the original slip of part course fee **which was deposited within the due dates**, Special round counselling allotment letter and original CLC.
- All the allotted candidates have to report at the concerned institutions within the stipulated time period.
- During allotment of Vacant seats the Orissa Reservation of vacancies Rule will be followed.

**Tentative Admission calendar for Special round counselling for Govt. ANM & GNM institutions for the academic session 2018-19:**

| Events | ANM /GNM |
|---|---|
| Fresh online choice locking | Dt: 20.11.2018 to Dt: 22.11.2018 |
| Publication of seat allotment. | Dt: 24.11.2018 |
| Deposition of course fees at the Nodal Centers. | Dt: 26.11.2018 to Dt: 27.11.2018 |
| Reporting at respective Institution | Dt: 28.11.2018 to Dt: 29.11.2018 |

**Sd./- CONVENOR**
**GNM Selection Committee**
**Directorate of Nursing, Odisha**

10058/11/0022/1819

**Sd./- CONVENOR**
**ANM Selection Committee**
**Directorate of Nursing, Odisha**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧ ୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା. [illegible] **ବିଜ୍ଞାପନ** ତା [illegible]

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ପ୍ରଶାନ୍ତି ବିହାର, ଶିଖରଚଣ୍ଡି, ପଟିଆ, ଭୁବନେଶ୍ୱର ହାଉସିଂ ପ୍ରକଳ୍ପରେ ଘର ନଂ- ଏଲ୍.ଆଇ.ଜି-୩୮୩, (LIG-383) କୁ (୧) ଶ୍ରୀ ବିଶ୍ୱେଶ୍ୱର ନନ୍ଦ(୨) ଶ୍ରୀ ସର୍ବେଶ୍ୱର ନନ୍ଦ (୩) ମନମୋହନ ନନ୍ଦ, ପି-୰ଦିନବନ୍ଧୁ ନନ୍ଦ (୪) ଶ୍ରୀମତୀ ହରପ୍ରିୟା ନନ୍ଦ, ସ୍ୱା-ପ୍ରିୟରଂଜନ ରଥ, ପ୍ଲଟ ନଂ-୨୨୭/୨୪୫୨, ଶ୍ରୀ ଜଗନ୍ନାଥ ବିହାର, ନୂଆଗାଁ ମ୍ୟୁନିସ୍‌ପାଲିଟି ରୋଡ, ସା-ନାଥପୁର, ପୋ-ଶିଶୁପାଳଗଡ଼, ଥା-ଧଉଳି, ଜି-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ନିରଞ୍ଜନ ମିଶ୍ର, ପି-୰ ଶଙ୍କର୍ଷଣ ମିଶ୍ର, ସା/ପୋ-ଭୁସଲ, ଥା-ଭୁବନ, ଜି-ଢେଙ୍କାନାଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହ / ପ୍ଲଟ / ଦୋକାନ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା- ସଂପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ

## ୨ ହାଇୱେ ଲୁଟେରାଙ୍କୁ ପୋଲିସ ଜିମା

**ଜଳେଶ୍ୱର, ୨୦।୧୧(ଡି.ଏନ.ଏ.):** ମଙ୍ଗଳବାର ଅପରାହ୍ନ ସମୟରେ ୬୦ ନଂ. ଜାତୀୟ ରାଜପଥର ନନ୍ଦିକା ବ୍ରିଜ୍ ଉପରେ ଏକ ପିକ୍‌ଅପ୍ ଡ୍ରାଇଭର ଗିଆସୁଦ୍ଦିନ ମଲିକଙ୍କୁ ୨ଜଣ ହାଇୱେ ଲୁଟେରା ମରଣାନ୍ତକ ଆକ୍ରମଣ କରି ଏକ ମୋବାଇଲ ଓ ନଗଦ ୧୦ ହଜାର ଟଙ୍କା ଛଡ଼ାଇ ନେଇ ପଳାଇ ଯାଉଥିଲେ। ଏହି ସମୟରେ ରାସ୍ତାରେ ଯାଉଥିବା ପଥଚାରୀମାନେ ସେମାନଙ୍କ ଗୋଡ଼ାଇ କାବୁ କରି ନିର୍ଘୁମ ଛେଚିଥିଲେ। ଏହାପରେ ଉକ୍ତ ୨ ଲୁଟେରାଙ୍କୁ ପଥଚାରୀମାନେ ପୋଲିସ ଜିମା ଦେଇଛନ୍ତି। ପୋଲିସ ଉଭୟଙ୍କଠାରୁ ୧ ବାଇକ୍, ୧ ମୋବାଇଲ ଓ ନଗଦ ୧୦ ହଜାର ଟଙ୍କା ଜବତ କରିଛି। ସେମାନଙ୍କ ବିରୋଧରେ ଏକ ଲୁଟ୍ ମାମଲା(ନଂ.୩୩୬/୨୦୧୮) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଦାନ୍ତୁନ ଥାନା ଚକ ଇସମାଇଲ ଗ୍ରାମର ସୁମନ୍ତ ଦାସ(୨୯) ଓ ଜଳେଶ୍ୱର ଥାନା ଶିଖରପୁର ପଞ୍ଚାୟତ ବଜାରଶୋଳ ଗ୍ରାମର ରାଜେଶ ବିଶ୍ୱାଳ(୩୬)। ପିକ୍‌ଅପ୍ ଡ୍ରାଇଭର ଗିଆସୁଦ୍ଦିନଙ୍କ ଘର ଦାନ୍ତୁନ୍ ଥାନା ଅଞ୍ଚଳରେ।






### ଧର୍ମଗଡ ବ୍ଲକ୍‌ରେ ଭତାଯୋଜ୍‌ନା ବାଟ୍‌ବନା

# ୩୦ ହକ୍‌ଦାର ହିତାଧିକାରୀ ଭତା ପାଏବାରୁ ବଁଚିତ୍

ଧର୍ମଗଡ,୨୦।୧୧(ଡି.ଏନ.ଏ)

ସରକାର ବୁଢ଼ାବୁଢ଼ୀ, ବିଧବା, ଭିନ୍ନକ୍ଷମମାନକର ଲାଗି ଭିନେ ଭିନେ ଯୋଜ୍‌ନା ତିଆର କରି କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ କଳାହାଣ୍ଡି ଜିଲାରେ ଆଏଜ୍ ବି ଏନ୍‌ତା ବହୁତ୍‌ଟେ ଗାଁ ଅଛେ ଯେନ୍‌ନେ ଇ ସରକାରୀ ଯୋଜ୍‌ନାମାନ୍ ଅପହଁଚ୍ ହେଇ ରହିଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ୍ ଚିଲିଚିଲା ଗାଁରେ। ଇ ଗାଁରେ ଆଏଜ୍‌ବି ୩୦ରୁ ଅଧିକା ହକ୍‌ଦାର ହିତାଧିକାରୀ ଯୋଜ୍‌ନାର ସୁଫଲ ପାଏବାରୁ ବଁଚିତ୍ ହେଇଛନ୍।



ଭତା ପାଏବାରୁ ବଁଚିତ୍ ହେଇଥିବାର ଚିଲିଚିଲା ଗାଁର ହକ୍‌ଦାର ହିତାଧିକାରୀମାନେ।

ଧର୍ମଗଡ଼ ବ୍ଲକନୁ ୫ କି.ମି. ଦୂରେ ରହିଛେ ଚିଲିଚିଲା ଗାଁ, ଲୋକ୍ ସଂଖ୍ୟା ପାଖାପାଖି ୪ ହଜାର। ଗାଁର ବହୁତ୍‌ଟେ ଲୋକ୍ ଚାଷ୍‌ବାସ ଉପ୍‌ରେ ନିର୍‌ଭର କରୁଥିଲା ବେଳେ ଗରିବ ଲୋକ୍‌ମାନେ କୁଲି ମଜୁରି କରି ନିଜର ପେଟ୍ ପୁଷୁଛନ୍। ଇ ଗାଁରେ ଆଏଜ୍‌ବି ଏନ୍‌ତା ବହୁତ୍‌ଟେ ଲୋକ୍ ଅଛନ୍ ଯେନ୍‌ମାନେ ବଛର ବଛର ହେଲା ବିଧବା, ବୁଢ଼ାବୁଢ଼ୀ ଆର୍ ଭିନ୍ନକ୍ଷମ ଭତା ପାଏବାରୁ ବଁଚିତ ହେଇଛନ୍। ମାସେ କି ଦୁଇମାସ ନୁହେ ବଛର ବଛର ହେଲା ଇମାନେ ପଁଚେତ୍‌ରୁ ବ୍ଲକ୍ ତକ୍ ଦଉଡୁଛନ୍। ହେଲେ ଆଏଜ୍‌ତକ୍ କେହେନ୍‌ସି ପରକାର ସୁଫଲ ନାଇଁ ପାଇପାରୁଥିବାର ହକ୍‌ଦାର ହିତାଧିକାରୀମାନେ ଅଭିଯୋଗ୍ କରିଛନ୍। ଇ ଗରିବ୍ ଦୁଖିମାନେ ଭତା ପାଏଲେ ତେଲନୁନ୍ ଟିକେ ହେଲେ କରିପାରତେ। ହେଲେ ସରକାରୀ ଉଦାସୀନତା ହେଉ କି ପର୍‌ଶାସନର ଅବହେଲା, ଆଏଜ୍‌ତକ୍ ଇମାନେ ସରକାରୀ ସୁବିଧା ସୁଯୋଗ୍‌ନୁ ବଁଚିତ୍ ହେଇଛନ୍। ଇ ନିହାତି ଗରିବ୍ ହକ୍‌ଦାର ହିତାଧିକାରୀମାନେ ବାରବାର ପର୍‌ଶାସନକେ ଗୁହାରି କରୁଥିଲେ ବି ଯୋଜ୍‌ନାର ସୁଫଲ ପାଏବାରୁ ବଁଚିତ୍ ହେଉଛନ୍। ଇ ଦିଗେ ପର୍‌ଶାସନ ଖାସ୍ ଦୁରୁଷ୍‌ଟି ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ଥାନୀୟ ସରପଁଚ୍ ବିରକିଶୋର ନାଏକଙ୍କୁ ପଚ୍‌ରାଲାରୁ ସମସିଆର ସମାଧାନ ଲାଗି ମୁଇଁ ନିଜେ ଚିଲିଚିଲା ଗାଁକେ ଯାଇ ବାଦ୍ ପଡ଼ିଥିବାର ହକ୍‌ଦାର ହିତାଧିକାରୀଙ୍କୁ ଚିନ୍‌ହଁଟ କରମି ଆର୍ ସେମାନକୁ ଭତା ଯୋଜ୍‌ନାରେ ସାମିଲ କରମି ବଲି କହିଥିଲେ। ସେନ୍‌ତା ଧର୍ମଗଡ ବିଡିଓ ଅଶୋକ କୁମାର ଭୋଇଙ୍କୁଁ ପଚ୍‌ରାଲାରୁ ଘଟ୍‌ନାର ତଦଁତ୍ କରି ହକ୍‌ଦାର ହିତାଧିକାରୀଙ୍କୁ ଯୋଜ୍‌ନାରେ ସାମିଲ କରାଯିବା ବଲି କହିଥିଲେ।

## ବାଇକ୍‌ରୁ ପଡ଼ି ମହିଳା ମୃତ

ଖଇରା, ୨୦।୧୧(ଡି.ଏନ.ଏ.)

ଖଇରା ଥାନା ସାରଡାଙ୍ଗ ପଞ୍ଚାୟତ ଅଧୀନ ହରନବାବି ଗ୍ରାମର ରଙ୍ଗଲତା ପୃଷ୍ଟି(୫୫) ବାଇକ୍‌ରୁ ପଡି ମୃତ୍ୟୁବରଣ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ସେ ସମ୍ପର୍କୀୟଙ୍କ ବାଇକ୍‌ରେ ବସି ଖଇରା ଡାକ୍ତରଖାନାକୁ ଯାଉଥିବା ବେଳେ ତେଲଡିହା ଗ୍ରାମ ନିକଟରେ ବାଇକ୍‌ରୁ ଖସି ପଡିଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ତାଙ୍କ ପରିବାର ଲୋକ ଜାଣିବା ପରେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିଲେ। ମୃତଦେହ ଗାଁରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

### ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଶିଶୁ ବିକ୍ରି ଉଦ୍ୟମ

# ୨୫ ହଜାର ଟଙ୍କାରେ ଶିଶୁପୁତ୍ର ବିକ୍ରି ଉଦ୍ୟମ

**ସୁନ୍ଦରଗଡ଼, ୨୦।୧୧ (ଡି.ଏନ୍.ଏ.)** ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଆଦିବାସୀ ଦମ୍ପତିଙ୍କୁ ପ୍ରଲୋଭିତ କରି ଏକ ଘରୋଇ ନର୍ସିଂହୋମର ଜଣେ ନର୍ସ ୨୫ହଜାର ଟଙ୍କାରେ ଶିଶୁପୁତ୍ର କିଣିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ତାହା ବିଫଳ ହୋଇଛି। ଶିଶୁପୁତ୍ର ବିକ୍ରି ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଜିଲା ଶିଶୁ ସୁରକ୍ଷା ବିଭାଗ ଓ ପୋଲିସର ତତ୍ପରତା ଯୋଗୁ ଏହି ଉଦ୍ୟମ ଫସର ଫାଟିଛି। ପୋଲିସ ଓ ଡାକ୍ତରଖାନା କର୍ତ୍ତୃପକ୍ଷ ଏହି ଦମ୍ପତି ଓ ସମ୍ପୃକ୍ତ ନର୍ସଙ୍କୁ ପଚରାଉଚରା କରି ତଦନ୍ତ ପରେ ଘଟଣାର ପର୍ଦ୍ଦାଫାଶ ହୋଇଛି। ପଡୋଶୀ ଛତିଶଗଡ ରାଜ୍ୟର ତୁମଲା ଥାନା ଅନ୍ତର୍ଗତ ତୁରୁଙ୍ଗାମାଲ ଗ୍ରାମର ସୁନୀଲ କୁମାର ମାଝି ସେହି ଗ୍ରାମର ଜଣେ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଯୁବତୀ ଜଣକ ଗର୍ଭବତୀ ହେବା ପରେ ଉଭୟେ ସୁନ୍ଦରଗଡ ଚାଲିଆସି ଏକ ଘରୋଇ ନର୍ସିଂହୋମରେ ଗର୍ଭନଷ୍ଟ ପାଇଁ ପହଞ୍ଚିଥିଲେ। ମାତ୍ର ସେଠାରେ ଥିବା ଜଣେ ନର୍ସ ତାଙ୍କୁ ଗର୍ଭନଷ୍ଟ କରିବା ପାଇଁ ବାରଣ କରିଥିଲେ। ପିଲା ଜନ୍ମ ହେବା ପରେ ସେହି ପିଲାକୁ ତାଙ୍କୁ ଦେଇ ଦେବାକୁ ସେ କୁଆଡେ କହିଥିଲେ। ସାମାଜିକ ଲୋକଲଜ୍ଜା ଯୋଗୁ ଗର୍ଭନଷ୍ଟ କରିବାକୁ ଚାହୁଁଥିବା ଏହି ଯୁବତୀ ପରେ ବିବାହ କରି ସ୍ୱାମୀ, ସ୍ତ୍ରୀ ଭାବେ ବଡ଼ଗାଁ ଗୌଡପଡା ନିକଟରେ କିଛି ମାସ ହେବ ରହିଆସୁଥିଲେ। ଉକ୍ତ ନର୍ସ ଜଣକ ଗର୍ଭବତୀଙ୍କ ସମସ୍ତ ଔଷଧ ଖର୍ଚ୍ଚ ଓ ଡାକ୍ତରୀ ପରୀକ୍ଷା ବୁଝାବୁଝି କରିଆସୁଥିଲେ। ରବିବାର ପ୍ରସବ ବେଦନା ହେବାରୁ ମହିଳାଙ୍କୁ ଆଣି ସୁନ୍ଦରଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେହିଦିନ ସାଢେ ୧୨ଟାରେ ସେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ସନ୍ତାନ ଜନ୍ମ ହେବା ପରେ ନର୍ସ ଜଣକ ପୂର୍ବ କଥାବାର୍ତ୍ତା ଅନୁଯାୟୀ ଶିଶୁପୁତ୍ରଙ୍କୁ ତାଙ୍କୁ ଦେଇ ଦେବାକୁ କହିଥିଲେ। ମାତ୍ର ସୁନ୍ଦର ପୁତ୍ର ସନ୍ତାନ ଜନ୍ମ ଦେବା ପରେ ଉଭୟ ସୁନୀଲ ଓ ତାଙ୍କ ସ୍ତ୍ରୀ ଆଉ ଶିଶୁ ପୁତ୍ରକୁ ଦେବାକୁ ରାଜି ହୋଇ ନ ଥିଲେ। ଏଥିରେ ନର୍ସ ଜଣକ ରାଗି ଯାଇ ତାଙ୍କ ପିଛାରେ ଖର୍ଚ୍ଚ କରିଥିବା ୨୫ହଜାର ଟଙ୍କା ଦେବାକୁ ଦାବି କରିଥିଲେ। ଏଥିରେ ସୁନୀଲ ୧୫ହଜାର ଟଙ୍କା ଯୋଗାଡ କରି ଦେଇଥିଲେ। ଏହା ଘଟଣା ଜଣାପଡିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଓ ଟାଉନଥାନା ପୋଲିସ ଉପସ୍ଥିତିରେ ତଦନ୍ତ ଆରମ୍ଭ କରିଥିଲେ। ପ୍ରଶାସନର ତନାଘନା ପରେ ସମ୍ପୃକ୍ତ ନର୍ସ ଜଣକ ନେଇଥିବା ୧୫ହଜାର ଟଙ୍କା ସେହି ଦମ୍ପତିଙ୍କୁ ଫେରାଇଥିଲେ।






ସ୍ମିଥ୍ ଓ ୱାର୍ନରଙ୍କ ଅନୁପସ୍ଥିତି ସତ୍ତ୍ୱେ ଆମେ ଭାରତକୁ ଟି୨୦ ସିରିଜରେ ଚ୍ୟାଲେଞ୍ଜ ଦେଇ ପାରିବୁ ।
–ଆରୋନ୍ ଫିଞ୍ଚ୍, ଅଷ୍ଟ୍ରେଲୀୟ ଅଧିନାୟକ



ଅଷ୍ଟ୍ରେଲିଆ ବିପକ୍ଷ କ୍ରିକେଟ ସିରିଜରେ ବିପକ୍ଷ ଦଳ ଆଭିମୁଖ୍ୟ ଅନୁସାରେ ନିଜର ରଣକୌଶଳ ପ୍ରସ୍ତୁତ କରିବୁ ।
–ବିରାଟ କୋହଲି, ଭାରତୀୟ ଅଧିନାୟକ

# ଟି୨୦ ସିରିଜ ଆଜିଠାରୁ

**ବ୍ରିସ୍‌ବେନ୍, ୨୦।୧୧ (ପି.ଟି.)**

ବୁଧବାରଠାରୁ ଏଠାରେ ଆରମ୍ଭ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜରେ ଭାରତୀୟ ଟିମ୍ ଫେଭରାଇଟ୍ ଦଳ ଭାବେ ପଡ଼ିଆକୁ ଓହ୍ଲାଇବ। ଭ୍ରମଣକାରୀ ଦଳ ୨୦୧୭ ନଭେମ୍ବରରୁ ଏପର୍ଯ୍ୟନ୍ତ ୭ଟି ଟି୨୦ ସିରିଜରେ ବିଜୟ ଲାଭ କରି ସାରିଛି। ଭାରତ ଶେଷଥର ପାଇଁ ଏହି ଫର୍ମାଟରେ ଗତବର୍ଷ ଜୁଲାଇରେ ୱେଷ୍ଟଇଣ୍ଡିଜ ନିକଟରୁ ପରାଜିତ ହୋଇଥିଲା। 'ମେନ ଇନ୍ ବ୍ଲୁ' ଦଳ ଏହାପୂର୍ବରୁ ଯେତେବେଳେ ଅଷ୍ଟ୍ରେଲିଆ ଟୁର୍‌ରେ ଆସିଥିଲା ଟି୨୦ ସିରିଜକୁ ୨–୦ରେ ଜିତିନେଇଥିଲା । ତେଣୁ ଏଥର ଭଲ ପ୍ରଦର୍ଶନ ନେଇ ଦଳର ଦୃଢ଼ ଆତ୍ମବିଶ୍ୱାସ ରହିଛି। ଅନ୍ୟପକ୍ଷରେ ବଲ୍ ଟ୍ୟାମ୍ପରିଂ ସ୍କାଣ୍ଡାଲ ପରେ ଅଷ୍ଟ୍ରେଲିଆ କ୍ରିକେଟରେ ଅସ୍ଥିରତା ଦେଖା ଦେଇଛି। ଷ୍ଟିଭ ସ୍ମିଥ୍, ଡେଭିଡ ୱାର୍ନର ଏବଂ କାମେରନ ବ୍ୟାନ୍‌କ୍ରଫ୍ଟଙ୍କ ଉପରୁ ବାସନ୍ଦ ଦଣ୍ଡ ହ୍ରାସ ପାଇଁ ଅଷ୍ଟ୍ରେଲିଆନ କ୍ରିକେଟର୍ସ ଆସୋସିଏଶନ ପକ୍ଷରୁ ହୋଇଥିବା ଉଦ୍ୟମ ବିଫଳ ହୋଇଛି। ସ୍ମିଥ୍ ଓ ୱାର୍ନରଙ୍କ ଅନୁପସ୍ଥିତି ନିଶ୍ଚୟ ଅନୁଭବ ହେବ। ବଲ୍ ଟ୍ୟାମ୍ପରି ମାମଲାରେ ଏହି ଦୁଇ ଖେଳାଳି ବାସନ୍ଦ ହେବାପରଠାରୁ ମାର୍ଚ୍ଚ ପରେ ଅଷ୍ଟ୍ରେଲିଆ ଗୋଟିଏ ହେଲେ ଟି୨୦ ସିରିଜ ଜିତିବାରେ ସଫଳ ହୋଇନାହିଁ। ଜୁନ୍‌ରେ ଦଳ ଇଂଲଣ୍ଡ ବିପକ୍ଷ ଏକମାତ୍ର ଟି୨୦ରେ ପରାଜିତ ହୋଇଛି। ଜିମ୍ବାୱେରେ ତ୍ରିରାଷ୍ଟ୍ରୀୟ ଟି୨୦ ଫାଇନାଲରେ ସେମାନେ ପାକିସ୍ତାନ ନିକଟରୁ ହାରିଛନ୍ତି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଏକ ଦ୍ୱିପାକ୍ଷିକ ସିରିଜରେ ପାକିସ୍ତାନ ୩–୦ରେ ଏହି ଦଳକୁ ପରାସ୍ତ କରିଛି। ପୁନଶ୍ଚ ଶନିବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ବର୍ଷାରେ ବାଧାପ୍ରାପ୍ତ ଏକମାତ୍ର ଟି୨୦ରେ ଅଷ୍ଟ୍ରେଲିଆ ପରାସ୍ତ ହୋଇଛି। ହେଲେ ନିଜ ଦେଶରେ ଦଳର ପ୍ରଦର୍ଶନରେ ପରିବର୍ତ୍ତନ ଘଟିଛି କି ନା ତାହା ଦେଖିବବାକୁ ବାକି ରହିଲା।



ଟି୨୦ ସିରିଜ୍ ଟ୍ରଫି ସହ ବିରାଟ କୋହଲି ଓ ଆରୋନ ଫିଞ୍ଚ୍।

■ ଭାରତୀୟ ଦଳ: (ଚୂଡ଼ାନ୍ତ ଦ୍ୱାଦଶ ଖେଳାଳି): ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ ଶର୍ମା, ଲୋକେଶ ରାହୁଲ, ଦୀନେଶ କାର୍ତ୍ତିକ, ରିଶଭ ପନ୍ତ (ଉଇକେଟକିପର), କ୍ରୁନାଲ ପାଣ୍ଡ୍ୟା, ଯୁଜବେନ୍ଦ୍ର ଚହଲ, କୁଲ୍‌ଦୀପ ଯାଦବ, ଯଶପ୍ରୀତ ବୁମ୍ରା, ଭୁବନେଶ୍ୱର କୁମାର ଓ ଖଲିଲ ଅହମ୍ମଦ।

■ ଅଷ୍ଟ୍ରେଲିଆ ଦଳ: ଆରୋନ ଫିଞ୍ଚ୍ (ଅଧିନାୟକ), ଅଷ୍ଟନ ଅଗର, ଜାସନ ବେହରନଡ୍ରଫ୍, ଆଲେକ୍ସ କ୍ୟାରେ, ନାଥାନ କୋଲ୍‌ଟର ନାଇଲ, କ୍ରିସ୍ ଲିନ୍, ବେନ୍ ମ୍ୟାକଡରମଟ, ଗ୍ଲେନ ମାକ୍ସୱେଲ, ଡି'ଆର୍ସି ଶର୍ଟ, ବିଲି ଷ୍ଟାନଲେକ୍, ମାର୍କସ ଷ୍ଟୋଇନିସ୍ ଆଣ୍ଡ୍ରୁ ଟାଇ ଓ ଆଡାମ ଜାମ୍ପା।

**ମ୍ୟାଚ ଆରମ୍ଭ: ଅପରାହ୍ଣ ୧ଟା ୨୦**

# ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ମେରି କମ୍‌ଙ୍କ କୃତିତ୍ୱ



ବିଜୟ ହାସଲ ପରେ ଏମ୍.ସି. ମେରିକମ୍ (ଡାହାଣ)।

**ନୂଆଦିଲ୍ଲୀ, ୨୦।୧୧(ପି.ଟି.)**

ତାରକା ଭାରତୀୟ ବକ୍ସର ଏମ୍.ସି. ମେରିକମ୍ ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ୭ମ ପଦକ ନିଶ୍ଚିତ କରିଛନ୍ତି। ମଙ୍ଗଳବାର ମେରିକମ୍ ସେମିଫାଇନାଲରେ ପ୍ରବେଶ କରିବା ସହ ଏହି ସମ୍ମାନଜନକ ପ୍ରତିଯୋଗିତାର ଇତିହାସରେ ଶ୍ରେଷ୍ଠ ବକ୍ସର ହେବାର ସୌଭାଗ୍ୟ ଲାଭ କରିଛନ୍ତି। ମଙ୍ଗଳବାର ସ୍ଥାନୀୟ କେଡି ଯାଦବ ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଇଥିବା ମହିଳା ୪୮ କିଗ୍ରା ଲାଇଟ୍ ଫ୍ଲାଏୱେଟ୍ ବର୍ଗର କ୍ୱାର୍ଟରଫାଇନାଲରେ ୩୫ ବର୍ଷୀୟା ମେରିକମ୍ ୫–୦ (୩୦–୨୭, ୨୯–୨୮, ୩୦–୨୭, ୨୯–୨୮, ୩୦–୨୭)ରେ ଚାଇନାର ଉ ୟୁ'ଙ୍କୁ ପରାସ୍ତ କରି ଅନ୍ତିମ–୪ରେ ପ୍ରବେଶ କରିଛନ୍ତି। ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ମେରିକମ୍ ସେମିଫାଇନାଲରେ ଉତ୍ତର କୋରିଆର କିମ୍ ହ୍ୟାଙ୍ଗ୍‌ଙ୍କୁ ଭେଟିବେ। ଗତବର୍ଷ ଏସିଆନ ଚାମ୍ପିୟନଶିପ୍‌ରେ ଉଭୟଙ୍କ ମଧ୍ୟରେ ଲଢ଼େଇ ହୋଇଥିବାବେଳେ ଏଥିରେ କୋରିଆ ବକ୍ସରଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ମେରିକମ୍ ସେମିଫାଇନାଲରେ ପ୍ରବେଶ କରିଥିବାରୁ ଦେଶ ପାଇଁ ପଦକ ନିଶ୍ଚିତ କରିଛନ୍ତି। ଏଥିସହ ସେ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଇତିହାସର ଶ୍ରେଷ୍ଠ ବକ୍ସର ହେବାର କୃତିତ୍ୱ ହାସଲ କରିଛନ୍ତି। ଆୟର୍ଲାଣ୍ଡର କିମ୍ବଦନ୍ତୀ ବକ୍ସର କେଟୀ ଟେଲର ଏହି ପ୍ରତିଯୋଗିତାରେ ମୋଟ୍ ୬ଟି ପଦକ ଜିତିଥିବାବେଳେ ମେରିକମ୍ ଏବେ ତାଙ୍କୁ ପଛରେ ପକାଇ ଦେଇଛନ୍ତି।

## ସଂକ୍ଷେପରେ

### ୧୦ ଉଇକେଟରେ ଜିତିଲା ଓଡ଼ିଶା

**କଟକ ଅଫିସ,୨୦।୧୧:** ଅଗରତାଲାର ପୋଲିସ ଟ୍ରେନିଂ ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୬ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଓଡ଼ିଶା ୧୦ ଉଇକେଟରେ ତ୍ରିପୁରାକୁ ପରାସ୍ତ କରିଛି । ତେବେ ଚଳିତ ସିଜନ୍‌ରେ ଓଡ଼ିଶାର ଏହାର ଅନ୍ତିମ ମ୍ୟାଚ୍ ଥିବା ବେଳେ ପ୍ରତିଯୋଗିତାର ପ୍ରଥମ ବିଜୟସ୍ୱାଦ ଚାଖିଛି । ୫ଟି ମ୍ୟାଚ୍ ଖେଳି ଓଡ଼ିଶା ୩ଟି ଡ୍ର ସମେତ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ବଳରେ ୧୪ ପଏଣ୍ଟ ପାଇଁ ପୂର୍ବାଞ୍ଚଳ ପଏଣ୍ଟ ଟେବୁଲର ୩ ସ୍ଥାନରେ ରହିବା ସହ ଅଭିଯାନ ଶେଷ କରିଛି । ତ୍ରିପୁରାର ପ୍ରଥମ ଇନିଂସ୍ ୧୨୮ରନ୍ ଜବାବରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ସମସ୍ତ ଉଇକେଟ ହରାଇ ୨୩୦ରନ୍ ସଂଗ୍ରହ କରିଥିଲା । ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ତ୍ରିପୁରା ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ୫ ଉଇକେଟ ବିନିମୟରେ ୬୧ ରନ କରିବା ସହ ୪୧ ରନରେ ପଛୁଆ ଥିଲା । ମଙ୍ଗଳବାର ତଥା ମ୍ୟାଚ୍‌ର ଅନ୍ତିମ ଦିବସରେ ୧୨୪ରନରେ ଅଲଆଉଟ ହୋଇ ଓଡ଼ିଶା ସମ୍ମୁଖରେ ୨୩ରନ୍‌ର ସହଜ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଦୁଇ ଓପନର ବିଶ୍ୱବିଭବ ମୁଦୁଲି(୨୨ରନ୍) ଓ ବିଶ୍ୱଜିତ ପାତ୍ର(୪ରନ) ଅପରାଜିତ ରହି ଓଡ଼ିଶାକୁ ବିଜୟୀ କରାଇଥିଲେ । ତ୍ରିପୁରାର ଦ୍ୱିତୀୟ ଇନିଂସ୍‌ରେ ଓଡ଼ିଶାର ଶ୍ରେଷ୍ଠ ସିଂ ଓ ରମେଶ ମେଲକା ୩ଟି ଲେଖାଏ ଉଇକେଟ ହାସଲ କରିଛନ୍ତି ।

### ଗୋଆର ବ୍ୟାଟିଂ ବିପର୍ଯ୍ୟୟ

**କଟକ ଅଫିସ,୨୦।୧୧:** ଗୋଆର ମାରଗାଓ କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ଚାଲିଥିବା ୧୯ବର୍ଷରୁ କମ୍ କୁଚବିହାର ଟ୍ରଫି ଓଡ଼ିଶା-ଗୋଆ ବିପକ୍ଷ ମ୍ୟାଚ୍‌ର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୫ ଉଇକେଟ ହରାଇ ୨୯୦ରନ୍ କରିଥିବା ଓଡ଼ିଶା ୩୬୮ ରନ୍‌ରେ ସୀମିତ ରହିଛି । ୭୪ରନ୍‌ରେ ଅପରାଜିତ ଥିବା ଅନୀଲ ପରିଡ଼ା ୧୦୭ରନ୍‌ର ଶତକୀୟ ଇନିଂସ୍ ଖେଳିଛନ୍ତି । ଗୋଆ ପକ୍ଷରୁ ଏସ୍.ଏ ମିଶ୍ର ସର୍ବାଧିକ ୪ଟି ଉଇକେଟ ଦଖଲ କରିଛନ୍ତି । ଅନ୍ୟପକ୍ଷରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଗୋଆ ୮ ଉଇକେଟ ହରାଇ ୯୩ରନ୍ କରିଛି । ଓଡ଼ିଶା ପକ୍ଷରୁ ଶେଖର ମାଝୀ ୩ଟି ଓ ବିଶ୍ୱଜିତ ମଲ୍ଲିକ ୨ଟି ଉଇକେଟ ଅକ୍ତିଆର କରିଥିଲେ । ତେବେ ଓଡ଼ିଶା ପ୍ରଥମ ଇନିଂସ ଅଗ୍ରଣୀ କରିବା ସହ ମ୍ୟାଚ୍ ବିଜୟୀ ସୁଯୋଗ ସୃଷ୍ଟି ହୋଇଛି ।

### ପୋଥାସ୍ ୱେଷ୍ଟଇଣ୍ଡିଜର ଅନ୍ତରୀଣ କୋଚ୍

**ସେଣ୍ଟ ଲୁସିଆ, ୨୦।୧୧:** ୱେଷ୍ଟଇଣ୍ଡିଜ କ୍ରିକେଟ ଦଳର ଫିଲ୍ଡିଂ କୋଚ୍ ନିକ୍ ପୋଥାସ୍‌ଙ୍କୁ ଆଗାମୀ ବାଂଲାଦେଶ ଗସ୍ତ ଲାଗି ଅନ୍ତରୀଣ କୋଚ୍ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରାକ୍ତନ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଷ୍ଟୁଆର୍ଟ ଲ' ଗତମାସରେ ୱେଷ୍ଟଇଣ୍ଡିଜ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରୁ ଓହରି ଯାଇଥିଲେ। କାଉଣ୍ଟି କ୍ରିକେଟ କ୍ଲବ ମିଡଲ୍‌ସେକ୍ସ ଦଳର ମୁଖ୍ୟ କୋଚ୍ ଭାବେ ୪ ବର୍ଷିଆ ଚୁକ୍ତି କରିଥିବାରୁ ଲ' ଏହି ନିଷ୍ପତ୍ତି ନେଇଥିଲେ। ଫଳରେ ୱେଷ୍ଟଇଣ୍ଡିଜ କ୍ରିକେଟ ଦଳର ମୁଖ୍ୟ କୋଚ୍ ପଦ ଶୂନ୍ୟ ପଡ଼ିଥିଲା। ବାଂଲାଦେଶ ଗସ୍ତରେ ଥିବା ୱେଷ୍ଟଇଣ୍ଡିଜ ଦଳ ଗୁରୁବାରଠାରୁ ଘରୋଇ ଦଳ ବିପକ୍ଷରେ ଚିଟ୍ଟାଗଙ୍ଗରେ ପ୍ରଥମ ମ୍ୟାଚ୍ ଖେଳିବ।

# ସାହାଣୀ କପ୍: ସମ୍ବଲପୁର, ଢେଙ୍କାନାଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ ବିଜୟୀ

**କଟକ ଅଫିସ, ୨୦।୧୧**

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଓ ସମ୍ବଲପୁର ଜିଲା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ସମ୍ବଲପୁରରେ ଚାଲିଥିବା ୫୯ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ୍ ତଥା ସାହାଣୀ କପ୍‌ରେ ମଙ୍ଗଳବାର ୪ଟି ମ୍ୟାଚ୍ ଖେଳାଯାଇଛି । ସମ୍ବଲପୁର ଭେନ୍ୟୁରେ ଅନୁଷ୍ଠିତ ମ୍ୟାଚ୍‌ରେ ସମ୍ବଲପୁର ୨–୦ ଗୋଲରେ ପୁରୀକୁ ପରାସ୍ତ କରିଥିଲା । ସେହିପରି ନକଟିଦେଉଳ ଭେନ୍ୟୁରେ ଖେଳାଯାଇଥିବା ମ୍ୟାଚ୍‌ରେ ଢେଙ୍କାନାଳ ୧–୦ ଗୋଲରେ ମୟୂରଭଞ୍ଜକୁ, କୁଚିଣ୍ଡା ଭେନ୍ୟୁରେ ଖେଳାଯାଇଥିବା ମ୍ୟାଚ୍‌ରେ ଝାରସୁଗୁଡ଼ା ୪–୧ ଗୋଲରେ କେନ୍ଦୁଝରକୁ ଓ ହୀରାକୁଦ ଭେନ୍ୟୁରେ ଅନୁଷ୍ଠିତ ମ୍ୟାଚ୍‌ରେ ସୁନ୍ଦରଗଡ଼ ୪–୧ ଗୋଲରେ କଳାହାଣ୍ଡିକୁ ପରାସ୍ତ କରିଛି ।

# ପାକିସ୍ତାନର କ୍ଷତିପୂରଣ ଦାବିକୁ ପ୍ରତ୍ୟାଖ୍ୟାନ କଲା ଆଇସିସି

**ଦୁବାଇ, ୨୦।୧୧ (ପି.ଟି.)**

ଭାରତ ବିପକ୍ଷ ଦ୍ୱିପାକ୍ଷିକ ସିରିଜ ନେଇ ପାକିସ୍ତାନ ତରଫରୁ କରାଯାଇଥିବା କ୍ଷତିପୂରଣ ଦାବିକୁ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ମଙ୍ଗଳବାର ପ୍ରତ୍ୟାଖ୍ୟାନ କରିଦେଇଛି । ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଉପସ୍ଥାପନ କରାଯାଇଥିବା ଯୁକ୍ତିକୁ ଆଇସିସି ଗ୍ରହଣ କରିଛି। ୨୦୧୫ ରୁ ୨୦୨୩ ମଧ୍ୟରେ ୬ଟି ଦ୍ୱିପାକ୍ଷିକ ସିରିଜ ଖେଳିବା ଲାଗି ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ମାତ୍ର ୨୦୦୮ରେ ମୁମ୍ବାଇ ଉପରେ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ତିକ୍ତତା ଦେଖାଦେଇଥିବାରୁ ଦ୍ୱିପାକ୍ଷିକ କ୍ରିକେଟ ସମ୍ପର୍କ ଛିନ୍ନ ହୋଇଛି । ବିସିସିଆଇ ବୁଝାମଣାପତ୍ରକୁ ଅମାନ୍ୟ କରିଥିବା ଦର୍ଶାଇ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ୪୪୭ କୋଟି ଟଙ୍କା କ୍ଷତିପୂରଣ ଦାବି କରିଛି। ଭାରତୀୟ ବୋର୍ଡ ଦର୍ଶାଇଛି ସରକାରଙ୍କ ବିନା କ୍ଲିୟରାନ୍ସରେ ଦ୍ୱିପାକ୍ଷିକ କ୍ରିକେଟ ସମ୍ଭବ ନୁହେଁ । ଦ୍ୱିତୀୟତଃ ଆଇସିସି ରାଜସ୍ୱ ବଣ୍ଟନଆରା ନେଇ ଭାରତ ଦେଇଥିବା ପ୍ରସ୍ତାବକୁ ସମର୍ଥନ ଲାଗି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ମଧ ପାକିସ୍ତାନ ତାହାର ଖିଲାପ କରିଥିଲା। ଏହି ସବୁ କାରଣରୁ ବୁଝାମଣାପତ୍ରକୁ ମାନିବା ପାଇଁ ଆମେ ବାଧ ନୁହେଁ ବୋଲି ବିସିସିଆଇ ଦର୍ଶାଇଥିଲା। ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାୟ କହିଛନ୍ତି, ଆମ ଆଭିମୁଖ୍ୟକୁ ଆଇସିସି ଗ୍ରହଣ କରିଥିବାରୁ ଆମେ ଖୁସି। ପିସିବି ଯାହାକୁ ବୁଝାମଣାପତ୍ର ବୋଲି କହୁଛି ତାହା ଏକ ପ୍ରସ୍ତାବ ଚିଠି ମାତ୍ର । ରାୟ କହିଛନ୍ତି, ଏହି ପ୍ରସଙ୍ଗରେ ଆଇନଗତ ଖର୍ଚ୍ଚ ଦାବି କରି ବିସିସିଆଇ ବର୍ତ୍ତମାନ ପିସିବି ବିରୋଧରେ ଏକ ପ୍ରତିକ୍ଷତିପୂରଣ ମାମଲା ଦାୟର କରିବ। ଏଥିପାଇଁ ଲିଗାଲ ଟିମ୍ ସହିତ ଆଲୋଚନା ଚାଲିଛି। ସୂଚନାଯୋଗ୍ୟ, ପିସିବିର କ୍ଷତିପୂରଣ ଦାବିର ବିଚାର ପାଇଁ ଆଇସିସି ଗତବର୍ଷ ୩ ଜଣିଆ ସଦସ୍ୟ ବିଶିଷ୍ଟ ଡିସ୍‌ପ୍ୟୁଟ୍ ରିଜୋଲୁଶନ କମିଟି ଗଠନ କରିଥିଲା। ମାମଲାର ଶୁଣାଣି ଆଇସିସି ମୁଖ୍ୟ କାର୍ଯ୍ୟାଳୟରେ ଅକ୍ଟୋବର ୧ରୁ ୩ ପର୍ଯ୍ୟନ୍ତ ହୋଇଥିଲା। ଅନ୍ୟପକ୍ଷରେ ପାକିସ୍ତାନ କ୍ରିକେଟ ବୋର୍ଡ ମଙ୍ଗଳବାରର ରାୟ ଉପରେ ନୈରାଶ୍ୟ ପ୍ରକାଶ କରିଛି। ଜଜ୍‌ମେଣ୍ଟ କାଗଜପତ୍ର ଅନୁଧ୍ୟାନ କରିବା ପରେ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଚିନ୍ତା କରିବ ବୋଲି କହିଛି।

# ରାଜେଶଙ୍କୁ ୫ ଉଇକେଟ ସଫଳତା

## ରଣଜୀ ଟ୍ରଫି

**ଭୁବନେଶ୍ୱର,୨୦।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ଗୁଆହାଟୀର ବର୍ସପରା କ୍ରିକେଟ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଆସାମ ବିପକ୍ଷ ରଣଜୀ ଟ୍ରଫି ଗ୍ରୁପ୍ ସି' ଏଲିଟ ମ୍ୟାଚ୍‌ରେ ଭ୍ରମଣକାରୀ ଓଡ଼ିଶା ପ୍ରଥମ ଦିନରେ ପ୍ରଭାବ ବିସ୍ତାର କରି ଉନ୍ନତ ପ୍ରଦର୍ଶନ କରିଛି। ଯୁବ ଦ୍ରୁତ ବୋଲର ରାଜେଶ ମହାନ୍ତି ପ୍ରଥମଥର ପାଇଁ ୫ ଉଇକେଟ ସଫଳତା ହାସଲ କରି ଆସାମକୁ ବଡ଼ ସ୍କୋର ହାସଲ କରିବାର ସୁଯୋଗ ଦେଇନାହାନ୍ତି। ଟସ୍ ଜିତି ଓଡ଼ିଶା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ ଆସାମ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଇନିଂସରେ ୫୧.୧ ଓଭରରେ ୧୨୧ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଓଡ଼ିଶା ପ୍ରଥମ ଇନିଂସ ଆରମ୍ଭ କରି ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ୨୮ ଓଭରରେ ୩ ଉଇକେଟ ହରାଇ ୮୬ ରନ ସଂଗ୍ରହ କରିଛି। ଫଳରେ ୭ ଉଇକେଟ ବାକିଥାଇ ଓଡ଼ିଶା ଏବେ ମାତ୍ର ୩୫ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଅନୁରାଗ ଷଡ଼ଙ୍ଗୀ ୬୧ ଓ ଅଧିନାୟକ ବିପ୍ଳବ ସାମନ୍ତରାୟ ୭ ରନ କରି ଅପରାଜିତ ରହିଛନ୍ତି। ଆଉଟ ହୋଇଥିବା ୩ ବ୍ୟାଟ୍ସମ୍ୟାନ ରାଜେଶ ଧୂପର, ଗୋବିନ୍ଦ ପୋଦ୍ଦାର ଓ ଶୁଭ୍ରଂଶୁ ସେନାପତି ଯଥାକ୍ରମେ ୧, ଖାତା ଖୋଲି ନ ପାରି ଓ ୧୦ ରନ କରି ପ୍ୟାଭିଲିୟନ ଫେରିଛନ୍ତି। ଆସାମ ଦ୍ରୁତ ବୋଲର ମୁକ୍ତାର ହୁସେନ ଏହି ୩ଟି ଯାକ ଉଇକେଟ ଅକ୍ତିଆର କରିଛନ୍ତି।



ରାଜେଶ ମହାନ୍ତି

ପ୍ରଥମେ ବ୍ୟାଟିଂ କରିଥିବା ଆସାମ ପକ୍ଷରୁ ୬ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଓପନର ରିଷଭ ଦାସ ୧୪, ଶିବଶଙ୍କର ରଏ ୧୬, ରିୟାନ ପରାଗ ୨୪, ଅରୂପ ଦାସ ୧୬ ଓ ରଞ୍ଜିତ୍ ମାଲି ୨୮ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଓଡ଼ିଶା ତରଫରୁ ରାଜେଶ ସର୍ବାଧିକ ୫, ଦେବବ୍ରତ ପ୍ରଧାନ ୨, ବସନ୍ତ ମହାନ୍ତି, ବିପ୍ଳବ ଓ ଧିରଜ ସିଂ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଆସାମ ପ୍ରଥମ ଇନିଂସ: ୫୧.୧ ଓଭରରେ ୧୨୧ ଅଲଆଉଟ୍ (ମାଲି– ୨୮, ପରାଗ– ୨୪, ଅରୁପ– ୧୬, ଶିବଶଙ୍କର– ୧୬, ରିଷଭ– ୧୪, ରାଜେଶ– ୫/୩୧, ଦେବବ୍ରତ– ୨/୨୭)। ଓଡ଼ିଶା ପ୍ରଥମ ଇନିଂସ: ୨୮ ଓଭରରେ ୮୬/୩ (ଅନୁରାଗ–୬୧*,ବିପ୍ଳବ–୭*,ହୁସେନ–୩/୨୭)।


DADLS-188



ଡ଼ଃ ହରେକୃଷ୍ଣ ମହତାବଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୧ ନଭେମ୍ବର, ୨୦୧୮

ସାଧାରଣ ସଭା

ସମୟ – ସଂଧ୍ୟା ଘ.୫.୩୦ମି.
ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ଅମର ପ୍ରସାଦ ଶତପଥି,
ମାନ୍ୟବର ସରକାରୀ ମୁଖ୍ୟ ସଚେତକ

ମୁଖ୍ୟ ବକ୍ତା – ଡ. ନାରାୟଣ ପଣ୍ଡା,
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସଭା ପରେ ବିଶିଷ୍ଟ କଣ୍ଠଶିଳ୍ପୀ ବାଦଲ ଆଚାର୍ଯ୍ୟ, ଅଜୟ ମହାନ୍ତି, ମହେନ୍ଦ୍ର ଆଚାର୍ଯ୍ୟ, ଜୟଶ୍ରୀ ଜ୍ୟୋତିର୍ମୟୀ ସାହୁ ଓ ଶତରୂପାଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ସାଦର ନିମନ୍ତ୍ରଣ ।

ଉପନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0413/1819

## ସଂକ୍ଷେପରେ

### ବୈଦ୍ୟୁତିକ ଗଣମାଧ୍ୟମ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)-ଏକ ବୈଦ୍ୟୁତିକ ଗଣମାଧ୍ୟମ ବିରୋଧରେ ମଙ୍ଗଳବାର ବିଧାନସଭାରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆସିଛି। ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି ଏହି ପ୍ରସ୍ତାବ ଆଣି କହିଥିଲେ ଯେ, ବିଧାନସଭାର କାର୍ଯ୍ୟାବଳୀ ରୁଲ୍ ୧୪୦ ଅନୁଯାୟୀ ସମ୍ପୃକ୍ତ ଗଣମାଧ୍ୟମ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଗ୍ରହଣ କରାଯିବା ଦରକାର। ନଭେମ୍ବର ୧୯ ତାରିଖ ରାତି ୯ଟାରେ ସମ୍ପୃକ୍ତ ଚ୍ୟାନେଲ 'ଗୃହ କିଏ ଚଳାଉଛନ୍ତି' ଶୀର୍ଷକରେ ଯେଉଁଭଳି ଢଙ୍ଗରେ ଖବର ପ୍ରସାରଣ କରାଗଲା ତାହା ବାଚସ୍ପତି ଏବଂ ଗୃହର ମର୍ଯ୍ୟାଦା ହାନି କରିଛି। ବାଚସ୍ପତି ଗୃହର ନେତା, ସଂସଦୀୟ ବ୍ୟାପାର ବିଭାଗ ମନ୍ତ୍ରୀ ଏବଂ ବିଧାନସଭା ସଚିବଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ତାରା ଉଲ୍ଲେଖ କରିଥିଲେ। ବାଚସ୍ପତି ପ୍ରଦୀପ ଅମାତ କହିଥିଲେ ଏହାକୁ ମୁଁ ପରୀକ୍ଷା ନିରୀକ୍ଷା କରିବି। ସମ୍ପୃକ୍ତ ଗଣମାଧ୍ୟମକୁ ବିଧାନସଭାକୁ ପ୍ରବେଶ ଓ ଏହାର କାର୍ଯ୍ୟକ୍ରମ ସିଧା ପ୍ରସାରଣ ଅନୁମତି କାହିଁକି ଉଠାଇ ନ ନିଆଯିବ ସେ ସମ୍ପର୍କରେ ଏକ କାରଣଦର୍ଶାଅ ନୋଟିସ ଜାରି କରିବାକୁ ସେ ବିଧାନସଭା ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଏକ୍ସପ୍ରେସ୍ ରହଣି ଦାବିରେ ରେଳରୋକୋ

ନୂଆପଡ଼ା ଅଫିସ,୨୦।୧୧

ଦୀର୍ଘଦିନର ଦାବି ସତ୍ତ୍ୱେ ନୂଆପଡ଼ା ଜିଲା ମୁଖ୍ୟାଳୟ ରେଳ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନଗୁଡ଼ିକର ରହଣି ହେଉ ନ ଥିବାରୁ ନୂଆପଡ଼ାବାସୀ ରେଳ ଧାରଣାକୁ ଓହ୍ଲାଇଛନ୍ତି। ମଙ୍ଗଳବାର ଜିଲା ଓକିଲ ସଂଘ ଆହ୍ୱାନ କ୍ରମେ ଦୀର୍ଘ ୪ଘଣ୍ଟା ପର୍ଯ୍ୟନ୍ତ ରେଳରୋକୋ ଆନ୍ଦୋଳନ କରାଯାଇଥିଲା। ଶେଷରେ ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ଜିଲା ଓକିଲ ସଂଘ ଏବଂ ସିଭିଲ ବାର ଆସୋସିଏଶନ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣ ରେଳ ଷ୍ଟେଶନ ନିକଟରେ ଠୁଳ ହୋଇ ସକାଳ ୭ଟାରୁ ରେଳ ଧାରଣାରେ ବ୍ୟାନର ମାରି ବସି ରହିଥିଲେ। ଫଳରେ ନୂଆପଡ଼ା ସମେତ ବିଭିନ୍ନ ରେଳ ଷ୍ଟେଶନରେ ଏକାଧିକ ଟ୍ରେନ୍ ଅଟକିଥିଲା। ଜୁନାଗଡ଼-ରାୟପୁର ଟ୍ରେନ ସକାଳ ୭ଟାରେ ଏଠାରେ ଆସି ଅଟକି ରହିଥିଲା। ସେହିପରି ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ୍ ଟ୍ରେନ୍ ମଧ୍ୟ ପ୍ରାୟ ୩ ଘଣ୍ଟା ଅଟକି ରହିଥିଲା। ରେଳ ବିଭାଗ ତରଫରୁ ଟିଟିଲାଗଡ଼ରୁ ଏଆର୍‌ଏମ୍ ଗୌରାଙ୍ଗ ଚରଣ ବେହେରା ଆନ୍ଦୋଳନସ୍ଥଳରେ



ଆନ୍ଦୋଳନକାରୀମାନେ ଟ୍ରେନ୍ ଉପରେ ଚଢ଼ି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପହଞ୍ଚିଥିଲେ। ଏ ନେଇ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି କହିଥିଲେ ମଧ୍ୟ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଆନ୍ଦୋଳନକାରୀ ଅଡ଼ି ବସିଥିଲେ। ଏହା ପରେ ଇଷ୍ଟକୋଷ୍ଟ ରେଲୱେ ଏଜିଏମ୍ ଫୋନ ଯୋଗେ ଆନ୍ଦୋଳନକାରୀଙ୍କୁ ଗୋଟିଏ ମାସ ସମୟ ମାଗିଥିଲେ। ପରୀକ୍ଷାମୂଳକ ଭାବେ ୪ଟି ଏକ୍ସପ୍ରେସ ଟ୍ରେନର ରହଣି ଏଠାରେ କରାଯିବ ବୋଲି ସେ କହିଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ଏଆର୍‌ଏମ୍ ବେହେରା ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ

- ଏଜିଏମ୍‌ଙ୍କ ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ
- ପରୀକ୍ଷାମୂଳକ ଭାବେ ରହିବ ୪ ଟ୍ରେନ୍

ହୋଇଥିଲା। ପୂର୍ବରୁ ଅନେକ ଥର ଏଥିପାଇଁ ରେଳରୋକୋ ଆନ୍ଦୋଳନ କରାଯାଇଛି। ତଥାପି ବିଭାଗ ଏହା ଉପରେ ଉପଯୁକ୍ତ ବିଚାର କରୁନାହିଁ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ ପାଢ଼ୀ କହିଛନ୍ତି। ଅନ୍ୟପକ୍ଷରେ ଏଆର୍‌ଏମ୍ ବେହେରା କହିଛନ୍ତି ଯେ ଏହି ଆନ୍ଦୋଳନ ସମୟରେ ୫ଟି ଟ୍ରେନ ବିଭିନ୍ନ ସ୍ଥାନରେ ଅଟକି ରହିଥିଲା। ଲୋକଙ୍କ ଦାବିକୁ ଗୁରୁତ୍ୱ ଦିଆଯାଇଥିବା ସେ କହିଛନ୍ତି। ଏହି ରେଳରୋକୋ ଆନ୍ଦୋଳନରେ ଜିଲା ଓକିଲ ସଂଘ ପକ୍ଷରୁ ସଭାପତି ପାଢ଼ୀ, ସିଭିଲ ବାର୍ ଆସୋସିଏଶନ ପକ୍ଷରୁ ସଭାପତି ଘାସିରାମ ମାଝି, ସ୍ଥାନୀୟ ବିଧାୟକ ବସନ୍ତ ପଣ୍ଡା, ଆଇନଜୀବୀ ମୁରଲୀଧର ପଣ୍ଡା, ପ୍ରସନ୍ନ ଚନ୍ଦ୍ର ମହାପାତ୍ର, ପିଣ୍ଟୁ ପାଣିଗ୍ରାହୀ, ସରୋଜ ସାହୁ, ଗୁଡ୍ଡୁ ଯୋଷୀ, ଯଦୁମଣି ପାଣିଗ୍ରାହୀ, ସୁରେଶ ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ।

### କନ୍ଧେନ ବୁଢ଼ୀ କ୍ରିକେଟ ଟୁର୍ନାମେଣ୍ଟ

# ସୋନପୁର ଚାମ୍ପିୟନ

ଉଲୁଣ୍ଡା, ୨୦।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସାନ ଅଙ୍କରିଆଠାରେ ଗତ ତିନିଦିନ ଧରି ଚାଲିଥିବା ମା' କନ୍ଧେନ ବୁଢ଼ୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ କୋଟସମଲାଇକୁ ହରାଇ ସୋନପୁର ଜୟ ଦୁର୍ଗା କ୍ଲବ ଚାମ୍ପିୟନ ହୋଇଛି। ସ୍ଥାନୀୟ ମା' କନ୍ଧେନ ବୁଢ଼ୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲରେ ସୋନପୁର ଖେମାଲୋଏକୁ ହରାଇଥିବା ବେଳେ ଦ୍ୱିତୀୟ ସେମିଫାଇନାଲରେ ପାତ୍ରପାଲିକୁ ହରାଇ କୋଟସମଲାଇ ଦଳ ଫାଇନାଲରେ ପ୍ରବେଶ କରିଥିଲା। ଆୟୋଜିତ ଦୁଇ ଫର୍ମାଟ ବିଶିଷ୍ଟ ଫାଇନାଲ ଖେଳରେ ନିର୍ଦ୍ଧାରିତ ୧୦ ଏବଂ ୬ ଓଭର ଖେଳରେ ସୋନପୁର ଦଳ ୧୯୮ ରନ ସଂଗ୍ରହ କରିଥିଲା। ଜବାବରେ କୋଟସମଲାଇ ଦଳ



ଚାମ୍ପିୟନ ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

ବିଜୟ ଲକ୍ଷ୍ୟ ନେଇ ଖେଳ ଆରମ୍ଭ କରିଥିଲେ ମଧ୍ୟ ଆବଶ୍ୟକ ରନ ସଂଗ୍ରହ କରିପାରି ନ ଥିଲା। ଆୟୋଜକ ଅନୁଷ୍ଠାନ ସଭାପତି ଅରୁଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସୋନପୁରର ପୂର୍ବତନ ବିଧାୟକ ବିନୋଦ କୁମାର ପାତ୍ର ଏବଂ ଶିକ୍ଷକ ସୌମିତ୍ରୀ କୁମାର ପଣ୍ଡା ଅତିଥିଭାବେ ଯୋଗଦେଇ ବିଜେତା ସୋନପୁର ଦଳକୁ ଟ୍ରଫି ସହ ନଗଦ ୫ ହଜାର ଏବଂ ଉପବିଜେତା କୋଟସମଲାଇ ଦଳକୁ ଟ୍ରଫି ସହ ନଗଦ ୩ ହଜାର ଟଙ୍କା ପୁରସ୍କାର ଦେଇଥିଲେ। ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବେ ନଳିନ ଏବଂ ମ୍ୟାନ ଅଫ ଦି ଫାଇନାଲ ଭାବେ ଲିଙ୍ଗାଙ୍କୁ ପୁରସ୍କୃତ କରାଯାଇଥିଲା। ଦେବଦତ୍ତ ପଣ୍ଡା ଓ ଦୁଃଶାସନ ବେହେରା ଖେଳ ପରିଚାଳନା କରିଥିବା ବେଳେ ବ୍ରଜ ବିହାରୀ ଓ ଦିଗବିଜୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ଷ୍ଟୋଭ୍ ନିଆଁରେ ପୋଡ଼ି ମହିଳା ଗୁରୁତର

ସୁନ୍ଦରଗଡ଼,୨୦।୧୧(ଡି.ଏନ୍.ଏ.)

ମଙ୍ଗଳବାର ସକାଳେ ସ୍ଥାନୀୟ ସୁନାରିପଡ଼ାର ନିଲମ ସିହ୍ନା (୨୭) ନାମକ ଜଣେ ମହିଳା ଷ୍ଟୋଭ୍ ନିଆଁରେ ପୋଡ଼ି ଗୁରୁତର ହୋଇଛନ୍ତି। ତାଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନିଲମ ମନ୍ଦିରରୁ ଫେରି ରୋଷେଇ ଘରେ ଜଳଖିଆ ପ୍ରସ୍ତୁତ କରୁଥିବା ସମୟରେ ହଠାତ୍ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ଫଳରେ ତାଙ୍କ ଶରୀରର ପ୍ରାୟ ୫୦ଭାଗ ପୋଡ଼ିଯାଇଛି। ନିଲମଙ୍କ ଚିତ୍କାର ଶୁଣି ଏହି ସମୟରେ ୨ ଛୁଆଙ୍କୁ ଧରି ଘର ବାହାରେ ବସିଥିବା ତାଙ୍କ ସ୍ୱାମୀ ସଞ୍ଜିତ ପଡ଼ୋଶୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ। ଟାଉନ୍‌ଥାନା ପୋଲିସ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ନିଲମଙ୍କ ବୟାନ ରେକର୍ଡ କରିବା ସହ ତଦନ୍ତ ଆରମ୍ଭ କରିଛି।

# ଅଧ୍ୟକ୍ଷାଙ୍କ ବିରୋଧରେ ଧାରଣା: ୫ ଘଣ୍ଟା ପରେ ପ୍ରତ୍ୟାହୃତ

କର୍ଲାମୁଣ୍ଡା,୨୦।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ସମିତିସଭ୍ୟାସଭ୍ୟମାନେ ଅନିର୍ଦ୍ଦିଷ୍ଟ ପାଇଁ ଧାରଣା ଦେଇଥିଲେ। ଧାରଣା ଆରମ୍ଭର ୫ ଘଣ୍ଟା ପରେ ପ୍ରତ୍ୟାହୃତ ହୋଇଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଖବର ଅନୁସାରେ ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁଙ୍କ ବିଶୃଙ୍ଖଳିତ ଆଚରଣ, ମନମୁଖୀ କାର୍ଯ୍ୟକଳାପ, କ୍ଷମତାର ଅବ୍ୟବହାର, ସାଧାରଣ ଜନତା ଏବଂ ଲୋକ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଅଭିଯୋଗ ହୋଇଛି । ଉପାଧ୍ୟକ୍ଷ ଆନନ୍ଦିନୀ ଭୋଇଙ୍କ ନେତୃତ୍ୱରେ ରେଗେଡା ସମିତି ସଭ୍ୟ ଅରବିନ୍ଦ ଚୌଧୁରୀ, ସର୍ଗୁଲ ମାଲପଡା ସଭ୍ୟ



ସମିତି ସଭ୍ୟାସଭ୍ୟଙ୍କ ଧାରଣାସ୍ଥଳରେ କର୍ଲାମୁଣ୍ଡା ବିଡିଓ କିଶୋର କୁମାର ପଣ୍ଡା ଯୋଗଦେଇ ଧାରଣା ପ୍ରତ୍ୟାହୃତ ପାଇଁ ଆଲୋଚନା କରୁଛନ୍ତି ।

ଯଶୋବନ୍ତ ସାହୁ, ରାଜପୁର ସମିତି ସଭ୍ୟା ରଞ୍ଜିତ ରଣା, ତେରେସିଂହା ସମିତି ସଭ୍ୟା ଚନ୍ଦ୍ରମା ରଣା, ରିଞ୍ଜା ସମିତି ସଭ୍ୟା ସୁଭଦ୍ରା ମାଝି, ପୌରକେଲା ସମିତି ସଭ୍ୟ ସିମାଞ୍ଚଳ ଭୋଇ, ଯୋରାଡବ୍ରା ସମିତି ସଭ୍ୟ କିଶୋର ନାଗ, ସାପଲହରା ସମିତି ସଭ୍ୟ ନିରଞ୍ଜନ ଭୋଇ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ତେବେ କଳାହାଣ୍ଡି ପିଡିଡିଆରଡିଏଙ୍କ ସହିତ କର୍ଲାମୁଣ୍ଡା ବିଡିଓ କଥା ହେବା ସହିତ ୨୯/୧୧/୨୦୧୮ରେ ସମିତି ସଭ୍ୟାସଭ୍ୟଙ୍କୁ ନେଇ ବୈଠକ କରାଯିବ ବୋଲି ଲିଖିତପତ୍ର ପାଇବା ପରେ ଧାରଣାରତ ସଭ୍ୟାସଭ୍ୟମାନେ ଧାରଣାରୁ ଉଠିଥିଲେ। ଏ ନେଇ ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁଙ୍କୁ ପଚାରିବାରୁ ମୁଁ ଆଇନ ଅନୁସାରେ କାମ କରୁଛି, ମୋତେ ହଇରାଣ କରିବା ଉଦ୍ଦେଶ୍ୟରେ କିଛି ବ୍ୟକ୍ତି ମୋର ବିରୋଧରେ ଷଡଯନ୍ତ୍ର କରୁଥିବା କହିଛନ୍ତି। ଅନ୍ୟପଟେ ବିଡିଓଙ୍କ ଚିଠି ମୁତାବକ ୨୯ ତାରିଖରେ ଆମ ଅଭିଯୋଗର ତଦନ୍ତ ନ ହେଲେ ପୁଣି ଥରେ ଆନ୍ଦୋଳନ କରିବୁ ବୋଲି ପୌରକେଲା ସମିତି ସଭ୍ୟ ସିମାଞ୍ଚଳ ଭୋଇ କହିଛନ୍ତି।

## ଟଙ୍କା ଲୁଟ୍ ଅଭିଯୋଗରେ ଜଣେ ଗିରଫ

ଯୋଡ଼ା, ୨୦।୧୧(ଡି.ଏନ.ଏ.): କେନ୍ଦୁଝର ଜିଲା ବାମେବାରୀ ଥାନା କାଳିମାଟି ଛକଠାରେ ଥିବା ଏକ ବିଦେଶୀ ମଦ ଦୋକାନରୁ ଟଙ୍କା ଲୁଟ୍ ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। ଗତ ୧୮ ରାତିରେ କାଳିମାଟି ଛକଠାରେ ଥିବା ଏକ ମଦ ଦୋକାନରୁ ପ୍ରାୟ ୪୦ ହଜାର ଟଙ୍କା ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏତଲାକୁ ଭିତ୍ତିକରି ପୋଲିସ ତଦନ୍ତ ଜାରି ରଖିଥିଲା। ଲୁଟ୍ ଅଭିଯୋଗରେ ଜୁରୁଡି ଅଞ୍ଚଳର କ୍ରୀଷ୍ଣା ମୁଣ୍ଡାକୁ ଗିରଫ କରାଯାଇଛି। ତାଙ୍କଠାରୁ ୨୮ ହଜାର ୪ ଶହ ୬୯ ଟଙ୍କା ଜବତ ହୋଇଛି। ଏହି ଲୁଟ୍ ଘଟଣାରେ ମୁଖ୍ୟ ଅଭିଯୁକ୍ତକୁ ପୋଲିସ ଧରିଥିବା ବେଳେ ଅନ୍ୟ ୨ ନାବାଳକ ଘଟଣାରେ ସମ୍ପୃକ୍ତ ଥିବା ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।


## ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ

### ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା

**କଟକ /ଭୁବନେଶ୍ୱର (ବରମୁଣ୍ଡା) – ରସୁଲଗଡ – କଜ୍ଜ୍ୱନା/ପିପିଲି / ପୁରୀ ମାର୍ଗରେ ଚୂଡାନ୍ତ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing)**

ଏତଦ୍ୱାରା କଟକ / ଭୁବନେଶ୍ୱର (ବରମୁଣ୍ଡା) – ରସୁଲଗଡ – କଜ୍ଜ୍ୱନା / ପିପିଲି / ପୁରୀ ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମାର୍ଗରେ ଚୂଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing) ତା ୨୦.୧୧.୨୦୧୮ ରିଖରୁ କାର୍ଯ୍ୟକାରୀ କରାଯିବା ପାଇଁ ସ୍ଥିରକରାଯାଇଥିଲା । କିନ୍ତୁ ଅନିର୍ବାଜ୍ୟ କାରଣବଶତଃ ଏହାକୁ ତା ୦୧.୧୨.୨୦୧୮ ରିଖକୁ ଲାଗୁକରାଯିବା ପାଇଁ ସ୍ଥିର କରାଗଲା । ଏତଦ୍ୱାରା ସମସ୍ତ ଯାତ୍ରୀବାହୀ ଯାନର ମାଲିକ ମାନଙ୍କୁ ସୂଚାଇ ଦିଆଯାଉଅଛି କି ସେମାନଙ୍କର ଯାତ୍ରୀବାହୀ ଯାନ ଗୁଡିକୁ ତା ୦୧.୧୨.୨୦୧୮ ରିଖଠାରୁ ଚୂଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ ଅନୁସାରେ ଚଳାଚଳ କରିବେ ।

ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ
ଓଡିଶା, କଟକ


### ପ୍ରଥମ ରାତ୍ରି କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ

# ସାର୍କ ରାଇଡର, ଏଲ୍‌ବିଏସ୍ ଦଳ ବିଜୟୀ

ଭବାନୀପାଟଣା, ୨୦।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ପ୍ରଥମ ଫ୍ଲଡ୍ ଲାଇଟ୍ କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍ ୨୦୧୮ର ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ୍ ଜିସିସି ଏବଂ ସାର୍କରାଇଡର୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ୍‌ରେ ଜିସିସି ଦଳ ମାତ୍ର ୫୪ ରନ୍ ସଂଗ୍ରହ କରିଥିଲା। ଜବାବରେ ସାର୍କ ସାଇଡର ୪.୪ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ମ୍ୟାଚ୍ ଜିତିଯାଇଥିଲା। ବସନ୍ତ ନାଏକ ୨ ଓଭରରେ ୭ ରନ୍ ଦେଇ ୩ଟି ଉଇକେଟ୍ ନେଇଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସୋମବାର ଦ୍ୱିତୀୟ ମ୍ୟାଚ୍ ବିୱାଇଏସ୍ ଥୁଆପଦର ଓ ଏଲ୍‌ବିଏସ୍ ଭବାନୀପାଟଣା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବିୱାଇଏସ୍ ଟସ୍ ଜିଣି ପ୍ରଥମେ ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲେ। ଏଲ୍‌ବିଏସ୍ ଦଳ ୧୨ ଓଭରରେ ୧୩୬ ରନ୍ ସଂଗ୍ରହ କରିଥିଲା । ପ୍ରତିପକ୍ଷ ଥୁଆପଦର ଦଳ ୧୨ ଓଭରରେ ମାତ୍ର ୯୯ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ। ଏଲ୍‌ବିଏସ୍ ଦଳ ପକ୍ଷରୁ ପ୍ରେମାନନ୍ଦ ଚନ୍ଦନ ୩୬, ସୁନୀଲ ପ୍ରଜାପତ ୩୨, ଜିତେନ୍ଦ୍ର ୪୧ ରନ୍ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ସୁନୀଲ ପ୍ରଜାପତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ମ୍ୟାଚ୍‌କୁ ସାକ୍ଷୀ ଗୋପାଳ ପଣ୍ଡା ଏବଂ ବାବୁଲା ବ୍ରହ୍ମା ପରିଚାଳନା କରିଥିଲେ। ସୁଧୀର ରଥ, ପ୍ରଶାନ୍ତ ମିଶ୍ର, ମାନସ ତ୍ରିପାଠୀ, ବିକାଶ ରଞ୍ଜନ ବାବୁ, ସୂର୍ଯ୍ୟନାରାୟଣ ନାଗ, ମହମ୍ମଦ ଆଦିଲ, ସୁଦର୍ଶନ ନାଏକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ଦ୍ୱିତୀୟ ଦିବସରେ ଅତିଥି ଭାବରେ ଚକ୍ରଧର ସେଠୀ, ମହମ୍ମଦ ସଲିମ୍, ପୂର୍ବତନ ମନ୍ତ୍ରୀ ରାହାସ ବିହାରି ବେହେରା ଓ ଭବନ୍ଦ୍ରେ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ ।

### ଘର ଭିତରକୁ ପଶିଗଲା ଡମ୍ଫର

# ଚୌକି ବେପାରୀଙ୍କ ଜୀବନ ଗଲା

ବଡ଼ବିଲ, ୨୦।୧୧(ସ୍ୱ.ପ୍ର.)

ବଡ଼ବିଲ ଥାନା ବଡ଼ବିଲ-ଭଦ୍ରାସାହି ମୁଖ୍ୟ ରାଜପଥର ଭୁଷୁଗାଁଠାରେ ମଙ୍ଗଳବାର ଏକ ଡମ୍ଫର ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ଏକ ଘର ଭିତରକୁ ପଶି ଯାଇଥିଲା। ଫଳରେ ବିଶ୍ରାମ କରୁଥିବା ଜଣେ ଚୌକି ବେପାରୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ପଶ୍ଚିମବଙ୍ଗର ମେଦିନିପୁର ଅଞ୍ଚଳର ମହମ୍ମଦ ତାଜ୍। ଉକ୍ତ ରାସ୍ତାରେ ଭାରୀଯାନ ଚଳାଚଳ ଯୋଗୁଁ ଦୈନିକ ଦୁର୍ଘଟଣା ଘଟୁଛି। ଏ ନେଇ ପ୍ରଶାସନ ପକ୍ଷରୁ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଥିଲା। ପ୍ରଶାସନିକ ଅଧିକାରୀଙ୍କ ବଦଳିବା ପରେ ଗତ ପ୍ରାୟ ଏକ ବର୍ଷ ତଳେ କଟକଣାକୁ କୋହଳ କରି ଭାରୀଯାନ ଏକ ଘଣ୍ଟା ପାଇଁ ଯାତାୟାତ ପାଇଁ ଅନୁମତି ଦିଆଯାଇଛି। ବେପରୁଆ ଭାରୀଯାନ ଚଳାଚଳ ଯୋଗୁଁ ଦୁର୍ଘଟଣା ଘଟୁଛି।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୧ ନଭେମ୍ବର, ୨୦୧୮



ମନୁଷ୍ୟ ନିଜର ପ୍ରଗାଢ଼ ଅଧ୍ୟବସାୟ ଓ ଐକାନ୍ତିକ ତପସ୍ୟା ବଳରେ ଈଶ୍ୱରତ୍ୱ ମଧ୍ୟ ଲାଭ କରିପାରେ।
–ମହର୍ଷି ବିଶ୍ୱାମିତ୍ର



# ଜିଲାପାଳ ଅଫିସ ଆଗରେ ଗର୍ଜିଲେ ଚାଷୀ

**ବରଗଡ଼ ଅଫିସ,୨୦।୧୧**

ବରଗଡ଼ ଜିଲାରେ ପୁଣି ଚାଷୀ ଅସନ୍ତୋଷ ତେଜି ଉଠୁଛି। ଚାଷୀ ସମସ୍ୟାକୁ ସରକାର ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏହି କ୍ରମରେ ମଙ୍ଗଳବାର ବରଗଡ଼ ଜିଲା ଚାଷୀ ସଂଗଠନ ସମନ୍ୱୟ ସମିତିର ନେତୃତ୍ୱରେ ଚାଷୀମାନେ ୫ଦଫା ଦାବି ନେଇ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣାରେ ବସିଥିଲେ । କୃଷିଋଣ ଛାଡ଼, କୃଷିଜାତ ଦ୍ରବ୍ୟର ଉପଯୁକ୍ତ ସହାୟକ ମୂଲ୍ୟ ପ୍ରଦାନ, ଚାଷୀ ସୁରକ୍ଷା ଭତ୍ତା ପ୍ରଦାନ, ଚାଷୀଙ୍କୁ ବୋନସ ପ୍ରଦାନ ଏବଂ ସମ୍ପୂର୍ଣ୍ଣ ଫସଲବୀମା ଓ ମରୁଡ଼ି ସହାୟତା ପ୍ରଦାନ କରିବାକୁ ଦାବି କରି ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ବର୍ତ୍ତମାନ ସୁଦ୍ଧା ଜିଲାର ୬୦ପଞ୍ଚାୟତ ଏବଂ ୧୪ଶହ ଚାଷୀ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଗତ ୨୦୧୭ ଖରିଫ ଫସଲକ୍ଷତିର ବୀମା କ୍ଷତିପୂରଣ ପାଇ ପାରି ନ ଥିବା ଯୋଗୁ ଜିଲାପାଳଙ୍କ ସମ୍ମୁଖରେ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। କମ୍ପାନୀ ସହିତ ଏନେଇ ଯୋଗାଯୋଗ ଜାରି ରହିଛି। ଆସନ୍ତା ୩୦ତାରିଖ ସୁଦ୍ଧା ବିହିତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଲିଖିତ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ।



ଜିଲାପାଳ ଅଫିସ ଆଗରେ ଚାଷୀଙ୍କ ଧାରଣା, ବିକ୍ଷୋଭ ।

ସ୍ଥାନୀୟ ଲୋକମଣ୍ଡପ ପଡ଼ିଆରେ ଚାଷୀମାନେ ସମବେତ ହୋଇଥିଲେ। ପରେ ରାଲିରେ ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ଧାରଣାରେ ବସି ଆନ୍ଦୋଳନ କରିଥିଲେ । ଜିଲାପାଳ ତ୍ରିପାଠୀ, ଅତିରିକ୍ତ ଜିଲାପାଳ ତପିରାମ ମାଝି ପ୍ରମୁଖ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଚାଷୀ ସଂଗଠନ ସମନ୍ୱୟ ସମିତି ପକ୍ଷରୁ ଜିଲାପାଳ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ବହୁ ସମୟ ଆଲୋଚନା ପରେ ଜିଲାପାଳ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ବରଗଡ଼ ଜିଲା ଚାଷୀ ସଂଗଠନ ସମନ୍ୱୟ ସମିତି ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା, ରବୀନ୍ଦ୍ର ବିଶି ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ସଦାନନ୍ଦ ପୂଜାହାରୀ, ଲକ୍ଷ୍ମଣ ପ୍ରଧାନ, ଶକୁନ୍ତଳା ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଡିଏସ୍‌ପି ନଗେନ୍ଦ୍ର ପ୍ରସାଦ ନାୟକ, ଏସ୍‌ଡ଼ିପିଓ ସୁରେଶ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ ଥିଲେ ।

## ସଂକ୍ଷେପରେ

### ସମାଜ ସୁରକ୍ଷା ସଂଗ୍ରାମ ସମିତିର ଶୋଭାଯାତ୍ରା

**ଭେଡ଼େନ, ୨୦।୧୧(ଡି.ଏନ୍.ଏ.)**

ବରଗଡ଼ ଜିଲା ଭେଡ଼େନଠାରେ ସୋମବାର କଳାସି ଯାତ୍ରା ଅବସରରେ ସମାଜ ସୁରକ୍ଷା ସଂଗ୍ରାମ ସମିତି ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସମିତି ସଭାପତି ଗୋବିନ୍ଦ ନାଗଙ୍କ ନେତୃତ୍ୱରେ ହୋଇଥିବା ଶୋଭାଯାତ୍ରାରେ ବ୍ଲକର ବିଭିନ୍ନ ଗ୍ରାମରୁ ଯୁବକମାନେ ଯୋଗଦେଇଥିଲେ। ଜାଣ୍ଡୋଲ ପେଟ୍ରୋଲ ପମ୍ପରୁ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଗୋବିନ୍ଦ ନାଗଙ୍କ ସହ ରବୀନ୍ଦ୍ର ମେଘ, ଚଣ୍ଡୀ ଚରଣ ଦେହେରି, ଉମାକାନ୍ତ ମହାକୁର, ହୀରାଲାଲ ବଢେଇ, ସମାରୁ ଜାଲ, ଅନୁପ ବେହେରା, ଭେଡ଼େନ ସରପଞ୍ଚ ଜାହ୍ନବୀ ମେହେର, ସମିତି ତଥା ଉଜ୍ୱଳ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଉପଦେଷ୍ଟା ପଙ୍କଜିନୀ ନାଗ, ସଞ୍ଜୁଲତା ଶତପଥୀ, ନେପାଲ ବେହେରା ପ୍ରମୁଖ ଯୋଗଦେଇଥିଲେ। ପରେ ଅତିଥିମାନେ ଭେଡ଼େନ, କୁଳିପଡ଼ାର କଳାସି ମନ୍ଦିର ଯାଇ ଦେବୀଙ୍କୁ ଦର୍ଶନ କରିଥିଲେ। ପରେ ଅନୁଷ୍ଠିତ ସଭାରେ ଉଦ୍‌ବୋଧନ ଦେଇଥିଲେ।

### ବୀର ବଜରଙ୍ଗବଳି କଳା ସଂସଦର ବାର୍ଷିକ ଉତ୍ସବ

**ଭେଡ଼େନ, ୨୦।୧୧(ଡି.ଏନ୍.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ଲୁପୁରସିଂହାଠାରେ ବୀର ବଜରଙ୍ଗବଳୀ କଳା ସଂସଦର ଦ୍ୱିତୀୟ ବାର୍ଷିକ ଉତ୍ସବ ମଙ୍ଗଳବାର ବୀର ବଜରଙ୍ଗବଳୀ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କମ୍ପାଉଣ୍ଡର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଭେଡ଼େନ ବିଡ଼ିଓ ତଥା ଆଶୁକବି ମୂରଲୀଧର ନାଏକ ମୁଖ୍ୟଅତିଥି, ହାସ୍ୟକବି ଦେବେନ୍ଦ୍ର ସାହୁ ମୁଖ୍ୟବକ୍ତା, ସହଦେବ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶତାଧିକ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସଭ୍ୟ ତେଜରାଜ ସେଠ ଅତିଥି ପରିଚୟ ପ୍ରଦାନ ଏବଂ ତୁଳାଧର ବଘାର ଧନ୍ୟବାଦ ଅର୍ପଣ କରିଥିଲେ। ସଂସଦର ସମ୍ପାଦକ ହୃଷୀକେଶ ପ୍ରଧାନ, ସଭ୍ୟ ବୁଲୁ ଚାନ୍ଦ, ନୀଳ ନାଏକ, ଶାନ୍ତନୁ ଚାନ୍ଦଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

### ଝିଲିମିଣ୍ଡାରେ ଧାନ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ

ଅତାବିରା,୨୦।୧୧(ଡି.ଏନ.ଏ)- ବରଗଡ଼ ଜିଲା ଅତାବିରା ଆର୍‌ଏମ୍‌ସି ଅଧୀନରେ ମଙ୍ଗଳବାର ଅତାବିରା ବ୍ଲକ ଝିଲିମିଣ୍ଡାଠାରେ ଧାନ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଏହାର ଉଦ୍‌ଘାଟନ କରିଥିଲେ। ଆର୍‌ଏମ୍‌ସି ସମ୍ପାଦକ ବିଶ୍ୱଜିତ ବାରିକ, ଝିଲିମିଣ୍ଡା ସେବା ସମବାୟ ସମ୍ପାଦକ ପ୍ରଶାନ୍ତ ପ୍ରଧାନ, ରାଜ୍ୟ ମାର୍କଫେଡ ଅଧ୍ୟକ୍ଷ ବିଭୁଦତ୍ତ ପ୍ରଧାନ, ଅତାବିରା ମାର୍କେଟ ଦୋଲଗୋବିନ୍ଦ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଝିଲିମିଣ୍ଡା ଧାନ କେନ୍ଦ୍ର ଇନ୍‌ଚାର୍ଜ ଭାବେ ମଦନାନନ୍ଦ ପ୍ରଧାନ ଦାୟିତ୍ୱ ନେଇଛନ୍ତି।

## ବିଭିନ୍ନ ଗ୍ରାମରେ କଳାସୀ ଯାତ୍ରା

**ଭେଡ଼େନ, ୨୦।୧୧(ଡି.ଏନ୍.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ସୋମବାର କଳାସୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭେଡ଼େନ ପଞ୍ଚାୟତ ଅଧୀନ କୁତପାଲିରେ ହୋଇଥିବା ଯାତ୍ରାରେ କାର୍ତ୍ତିକ ଶୁକ୍ଳ ଦଶମୀ ରବିବାର ଗ୍ରାମର ଇଷ୍ଟଦେବୀ ମା’ କଳାସିଙ୍କ ବରୁଆ ଦେହରେ ଆର୍ବିଭାବ ହୋଇ ଭେଡ଼େନ ସ୍ଥିତ ସିଦ୍ଧେଶ୍ୱର ମହାଦେବ ମନ୍ଦିରକୁ ଆସି ମହାଦେବ ବରଣ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ସୋମବାର ବରୁଆ ଗ୍ରାମ ପରିକ୍ରମା କରିବା ସହ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଉଲ୍ଲେଖନୀୟ, କୁତପାଲିର ଗୌନ୍ତିଆ ଯାତ୍ରାରେ ସହଯୋଗ କରିଥିଲେ। ଯାତ୍ରା ଆୟୋଜନରେ ସାହାଜାଦ ଖାନ, ନନ୍ଦିଘୋଷ ଭୋଇ, ହୃଷିକେଶ କାଣ୍ଡ, ଭୃଷବ ସେଠ, ମଧୁ କାଣ୍ଡ ପ୍ରମୁଖ ଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଅରେଇଗୁଡ଼ି ପଞ୍ଚାୟତର ଅରେଇଗୁଡ଼ିରେ ହୋଇଥିବା କଳାସୀ ଯାତ୍ରାରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବିଜେଡ଼ି ବ୍ଲକ ସଭାପତି ହରିଶଙ୍କର ବେହେରା, ଅରେଇଗୁଡ଼ି ସରପଞ୍ଚ ସୁନିଲ ମେହେର, ସମିତିସଭ୍ୟ ଶିବ ଶଙ୍କର ମାଝି, ଅବସରପ୍ରାପ୍ତ ଶିକ୍ଷକ ଅରୁଣ କୁମାର ପଣ୍ଡା, ଶିକ୍ଷକ ମଣିସାହୁ, ସନ୍ତୋଷ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯାତ୍ରା ଅବସରରେ ବରୁଆ ଗ୍ରାମ ପରିକ୍ରମା କରିବା ସହ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେପରି ଅଏଁଲାପାଲି ପଞ୍ଚାୟତର ବରଗାଁରେ କଳାସୀ ଯାତ୍ରା ସମ୍ପନ୍ନ ହୋଇଯାଇଛି। ଏଥିରେ ମେଣ୍ଢା ଲଢ଼େଇ ମୁଖ୍ୟ ଆକର୍ଷଣ ହୋଇଥିଲା।

## କୃତୀ ନୃତ୍ୟ ଅନୁଷ୍ଠାନକୁ ଜିଲାପାଳଙ୍କ ସମ୍ବର୍ଦ୍ଧନା

**ବରଗଡ଼ ଅଫିସ,୨୦।୧୧**

ରାଜ୍ୟସ୍ତରୀୟ ଯୁବ ଉତ୍ସବର ପଲ୍ଲୀନାଚ ପ୍ରତିଯୋଗିତାରେ ବରଗଡ଼ର ନୃତ୍ୟ ଅନୁଷ୍ଠାନ ନୂପୁର କଳାକାର ପରିଷଦ ପ୍ରଥମ ସ୍ଥାନ ଅଧିକାର କରି ଜିଲାର ଗୌରବ ଆଣିଛନ୍ତି। ଏହି କୃତିତ୍ୱ ପାଇଁ ମଙ୍ଗଳବାର ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରିଥିଲେ। ଏହା ସହିତ ଜାତୀୟସ୍ତରରେ ଯାତ୍ରାର ସଫଳ କାମନା କରିଥିଲେ। ପ୍ରକାଶଥାଉକି, ଗତ ୧୪ରୁ ୧୮ତାରିଖ ପର୍ଯ୍ୟନ୍ତ ଯାଜପୁରରେ ରାଜ୍ୟସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ବରଗଡ଼ ଜିଲାର ୪୬ଜଣିଆ ଟିମ୍ ଯୋଗ ଦେଇଥିଲେ। ୨୦ଜଣିଆ ଦଳଗତ ପଲ୍ଲୀନାଚ ଇଭେଣ୍ଟରେ ନୂପୁର କଳା ପରିଷଦ ପ୍ରଥମ ସ୍ଥାନ ଅଧିକାର କରିଥିଲା। ନୂପୁର କଳା ପରିଷଦର ରବୀନ୍ଦ୍ର ବାଗଙ୍କ ସମେତ ଅନ୍ୟ କଳାକାରମାନେ ଉପସ୍ଥିତ ଥିଲେ। ସେହିପରି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ରହି କଳାକାରଙ୍କୁ ଉତ୍ସାହିତ କରିଥିଲେ ।

## ଓକିଲ ସଂଘ ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ,୨୦।୧୧**

ସମ୍ପ୍ରତି ସମସ୍ତ ଦାଖଲ ଖାରଜ ମାମଲା, ଘରବାରୀ ପରିବର୍ତ୍ତନ ମାମଲା ପଞ୍ଜୀକରଣ ପାଇଁ ରାଜ୍ୟ ସରକାର ନୂତନ ନିୟମାବଳୀ ପ୍ରଣୟନ କରିଛନ୍ତି। ଏହି ନିୟମାବଳୀ ଯୋଗୁ ଆବେଦନକାରୀ ଏବଂ ଓକିଲମାନେ ହଇରାଣ ହେବା ସହିତ ବିଭିନ୍ନ ଆଇନଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାର ସମସ୍ତ ଦାଖଲ ଖାରଜ ମାମଲା ଅନ୍‌ଲାଇନରେ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଜିଲାର ଅଧିକାଂଶ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଇଣ୍ଟରନେଟ୍‌ର ସୁବିଧା ନାହିଁ। ଏପରି କି କେତେକ କାର୍ଯ୍ୟାଳୟରେ ସର୍ବନିମ୍ନ ଆନୁସଙ୍ଗିକ ସୁବିଧା ମଧ୍ୟ ଉପଲବ୍ଧ ହେଉ ନାହିଁ। ସମସ୍ୟାକୁ ଦୃଷ୍ଟିରେ ରଖି ବରଗଡ଼ ଜିଲା ଓକିଲ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ରାଜ୍ୟ ସରକାର ଆବେଦନକାରୀ, ମହକିଲ ଏବଂ ଓକିଲମାନଙ୍କ ସମସ୍ୟା ଓ ଅନ୍ୟାନ୍ୟ ଆଇନଗତ ଦିଗ ଉପରେ ତର୍ଜମା ନ କରି ନୂତନ ଅନ୍‌ଲାଇନ ବ୍ୟବସ୍ଥା ଲାଗୁ କରିଥିବା ଯୋଗୁ ଏହାର ପ୍ରତିବାଦ ପୂର୍ବକ ନିର୍ଦ୍ଦେଶନାମାର ପୁନର୍ବିଚାର କରିବାକୁ ସଂଘ ଦାବି କରିଛି। ଏହି କ୍ରମରେ ଓକିଲ ସଂଘ ପକ୍ଷରୁ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ଅଶୋକ କୁମାର ଯୋଶୀଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଲିପସିତ୍ ମିଶ୍ର, ଶରଦ କୁମାର ପ୍ରଧାନ, ସୁଶିଳ କୁମାର ମହାପାତ୍ର, ଆଦିତ୍ୟ ପାଢ଼ୀ, ସନ୍ତୋଷ କୁମାର ଦାଶ, ଶୈଳେଶ କୁମାର ନାୟକ, ଚୁନାଜ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ୨୬ରୁ ସମୂହ ଛୁଟିରେ ରହିବେ ଓଇଏସ୍ ଅଧିକାରୀ

**ବରଗଡ଼ ଅଫିସ,୨୦।୧୧**

କ୍ୟାଡର ରୁଲ ପ୍ରଣୟନ ଦାବିରେ ବରଗଡ଼ ଜିଲାର ସମସ୍ତ ଓଡ଼ିଶା ଶିକ୍ଷାସେବା(ବିଦ୍ୟାଳୟ ଶାଖା) ଅଧିକାରୀ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ମଙ୍ଗଳବାର ଏକ ଦାବିପତ୍ର ପଠାଇଛନ୍ତି। ବରଗଡ଼ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ନେତୃତ୍ୱରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କଳ୍ପନା ନାଏକ, ଜଲାର ସମସ୍ତ ଓଇଏସ୍ ବ୍ଲକ ଶିକ୍ଷା ଅଧିକାରୀ, ଓଇଏସ୍ ପ୍ରଧାନଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ। କ୍ୟାଡର ନିୟମ ଲାଗୁ କରିବା ସହିତ ପଦୋନ୍ନତିର ସୁବିଧା କରିବା ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି । ୨୦୧୪ରେ କ୍ୟାଡ଼ର ପୁନର୍ଗଠନ ପାଇଁ ସରକାରୀସ୍ତରରେ ଉଦ୍ୟମ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇ ନ ପାରିବା ଘଟଣାରୁ ସରକାର ଏହାକୁ ଅଣଦେଖା କରି ଚାଲିଥିବା ସ୍ପଷ୍ଟ ହୋଇଛି। ତେବେ କ୍ୟାଡ଼ର ନିୟମ ଲାଗୁ କରିବା ସହିତ ଅନ୍ୟ ଦାବି ପୂରଣ କରା ନ ଗଲେ ଓଡ଼ିଶା ଶିକ୍ଷାସେବା(ବିଦ୍ୟାଳୟ ଶାଖା) ସଂଘର ନିଷ୍ପତ୍ତି କ୍ରମେ ଆସନ୍ତା ୨୬ତାରିଖରୁ ସମସ୍ତ ଶିକ୍ଷାସେବା ଅଧିକାରୀ ସମୂହ ଛୁଟିରେ ରହିବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି।

## ୩ଥାନା ଆଇଆଇସି ବଦଳିଲେ

**ବରଗଡ଼ ଅଫିସ,୨୦।୧୧**

ଉତ୍ତରାଞ୍ଚଳ ପୋଲିସ ଆଇଆଇସିଙ୍କ ମଧ୍ୟରେ ମଙ୍ଗଳବାର ଏକ ବଡ଼ ଧରଣର ଅଦଳବଦଳ ହୋଇଛି। ଏଥିରେ ବରଗଡ଼ ଜିଲାରେ କାର୍ଯ୍ୟରତ ୩ଥାନା ଆଇଆଇସିଙ୍କୁ ଅନ୍ୟ ଜିଲାକୁ ବଦଳି ହୋଇଛି । ସେମାନଙ୍କ ମଧ୍ୟରୁ ବରଗଡ଼ ଟାଉନ ଥାନା ଆଇଆଇସି ବିଭୁତି ଭୂଷଣ ଭୋଇ ଓ ସଦର ଥାନା ଆଇଆଇସି ମମତା ନାୟକଙ୍କୁ ସମ୍ବଲପୁର ଏବଂ ପଦ୍ମପୁର ଥାନା ଆଇଆଇସି କେ. ପ୍ରିୟଙ୍କା ରାଉତରାୟଙ୍କୁ ବଲାଙ୍ଗୀର ଜିଲାକୁ ବଦଳି ହୋଇଛି । ଅନ୍ୟପଟେ ଝାରସୁଗୁଡ଼ା ଜିଲାରୁ ଆଇଆଇସି ପୁରୁଷୋତ୍ତମ ଭୋଇ, ସମ୍ବଲପୁର ଜିଲାରୁ ଆଇଆଇସି ମାନସ ରଞ୍ଜନ ପ୍ରଧାନ ଏବଂ ସୋନପୁର ଜିଲାରୁ ଆଇଆଇସି କଲ୍ୟାଣୀ ବେହେରାଙ୍କୁ ବରଗଡ଼ ଜିଲାକୁ ବଦଳି ହୋଇଥିବା ସୂଚନା ମିଳିଛି।

## ବରଗଡ଼ ପୁସ୍ତକମେଳା ଉଦ୍‌ଘାଟିତ

**ବରଗଡ଼ ଅଫିସ,୨୦।୧୧**

ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ମଙ୍ଗଳବାର ସନ୍ଧ୍ୟାରେ ବରଗଡ଼ ପୁସ୍ତକମେଳା ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀ ସ୍ମୃତି ପାଠାଗାରର ସଭାପତି ଅରୁଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ପୁସ୍ତକମେଳାର ଉଦ୍‌ଘାଟନ କରିଥିଲେ । ସାହିତ୍ୟିକ ତଥା ଗାଳ୍ପିକ ଗୌରହରି ଦାସ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ସେହିପରି ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ସାହିତ୍ୟିକ ରବି ନାରାୟଣ ନନ୍ଦ, ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗାନ୍ଧୀ ସ୍ମୃତି ପାଠାଗାରର ମୁଖପତ୍ର ବରପୁତ୍ରକୁ ଅତିଥିଭାବେ ଉନ୍ମୋଚନ କରିବା ସହିତ ୧୨ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସମ୍ବଲପୁରୀ କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିବାବେଳେ ମୁଖପତ୍ର ବରପୁତ୍ରର ପୂର୍ବସୁରୀଙ୍କ ଫଟୋଚିତ୍ର ଅଙ୍କନ କରିଥିବା ଚିତ୍ରଶିଳ୍ପୀ ଶିବ ପ୍ରସାଦ ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଡ. ପ୍ରଦୀପ ଦେବତା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଦସ୍ୟ ଜୟପ୍ରକାଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।





ପୁସ୍ତକମେଳାର ଉଦଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

## କୁଲୁଣ୍ଡା କୈଳାସୀ ଲୋକ ମହୋତ୍ସବ ଉଦ୍‌ଯାପିତ

**ସରଣ୍ଡା,୨୦।୧୧(ଡ଼ି.ଏନ୍.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ କୁଲୁଣ୍ଡା କୈଳାସୀ ଲୋକ ମହୋତ୍ସବ ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସଭାପତି ପ୍ରମୋଦ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ବିକାଶ ସ୍କୁଲ ତଥା ବିକାଶ ମଲ୍ଟି ହସ୍ପିଟାଲର ଚେୟାରମେନ ଡ଼ି ମୂରଳି କ୍ରିଷ୍ଣା ମୁଖ୍ୟଅତିଥି, କବି ଲକ୍ଷ୍ମୀନାରାୟଣ ହୋତା ମୁଖ୍ୟ ବକ୍ତା, ସ୍ଥାନୀୟ ଜିଲାପରିଷଦ ସଭ୍ୟ ଯୁବରାଜ ପ୍ରଧାନ, ଭେଡ଼େନ ୨ନମ୍ବର ଜୋନ୍ ଜିଲାପରିଷଦ ସଭ୍ୟା ସୁଷମା ଭୋଇ, ପୂର୍ବତନ ଅତାବିରା ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ ଭୋଇ, ମନାପଡ଼ା ସରପଞ୍ଚ ଦୀପକ ପ୍ରଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ମିଳନ ସେଠ୍, ଯଶୋବନ୍ତ ରଣବିଡ଼ା, ଯଶୋବନ୍ତ ସେଠ୍ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମକୁ ରାଧେଶ୍ୟାମ ପ୍ରଧାନ ସଂଯୋଜନା କରିଥିବା ବେଳେ ସଂଜୟ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ପୂଜ୍ୟପୂଜାରେ କବି ହୋତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପରେ ନରୋତ୍ତମ ପଣ୍ଡାଙ୍କ ମଞ୍ଚ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପ୍ରଦର୍ଶିତ ଲୋକନୃତ୍ୟ।

ପ୍ରଥମ ଦିବସରେ ନଟରାଜ କଳାପରିଷଦ ଅତାବିରା, ପୁରେଫୁଲ ସାଂସ୍କୃତିକ ଅନୁଷ୍ଠାନ ଅତାବିରା ଓ ସୁରଜମୁଖୀ ଲୟତ୍ରା ଏବଂ ଉଦ୍‌ଯାପନୀ ଉତ୍ସବରେ ଟୋପର ଲୋକନାଚ, ତୋରାର ସମଲେଶ୍ୱରୀ ଲୋକ ସାଂସ୍କୃତିକ ଗବେଷଣା କେନ୍ଦ୍ର ଓ ବରଗଡ଼ର କଳାଜୀବୀ ସାଂସ୍କୃତିକ ଅନୁଷ୍ଠାନ କାଳାକାରମାନେ କଳା ପ୍ରଦର୍ଶନ କରିଥିଲେ । ଚଳିତ ବର୍ଷ ମା’ କୈଳାସୀଙ୍କ ପୂଜକ ଭାବେ ହୃଷିକେଶ ରଣା ଓ ବରୁଆ ଭାବେ ଶିବନାରାୟଣ ସେଠ ଏବଂ ଦେବାନନ୍ଦ ଠେଲା ଦାୟିତ୍ୱ ନିର୍ବାହ କରିଥିଲେ।

ସୂଚନା ଯୋଗ୍ୟ, ମା’ ଦୁର୍ଗା ବିଭିନ୍ନ ନାମରେ ବିଭିନ୍ନ ସ୍ଥାନରେ ପୂଜା ପାଉଛନ୍ତି। ତନ୍ମଧ୍ୟରୁ କାଳିସୀ(କଳାସୀ)ଦେବୀ ଅନ୍ୟତମ। ଦେବୀଙ୍କ ଏହି ନାମ ଅନୁସାରେ ଯାତ୍ରାକୁ କଳାସୀ ଯାତ୍ରା ବୋଲି କୁହାଯାଉଛି। କେଉଁ ଆବାହମାନ କାଳୁ ମା’ଙ୍କ ଏହି ଯାତ୍ରା ପାଳନ ହୋଇଆସୁଛି। ଯାତ୍ରାରେ ମା’ଙ୍କୁ ଦର୍ଶନ କଲେ ମାନସିକ ପୂରଣ ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି। ଅନ୍ୟପକ୍ଷେ ବରୁଆଙ୍କ ଦ୍ୱାରା କଣ୍ଟା ଦୋଳିରେ ଝୁଲିବା ଭଳି ଅଲୌକିକ ଘଟଣା ଯାତ୍ରାରେ ଦେଖିବାକୁ ମିଳିଥାଏ। ବରୁଆ ନାରାୟଣ ସେଟ୍ କଣ୍ଟା ଦୋଳିରେ ଝୁଲି ଥିଲେ। ଏହା ଦେଖିବାକୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।





କୁଲୁଣ୍ଡା କୈଳାସୀ ଲୋକମହୋତ୍ସବରେ ମଞ୍ଚାସୀନ ଅତିଥି ।

## ରେମଣ୍ଡା କ୍ଲବ ଘରେ ଅଗ୍ନିକାଣ୍ଡ

**ଭେଡ଼େନ, ୨୦।୧୧(ଡି.ଏନ୍.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ରେମଣ୍ଡା ଗ୍ରାମର ସମଲେଇ ମନ୍ଦିର ନିକଟରେ ଥିବା ବୀର ସୁରେନ୍ଦ୍ର ସାଏ କ୍ଲବର ଉପର ମହଲରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ଭେଡ଼େନ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ କ୍ଲବର ଆସବାବପତ୍ର ସହ କବାଟ ଝରକା ପୋଡି ନଷ୍ଟ ହୋଇଯାଇଛି। ବିଦ୍ୟୁତ୍ ସର୍ଟସର୍କିଟରୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ଅନ୍ୟପକ୍ଷେ ଗ୍ରାମବାସୀ ଭେଡ଼େନ ଥାନାରେ ଏକ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଘଟଣା ସଂକ୍ରାନ୍ତରେ ପ୍ରଥମେଭେଡ଼େନ ଦମକଳ କେନ୍ଦ୍ରକୁ ଫୋନ କରିଥିଲେ। ହେଲେ ଫୋନ ନମ୍ବର ଲାଗି ନ ଥିଲା। ପରେ ଗ୍ରାମବାସୀ ଭୁବନେଶ୍ୱର ଦମକଳ କେନ୍ଦ୍ରକୁ ଫୋନ କରିଥିଲେ। ପରେ ସୂଚନା ପାଇ ଭେଡ଼େନ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏନେଇ ଦମକଳ କେନ୍ଦ୍ରର ଅଧିକାରୀ ଏକେ ପ୍ରଧାନଙ୍କୁ ପଚାରିବାରୁ ଦୀର୍ଘ ଦିନ ହେଲା କେନ୍ଦ୍ରର ଫୋନ ଅଚଳ ହୋଇପଡ଼ିଛି। ବାରମ୍ବାର ଟେଲିଫୋନ ବିଭାଗକୁ ଜଣାଇଲେ ମଧ୍ୟ ମରାମତି କରାଯାଉ ନ ଥିବା କହିଥିଲେ।

## ଜିଲାସ୍ତରୀୟ ଯୁବ ରେଡ଼କ୍ରସ୍ ତାଲିମ ଶିବିର ଉଦ୍‌ଯାପିତ





ଜିଲାସ୍ତରୀୟ ଯୁବ ରେଡ଼କ୍ରସ୍ ତାଲିମ ଶିବିରର ଉଦ୍‌ଯାପିନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ଭଟଲି,୨୦।୧୧(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ଜିଲାସ୍ତରୀୟ ଯୁବ ରେଡ଼କ୍ରସ୍ ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଜୟସେନ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ପର୍ଶୁରାମ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଅବସରପ୍ରାପ୍ତ ଅଧ୍ୟକ୍ଷ ଡା. ନିରୁପମା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରେଡ଼କ୍ରସ୍ ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷକ ପ୍ରଫେସର ଖଗେଶ୍ୱର ଦାସ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସେବା ମନୋବୃତ୍ତି ରଖି ନିଜକୁ ସମାଜ ସେବାରେ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ସମ୍ମାନୀତ ଅତିଥି ଭାବେ ଜୁନିୟର ମହାବିଦ୍ୟାଳୟ ଅଧ୍ୟକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀ ଯୋଗଦେଇ ଶିବିରାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବହାରି ଭଟଲି ଦଧିବାମନ ମନ୍ଦିର ପର୍ଯ୍ୟନ୍ତ ଯାଇ ଜନସାଧାରଣଙ୍କୁ ସମାଜସେବା କ୍ଷେତ୍ରରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ପରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାଉନସିଲର୍ ରାଜୀବ ସାହୁ, ଅଜିତ ବାରିକ, କ୍ଷିତିମୟୀ ତ୍ରିପାଠୀ, ବିନ୍ଦୁ ସେଠ୍, ପ୍ରଶାନ୍ତ ସାହୁ, ପ୍ରମୋଦ ସାହୁ, ଅରବିନ୍ଦ ଦାଶ, ଅଧ୍ୟାପକ ଶ୍ୟାମଲାଲ ନାୟକ, ରବି ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଯୁବ ରେଡ଼କ୍ରସ୍ ସଂଯୋଜକ ପରମାନନ୍ଦ ରଥ ସଂଯୋଜନା କରିଥିଲେ। ଶେଷରେ ଅଧ୍ୟାପକ ବିଶ୍ୱଜିତ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୧ ନଭେମ୍ବର, ୨୦୧୮



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍



## ସଂକ୍ଷେପରେ

### ୧୯ତମ ଉଲୁଣ୍ଡା କପ୍ ଫୁଟବଲ ପ୍ରସ୍ତୁତି ବୈଠକ

ଉଲୁଣ୍ଡା, ୨୦।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ମହକୁମାରେ ଆସନ୍ତା ମାସରେ ହେବାକୁ ଥିବା ୧୯ତମ ଉଲୁଣ୍ଡା କପ ଫୁଟବଲ ଟୁର୍ନାମେଣ୍ଟ ପାଇଁ ବିହାରୀଲାଲ ମିଶ୍ରଙ୍କ ଆବାହକତ୍ୱକ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୁନୁରାମ ମହାକୁର, ନିରଦ ସୁନ୍ଦର ପୁରୋହିତ, ଦେବବ୍ରତ ଦେହୁରୀ, ମିତ ଆଚାର୍ଯ୍ୟ, ମନୋରଞ୍ଜନ ମହାକୁର, ଅରୁଣ ମହାନନ୍ଦ, ବିଶ୍ୱଜିତ ପାତ୍ର, ଇନ୍ଦ୍ର ପଧାନ ପ୍ରମୁଖ ଯୋଗଦେଇ ଏଥର ଟୁର୍ନାମେଣ୍ଟ ଦୁଇଦିନ ଧରି ଅନୁଷ୍ଠିତ ହେବ ଏବଂ ରାଜ୍ୟସ୍ତରର ୮ଟି ଫୁଟବଲ ଟିମ ଯୋଗଦେବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଟୁର୍ନାମେଣ୍ଟ ପରିଚାଳନା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ପ୍ରମୋଦ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ

ସୋନପୁର,୨୦।୧୧(ନି.ପ୍ର.): ସୋନପୁର ସହରର ଭଗବତୀ ପ୍ଲଟ ଅଗ୍ରସେନ ଭବନଠାରେ ଶ୍ରୀମଦ୍ ଭାଗବତ ସପ୍ତାହ ବ୍ୟାପୀ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଗତ ୧୭ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଧାର୍ମିକ କାର୍ଯ୍ୟକ୍ରମ ଆସନ୍ତା ୨୩ତାରିଖ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ସକାଳ ସାଢେ ୭ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଭାଗବତ ପାରାୟଣ ଓ ରାତି ୭ଟାରୁ ୧୦ଟା ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପଣ୍ଡିତ ନାରାୟଣ ପଣ୍ଡା, ମହେଶ ପ୍ରସାଦ ସାହୁ ଓ ଶ୍ରୀଧର ଦାଶ ଭାଗବତ ପ୍ରବଚନ ପ୍ରଦାନ କରୁଛନ୍ତି। ବିନିକା ବାଞ୍ଜିପାଲିର ନୀଳମାଧବ ନାୟକ ବ୍ୟାସ ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରବଚନ ଶୁଣିବା ପାଇଁ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ଶିବଦତ୍ତ ମହାପାତ୍ର, ତ୍ରିପୁରାରି ମିଶ୍ର, ରାଜାରାମ ସାହୁ, ଦୁଃଖୁ ମିଶ୍ର ଓ ବ୍ରଜେନ୍ଦ୍ର ମିଶ୍ର ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରୁଛନ୍ତି।

### ବିଶ୍ୱ ପାଇଖାନା ଦିବସ ସଚେତନତା କାର୍ଯ୍ୟକ୍ରମ

ସୋନପୁର,୨୦।୧୧(ନି.ପ୍ର.): ବିଶ୍ୱ ପାଇଖାନା ଦିବସ ଉପଲକ୍ଷେ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଉଲୁଣ୍ଡା ବ୍ଲକର ବିଶିପଡା ଗ୍ରାମ ପଞ୍ଚାୟତଠାରେ ଅନୁଷ୍ଠିତ ହୋଇଯାଇଛି। ସଚେତନତା ସଭାରେ ବିଶିପଡା ସରପଞ୍ଚ ପିଙ୍କି ବିଶି ଅଧକ୍ଷତା କରିଥିଲେ। ଏହି ଅବସରରେ ବିଶିପଡା ଗ୍ରାମ ପଞ୍ଚାୟତକୁ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ପଞ୍ଚାୟତଭାବେ ଘୋଷଣା କରାଯାଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବାହ୍ୟ ମଳତ୍ୟାଗର ଅପକାରିତା ବିଷୟରେ ଜନସାଧାରଣଙ୍କୁ ବୁଝାଇଥିଲେ। ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବିପିନ ବିହାରୀ ଦାଶ ଓ ଉଲୁଣ୍ଡା ବିଡିଓ ରୁନୁ ଲାକ୍ରା ପାଇଖାନା ବ୍ୟବହାର ପାଇଁ ସଚେତନ କରିଥିଲେ। ଜିଲା ଜଳ ଓ ପରିମଳ ମିଶନର ଦୟାସାଗର ମେହେର, ଦିପ୍ତି ପ୍ରକାଶ ବେହେରା, ବିଭୁପ୍ରସାଦ ଶ୍ରୀଚନ୍ଦନ, ବଳରାମ ମାଝି, ନିରଞ୍ଜନ ସାହୁ, ସାମାଜିକକର୍ମୀ ସୌମ୍ୟରଞ୍ଜନ ଦେହୁରି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସଭାରେ ଗ୍ରାମର ଶତାଧିକ ମହିଳାପୁରୁଷ, ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଯୋଗଦେଇଥିଲେ।

# କଠିନ ପରିଶ୍ରମ କଲେ ସଫଳତା ସୁନିଶ୍ଚିତ

## ମାହେଶ୍ୱରୀ କଲେଜର ରୌପ୍ୟ ଜୟନ୍ତୀ ସମାରୋହ

ସୋନପୁର,୨୦।୧୧(ନି.ପ୍ର.)



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୋନପୁର ବ୍ଲକ ଖମ୍ଭେଶ୍ୱରୀପାଲିସ୍ଥିତ ମା' ମାହେଶ୍ୱରୀ ଜୁନିୟର କଲେଜର ରୌପ୍ୟ ଜୟନ୍ତୀ ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ପ୍ରହଲ୍ଲାଦ ମିଶ୍ରଙ୍କ ଅଧକ୍ଷତାରେ ସନ୍ଧ୍ୟାରେ ସଭା ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂହଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ବର୍ତ୍ତମାନର ପ୍ରତିଯୋଗିତାମୂଳକ ଦୁନିଆରେ ସବୁକ୍ଷେତ୍ରରେ ଶ୍ରେଷ୍ଠ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କଠିନ ପରିଶ୍ରମ କଲେ ସଫଳତା ମିଳିବା ସୁନିଶ୍ଚିତ ବୋଲି ସିଂହଦେଓ ମତପ୍ରକାଶ କରିଥିଲେ। ଯୁଗପଯୋଗୀ ଶିକ୍ଷା ପ୍ରଦାନ ଉପରେ ଏମ୍‌ପି ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ମଧୁସୂଦନ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିକ୍ଷା ହିଁ ସବୁକିଛି। ଶିକ୍ଷାର ବିକାଶ ହେଲେ ହିଁ ଅଞ୍ଚଳର ବିକାଶ ଘଟିଥାଏ ବୋଲି କହିଥିଲେ। ଡ. ବିଭୂତିଭୂଷଣ ମିଶ୍ର ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗୁରୁକୁଳ ଶିକ୍ଷା ବିଷୟରେ ଆଲୋଚନା କରିଥିଲେ। କଲେଜର ପ୍ରତିଷ୍ଠାତା ସମ୍ପାଦକ ବାବୁଲାଲ ସାହୁ କଲେଜର ସ୍ଥାପନା ଓ ସ୍ଥାନୀୟ ଅଞ୍ଚଳରେ ଉଚ୍ଚଶିକ୍ଷାର ବିକାଶ ଉପରେ ଅନୁଭୂତି ବର୍ଣ୍ଣନା କରିଥିଲେ । କଲେଜ ପରିଚାଳନା କମିଟିର ସଭାପତି ମିନତୀ ସାହୁ କଲେଜର ଅଭାବ ଅସୁବିଧା ସମ୍ପର୍କରେ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଲେଜର ଅଧକ୍ଷ ପ୍ରହଲ୍ଲାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ବିଗତ ୨୫ ବର୍ଷର ବିବାରଣୀ ପାଠ କରିଥିଲେ। ଅଧାପିକା ସ୍ୱପ୍ନା ମହାପାତ୍ର ଓ ଅଧାପକ ନାରାୟଣ ନାଏକ ସଭା ପରିଚାଳନା କରିଥିଲେ। ଧନ୍ୟବାଦ ପ୍ରଦାନ କରିଥିଲେ ବରିଷ୍ଠ ଅଧାପକ ସୁମନ୍ତ କୁମାର ମିଶ୍ର। ଏହି ଅବସରରେ ୧୯ ଜଣ ପୁରାତନ କର୍ମକର୍ତ୍ତାଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଲକ୍ଷ୍ମଣ ମହାପାତ୍ରଙ୍କ ନିର୍ଦ୍ଦେଶିତ ନାଟକ ଜୟ ଯବାନ ଜୟ କିଷାନ ପରିବେଷଣ କରାଯାଇଥିଲା। ଅପରାହ୍ଣ ଅଧିବେଶନରେ ଏକ ହାସ୍ୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମଶ୍ରୀ ହଳଧର ନାଗ, ହାସ୍ୟକବି ସୁଶାନ୍ତ ମିଶ୍ର, ବନବାସ ମେହେର, ଗୌରିଶଙ୍କର ସାହୁ, ଅନୁପ୍ରିୟା ମିଶ୍ର ଓ ସ୍ଥାନୀୟ କଲେଜର ଓଡିଆ ବିଭାଗର ମୁଖ୍ୟ ସ୍ୱପ୍ନା ମହାପାତ୍ର ପ୍ରମୁଖ ସ୍ୱରଚିତ ହାସ୍ୟ କବିତା ପାଠ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ସକାଳେ ଶତାଧିକ ଛାତ୍ରୀଛାତ୍ର ସ୍ଥାନୀୟ ମାହେଶ୍ୱରୀ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ, କଲେଜର ସମସ୍ତ କର୍ମଚାରୀ, ଅଞ୍ଚଳର ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ ।

### ବଙ୍ଗୋମୁଣ୍ଡା ଧନୁଯାତ୍ରା ଉଦ୍‌ଘାଟିତ

ବଙ୍ଗୋମୁଣ୍ଡା, ୨୦।୧୧(ଡି.ଏନ୍.ଏ.)

ବଙ୍ଗୋମୁଣ୍ଡାର ୩୨ତମ ଧନୁଯାତ୍ରା ସୋମାବାର ରାତିରେ ଉଦ୍‌ଘାଟିତ ହୋଇଛି । ବଙ୍ଗୋମୁଣ୍ଡା ମଥୁରା କଟକ ପାଲଟିଥିବା ବେଳେ ଗୋପପୁର ପାଲଟିଛି ଗୋହିରାପଦର । ଧନୁଯାତ୍ରାର ପ୍ରଥମ ଦିବସରେ ଉଗ୍ରସେନ ରାଜାଙ୍କ ରାଜଦରବାର ବସିଥିଲା। ଦରବାରର ରାଜ ଅତିଥିଭାବେ ବିଡିଓ ଅନୁରୁଦ୍ଧ ପ୍ରଧାନ, ସରପଞ୍ଚ ସୁଶାନ୍ତ କୁମାର ଯୋଷୀ, ଜିଲା ପରିଷଦ ସଦସ୍ୟ ଉଦ୍ଧବ ବେହେରା ଏବଂ ଛନ୍ଦାରାଣୀ ମେହେର, ବ୍ଲକ ଉପାଧକ୍ଷ ମାମରାଜ ଜୈନ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ରଙ୍ଗମଞ୍ଚରେ ଦେବକୀ-ବସୁଦେବ ବିବାହ, ମହାରାଜ ଉଗ୍ରସେନଙ୍କ ଗାଦିଚ୍ୟୁତ, ଦେବକୀ-ବସୁଦେବଙ୍କ କାରାଗାରରେ ବନ୍ଦୀ, କଂସଙ୍କ ରାଜ୍ୟାଭିଷେକ, ଦେବକୀଙ୍କ ଷଡପୁତ୍ର ନିଧନ ଆଦି ନାଟ୍ୟାଭିନୟ ପରିବେଷଣ କରାଯାଇଥିଲା।

## ଧରାପଡ଼ିଲା ଚୋରା ବେପାରୀଙ୍କ ଅଭିନବ କାରସାଦି

ବୀରମହାରାଜପୁର, ୨୦।୧୧ (ଡି.ଏନ୍.ଏ.)

- ମୋଟର ପମ୍ପ ଯୋଗେ ବିକ୍ରି ହେଉଥିଲା ମଦ
- ୫୦ ଲିଟର ମଦ ସହ ସରଞ୍ଜାମ ଜବତ
- ଅଭିଯୁକ୍ତ ଗିରଫ

ସୁବର୍ଣ୍ଣପୁର ଜିଲା ସୁବଲୟା ଥାନା ଅଧିନ ପିତାମହୁଲ ଗ୍ରାମରେ ଅଭିନବ ଢଙ୍ଗରେ ଚାଲିଥିବା ଚୋରା ମଦ କାରବାର ଧରା ପଡିଛି। ଜିଲା ଅବକାରୀ ବିଭାଗର ଭ୍ରାମ୍ୟମାଣ ୟୁନିଟ ଉକ୍ତ କାରବାର ସହ ସମ୍ପୃକ୍ତ ଥିବା ଅଭିଯୋଗରେ ସେହି ଗ୍ରାମର ଅରୂପାନନ୍ଦ ସାହୁ (୨୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ୫୦ ଲିଟର ବେଆଇନ ମଦ ସହ ଏକ ମୋଟର ପମ୍ପ, ପ୍ଲାଷ୍ଟିକ ପାଇପ ଓ ବ୍ୟାଟେରି ସହିତ ଆନୁସଙ୍ଗିକ ସରଞ୍ଜାମ ମଧ ଜବତ ହୋଇଛି। ମିଳିଥିବା ସୂଚନା ମତେ ଅଭିଯୁକ୍ତଙ୍କ ବାସଗୃହ ବାଡିପଟେ ଥିବା ଏକ ପରିତ୍ୟକ୍ତ ଜାଗାରେ ଟାଙ୍କି ନିର୍ମାଣ କରାଯାଇ ତାରି ଭିତରେ ରଖାଯାଇଥିଲା ପ୍ଲାଷ୍ଟିକ ଡ୍ରମ। ସେହି ଡ୍ରମରେ ମଦ ଭର୍ତ୍ତି କରାଯାଇଥିଲା। ଚାହିଦା ଅନୁସାରେ ନିଷ୍କାସନ ପାଇଁ ଏକ ମୋଟର ପମ୍ପ ରଖା ଯାଇଥିଲା ଯାହାକି ବିଦ୍ୟୁତର ବିକଳ୍ପ ଭାବେ ବ୍ୟାଟେରି ବ୍ୟବହାର କରାଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା। ଖବର ପାଇ ଅବକାରୀ ସ୍କ୍ୱାଡ ଏହି ସ୍ଥାନରେ ଅତର୍କିତ ଚଡାଉ କରିଥିବା ବେଳେ ମଦ ଚୋରା କାରାବାରର ଏକ ଅଭିନବ କାରସାଦି ଧରା ପଡିଯାଇଥିଲା। ଜିଲା ଭ୍ରାମ୍ୟମାଣ ୟୁନିଟର ଅବକାରୀ ସବ୍ ଇନ୍ସପେକ୍ଟର ବିଶ୍ୱନାଥ ପରିଡାଙ୍କ ନେତୃତ୍ୱରେ ଚଡାଉ କରାଯାଇଥିଲା।

### ଡିକି ଭାଙ୍ଗି ୨୯ହଜାର ଟଙ୍କା ଲୁଟିନେଲେ

ସିଂଘିଯୁବା, ୨୦।୧୧(ଡି.ଏନ୍.ଏ.)

ବିନିକା ବ୍ଲକ ସିଂଘିଯୁବା ଷ୍ଟେଟ୍ ବ୍ୟାଙ୍କ ଶାଖା ନିକଟସ୍ଥ ଏଟିଏମ୍ ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ଣ ପ୍ରାୟ ୧୧ଟା ୩୫ରେ ବାଇକ ଡିକି ଭାଙ୍ଗି ୨୯ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ବାଙ୍କିଘିର୍ଡି ଗାଁର ଖଗେଶ୍ୱର ବାଘ ବିନିକା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ସକାଳେ ମା' ସୁଶୀଳାଙ୍କ ସହ ସେ ସିଂଘିଯୁବା ଷ୍ଟେଟ୍‌ବ୍ୟାଙ୍କ ଶାଖାକୁ ଟଙ୍କା ଉଠାଣ ପାଇଁ ଏକ ବାଇକ୍‌ରେ ଯାଇଥିଲେ । ମା'ଙ୍କ ଷ୍ଟେଟ୍‌ବ୍ୟାଙ୍କ ଜମାଖାତାରୁ ୨୯ହଜାର ଟଙ୍କା ଉଠାଇ ବ୍ୟାଙ୍କ କାଗଜାତ ସହ ଉକ୍ତ ଟଙ୍କାକୁ ରଖିଥିଲେ। ପରେ ସେହିଠାରେ ମା'ଙ୍କୁ ଠିଆକରି ପାଖରେ ଥିବା ଏଟିଏମରୁ ନିଜ କାର୍ଡରେ ଟଙ୍କା କାଢିବା ପାଇଁ ଯାଇଥିଲେ। ଟଙ୍କା ଆଣି ଆସିଲା ବେଳକୁ ଡିକି ଖୋଲାଥିବା ଦେଖିଥିଲେ।

## ସମୂହ ଛୁଟିରେ ଯିବେ ଶିକ୍ଷା ସେବା ଅଧିକାରୀ

ସୋନପୁର,୨୦।୧୧(ନି.ପ୍ର.)



ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଶିକ୍ଷାସେବା ଅଧିକାରୀମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ସୁବର୍ଣ୍ଣପୁର ଜିଲାର ସମସ୍ତ ଶିକ୍ଷା ସେବା ଅଧିକାରୀ ମଙ୍ଗଳବାର ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଓଡିଶା ଶିକ୍ଷା ସେବା କ୍ୟାଡର ପୁନର୍ଗଠନ ଓ କ୍ୟାଡର ରୁଲ ପ୍ରଣୟନ ପାଇଁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଆସନ୍ତା ୨୬ତାରିଖ ସୁଦ୍ଧା ସରକାର ଦାବି ପୂରଣ ନକଲେ ସମସ୍ତ ଶିକ୍ଷା ଅଧିକାରୀ ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି। ୧୯୭୧ମସିହାରୁ ଓଡିଶା ଶିକ୍ଷା ସେବା(ବିଦ୍ୟାଳୟ ଶାଖା) ପାଇଁ ଲୋକସେବା ଆୟୋଗ ଦ୍ୱାରା ଓଡିଶା ଶିକ୍ଷା ସେବା ଅଧିକାରୀ ନିଯୁକ୍ତି ନିୟମ ପ୍ରଣୟନ ହୋଇଥିଲେ ମଧ ରାଜ୍ୟ ସରକାର ଅଦ୍ୟାବଧି ଏକ କ୍ୟାଡର ରୁଲ ପ୍ରଣୟନ କରିନାହାନ୍ତି। ଫଳରେ ଓଇଏସ ଅଧିକାରୀମାନେ ପଦୋନ୍ନତି ଓ ବୃତ୍ତିଗତ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଅଧିକାରୀମାନେ ଛୁଟିରେ ରହିଲେ ଶିକ୍ଷକମାନେ ଦରମା ପାଇବାରୁ ବଞ୍ଚିତ ହେବା ସହ ଛାତ୍ରୀଛାତ୍ରମାନେ ଅସୁବିଧା ଭୋଗିବେ। ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜଙ୍କ ନେତୃତ୍ୱରେ ସୋନପୁର ବିଇଓ ଘନଶ୍ୟାମ ମେହେର, ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର, ତରଭା ବିଇଓ କେଶବ ମେହେର, ବିନିକା ବିଇଓ ଶଶିଭୂଷଣ ସେଠୀ, ଉଲୁଣ୍ଡା ବିଇଓ ଭଗବାନ ବଙ୍କିରା ଓ ତରଭା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ପଣ୍ଡା ଜିଲାପାଳ ମିଶ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।



ବୀରମହାରାଜପୁର ବ୍ଲକ ବୁରୋଘାଟ ଗ୍ରାମବାସୀ ନାମ ସଂକୀର୍ତ୍ତନ ଭିତରେ ଗ୍ରାମ ପରିକ୍ରମା କରୁଛନ୍ତି।

## ପଞ୍ଚୁକ ପାଇଁ ଉତ୍ସବମୁଖର ଗ୍ରାମୀଣ ପରିବେଶ

ବୀରମହାରାଜପୁର, ୨୦।୧୧(ଡି.ଏନ୍.ଏ.)

ପଞ୍ଚୁକ ପାଇଁ ବୀରମହାରାଜପୁର ଅଞ୍ଚଳର ପୁରପଲ୍ଲୀ ରବିବାରଠାରୁ ଉତ୍ସବ ମୁଖର ହୋଇ ଉଠିଛି। ଦେବାଳୟ ମାନଙ୍କରେ ପ୍ରତିଟି ସକାଳେ ଶ୍ରଦ୍ଧାଳୁ ତଥା ହବିଶ୍ୟାଳିମାନଙ୍କର ଭିଡ ଜମୁଛି। ଗାଁ ଗାଁରେ ଅୟୋଜିତ ହେଉଛି ନାମ ସଂକୀର୍ତ୍ତନ ଓ ଭକ୍ତିମୂଳକ ସାଂସ୍କୃତିକ ଆସର। ପଞ୍ଚୁକର ଚତୁର୍ଦ୍ଦଶୀ ପାଳନ ଉପଲକ୍ଷେ ବହୁ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ଚାଲିଛି। ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଅନ୍ତଗତ ବୁରୋଘାଟ ଗ୍ରାମବାସୀ ପ୍ରତି ସକାଳେ ସମ୍ମିଳିତ ଭାବେ ନାମ ସଂକୀର୍ତ୍ତନ ସହ ଗ୍ରାମ୍ୟ ପ୍ରରିକ୍ରମା କରୁଛନ୍ତି। ଏସବୁ ଭିତରେ କଳାସି କୁଠି ଥିବା ବିଭିନ୍ନ ଗ୍ରାମରେ ଜମିଛି କଳାସି ଯାତ୍ରାର ମାହୋଲ।

### ବିଧାନସଭା ଘେରାଉ କରିବେ ଗ୍ରାମରକ୍ଷୀ

ସୋନପୁର,୨୦।୧୧(ନି.ପ୍ର.)

ଜିଲା ଗ୍ରାମରକ୍ଷୀ ମହାସଂଘର ବୈଠକ ମଙ୍ଗଳବାର ରାମଶଙ୍କର କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଜିଲା ଶାଖାର ନୂତନ କମିଟି ଗଠନ ହୋଇଥିଲା। ଶୁକଦେବ ମହାନନ୍ଦ ସଭାପତି, ନିରଞ୍ଜନ ତାଣ୍ଡି ଉପସଭାପତି, ଯୋଗାନନ୍ଦ ମହାନନ୍ଦ ସମ୍ପାଦକ, କିଶୋର ସେଠୀ ସହସମ୍ପାଦକ ଓ ଅନ୍ତରାମ ମହାନନ୍ଦ କୋଷାଧକ୍ଷ ମନୋନୀତ ହୋଇଥିଲେ। ବୀରମହାରାଜପୁରରୁ ସୁଦାମ ମହାକୁଡ, ଅର୍ଜୁନ ଭରାସାଗର ରାମପୁର, ରଘୁ ଛତ୍ରିଆ ଲଛିପୁର, ବରୁଣ ବାଘ, ସନ୍ତୋଷ ସୁନା ଓ ବିଶିକେସନ ଦୀପ ବିନିକା, ଚୈତନ୍ୟ ସିଂ ସୁବଳୟା, ହରିଶ କୁମ୍ଭାର ତରଭା, ଭାଗିରଥି ପାଣ୍ଡେ ସୋନପୁର, ଛୁମାର ମଲ୍ଲିକ ଓ କୁଶ ମହାନନ୍ଦ ଡୁଙ୍ଗୁରିପାଲିରୁ ଯୋଗ ଦେଇଥିଲେ। ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଗ୍ରାମରକ୍ଷୀ ସଂଘ ପକ୍ଷରୁ ଆସନ୍ତା ୨୮ରେ ବିଧାନସଭା ଘେରାଉ କରାଯିବ। ଏଥିରେ ବହୁ ଗ୍ରାମରକ୍ଷୀ ଯୋଗଦେବା ନିମନ୍ତେ ନିଷ୍ପତ୍ତି ହୋଇଥିଲା।

## ଜିଲା ବିଜ୍ଞାନ କୁଇଜ୍‌ରେ କରିସ୍ମା ଶ୍ରେଷ୍ଠ



ଜିଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ବୀରମହାରାଜପୁର, ୨୦।୧୧(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ଆୟୋଜିତ ଜିଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତାରେ ବୀରମହାରାଜପୁର ବ୍ଲକକୁ ୨ଟି ସଫଳତା ମିଳିଛି। ଏହି ବ୍ଲକର କେରିଆପାଲି ପଞ୍ଚାୟତ ଅନ୍ତଗତ ତେଲିପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ କରିସ୍ମା ପଧାନ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ଏହି ପଞ୍ଚାୟତ ଅନ୍ତର୍ଗତ ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ ଛାତ୍ରୀ ମାମି ପୋଢ ଉକ୍ତ ପ୍ରତିଯୋଗିତାର ତୃତୀୟ ସ୍ଥାନରେ ରହିଥିବା ଜଣା ଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଜିଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ମଙ୍ଗଳବାର ସୋନପୁରସ୍ଥିତ ମହାରାଜା ହାଇସ୍କୁଲଠାରେ ସମ୍ପନ୍ନ ହୋଇଥିବା ବେଳେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଚଳିତ ନଭେମ୍ବର ୨୮ତାରିଖ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

### ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

## ଓକିଲଙ୍କ ଆନ୍ଦୋଳନ, କୋର୍ଟ ବନ୍ଦ

ସୋନପୁର,୨୦।୧୧(ନି.ପ୍ର.)



ସୁବର୍ଣ୍ଣପୁର ସିଭିଲ କୋର୍ଟ ସମ୍ମୁଖରେ ଆଇନଜୀବୀମାନେ ବିଚାରପତିଙ୍କ ବାଟ ଓଗାଳୁଛନ୍ତି ।

ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଚାଲିଥିବା ଆନ୍ଦୋଳନ ଜୋର ଧରିଛି। ଆଇନଜୀବୀମାନେ ଆନ୍ଦୋଳନକୁ ଜୋରଦାର କରିଛନ୍ତି। ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି(ସିଏସି) ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ଓକିଲ ସଂଘର କର୍ମକର୍ତ୍ତାମାନେ ପିକେଟିଂ କରି କୋର୍ଟ କାର୍ଯ୍ୟ ବନ୍ଦ କରିଥିଲେ। ଫଳରେ ଜିଲା ଦୌରାଜଜ୍ ରାଜକୁମାର ସାହୁ, ଅତିରିକ୍ତ ଜିଲା ଦୌରାଜଜ୍ ଶ୍ୱେତା ମିଶ୍ର, ସିଜେଏମ ମଦନଲାଲ ଖେଡିଆ, ସବ୍‌ଜଜ ସନ୍ଦୀପ୍ ପଟ୍ଟନାୟକ, ରେଜିଷ୍ଟ୍ରାର ସୀମା ତ୍ରିପାଠୀ ଓ ଏସ୍‌ଡିଜେଏମ ସୁକାନ୍ତ କିଶୋର ଜେନାଙ୍କ ସମେତ ଅନ୍ୟ ବିଚାରପତି ଓ କର୍ମଚାରୀ କୋର୍ଟ ଭିତରକୁ ଯାଇ ପାରି ନ ଥିଲେ। ଜିଲା ଜଜ୍‌କୋର୍ଟ ସମ୍ମୁଖରେ ଆଇନଜୀବୀମାନେ ବସି ରହିଥିଲେ। ଜିଲା ଓକିଲ ସଂଘର ସଭାପତି ସର୍ବେଶ୍ୱର ପୁରୋହିତ, ସମ୍ପାଦକ ରାଜେନ୍ଦ୍ର ଅଗ୍ରୱାଲା, ଆଦିକନ୍ଦ ପାଣିଗ୍ରାହୀ, ମଧୁସୂଦନ ପଧାନ, ଦେବେନ୍ଦ୍ର ପର୍ଡିଆ, ଭଗବତୀ ମିଶ୍ର, ସନ୍ତୋଷ କୁମାର ନନ୍ଦ, ବିପିନ ବିହାରୀ ବିଦ୍ୟାଧର, ବଳଦେବ ପ୍ରସାଦ ବେଦ୍‌ବାକ, ପର୍ଶୁରାମ ମିଶ୍ର, ଦାସଦୀପ୍ତ ମହାପାତ୍ର, ଜିତେନ୍ଦ୍ର ପଟ୍ଟନାୟକ ଓ ସୁଧୀର ପଣ୍ଡା ପ୍ରମୁଖ କୋର୍ଟ ପିକେଟିଂର ନେତୃତ୍ୱ ନେଇଥିଲେ।

## ଦୌରାଜଜ୍‌ଙ୍କ କ୍ୟାମ୍ପକୋର୍ଟ ନୋହିଲା

ବୀରମହାରାଜପୁର, ୨୦।୧୧(ଡି.ଏନ.ଏ)




ବିଚାର ବିଭାଗୀୟ ଅଦାଲତ ଫାଟକରେ ତାଲା ପକାଇବା ସହ ଜିଲା ଦୌରାଜଜ୍ ତଥା ଅନ୍ୟାନ୍ୟ ବିଚାରପତିମାନଙ୍କୁ ଫେରିଯିବା ପାଇଁ ନିବେଦନ ଜଣାଉଛନ୍ତି ବାର ଆସୋସିଏଶନ୍ ସଦସ୍ୟ ବୃନ୍ଦ ।

ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ ଓ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଏସି)ର ଆହ୍ୱାନକ୍ରମେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ବିଭିନ୍ନ ସ୍ଥାନରେ ଜାରି ରହିଥିବା ଆଇନଜୀବୀମାନଙ୍କ ପିକେଟିଂ ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ଫଳରେ ବୀରମହାରାଜପୁରଠାରେ ଧାର୍ଯ୍ୟ ହୋଇଥିବା ସେସନ୍ସ କ୍ୟାମ୍ପ କୋର୍ଟ ହୋଇପାରିଲା ନାହିଁ । ସୂଚନାମତେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବୀରମହାରାଜପୁରସ୍ଥିତ ବିଚାର ବିଭାଗୀୟ ଅଦାଲତଠାରେ ଦୁଇଦିନିଆ କ୍ୟାମ୍ପ କୋର୍ଟ ହେବାର ଥିଲା। ବିଭିନ୍ନ ମାମଲାର ଶୁଣାଣି ସକାଶେ କୋର୍ଟ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସରିଥିବା ବେଳେ ମଙ୍ଗଳବାର ପୂର୍ବାହ୍ଣ ସାଢ଼େ ୧୦ଟାରେ ଜିଲା ଦୌରାଜଜ୍ ରାଜକୁମାର ସାହୁ ଏଠାରେ ପହଞ୍ଚିଥିଲେ। ସେହିଭଳି ତାଙ୍କୁ ସ୍ୱାଗତ କରିବାକୁ ସ୍ଥାନୀୟ ବରିଷ୍ଠ ଦେୱାନୀ ଜଜ୍ ମାନସ ରଞ୍ଜନ ରଥ ଏବଂ ଏସଡିଜେଏମ ଅବକାଶ ଚୌଧୁରୀ ମଧ କୋର୍ଟ ସମ୍ମୁଖରେ ଉପସ୍ଥିତ ଥିଲେ । ବାର ଆସୋସିଏଶନ୍ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀଙ୍କ ନେତୃତ୍ୱରେ ସଦସ୍ୟମାନେ ଫାଟକରେ ତାଲା ପକାଇବା ସହ ଭିତରକୁ ପ୍ରବେଶ ନକରିବା ପାଇଁ ବିଚାରପତିମାନଙ୍କୁ ନିବେଦନ କରିଥିଲେ। ଫଳରେ କୋର୍ଟ ପରିଚାଳନା ପାଇଁ ଷ୍ଟାଫ୍ ସହିତ ପହଞ୍ଚିଥିବା ଦୌରାଜଜ୍ ସାହୁ ସୋନପୁର ଫେରିଯିବାକୁ ବାଧ ହୋଇଥିଲେ । ଅନୁରୂପ ଭାବେ ପିକେଟିଂ ଯୋଗୁଁ ସ୍ଥାନୀୟ ଦେୱାନୀ ଫୌଜଦାରୀ ତଥା ରାଜସ୍ୱ ଅଦାଲତ ଗୁଡିକ ସମ୍ପୂର୍ଣ୍ଣ ଅଚଳହୋଇ ପଡିଥିବା ଦେଖିବାକୁ ମିଳିଥିଲା । ଆନ୍ଦୋଳନରେ ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ଚାନ୍ଦ, ବିଷ୍ଣୁଚରଣ ପଣ୍ଡା, ସୁବ୍ରତ କୁମାର ମିଶ୍ର, କୁନ୍ଦନ ପ୍ରଧାନ, ବାସୁଦେବ ପଣ୍ଡା, ଶଙ୍କର୍ଷଣ ପଣ୍ଡା, ସନ୍ତୋଷ ଚାନ୍ଦ, ଚିତ୍ତରଞ୍ଜନ ସେଠୀ ଏବଂ ଉମାଶଙ୍କର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ ।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଲୁହାସିଂହା କୃଷି ସମବାୟ ସମିତି ପୁରସ୍କୃତ

**ଖପ୍ରାଖୋଲ,୨୦।୧୧(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଲୁହାସିଂହା କୃଷି ସମବାୟ ସମିତିକୁ ରାଜ୍ୟସ୍ତରୀୟ ଉତ୍କର୍ଷ ସମବାୟ ସେବା ପୁରସ୍କାର ପ୍ରଦାନ କରାଯାଇଛି । ଓଡିଶା ରାଜ୍ୟ ସମବାୟ ୟୁନିଅନ୍ ତରଫରୁ ୬୫ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ଭୁବନେଶ୍ୱର ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ରେଜିଷ୍ଟର ତ୍ରିବିକ୍ରମ ପଧାନଙ୍କ ସମେତ ରାଜ୍ୟସ୍ତରୀୟ ପଦାଧିକାରୀଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଛି। ସମବାୟ ଆପଣଙ୍କ ଦ୍ୱାର ଦେଶରେ କାର୍ଯ୍ୟକ୍ରମ ପରିଚାଳନା, କୃଷି ଓ କୃଷକଙ୍କ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ମାନପତ୍ର ସହ ୨୫ ହଜାର ଟଙ୍କାର ଚେକ୍ ମିଳିଛି । ସମବାୟ ସମିତି ସମ୍ପାଦକ ରାମକୃଷ୍ଣ ସାହୁ, ସଭାନେତ୍ରୀ ଦମୟନ୍ତୀ ସୁଆରଙ୍କ ପ୍ରତିନିଧି କନ୍ଦର୍ପ ସୁଆର, ସମିତିର ନିର୍ଦ୍ଦେଶକ ରାଜକିଶୋର ମେହେରଙ୍କୁ ଏହି ପୁରସ୍କାର ସମାରୋହରେ ପ୍ରଦାନ କରାଯାଇଛି ।

### ୪ର୍ଥ ଦିନରେ କଣ୍ଟାବାଞ୍ଜି ଜିଲ୍ଲା ଦାବି ଧାରଣା

**କଣ୍ଟାବାଞ୍ଜି, ୨୦।୧୧(ଡି.ଏନ.ଏ.):** କଣ୍ଟାବାଞ୍ଜିକୁ ଜିଲା ଦାବି ନେଇ ଜିଲା ସଂଘର୍ଷ ସମିତି ଆହ୍ୱାନକ୍ରମେ ସ୍ଥାନୀୟ ତହସିଲ ଅଫିସ ସାମ୍ନାରେ ଧାରଣାରେ ଦିଆଯାଉଛି । ମଙ୍ଗଳବାର ଚତୁର୍ଥ ଦିନରେ ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲଙ୍କ ସହିତ ଓକିଲ ସଂଘର ସମସ୍ତ ସଭ୍ୟ ଏବଂ ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ସାମିଲ ହୋଇଥିଲେ। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଆନ୍ଦୋଳନକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇ କଣ୍ଟାବାଞ୍ଜି ହିଁ ଉପଯୁକ୍ତ ସ୍ଥାନ ବୋଲି କହିଥିଲେ। ସରକାର କଣ୍ଟାବାଞ୍ଜିକୁ ନୂତନ ଜିଲା ମାନ୍ୟତା ନ ଦେଲେ ଆସନ୍ତା ନିର୍ବାଚନୀରେ ସ୍ଥାନୀୟ ପ୍ରତିନିଧିମାନଙ୍କୁ ବର୍ଜନ କରିବୁ ବୋଲି ସଂଘ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ଚତୁର୍ଥ ଦିନର ଧାରଣାରେ ସଂଘର ସଭାପତି ଗୁଣନିଧି ରାଉତରାଏ, ରାସିଆନନ୍ଦ ରାଏ, ଘନଶ୍ୟାମ ଗହିର, ରାମଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଲେଖ ସାହୁ, ଓକିଲ ସଂଘରୁ ବିଜୟ କୁମାର ଶର୍ମା, ବ୍ରଜଶ୍ୟାମ ଗୁରୁ, ଯୋଗେନ୍ଦ୍ର ବଛା, ରାଜ୍ୟ ଦିବ୍ୟାଙ୍ଗ ସଂଘ ସଭାପତି ଶ୍ୟାମସୁନ୍ଦର ସୁନା ପ୍ରମୁଖ ସାମିଲ ଥିଲେ ।

■ ଅଚଳାବସ୍ଥା ଘଟଣା ନେଇ ହସ୍ତକ୍ଷେପ କଲେ ଜିଲାପାଳ

# ଆଗଲପୁର ତହସିଲର ୩ କିରାଣିଙ୍କୁ ବଦଳି

**ଲୋଇସିଂହା,୨୦।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ତହସିଲରେ କେତେକ ଘଟଣାବଳୀକୁ ନେଇ ଗତ ସେପ୍ଟେମ୍ବର ମାସରୁ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତରେ ଖବର ପ୍ରକାଶ ପରେ ଜିଲାପାଳ ହସ୍ତକ୍ଷେପ କରିଥିଲେ । ଗୁଣ୍ଡାଙ୍କ ପ୍ରାଦୁର୍ଭାବରେ କାର୍ଯ୍ୟାଳୟରେ କାମ କରିବାକୁ ଅସୁରକ୍ଷିତମଣି ବଦଳି ଦାବି କରିଥିବା ମୁଖ୍ୟକିରାଣୀ ଓ ଦୁଇ ସିନିୟର କ୍ଲାର୍କଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ତହସିଲରେ କେବେ ନୂତନ କର୍ମଚାରୀ ଯୋଗଦାନ କରିବେ ଓ କାର୍ଯ୍ୟାଳୟ କେବେଠାରୁ ସ୍ୱାଭାବିକ ଚାଲିବ ତାକୁ ସାଧାରଣ ଜନତା ଅପେକ୍ଷା କରିଛନ୍ତି। ପ୍ରାପ୍ତସୂଚନା ମତେ, ଆଗଲପୁର ତହସିଲ କାର୍ଯ୍ୟାଳୟରେ ଗତ ୨୧ଅଗଷ୍ଟରେ ତହସିଲଦାରଙ୍କ ସମେତ ୬ ଜଣ କର୍ମଚାରୀ କାର୍ଯ୍ୟରତ ଥିଲେ । ଏହି ସମୟରେ ଜନୈକ ପୂର୍ବତନ ସରପଞ୍ଚ ଓ ତାଙ୍କ କେତେକ ସହଯୋଗୀ କାର୍ଯ୍ୟାଳୟକୁ ଯାଇ କର୍ମଚାରୀଙ୍କୁ ଗାଳିଗୁଲଜ କରି କାର୍ଯ୍ୟାଳୟ ଗେଟରେ ତାଲା ପକାଇ ଦେଇଥିଲେ । ଏ ନେଇ ତହସିଲଦାର ଲୋଇସିଂହା ଥାନରେ ଅଭିଯୋଗ କରିବା ପରେ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅନ୍ୟପକ୍ଷରେ ସେମାନେ ଜାମିନରେ ଆସିବା ପରେ ପୁଣି ଗତ ସେପ୍ଟେମ୍ବର ୨୨ରେ ତହସିଲ କାର୍ଯ୍ୟାଳୟକୁ ଯାଇ ମୁଖ୍ୟ କିରାଣୀ ଶ୍ୟାମସୁନ୍ଦର ବୁଡେକଙ୍କୁ ଗାଳିଗୁଲଜ କରି ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ । ସେହିଦିନ ମୁଖ୍ୟ କିରାଣି ବୁଡେକ ଘଟଣା ସଂକ୍ରାନ୍ତରେ ତହସିଲଦାରକୁ ଜଣାଇଥିଲେ । ମୁଖ୍ୟ କିରାଣୀ ନିଜେ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ । ଏହାପରେ ଜିଲା ଆଦିବସୀ ସଂଘ ଘଟଣାକୁ ନିନ୍ଦା କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ପୋଲିସ ଏସଡିପିଓକୁ ସାକ୍ଷାତ କରିଥିଲେ । ଅନ୍ୟପକ୍ଷରେ ମୁଖ୍ୟକିରାଣୀ ବୁଡେକ, ଦୁଇଜଣ ସିନିୟର କ୍ଲାର୍କ ମଦନ ପୁରୋହିତ, ହେବେଲେଟ ବାର୍ଲାଙ୍କ ସମେତ ୬ଜଣ କର୍ମଚାରୀ ସୁରକ୍ଷା ମାଗିବା ସହ ଅନ୍ୟତ୍ର ବଦଳି ପାଇଁ ଦାବିପତ୍ର ମାଧ୍ୟମରେ ଜିଲାପାଳଙ୍କୁ ଜଣାଇଥିଲେ । ଏଥିସହ ତହସିଲଦାର କେତେକ ଅସାମ୍ବିଧାନିକ କାର୍ଯ୍ୟ ତାଙ୍କୁ ବ୍ୟଥିତ କରୁଥିବା ଅଭିଯୋଗ କରି ଗତ ୨୪ ଅକ୍ଟୋବରରୁ ଏ ସଂକ୍ରାନ୍ତରେ ଜିଲାପାଳ, ଉପଜିଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ । ପୋଲିସ ଓ ଜିଲା ପ୍ରଶାସନର ଅସହଯୋଗ ଯୋଗୁଁ ୬ ଜଣ କର୍ମଚାରୀ ସେହିଦିନଠାରୁ ଛୁଟିରେ ଅଛନ୍ତି। ୬ କର୍ମଚାରୀଙ୍କ ଦୀର୍ଘ ଅନୁପସ୍ଥିତି ଯୋଗୁ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ସାଧରଣ ଲୋକେ ହଇରାଣ ହରକତ ହେଉଛନ୍ତି। ଏହାକୁ ନେଇ ଗତ ୧ ନଭେମ୍ବରରେ ତହସିଲଦାର ଉଗ୍ରେସନ ଓରାମ ଲୋଇସିଂହା ଥାନାକୁ ଆସି ତାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୩୮୩ରେ ମୁଖ୍ୟକିରାଣି ଓ ଦୁଇ ସିନିୟର କିରାଣିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଅଭିଯୋଗ କରିଥିଲେ । ଏ ସଂକ୍ରାନ୍ତରେ ଜିଲାପାଳ ଓ ଉପଜିଲାପାଳଙ୍କୁ ଅବଗତ ମଧ୍ୟ କରିଥିଲେ । ପରବର୍ତ୍ତି ସମୟରେ ତହସିଲଦାର ଲୋଇସିଂହା ଥାନାରେ ଦେଇଥିବା ଅଭିଯୋଗକୁ ଗତ ୯ତାରିଖ ପ୍ରତ୍ୟାହାର କରି ନେଇଥିଲେ । ଗତ ୧୩ ତାରିଖ ଜିଲାପାଳ ଅରିନ୍ଦମ ଡାକୁଆ ତହସିଲ ପରିଦର୍ଶନରେ ଯାଇଥିଲେ । ଖବର ପାଇ ମୁଖ୍ୟକିରାଣି, ସିନିୟର କ୍ଲାର୍କ ତହସିଲକୁ ଯାଇ ସମସ୍ତ ଘଟଣା ଜଣାଇ ବଦଳି ଦାବି କରିଥିଲେ । ଜିଲାପାଳ ଘଟଣା ପ୍ରତି ଗୁରୁତ୍ୱ ଦେଇ ତାଙ୍କ ପତ୍ର ସଂଖ୍ୟା ୨୫୧୫(ତା୧୯।୧୧।୧୮) ଅନୁଯାୟୀ ମୁଖ୍ୟ କିରାଣୀଙ୍କୁ ବଙ୍ଗୋମୁଣ୍ଡା, ଅନ୍ୟଦୁଇଜଣ ସିନିୟର କ୍ଲାର୍କଙ୍କୁ କଣ୍ଟାବାଞ୍ଜି ଓ ଖପ୍ରାଖୋଲକୁ ବଦଳି କରାଯାଇଛି । ବଲାଙ୍ଗୀର କଲେକ୍ଟରେଟ ଓ ପୁଇଁତଳା ତହସିଲର ଜୁନିୟର କ୍ଲାର୍କଙ୍କୁ ଆଗଲପୁର ତହସିଲକୁ ପଠାଯାଇଛି ।




ରକ୍ତଦାନ ଶିବିରକୁ ସିଡିଏମ୍ଓ ଡା ସୁଜ୍ଞାନେନ୍ଦ୍ର ମିଶ୍ର ଉଦ୍‌ଘାଟନ କରୁଛନ୍ତି ।

## ଆୟୁର୍ବେଦ କଲେଜରେ ରକ୍ତଦାନ ଶିବିର

**ବଲାଙ୍ଗୀର ଅଫିସ, ୨୦।୧୧**

ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜରେ ୟୁଥ୍ ରେଡକ୍ରସ୍ ଏବଂ ରେଡ୍ ରିବନ୍ କ୍ଲବ୍ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଶିବିରକୁ ସିଡିଏମ୍ଓ ଡା ସୁଜ୍ଞାନେନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ । ଏଥିରେ କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ଡା ପ୍ରଦୀପ କୁମାର ପଣ୍ଡା, ଡା ଶିବପ୍ରସାଦ ଦାସ, ଡା ଶିବବ୍ରତ ବେହେରା, ଡା ବିନୋଦ କୁମାର, ଡା. ଜ୍ୟୋତିରଞ୍ଜନ ମେହେର, ଡା ଗୋପୀନାଥ ମିଶ୍ର, ଡା ମନୋଜ କୁମାର ସାହୁ, ଡା ମନୋରଞ୍ଜନ ସାହୁ, ଡା. ଗଣେଶ ମେହେର, ଡା. ନିଗମ ପ୍ରସାଦ ନାଏକ, ଡା ସୀମାଦ୍ରୀ ନାଏକ ଓ କଲେଜ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବଲାଙ୍ଗୀର ରକ୍ତଭଣ୍ଡାରର ଡା ପ୍ରଜ୍ଞା ପରିମିତା ନାଏକ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ ରକ୍ତ ସଂଗ୍ରହ କରିଥିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏହି କାର୍ଯ୍ୟକ୍ରମକୁ ପ୍ରାୟୋଜିତ କରିଥିଲେ। ବ୍ୟାଙ୍କ ମ୍ୟାନେଜର ନରେନ୍ଦ୍ର ବେହେରା, ଉମେଶ ପଟେଲ, ସରୋଜ ପଣ୍ଡା, ପ୍ରିୟରଞ୍ଜନ ମହାପାତ୍ର, ଚନ୍ଦନ ହୋତା ଓ କୈଳାସ ବେରିହା ସହଯୋଗ କରିଥିଲେ। ଶିବିରରେ ଡା ପ୍ରିୟାଞ୍ଜୁ ତ୍ରିପାଠୀ, ଡା ଅଂଶୁମାନ ପ୍ରଧାନଙ୍କ ୩୧ଜଣ ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମକୁ ୟୁଥ୍ ରେଡକ୍ରସ୍ ଏବଂ ରେଡ୍ ରିବନ୍ କ୍ଲବ୍‌ର ଡା ଅଲେଖ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିଲେ ।

## ବ୍ଲକ ଅଫିସ ଘେରିଲା ଚାଷୀ ମଜୁରିଆ ସଂଗଠନ

**କଣ୍ଟାବାଞ୍ଜି, ୨୦।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଚାଷୀ ମଜୁରିଆ ସଂଗଠନ ତୁରେକେଲା ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ବ୍ଲକର ଚାଷୀ ମଜୁରିଆମାନେ ଚଳିତ ବର୍ଷ ଭୟଙ୍କର ମରୁଡିର ଶିକାର ହୋଇଛନ୍ତି। ଏଣୁ ତୁରେକେଲା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରି ମଧ୍ୟବର୍ତ୍ତୀକାଳୀନ ସାହାଯ୍ୟ, ମରୁଡିଜନିତ କ୍ଷୟକ୍ଷତିର ଆକଳନପୂର୍ବକ ତୁରନ୍ତ ପ୍ୟାକେଜ ଘୋଷଣା, ଏମଜିଏନଆରଇଜିଏସ ତଥା ଅନ୍ୟାନ୍ୟ ଶ୍ରମଭିତ୍ତିକ କାର୍ଯ୍ୟ ତୁରନ୍ତ ଯୋଗାଇ ଦେବା ସହ ଦୈନିକ ମଜୁରି ୩୦ଶତକଡା ଆକାରରେ ଦେବା, ୨୦୧୬-୧୭ ବର୍ଷର ବୋରୱେଲ ପାଇଁ ଆବେଦନ କରିଥିବା ଓ ଫି ଦାଖଲ କରିଥିବା ଚାଷୀଙ୍କୁ ବୋରୱେଲ ଖନନ ପାଇଁ ପଦକ୍ଷେପ ନେବାକୁ ସଂଗଠନ ଦାବି କରିଥିଲା। ଏଥିସହିତ ଚାଷୀଙ୍କ କୃଷିଋଣ ଛାଡ ସହିତ ବିନା ସୁଧରେ ଋଣ ପ୍ରଦାନ, ୨୦୧୭ ଖରିଫ ଋତୁରେ ଫସଲବୀମା ରାଶି ନ ପାଇଥିବା ଚାଷୀଙ୍କୁ ବୀମାରାଶି ପଇଠ କରିବା, ଉପଯୁକ୍ତ ହିତାଧିକାରୀଙ୍କୁ ଖାଉଟୀ କାର୍ଡ ଯଥାଶୀଘ୍ର ଦେବା ପାଇଁ ଦାବି କରାଯାଇଛି । ପରେ ଚାଷୀ ମଜୁରିଆ ସଂଗଠନ ବ୍ଲକ ଆବାହକ ଚମ୍ପେ ଭୋଇଙ୍କ ନେତୃତ୍ୱରେ ହେମାପତି ଛତ୍ରିଆ, ଲଛମନ ଭାଗ, ସୁବାସ ପୁଟେଲ, ଧରମ ଠାକୁର ସାହୁ, ରସମନୀ ପୁଟେଲ, କୈଳାସ ହଂସ ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ଘଣ୍ଟିକିଆ ଧାରଣା ଦେଇଥିଲେ। ସେଠାରେ ବିଡିଓ ରାମଦତ୍ତ ଭୋଇଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିପୂର୍ବରୁ ତୁରେକେଲା ସଦର ମହକୁମା ସାପ୍ତାହିକ ବଜାରରୁ ଏକ ରାଲିରେ ସେମାନେ ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ଆସିଥିଲେ।

## ବିଜ୍ଞାନମେଳାରେ ୯୯ ପ୍ରକଳ୍ପ ପ୍ରଦର୍ଶିତ

**ଦେଓଗାଁ,୨୦।୧୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଧପାଲି ସରକାରୀ ଉନ୍ନିତ ଉଚ୍ଚବିଦ୍ୟାଳୟଠାରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବ୍ଲକର ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟମାନଙ୍କରୁ ୯୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବ୍ଲକର ୩ଟି ହାଇସ୍କୁଲରୁ ପ୍ରକଳ୍ପ ଆସି ନ ଥିବାରୁ ସେମାନଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ କରାଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ଭାଗ୍ୟବତୀ ଦାଶ ସୂଚନା ଦେଇଥିଲେ । ପ୍ରଦର୍ଶିତ ପ୍ରକଳ୍ପ ମଧ୍ୟରୁ ମମତା ଭଇଁଷା, ଆଦିତ୍ୟ ପାତ୍ର, ସୁଦିକ୍ଷିତା ପଧାନ, ଲକ୍ଷ୍ମୀ ଧରୁଆ, ରିତେଷ କୁମାର ସାହୁ, ସୁନୀତା ମେହେର, ଅମନ ଶୁଭଦର୍ଶନ ରାଉତ, ପ୍ରଦ୍ୟୁମ୍ନ ନାଗ, ବର୍ଷା ରଣା ଓ ସୁମନ୍ତ କୁମ୍ଭାରଙ୍କ ପ୍ରକଳ୍ପଗୁଡିକୁ ବ୍ଲକସ୍ତରରେ ପୁରସ୍କୃତ କରାଯାଇଥିଲା। ସେଥିରୁ ୬ଟି ପ୍ରକଳ୍ପକୁ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ କରାଯାଇଥିବା ସୂଚନା ଦିଆଯାଇଥିଲା। ଗୋବର୍ଦ୍ଧନ ଭୋଇଙ୍କ ସଭାପତିତ୍ୱ ତଥା ବ୍ଲକ ସଂଯୋଜକ ବିଭୂତି ଭୂଷଣ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ମେଳାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଭୀମଭୋଇ ମେଡିକାଲ କଲେଜ ବଲାଙ୍ଗୀରର ଅଧିକ୍ଷକ ପ୍ରଫେସର ଡା, ନାରାୟଣ ଆଚାର୍ଯ୍ୟ, ମୁଖ୍ୟବକ୍ତା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସମ୍ମାନୀତ ଅତିଥି ବିଡିଓ ଶଙ୍କର ପ୍ରସାଦ ସାହୁ, ବ୍ଲକଶିକ୍ଷାଧିକାରୀ ଭାଗ୍ୟବତୀ ଦାଶ, ସ୍ଥାନୀୟ ସରପଞ୍ଚ ବାଳକ ପଧାନ ପ୍ରମୁଖ ଯୋଗଦେଇଥିଲେ । ପରିଚାଳନା ସମ୍ପାଦକ ସନ୍ତୋଷ କୁମାର ବେହେରା ମେଳାର ବିବରଣୀ ପଠନ କରିଥିବା ବେଳେ ଅଶୋକ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ର କୁମାର ପୁରୋହିତଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଆବାହକ କୁମାର ଷାଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଇଓ ଦାଶ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଭାବେ ଏ ବିଇଓ ମନୋହର ଉଟୀ,ଅଭିନ୍ନ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।



ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶିତ କରୁଛନ୍ତି ।

## ବଙ୍ଗୋମୁଣ୍ଡା ଧନୁଯାତ୍ରା ଉଦ୍‌ଘାଟିତ

**ବଙ୍ଗୋମୁଣ୍ଡା, ୨୦।୧୧(ଡି.ଏନ୍.ଏ.)**

ବଙ୍ଗୋମୁଣ୍ଡାର ୩୨ତମ ଧନୁଯାତ୍ରା ସୋମାବାର ରାତିରେ ଉଦ୍‌ଘାଟିତ ହୋଇଛି । ବଙ୍ଗୋମୁଣ୍ଡା ମଥୁରା କଟକ ପାଲଟିଥିବା ବେଳେ ଗୋପପୁର ପାଲଟିଛି ଗୋହିରାପଦର । ଧନୁଯାତ୍ରାର ପ୍ରଥମ ଦିବସରେ ଉଗ୍ରସେନ ରାଜାଙ୍କ ରାଜଦରବାର ବସିଥିଲା। ଦରବାରର ରାଜ ଅତିଥିଭାବେ ବିଡିଓ ଅନୁରୁଦ୍ଧ ପ୍ରଧାନ, ସରପଞ୍ଚ ସୁଶାନ୍ତ କୁମାର ଯୋଷୀ, ଜିଲା ପରିଷଦ ସଦସ୍ୟ ଉଦ୍ଧବ ବେହେରା ଏବଂ ଛନ୍ଦାରାଣୀ ମେହେର, ବ୍ଲକ ଉପାଧ୍ୟକ୍ଷ ମାମରାଜ ଜୈନ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ରଙ୍ଗମଞ୍ଚରେ ଦେବକୀ-ବସୁଦେବ ବିବାହ, ମହାରାଜ ଉଗ୍ରସେନଙ୍କ ଗାଦିଚ୍ୟୁତ, ଦେବକୀ-ବସୁଦେବଙ୍କ କାରାଗାରରେ ବନ୍ଦୀ, କଂସଙ୍କ ରାଜ୍ୟାଭିଷେକ, ଦେବକୀଙ୍କ ଷଡପୁତ୍ର ନିଧନ ଆଦି ନାଟ୍ୟାଭିନୟ ପରିବେଷଣ କରାଯାଇଥିଲା ।




୬ଦଫା ଦାବି ନେଇ ମଙ୍ଗଳବାର ମୁରିବାହାଲ ବ୍ଲକ ଆଶାକର୍ମୀମାନେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

## କଂଗ୍ରେସର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ

**ଖପ୍ରାଖୋଲ,୨୦।୧୧(ଡି.ଏନ.ଏ.)**

ଖପ୍ରାଖୋଲ ହାଇସ୍କୁଲ ଖେଳ ପଡିଆଠାରେ କଂଗ୍ରେସର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦଳର ଜିଲା ଉପସଭାପତି ଅନୀଲ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର, ଜିଲା ସଭାପତିଦିଲ୍ଲୀପ ବେହେରା, ପିସିସି ସଦସ୍ୟ ସିଦ୍ଧାର୍ଥ ମିଶ୍ର, କିଶୋର କୁମାର ପରିଛା, କମ୍ବୁପାଣି ଦାଶ, ଯୁବ କଂଗ୍ରେସ ସଭାପତି ଚନ୍ଦନ ସାହୁ, ଜିଲା ଏସସି ସେଲ ସଭାପତି ତ୍ରିଲୋଚନ ନନ୍ଦ ପ୍ରମୁଖ ଯୋଗଦେଇ ତୃଣମୂଳସ୍ତରରୁ ଦଳକୁ ସଂଗଠିତ କରିବାକୁ ଆହ୍ୱାନ ଦେଇଥିଲେ । ସେହିପରି କେନ୍ଦ୍ର ଏବଂ ରାଜ୍ୟ ସରକାର ବିରୋଧରେ ଜୋର ବର୍ଷିଥିଲେ ନେତା । ଗାଁ ଗାଁରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦୁର୍ନିତି ଏବଂ ବିଫଳତାର ବାର୍ତ୍ତା ପହଞ୍ଚାଇବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ପରେ ଏକ ବାଇକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ଯାଏଁ ଯାଇ ଖପ୍ରାଖୋଲ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ସହିତ ୯ଦଫା ସମ୍ବଳିତ ଦାବିପତ୍ର ବିଡିଓ ତରଣୀ ସୁନାଙ୍କୁ ପ୍ରଦାନ କରିଥିଲେ । ସେଠାରୁ ଶୋଭାଯାତ୍ରାରେ ସମ୍ମିଳନୀସ୍ଥଳକୁ ଯାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସମ୍ପାଦକ ପତିତପାବନ ପଧାନ, ଗୋବିନ୍ଦ କଲେତ, ବ୍ଲକ କଂଗ୍ରେସ ସଭାପତି ନବୀନ ବେହେରା, ଭରତ ସାହୁ, ରମେଶ ପୁରୋହିତ, ରଜନୀ ପୁଷ୍ଟି, ଚାଷୀନେତା ଯତି ପଧାନ, ହରି ମେହେର, ଧ୍ରୁବ ସରାଫ୍ ପ୍ରମୁଖ ମଞ୍ଚାସୀନ ଥିଲେ ।




ଖପ୍ରାଖୋଲ କଂଗ୍ରେସ କର୍ମୀ ସମ୍ମିଳନୀରେ ମଞ୍ଚାସୀନ ଦଳୀୟ ନେତୃବର୍ଗ।

## ବଡବାହାଲରେ ବିଜେଡିର ମିଶ୍ରଣ ପର୍ବ

**ଦେଓଗାଁ,୨୦।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବଡବାହାଲରେ ମଙ୍ଗଳବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମଣ୍ଡପଠାରେ ସରପଞ୍ଚ ଜୟ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟ ଅତିଥିଭାବେ ବିଜେଡି ରାଜ୍ୟ ପରିଷଦ ସଭ୍ୟ ଅର୍କେଶ ନାରାୟଣ ସିଂଦେଓ ଯୋଗଦେଇଥିଲେ। ଏହି ଅବସରରେ ରାମକୃଷ୍ଣ ସା, କବିରାଜ ସାହୁ, ଗଙ୍ଗାଧର ସେଠ, ପ୍ରେମାନନ୍ଦ ମାଝୀ, ଗୌରାଙ୍ଗ ମାଝୀ, ସନ୍ତୋଷ ସା, ଗୋପାଳ ସା, ସନ୍ତୋଷ ଭୋଇ, ଚକ୍ରଧର ବିନ୍ଧାଣୀ ପ୍ରମୁଖ ବିଜେଡିରେ ନୂତନଭାବେ ଯୋଗଦେଇଥିଲେ । ଏମାନଙ୍କୁ ମୁଖ୍ୟ ଅତିଥି ସିଂଦେଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମକୁ ବିଭୂତି ଭୂଷଣ ମିଶ୍ର ପରିଚାଳନା କରିଥିଲେ । ଏଥିରେ ଶତାଧିକ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ବଡବାହାଲରେ ବିଜେଡିର ମିଶ୍ରଣ ପର୍ବ ଚାଲିଛି ।

■ ଟିଟିଲାଗଡ଼ ଜିଲା ଦାବି

# ଗଣଧାରଣାରେ ସାମିଲ ହେଲା କଂଗ୍ରେସ

**ଟିଟିଲାଗଡ଼, ୨୦।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡକୁ ଜିଲା ମାନ୍ୟତା ପ୍ରଦାନ ଦାବିରେ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜାରି ରହିଥିବା ଗଣଧାରଣା ମଙ୍ଗଳବାର ତେଜିୟାନ ହୋଇଛି। ଟିଟିଲାଗଡ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ତଥା କର୍ମି ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇଙ୍କ ନେତୃତ୍ୱରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରାରେ ଆସି ଗଣଧାରଣାରେ ସାମିଲ ହେବ ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ନଗର କଂଗ୍ରେସ ସଭାପତି ପ୍ରଭାସ ବହିଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସୁରେନ୍ଦ୍ର ଟିଟିଲାଗଡ ଜିଲା ଗଠନ ନେଇ ପ୍ରତିଶୃତି ଦେଇ ମୁଖ୍ୟମନ୍ତ୍ରୀ ଭୁଲିଯାଇଥିବା ଅଭିଯୋଗ କରିଛନ୍ତି। କଂଗ୍ରେସ ଏହାକୁ ନେଇ ଆନ୍ଦୋଳନକୁ ଆହୁରି ତୀବ୍ର କରିବ ବୋଲି ସେ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକାରୀ ସଭାପତି ଡମ୍ବରୁ ଛତ୍ରିଆ, ଜିଲା ଉପସଭାପତି ତୁଳସୀ ସାହୁ, ବିକାଶ ପାଣିଗ୍ରାହୀ, ସେବାଦଳ ସଂଗଠକ ଦେବାନନ୍ଦ ସାହୁ, ଜିଲା ସାଧାରଣ ସମ୍ପାଦକ ଝସକେତନ ଛତର, ଭରତ ତାଣ୍ଡୀ, ଅଭୟ ସାହୁ ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଅଭିଷେକ ପଟ୍ଟନାୟକ, ଛାତ୍ର ନେତା ଜ୍ଞାନରଞ୍ଜନ ସରାଫ, ରାଜୁ ମିଶ୍ର, ସଇଁନ୍ତଳା ବ୍ଲକ କଂଗ୍ରେସ ସଭାପତି ଗୁଣସାଗର ମାଝୀ, କାଉନସିଲର କୃଷ୍ଣ ସରାଫ, ଏଆଇଏନଟିୟୁସି ଜିଲା ସଭାପତି କୃଷ୍ଣଚନ୍ଦ୍ର ସାହୁ, ଅବଦୁଲ ସାହାବାଜ, ସୁରଜ ବେହେରା, ସମିତି ସଭ୍ୟ ଧନମତ ନନ୍ଦ, ଦୀପକ ଅଗ୍ରୱାଲ ପ୍ରମୁଖ ବହୁ ଦଳୀୟ ନେତୃବୃନ୍ଦ ତଥା କର୍ମକର୍ତ୍ତା ମଞ୍ଚାସୀନ ଥିଲେ। ଗଣଧାରଣାସ୍ଥଳରେ ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ କୃଷ୍ଣଚନ୍ଦ୍ର ସାହୁ କଂଗ୍ରେସ ଦଳ କର୍ମକର୍ତାଙ୍କୁ ସ୍ୱାଗତ କରିଥିବା ବେଳେ ବରିଷ୍ଠ ଆଇନଜୀବୀ ଶ୍ୟାମାପ୍ରସାଦ ଗରିଆ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଚଳିତ ମାସ ୧ତାରିଖଠାରୁ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ବନ୍ଦ ରହିଥିବା ବେଳେ ମଙ୍ଗଳବାର କ୍ରିୟାନୁଷ୍ଠାନ କମିଟିର ଡାକରା କ୍ରମେ ସହରରେ ଥିବା ସମସ୍ତ ବ୍ୟାଙ୍କ ପ୍ରତିଷ୍ଠାନ, କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ଗୁଡିକରେ ତାଲା ଝୁଲିଛି। ଅପରପକ୍ଷରେ ଗତ ୧ ତାରିଖଠାରୁ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ଟିଟିଲାଗଡ ବାରର ସମସ୍ତ ଆଇନଜୀବୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ପୂର୍ବାହ୍ନ ୧୦ଟାରେ ବଲାଙ୍ଗୀର ପୋକସୋ ଜଜ ଅନୀତା ସାହୁ, ଟିଟିଲାଗଡ ଏଡିଜେ ଶ୍ରୀକାନ୍ତ ମିଶ୍ର, ସବଜଜ୍ ବିଷ୍ଣୁଦେବ ଜେନା, ଏସ୍‌ଡିଜେଏମ ସୁଚରିତା ପରମଗୁରୁ କୋର୍ଟକୁ ଆସୁଥିବା ବେଳେ ଆଇନଜୀବୀମାନେ ପଥ ଅବରୋଧ କରି ଫେରିବାକୁ ଅନୁରୋଧ କରିବାରୁ ସେମାନେ ଫେରିଯାଇଥିବା ଜଣାଯାଇଛି। ଅପରପକ୍ଷରେ ଉପଖଣ୍ଡ ଅଞ୍ଚଳର ବିଭିନ୍ନ ବ୍ଲକର ଲୋକପ୍ରତିନିଧି, ଆଇନଜୀବୀ ସଂଘ, ସାମାଜିକ ସଂଗଠନ, ରାଜନୈତିକ ଦଳ ଏହି ଆନ୍ଦୋଳନରେ ନିଜକୁ ସାମିଲ କରିଛନ୍ତି।




ଟିଟିଲାଗଡ଼ ଜିଲା ଦାବିରେ ଗଣଧାରଣାସ୍ଥଳକୁ ବାହାରିଥିବା କଂଗ୍ରେସର ରାଲି।



ମନୁଷ୍ୟ କୌଣସି ବିଷୟ୍ରେ ଏକାଗ୍ର ଚିତ୍ତ ହୋଇ ତାହାରି ପାଇଁ ପାଗଳ ହେଲେ ସେଥିରେ ସେ ସିଦ୍ଧି ଲାଭ କରେ।

-ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଜୋର ଧରିଲା ଡାଟା ଏଣ୍ଟ୍ରି ଅପରେଟରଙ୍କ ଆନ୍ଦୋଳନ

ବୋଡେନ,୨୦।୧୧(ଡି.ଏନ୍.ଏ.) ନୂଆପଡା ଜିଲା ବୋଡେନ ତହସିଲ ଅଧିନରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଡାଟା ଏଣ୍ଟ୍ରି ଅପରେଟରଙ୍କ ଆନ୍ଦୋଳନ ଆରମ୍ଭ ହୋଇଥିବାରୁ ବିଭିନ୍ନ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଦୀର୍ଘ ୧୨ବର୍ଷ ଧରି ସ୍ୱଳ୍ପ ଦରମାରେ କାମ କରି ଆସୁଥିବାବେଳେ ନିଜର ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ଭୁବନେଶ୍ୱର ପିଏମ୍‌ଜି ଛକରେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହାକୁ ସମର୍ଥନ ଜଣାଇ ଅନ୍ୟାନ୍ୟ ଡାଟା ଏଣ୍ଟ୍ରି ଅପରେଟରମାନେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ପୂର୍ବରୁ ଆନ୍ଦୋଳନ ମାଧମରେ ରାଜ୍ୟ ସରକାରଙ୍କୁ ଜଣାଇଥିଲେ ମଧ ଏବେ ଯାଏ ସରକାରୀ ସ୍ତରରେ କୌଣସି ଆଶା ଜନକ ସଫଳତା ମିଳି ନାହିଁ। ଫଳରେ ଦାବି ହାସଲ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ବୋଡେନ ତହସିଲର କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର ମତ ପ୍ରକାଶ କରିଛନ୍ତି।

#### ଦିନେଶ ମେମୋରିଆଲ କବାଡି ଟୁର୍ନାମେଣ୍ଟ

### ଛେଲିଆମାଲ ଚାମ୍ପିୟନ

ପଲମ,୨୦।୧୧(ଡି.ଏନ.ଏ.) କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମାଣ୍ଡେଲ ପଞ୍ଚାୟତସ୍ଥିତ ଏକ ଦିବସୀୟ ଦିବାରାତି ଦିନେଶ ମେମୋରିଆଲ କବାଡି ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଛେଲିଆମାଲ ଦଳ ବୋରିଆକୁ ୭-୧ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛି। ବେଷ୍ଟ ପ୍ଲେୟାର ଅଫ ଦି ଟୁର୍ନାମେଣ୍ଟ ପଲ୍ଲବ ବଗର୍ତ୍ତୀ, ଷ୍ଟାଇଲିଷ୍ଟ ପ୍ଲେୟାର ଭାବେ ସମୀର ନାଏକ, ବେଷ୍ଟ ଖେଳାଳି ଭାବେ ଗୁଲସନ ପୁରସ୍କୃତ ହୋଇଥିଲେ। ମାଣ୍ଡେଲ ଆନୁକୁଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟର ଉଦଘାଟନୀରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଉପାଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ମାଣ୍ଡେଲ ସରପଞ୍ଚ ମନୋରମା ବାରିକ ଯୋଗଦେଇଥିଲେ । ସନ୍ଧ୍ୟା ଅଧିବେଶନରେ ଅତିଥି ଭାବେ ମ.ରାମପୁର ଜିଲା ପରିଷଦ ସଦସ୍ୟ ପୁଷ୍ପେନ୍ଦ୍ର ସିଂଦେଓ, ନର୍ଲା ବିଜେଡି ସଭାପତି ମନୋହର ନାଏକ, ରାକ୍ସି ପୂର୍ବତନ ସରପଞ୍ଚ ବିଜୟ ଧଙ୍ଗଡାମାଝି, ମାଣ୍ଡେଲ ବିଜେଡି ସଭାପତି ମାର୍କଣ୍ଡ ଜାଲ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀରେ ନର୍ଲା ଯୁବ ନେତା ସମୀର ଚାନ୍ଦ, ପୁଷ୍ପେନ୍ଦ୍ର ସିଂଦଓ, ନର୍ଲା ଥାନାଧିକାରୀ ରମଣି ରନ ଦଲେଇ, ସାମାଜିକ କର୍ମୀ ବିମୁଲୁ କେଡିଆ ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ପ୍ରସନ୍ନ କୁମାର ଜାଲ, ରାହାସ ବାରିକ, ରୁନୁ ଜାଲ, ବିନାୟକ ବାରିକ୍, ପ୍ରେମ ମାଝି, ଶ୍ରୀମନ୍ତ ଜାଲ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟରେ କ୍ରୀଡା ପରିଚାଳନା କରିଥିଲେ ନାରାୟଣ ପଧାନ, ଖିତିଶ ବଗର୍ତ୍ତୀ, ବିଭୁତି ପଧାନ, ନାରାୟଣ ପଧାନ ବି, ବୃଷଭ ବୁଧିଆ, ମାଧବାନନ୍ଦ ପଧାନ ପ୍ରମୁଖ ରାଜ୍ୟସ୍ତରୀୟ ରେଫରି ବୃନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ। ଶିକ୍ଷାବିତ ଶରତ କୁମାର ଭୋଇ ଓ ଅନୀଲ କୁମାର ସାହୁ, ନିରୋଜ ଶର୍ମା ସହଯୋଗ କରିଥିଲେ । ଟୁର୍ନାମେଣ୍ଟରେ ଜୁର୍କାଭଟା, ଉକ୍ଳେଲା, ଜୁନାଗଡ, ଚିଚର୍ଲା, ଛେଲିଆମାଲ, ବୋରିଂପଦର, ବୋରିଆ, ସେଭେନ ଷ୍ଟାର ମାଣ୍ଡେଲ, ସାନ୍ତପୁର ଆଦି ୧୦ଟି ଦଳ ଯୋଗଦେଇଥିଲେ।

### ଖଡିଆଳକୁ ଶୌଚମୁକ୍ତ ସହର କରିବା ପାଇଁ ଆହ୍ୱାନ

ଖଡିଆଲ, ୨୦।୧୧ (ଡି.ଏନ.ଏ) ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ସୋମବାର ଅପରାହ୍ନରେ ବିଶ୍ୱ ଶୌଚାଳୟ ଦିବସ ପାଳନ ହୋଇଯାଇଛି। ଏଥିରେ ଅତିଥିମାନେ ଯୋଗଦେଇ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ସରକାରୀସ୍ତରରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଏହା ସତ୍ତ୍ୱେ ମଧ ଲୋକେ ରାସ୍ତା କଡରେ ଶୌଚ କରି ପରିବେଶକୁ ଦୂଷିତ କରୁଛନ୍ତି । ଯାହା ଦ୍ୱାରା ମ୍ୟାଲେରିଆ, ଡେଙ୍ଗୁ, ଝାଡାବାନ୍ତି, ଡାଇରିଆ ଆଦି ରୋଗର ପାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଇବା ସହ ଅସ୍ୱାସ୍ଥ୍ୟକର ପରିବେଶ ଦେଖାଦେଇଥାଏ । ଖଡିଆଲ ଏନଏସିକୁ ବାହ୍ୟ ମଳମୁକ୍ତ ସହର ଭାବେ ଗଢ଼ି ତୋଳିବା ପାଇଁ ଆହ୍ୱାନ କରିଛନ୍ତି। ଏନଏସି ଅଧକ୍ଷା ଖୁଲଣା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ମୁଖ୍ୟଅତିଥି ଭାବେ ଜିଲାପାଳ ଡ. ପୋମା ଟୁଡୁ, ସମ୍ମାନିତ ଅତିଥି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବୃଷଭ ନାଏକ, ଉପଜିଲାପାଳ ତରଣୀସେନ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ଖଡିଆଲ ଏନଏସିକୁ ମ୍ୟୁନିସିପାଲଟିର ମାନ୍ୟତା ସହ ଏକ ସ୍ଥାୟୀ ବସଷ୍ଟାଣ୍ଡ ଓ ମିନି ଷ୍ଟାଡିୟମ ନିର୍ମାଣ ଦିଗରେ ଦୃଷ୍ଟି ଦେବାକୁ ଅଧକ୍ଷା ବେହେରା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

# ଧାନକିଣା ପୂର୍ବରୁ ଅଭାବୀ ବିକ୍ରି

ନୂଆପଡା ଅଫିସ,୨୦।୧୧

ନୂଆପଡ଼ା ଜିଲାରେ ମରୁଡି ପରିସ୍ଥିତି ସତ୍ତ୍ୱେ ମଙ୍ଗଳବାରଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରିବା ଆରମ୍ଭ କରିଛନ୍ତି। ଖରିଫ ଋତୁ ୨୦୧୮ପାଇଁ ଧାନକିଣାକୁ ଜିଲାପାଳ ଡା. ପୋମା ଟୁଡୁ ଶୁଭାରମ୍ଭ କରିଛନ୍ତି । ପ୍ରଥମ ଦିନରେ ମୋଟ ୯୦କୁଇଣ୍ଟାଲ ଧାନ କିଣାଯାଇଛି ।

ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ସ୍ଥାନୀୟ ଖରିଆର ରୋଡସ୍ଥିତ ମଣ୍ଡିଠାରେ ଏକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଏଥିରେ ଜିଲା ଯୋଗାଣ ଅଧିକାରୀ ଅଶୋକ ଦାସ ସଭାପତିତ୍ୱ କରିଥିଲେ। ଜିଲାପାଳ ଡା. ଟୁଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସେବା ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଲିଙ୍ଗରାଜ ନାଏକ, ଜିଲା କୃଷି ଉପନିର୍ଦ୍ଦେଶକ ଜାହିଦ ମହମ୍ମଦ, ପ୍ୟାକ୍ସ ପ୍ରେସିଡେଣ୍ଟ ରାଜେଶ ନିଗମ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ପ୍ରଫୁଲ୍ଲ ମହାନନ୍ଦ, ଆଇସିଏସ ଯଶୋବନ୍ତ ମାଝି, ଯୋଗାଣ ଅଧିକାରୀ ନବୀନ ବାଗ ପ୍ରମୁଖ ଯୋଗଦେଇଥିଲେ । ଜିଲାପାଳ ଚାଷୀମାନେ ବହୁ କଷ୍ଟ କରି ଧାନ ଉପାର୍ଜନ କରିଛନ୍ତି । ସେମାନେ କିପରି ସର୍ବନିମ୍ନ ସହାୟକ ମୂଲ୍ୟ ପାଇପାରିବେ ସେଥିପାଇଁ ପ୍ରଶାସନ ସବୁ ପ୍ରକାର ବ୍ୟବସ୍ଥା କରିଛି । ଏହାର ସୁଯୋଗ ନେବା ସହ କୌଣସି ପ୍ରକାର ଅସୁବିଧା ହେଲେ ଜଣାଇବାକୁ କହିଥିଲେ । ଚାଷୀମାନେ ତୁରନ୍ତ ମଣ୍ଡି ଗୁଡ଼ିକୁ ଧାନ ଆଣିବାକୁ ଜିଲାପାଳ ଆହ୍ୱାନ କରିଥିଲେ । ପ୍ରଥମ ଦିନରେ ଖରିଆରରୋଡ ମଣ୍ଡିରେ ମୋଟ ୩ଜଣ ଚାଷୀ ଭୁପେନ ସାହୁଙ୍କଠାରୁ ୫୦କୁଇଣ୍ଟାଲ, କନକେଶ୍ୱର ସାହୁଙ୍କଠାରୁ ୩.୭୬କ୍ୱିଣ୍ଟାଲ ଏବଂ ଗିରିଶ ସାହୁଙ୍କଠାରୁ ୩୬କ୍ୱିଣ୍ଟାଲ ୯୭କିଗ୍ରା ଧାନ କିଣାଯାଇଥିବା ସମ୍ପାଦକ କାନ୍ତିଲାଲ ସାହୁ ପ୍ରକାଶ କରିଛନ୍ତି । ବିଗତ ଦିନମାନଙ୍କରେ ଚାଷୀମାନଙ୍କଠାରୁ ମିଳିଥିବା ଅଭିଯୋଗ ଭିତିରେ ମଣ୍ଡି ଗୁଡିକରେ ଚାଷୀଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିବା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ମହାନନ୍ଦ କହିଛନ୍ତି । ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ଭଳି ଜିଲା ପ୍ରଶାସନ ଚାଷୀମାନଙ୍କୁ ଧାନ କିଣା ବୈଠକରେ ଠିକ ଭାବେ ସାମିଲ ନ କରି ବହୁ ବିଳମ୍ବରେ ଧାନ କିଣିବାକୁ ନିଷ୍ପତି ନେଇଛନ୍ତି । ଫଳରେ ଡିପ ଜମି ଗୁଡିକରୁ ଆଜ କୁ ମାସେ ହେବ ଧାନ ଅମଳ ହୋଇ ସାରିଲାଣି । ଏହାକୁ ଖୋଲାଖୋଲି ଭାବେ ଗାଁ ଗଣ୍ଡାରେ ଦୋକାନୀମାନେ କମ ଦରରେ କିଣି ସାରିଛନ୍ତି। ଏ ସବୁ ବିଭିନ୍ନ ମାଧମରେ ମିଲର୍ସଙ୍କ ଗୋଦାମକୁ ମଧ ପହଞ୍ଚିସାରିଥିବା ଚର୍ଚ୍ଚାର ବିଷୟ ପାଲଟିଛି । ବର୍ତ୍ତମାନ ଧାନ କିଣା ଆରମ୍ଭ ହେଲେ ମିଲର୍ସମାନେ ଏହାକୁ ଫଲସ ଏଣ୍ଟ୍ରି କରି ମାଲାମାଲ ହେବାର ସୁଯୋଗ ସୃଷ୍ଟି ହୋଇଛି । ଏହା ଉପରେ ବିଗତ ବର୍ଷମାନଙ୍କରେ ଧାନ କିଣା ପୂର୍ବରୁ ଗୋଦାମ ଯାଞ୍ଚ ପ୍ରକ୍ରିୟା ହୋଇଥାଏ । ହେଲେ ଏହି ବର୍ଷ ଏହା ହୋଇ ନ ଥିବାରୁ ଅସାଧୁ ବେପାରୀମାନେ ଏହାର ଫାଇଦା ନେବାକୁ ରାସ୍ତା ସଫା ହୋଇଥିବା କୁହାଯାଉଛି । ତେଣୁ କରି ଏହା ଉପରେ ମଧ ଜିଲାପାଳ ହସ୍ତକ୍ଷେପ କରି ବିଭିନ୍ନ ସ୍ଥାନରେ କମ ଦରରେ କିଣି ଗଚ୍ଛିତ କରିଥିବା ଗୋଦାମ ଗୁଡିକ ଉପରେ ଚଢାଉ କରିବାକୁ ଚାଷୀମାନେ ଦାବି କରୁଛନ୍ତି ।



ଜିଲାପାଳ ଡା. ପୋମା ଟୁଡୁ ଆନୁଷ୍ଠାନିକ ଭାବେ ଧାନକିଣାକୁ ଶୁଭାରମ୍ଭ କରୁଛନ୍ତି ।

**ଆଜିଠାରୁ ଧାନକିଣା ଆରମ୍ଭ**

- ପ୍ରଥମ ଦିନରେ ୯୦କୁଇଣ୍ଟାଲ ସଂଗ୍ରହ
- ଧାନ କ୍ରୟ ଶୁଭାରମ୍ଭ କଲେ ଜିଲାପାଳ

# ବିଜ୍ଞାନ ଶିକ୍ଷା ଛାତ୍ରଙ୍କ ପାଇଁ ଅପରିହାର୍ଯ୍ୟ

**ନୂଆପଡା ବ୍ଲକସ୍ତରୀୟ ବିଜ୍ଞାନମେଳା ପ୍ରଦର୍ଶନୀ**

ନୂଆପଡା ଅଫିସ,୨୦।୧୧

ନୂଆପଡା ବ୍ଲକସ୍ତରୀୟ ବିଜ୍ଞାନମେଳା ପ୍ରଦର୍ଶନୀ ମଙ୍ଗଳବାର ପୂର୍ବାହ୍ନରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷାଧିକାରୀ ରେଶମଲାଲ ନାଏକ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏଥିରେ ମୋଟ ୧୪୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ସ୍ଥାନୀୟ ଲୋକମାନେ ଆସି ପ୍ରକଳ୍ପ ଗୁଡିକ ବିଷୟରେ ପଚାରି ବୁଝିଥିଲେ । ଏହି ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ନାଏକ ସଭାପତିତ୍ୱ କରିଥିବାବେଳେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ମହାମାୟା କଲେଜର ଅଧକ୍ଷ ସାଧୁ ମେହେର ମୁଖ୍ୟବକ୍ତା, ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ ଭୋଇ, ମହାମାୟା କଲେଜର ସମ୍ପାଦକ ଟଙ୍କଧର ସାହୁ, ନୀଳକଣ୍ଠ ସୁନା, ସ୍ଥାନୀୟ ସରପଞ୍ଚ ରୋହିତ ସାହୁ, ରାଧେଶ୍ୟାମ ସା, କିଶୋର ପରିଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ବର୍ତ୍ତମାନ ବିଜ୍ଞାନର ଯୁଗ ଚାଲିଛି । ବିଜ୍ଞାନ ଆମକୁ ବଞ୍ଚିବାର କୌଶଳ ଶିଖାଇଥାଏ ବୋଲି ଅତିଥିମାନେ କହିଥିଲେ। ପ୍ରଦର୍ଶନୀରେ ମୋଟ ୧୨ଟି ପ୍ରକଳ୍ପକୁ ଜିଲାସ୍ତରୀୟ ପ୍ରଦର୍ଶନୀ ପାଇଁ ମନୋନୀତ କରାଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ସହଯୋଗୀତା କରିଥିଲେ ।




ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଯୋଗଦେଇଥିବା ଅତିଥିବୃନ୍ଦ ।

# ପୁଓର ଦବ୍ୟାଙ୍ଗ ପର୍‌ମାନପତର ଲାଗି ବାପ୍ ହଟ୍‌ହଟା

ଖଡିଆଲ,୨୦।୧୧(ଡି.ଏନ.ଏ.)

ଦିବ୍ୟାଙ୍ଗମାନକୁ ସମାଜର ମୁଖିଆଧାରରେ ସାମିଲ କରବାକେ ସରକାର ସାମାଜିକ ନିରାପତା କାଯ୍‌କରମ ହାତ୍‌କେ ନେଇଛନ୍। ଇଥିରଲାଗି ବ୍ଲକ୍‌ରୁ ଜିଲାସ୍ତର ତକ୍ କ୍ୟାମ୍ପ କରି ଦିବ୍ୟାଙ୍ଗମାନକୁ ଚିନ୍‌ହଁଟ କରାଯାଉଛେ ଆର୍ ପର୍‌ମାନପତର ଯୁଗେଇ ଦିଆଯାଉଛେ। ଇତାର ବାହାରେ ଦିବ୍ୟାଙ୍ଗମାନକୁ ଭିନେ ଭିନେ ଯୋଜ୍‌ନାରେ ସାମିଲ କରାଯାଉଥିବାର ବାବ୍‌ଦେ ପର୍‌ଶାସନିକ୍‌ସ୍ତରରେ ଡିଂଗ୍ରା ପିଟାଯାଉଛେ। ହେଲେ ବହୁତ୍ ଜାଗାରେ ଯୋଜ୍‌ନାର ସୁଫଳ ପୁହୁଁଚି ନାଇଁ ପାରୁଥିବାର ଦେଖ୍‌ବାକେ ମିଲୁଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖ୍‌ବାକେ ମିଳିଛେ ନୂଆପଡା ଜିଲା ଖଡ଼ିଆଲ ବ୍ଲକ୍ ଡୁଆଝର ଗାଁରେ। ଝନେ ୮ ବଛର୍‌ର ଛୁଆ ଜନମ୍‌ରୁ ଦିବ୍ୟାଙ୍ଗ ହେଇଥିଲାବେଲେ ସାମାଜିକ ନିରାପତା ଯୋଜ୍‌ନା ଜରିଆରେ ସମାଜର ମୁଖିଆଧାରରେ ସାମିଲ ହେବାର ଲାଗି ଗୁଟେ କ୍ୟାମ୍ପରୁ ଆରଗୁଟେ କ୍ୟାମ୍ପକେ ଯାଉଛନ୍। ହେଲେ ଦିବ୍ୟାଙ୍ଗ ପର୍‌ମାନପତର ନାଇଁ ମିଲୁଥିବାର ଯଶୋବନ୍ତର ବାପା ଭୁବନ ପଟେଲ ଅଭିଯୋଗ୍ କରିଛନ୍। ଯଶୋବନ୍ତ ହେଉଛନ୍ ଜନମ୍‌ରୁ ଦିବ୍ୟାଙ୍ଗ। ସେ ଚଲାବୁଲା କରି ନାଇଁପାରବାର, ଗୁଟେ ଜାଗାରୁ ଆରଗୁଟେ ଜାଗାକେ ଯିବାକେ ହେଲେ ଘେଁସ୍‌ରି ଘେଁସ୍‌ରି ଯାଉଛନ୍। ଭୁବନ ଝନେ ନିହାତି ଗରିବ୍ ଲୋକ୍ ହେଇଥିଲା ବେଲେ ପୁଓର ଦିବ୍ୟାଙ୍ଗ ପର୍‌ମାନପତର ଲାଗି ବାରବାର ପର୍‌ଶାସନ୍‌କେ ଗୁହାରି କରି ନିରାଶ ହେଇଛନ୍। ପୁଓକେ ଦିବ୍ୟାଙ୍ଗ ପର୍‌ମାନପତର ନାଇଁ ମିଲୁଥିବାର ଲାଗି ସେ ସବୁପରକାର ସରକାରୀ ଯୋଜ୍‌ନାରୁ ବଁଚିତ୍ ହେଉଥିବାର ଭୁବନ ଅଭିଯୋଗ୍ କରିଛନ୍। ଏନ୍‌ତାଥି ଜିଲା ପର୍‌ଶାସନ ଆର୍ ସୁଆସ୍‌ତିଅ ବିଭାଗ୍ ଘଟ୍‌ନାକେ ଗୁରୁତ୍ ଦେଇ ତଦଁତ୍ କରବାର ସଂଗେ ଯଶୋବନ୍ତକେ ଦିବ୍ୟାଙ୍ଗ ପର୍‌ମାନପତର, ସରକାରୀ ସୁବିଧା ସୁଯୋଗ୍ ଯୁଗେଇ ଦେବାକେ ଭୁବନ ଦାବି କରିଛନ୍।



ଯଶୋବନ୍ତ ପଟେଲ।

#### ଶିକ୍ଷକ, କର୍ମଚାରୀଙ୍କ ବୈଠକ

### ପୁରୁଣା ପେନ୍‌ସନ ଲାଗୁ କରିବା ଦାବି

ଭବାନୀପାଟଣା,୨୦।୧୧ (ଡି.ଏନ.ଏ.)

ଭବାନୀପାଟଣାସ୍ଥିତ ରେଡକ୍ରସ କଲ୍ୟାଣ ମଣ୍ଡପଠାରେ ଶକ୍ତି ପ୍ରସାଦ ମେହେରଙ୍କ ଅଧକ୍ଷତାରେ ନୂତନ ପେନ୍‌ସନ ଯୋଜନା ଏନପିଏସ ଅନ୍ତର୍ଭୁକ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏନପିଏସ ବିରୋଧରେ ପତ ପ୍ରକାଶ ପାଇଥିଲା। ଆସନ୍ତା ନଭେମ୍ବର୨୯ରେ ପୁରୁଣା ପେନ୍‌ସନ୍ ଲାଗୁ ନିମନ୍ତେ ଦିଲ୍ଲୀଠାରେ ହେବାକୁ ଥିବା ସଂସଦ ଘେରାଉ ଅଭିଯାନାରେ ସାମିଲ ହେବା ପାଇଁ ଆହ୍ୱାନ କରାଯାଇଥିଲା। ଉକ୍ତ ବୈଠକରେ ସର୍ବସମ୍ମତିକ୍ରମେ କଳାହାଣ୍ଡି ଜିଲାସ୍ତରୀୟ ଏକ କୋର କମିଟି ଗଠନ କରାଯାଇ ଭବିଷତ କାର୍ଯ୍ୟପନ୍ଥା ଆଗେଇ ନେବା ପାଇଁ ସ୍ଥିରିକୃତ ହେଲା । କୋର୍ କମିଟି ସଭ୍ୟ ଭାବେ ଶକ୍ତି ପ୍ରସାଦ ମେହେର, ଗିରୀଜା ଶଙ୍କର ସାହୁ, ଶରୋଜ କୁମାର ସାହୁ, ଆଶୋକ କୁମାର ବିଶ୍ୱାଳ, ପ୍ରଣତି ମହାପାତ୍ର, ପଦ୍ମଲୋଚନ ଶତପଥୀ ପ୍ରମୁଖଙ୍କ ଦାୟିତ୍ୱ ପ୍ରଦାନ କରଯାଇଥିଲା । ସଭାରେ ଦୁଷ୍ମନ୍ତ କୁମାର ପାଣୀ, ଶମ୍ଭୁ ଭୂଷଣ ସାହୁ, ନଳିନୀ କହଁର, ରାଜଶ୍ରୀ ପଟ୍ଟନାୟକ, ଶୈଳେନ୍ଦ୍ରୁ କୁମାର ବାବୁ, ଖୁସିରାମ ସାହୁ, ତପନ କୁମାର ଭୋଇ ଓ ଶତାଧିକ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ।

#### ବଳଦିଆମାଲରେ ବ୍ଲକସ୍ତରୀୟ ବିଜ୍ଞାନମେଳା

### ୧୦୯ ସ୍କୁଲର ୧୧୯ ପ୍ରକଳ୍ପ ପ୍ରଦର୍ଶିତ

ଜୁନାଗଡ,୨୦।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଳଦିଆମାଲ ଖଗେଶ୍ୱର ମେହେର ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୦୯ଟି ବିଦ୍ୟାଳୟରୁ ୧୧୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ଶ୍ରେଷ୍ଠ ୬ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ କରାଯାଇଛି । ବରିଷ୍ଠ ବର୍ଗର ୪ଟି ଓ କନିଷ୍ଠବର୍ଗର ୨ଟି ପ୍ରକଳ୍ପ ରହିଛି। ପ୍ରକଳ୍ପରେ ମନୋନୀତ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ଓ ଟ୍ରଫି ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ନିରଞ୍ଜନ ମୁଦୁଲି, ପ୍ରଶାନ୍ତ ସାହୁ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଜୁନାଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ତପିମଣି ଜାନିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀ, ମୁଖ୍ୟବକ୍ତା ଭାବେ ଧର୍ମଗଡ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟାପକ ଶିବରାମ ମିଶ୍ର, ସମ୍ମାନିତ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷା ନବ କିଶୋର ପାଢି, ତୁଳସୀ ମେହେର, ନାରାୟଣ ମେହେର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ମନରଞ୍ଜନ ପାଣିଗ୍ରାହୀ ଓ ରାଜେଶ ମାଝି ପରିଚାଳନା କରିଥିଲେ। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।




ଜଣେ କୃତୀ ଛାତ୍ରୀଙ୍କୁ ବ୍ଲକ ଶିକ୍ଷାଧିକାରୀ ପୁରସ୍କୃତ କରୁଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନମେଳା

ବୋଡେନ,୨୦।୧୧(ଡି.ଏନ୍.ଏ.)

ବୋଡେନ ବ୍ଲକ ଲର୍କା ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ତଥା ପଶ୍ଚିମ ଉଡିଶା ବିକାଶ ପରିଷଦ ସଭ୍ୟ ଲମ୍ବୋଦର ନିଆଲ ଯୋଗଦେଇଥିଲେ। ଏଥିରେ ହାଇସ୍କୁଲରୁ ୪୪ଜଣ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୭୪ଜଣ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବୋଡେନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଇନ୍ଦ୍ରମଣୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିବାବେଳେ ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ଅଧିରାଜ ପାଣିଗ୍ରାହୀ ଯୋଗଦେଇଥିଲେ। ଏଥିରେ ମୁଖ୍ୟବକ୍ତାଭାବେ ଅବଦୁଲ ମଜିତ ଖାଁ, ସମ୍ମାନିତ ଅତିଥି ଭାବେ ଲର୍କା ସରପଞ୍ଚ ଗିରିଧାରୀ ମାଝି, ଶିବ ନାରାୟଣ ହୋତା, କେଶବ ବାଗ ପ୍ରମୁଖ ଯୋଗଦେଇଥିଲେ।




ବ୍ଲକସ୍ତରୀୟ ବିଜ୍ଞାନମେଳା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

#### ରଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ମହୋତ୍ସବର ଚତୁର୍ଥ ଦିବସ

# ଟିଲ୍ କେ ତାଲ୍, ଡାହାଣୀ, ଫୁଲ, କନ୍ୟାରତ୍ନ ମଞ୍ଚସ୍ଥ

ଭବାନୀପାଟଣା,୨୦।୧୧(ଡି.ଏନ.ଏ.)

ଭବାନୀପାଟଣା ସହରସ୍ଥିତ ସଙ୍ଗମ୍ ଅନୁଷ୍ଠାନ ପକ୍ଷରୁ କଳା ପରିଷଦଠାରେ ସୋମବାର ସନ୍ଧ୍ୟାରେ ପଞ୍ଚମ ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ମହୋତ୍ସବର ଚତୁର୍ଥ ଦିବସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଙ୍ଗମ୍ ସଭାପତି ରାଜେନ୍ଦ୍ର ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରା ଓ ସମ୍ମାନିତ ଅତିଥି ଚକ୍ରଧର ସେଠୀ ଓ ପ୍ରେମ ରଞ୍ଜନ ପାଣିଗ୍ରାହୀ ଯୋଗଦେଇ ଉଦବୋଧନ ଦେଇଥିଲେ । ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା ଓ ସମ୍ପାଦକ ଶୁଭ୍ରାଶୁ ଶେଖର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ବୃନ୍ଦାବତୀ ବିହାର ଶିଶୁ ମନ୍ଦିରର ଛାତ୍ରୀଛାତ୍ରଙ୍କ ଦ୍ୱାରା 'ଟିଲ କେ ତାଲ' ନାଟକ ମଞ୍ଚସ୍ଥ ହୋଇଥିଲା । ନାଟକକୁ ସିଦ୍ଧାନ୍ତ ନନ୍ଦ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେଚତୁର୍ଭୁଜ ସାହୁ ଓ ଅଭିଷେକ ଯୋଷୀ। ଦ୍ୱିତୀୟ ନାଟକ ବାରିପଦାର 'ଡାହାଣୀ' ପରିବେଶଷଣ ହୋଇଥିଲା । ଡାହାଣୀ ରଚନା କରିଛନ୍ତି କମଳଲୋଚନ ସାହୁ, ନିର୍ଦ୍ଦେଶନା ଦେଇଛନ୍ତି ତ୍ରିଲୋଚନ ସାହୁ ଓ ପ୍ରଯୋଜନା କରିଛନ୍ତି ମହାରାଣୀ ତକତ କୁମାରୀ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର । ତୃତୀୟ ନାଟକ ରାଉରକେଲାର ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ 'ଫୁଲ' ମଞ୍ଚସ୍ଥ ହୋଇଥିଲା । ଏହାକୁ ରଚନା କରିଥିଲେ ପୁନିତା ପାତ୍ର ଓ ନିର୍ଦ୍ଦେଶନା ଦେଇଥିଲେ ପ୍ରମିଳା ଜେନା ମଞ୍ଚ ସର୍ଯ୍ୟା କରିଥିଲେ ଦିବ୍ୟେନ୍ଦୁ ଓ ସଙ୍ଗୀତ ଅଜୟ ପାଣି ଓ ବିଷ୍ଣୁପ୍ରିୟା ସାହୁ । ସେହିଭଳି ଭବାନୀପାଟଣା ବ୍ରଜବିହାର ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚତୁର୍ଥ ନାଟକ 'କନ୍ୟାରତ୍ନ' ମଞ୍ଚସ୍ଥ ହୋଇଥିଲା । ରଚନା ଓ ନିର୍ଦ୍ଦେଶନା ଦେଇଥିଲେ କୌସ୍ତୁଭ ମଣି ବାଗ, ନିର୍ଦ୍ଦେଶନା ଦେଇଥିଲେ ଗୋଦାବରିଶ ମିଶ୍ର ଓ କୌଶୁଭମଣି ବାଗ। ବିଚାରକ ଭାବେ ଅଧାପକ ପରମେଶ୍ୱର ମୁଣ୍ଡ, ନିମାଇଁ ରଚଣ ପାଣି ଓ ଡ. ଉମେଶ ଚନ୍ଦ୍ର ଶତପଥୀ ଥିଲେ। କାର୍ଯ୍ୟକ୍ରମରେ ଚକ୍ରଧର ମହାରଣା, ଜୟଦେବ ବାଗ, ଦୁର୍ବାଦଳ ସୁନା, ବିକାଶ ଧଙ୍ଗଡାମାଝି ଓ ଜଗବନ୍ଧୁ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ମହୋତ୍ସବରେ ପରିବେଶିତ ନାଟକର ଏକ ଦୃଶ୍ୟ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୧ ନଭେମ୍ବର, ୨୦୧୮

**ବ୍ଲକସ୍ତରୀୟ ଜନଶୁଣାଣି ଶିବିର**
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି।



## ସଂକ୍ଷେପରେ



### ମନୋଜ ପାଇବେ ଦେବଗିରି ସାହିତ୍ୟ ସମ୍ମାନ

ଜୁନାଗଡ଼,୨୦।୧୧(ଡି.ଏନ.ଏ.)
ଚଳିତବର୍ଷର ମର୍ଯ୍ୟାଦାଜନକ ଦେବଗିରି ସାହିତ୍ୟ ସମ୍ମାନ ପାଇଁ କଳାହାଣ୍ଡି ଜିଲା ଜୁନାଗଡ଼ର ବିଶିଷ୍ଟ ଗାଳ୍ପିକ ମନୋଜ ମହାନ୍ତି ମନୋନୀତ ହୋଇଛନ୍ତି। ନର୍ଲା ବ୍ଲକ୍ ବୁଢ଼ୀପଦରସ୍ଥିତ ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଓଡ଼ିଆ ଗଳ୍ପରେ ମହାନ୍ତିଙ୍କ ନିଜସ୍ୱ ଶୈଳୀ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ସେଥିରେ ସାଧାରଣ ଜନଜୀବନର କଥା ବେଶ୍ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପିତ ହୋଇପାରିଛି। ସାଧାରଣ ଚର୍ଚ୍ଚା ଓ ଖ୍ୟାତି ତଥା ବାଦବିବାଦର ଉର୍ଦ୍ଧ୍ୱରେ ରହି ସେ ନିଜ ସାହିତ୍ୟ ସାଧନା ଜାରି ରଖିଛନ୍ତି। ୨ ସେପ୍ଟେମ୍ବର ୧୯୬୭ରେ ବଲାଙ୍ଗୀର ଜିଲା ଲାଠୋରଠାରେ ଜନ୍ମିତ ମନୋଜ ବର୍ତ୍ତମାନ କଳାହାଣ୍ଡି ଜିଲା ଜୁନାଗଡ଼ରେ ରହୁଛନ୍ତି। ତାଙ୍କ ଗଳ୍ପ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ବିପୁଳ ପାଠକୀୟ ଆଦୃତ ଲାଭ କରିଛି। ନଭେମ୍ବର ୨୧ରୁ ୨୩ ତାରିଖ ଯାଏଁ ଆୟୋଜିତ ହେଉଥିବା ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୨୬ତମ ବାର୍ଷିକ ଉତ୍ସବ ତଥା କୁମାର ସ୍ୱାମୀ ମହୋତ୍ସବ ଅବସରରେ ତାଙ୍କୁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ସଭାପତି ସଞ୍ଜୟ ଧଙ୍ଗଡ଼ାମାଝି ଓ ସମ୍ପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝି ସୂଚନା ଦେଇଛନ୍ତି। ଏହା ପୂର୍ବରୁ ବିଶିଷ୍ଟ କଥାକାର ସୁକାନ୍ତ ସାହୁ ଓ ଯାଜ୍ଞସେନୀ ସାହା, ବିଶିଷ୍ଟ କବି ଭାରତ ମାଝି ଓ ପଦ୍ମଲୋଚନ ମିଶ୍ର ଏହି ସମ୍ମାନ ପାଇଛନ୍ତି।



### ରିଷିଡ଼ାରେ ପଞ୍ଚୁକ ବ୍ରତ ଆରମ୍ଭ

ରିଷିଡ଼ା,୨୦।୧୧(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଅଞ୍ଚଳରେ ସୋମବାରଠାରୁ ପଞ୍ଚୁକ ବ୍ରତ ଆରମ୍ଭ ହୋଇଛି। ପଞ୍ଚୁକରେ ତୁଳସୀ ଚଉଁରାରେ ପଞ୍ଚ ମୁରୁଜରେ ଦେବୀଦେବଙ୍କ ପ୍ରତିକୃତି ଅଂକନ କରାଯାଇ ପୂଜାର୍ଚ୍ଚନା କରାଯାଉଛି । ପ୍ରଭାତରୁ ନରନାରୀମାନେ ପଞ୍ଚୁକ ବ୍ରତ ପକାଉଛନ୍ତି। ଏହି ଅଞ୍ଚଳରେ ଥିବା ଶୈବପୀଠଗୁଡ଼ିକରେ ଭକ୍ତଙ୍କ ଗହଳି ଲାଗିରହୁଛି । କେତେକ ଅଞ୍ଚଳରେ କାର୍ତ୍ତିକ ପୁରାଣ ପାଠ କରାଯାଉଛି। ପଞ୍ଚୁକ ଯୋଗଁ ଏହି ଅଂଚଳ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି ।

### ମା' ସୁନାମୁଖୀ ମହୋତ୍ସବର ନୂତନ ପରିଚାଳନା କମିଟି ଗଠିତ

ମଦନପୁର/ରିଷିଡା, ୨୦।୧୧ (ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ପରମାନନ୍ଦପୁର ସୁନାମୁଖୀ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ପୂଜା କମିଟି ନୂତନ କର୍ମକର୍ତ୍ତା ଚୟନ ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ ଅଧ୍ୟକ୍ଷତା କରିଥିଲେ। କମିଟି ସଭାପତି ଭାବେ ସହଦେବ ପାଢ଼ୀ, ଉପସଭାପତି ଭୀମସେନ ସାହୁ, ସମ୍ପାଦକ ସୁନ୍ଦର ବରିହା, ସହସମ୍ପାଦକ ବିଶ୍ୱରନ ସାହୁ, କୋଷାଧ୍ୟକ୍ଷ ବୈକୁଣ୍ଠ ବିହାରୀ ପଧାନ, ସହ କୋଷାଧ୍ୟକ୍ଷ ଦଣ୍ଡଧାରୀ ଗହୀରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ମ.ରାମପୁର ବ୍ଲକ୍ ଅଧ୍ୟକ୍ଷ, କର୍ଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ମଦନପୁର, ଅଲାତରା, ସାଗରପାଲି, ନରସିଂହପୁର, କବିଚନ୍ଦ୍ରପୁର, ଗଜବାହାଲ, ଅବୁଜବାହାଲ, ଭାଲୁପିଆ, ପରମାନନ୍ଦପୁର, ବଡଡୁଙ୍ଗୁରିଗୁଡା, କଅଁସିଲ, ସୁରୁଜୁଲି, ଗୋଇନ୍ଦାମୁଣ୍ଡା, ଧୁମାଭଟା, କୁମେରପଟା ଆଦି ଗ୍ରାମରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ପରାମର୍ଶଦାତା ତଥା କମିଟି ସଭ୍ୟା ଓ ସଭ୍ୟ ଭାବେ ମନୋନୀତ କରାଯାଇଛି । ଚଳିତବର୍ଷ ମା' ସୁନାମୁଖୀଙ୍କ ପୂଜାର୍ଚ୍ଚନା ସହ ଅଷ୍ଟ ପ୍ରହର ନାମ ଯଜ୍ଞ ଆୟୋଜନ ପାଇଁ ସ୍ଥିର କରାଯାଇଛି ।

## ବେଦାନ୍ତରେ ସ୍ଥାୟୀ ନିଯୁକ୍ତି ଦାବି

# କମ୍ପାନୀ ସମ୍ପ୍ରସାରଣକୁ ବିରୋଧ

ଭବାନୀପାଟଣା/ଲାଞ୍ଜିଗଡ଼, ୨୦।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବେଦାନ୍ତ ଆଲୁମିନା କମ୍ପାନୀରେ ସ୍ଥାୟୀ ନିଯୁକ୍ତି, ଥଇଥାନ ଦାବି ଏବଂ କମ୍ପାନୀ ସମ୍ପ୍ରସାରଣକୁ ବିରୋଧ କରି ୩ ଗାଁର ବାସିନ୍ଦା କମ୍ପାନୀ ଗେଟ ସମ୍ମୁଖରେ ଧାରଣ ଦେଇଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ବେଦାନ୍ତ କାରଖାନା ଆରମ୍ଭ ସମୟରେ କୋଟଦୁଆର ଗାଁ, ବନ୍ଧଗୁଡା ଓ ରେଙ୍ଗୋପାଲି ଗାଁର ସମସ୍ତ ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯାଇଥିଲା। କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ବିସ୍ଥାପିତଙ୍କୁ ଚାକିରି ପ୍ରଦାନ କରାଯାଇ ନାହିଁ। ଦାବି ପୂରଣ ହୋଇ ନ ଥିବାରୁ ସୋମବାର ବିସ୍ଥାପିତ କୋଟଦୁଆର ଗାଁ, ବନ୍ଧଗୁଡା ଓ ରେଙ୍ଗୋପାଲି ଗ୍ରାମବାସୀ କମ୍ପାନୀ ଗେଟ ସମ୍ମୁଖରେ ଧାରଣାରେ ବସିଥିଲେ। ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପ୍ପୋ, କେସିଙ୍ଗା ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ବେଦାନ୍ତ ଅପରେସନ ମୁଖ୍ୟ ସଞ୍ଜୀବ କୁମାର, ଲୋକ ସମ୍ପର୍କ ଅଧିକାରୀ ଶିବାନନ୍ଦ ମହାନ୍ତି, ସୁରକ୍ଷା ମୁଖ୍ୟ ରାଜୀବ ରଞ୍ଜନ, ଲାଞ୍ଜିଗଡ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ । ଦାବି ପୂରଣ କରିବା ପାଇଁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ସମୟ ମାଗିଥିବାରୁ ଗ୍ରାମବାରୁ ଗ୍ରାମବାସୀ ଧାରଣା ପ୍ରତ୍ୟାହୃତ କରିଥିଲେ । ଏହି ଧାରଣାରେ ଲିଙ୍ଗ ମାଝି, ବାବୁଲା ନାଏକ, ପ୍ରଫୁଲ୍ଲ ନାଏକ, ତୁଳା ମାଝି, ନରେନ୍ଦ୍ର ମାଝି, ସୁବାଷ ଦଣ୍ଡସେନା, ଚନ୍ଦ୍ର ହରିଜନ, ତୁଲା ମାଝିଙ୍କ ନେତୃତ୍ୱ ୩ଟି ଗାଁର ଲୋକ ଧାରଣା ରେ ସାମିଲ ଥିଲେ ।


ବେଦାନ୍ତ କମ୍ପାନୀ ଗେଟ ସମ୍ମୁଖରେ ବିସ୍ଥାପିତମାନେ ଧାରଣା ଦେଇଛନ୍ତି ।

### ଗେଟ୍ ସମ୍ମୁଖରେ ଧାରଣା

ଉକ୍ତ ୩ ଗାଁ ଲୋକେ ଅଭିଯୋଗ କରିଛନ୍ତି ଯେ, ବେଦାନ୍ତର ରିଫାଇନାରୀ ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ଜିଲାର ଗରିବ ଆଦିବାସୀ, ଖଟିଖିଆଙ୍କ ବିକାଶ ହେବ ବୋଲି କହି ଅଞ୍ଚଳର ଲୋକଙ୍କୁ ବିସ୍ଥାପିତ କରାଯାଇଥିଲା । କମ୍ପାନୀକୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ପୂରଣ ହୋଇ ପାରିନାହିଁ । ଜିଲାର ବେକାରଙ୍କୁ ନିଯୁକ୍ତି, ବିସ୍ଥାପିତ ପରିବାରର ଜଣକୁ ଚାକିରି ଦେବା ଆଦି କାମ୍ପାନୀ ଭୁଲି ଯାଇଥିବାରୁ ହଜାର ହାଜାର ଯୁବକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ଅନ୍ୟପକ୍ଷେ କମ୍ପାନୀରୁ ବାହାରୁଥିବା ଧୂଆଁ ଯୋଗୁ ଅଞ୍ଚଳରେ ବାୟୁ ପ୍ରଦୂଷିଣ ହେଉଛି । ଏଥିପ୍ରତି କମ୍ପାନୀ ତରଫରୁ ନିରାକରଣ କରାଯାଉନାହିଁ । ସେଥିପାଇଁ ଅଞ୍ଚଳର ପ୍ରତ୍ୟେକ ଗ୍ରାମରେ ଯକ୍ଷ୍ମା, ଚର୍ମଭଳି ରୋଗ ସହ ଅନେକ ଅଜଣା ରୋଗ ଦେଖାଦେଉଛି । ଲାଞ୍ଜିଗଡ ବ୍ଲକ କୋଠାଦ୍ୱାରା ଗ୍ରାମର ଅନେକ ପରିବାର ବିସ୍ଥାପିତ ହୋଇ ନିଜର ଜମି ଓ ବାସଗୃହ ହରାଇଛନ୍ତି । ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ସେମାନଙ୍କ ପ୍ରାପ୍ୟ ପାଇନାହାନ୍ତି । ବାରମ୍ବାର ରାଜ୍ୟ ସରକାର, ଜିଲା ପ୍ରଶାସନ ଓ କମ୍ପାନୀକୁ ଜଣାଇଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ବିସ୍ଥାପିତଙ୍କ ଉଚିତ ପ୍ରାପ୍ୟ ତୁରନ୍ତ ପ୍ରଦାନ, ଦାଦନ ରୋକିବା, ପ୍ରଦୂଷଣ ପ୍ରତି କମ୍ପାନୀ ଓ ଜିଲା ପ୍ରଶାସନ ଦୃଷ୍ଟି ନ ଦେଲେ ଏକ ଭୟାନକ ଜିଲା ବ୍ୟାପି ଆନ୍ଦୋଳନର ରୁପ ନେବ ବୋଲି ଅଞ୍ଚଳବସୀ ଚେତାବନୀ ଦେଇଛନ୍ତି ।

## ପ୍ରସ୍ତାବିତ ରତ୍ନ ପଥର ଖନନ ପାଇଁ ଜନଶୁଣାଣି ଶିବିର

# ବିପକ୍ଷରେ ଲୋକଙ୍କ ସ୍ୱର ଉତ୍ତୋଳନ

ତୁଣ୍ଡଲା,୨୦।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ପଞ୍ଚାୟତ କାର୍ଯ୍ୟାଳୟଠାରେ ପ୍ରସ୍ତାବିତ ରତ୍ନ ପଥର ଖନନ ପାଇଁ ଜନ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ କଳାହାଣ୍ଡି ଶରତଚନ୍ଦ୍ର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ସଭାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର, କେସିଙ୍ଗା ଆଇଆଇସି ବସୁଦେବ ଛତ୍ରିଆ, କେସିଙ୍ଗା ତହସିଲଦାର ଗଣ୍ଡାରାମ ଖମାରୀ, ସିର୍ଜାପାଲି ସରପଞ୍ଚ ସଂସାର ଭୋଇ, ଗ୍ରାମ୍ୟ ପରିଚାଳନା କମିଟି ଅଧ୍ୟକ୍ଷ ପଦ୍ମନାଭ ଦାଶ, ଖଣି ଖନନ ପାଇଁ ଆବେଦନ କରିଥିବା ବିଜୟ ବନସଲଙ୍କ ସମେତ ପିପଲପଦର ଓ ସିର୍ଜାପାଲି ଗ୍ରାମର ଭଦ୍ରବ୍ୟକ୍ତିମାନଙ୍କ ଉପସ୍ଥିତିରେ ପଦ୍ମନାଭ ଦାଶ, ସଂସାର ଭୋଇ, ଚୌଧୁରୀ ଭୋଇ, ଫଗୁଣ ସାହୁ, ଲାଲଧର କୁମାରଙ୍କ ପକ୍ଷ ରଖାଯାଇଥିଲା । ଏଥିରେ ସେମାନେ ରତ୍ନ ପଥର ଖନନ ବିପକ୍ଷରେ ମତ ରଖିଥିଲେ। ଏ ନେଇ ଅତିରିକ୍ତ ଜିଲାପାଳ ଶ୍ରୀଚନ୍ଦନଙ୍କୁ ପଚାରିବାରୁ ପାଞ୍ଚ ଜଣ ବ୍ୟକ୍ତିଙ୍କ ବ୍ୟକ୍ତବ୍ୟକୁ ଭିଡିଓ ରେକର୍ଡିଂ କରାଯାଇଛି। ଏହି କ୍ଲିପ୍‌କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପଠାଇ ଦିଆଯିବ, ସେମାନେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଛନ୍ତି।
କେସିଙ୍ଗା ବ୍ଲକ ସିର୍ଜାପାଲି ଓ ପିପଲପଦର ଗ୍ରାମରେ ରତ୍ନପଥର ଖାଦାନଠାରୁ ଖଣି ଖନନ ପାଇଁ ମେସର୍ସ ସଂଯୁକ୍ତା ଜେମ୍ସ ନାମକ ଏକ ଘରୋଇ କମ୍ପାନୀ ମାଲିକ ବିଜୟ ବଂଶଲ ଆବେଦନ କରିଥିଲେ। ପ୍ରଦୂଷଣ ବୋର୍ଡର ନିୟମ ମୁତାବକ ପ୍ରଚାର ପ୍ରସାର କରାଯାଇ ଜନ ଶୁଣାଣି ଶିବିର କରି ଲୋକଙ୍କ ପକ୍ଷ ରଖାଯାଇଥାଏ। ତଦନୁଯାୟୀ ଏହି ଜନ ଶୁଣାଣି ଶିବିର କରାଯାଇଥିଲା ।



ଜନଶୁଣାଣିରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି ।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ଉଦ୍‌ଘାଟିତ

ଜୁନାଗଡ, ୨୦।୧୧ (ଡି.ଏନ.ଏ./ ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ନବମ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଥୁଆମୂଳ ରାମପୁରର ପ୍ରକଳ୍ପ ପ୍ରଶାସକ ବିରଞ୍ଚି ନାରାୟଣ ଦରୱାନ ଯୋଗଦେଇ ଆନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ମଣ୍ଡଳ ଶିକ୍ଷା ନିରୀକ୍ଷକ ଗୋବିନ୍ଦ ଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ। ସ୍ୱାଗତ ଭାଷଣ ଗପାଳପୁର ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ସାହୁ ପ୍ରଦାନ କରିଥିବା ବେଳେ ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବେଦବ୍ୟାସ ପ୍ରଧାନ ଓ ସଞ୍ଜୀବ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଜୁନାଗଡ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିତାରମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲାସ୍ତରୀୟ ବିଜ୍ଞାନ ମେଳା, ଚିତ୍ରାଙ୍କନ, ସୃଜନାତ୍ମକ ରଚନା, ବକ୍ତୃତା, ଏକକ ସଙ୍ଗୀତ, କୁରୁଗୁଡା ଆଶ୍ରମ ପଡିଆଠାରେ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ ଅଧିକାରୀ ଶିଶିରକାନ୍ତ ସିଂଙ୍କ ତତ୍ତ୍ୱାବଧାନରେ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଅଧିବେସନରେ ଛାତ୍ରୀଛାତ୍ର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାତି ୯ଟା ପର୍ଯ୍ୟନ୍ତ ଅତିଥି ଆସି ନ ଥିବାରୁ ସଭା କାର୍ଯ୍ୟ ଆରମ୍ଭ ହୋଇ ନ ଥିଲା । ଫଳରେ କୁନିକୁନି ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖିନ ହୋଇଥିଲେ।


ସ୍କୁଲ ପରିସରରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ସାମିଲ ଛାତ୍ରୀଛାତ୍ର ।

# ଆଦର୍ଶ ବିଦ୍ୟାଳୟ ଛଟେଇ କର୍ମଚାରୀଙ୍କ ଧାରଣା ଜାରି



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା ଆଦର୍ଶ ବିଦ୍ୟାଳୟ କର୍ମଚାରୀଙ୍କ ଧାରଣା ଚାଲିଛି ।

ଭବାନୀପାଟଣା,୨୦।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା ଆଦର୍ଶ ବିଦ୍ୟାଳୟ କର୍ମଚାରୀଙ୍କ ପକ୍ଷରୁ ଚାଲିଥିବା ଧାରଣା ମଙ୍ଗଳବାର ୧ ମାସ ୧୮ ଦିନରେ ପହଞ୍ଚିଛି। ଚାକିରିରୁ ବାହାର କରି ଦେଇଥିବା ସମସ୍ତ କର୍ମଚାରୀଙ୍କୁ ପୁଣି ଥରେ କଳାହାଣ୍ଡି ଜିଲାର ସମସ୍ତ ଆଦର୍ଶ ବିଦ୍ୟାଳୟରେ ଚାକିରି ଦେବା, କର୍ମଚାରୀମାନଙ୍କ ଦରମା ଓଡିଶା ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ କରିବା ଆଦି ଦାବିରେ ଏହି ଧାରଣା ଚାଲିଛି। ଏଥିରେ ଚିନ୍ମୟ ବେହେରା, ପବିତ୍ର ସାହୁ, ପ୍ରତାପ ବାଗ, ସିଦ୍ଧେଶ୍ୱର ପଣ୍ଡା, ଗୋବର୍ଦ୍ଧନ ଦୁର୍ଗା, ଦୁର୍ବନ୍ତ ଗୋପାଳ, ପ୍ରଦ୍ୟୁମ୍ନ ନାଏକ, ଡିଙ୍ଗର ରାଉତ, ହରିଶ୍ଚନ୍ଦ୍ର ନାଗ, ଶୋସଭନ ରଣା, ଭାରତ ବାଗ, ଅଭିମନ୍ୟୁ ଦୁର୍ଯ୍ୟୋଧନ ଗଉଡଙ୍କ ସମେତ ବହୁ ଛଟେଇ କର୍ମଚାରୀ ଓ ରାଜନେତା ଯୋଗଦେଇଥିଲେ । ଧାରଣା ପୂର୍ବରୁ ସହରର ବିଭିନ୍ନ କାର୍ଯ୍ୟାଳୟ ପ୍ରତିଦିନ ସଫେଇ କରୁଥିବା ଦେଖାଯାଉଛି। ଏହି ଧାରଣା ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଚାଲଲୁ ରହିବ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି । ପ୍ରତିଦିନ ଗୋଟିଏ ସରକାରୀ କାର୍ଯ୍ୟାଳୟ ସଫେଇ କରିବା ସହିତ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

## ମହମ୍ମଦ ଜୟନ୍ତୀ ନିମନ୍ତେ ବ୍ୟାପକ ପ୍ରସ୍ତୁତି

ଭବାନୀପାଟଣା,୨୦।୧୧ (ଡି.ଏନ.ଏ.)

ଭବାନୀପାଟଣା ଜାମା ମସ୍‌ଜିଦ୍ ପକ୍ଷରୁ ହଜରତ୍ ମହମ୍ମଦଙ୍କ ଜନ୍ମ ଦିବସ ପାଳନ ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏ ସମ୍ପର୍କରେ ମସ୍‌ଜିଦ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମସ୍‌ଜିଦ୍ କମିଟି ସଭାପତି ସାହାଦତ୍ ଖାଁ, ସମ୍ପାଦକ ଶେଖ୍ ସଲିମ୍ ଓ ଇମାମ୍ ମହମ୍ମଦ ନଜାଉଲ୍ଲ ନୁରୀ ପ୍ରମୁଖ ଉପସ୍ଥିତ ରହି ମହମ୍ମଦ ଜୟନ୍ତୀ ପାଳନର ଉଦେଶ୍ୟ ଓ ବୁଧବାର ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବୁଧବାର ଭୋର ୫ଟାରୁ ମସ୍‌ଜିଦ୍‌ରେ ଗୁସଲ ଓ ନମାଜ ପାଠ କରାଯିବ। ସକାଳ ୯ଟାରେ ମସ୍‌ଜିଦ୍‌ରୁ ଜୁଲୁସ୍ ବାହାରି ସହର ପରିକ୍ରମା କରି ମସ୍‌ଜିଦ୍‌କୁ ଫେରିବା ପରେ ଫାତିହା, ଇସଲାମିକ୍ ପତକା ଉତ୍ତୋଳନ ଓ ସାଧାରଣ ଜନତାଙ୍କ ପାଇଁ ଲଙ୍ଗର ବ୍ୟବସ୍ଥା କରାଯିବ। ଅପରାହ୍ନ ସାଢେ ୨ଟାରେ ମଦ୍ରାସାରେ ମହିଳାମାନଙ୍କ ନିମନ୍ତେ 'ମୁଏ ମୁବାରକ୍' ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ଦେଇଥିଲେ। ସମ୍ମିଳନୀରେ ମୁଫତି ମନୁଓର ରାଜା, ହାଜି ଅବଦୁଲ କରିମ୍, ହାଜି ଅମିନ୍ ଖାଁ, ଶେଖ୍ ଅବଦୁଲ ମନ୍ନାନ, ମହମ୍ମଦ ଜାକିର, ଅମିର ମହମ୍ମଦ, ମହମ୍ମଦ ଅମଜଦ ଖାଁ ଓ ମହମ୍ମଦ ଗୁଲାମ୍ ଗୋସ୍ ଉପସ୍ଥିତ ଥିଲେ।

## ଏମ୍‌ଜିଏନ୍‌ଆରଇଜିଏସ୍

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର

କର୍ଲାମୁଣ୍ଡା,୨୦।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଏପିଡିସ୍କିମ୍ ଋଷିକେଶ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ବିଡିଓ କିଶୋର କୁମାର ପଣ୍ଡା, ସହକାରୀ ଯନ୍ତ୍ରୀ ଗୌରାଙ୍ଗ ପ୍ରସାଦ ମାଝି, ବ୍ଲକ ଆକାଉଣ୍ଟ ଅଫିସର ଅଗସ୍ତି ନନ୍ଦ, ଜିଲା ପରିଷଦ ସଭ୍ୟା ପ୍ରଭାତି ଭୋଇ, ପୁଷ୍ପକାନ୍ତି କୁମାର ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଏହି ଶିବିରରେ ପଚାରପ୍ରସାର ଅଭାବ ଯୋଗୁ ଜଣେ ବି ଜବକାର୍ଡଧାରୀ ଯୋଗଦେଇ ନ ଥିବାରୁ ଜଣଶୁଣାଣି କମିଟି କର୍ମକର୍ତ୍ତାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପଲ୍ଲୀସଭା, ଗ୍ରାମସଭାଗୁଡ଼ିକରେ ଗାଈ ଗୁହାଳ ଓ ଜମି ମରାମତି ପାଇଁ ହିତାଧିକାରୀ ଚୟନ ହେଉଥିଲେ ହେଁ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମରେ ବିଳମ୍ବ ହେଉଥିବା ନେଇ କିଛି ସରପଞ୍ଚ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ବିଭାଗ, ଜଙ୍ଗଲ ବିଭାଗର କର୍ମଚାରୀ, ସମସ୍ତ ପିଇଓ ଓ ସରପଞ୍ଚମାନେ ଉପସ୍ଥିତ ଥିଲେ। ଏମଜିଏନଆରଜିଏସ୍ ସହାୟକ ବିରଞ୍ଚି ଗହୀର ସଂଯୋଜନାରେ ସେବା ଜଗତ ସଂସ୍ଥାର ସୁନୀତା ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।



ଜନଶୁଣାଣି ଶବିରରେ ଯୋଗଦେଇଥିବା ଅତିଥି।

## ତଳମଲା ପଞ୍ଚାୟତରେ ଶସ୍ୟ କାଟ ପରୀକ୍ଷଣ

ଜୁନାଗଡ,୨୦।୧୧(ଡିଏନଏ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ପଞ୍ଚାୟତରେ ସୋମବାର କୃଷି ଓ ରାଜସ୍ୱ ବିଭାଗର ମିଳିତ ଉଦ୍ୟମରେ ଶସ୍ୟ କାଟ ପରୀକ୍ଷଣ କରାଯାଇଛି । ଉକ୍ତ ପଞ୍ଚାୟତ ମସିଗାଁ ଗ୍ରାମର ସୁରେନ୍ଦ୍ର ନାଏକ ଓ ରାମକୃଷ୍ଣ ନାଏକଙ୍କ ଚାଷ ଜମିରେ ଶସ୍ୟ କାଟ ପରୀକ୍ଷଣ କରାଯାଇଥିଲା। ଗୋଟିଏ ଚାଷ ଜମିରେ ୨୫ ବର୍ଗମିଟର ଶସ୍ୟ କାଟ ପରୀକ୍ଷଣ ପରେ ସେଠାରେ ୩୮୨୫ଗ୍ରାମ ଓଜନର ଧାନ ବାହାରିଥିଲା। ଯାହାକି ୧୨ରୁ ୧୫ କିଗ୍ରା ରହିବା କଥା। ସେହିପରି ଅନ୍ୟ ଏକ ଚାଷ ଜମିରେ ୬ ଶହ ଗ୍ରାମ ଓଜନର ଧାନ ବାହାରିଥିଲା। ଯାହାକି ପ୍ରାଥମିକ ରିପୋର୍ଟ ଅନୁଯାୟୀ ମରୁଡି ଲକ୍ଷଣ ବୋଲି ଜଣାପଡିଛି। ସେହିପରି ଏହି ରିପୋର୍ଟକୁ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଉଭୟ ବିଭାଗ କର୍ମଚାରୀଙ୍କଠୁ ଜଣାପଡିଛି। ଶସ୍ୟକାଟ ପରୀକ୍ଷଣ ସମୟରେ ଜୁନାଗଡ ଭାରପ୍ରାପ୍ତ କୃଷି ଜିଲା ଅଧିକାରୀ ନୌକେଶ୍ୱର ନାଗ, ତଳମଲା ସରପଞ୍ଚ ଦୁଶିଳା ମାଝି, ରାଜସ୍ୱ ନିରୀକ୍ଷକ ଗୌରାଙ୍ଗ ମାଝି, ଭିଏଡବ୍ଲୁ ସ୍ୱସ୍ତିକା ମଞ୍ଜରୀ ରାଉତ ପ୍ରମୁଖଙ୍କ ସହ ଚାଷୀମାନେ ଉପସ୍ଥିତ ଥିଲେ।

## ରିଷିଡ଼ାରେ ବୋଇତ ବନ୍ଦାଣ ଉତ୍ସବ

# ଐତିହାସିକ ନୌବାଣିଜ୍ୟର ସ୍ମୃତିଚାରଣ

ରିଷିଡ଼ା,୨୦।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଶ୍ରୀଶ୍ରୀ ରାମଚନ୍ଦ୍ର ସ୍ୱାମୀ ଗ୍ରାମ୍ୟ ସମିତି ତରଫରୁ ଗତ ୩ ବର୍ଷଭଳି ଏଥର ମଧ୍ୟ ବୋଇତ ବନ୍ଦାଣ ଉତ୍ସବ ସମାରୋହରେ ପାଳିତ ହେବ । କାର୍ତ୍ତିକ ମାସର ପୂର୍ଣ୍ଣିମାରେ ଉତ୍କଳ ବୈଶ୍ୟ ବଳଦିଆ ତୈଳିକ ସମାଜ ତରଫରୁ ଏଠାରେ ଆୟୋଜନ କରାଯାଉଛି । ଐତିହାସିକ ନୌବାଣିଜ୍ୟର ସ୍ମୃତି ଚାରଣ କରାଯାଇ ଗତ ୩ ବର୍ଷଠାରୁ ଏଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସେଥି ପାଇଁ ଏକ ବୋଇତ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୋଇତ ନିର୍ମାଣ ସଞ୍ଜୟ ରଣା ଓ ପ୍ରମୋଦ ସାହୁ କରୁଥିବା ବେଳେ ଆସନ୍ତା ଗୁରୁବାର ସନ୍ଧ୍ୟାରେ ନଗରପରିକ୍ରମା କରାଯିବା କାର୍ଯ୍ୟକ୍ରମ ରହିଛି । ଶୁକ୍ରବାର ସକାଳ ୫ଟାରେ ବୋଇତ ଭସାଣି କାର୍ଯ୍ୟକ୍ରମ ବଡ ପୋଖରୀରେ ଅନୁଷ୍ଠିତ ହେବ । ଚଳିତବର୍ଷ ମୁଖ୍ୟ ଆକର୍ଷଣ ରହିଛି ମା' ଦୁଆରସୁନୀ ସାଂସ୍କୃତିକ ଅନୁଷ୍ଠାନ କେସିଙ୍ଗା ତୁର୍କେଲର ନାଟକ ଫେରିଆସିବ ମୋ ଜଗାବଳିଆ । ଆୟୋଜକ ତୈଳିକ ବୈଶ୍ୟ ସମାଜ ବେହେରା ଡୋଳାମଣି ସାହୁ, ସଭାପତି ଅର୍ନ୍ତଯ୍ୟାମୀ ସାହୁ, ସମ୍ପାଦକ ପଦ୍ମ କିଶୋର ସାହୁ, ଉପସଭାପତି ରଣଜିତ ସାହୁ, ସହସମ୍ପାଦକ ମକ ସାହୁ(ଖ), କେନ୍ଦ୍ର ସଦସ୍ୟ ଭୋଳାନାଥ ସାହୁ, ବାଚସ୍ପତି ଦୁଖୀମଣି ସାହୁ ରହିଥିବା ବେଳେ ରିଷିଡ଼ା, ମୋହନଗିରୀର ସଦସ୍ୟମାନେ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ତ୍ରିନାଥ ସାହୁ, ଦୀନବନ୍ଧୁ ସାହୁ, ଭୋଳାନାଥ ସାହୁ, ବସୁଦେବ ସାହୁ, ସହଦେବ ସାହୁ, ଅଭିମନ୍ୟୁ ସାହୁ, ଦୁର୍ଯ୍ୟୋଧନ ସାହୁ, ପଞ୍ଚାନନ ସାହୁ, ଅଜିତ କୁମାର ସାହୁ ପ୍ରମୁଖ ସହାୟତା କରୁଛନ୍ତି । ପ୍ରକାଶ ଯେ, ଉତ୍କଳ ବୈଶ୍ୟ ବଳଦିଆ ତୈଳିକ ସମାଜର ମୁଖ୍ୟ କାର୍ଯ୍ୟାଳୟ ଗଞ୍ଜାମ ଜିଲା ପ୍ରତାପୁରଠାରେ ଅବସ୍ଥିତ ।

### ସେମାନେ ଯାହା କହନ୍ତି....


"ଚଳିତବର୍ଷ ବୋଇତ ବନ୍ଧାଣ ଉତ୍ସବ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ରହିଛି । ଏଥର ଏହାକୁ ଅଧିକ ଆକର୍ଷଣୀୟ କରାଯିବା କାର୍ଯ୍ୟକ୍ରମ ରହିଛି ।
**- ଡୋଳାମଣି ସାହୁ,**


"ଶାନ୍ତିଶୃଙ୍ଖଳା ସହିତ ସମାପନ କରାଯିବ । ସେଥିପାଇଁ କେନ୍ଦ୍ରସ୍ତରୀୟ ତଥା ବିଭିନ୍ନ ସମିତି କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ ଦିଆଯାଇଛି। ରିଷିଡ଼ା ତଥା ଏହି ଜିଲାର ଐତିହାସିକ ନୌବାଣିଜ୍ୟର ସ୍ମୃତି ଚାରଣର ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ ।
**-ଅର୍ନ୍ତଯ୍ୟାମୀ ସାହୁ, ସଭାପତି**


"ଚଳିତବର୍ଷ ଏହି କାର୍ଯ୍ୟକ୍ରମ ସଫଳ କରିବା ପାଇଁ ଯୁବକମାନଙ୍କୁ ଉତ୍ସାହିତ କରାଯାଉଛି । ଆଖପାଖରେ ଏହି ଭଳି କାର୍ଯ୍ୟକ୍ରମ ହେଉ ନ ଥିବାରୁ ଆକର୍ଷଣୀୟ ହୋଇପାରୁଛି।
**- ପଦ୍ମକିଶୋର ସାହୁ, ସମ୍ପାଦକ**



ପ୍ରଥମେ ବିହନ ଫୋପାଡ଼ି ଦେଇ ପରେ ଶସ୍ୟ ସଂଗ୍ରହ କଲାପରି,
ପ୍ରଥମେ ପରର ଉପକାର କରିଗଲେ ଶେଷରେ ନିଜର ଉପକାର ହୁଏ।
- ସେନେକା



## ସଂକ୍ଷେପରେ

### ଗାୟତ୍ରୀ ପରିବାର ପକ୍ଷରୁ ଦୀପ ମହାଯଜ୍ଞ ଆଜି

**ରାଉରକେଲା ଅଫିସ,୨୦।୧୧**-ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତଥା ପଞ୍ଚୁକ ଅବସରରେ ଫର୍ଟିଲାଇଜର ଟାଉନସିପ ଗାୟତ୍ରୀ ଶକ୍ତିପୀଠରେ ବୁଧବାର ପୂର୍ବାହ୍ନ ୧୧ଟାରେ ଦୀପ ମହାଯଜ୍ଞ ଆୟୋଜିତ ହେବ। ଏଥିରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଅତିଥି ରୂପେ ଯୋଗ ଦେବେ ବୋଲି ଗାୟତ୍ରୀ ଉପାସକ ଡାକ୍ତର ରାହସବିହାରୀ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି।



### ବିପାଶାଙ୍କୁ ଭାରୋତ୍ତୋଳନରେ ସ୍ୱର୍ଣ୍ଣ

**ରାଉରକେଲା ଅଫିସ,୨୦।୧୧**-ବାସନ୍ତୀ କଲୋନୀ ବାସିନ୍ଦା ମଧୁମିତା ଦାସ ଓ ମନୋଜ ଦାସଙ୍କ ଝିଅ ବିପାଶା(୮ମ ଶ୍ରେଣୀ)ଙ୍କୁ ଭାରୋତ୍ତଳନରେ ସଫଳତା ମିଳିଛି। ଗତ ୧୭ ଓ ୧୮ ତାରତଖ ଦୁଇ ଦିନ ଧରି ଗଞ୍ଜାମ ଜିଲାର କବିସୂର୍ଯ୍ୟନଗରରେ ଓଡିଶା ୱେଟ ଲିଫ୍ଟିଂ ଆସୋସିଏଶନ ପକ୍ଷରୁ ଆୟୋଜିତ ଭାରୋତ୍ତଳନ ପ୍ରତିଯୋଗିତାରେ ବିପାଶା ଭାଗ ନେଇଥିଲେ। ଏଥିରେ ସେ ଜୁନିୟର ବିଭାଗ ୮୧କିଲୋ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବିପାଶା ମଙ୍ଗଳବାର ରାଉରକେଲା ଫେରିବା ପରେ ରାଉରକେଲା ରେଲଷ୍ଟେଶନରେ ତାଙ୍କୁ କୋଚ ବିକ୍ରମ ସ୍ୱାଇଁ, ଅଶୋକ ପ୍ରସାଦ ପ୍ରମୁଖ ସ୍ୱାଗତ କରିଥିଲେ।

### ଯାଦବ ସମାବେଶ ପାଇଁ ପ୍ରସ୍ତୁତି

**ରାଉରକେଲା ଅଫିସ, ୨୦।୧୧**-ଆସନ୍ତା ଜାନୁୟାରୀ ୨୭ରେ ସେକ୍ଟର- ୫ ଭଞ୍ଜଭବନରେ ଯାଦବ ମହାସଭା ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହେବ। ଏ ନେଇ ଷ୍ଟିଲ ସିଟିର ବିଭିନ୍ନ ସ୍ଥାନରେ ପ୍ରାକ ପ୍ରସ୍ତୁତି ବୈଠକ କରାଯାଉଛି। ଦକ୍ଷିଣ ରାଉରକେଲା ଯାଦବ ମହାସଭା ଗୃହରେ ଏକ ଆଞ୍ଚଳିକ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ଉପସଭାପତି ଶ୍ରୀକାନ୍ତ ଦାସ ଅଧକ୍ଷତା କରି କହିଥିଲେ ଯେ, ଯାଦବ ମହାସଭା ହେଉଛି ଏକ ଶୃଙ୍ଖଳିତ ସଂଗଠନ। ସଂପ୍ରଦାୟ ଓ ସମାଜ ପାଇଁ ସଂଗଠନ ସବୁବେଳେ ସମର୍ପିତ ମନୋଭାବ ନେଇ କାର୍ଯ୍ୟ କରୁଛି। ଆମେ ସଂଗଠିତ ହେଲେ ସମସ୍ତ ସମସ୍ୟାର ସମାଧନ ସମ୍ଭବ ହୋଇ ପାରିବ ବୋଲି ଦାସ ଏଥିରେ ମତ ପ୍ରକାଶ କରିଥିଲେ। ଏହି ବୈଠକରେ ଅଞ୍ଜନ ବାରିକ, ହାଡିବନ୍ଧୁ ବେହେରା, ଏସ.ବେହେରା ଓ ସଞ୍ଜୟ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଲୋକଙ୍କୁ ପରାମର୍ଶ ଦେଲେ, ନିଜେ କିନ୍ତୁ ଭୁଲ୍ କଲେ

**ଶୌଚାଳୟ ଦିବସ**

- ଭୋଜିଭାତ ପରେ ନଦୀକୂଳରେ ପଡିଛି ଖଲିପତ୍ର
- ପରିଷ୍କାର କରିବାକୁ ଅଫିସରଙ୍କ ନିର୍ଦ୍ଦେଶକୁ ଅବମାନନା

**ରାଉରକେଲା ଅଫିସ,୨୦।୧୧**

ସରକାରୀ ସ୍ତରରେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରାଯାଉଛି। ହେଲେ କାମରେ ପାଳନ କରା ଯାଉନି। ଲୋକ ଦେଖାଣିଆ ଭାବେ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରି ଲୋକଙ୍କୁ କେବଳ ପରାମର୍ଶ ପ୍ରଦାନ କରାଯାଉଛି। ଫଳସ୍ୱରୂପ ଏହାର ପ୍ରକୃତ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସାଧନ ହୋଇ ପାରୁନି। ସୋମବାର ନୂଆଗାଁ ବ୍ଲକ ତେତେରକେଲା ପଞ୍ଚାୟତ ନିକଟ ନଦୀ କୂଳରେ ବିଶ୍ରା ଓ ନୂଆଗାଁ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଇଛି। ଏଥିରେ ନୂଆଗାଁ ପଞ୍ଚାୟତ ସମିତି ଅଧକ୍ଷ ମଖଲୁ ଏକ୍କା, ବିଡିଓ ତୃପ୍ତି ବରାଇ



ତେତେରକେଲା ପଞ୍ଚାୟତ ନିକଟ ନଦୀ କୂଳରେ ଖଲିପତ୍ର ଏଣେତେଣେ ପଡିଛି।

ଓ ବିଶ୍ରା ବ୍ଲକ ସହକାରୀ ବିଡିଓ ଶରତ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀ ମଞ୍ଚାସୀନ ଥିଲେ। ଏଥିରେ ସ୍ୱଚ୍ଛ ଓଡିଶା ଓ ସୁସ୍ଥ ଓଡିଶା ନେଇ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ମଞ୍ଚାସୀନ ଅଧିକାରୀ ପରାମର୍ଶ ଦେଲେ। ଗ୍ରାମବାସୀ ଏମାନଙ୍କ କଥାକୁ ଗ୍ରହଣ କଲେ ଓ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବାକୁ ହଁ ଭରିଲେ। ସଭା ଶେଷରେ ନଦୀ କୂଳରେ ଭୋଜିଭାତ ହେଲା। ସମସ୍ତେ ମିଳିମିଶି ଖାଇଲେ। ଖାଇବା ପରେ ଭୋଜି ସ୍ଥଳରେ ପଲିଥିନ, ଖଲିପତ୍ର, ପ୍ଲାଷ୍ଟିକ ଓ ସୋଲ ତିଆରି ଗ୍ଲାସ, କପ୍‌ପ୍ଲେଟକୁ ଏଣେତେଣେ ଫିଙ୍ଗି ଦେଇ ଚାଲିଗଲେ। ନଦୀ କୂଳରେ ଏଭଳି ଅଳିଆ ଆବର୍ଜନା ଫିଙ୍ଗୁଥିବା ଅଧିକାରୀ ଅନ୍ୟମାନଙ୍କୁ କିଭଳି ସ୍ୱଚ୍ଛତା ପରାମର୍ଶ ପ୍ରଦାନ କରୁଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣା ସମ୍ପର୍କରେ ନୂଆଗାଁ ବ୍ଲକ ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ରସାନନ୍ଦ ବରାଲଙ୍କୁ ପଚରାଯିବାରୁ ସେ କହିଥିଲେ ଯେ, ଏହାକୁ ସଫା କରିବାକୁ ନିର୍ଦ୍ଦିଷ୍ଟ ଭାବେ ଜଣଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ସେ କାହିଁକି ଆବର୍ଜନା ଉଠାଇ ନାହାନ୍ତି କହି ପାରିବେନି। ବୁଧବାର ନିଶ୍ଚିତ ଭାବେ ଏହାକୁ ସଫା କରାଯିବ।

# କୋଶଳ ରାଜ୍ୟ ଦାବିର ସମାଧାନ କରାଯାଉ

**ରାଉରକେଲା ଅଫିସ,୨୦।୧୧**

କୋଶଳ ଜନତା ଦଳ (କେଜେଡି) ବରଗଡରେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଭେଟିଛି। କୋଶଳ ପ୍ରଦେଶ ଦାବି ଓ ଅନ୍ୟ ପ୍ରସଙ୍ଗରେ ଆଲୋଚନା କରାଯାଇଛି। କେଜେଡିର ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର ଓ ସାଧାରଣ ସମ୍ପାଦକ ଚକ୍ରାନ୍ତ ଜେନା ଆଚାର୍ଯ୍ୟଙ୍କୁ ଭେଟିଥିଲେ।

କେନ୍ଦ୍ର ସରକାର ଜାଣିଶୁଣି ତାଲିକାଭୁକ୍ତ ୧୦ଟି ରାଜ୍ୟ ଘୋଷଣା ଦାବି ପ୍ରତି ଅବହେଳା ପ୍ରଦର୍ଶନ କରୁଛନ୍ତି। ଏଥିରେ ସରକାରଙ୍କ ରାଜନୈତିକ ଅଭିସନ୍ଧି ଭବିଷ୍ୟତରେ ଜନ ଅସନ୍ତୋଷ ସୃଷ୍ଟି କରିବ। ନୂଆ ରାଜ୍ୟ ହେବା ପୂର୍ବରୁ ଶାନ୍ତିପୂର୍ଣ୍ଣ ଭାବେ ଆଲୋଚନା କରି ଏହାର ସମାଧାନ କରିବା ଉଚିତ। କେନ୍ଦ୍ର ସରକାର ଦ୍ୱିତୀୟ ରାଜ୍ୟ ପୁନର୍ଗଠନ କମିଶନ ବସାଇ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ରାଜ୍ୟସଭାରେ ଏହି ପ୍ରଶ୍ନ ଉଠାଇବାକୁ ମଧ ପ୍ରତିନିଧି ମଣ୍ଡଳି ଆଚାର୍ଯ୍ୟଙ୍କଠାରେ ଦାବି କରିଥିଲେ। ଅନ୍ୟପକ୍ଷେ ପୂର୍ବ ସୈନିକଙ୍କ ନିଯୁକ୍ତି ପ୍ରତି ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କରୁଛନ୍ତି। ଦୀର୍ଘ ୫୫ ଦିନ ଧରି ରାଉରକେଲା ବିର୍ଶା ଛକରେ ଅନଶନ କରାଯିବା ସହ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଓ ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ନେଇ ଆଚାର୍ଯ୍ୟଙ୍କୁ ଅବଗତ କରାଇଥିଲା। ତେବେ ଉଭୟ ଦାବି ପ୍ରତି ସେ ଯଥାବିଧି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିବା ଦଳ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।



ବରଗଡରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କୁ କେକେଡି କର୍ମକର୍ତ୍ତା ଭେଟୁଛନ୍ତି।

# କର୍ମଚାରୀ ଅଭାବରୁ ଆରଏମ୍‌ସିରେ ଅଚଳାବସ୍ଥା



**ରାଉରକେଲା ଅଫିସ,୨୦।୧୧**

ରାଉରକେଲା ମହାନଗର ନିଗମ(ଆରଏମସି)ରେ ପର୍ଯ୍ୟାପ୍ତ ସଂଖ୍ୟକ କର୍ମଚାରୀ ଅଭାବ ଏହାକୁ ଅଚଳାବସ୍ଥାରେ ରଖିଛି। ପରିମଳ ବ୍ୟବସ୍ଥା ସମେତ ଅନ୍ୟ କାର୍ଯ୍ୟଗୁଡିକ ଆଗେଇ ପାରୁନି। ଏହାକୁ ଆଖି ଆଗରେ ରଖି ତୁରନ୍ତ ଖାଲି ପଦ ସହ ଆବଶ୍ୟକ ନୂତନ ପଦ ସୃଷ୍ଟି କରିବାକୁ ରାଉରକେଲା ବିଧାୟକ ଦିଲ୍ଲୀପ ରାୟ ଦାବି କରିଛନ୍ତି। ବିଧାନସଭାରେ ଆରଏମସି ସଂକ୍ରାନ୍ତରେ ରାୟ ପଚାରିଥିବା ଏକ ପ୍ରଶ୍ନର ଉତ୍ତର ଦେଇ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ, ଆରଏମସି ପାଇଁ ବିଭିନ୍ନ ପାହ୍ୟାର ୬୭୦ଟି ମଞ୍ଜୁରୀରିପ୍ରାପ୍ତ ଓ ୧୦୮ ଅସ୍ଥାୟୀ ତଥା ଠିକା ପଦବୀ ରହିଛି। ଏଥିରୁ ନିୟମିତ ପଦ ମଧ୍ୟରୁ ୧୫୭ ଖାଲି ପଡିଛି। ଖାଲି ପଦ ମଧ୍ୟରେ ୪୨ ସଫେଇ କର୍ମଚାରୀ, ୩୭ଜଣ ୱାର୍କ ଚାର୍ଜ ସହିତ ମୁନିସିପାଲ କମିଶନର, ଯନ୍ତ୍ରୀ, ପିଅନ, ଡ୍ରାଇଭର ଆଦି ବିଭିନ୍ନ ପାହ୍ୟାରେ ଅନେକ ପଦ ଖାଲି ରହିଛି। ମହାନଗର ନିଗମ ଆଇନ ଅନୁସାରେ ଆରଏମସି ପାଇଁ ୧୦୮ଟି ଅତିରିକ୍ତ ପଦ ଦରକାର। ଏଥିରୁ ୮୧ଟି ଖାଲି ପଡିଛି। ଡେପୁଟି କମିଶନର, ୧୦ ଜଣ ସାନିଟାରୀ ଇନ୍ସପେକ୍ଟର, ମୁଖ୍ୟ ବିତ୍ତ ଅଧିକାରୀ, ବସ୍ତି ଉନ୍ନୟନ ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀ, ସହକାରୀ ସ୍ୱାସ୍ଥ୍ୟ ଅଧିକାରୀ, ସିଟି ଇଂଜିନିୟର, ଜୁଡିସିଆଲ ମାଜିଷ୍ଟ୍ରେଟ, ସହକାରୀ ଓ କନିଷ୍ଠ ଯନ୍ତ୍ରୀ, ବିଧି ଅଧିକାରୀ, ପରିବେଶ ଅଧିକାରୀ, କମ୍ୟୁନିଟି ଅର୍ଗାନାଇଜର ଆଦି ପାହ୍ୟାର ଅନେକ ପଦ ଖାଲି ପଡିଛି। ମନ୍ତ୍ରୀ ସ୍ୱୀକାର କରିଛନ୍ତି ଯେ ପ୍ରତି ୧୦ ହଜାର ଲୋକଙ୍କ ପାଇଁ ୨୮ ଜଣ ସଫେଇ କର୍ମଚାରୀ ଆବଶ୍ୟକ। ଏହି ଆଧାରରେ ରାଉରକେଲା ମହାନଗର ନିଗମ ଅଞ୍ଚଳରେ ନାଳ ନର୍ଦ୍ଦମା ସଫେଇ ସହିତ ପ୍ରତି ଘରୁ ଆବର୍ଜନା ସଂଗ୍ରହ ନେଇ ୮୬୮ଜଣ କର୍ମଚାରୀ ଆବଶ୍ୟକ। ଏଥିରୁ ମାତ୍ର ୩୩୫ଜଣଙ୍କୁ ନେଇ କାମ ଚଳାଯାଉଛି। ୪୫ଜଣ ସୁଇପର, ଜମାଦାର ପଦବୀରୁ ୩୪ଟି ଖାଲି ପଡିଛି। ସୁପର ଭାଇଜର ପଦବିରୁ ୧୦ଟି ଖାଲି ପଡିଛି। ରାଉରକେଲା ପାଇଁ ବାସ୍ତବରେ ୨୦ ଜଣ ସାନିଟାରୀ ଇନ୍ସପେକ୍ଟର ଆବଶ୍ୟକ ଥିବା ବେଳେ ମାତ୍ର ୬ ଜଣ କାମ କରୁଛନ୍ତି। ମୋଟାମୋଟି ଭାବେ ରାଉରକେଲା ପରିମଳ ପାଇଁ ୯୭୯ ଜଣ କର୍ମଚାରୀ ଆବଶ୍ୟକ। ଅଛନ୍ତି ମାତ୍ର ୩୮୮ଜଣ ବୋଲି ମନ୍ତ୍ରୀ ଉତ୍ତରରେ କହିଛନ୍ତି।

## ୨ ଲୁଟେରା ଗିରଫ

**ରାଉରକେଲା ଅଫିସ,୨୦।୧୧**

ରେଳବାଇ ପୋଲିସ ମଙ୍ଗଳବାର ଲୁଟ୍ ମାମଲାରେ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଗୋପବନ୍ଧୁପାଲ୍ଲୀ ବାସିନ୍ଦା ନିରଞ୍ଜନ ଠାକୁର(୨୦) ଓ କିଶନ ରାଓ(୨୪)। ସୂଚନାନୁସାରେ କିଶାନ ମହାଲି ନାମକ ଜଣେ ଯାତ୍ରୀ ମଙ୍ଗଳବାର କୌଣସି ଏକ ଟ୍ରେନରୁ ଓହ୍ଲାଇ ଷ୍ଟେଶନ ବାହାରକୁ ଆସୁଥିଲେ। ଏହି ସମୟରେ ନିରଞ୍ଜନ ଓ ତାଙ୍କ ସାଥି କିଶନ ତାଙ୍କୁ ଧମକଚମକ ଦେଇ ନଗଦ ୭ ହଜାର ଓ ମୋବାଇଲ ଲୁଟି ପଳାଇ ଥିଲେ। ଏ ନେଇ ମହାଲି ରେଳବାଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଘନଶ୍ୟାମ ହେମଲତା ସ୍କୁଲରେ ଶିଳାନ୍ୟାସ ପର୍ବ

**ଝାରସୁଗୁଡା ଅଫିସ,୨୦।୧୧**

ଝାରସୁଗୁଡା ବାଲିଯୋରୀସ୍ଥିତ ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିର ପରିସରରେ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭଦିଆଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୨୫ ଲକ୍ଷ ଟଙ୍କା ବ୍ୟୟରେ ୩ଟି ଶ୍ରେଣୀଗୃହ, ଗୋଟିଏ ଗଭୀର ନଳକୂପ ଏବଂ ୨ଲକ୍ଷ ୮୦ ହଜାର ଟଙ୍କା ବ୍ୟୟରେ ଏକ ଓଭରହେଡ ଟାଙ୍କି ନିର୍ମାଣ ପାଇଁ ଶୁଭ ଦିଆଯାଇଥିଲା। ପରିଷଦ ଅଧକ୍ଷ କିଶୋର କୁମାର ମହାନ୍ତି ଶିଳାନ୍ୟାସର ଶୁଭ ଦେଇଥିଲେ। ପୌରାଧକ୍ଷ ହରିଶ ଗଣତ୍ରା, ତାପସ ରାୟ ଚୌଧୁରୀ, ବିପିନ ପରେଇ, ମନୋରଞ୍ଜନ ମହାପାତ୍ର, ତ୍ରିନାଥ ଗୁଆଲ, ହରିଶ ଗଣତ୍ରା, ପ୍ରଫେସର ଟହଲୁ ସାହୁ, ସୀୟାରାମ ଦାସ, ମେହତାବ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

- ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି

# ଦ୍ୱିତୀୟ ଦିନରେ ଓକିଲଙ୍କ ଆନ୍ଦୋଳନ

**ରାଜଗାଙ୍ଗପୁର, ୨୦।୧୧ (ଡି.ଏନ.ଏ)**

ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର କୋର୍ଟରେ ଓକିଲଙ୍କ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ସୋମବାର ରାଜଗାଙ୍ଗପୁର କୋର୍ଟ ଓ ତହସିଲ ସମେତ କୁତ୍ରା ତହସିଲରେ କାର୍ଯ୍ୟରତ ଓକିଲମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସୋମବାରଠାରୁ ଏହି ଅଞ୍ଚଳରେ ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡିକ ବନ୍ଦ କରି ଦେଇଛନ୍ତି। ମଙ୍ଗଳବାର ସମସ୍ତ ଓକିଲ ଏକତ୍ରିତ ହୋଇ ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡିକ ବୁଲି ବନ୍ଦଥିବା ସନ୍ତୋଷ ପ୍ରକାଶ କରିଛନ୍ତି। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଏହି ବନ୍ଦ କାର୍ଯ୍ୟକ୍ରମ ଜାରି ରହିବ। ୨୮ ତାରିଖ ପର୍ଯ୍ୟନ୍ତ ଦାବି ପୂରଣ ନ ହେଲେ ୨୯ ଓ ୩୦ ତାରିଖ ସମସ୍ତ ଦୋକାନବଜାର ସାଙ୍ଗକୁ ରାଜ୍ୟ ରାଜପଥକୁ ବନ୍ଦ କରି ମହାବନ୍ଦ ପାଳନ କରାଯିବ ବୋଲି ରାଜଗାଙ୍ଗପୁର ଓକିଲ ସଂଘ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ବନ୍ଦ କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ଓକିଲ ଲବିନ୍ଦ୍ର ବେହେରାଙ୍କ ସମେତ ମନୋଜ ସାହୁ, ରଞ୍ଜିତା ଡନସନା, ସୁନିତା ଡୁଙ୍ଗଡୁଙ୍ଗ, ମୁରଳିଧର ଦାସ, ବିକାଶ ସରପଟିଆ, ବିକ୍ରମ ପୃଷ୍ଠେଠ, ଅଶୋକ ପାଣି, ଅର୍ଚ୍ଚନା ମୁଦୁଲି, ସଞ୍ଜୟ ଦେ, ମହେନ୍ଦ୍ର ଏକ୍କାଙ୍କ ସହିତ କୁତ୍ରା ଓ ରାଜଗାଙ୍ଗପୁରର ସମସ୍ତ ଓକିଲ ସାମିଲ ଥିଲେ।

# ଛାତ୍ର ବିଜେଡିର ସାଂଗଠନିକ ବୈଠକ, କର୍ମକର୍ତ୍ତା ଚୟନ

**ରାଉରକେଲା ଅଫିସ,୨୦।୧୧**

ରାଉରକେଲା ଛାତ୍ର ବିଜେଡିର ସାଂଗଠନିକ ବୈଠକ ସଭାପତି ଡି ଅଭିକ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସାରଦା ନାୟକ ଯୋଗ ଦେଇଥିଲେ। ଛାତ୍ର ସମାଜର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନିଆଯାଇଥିବା ସଫଳ ପଦକ୍ଷେପ ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ଉପସଭାପତି ରୂପେ ଶ୍ରୀଧର ସେନାପତି, ସମ୍ବିତ ପହି, ସୂଚିସ୍ମିତା ମହାନ୍ତି, ଦେବଜ୍ୟୋତି ଜେନାଙ୍କୁ ଚୟନ କରାଯାଇଛି। ସେହିଭଳି ସାଧାରଣ ସଂପାଦକ ଭାବେ ସୂରଜ ସ୍ୱାଇଁ, ପ୍ରିୟଙ୍କା ବେହେରା, ସନ୍ତୋଷ ସାହୁ, ବିରଞ୍ଚି ସାମଲ ଓ ପୂଜା ଖାଲକୋ ପ୍ରମୁଖଙ୍କୁ ଚୟନ କରାଯାଇଛି। କମିଟି ସଂପାଦକ ରୂପେ ସୌମ୍ୟ ସାହୁ, ଏସ.କେ. ମହମ୍ମଦ ଇଜହାର, ସୁଜ୍ଞାନ ଲେଙ୍କା, ବିକନ ବଳ ଓ ଦୀପକ ମଲ୍ଲିକଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିରେ ମିଡିଆ ସେଲ ପ୍ରଭାରୀ ଅଛନ୍ତି ପ୍ରତ୍ୟୁଷ ନାୟକ। ପ୍ରଶାନ୍ତ ସେଠୀ, ରାଜ୍ୟ ଯୁବ ବିଜେଡି ସଂପାଦକ ବିଭୂତି ପୁହାଣ, ରାଉରକେଲା ଯୁବ ସଭାପତି ସୁବାଶ ସ୍ୱାଇଁ, ପୂର୍ବତନ କାଉନସିଲର ଅନୁପ ସାମଲ, ଛାତ୍ର ବିଜେଡି ଜିଲା ଉପସଭାପତି ଦୁଷ୍ମନ୍ତ ରାଉତରାୟ, ସଂପାଦିକା ରାଜଲକ୍ଷ୍ମୀ ଦାସ ଓ ଯୁବ ନେତା ବିଶ୍ୱ ଦେ ପ୍ରମୁଖ ଉପସ୍ଥିତ ଥିଲେ।

# ସହରୀ ଗ୍ୟାସ ବିତରଣ ନେଇ ପ୍ରୟାସ ଆରମ୍ଭ

**ରାଉରକେଲା ଅଫିସ,୨୦।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୨ରେ ଦିଲ୍ଲୀ ବିଜ୍ଞାନ ଭବନରେ ସହରୀ ଗ୍ୟାସ ବିତରଣ ପ୍ରକଳ୍ପ (ସିଜିଡି)ର ଭିତ୍ତିପ୍ରସ୍ତର ସ୍ଥାପନ ତଥା ଶୁଭାରମ୍ଭ କରିବେ। ଏଥିରେ ଭାରତର ୬୩ଟି ଭୌଗୋଳିକ କ୍ଷେତ୍ର ରହିଛି। ଏହା ଭିତରେ ଓଡିଶାର ୭ଟି କ୍ଷେତ୍ର ଅନ୍ତର୍ଭୁକ୍ତ। ସୁନ୍ଦରଗଡ, ଝାରସୁଗୁଡା, ଯାଜପୁର, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ବରଗଡ, ଦେବଗଡ, ସମ୍ବଲପୁର, ଗଞ୍ଜାମ, ନୟାଗଡ, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲା ଏଥିରେ ରହିଛି। ଦେଶବାସୀଙ୍କ ନିମନ୍ତେ ସୁବିଧା ଜନକ ଓ ପରିବେଶ ଅନୁକୂଳ ପ୍ରାକୃତିକ ଗ୍ୟାସର ଉପଲବ୍ଧିକୁ ସୁଗମ କରାଯିବା ଏହାର ମୂଳ ଲକ୍ଷ୍ୟ। ମଙ୍ଗଳବାର ରାଉରକେଲାର ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗେଲ ଗ୍ୟାସ ଲି଼.ର ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ସୁନ୍ଦରଗଡ ଓ ଝାରସୁଗୁଡା ଜିଲା ଭୌଗୋଳିକ କ୍ଷେତ୍ର ନିମନ୍ତେ ଆସନ୍ତା ୨୨ ତାରିଖ ଅପରାହ୍ନ ୩ଟାରେ ରାଉରକେଲାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସହରୀ ଗ୍ୟାସ ବିତରଣ ପ୍ରକଳ୍ପ (ସିଜିଡି) ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ କ୍ଷେତ୍ର ମଧ୍ୟରେ ରହିଥିବା ଗୃହ, ଉଦ୍ୟୋଗ, ବାଣିଜ୍ୟିକ ଅନୁଷ୍ଠାନ ଓ ସିଏନଜି ଷ୍ଟେଶନକୁ ଗ୍ୟାସ ବିତରଣ କରିବା ନେଇ ପାଇପ ଲାଇନ ମାଧ୍ୟମରେ ଏକ ପାରସ୍ପରିକ ସଂଯୋଗ ବ୍ୟବସ୍ଥା। ସହରୀ ଗ୍ୟାସ ବିତରଣ କ୍ଷେତ୍ରରେ ପ୍ରାକୃତିକ ଗ୍ୟାସ ବିଭିନ୍ନ ଖଣ୍ଡରେ ଯଥା ସଂକୁଚିତ ପ୍ରାକୃତିକ ଗ୍ୟାସ(ସିଏନଜି) ଅଟୋ ଇନ୍ଧନ ରୂପେ ବ୍ୟବହାର କରାଯାଉଛି। ପାଇପଡ୍ ନ୍ୟାଚୁରାଲ ଗ୍ୟାସ (ପିଏନଜି) ପାରିବାରିକ, ବାଣିଜ୍ୟିକ ଓ ଔଦ୍ୟୋଗିକ କ୍ଷେତ୍ରରେ ଉପଯୋଗ କରାଯାଉଛି। ଏହି ପ୍ରକଳ୍ପ ସୁନ୍ଦରଗଡ ଓ ଝାରସୁଗୁଡା ଜିଲାର ୧୨୧୩୦.୭୦ ବର୍ଗ କିମି ଅଞ୍ଚଳରେ ପରିବ୍ୟାପ୍ତ ହେବ। ଲହୁଣୀପଡା, ହେମଗିରି, ଲେଫ୍ରିପଡା, ବାଲିଶଂକରା, ଟାଙ୍ଗରପାଲ୍ଲୀ, ସୁନ୍ଦରଗଡ, ସବଡେଗା, ବଡଗାଁ, କୁତ୍ରା, ରାଜଗାଙ୍ଗପୁର, କୁଆଁରମୁଣ୍ଡା, ନୂଆଗାଁ, ବିଶ୍ରା, ଲାଠିକଟା, ଗୁରୁଣ୍ଡିଆ, ବଣାଇଁ, କୋଇଡା, ଲଖନପୁର, ଝାରସୁଗୁଡା କିର୍ମିରା ଓ କୋଲାବିରା ସାମିଲ ହେବ। ଏହି ପ୍ରକଳ୍ପର ସମୁଦାୟ ବ୍ୟୟ ଅଟକଳ ୯୪୪ କୋଟି ଟଙ୍କା। ଏହି ଜିଲା ଗୁଡିକରେ ୨୦ଟି ସିଏନଜି ଷ୍ଟେଶନ ସ୍ଥାପନ କରାଯିବ। ଏହା ଦ୍ୱାରା ୧ଲକ୍ଷ ଗୃହକୁ ପାଇପ ଯୋଗେ ଗ୍ୟାସ ସଂଯୋଗ ପ୍ରଦାନ କରାଯିବ ବୋଲି ଏଥିରେ ସୂଚନା ପ୍ରଦାନ କରାଯାଇଥିଲା।

# ଚୋରି ଅଭିଯୋଗରେ ୨୩ ଗିରଫ

- ୩୧ ବାଇକ୍ ସହ ୧ ଅଟୋ, ୮ ସୁନା ଚେନ ଜବତ

**ରାଉରକେଲା ଅଫିସ,୨୦।୧୧**

ରାଉରକେଲାର ବିଭିନ୍ନ ଥାନା ପୋଲିସ ୫ଜଣ ବାଇକ୍ ଲୁଟେରା, ୨ ସୁନା ଚୋର ଓ ମାଷ୍ଟର ମାଇଣ୍ଡ ସହ ୨୩ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୨ଜଣ ଅଟୋ ଚୋର ରହିଛନ୍ତି। ୩୧ଟି ବାଇକ, ଗୋଟିଏ ଅଟୋ ଓ ୮ଟି ସୁନା ଚେନ ଜବତ କରାଯାଇଛି। ରେଲୱ୍ୱ କଲୋନୀ ବାସିନ୍ଦା ରାକେଶ ସାଗର(୨୯), ମଧୁସୂଦନ ମାର୍ଗ ଅଞ୍ଚଳର ନବଦୀପ ସିଂ(୨୩), ମାଲଗୋଦାମର ଦୀପକ ସାହୁ(୨୩), ମାଲଗୋଦାମ ହନୁମାନ ମନ୍ଦିର ନିକଟ ବାସିନ୍ଦା ଅନମୋଲ ତନ୍ତି(୨୦), ମାଲଗୋଦାମ ଅଞ୍ଚଳର ମାଗ୍ତୀ, କାଲୁଙ୍ଗା ବସ୍ତିର ବିଜୟ ସାହୁ(୪୬), କାଲୁଙ୍ଗାର ଓମପ୍ରକାଶ ଅଗ୍ରୱାଲ (୫୧), କୁଆଁରମୁଣ୍ଡ ଅନ୍ତର୍ଗତ ଯମୁନାନାକି ବସ୍ତିର ରାମା ସାହୁ, କାଲୁଙ୍ଗା ବସ୍ତି ବାସିନ୍ଦା ମୁକେଶ କୁମାର, ବଳଣ୍ଡାର ଗାଙ୍ଗୁ ତିର୍କୀ ଗିରଫ ହୋଇଛନ୍ତି। ସେହିଭଳି କାଲୁଙ୍ଗା ରେଲୱେ ଷ୍ଟେଶନ ପାଖ ବାସିନ୍ଦା ବିଜିଲା ମହନ୍ତ(୪୦), ପାନପୋଷ ବସ୍ତିର ଗୌତମ ସାହୁ(୩୨) କାଲୁଙ୍ଗାର ରାଜେଶ କିଶାନ(୨୬), ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗଥ ବୁଢାହଣ୍ଡା ଗାଁର ବିନୟ ଖାଲକୋ(୪୯), ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଖଇରବନ୍ଧ ଗାଁର ଶଙ୍କର ଏକ୍କା(୨୪), ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ପଙ୍କଡିହିର ସମରା ସିଂ(୪୫), ଲକ୍ଷ୍ମଣ ସିଂ(୩୨), ସହରାଇ ବୁର(୩୦), ନକୁଳ ସିଂ(୫୨), କାଲୁଙ୍ଗା ବସ୍ତିର ଏମଡି ଟିଙ୍କୁ (୨୭) ଓ ଖଇରବନ୍ଧ ବାସିନ୍ଦା ନାରାୟଣ ସିଂ(୩୫)ଙ୍କୁ ପୋଲିସ ଗିରଫ କରିଛି। ଅନ୍ୟପକ୍ଷେ ଅଟୋ ଚୋରି ଅଭିଯୋଗରେ କାଲୁଙ୍ଗ ମୁସଲିମ ବସ୍ତିର ମହମ୍ମଦ ନଦୀମ(୨୫) ଓ ନସିମ ପରଭେଜ(୩୭) ଗିରଫ ହୋଇଛନ୍ତି। ଏମାନଙ୍କ ମାଷ୍ଟର ମାଇଣ୍ଡ କୁହାଯାଉଥିବା ଓମପ୍ରକାଶ ଅଗ୍ରୱାଲଙ୍କ ସମେତ ବାଇକ ଚୋରିରେ ସମ୍ପୃକ୍ତ ରାକେଶ, ନବଦୀପ, ଦୀପକ, ଅନମୋଲ ସମ୍ପର୍କରେ ପୋଲିସ ବହୁ ତଥ୍ୟ ସଂଗ୍ରହ କରିଛି। ଏମାନେ ଷ୍ଟିଲ ସିଟିର ୧୧ଟି ଘଟଣା ସମେତ ପଶ୍ଚିମ ଓଡିଶାର ଅନ୍ୟ କେତେକ ଜିଲାର ବିଭିନ୍ନ ଚୋରି ମାମଲା ସହ ସମ୍ପୃକ୍ତ ଥିବା କୁହାଯାଇଛି। ଚୋରି ସୁନା ଅଳଙ୍କାରକୁ ମାଷ୍ଟର ମାଇଣ୍ଡ ଓମପ୍ରକାଶ କିଣୁଥିବା ବେଳେ ଏହାକୁ ରାମ ସାହୁ ଓ କାଲୁଙ୍ଗାର ମୁକେଶ ତାଙ୍କୁ ଯୋଗାଇ ଦେଉଥିବା କୁହାଯାଇଛି। ଚୋରି ବାଇକ ମଧ୍ୟରୁ ଅଧିକାଂଶ ସହର ତଳି ଗାଁରେ ବିକ୍ରି କରଯାଇଥିବା ସୂଚନା ମିଳିଛି। ବ୍ରାହ୍ମଣୀତରଙ୍ଗ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆ ଯାଇଛି। ଏହି ଖବରଦାତା ସମ୍ମିଳନୀରେ ବ୍ରାହ୍ମଣୀତରଙ୍ଗ, ରଘୁନାଥପାଲ୍ଲୀ, ପ୍ଲାଣ୍ଟସାଇଟ, ଉଦିତନଗର ଓ ଛେଣ୍ଡ ଥାନାଧିକାରୀଙ୍କ ସମେତ ଏସପି ଡଃ ଉମାଶଙ୍କର ଦାସ, ପାନପୋଷ ଏସଡିପିଓ ପଦ୍ମିନୀ ସାହୁ, ଜୋନାଲ ଡିଏସ୍‌ପି ପି.କେ. ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଜବତ ହୋଇଥିବା ସୁନା ଚେନ୍।



ଜବତ ବାଇକ୍ ସହ ଗିରଫ ଅଭିଯୁକ୍ତ।



❝ ଯେଉଁମାନେ ଯୁକ୍ତି କରି ଜାଣନ୍ତି ନାହିଁ, ସେହିମାନେ ହିଁ କଥାବାର୍ତ୍ତା ବେଳେ କଳି କରନ୍ତି।
- ଜି.କେ. ଚେଷ୍ଟରଟନ୍



## ସଂକ୍ଷେପରେ

### ବାଇକ୍ ଚୋରି ଗ୍ୟାଙ୍ଗର ଜଣେ ଗିରଫ

**ସୁନ୍ଦରଗଡ଼, ୨୦।୧୧ (ଡି.ଏନ୍.ଏ)** -ସୁନ୍ଦରଗଡ ଟାଉନ ଥାନା ପୋଲିସ ଏକ ବାଇକ୍ ଚୋରି ଗ୍ୟାଙ୍ଗର ଠାବ କରିଛି। ଫେରାର ଥିବା କରମଡିହି ବାଗବନ୍ଧା ଗ୍ରାମର ଓମପ୍ରକାଶ ଦେହୁରୀ (୨୯)ଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଯୁବକ ଜଣକ ଟାଉନ ଥାନାରେ ୩ଟି ବାଇକ୍ ଚୋରି ମାମଲାରେ ଫେରାର ଥିଲେ।

### ଡୁମାବାହାଲ କ୍ଲଷ୍ଟର ଦାୟିତ୍ୱରେ ଥିବା ସିଆର୍‌ସିସି ନିଲମ୍ବିତ

**ଲେଫ୍ରିପଡା,୨୦।୧୧(ଡି.ଏନ.ଏ)** -ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଡୁମାବାହଲ କ୍ଲଷ୍ଟର ଦାୟିତ୍ୱରେ ଥିବା ସିଆରସିସି ପ୍ରସନ୍ନ କୁମାର ସାହୁଙ୍କୁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା/୧୪୨୩/୧୯/୧୧୨୦୧୮ ଅନୁସାରେ ବ୍ଲକ୍ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ ନିଲମ୍ବିତ କରିଛନ୍ତି। ସୂଚନା ଅନୁଯାୟୀ ଗତ ରବିବାର ଡୁମାବାହାଲ ବାସୁଦେବ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଦୁଇ ଜଣ ଛାତ୍ରଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଛାତ୍ରଙ୍କୁ ଅସଦାଚରଣ କରିଥିବା ସମେତ ସରକାରୀ ନିୟମକୁ ଉଲ୍ଲଙ୍ଘନ କରିଥିବାରୁ ନିଲମ୍ବିତ ହୋଇଥିବା ଜଣାପଡିଛି। ନିଲମ୍ବିତ ସିଆରସିସି ଡୁମାବାହାଲ ବାସୁଦେବ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ଅବସ୍ଥାପିତ ହୋଇ ଡୁମାବାହଲ କ୍ଲଷ୍ଟର ଦାୟିତ୍ୱରେ ସିଆରସିସି କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ତାଙ୍କୁ ନିଲମ୍ବିତ କରାଯାଇ ରାଜବାହାଲ କ୍ଲଷ୍ଟରର ବିଲେଇବାହାଲ ପ୍ରାଇମେରୀ ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟାଳୟ ପରିବର୍ତ୍ତନ କରାଯାଇଛି।

### ଟ୍ରାକ୍ଟର - ବାଇକ୍ ଧକ୍କା: ଯୁବକ ମୃତ

**ବଡ଼ଗାଁ, ୨୦।୧୧ (ଡି.ଏନ.ଏ)**- ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡାଲଗା ବସଷ୍ଟାଣ୍ଡ ନିକଟରୁ ପ୍ରାୟ ଅଧ କି.ମି ଦୂର ରଙ୍ଗବତୀ ଢ଼ାବା ପାଖ ରାଜ୍ୟ ରାଜପଥ-୧୦ରେ ମଙ୍ଗଳବାର ସନ୍ଧ୍ୟା ୬ଟାରେ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଭୁଲ ପାର୍ଶ୍ୱରେ ଯାଉଥିବା ଟ୍ରାକ୍ଟର ସହିତ ବାଇକ ଧକ୍କା ଦେବାରୁ ଘଟଣାସ୍ଥଳରେ ଗଙ୍ଗାଜଳ ଗ୍ରାମର ନରୋତ୍ତମ ଭିତ୍ରିଆ (୩୪)ଙ୍କ ମୃତ୍ୟୁ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ମିଳିଥିବା ସୂଚନାନୁଯାଇ, ଟ୍ରାକ୍ଟର ରାଜପଥର ଭୁଲ ପାର୍ଶ୍ୱରେ ଯାଉଥିଲାବେଳେ ସମ୍ମୁଖ ପଟୁ ଆସୁଥିବା ବାଇକ ଆରୋହୀ ମୁହାଁମୁହିଁ ହେବାରୁ ଧକ୍କା ହୋଇଥିଲା।

■ ସେଣ୍ଟ୍ରାଲ ମଡେଲ ସ୍କୁଲ

# ଟ୍ରେନିଂ ନାଁରେ ଠକେଇ ଘଟଣାର ତଦନ୍ତ ୬ରୁ

**ବଡ଼ଗାଁ ବ୍ଲକ**

- ■ଅଭିଯୋଗର ୨୫ ଦିନ ପରେ ଜିଲାପାଳଙ୍କ ନିର୍ଦ୍ଦେଶ
- ■ଏ ଯାଏଁ ମାମଲା ରୁଜୁ ହୋଇନାହିଁ
- ■ତଦନ୍ତ ପରେ ତଥ୍ୟ ଲୋକଲୋଚନକୁ ଆସିବ

**ବଡ଼ଗାଁ, ୨୦।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମସ୍ଥିତ ପବ୍ଲିକ ସ୍କୁଲକୁ ସେଣ୍ଟ୍ରାଲ ମୋଡେଲ ସ୍କୁଲ କରିବାକୁ ବ୍ଲକ ଶିକ୍ଷା ଅଧିକାରୀ ଲିଖିତ ଦେଲା ପରେ ସେହି ଲିଖିତ ଅନୁମତି ପତ୍ର ଦେଖାଇ ଲୋକଙ୍କ ବିଶ୍ୱାସ ଜିଣିଲା ପରେ ସ୍କୁଲର ଅଧକ୍ଷ ଖୋର୍ଦ୍ଧା ଜିଲା ମେଣ୍ଢାଶାଳ ଗ୍ରାମର ଧରଣୀଧର ମହାପାତ୍ର ଟ୍ରେନିଂ କରାଇଦେବାକୁ କହି ଓ ଦରମା ନ ଦେଇ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିନେଇ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କଠାରେ ଗତମାସ ୨୫ ତାରିଖ ଅଭିଯୋଗ ହୋଇଥିଲା। ୨୫ ଦିନ ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ମାସ ୬ ତାରିଖ ତଦନ୍ତ ପାଇଁ ବଡଗାଁ ବିଇଓଙ୍କ ମାଧମରେ ସ୍କୁଲକୁ ଚିଠି କରାଯାଇଥିବା ଜଣାପଡିଛି। ସୂଚନାନୁଯାଇ, ଜିଲାର ୧୦ଟି ଗ୍ରାମ, ସହରରେ ସ୍କୁଲ ଓ ସିଲେଇ ତାଲିମ କେନ୍ଦ୍ର ଖୋଲି ଅଧକ୍ଷ ଶହେରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ନିଯୁକ୍ତି କରିଥିଲେ। ୧୧ ମାସର ଦରମା ନ ଦେଇ ଓ ଚାକିରୀ ସ୍ଥାୟୀ ପାଇଁ ସିଟି.ବିଇଡି ଟ୍ରେନିଂ କରାଇଦେବାକୁ କହି ପ୍ରତ୍ୟେକଙ୍କ ଠାରୁ ୧୦ରୁ ୫୦ ହଜାର ଟଙ୍କା ଲେଖାଏଁ ସଂଗ୍ରହ କରିଥିଲେ। ଅଧକ୍ଷ ମହାପାତ୍ର ଯେଉଁ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟର ଫର୍ମ ଦେଇଥିଲେ ସେଭଳି ସଂସ୍ଥା ନ ଥିବା ଜାଣିଲା ପରେ ଅଧକ୍ଷଙ୍କୁ ଘେରାଉ କରିଥିଲେ। ସେଠାରେ ପୋଲିସ ଅଧିକାରୀ ଏବଂ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜଙ୍କ ସମ୍ମୁଖରେ ୫ଦିନ ମଧରେ ଦରମା ଦେବେ ଲେଖିଦେଇଥିଲେ। ତହିଁ ଆରଦିନ ଠାରୁ ଫେରାର ହୋଇଯାଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗୋଟିଏ ମାସର ଦରମା ଚେକ୍ ଦେଇଥିଲେ। ସେହି ଚେକରେ ଟଙ୍କା ନଥିବା ଓ ଦସ୍ତଖତ ମେଳ ଖାଉ ନ ଥିବା ସେମାନେ ପୋଲିସକୁ ଜଣାଇ ଚେକ୍‌ଗୁଡିକ ଦେଖାଇଥିଲେ। ତେବେ ଦୀର୍ଘ ୨୫ ଦିନ ବିତିଯାଇଥିଲେ ମଧ କେହି ଜଣେ ବିଭାଗୀୟ ଅଧିକାରୀ ତଦନ୍ତ ନ କରିବା ଶିକ୍ଷା ଅଧିକାରୀମାନଙ୍କ ପ୍ରତି ଅସନ୍ତୋଷ ସୃଷ୍ଟି କରିଛି। ଠକେଇ ଘଟଣାକୁ ନେଇ ଥାନାରେ ମଧ ଏ ଯାଏଁ ମାମଲା ରୁଜୁ ହୋଇନାହିଁ। ଫଳରେ କେଉଁ କାରଣରୁ ବେକାର ଯୁବତୀ ଯୁବକଙ୍କୁ ଠକିଥିବା ବ୍ୟକ୍ତିଙ୍କ ପ୍ରତି ଅନୁକମ୍ପା ଦେଖାଯାଉଛି ତାହା ଆଲୋଚନାର ବିଷୟ ହୋଇଛି। ମଡେଲ ସ୍କୁଲ କମିଟିରେ ରାଜନୈତିକ ଦଳର ବ୍ୟକ୍ତି ଥିବାରୁ ଘଟଣାକୁ ଘୋଡ଼ାଇବା ଉଦ୍ୟମ ହେଉଥିବା ଅଭିଯୋଗ ହେଉଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ହେବାକୁ ଥିବା ତଦନ୍ତର ଫଳାଫଳ ପରେ ଅନେକ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ଆଶା କରାଯାଉଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈପାଣି କି ଗୋଳା ?**
**କୁଳ କନ୍ୟା କି କଳା ?**

ନଈର ପାଣି ଗୋଳିଆ ହେଲେ ବି ତାକୁ ପବିତ୍ର ବୋଲି ମନେ କରାଯାଇଥାଏ। ସେହିପରି ଉଚ୍ଚବଂଶୀୟା କନ୍ୟା ଯେତେ ଶ୍ୟାମଳ ହେଲେ ମଧ ସେ ଆଦୃତା ବା ଗ୍ରହଣୀୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନ ରହିବ ଧନ, ନ ରହିବ ଜନ –**
**ନ ରହିବ ତୋର ମନେ;**
**କୀରତି ପୀରତି, ଯାହା କରିଥିବୁ**
**ସେଇଥିବ ସବୁ ଦିନେ।**

ଧନ ଆଜି ଅଛି କାଲିକୁ ହୁଏତ ରହି ନ ପାରେ। ବ୍ୟକ୍ତି ଆଜି ମଲେ କାଲିକି ଦୁଇଦିନ ହେବା ପରି ମାନସପଟରୁ ଭୁଲି ହୋଇଯାଇଥାଏ। କିନ୍ତୁ ଯେଉଁ ବ୍ୟକ୍ତି ଜୀବଦ୍ଦଶାରେ ଭଲ କର୍ମ କରିଥାଏ ମୃତ୍ୟୁ ପରେ ମଧ ତା'ର ଗୁଣଗାନ କରାଯାଇଥାଏ। ବ୍ୟକ୍ତିର ଯଶକୀର୍ତ୍ତି ଚିର ଅମ୍ଳାନ ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ



ସାହାଜବାହାଲ- କିଞ୍ଜିରକେଲା ରାସ୍ତାରେ ବଜରଙ୍ଗ ଦଳ କର୍ମୀ ଗାଇ ବଳଦ ଅଟକାଇଛନ୍ତି।

ରାଜ୍ୟ ରାଜପଥରେ ଗୋ-ଚାଲାଣ

## ବଜରଙ୍ଗ ଦଳ କର୍ମୀ ଥାନାରେ ଜଣାଇଲେ

**ବଡଗାଁ, ୨୦।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅଞ୍ଚଳ ଦେଇ ଗାଇ, ବଳଦଙ୍କୁ ଶତାଧିକ କିଲୋମିଟର ମାଡମାରି ରାଜ୍ୟ ରାଜପଥ-୧୦ରେ ଚାଲଣ କରାଯାଉଥିବା ଦେଖିବାକୁ ମିଳିଛି। ପ୍ରାଣୀଙ୍କୁ ନିର୍ଯ୍ୟାତନା ଦିଆଯାଉଥିବା ଅଭିଯୋଗ କରି ମଙ୍ଗଳବାର ବଡଗାଁ, କୁତ୍ରା ଓ ରାଜଗାଙ୍ଗପୁର ମଣ୍ଡଳର ବଜରଙ୍ଗ ଦଳ କର୍ମୀମାନେ ବଡଗାଁ ଥାନାରେ ଲିଖିତ ଜଣାଇଛନ୍ତି। ସୂଚନାନୁଯାଇ, ଭୋର ୫ଟାରେ ସାହାଜବାହାଲ ଲଖୁଆପଡାର ଗୋପି ଲେହେରୀ ଓ କ୍ଷୀରୋଦ ସିଂ କିଞ୍ଜିରକେଲା ଗାଁ ପଟକୁ ଦୌଡି ଆସୁଥିଲାବେଳେ ୫ଜଣ ବ୍ୟକ୍ତି ଗାଇ, ବଳଦଙ୍କୁ ମାଡମାରି ତଡିନେଉଥିବା ଦେଖି କାହିଁକି ପିଟୁଛ ପଚାରିଥିଲେ। ଏଥିରେ ଉତକ୍ଷୀପ୍ତ ହୋଇ ଗାଇ ତଡାଳିମାନେ ତାଙ୍କୁ ମାଡ ମାରିଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲାବେଳେ ଗାଇ ତଡାଳିମାନେ ମଧ ସେମାନଙ୍କୁ ଯୁବକ ଦ୍ୱୟ ମାଡ ମାରିଥିବା ଅଭିଯୋଗ କରିଛନ୍ତି। ତେବେ ଯୁବକ ଦ୍ୱୟଙ୍କୁ ମାଡ ମରାଯିବା ଘଟଣା ଶୁଣି ବଡଗାଁ ମଣ୍ଡଳ ସଭାପତି ରାଜେଶ ଦାସ, ସମ୍ପାଦକ ତାପସ ବିଶି ଓ ଯୋଗିନ୍ଦ୍ର ଲେହେରୀଙ୍କ ସହିତ କେତେକ ଯୁବକ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେଠାରେ ଗାଇ, ବଳଦଙ୍କୁ ଅଟକ ରଖାଯାଇଥିଲା ବେଳେ ପୋଲିସ ପହଞ୍ଚିଥିଲେ। ବଜରଙ୍ଗ ଦଳ କର୍ମୀଙ୍କୁ ଥାନା ଆସିବାକୁ କହିବା ସହିତ ଗାଇ ତଡାଳୀଙ୍କୁ ଡକାଇଥିଲେ। ଥାନାରେ ପୋଲିସ କେସ ନକରି ଏହାକୁ କିପରି ନିର୍ଯ୍ୟାତନା ପ୍ରମାଣିତ କରିହେବ କହିବାରୁ ଅସନ୍ତୋଷ ପ୍ରକାଶ କରି କର୍ମୀମାନେ ଚାଲିଯାଇଥିଲେ। ବଜରଙ୍ଗ ଦଳ ଜିଲା ସଭାପତି ରାଜୁ ବାଗ, ରାଜଗାଙ୍ଗପୁର ମଣ୍ଡଳ ସଭାପତି ପଣ୍ଡିତ ଜିତେନ୍ଦ୍ର ଶର୍ମା, କୁତ୍ରା ମଣ୍ଡଳ ସଭାପତି ମୁକେଶ ପ୍ରଧାନ ପ୍ରମୁଖଙ୍କ ଦସ୍ତଖତ ଥିବା ଅଭିଯୋଗପତ୍ର ଥାନା ଅଧିକାରୀଙ୍କୁ ଦେଇଛନ୍ତି। ସମ୍ବଲପୁର ଜିଲାର ଝରିଆବାହାଲ, ସୁନ୍ଦରଗଡ ଜିଲାର ସର୍ଗିପାଲି ଓ ଝାଡଖଣ୍ଡ ରାଜ୍ୟର ହାଣ୍ଡିପାନୀ ଗୋରୁ ହାଟରୁ ବେପାରୀମାନେ ଗାଇ, ବଳଦ କିଣି ଏସଏଚ-୧୦ରେ ମାଡମାରି ଓ ଖୁରରେ ନାଳ ପିଟି ପ୍ରତି ଶୁକ୍ରବାର ତଡି ନେଉଛନ୍ତି। ଏହି ପଲରେ ଶାବକ ବୟସ୍କ ଗାଇ, ବଳଦଙ୍କୁ ମାଡ ମାରି ନିଆଯାଇଥାଏ। ଖୁରରୁ ରକ୍ତ ବାହାରି ରାସ୍ତାରେ ପଡୁଥିବା ସ୍ପଷ୍ଟ ଦେଖାଯାଏ। ଗ୍ରାମବାସୀ ଏମପି ଜୁଏଲ ଓରାମଙ୍କୁ ଲିଖିତ ଓ ମୌଖିକ ୩ଥର ଜଣାଇଥିଲେ ମଧ ଜିଲାରେ ଆଇନକୁ କାର୍ଯ୍ୟକାରୀ କରାଯାଉ ନାହିଁ। କେବଳ କେତେକ ହିନ୍ଦୁବାଦୀ ସଂଗଠନ କର୍ମକର୍ତ୍ତା ବେଳେବେଳେ ମୁହଁ ଖୋଲୁଥିବା ଦେଖାଯାଉଛି।

## ବଣାଇ ଉପଖଣ୍ଡରେ ପରିବେଶ ସଚେତନତା କାର୍ଯ୍ୟକ୍ରମ

**ଟେନସା, ୨୦।୧୧ (ଡି.ଏନ.ଏ)**

ଏସଜିଏଟି ଓ କୋଇଡା ଖଣି ମଣ୍ଡଳ ଦ୍ୱାରା ପରିବେଶ ତଥା ଖଣିଜ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କୋଇଡା-ଟେନସା- କାଲ୍ଟା-ବରସୁଆ ଖଣି ଓ ଶିଳ୍ପାଞ୍ଚଳର ୧୪ଟି ଉଚ୍ଚ ବିଦ୍ୟାଳୟର ୨୮ଜଣ ପ୍ରତିଯୋଗୀ ଭାଗନେଇ ଜିନ୍ଦଲ କମ୍ପାନୀର ଟିଆରବି ଲୁହାପଥର ଖଣି ପରିଭ୍ରମଣ କରିଥିଲେ। ଖଣି ଖନନ, ଖଣିଜ ପଦାର୍ଥର ପରିବହନ, ପ୍ରକ୍ରିୟା କରଣ, ପରିବେଶ ଉନ୍ନତି, ବର୍ଜ୍ୟବସ୍ତୁ ପରିଚାଳନା ଆଦି ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଭୂତି ସଂଗ୍ରହ କରିଥିଲେ। ପରେ ଜିନ୍ଦଲ କମ୍ପାନୀ ପରିସରରେ ଖଣିଜ ଓ ପରିବେଶ ସମ୍ପର୍କିତ ପ୍ରବନ୍ଧ, ଖଣିଜ ପଦାର୍ଥ ଚିହ୍ନଟିକରଣ ଓ ମୌଖିକ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗିତାର ସମସ୍ତ ବିଭାଗରେ ଉତ୍କର୍ଷତା ପ୍ରତିପାଦନ କରି ଗୋଗୁଆ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହାର ପ୍ରତିନିଧି ସ୍ୱୟଂଭୂ ଶେଖର ନାଏକ ଏବଂ ଇନ୍ଦ୍ରଜିତ ରଣା ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ କୋଇଡା ଖଣି ମଣ୍ଡଳର ଉପନିର୍ଦ୍ଦେଶକ ସଲିଳ କୁମାର ବେହେରା ଓ ଅନ୍ୟାନ୍ୟ ଅଧିକାରୀ, ଜିନ୍ଦଲ ଟିଆରବି ମାଇନ୍ସର ମୁଖ୍ୟ ପ୍ରମୋଦ କୁମାର ପାତ୍ର ଓ ତାଙ୍କର ସହକର୍ମୀ, ଏସଏନ ମହାନ୍ତି ଗ୍ରୁପର ଟିସିସି ଏସେଲ ମାଇନିଙ୍ଗର ନିହାର ପଟ୍ଟନାୟକ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

## ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପଶୁ,ପକ୍ଷୀ ଗଣନା ଆରମ୍ଭ

**କୁଆଁରମୁଣ୍ଡା,୨୦।୧୧(ଡି.ଏନ.ଏ.)**

ଉଭୟ ଗୃହପାଳିତ ଓ ବନ୍ୟ ପ୍ରାଣୀ ସମ୍ପଦର ଠିକ୍ ଗଣନା ପାଇଁ ୧୯୧୯-୨୦ ମସିହାରୁ ପ୍ରତି ୫ ବର୍ଷରେ ପଶୁପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହେଉଛି। ଏହି କ୍ରମରେ ୨୦୧୮ ମସିହାରେ ୨୦ତମ ପ୍ରାଣୀଧନ ଗଣନା କାର୍ଯ୍ୟକ୍ରମ ଚଳିତ ମାସ ୧୩ ତାରିଖ ଠାରୁ ଆରମ୍ଭ ହୋଇଛି। ଏହି ଗଣନା କାର୍ଯ୍ୟ ଆଗାମୀ ୩ ମାସ ପର୍ଯ୍ୟନ୍ତ ଚାଲିବ ବୋଲି କୁଆଁରମୁଣ୍ଡା ପ୍ରାଣୀଧନ ଚିକିତ୍ସକ ଡା. ଧୀରେନ୍ଦ୍ର କୁମାର ବେହେରା ସୂଚନା ଦେଇଛନ୍ତି। କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ସମସ୍ତ ଗୃହପାଳିତ ପଶୁ, ପକ୍ଷୀଙ୍କ ସହ ବନ୍ୟପ୍ରାଣୀମାନଙ୍କର ଗଣନା କାର୍ଯ୍ୟକ୍ରମ ଆରମ୍ଭ ହେଉଛି। ଏହି କାର୍ଯ୍ୟକ୍ରମରେ ବୁଲା ଗାଈଗୋରୁ, କୁକୁର ଇତ୍ୟାଦି ସଂଖ୍ୟାକୁ ମଧ୍ୟ ଗଣତି କରାଯାଉଛି ବୋଲି ଡା.ବେହେରା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ଜନ ପ୍ରତିନିଧିମାନେ ପ୍ରାଣୀଧନ ଗଣନାରେ ବିଶେଷଭାବେ ସହାୟତା କରିପାରିବେ ବୋଲି ଡା.ବେହେରା କହିଛନ୍ତି।

## ବିଜ୍ଞାନମେଳା: ୩୩ ପ୍ରକଳ୍ପ ସ୍ଥାନିତ

**କୁଆଁରମୁଣ୍ଡା,୨୦।୧୧(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଶିକ୍ଷା କାର୍ଯ୍ୟାଳୟ ଅଧିନ କଚାରୁ ଯୁଜି ହାଇସ୍କୁଲରେ ମଙ୍ଗଳବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ପ୍ରଧାନଶିକ୍ଷକ ଠୁରକା ସିଂ ଯୋଗ ଦେଇ ମେଳାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କୁଆଁରମୁଣ୍ଡା ଶିକ୍ଷା କାର୍ଯ୍ୟାଳୟର ଅତିରିକ୍ତ ଶିକ୍ଷାଧିକାରୀ ଗୁରୁଚରଣ ସାହୁ ଉପସ୍ଥିତ ରହି ବିଜ୍ଞାନ ମେଳାରେ ସ୍ଥାନୀତ ପ୍ରକଳ୍ପଗୁଡିକୁ ବୁଲି ଦେଖିଥିଲେ। ବିଜ୍ଞାନ ମେଳାରେ ମୋଟ ୩୩ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ବରିଷ୍ଠ ବର୍ଗରେ ଡଲି ନାଏକ ଓ କନିଷ୍ଠ ବର୍ଗରେ ପୂଜା କମାର ୧ମ ସ୍ଥାନ ହାସଲ କରିଛନ୍ତି ବୋଲି ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷକ ଶିବପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରରେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ପଦ୍ମନ ନାଏକ ଓ ଅନ୍ୟମାନେ ଉପସ୍ଥିତ ରହି ପ୍ରତିଯୋଗିମାନଙ୍କୁ ଉତ୍ସାହିତ କରିଥିଲେ।



ବିଜ୍ଞାନମେଳାକୁ ଅତିଥିମାନେ ବୁଲି ଦେଖୁଛନ୍ତି।

## ବ୍ୟବସାୟୀ, ଠିକାଦାରଙ୍କ ଘରେ ବିକ୍ରିକର ବିଭାଗର ଚଢ଼ାଉ

**ସୁନ୍ଦରଗଡ, ୨୦।୧୧ (ଡି.ଏନ୍.ଏ)**

ସୁନ୍ଦରଗଡର ପ୍ରତିଷ୍ଠିତ ବ୍ୟବସାୟୀ ତଥା ବସ୍ ମାଲିକ ଚନ୍ଦ୍ରଗୁପ୍ତ ସାହୁ ଓ ଠିକାଦାର ଉମେଶ ସାହୁ ଓରଫ୍ ରାଜାଙ୍କ ଘରେ ମଙ୍ଗଳବାର ବିକ୍ରିକର ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରିଛନ୍ତି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ଚଢାଉ ଅଭିଯାନ ଜାରି ରହିଥିବା ବେଳେ ଚଢାଉ ସମ୍ପର୍କୀତ କୌଣସି ଠିକ୍ ତଥ୍ୟ ହସ୍ତଗତ ହୋଇନାହିଁ। ହେଲେ ଏହି ଚଢାଉକୁ ନେଇ ସହରରେ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି।



ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ କ୍ରୀଡା ସମାରୋହରେ ମଞ୍ଚାସୀନ ଅତିଥି।

## ବାଲିଶଙ୍କରା ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା ସମାରୋହ

**ବାଲିଶଙ୍କରା, ୨୦।୧୧ (ଡି.ଏନ.ଏ)**

ବାଲିଶଙ୍କରା ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ କ୍ରୀଡା ସମାରୋହ ବାଲିଶଙ୍କରା ରାଜା ବଙ୍ଗଳା ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ସମାରୋହରେ ମୁଖ୍ୟଅତିଥି ଭାବେ ସେଣ୍ଟ୍ରାଲ ବ୍ୟାଙ୍କ ମ୍ୟାନେଜର ଶ୍ୟାମ ସୁନ୍ଦର ପଣ୍ଡା ଯୋଗଦେଇଥିଲେ। ସର୍ବମୋଟ ୨୩ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଦିବସରେ ବାଲିଶଙ୍କରା ତହସିଲଦାର ବାସନ୍ତୀ ଲାକ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳ ଦ୍ୱାରା ଶରୀର ସୁସ୍ଥ ସବଳ ହେବା ସଙ୍ଗେ ସଙ୍ଗେ ପରସ୍ପର ମଧରେ ସୁସମ୍ପର୍କ ସ୍ଥାପନ ହୋଇଥାଏ ବୋଲି କହିଥିଲେ। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଯୁଗେଶ୍ୱର ସାହୁ, ସମ୍ପାଦକ ପ୍ରଦୀପ୍ତ ବେହେରା, ଉପଦେଷ୍ଟା ଜନ୍ମେଜୟ ପଟେଲ, କୋଷାଧ୍ୟକ୍ଷ ବୁଦ୍ଧୁରାମ ଓରାମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ଗୁରୁମା ଗୁରୁଜୀ ପ୍ରମୁଖ କାର୍ଯ୍ୟଭାର ତୁଲାଇଥିବାବେଳେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଶ୍ୱ ପାଇଖାନା ଦିବସରେ ସଚେତନତା କାର୍ଯ୍ୟକ୍ରମ

**ହେମଗିର, ୨୦।୧୧ (ଡି.ଏନ.ଏ)**

ସ୍ୱଚ୍ଛ ଭାରତ ଅଭିଯାନକୁ ଆଉ ପାଦେ ଆଗେଇ ନେଇ ସମସ୍ତଙ୍କୁ ପାଇଖାନା ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱ ପାଇଖାନା ଦିବସ ପାଳନ କରାଯାଉଛି। ଏହାକୁ ହେମଗିର ବ୍ଲକର ବିଭିନ୍ନ ସ୍ଥାନରେ ଲୋକମାନଙ୍କୁ ସଚେତନ କରିବା ପାଇଁ ପାଳନ କରାଯାଉଛି। ଏହା ଗତ ୯ରୁ ଆରମ୍ଭ କରି ଆସନ୍ତା ୧୯ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ଅବସରରେ ଗର୍ଜନଯୋର ପଞ୍ଚାୟତରେ ବିଶ୍ୱ ପାଇଖାନା ଦିବସ ପାଳନ କରାଯାଇଥିଲା। ଏହି ସମାରୋହରେ ସରପଞ୍ଚ ତୀର୍ଥରାଜ ବିଶ୍ୱାଳ ସଭାପତିତ୍ୱ କରି ପାଇଖାନା ବ୍ୟବହାରର ଉପକାରିତା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ସ୍ୱଚ୍ଛଗ୍ରାହୀ କବିତା ସା ପରିଚାଳନା କରିଥିଲେ। ଏଥିରେ ଗ୍ରାମର ୱାର୍ଡ ମେମ୍ବର, ଅଙ୍ଗନୱାଡି କର୍ମୀ, ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱଚ୍ଛ ଭାରତ ଉପରେ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରି ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ସମବାୟ ସପ୍ତାହ ପାଳିତ

**ସୁନ୍ଦରଗଡ, ୨୦।୧୧ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ୬୫ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ସପ୍ତାହ ବ୍ୟାପୀ ପାଳିତ ହୋଇଥିବା ଏହି କାର୍ଯ୍ୟକ୍ରମ ଗତ ୧୪ ରୁ ଆରମ୍ଭ ହୋଇ ୨୦ତାରିଖ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ବ୍ୟାଙ୍କ ନିବନ୍ଧକଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ସମବାୟ ୟୁନିୟନ ତରଫରୁ ଡିଆରସିଏସ୍ ଜୟରାମ କେରକେଟାଙ୍କ ଦ୍ୱାରା ପତାକା ଉତ୍ତୋଳନ ହୋଇଥିବା ବେଳେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ଉପସଭାନେତ୍ରୀ ସସ୍ମିତା ଯୋଶୀଙ୍କ ଦ୍ୱାରାପତାକା ଉତ୍ତୋଳନ କରାଯାଇଥିଲା। ୧୬ରେ ଜିଲାସ୍ତରୀୟ ଉତ୍ସବ ବ୍ୟତୀତ ୧୯ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜନ୍ମ ଦିବସରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନାବାର୍ଡ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ତଦାରଖ ବିଭାଗର ଡିଜିଏମ୍ ରାଜୀବ ମିଶ୍ର ଉପସ୍ଥିତ ରହି ସମବାୟ ବ୍ୟାଙ୍କର ସ୍ଥିତି ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏଥିରେ ବ୍ୟାଙ୍କ ସଭାପତି ଭବାନୀପ୍ରସାଦ ମାଝି, ଡାଇରେକ୍/ପ୍ରଦୀପ ସିଂ, ପଞ୍ଚା ବାର୍ଲା ଓ ମୁଖ୍ୟ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ବ୍ୟାଙ୍କ ସଭାପତି ମାଝିଙ୍କ ସଭାପତିତ୍ୱରେ ସେହି ଦିନ କାଂଶବାହାଲ ଠାରେ ସୁନ୍ଦରଗଡ ଜିଲା ସମବାୟ ୟୁନିୟନ୍ ଏସଡିସିସି ବ୍ୟାଙ୍କ, ୟୁସିବି ରାଉରକେଲା ସମସ୍ତ ଲ୍ୟାମ୍ପସ୍ ତଥା ସହବନ୍ଧିତ ସମବାୟ ସମିତି ସହିତ ଜିଲା ସମବାୟ ବିଭାଗର ମିଳିତ ଉଦ୍ୟମରେ ଜିଲାସ୍ତରୀୟ ୬୫ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା।




ନିଖିଳ ଭାରତ ସମବାୟ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ।



ଗୋଳା, ବନ୍ଧୁକ ଦ୍ୱାରା ନୁହେଁ, କେବଳ ନୈତିକତା ବଳରେ ହିଁ ଶତ୍ରୁଙ୍କୁ ଜୟ କରିପାରିବା ସମ୍ଭବ।
- କାଳିନ୍ଦୀ ଚରଣ ପାଣିଗ୍ରାହୀ



## ସଂକ୍ଷେପରେ

### ପଶ୍ଚିମାଞ୍ଚଳର ୧୯ ଇନ୍ସପେକ୍ଟରଙ୍କ ବଦଳି

**ଝାରସୁଗୁଡା ଅଫିସ,୨୦।୧୧-**ପଶ୍ଚିମାଞ୍ଚଳ ପୋଲିସ ମୁଖ୍ୟାଳୟରୁ ଇନ୍ସପେକ୍ଟରସ୍ତରରେ ଏକ ବଡ ଧରଣର ଅଦଳବଦଳ ହୋଇଛି। ଝାରସୁଗୁଡା ସମେତ ସୋନପୁର, ବଲାଙ୍ଗୀର, ବରଗଡ, ସମ୍ବଲପୁର ଜିଲାର ୧୯ ଜଣ ଇନ୍ସପେକ୍ଟରଙ୍କ ଅଦଳବଦଳ ହୋଇଛି। ରେଞ୍ଜ ମୁଖ୍ୟାଳୟ ଚିଠି ସଂଖ୍ୟା-୧୭୩ରେ ବଦଳି ନେଇ ସ୍ପଷ୍ଟ କରାଯାଇଛି। ଝାରସୁଗୁଡାର ଇନ୍ସପେକ୍ଟର ପ୍ରତାପ କୁମାର ରଣା, ଅଜୟ ଜେନା, ପୁରୁଷୋତ୍ତମ ଭୋଇଙ୍କୁ ବିଭିନ୍ନ ଜିଲାକୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଗିତିରଞ୍ଜନ ମହାପାତ୍ର, ପ୍ରଶାନ୍ତ କୁମାର ମେହେର ଏବଂ ବିଶ୍ୱପତି ପଣ୍ଡାଙ୍କୁ ଝାରସୁଗୁଡାକୁ ବଦଳି ହୋଇଛି।

### ଗୁମାଡେ଼ରାରେ ରାଧାକୃଷ୍ଣ ପୂଜା

**ବେଲପାହାଡ଼,୨୦।୧୧(ଡ଼ି.ଏନ୍.ଏ)-**ଗୁମାଡେ଼ରାସ୍ଥିତ ମାଳିପଡ଼ା ଛକରେ କାର୍ତ୍ତିକ ପୂର୍ଣ୍ଣିମା ପୂଜା କମିଟି ପକ୍ଷରୁ ରାଧାକୃଷ୍ଣ ପୂଜା ଆରମ୍ଭ ହୋଇଛି। ଶୁକ୍ରବାର ପୂର୍ଣ୍ଣିମା ତିଥି ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହେବ। ମହେନ୍ଦ୍ର ପଣ୍ଡା ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ବୃନ୍ଦାବନ ଗୁରୁ ଓ ପ୍ରତିମା ଗୁରୁ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଚଳିତ ବର୍ଷ ପୂଜା କମିଟିରେ କେଶବ ଖମାରୀ ସଭାପତି, ତ୍ରିନାଥ ସେଠ ସାଧାରଣ ସମ୍ପାଦକ, ଶରତ ଚନ୍ଦ୍ର ପଣ୍ଡା କୋଷାଧ୍ୟକ୍ଷ ଓ ଜେନାମଣି ସେଠ ଉପଦେଷ୍ଟା ରହିଛନ୍ତି।

### କୁକୁର୍ଜଙ୍ଘାରେ ଭାଗବତ ସପ୍ତାହ

**ଝାରସୁଗୁଡା ଅଫିସ,୨୦।୧୧-**ବଡମାଲସ୍ଥିତ କୁକୁର୍ଜଙ୍ଘାର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ପରିସରରେ ଭାଗବତ ସପ୍ତାହ ଆରମ୍ଭ ହୋଇଛି। ଶନିବାରରୁ ଆରମ୍ଭ ହୋଇଥିବା ଏହି ଭାଗବତ ସପ୍ତାହ ଶୁକ୍ରବାର ଶେଷ ହେବ। ପ୍ରତ୍ୟେକ ଦିନ ମନ୍ଦିର ପରିସରରେ ଭାଗବତ ପାଠ ସହ ଏହାର ନୀତିବାଣୀ ବିଷୟରେ ଲୋକଙ୍କୁ ଅବଗତ କରାଯାଉଛି। ମହନ୍ତ ବ୍ରହ୍ମାନନ୍ଦ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଏହି ଭାଗବତ ସପ୍ତାହ ପରିଚାଳନା ହେଉଛି।

### ବଡମାଲ ସ୍କୁଲରେ ପୋଷାକ ବିତରଣ

**ଝାରସୁଗୁଡା ଅଫିସ,୨୦।୧୧-**ଝାରସୁଗୁଡା ବଡମାଲ ସ୍ଥିତ ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଛି। ଅତିଥି ଭାବେ ବଡମାଲ ସରପଞ୍ଚ ଅନୀତା ଷଣ୍ଢ, ସୌକିଲାଲ ସାହୁ, ଗିରିଧାରୀ ପଟେଲ, ବୀର ପ୍ରତାପ ସିଂ, ପ୍ରଧାନଶିକ୍ଷକ ହେମସାଗର ଚୌଧୁରୀ ପ୍ରମୁଖ ଯୋଗଦେଇ ୨୫୭ ଜଣ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରିଥିଲେ। ଶେଷରେ ପରିଚାଳନା କମିଟି ଅଧ୍ୟକ୍ଷ ଆଶୁତୋଷ ସିଂ ଧନ୍ୟବାଦ ଦେଇଥିଲେ।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା।


ବଡେଇମୁଣ୍ଡା ଛକରେ ଅନଶନ।

■ ବଡେ଼ଇମୁଣ୍ଡା ଦେଇ ଭାରିଯାନ ଚଳାଚଳ ପ୍ରସଙ୍ଗ

# ଗୋଟିଏ ଦାବି ପାଇଁ ଦୁଇଟି ସମାନ୍ତରାଳ ଆନ୍ଦୋଳନ

**ଝାରସୁଗୁଡା ଅଫିସ,୨୦।୧୧**

ଝାରସୁଗୁଡା ବଡେଇମୁଣ୍ଡା ରାସ୍ତାରେ ଭାରିଯାନ ଚଳାଚଳକୁ ବିରୋଧ କରି ସୋମବାର ଆଞ୍ଚଳିକ ସମନ୍ୱୟ ସମିତି ତରଫରୁ ଦୁଇଦିନିଆ ରିଲେ ଅନଶନ ଆରମ୍ଭ ହୋଇଥିଲା। ମଙ୍ଗଳବାର ବଡେଇମୁଣ୍ଡା ଆଞ୍ଚଳିକ ସୁରକ୍ଷା ସମିତି ତରଫରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଇଛି। ଆଞ୍ଚଳିକ ସୁରକ୍ଷା ସମିତି ତରଫରୁ ଗାଡିର ଗତି ହ୍ରାସ କରିବା, ନିର୍ଦ୍ଦିଷ୍ଟ ସମୟରେ ଗାଡି ଚଳାଚଳ ବନ୍ଦ କରିବା, ଷ୍ଟ୍ରିଟ୍ ଲାଇଟ୍, ଟ୍ରାଫିକ୍ ପୋଷ୍ଟ, ସୁରକ୍ଷାକର୍ମୀ ନିୟୋଜିତ କରିବା ଏବଂ ରାସ୍ତା ସମ୍ପ୍ରସାରଣ ଭଳି ଦାବି ଉପସ୍ଥାପନ କରାଯାଇ ମଙ୍ଗଳବାର ଧାରଣା ଦିଆଯାଇଛି। ଏକ ସ୍ମାରକପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ସେହିପରି ବଡେଇମୁଣ୍ଡା ରାସ୍ତାରେ କୋଇଲା, ଆସ୍, କଞ୍ଚାମାଲ ବୋଝେଇ ଭାରିଯାନ ଚଳାଚଳ ବନ୍ଦ କରିବା, ଭାରିଯାନ ଚଳାଚଳ ଦ୍ୱାରା ସୃଷ୍ଟି ହେଉଥିବା ପ୍ରଦୂଷଣ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବା, ପୂର୍ଣ୍ଣାଠାରୁ ଜିଲାପାଳଙ୍କ ଅଫିସ ଯାଏଁ ୧୬ଟି ଶିକ୍ଷାନୁଷ୍ଠାନ ରହିଥିବାରୁ ଭାରିଯାନ ଚଳାଚଳ ପାଇଁ ବିକଳ୍ପ ବାଇପାସ ନିର୍ମାଣ ଦାବିରେ ଆଞ୍ଚଳିକ ସମନ୍ୱୟ ସମିତିର ଦୁଇଦିନିଆ ଅନଶନ ମଙ୍ଗଳବାର ଶେଷ ହୋଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ଉଭୟ ପକ୍ଷ ଚେତାବନୀ ଦେଇଛନ୍ତି।

ବଡେଇମୁଣ୍ଡା ରାସ୍ତାରେ ଭାରିଯାନ ଚଳାଚଳକୁ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ବିରୋଧ କରାଯାଉଛି, ଯାହାର ଯଥାର୍ଥତା ରହିଛି। ହେଲେ ସମାନ ଦାବିକୁ ନେଇ ଦୁଇ ଦୁଇଟି ସଙ୍ଗଠନ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଲୋକଙ୍କୁ ନେଇ ଆନ୍ଦୋଳନ କରୁଥିବାରୁ ଏହା ସ୍ଥାନୀୟ ଲୋକଙ୍କୁ ବୁଝିବାରେ ଅସୁବିଧା ହେଉଛି। ସୋମବାର ଆଞ୍ଚଳିକ ସମନ୍ୱୟ ସମିତି ତରଫରୁ ଅନଶନ ଆରମ୍ଭ ହୋଇଥିଲା। ପ୍ରଥମଥର ନ ହେଲେ ମଧ୍ୟ ଏହି ସଙ୍ଗଠନ ସମାନ ଦାବି ନେଇ ଆଗରୁ ମଧ୍ୟ ବିକ୍ଷୋଭ, ରାସ୍ତାରୋକ, ବନ୍ଦ ଡାକରା ଦେଇ ସାରିଛି। କିନ୍ତୁ ମଙ୍ଗଳବାର ବଡେଇମୁଣ୍ଡା ଆଞ୍ଚଳିକ ସୁରକ୍ଷା ସମିତି ତରଫରୁ ଉପରୋକ୍ତ ଦାବି ନେଇ ଅକସ୍ମାତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଆକସ୍ମିକ ଧାରଣାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଯାଇଛି। ବାସ୍ତବରେ ବଡେଇମୁଣ୍ଡା ଲୋକଙ୍କ ପାଇଁ କିଏ ଆନ୍ଦୋଳନ କରୁଛି ତାହା ଏବେ ପ୍ରଶ୍ନବାଚୀ। ବଡେଇମୁଣ୍ଡା ଆଞ୍ଚଳିକ ସୁରକ୍ଷା ସମିତିର ଧାରଣା ସ୍ଥଳରେ ଶୈଳେନ୍ଦୁ ଭୂଷଣ ମହାନ୍ତି, ରବିନ ପାଣ୍ଡେ, ଜିତେନ୍ଦ୍ର ଦେହେରିଆ, ସୁଶିଳ ପ୍ରଧାନ, ପ୍ରତାପ ନନ୍ଦ, ମଦନ ହାତୀ, ପିଣ୍ଟୁ ପାଢୀ, ସିଦ୍ଧାର୍ଥ ସରକାର, ସବିତା ପ୍ରଧାନ, ପୁଷ୍ପଲତା ପ୍ରଧାନ, ଅଞ୍ଜଳି କିଶାନ, ରଶ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଞ୍ଚଳିକ ସମନ୍ୱୟ ସମିତିର ଅନଶନ ସ୍ଥଳରେ ବିନୟ ରଜକ, ଶକ୍ତି ନାୟକ, ସୁନିତା ସାହୁ ସମେତ ବିଭିନ୍ନ ସମର୍ଥନକାରୀ ସଙ୍ଗଠନର ସୁବାସ ସହାରେ, ସୋଫିଆ ଖାନ, ବେଦବ୍ୟାସ ଭୋଇ, ସୁଷମା ସାହୁ, ଡବ୍ଲୁଓଡିସି ଅଧ୍ୟକ୍ଷ କିଶୋର ମହାନ୍ତି, ପୌରାଧ୍ୟକ୍ଷ ହରିଶ ଗଣତ୍ରା, ରବିନ୍ଦ୍ର ସୋହେଲା, ତାପସ ରାୟ ଚୌଧୁରୀ, ତ୍ରିନାଥ ଗୁଆଲ, ରତ୍ନାକର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

### ପତ୍ରାପାଲିରେ ଯୁଗାର ଯାତ୍ରା: ପଶୁ ବଳି ନ ଦେବାକୁ ଆହ୍ୱାନ

**କୋଲାବିରା,୨୦।୧୧(ଡି.ଏନ.ଏ.)**

ପତ୍ରାପାଲିରେ ଯୁଗାର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଗ୍ରାମର ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଉଚ୍ଚ ଲିଆ (ଖଇ)ର ଏକ ଯୁଗରକୁ ପୂଜା କରାଯାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ରଘୁନାଥପାଲି ଅଯୋଧ୍ୟାନଗର ଛକସ୍ଥିତ ଶିବ ମନ୍ଦିର ପରିସରରେ ଯାତ୍ରା ପହଞ୍ଚି ଥିଲା। ପଶୁବଳି ନ ଦେବା ଉଦ୍ଦେଶ୍ୟରେ ଲୋକଙ୍କୁ ବୁଝାଇବା ପାଇଁ ଏହି ଯାତ୍ରାର ଆରମ୍ଭ କରାଯାଇଛି। ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ଜୁଲୋଜି ବିଭାଗର ପ୍ରଫେସର ଆସୁତୋଷ ନାଏକ, ଜିଲା ବ୍ରାହ୍ମଣ ସମାଜର ସଭାପତି ପୂର୍ଣ୍ଣଚନ୍ଦ୍ର ମାଫିଦାର, ମୋହନ ମିଶ୍ର, ଜମିଦାର ଅମରେନ୍ଦ୍ର ପ୍ରତାପ ସିଂ, ଡୋଲାରାମ ପଧାନ, ସଭାପତି ଝସକେତନ ପଧାନ, ସମ୍ପାଦକ ଡୋଲାମଣି ସାହୁ, ସୁରେନ୍ଦ୍ର କୁମାର ପଧାନ, ପିଙ୍କୁ ଦାସ, ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ ପଟେଲ, ଆବାହକ ଡ.ରାମଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏକ ମାଗଣା ସ୍ୱାସ୍ଥ୍ୟ ଶିବିରରେ ମଧ୍ୟ ୧୭୯ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହା ସହିତ ଅଞ୍ଚଳର କୃତୀ ଛାତ୍ରୀଛାତ୍ର, କେତେକ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହାସ୍ୟକବି ଗୁଣରଂଜନ ସାଲିମା ଏବଂ ଆର୍ତ୍ତତ୍ରାଣ ମିଶ୍ର ଯୋଗଦେଇ ଲୋକଙ୍କ ମନୋରଞ୍ଜନ କରିଥିଲେ। ବୁର୍ଲାର ଭାରତୀ କଳା ବିକାଶ କେନ୍ଦ୍ରର ସତ୍ୟବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ମିଳିମିଶି କରୁଛନ୍ତି କୋଇଲା ଚୋରି

**ଝାରସୁଗୁଡା ଅଫିସ,୨୦।୧୧**

■ଗାଡି ମାଲିକ ଗିରଫ: ୨ ଟ୍ରକ, ୬୦ ଟନ୍ କୋଇଲା ଜବତ
■ଟ୍ରାନ୍ସପୋର୍ଟର, ମାଲିକ, ଚାଳକ, ସୁରକ୍ଷାକର୍ମୀଙ୍କ ଭିତିରି ମେଣ୍ଟ

ପୁଣି ଏକ କୋଇଲା ଚୋରି ର୍ୟାକେଟ୍ ବଡମାଲ ପୋଲିସ ହାତରେ ପଡିଛି। ପୂର୍ବରୁ ଏମ୍‌ସିଏଲ୍ ଅଧୀନ ସୁନ୍ଦରଗଡ ଜିଲା ବସୁନ୍ଧରା ଖଣିରୁ କୋଇଲା ଚୋରା ଚାଲାଣ ବେଳେ ଧରାପଡିଥିବା ବେଳେ ଏବେ ଲଖନପୁର ଖୋଲା ମୁହଁ କୋଇଲା ଖଣି ଚୋରା ଚାଲାଣ ବେଳେ ର୍ୟାକେଟ୍‌ର ପର୍ଦ୍ଦାଫାସ ହୋଇଛି। ଏହି ଚୋରା ର୍ୟାକେଟ୍‌ରେ ଟ୍ରକ୍ ମାଲିକ, ଡ୍ରାଇଭର, ଟ୍ରାନ୍ସପୋର୍ଟର, ଏମ୍‌ସିଏଲ୍ ସୁରକ୍ଷାକର୍ମୀ ଏବଂ ଆଉ କିଛି କର୍ମଚାରୀଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଛି। କୋଇଲା ଚୋରା ଚାଲାଣ ମାମଲାରେ ବଡମାଲ ପୋଲିସ ଟ୍ରକ୍ ମାଲିକ ସୁବ୍ରତ ସେନାପତିଙ୍କୁ ଗିରଫ କରିଛି। ଅନ୍ୟମାନଙ୍କୁ ଧରିବାକୁ ତଦନ୍ତ ଜାରି ରହିଛି ବୋଲି ବଡମାଲ ଥାନା ଅଧିକାରୀ ଅମିତାଭ ପଣ୍ଡା କହିଛନ୍ତି। ଚୋରିରେ ବ୍ୟବହୃତ ୨ଟି ଟ୍ରକ୍, ୬୦ ଟନ୍ କୋଇଲା ଜବତ କରାଯାଇଛି।

ପୋଲିସ ସୂଚନା ଅନୁସାରେ, ଲଖନପୁରସ୍ଥିତ ଏମ୍‌ସିଏଲ୍‌ର ଖୋଲାମୁହଁ କୋଇଲା ଖଣିରୁ ଉନ୍ନତମାନର କୋଇଲା କ୍ରୟ କରିଛି ବେଦାନ୍ତ। ଏହି କୋଇଲା ପରିବହନ ପାଇଁ ଆୟୁଷ ରୋଡ ଲାଇନ୍‌କୁ ନିୟୋଜିତ କରିଛି। ନଭେମ୍ବର ୯ ତାରିଖରେ ଆୟୁଷ ରୋଡ ଲାଇନ୍ ଅଧୀନରେ ଥିବା ସୁବ୍ରତ ସେନାପତିଙ୍କ ଦୁଇଟି ଟ୍ରକ୍ (ଓଆର୨୩ବି୩୪୬୭ ଏବଂ ଓଆର୨୩ବି୪୫୨୩)ରେ କୋଇଲା ଲୋଡ୍ ହୋଇଥିଲା। ସେହି କୋଇଲା ବେଦାନ୍ତ ପହଞ୍ଚିବା ପରିବର୍ତ୍ତେ ମାଲିକଙ୍କ ନିର୍ଦ୍ଦେଶକ୍ରମେ ଛତିଶଗଡ ରାୟଗଡର ଏକ କମ୍ପାନୀକୁ ଚାଲାଣ ହୋଇଥିଲା। ସେହିପରି ଭାବେ ୧୦ ତାରିଖରେ ପୁନଶ୍ଚ ଦୁଇଗାଡି କୋଇଲା ରାୟଗଡର ଜିନ୍ଦଲ କମ୍ପାନୀକୁ ପ୍ରଦାନ କରାଯାଇଥିବା ବେଳେ ୧୧ ତାରିଖରେ ସମ୍ବଲପୁର ହିଣ୍ଡାଲ-କୋକୁ କୋଇଲା ଚାଲାଣ ହୋଇଥିଲା। ପ୍ରଥମ ଥର କୋଇଲା ଲୋଡ୍ ପରେ ଟ୍ରକର ଜିପିଏସ୍ ସଂଯୋଗ ବିଚ୍ଛିନ୍ନ କରାଯାଇ ଅତିରିକ୍ତ ୨ ଟ୍ରିପ୍ ଚୋରାରେ ପରିବହନ ହୋଇଥିଲା। ୧୬ ତାରିଖରେ ବ୍ରଜରାଜନଗର ଏକ ଡିପୋରୁ ଚୋରା କୋଇଲା ବୋଝେଇ କରି ବେଦାନ୍ତ ଅଣା ଯାଇଥିଲା। ଗାଡି ଖରାପ ଯୋଗୁ ବିଳମ୍ବ ହୋଇଥିବା ନେଇ ସତ୍ୟପାଠ ଦାଖଲ କରାଯାଇଥିଲା। ହେଲେ ଷ୍ଟିଲ୍ ଆଣ୍ଡ ମାଇନ୍ସର ୱେବସାଇଟ୍‌ରୁ ମିଳିଥିବା ତଥ୍ୟ ମୁତାବକ ଏହି ଗାଡିଗୁଡିକରେ ୩ଥର ଲୋଡ୍ ହୋଇଥିବା ଜାଣିପାରି ବେଦାନ୍ତ କର୍ତ୍ତୃପକ୍ଷ ଥାନାରେ ଏତଲା ଦେଇଥିଲେ। ଏତଲା ଭିତ୍ତିରେ ବଡମାଲ ପୋଲିସ ଗାଡି ମାଲିକ ସୁବ୍ରତ ସେନାପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିରେ ଜଡିତ ଅନ୍ୟମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପଣ୍ଡା କହିଛନ୍ତି।


ଗିରଫ ଅଭିଯୁକ୍ତ ସୁବ୍ରତ ସେନାପତି।

### କିର୍ମିରାରେ ନିର୍ମାଣ ଶ୍ରମିକ ସହାୟତା ଶିବିର

**କିର୍ମିରା, ୨୦।୧୧ (ଡି.ଏନ.ଏ)**

ଝାରସୁଗୁଡା ଜିଲା କିର୍ମିରା ବ୍ଲକରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଭୁବନେଶ୍ୱର ତରଫରୁ ନିର୍ମାଣ ଶ୍ରମିକମାନଙ୍କୁ ପରିଚୟ ପତ୍ର ଓ ସହାୟତା ପ୍ରଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ପ୍ରଶାସନ ଓ ଜିଲାଶ୍ରମ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଗ୍ରାମ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟନାରାୟଣ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶ୍ରମିକଙ୍କୁ ସହାୟତା ପ୍ରଦାନ କରିଥିଲେ । ଏହି ଅବସରରେ ୩ଶହ ଶ୍ରମିକଙ୍କୁ ପରିଚୟ ପତ୍ର, ୮୯ ଜଣଙ୍କୁ ସାଇକଲ, ୪ଜଣ ହିତାଧିକାରୀଙ୍କୁ ଶିକ୍ଷା ଏବଂ ୫ଜଣଙ୍କୁ ବିବାହ ସହାୟତା ପ୍ରଦାନ କରାଯାଇଥିଲା । ସଭାରେ ଅତିଥି ଭାବେ ବିଡିଓ ଜୟନ୍ତ୍ର ସେଠୀ, ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ ଯୋଗ ଦେଇଥିଲେ। ଜିଲା ଶ୍ରମ ଅଧିକାରୀ କୃଷ୍ଣମୋହନ ରାଉତ, ଜିଲା ଆଇନ ସେବା ସଚିବ ଜାନକୀ ବିଶ୍ୱାଳ, ସହକାରୀ ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକ ଉପସ୍ଥିତ ଥିଲେ।

# ସ୍ଥାନୀୟ ନିଯୁକ୍ତିକୁ ଅଣଦେଖାର ପ୍ରତିବାଦ

## ଓପିଜିସି କର୍ତ୍ତୃପକ୍ଷଙ୍କୁ ବାୟୋଡାଟା ଦେଲେ ୪୦ ଜଣ

**ଲଖନପୁର,୨୦।୧୧(ଡି.ଏନ୍.ଏ)**

ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ(ଓପିଜିସି)ର ବନହରପାଲିସ୍ଥିତ ଇବ୍‌ଥର୍ମାଲ ପ୍ରକଳ୍ପ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି । ଏଥିରେ ଶିବଶକ୍ତି,ଏନ୍‌କୋଟ୍ୟାକ୍ ଆଦି କେତେକ ଠିକାସଂସ୍ଥା କମ୍ପାନୀରୁ ଟେଣ୍ଡର ପାଇ କାମ ଚଳାଇଛନ୍ତି। ଏହିସବୁ ଠିକା ସଂସ୍ଥାରେ ସ୍ଥାନୀୟ ବେକାର ଯୁବତୀ ଓ ଯୁବକମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦେଇ ଚାକିରି ଦେବା ପାଇଁ ଦାବି ହୋଇ ଆସୁଛି । ଏଦିଗରେ ଠିକାସଂସ୍ଥାମାନେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରି ବାହାରର ଯୁବତୀ, ଯୁବକମାନଙ୍କୁ ମରାମତି କାମରେ ନିୟୋଜିତ କରି ଚାଲିଛନ୍ତି। ଏହାକୁ ବିରୋଧ କରି ସ୍ଥାନୀୟ ଯୁବତୀ, ଯୁବକମାନେ ମଙ୍ଗଳବାର ପୂର୍ବାହ୍ନ ସାଢେ ୭ଟାରେ ପ୍ରକଳ୍ପ ବିଜିଆର୍ ଫାଟକ ସମ୍ମୁଖରେ ପହଞ୍ଚି ଏହାର ପ୍ରତିବାଦ କରିଥିଲେ। ଫଳରେ ଠିକା ଶ୍ରମିକମାନେ ପ୍ରକଳ୍ପ ଭିତରକୁ ପ୍ରବେଶ କରି ନ ପାରି ଫାଟକ ନିକଟରେ ଅଟକି ରହିଥିଲେ । କିଛି ସମୟ ପାଇଁ ଫାଟକ ସମ୍ମୁଖରେ ଅସନ୍ତୋଷ ଦେଖା ଦେଇଥିଲା। ଖବରପାଇ ବନହରପାଲି ଥାନା ପୋଲିସ ପହଞ୍ଚି ସ୍ଥାନୀୟ ବେକାର ଯୁବତୀ, ଯୁବକମାନଙ୍କୁ ବୁଝାସୁଝା କରିଥିଲା। କମ୍ପାନୀର ଅଧିକାରୀ ଦୀଲିପ ପଣ୍ଡା, ଏନ୍.ଏନ୍. ଷଡଙ୍ଗୀ ପ୍ରମୁଖ ଅଧିକାରୀମାନେ ପହଞ୍ଚି ବେକାର ଯୁବତୀ, ଯୁବକଙ୍କ ସହିତ ଆଲୋଚନା କରିଥିଲେ। ଯୋଗ୍ୟତା ଭିତ୍ତିରେ ସ୍ଥାନୀୟ ବେକାର ଯୁବତୀ, ଯୁବକମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ୪୦ଜଣ ଯୁବକ ପ୍ରଥମ ଦିନରେ ସେମାନଙ୍କର ବାୟୋଡାଟା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଛନ୍ତି । କମ୍ପାନୀ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ପରେ ସ୍ଥାନୀୟ ଯୁବତୀ ଓ ଯୁବକ ଶାନ୍ତ ହୋଇଥିଲେ। ଏହାପରେ ଗେଟ୍ ବାହାରେ ଅଟକି ରହିଥିବା ଠିକା ଶ୍ରମିକମାନେ ପ୍ରକଳ୍ପ ଭିତରକୁ ଯାଇଥିଲେ।

### ଧୁତୁରାରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

**କିର୍ମିରା, ୨୦।୧୧ (ଡି.ଏନ.ଏ)**

ଅର୍ଡା ପଞ୍ଚାୟତ ଧୁତୁରା ଗ୍ରାମରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ୍ୟ ଅନୁଷ୍ଠିତ ହୋଇଯାଇଛି। ରବିବାର ନାମ ସଂକୀର୍ତ୍ତନ୍ୟ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସୋମବାର ଅଖଣ୍ଡ ନାମ ସଂକୀର୍ତ୍ତନ କରାଯାଇଥିଲା। ମଙ୍ଗଳବାର ଦଧିହାଣ୍ଡି ଭଙ୍ଗା ସହ ପୂର୍ଣ୍ଣାହୂତି ଦିଆଯାଇଥିଲା । ଅର୍ଡା, ସିଆଲରମା, ଜାମକାନୀ, କଙ୍କରାମୁଣ୍ଡା, ମାଳିମୁଣ୍ଡା ଆଦି ଗ୍ରାମର ସଂକିର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ । ଟିକ ହଲୁଆ ସପତ୍ନୀକ କର୍ତ୍ତା ଏବଂ ବିଶ୍ୱମ୍ଭର ପାଣିଗ୍ରାହୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ ।

### ଗୁଡିଗାଁରେ ପ୍ରସ୍ତାବିତ ଆସ୍‌ପଣ୍ଡକୁ ଲୋକଙ୍କ ବିରୋଧ

**କୋଲାବିରା,୨୦।୧୧(ଡି.ଏନ.ଏ.)**

କୋଲାବିରା ବ୍ଲକ କେଲଣ୍ଡାମାଲ ପଞ୍ଚାୟତର ଗୁଡିଗାଁରେ ଆସ୍‌ପଣ୍ଡ ନିର୍ମାଣ ହେବ। ଏହି ସୂଚନା ପାଇ ଗ୍ରାମବାସୀ ଚିନ୍ତିତ ହୋଇ ପଡିଛନ୍ତି। ଗ୍ରାମରେ ଆସ୍‌ପଣ୍ଡ ହେଲେ ବସବାସ କରୁଥିବା ୪୦୦ରୁ ୫୦୦ ପରିବାର ରୋଜଗାର ଶୂନ୍ୟ ହୋଇପଡିବେ। ପରିବାର ପ୍ରତିପୋଷଣ କରିବା ଦୁର୍ବିସହ ହୋଇପଡିବ, କାରଣ ଗ୍ରାମର ୯୦ ପ୍ରତିଶତ ଲୋକ ଚାଷକାର୍ଯ୍ୟ ଉପରେ ହିଁ ନିର୍ଭରଶୀଳ। ଟିକରା ଗୋସାଇଁ ଦେବୀଙ୍କ ମନ୍ଦିର ବି ନଷ୍ଟ ହୋଇଯିବ। ଗ୍ରାମ ନିକଟରେ ପ୍ରବାହିତ ଏକ ଛୋଟ ନଦୀରେ ପାଉଁଶ ଗୁଣ୍ଡ ମିଶି ଜଳ ପ୍ରଦୂଷଣ କରିବ। ତେଣୁ ଗ୍ରାମବାସୀ ପାଉଁଶ ପୋଖରୀ କରାଇ ନ ଦେବାକୁ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଯଦି ପାଉଁଶ ପୋଖରୀ ନିର୍ମାଣ କରାଯାଏ ତେବେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଜଣାଇଛନ୍ତି। ଗୁଡିଗାଁ ରାଜସ୍ୱ ଗ୍ରାମରେ ଇଡ୍‌କୋ ପକ୍ଷରୁ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲିଛି । ପ୍ରାୟ ୪୦୮ ଏକର ରୟତି ଜମି ଏବଂ ୧୭୧ ଏକର ସରକାରୀ ଜମି ଅଧିଗ୍ରହଣ କରାଯାଉଛି। ଉକ୍ତ ଅଧିଗ୍ରହଣ ଜମିକୁ ବେଦାନ୍ତକୁ ହସ୍ତାନ୍ତର କରାଯିବା ପରେ ଆସ୍‌ପଣ୍ଡ ନିର୍ମାଣ କରାଯିବ। ତେବେ ବେଦାନ୍ତ ପକ୍ଷରୁ ଏନେଇ କୌଣସି ସ୍ପଷ୍ଟିକରଣ ମିଳିନି।

### ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୧୦୪ ପ୍ରକଳ୍ପ ପ୍ରଦର୍ଶିତ

**ଲଇକେରା, ୨୦।୧୧ (ଡି.ଏନ.ଏ.)**

ତିଲେଇମାଲ ଜେ.ଆର.ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ର ଯୋଗଦେଇ ୧୦୪ଟି ପ୍ରକଳ୍ପର ଭାଗ ନେଇଥିଲେ। ଚୁଡାମଣି ନାଏକ, ପ୍ରମୋଦ ମିଶ୍ର, ରାଜେଶ ମେହେର, ପୁରୁଷୋତ୍ତମ ପଟେଲ ବିଚାରକ ଭାବରେ ଯୋଗ ଦେଇଥିଲେ। ବିଇଓ ହିମସାଗର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଛପ, ଝାରସୁଗୁଡାର ସରକାରୀ ଉଚ୍ଚ ବିଦ୍ୟାଳୟ ସଚିନ୍ଦ୍ର ପଟେଲ, ତହସିଲଦାର ତପନଦେବ ଚକ୍ରବର୍ତ୍ତି, ଏବିଇଓ ବିଦେଶୀ ବେହେରା, ଜନ୍ମେଜୟ ନାଏକ, ଟିକେଶ୍ୱର ପଟେଲ, ଶରତ ସାତମଲିକ, ନେତ୍ରାନନ୍ଦ ଭଇଁସା, ବିକ୍ରମ ମରେହି, ତୁଳାରାମ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଉଦଯାପନୀ ଉତ୍ସବରେ ବିଇଓ ହିମସାଗର ବାଗ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀନାରାୟନ ପଟେଲ, ବିଡିଓ ପ୍ରସନ୍ନ କୁମାର ପାଣ୍ଡେ, ଜିଲା ପରିଷଦ ସଭ୍ୟ ବ୍ରଜ କିଶୋର ସୁନାନୀ, ଅଭିରାମ ଚୌଧୁରୀ, ତୁଳରାମ ନାଏକ, ଅନିତା କିସାନ ଯୋଗ ଦେଇଥିଲେ । ଶିକ୍ଷକ ତ୍ରିଲୋକ୍ୟନାଥ ମହାପାତ୍ର ସଭା ପରିଚାଳନା କରିଥିଲେ । ଆୟୋଜକ ସ୍କୁଲର ପ୍ରଧାନଶିକ୍ଷକ ପ୍ରଶାନ୍ତ ଚୌଧୁରୀ, ଦିଗାମ୍ବର ବାଗ ସହଯୋଗ କରିଥିଲେ ।

# ଲଖନପୁର ତହସିଲ ଅଫିସ ଘେରିଲେ ଚାଷୀ

**ଲଖନପୁର,୨୦।୧୧(ଡି.ଏନ୍.ଏ.)**

ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଖରିଫ ଧାନ ଫସଲ କ୍ଷତିଗ୍ରସ୍ତ ହୋଇ ମରୁଡି ପରିସ୍ଥିତି ଦେଖା ଦେଇଛି । ଫଳରେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଛି। ଲଖନପୁର ବ୍ଲକ୍ ଅଞ୍ଚଳର ଚାଷଜମି ଅଣ ଜଳସେଚିତ। ସ୍ୱଳ୍ପବୃଷ୍ଟିପାତ ଯୋଗୁ ୨୦୧୪/୧୫ମସିହାରୁ କ୍ରମାଗତଭାବେ ମରୁଡି ହୋଇଆସୁଛି। ଏଣୁ ଚାଷୀ ସେବା ସମବାୟ ସମିତି ମାଧ୍ୟମରେ ଫସଲ ବୀମା କରିଆସୁଛନ୍ତି। ମରୁଡି ହେଲା ପରେ କ୍ଷତିଗ୍ରସ୍ତ ଚାଷୀ ଫସଲବୀମା କରିଥିଲେ ମଧ୍ୟ ଉପଯୁକ୍ତ ବୀମା ରାଶି ପାଇପାରୁନାହାନ୍ତି। ବୀମା କମ୍ପାନୀ ଓ କୃଷି ବିଭାଗର ସାଟେଲାଇଟ୍ ପଦ୍ଧତିରେ ମରୁଡି ଆକଳନ ଚାଷୀଙ୍କ ବୀମାରାଶି ପ୍ରଦାନରେ ବାଧକ ସାଜୁଛି । ଫଳରେ କ୍ଷତିଗ୍ରସ୍ତ ଚାଷୀ କ୍ଷତିପୂରଣ ବୀମାରାଶି ପାଇ ପାରୁନି। ଏହି ସାଟେଲାଇଟ୍ ବ୍ୟବସ୍ଥାକୁ ଚାଷୀ ପ୍ରଥମରୁ ବିରୋଧ କରିଆସୁଛନ୍ତି। ଏହାକୁ ନେଇ ଲଖନପୁର ବ୍ଲକ୍ ଅଞ୍ଚଳର କ୍ଷତିଗ୍ରସ୍ତଚାଷୀମାନେ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସାଙ୍ଗକୁ ଏକ ପ୍ରତିବାଦ ସଭା କରିଥିଲେ। ୮ଦଫା ସମ୍ବଳିତ ଏକ ଦାବିପତ୍ର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଜ୍ୟୋତ୍ସ୍ନାରାଣି ସାହୁଙ୍କୁ ପ୍ରଦାନ କରିଥିଲେ।

ଚାଷୀର କୃଷିରଣ ଛାଡ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଅନୁସାରେ କ୍ରପ୍‌କଟିଂ ପଦ୍ଧତିକୁ ସଂଶୋଧନ କରିବା, ପୂର୍ବ ୭ବର୍ଷର ଫସଲ ଅମଳକୁ ହିସାବକୁ ନ ନେଇ ପ୍ରତିବର୍ଷର ଅମଳକୁ ହିସାବକୁ ନେଇ ଫସଲବୀମାର କ୍ଷତିପୂରଣ ଧାର୍ଯ୍ୟ କରିବା, ଜଳସେଚନର ସୁବିଧା ନ ଥାଇ ଚାଷୀଙ୍କ ନିକଟରୁ ଜଳକର ସଂଗ୍ରହ କରିବାକୁ ବନ୍ଦ କରିବା, ମରୁଡି ଘୋଷଣା କରି ହେକ୍ଟର ପ୍ରତି ଯେଉଁ କ୍ଷତିପୂରଣ ରାଶି ଧାର୍ଯ୍ୟ କରାଯାଇଛି ତାହାକୁ ବର୍ଦ୍ଧିତ କରିବା, ହୀରାକୁଦ ଜଳଭଣ୍ଡାରରୁ ଉଠାଜଳସେଚନ ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତକୁ ଜଳସେଚନ ବ୍ୟବସ୍ଥା କରିବା, ସେବାସମବାୟ ସମିତିରୁ ରଣକରି ଫସଲବୀମା କରିଥିବା ସମସ୍ତ ଚାଷୀଙ୍କୁ ବୀମାରାଶି ପ୍ରଦାନ କରିବା, ଧାନବିକ୍ରି ଉପରେ ହେକ୍ଟର ପ୍ରତି ୫ଶହ ଟଙ୍କା ବୋନସ ଦେବାକୁ ଦାବି ରହିଛି। ଏହି ଆନ୍ଦୋଳନରେ ୩୩ ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ରହି ନିଜର ହକ୍ ଜାହିର କରିଥିଲେ। ବେଣୁଧର ଭୋଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସରୋଜ ମହାନ୍ତି, ଦିଲୀପ ବଡେଇ, ବିରଞ୍ଚି ସାହୁ, ଗୋପିନାଥ ମାଝି, ବାସୁଦେବ ଭୋଇ, ଜିଲା ପରିଷଦ ଉପାଧ୍ୟକ୍ଷା ପଙ୍କଜିନୀ ପ୍ରଧାନ, ଭିକମପାଲି ସେବା ସମବାୟ ସମିତି ସଭାପତି ନିର୍ମଳ ପ୍ରସାଦ ମିଶ୍ର, ଦୁର୍ଯ୍ୟୋଧନ ପ୍ରଧାନ, ଫକିର ସାହୁ, ଭୋନାଥ ବଡେଇ, ବିଜୟ ବିଶ୍ୱାଳ, ନରୋତ୍ତମ ପ୍ରଧାନ, ସୁରେଶ ତ୍ରିପାଠୀ, ରାଧାକାନ୍ତ ପାଣିଗ୍ରାହୀ, ଦୟାନିଧି ମେହେର,ସଞ୍ଜୀବ ସାହୁ, ଟଙ୍କଧର ପ୍ରଧାନ, ଦ୍ୱାରିକା ପ୍ରସାଦ ସା, ଦୟାସାଗର ପ୍ରଧାନ ପ୍ରମୁଖ ଚାଷୀ ବକ୍ତବ୍ୟ ରଖିଥିଲେ।



ଲଖନପୁର ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା।